# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଫେବୃୟାରୀ ୨୭/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, February 27/2020 | ★★★★★★

୪୬ଶ ଭାଗ ୯୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**'ଅଭିନେତ୍ରୀ ହେବାକୁ ଚାହୁଁଛି'**

ଛୋଟ ପରଦାର ବଡ଼ ହିରୋଇନ୍ ଅଙ୍କିତା ଲୋଖଣ୍ଡେ 'ମୋତେ ଅଭିନେତ୍ରୀ ହେବାର ଅଛି' କହି ସମସ୍ତଙ୍କ ପ୍ରଶଂସା ସାଉଁଟିଛନ୍ତି।

୦୨

୧୮

**ରଞ୍ଜିତଙ୍କୁ ୧ ସ୍ୱର୍ଣ୍ଣ, ୧ ରୌପ୍ୟ**

ଖେଲୋ ଇଣ୍ଡିଆ ବିଶ୍ୱ ବିଦ୍ୟାଳୟ କ୍ରୀଡ଼ା ଆର୍ଚେରୀ ଇଭେଣ୍ଟରୁ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ହାସଲ କରିଛନ୍ତି କିଟ୍ ବିଶ୍ୱବିଦ୍ୟାଳୟର ରଞ୍ଜିତ ନାୟକ।



# ଘାତକ ହେଲା ଦିଲ୍ଲୀ ଦଙ୍ଗା

**ଗଡ଼ିଲାଣି ୨୭ ମୁଣ୍ଡ**



ଉତ୍ତର-ପୂର୍ବ ଦିଲ୍ଲୀର ଭାଗୀରଥି ବିହାର ଅଞ୍ଚଳରେ ଲୋକଙ୍କ ଘରଦ୍ୱାର ଭାଙ୍ଗିଦେଇଛନ୍ତି ଦଙ୍ଗାକାରୀ।





ଦଙ୍ଗା ପ୍ରଭାବିତ ଗୋକୁଲପୁରୀ ଅଞ୍ଚଳରେ ଏକ ଜଳୁଥିବା ଦୋକାନର ନିଆଁକୁ ଲିଭାଉଛନ୍ତି ଦିଲ୍ଲୀ ପୋଲିସର କର୍ମଚାରୀ।

**ନୂଆଦିଲ୍ଲୀ,୨୬।୨**

ଦିଲ୍ଲୀରେ ଘାତକ ହେଲାଣି ସାମ୍ପ୍ରଦାୟିକ ଦଙ୍ଗା। କେନ୍ଦ୍ର ସରକାରଙ୍କ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ୩ ଦିନ ହେଲା ଜଳୁଛି ଜାତୀୟ ରାଜଧାନୀ। ଉତ୍ତର-ପୂର୍ବ ଦିଲ୍ଲୀସ୍ଥିତ ମୌଜପୁରରୁ ଆରମ୍ଭ ହୋଇଥିବା ସିଏଏ ବିରୋଧୀ ହିଂସା କ୍ରମଶଃ ଅନ୍ୟ ଜିଲାଗୁଡ଼ିକୁ ବ୍ୟାପିବାରେ ଲାଗିଛି। ପୂର୍ବ ଦିଲ୍ଲୀ ଓ ଶାହଦରା ଜିଲାରେ ମଧ୍ୟ ଅନୁରୂପ ଅବସ୍ଥା ଲାଗିରହିଥିବାରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ହିଂସାରେ ମଙ୍ଗଳବାର ସୁଦ୍ଧା ୧୩ ଜଣଙ୍କ ଜୀବନ ଯାଇଥିବାବେଳେ ବୁଧବାର ଆଉ ୧୪ ଜଣଙ୍କ ମୃତ୍ୟୁ ଘଟିଛି। ଉତ୍ତର-ପୂର୍ବ ଦିଲ୍ଲୀସ୍ଥିତ ଏକ ଡ୍ରେନ୍‌ରୁ ଗୋଇନ୍ଦା ବ୍ୟୁରୋ (ଆଇବି)ର ଜଣେ କର୍ମଚାରୀଙ୍କ ମୃତଦେହ ମିଳିଛି। ଏହାସହ ଦଙ୍ଗାଜନିତ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଦିଲ୍ଲୀବାସୀଙ୍କୁ ଅନୁରୋଧ କରିଛନ୍ତି। ସେପଟେ ଏହି ହିଂସାରେ ଦିଲ୍ଲୀର କୌଣସି ବ୍ୟକ୍ତିଙ୍କ ହାତ ନାହିଁ, ବରଂ ଏହା ବାହାର ଲୋକଙ୍କ କାଣ୍ଡ ବୋଲି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରକାଶ କରିଛନ୍ତି। ସ୍ଥିତି ଅଣାୟତ୍ତ ହେଉଥିବା ଦେଖି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର କେନ୍ଦ୍ର ସରକାରଙ୍କୁ ଦାୟୀ କରିବା ସହ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ସୁପ୍ରିମକୋର୍ଟ ମଧ୍ୟ ଦଙ୍ଗାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ଦିଲ୍ଲୀ ପୋଲିସର ନିଷ୍କ୍ରିୟତାକୁ ନେଇ ସର୍ବୋଚ୍ଚ ଅଦାଲତ ଭର୍ତ୍ସନା କରିଛନ୍ତି। ଘୃଣା ମନ୍ତବ୍ୟ ଦେଇ ସ୍ଥିତିକୁ ସଙ୍ଗିନ କରିଥିବା ୩ ଭାଜପା ନେତା କପିଳ ମିଶ୍ରା, ଅନୁରାଗ ଠାକୁର ଓ ପରଭେଶ ବର୍ମାଙ୍କ ବିରୋଧରେ ତୁରନ୍ତ ଏଫ୍‌ଆଇଆର୍ କରିବା ପାଇଁ ପୋଲିସକୁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀର ୩ ଜିଲାରେ ଦଙ୍ଗା ଲାଗିରହିଥିବାରୁ ବୁଧବାର ସଶସ୍ତ୍ର ପୋଲିସ ବଳ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଦଙ୍ଗାକାରୀଙ୍କୁ ☞ପୃଷ୍ଠା-୪

### ସ୍ଥିତି ଅଣାୟତ୍ତ

- ଡ୍ରେନ୍‌ରୁ ମିଳିଲା ଆଇବି କର୍ମଚାରୀଙ୍କ ମୃତଦେହ
- ବୁଧବାର ଆଉ ୧୪ ଜଣଙ୍କ ମୃତ୍ୟୁ
- ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଦୋକାନ ବଜାର, ସ୍କୁଲ କଲେଜ ବନ୍ଦ
- ଘରୁ ବାହାରିବାକୁ ଦେଉନି ସୁରକ୍ଷା ବଳ, ରାସ୍ତା ଖାଁ ଖାଁ
- ଉତ୍ତର-ପୂର୍ବ ଦିଲ୍ଲୀରେ ପୋଲିସର ଫ୍ଲାଗମାର୍ଚ୍ଚ
- ଶାନ୍ତି ପାଇଁ ଅନୁରୋଧ କଲେ ପ୍ରଧାନମନ୍ତ୍ରୀ

## ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ସୋନିଆ



ନୂଆଦିଲ୍ଲୀ,୨୬।୨: ଦିଲ୍ଲୀରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ବିରୋଧୀ ହିଂସା ଦଙ୍ଗାର ରୂପ ନେବା ପରେ ୨୪ ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ କଂଗ୍ରେସ ସମେତ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ଦଙ୍ଗା ପାଇଁ ଦାୟୀ କରି ତାଙ୍କର ଇସ୍ତଫା ଦାବି କରିଛନ୍ତି। ☞ପୃଷ୍ଠା-୪





ଅଷ୍ଟମ ଥର ପାଇଁ ବିଜେଡି ସଭାପତି ଭାବେ ଦାୟିତ୍ୱ ନେବା ପରେ ଦଳୀୟ ରାଜ୍ୟ କାର୍ଯ୍ୟାଳୟରେ ଉଦ୍‌ବୋଧନ ଦେଉଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

## 'ନିର୍ବାଚନ ନୁହେଁ, ହୃଦୟ ଜିତିବା ପାଇଁ କାର୍ଯ୍ୟ କରୁଛି ବିଜେଡି'

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

- ୮ମ ଥର ପାଇଁ ବିଜେଡି ସଭାପତି ଦାୟିତ୍ୱ ନେଲେ ନବୀନ
- ୮୦ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାଁ ଘୋଷଣା

ବିଜୁ ଜନତା ଦଳ(ବିଜେଡି) ନିର୍ବାଚନ ଜିତିବା ପାଇଁ କାମ କରୁନାହିଁ, ଓଡ଼ିଶାବାସୀଙ୍କ ହୃଦୟ ଜିତିବା ସହ ସେମାନଙ୍କ ସେବା କରିବା ଲାଗି କାର୍ଯ୍ୟ କରୁଛି ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ବୁଧବାର ଲଗାତର ୮ମ ଥର ପାଇଁ ବିଜେଡି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଏ ସମ୍ପର୍କରେ ଆନୁଷ୍ଠାନିକଭାବେ ଘୋଷଣା କରିଥିଲେ ବିଜେଡି ସାଙ୍ଗଠନିକ ନିର୍ବାଚନ ପାଇଁ ନିଯୁକ୍ତ ରିଟର୍ନିଂ ଅଫିସର ପ୍ରତାପ ଦେବ। ସେହିପରି ଦଳର ୮୦ଜଣ କାର୍ଯ୍ୟକାରିଣୀ ସଦସ୍ୟଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଦଳର ରାଜ୍ୟ କାର୍ଯ୍ୟାଳୟରେ ବୁଧବାର ଆନୁଷ୍ଠାନିକ ଭାବେ ଦାୟିତ୍ୱ ☞ପୃଷ୍ଠା-୪



## ନଦୀକୁ ଖସିଲା ବରଯାତ୍ରୀ ବସ୍: ୨୫ ମୃତ

**କୋଟା, ୨୬।୨**

ରାଜସ୍ଥାନର ବୁନ୍ଦି ଜିଲା ଅନ୍ତର୍ଗତ କୋଟା-ଦୌସା ମେଗା ହାଇୱେ ନିକଟ ମେଜ୍ ନଦୀରେ ବୁଧବାର ଏକ ବରଯାତ୍ରୀ ବସ୍ ଭାରସାମ୍ୟ ହରାଇ ଖସିପଡ଼ିବାରୁ ସେଥିରେ ଥିବା ଯାତ୍ରୀଙ୍କ ମଧ୍ୟରୁ ୨୫ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୦ ମହିଳା ଓ ୩ ଶିଶୁ ଅଛନ୍ତି। ମୋଟ ୨୮ ଯାତ୍ରୀ ବସ୍‌ରେ ଯାଉଥିଲେ। ବରନ୍‌ରୁ ସୱାଇ ମାଧୋପୁରକୁ ସେମାନେ ବିବାହ କାର୍ଯ୍ୟରେ ଯାଉଥିଲେ। ଡ୍ରାଇଭର ଗାଡ଼ିର ନିୟନ୍ତ୍ରଣ ହରାଇବାରୁ ରେଲିଂ କିମ୍ବା ୱାଲ୍ ନ ଥିବା ଓଭରବ୍ରିଜ୍‌ରୁ ବସ୍‌ଟି ନଦୀ ଭିତରକୁ ଖସିପଡ଼ିଥିଲା। ଆହତ ୩ ଜଣଙ୍କୁ ଲେଖାରିସ୍ଥିତ ସରକାରୀ ହସ୍ପିଟାଲରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଗୁରୁତର ୨ ଜଣଙ୍କୁ ପରେ କୋଟାସ୍ଥିତ ହସ୍ପିଟାଲକୁ ପଠାଯାଇଥିବା ଲେଖାରି ଥାନା ଏସ୍‌ଆଇ ରାଜେନ୍ଦ୍ର ପ୍ରକାଶ କରିଛନ୍ତି। ଦୁର୍ଘଟଣା ପରେ ସ୍ଥାନୀୟ ଗ୍ରାମବାସୀ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲେ। ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା।

## ଆଜିଠୁ ଆଇସିଏସ୍‌ଇ ଦଶମ ପରୀକ୍ଷା

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

କାଉନ୍‌ସିଲ ଫର୍ ଦି ଇଣ୍ଡିଆନ ସ୍କୁଲ ସାର୍ଟିଫିକେଟ୍ ଏକ୍‌ଜାମିନେଶନ୍ସ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ଇଣ୍ଡିଆନ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେଶନ (ଆଇସିଏସ୍‌ଇ) ଦଶମ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହେବ। ଦୁଇଟି ସେସନରେ ପରୀକ୍ଷା ଅନୁଷ୍ଠିତ ହେବ। କେଉଁଦିନ ପୂର୍ବାହ୍ନ ୯ଟାରୁ ଆରମ୍ଭ ହୋଇ ଅପରାହ୍ନ ୧୨ଟାରେ ଶେଷ ହେବାକୁ ଥିବାବେଳେ ଆଉ କେଉଁଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ଯାଏଁ ପରୀକ୍ଷା ହେବ। ତେବେ ପ୍ରଥମ ଦିନ ପରୀକ୍ଷା ପୂର୍ବାହ୍ନ ୧୧ଟାରେ ରହିଛି। ପିଲାମାନଙ୍କୁ ସକାଳ ସାଢ଼େ ୧୦ଟା ସୁଦ୍ଧା ପରୀକ୍ଷା ହଲ୍‌ରେ ପହଞ୍ଚିବାକୁ ହେବ। ୧୦ଟା ୪୫ରେ ପ୍ରଶ୍ନପତ୍ର ଦିଆଯିବ। ୧୫ମିନିଟ୍ ପ୍ରଶ୍ନପତ୍ର ପଢ଼ିବା ପରେ ପରୀକ୍ଷାର୍ଥୀ ୧୧ଟାରୁ ଉତ୍ତର ଲେଖିବା ଆରମ୍ଭ କରିବେ। ଆସନ୍ତା ମାର୍ଚ୍ଚ ୩୦ରେ ପରୀକ୍ଷା ଶେଷ ହେବ।

**ଆଜିର ସମ୍ପାଦକୀୟ**

### ପ୍ରାଣୀ ଦୌଡ଼ ଓ ନିର୍ଯାତନା

**ଆଜିର ମନ୍ତବ୍ୟ**

" ଦିଲ୍ଲୀରେ ଦଙ୍ଗା ସ୍ଥିତି ସୃଷ୍ଟି ହୋଇଥିବାବେଳେ ଶାନ୍ତି ଫେରାଇ ଆଣିବାରେ କେନ୍ଦ୍ର ସରକାର ବିଫଳ ହୋଇଛନ୍ତି।

**-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦିକା**

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ଜାନୁୟାରୀରେ ଭାରତର ଅଶୋଧିତ ଇସ୍ପାତ ଉତ୍ପାଦନ ୩.୨% ହ୍ରାସ ଘଟିଛି।

**– ୱାର୍ଲ୍ଡ ଷ୍ଟିଲ ଆସୋସିଏଶନ**


Taste the difference! Vencobb FRESH CHICKEN

26.02.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 37 | 76 | 86 |
| CTC | 39 | 79 | 89 |
| DKL | 39 | 79 | 89 |
| BDK | 40 | 80 | 90 |
| BLS | 42 | 83 | 93 |
| ANG | 40 | 80 | 90 |
| BMP | 37 | 76 | 86 |

*Conditions Apply

Issued in the Interest of Consumers


## ପୁଣି ହେଲା ୨ କିଡ୍‌ନୀ ପ୍ରତିରୋପଣ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**



- ସୁଚିତ୍ରାଙ୍କ ଯୋଗୁ ୨ଜଣ ପାଇବେ ନୂଆ ଜୀବନ
- ଆପୋଲୋ ଓ ଆମ୍ରିରେ ହେଲା ପ୍ରତିରୋପଣ
- ହାର୍ଟ ଓ ଲିଭର ଟ୍ରାନ୍ସପ୍ଲାଣ୍ଟ ପାଇଁ ହୋଇପାରଲାନି ବ୍ୟବସ୍ଥା

ଗତ ୩ ତାରିଖରେ ରାଜ୍ୟରେ ପ୍ରଥମ କରି ୨ କିଡ୍‌ନୀ ପ୍ରତିରୋପଣ କରି ଇତିହାସ ସୃଷ୍ଟି କରିଥିଲା କଟକ ବଡ଼ମେଡିକାଲ ଓ ଭୁବନେଶ୍ୱର ଆପୋଲୋ ହସ୍ପିଟାଲ। କିଡ୍‌ନୀ ଦାନ କରିଥିବା ପରିବାରର ମହତ୍ କାର୍ଯ୍ୟ ଓ ଡାକ୍ତରମାନଙ୍କ ସଫଳତାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା। ବୁଧବାର ରାତିରେ ପୁଣି ରାଜ୍ୟରେ ଦ୍ୱିତୀୟ ଥର ପାଇଁ ୨ କିଡ୍‌ନୀ ପ୍ରତିରୋପଣ କରାଯାଇଛି। ସେଥିରୁ ଗୋଟିଏ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ହୋଇଥିବାବେଳେ ଆଉ ଗୋଟିଏ ଆମ୍ରି ହସ୍ପିଟାଲରେ କରାଯାଇଛି। ଯଦି ସବୁକିଛି ଠିକ୍‌ଠାକ୍ ରହେ ତାହାହେଲେ ୨ଜଣ ପାଇବେ ନୂଆ ଜୀବନ। ଆଉ ମୃତ୍ୟୁ ପରେ ବି ଅନ୍ୟ ଶରୀରରେ ଜିଇଁ ରହିବେ କିଡ୍‌ନୀ ଡୋନର ସୁଚିତ୍ରା ଦାଶ(୫୬)।

ସୂଚନାନୁଯାୟୀ, ବ୍ରେନ୍ ଷ୍ଟ୍ରୋକ୍ ବା ସେରିବ୍ରୋ ଭାସ୍କୁଲାର ଏସିଡେଣ୍ଟ(ସିଭିଏ) ଯୋଗୁ ଭୁବନେଶ୍ୱର ପୋଖରୀପୁଟ୍‌ର ସୁଚିତ୍ରାଙ୍କୁ ଗତ ୨୩ ତାରିଖରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ତାଙ୍କର ବ୍ରେନ୍ ଡେଡ୍ ହୋଇଥିବା ଘୋଷଣା ହୋଇଥିଲା। ଏହାପରେ ସୁଚିତ୍ରାଙ୍କ ଅଙ୍ଗଦାନ ପାଇଁ ଆପୋଲୋର ଡାକ୍ତର ଓ କର୍ମଚାରୀମାନେ ତାଙ୍କ ସ୍ୱାମୀ ଗୋପାଳ ଦାଶଙ୍କୁ ବୁଝାଇଥିଲେ। ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟକୁ ସୁଚିତ୍ରାଙ୍କ ସ୍ୱାମୀ ଗୋପାଳ ସମ୍ମତି ପ୍ରକାଶ କରିଥିଲେ। ଏହାପରେ ଡା. ସମିରନ ଦାସ ଅଧିକାରୀଙ୍କ ଦ୍ୱାରା ସୁଚିତ୍ରାଙ୍କ ଶରୀରରୁ ସଫଳତାର ସହ ୨ କିଡ୍‌ନୀ ବାହାର କରାଯାଇଥିଲା। ସେଥିରୁ ଗୋଟିଏ କିଡ୍‌ନୀ ସୋଟୋ(ଷ୍ଟେଟ୍ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ)ଦ୍ୱାରା ମଞ୍ଜୁରୀପ୍ରାପ୍ତ ତାଲିକାରେ ଥିବା ଜଗନ୍ନାଥ ସୁର(୫୫) ନାମକ ଜଣେ ରୋଗୀଙ୍କ ଶରୀରରେ ପ୍ରତିରୋପଣ କରାଯାଇଛି। ଜଗନ୍ନାଥଙ୍କ ଘର ଗଞ୍ଜାମ ଜିଲାର ଛତ୍ରପୁରରେ। ଏହି ପ୍ରତିରୋପଣ ଆପୋଲୋ ହସ୍ପିଟାଲରେ ହୋଇଥିବାବେଳେ ଆଉ ଗୋଟିଏ କିଡ୍‌ନୀ ପ୍ରତିରୋପଣ ପାଇଁ ଭୁବନେଶ୍ୱର ଆମ୍ରି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ମିନତି ସାମନ୍ତରାୟଙ୍କ ଶରୀରରେ ପ୍ରତିରୋପଣ କରାଯାଇଥିବା ଜଣାପଡ଼ିଛି।

ସୂଚନାଥାଉ କି ଗୋପାଳ ଦାଶ ତାଙ୍କ ସ୍ତ୍ରୀଙ୍କ ସମ୍ପୂର୍ଣ୍ଣ ଅଙ୍ଗଦାନ ପାଇଁ ସମ୍ମତି ପ୍ରକାଶ କରିଥିଲେ। ଫଳରେ ସୁଚିତ୍ରାଙ୍କଠାରୁ ହାର୍ଟ, ଲିଭର, କିଡ୍‌ନୀ ବାହାର କରାଯାଇ ଅନ୍ୟ କାହାଠାରେ ପ୍ରତିରୋପଣ କରାଯାଇପାରିଥାନ୍ତା। ନୋଟୋ(ନ୍ୟାଶନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ) ଗାଇଡଲାଇନ ଅନୁଯାୟୀ ଯେଉଁ ରାଜ୍ୟରେ ଅଙ୍ଗ କଢ଼ାଯାଇଥିବ, ସେଠାରେ ଯଦି ଟ୍ରାନ୍ସପ୍ଲାଣ୍ଟ ସୁବିଧା ନ ଥିବ ତାହାହେଲେ ରୋଟୋ(ରିଜିଓନାଲ ଅର୍ଗାନ ଆଣ୍ଡ ଟିସ୍ୟୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେଶନ) ଅଧୀନ ଯେକୌଣସି ହସ୍ପିଟାଲକୁ ସେହି ଅଙ୍ଗଗୁଡ଼ିକ ଦିଆଯିବ। ଆମ ରାଜ୍ୟ ପୂର୍ବାଞ୍ଚଳ ବା କୋଲକାତା ରୋଟୋ ଅଧୀନରେ ରହିଛି। ତେଣୁ ସୁଚିତ୍ରାଙ୍କ ହାର୍ଟ କୋଲକାତାର ମେଡିକା ହସ୍ପିଟାଲ ଏବଂ ଲିଭର ସେଠାକାର ରବୀନ୍ଦ୍ର ନାଥ ଟାଗୋର ହସ୍ପିଟାଲକୁ ଦିଆଯାଇଥାନ୍ତା। ମାତ୍ର କୁହାଯାଉଛି ଯେ, ଏଠାରୁ ଆବଶ୍ୟକ ସମନ୍ୱୟ ରକ୍ଷା କରାଯାଇ ନ ପାରିବାରୁ କୋଲାକାତାର ଉଭୟ ହସ୍ପିଟାଲର ଡାକ୍ତର ଟିମ୍ ସମସ୍ତ ପ୍ରସ୍ତୁତି କରିବା ସତ୍ତ୍ୱେ ଶେଷ ମୁହୂର୍ତ୍ତରେ ଆସିପାରି ନ ଥିଲେ। ତେଣୁ ସଚିତ୍ରାଙ୍କ ୨ଟି କିଡ୍‌ନୀ ପ୍ରତିରୋପଣ କରାଯାଇଥିବାବେଳେ କାମରେ ଲାଗିଲାନି ହାର୍ଟ ଓ ଲିଭର। ହାର୍ଟ ଓ ଲିଭର ପ୍ରତିରୋପଣ କରାଯାଇପାରିଥିଲେ ଆଉ ୨ଜଣ ନୂଆ ଜୀବନ ପାଇପାରିଥାନ୍ତେ ବୋଲି କୁହାଯାଉଛି।






କ୍ରିକେଟ ପଡ଼ିଆରେ ହେଲିକପ୍ଟର ଶଟ୍ ମାରି ପ୍ରଶଂସକଙ୍କୁ ରୋମାଞ୍ଚିତ କରୁଥିବା ଟିମ୍ ଇଣ୍ଡିଆର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଏବେ ସର୍ବାଧିକ ଆୟକର ଦାଖଲ କରି ଚର୍ଚ୍ଚାରେ ରହିଛନ୍ତି। ଏନେଇ ରାଞ୍ଚିସ୍ଥିତ ଆୟକର କାର୍ଯ୍ୟାଳୟର ମୁଖ୍ୟ ଆୟକର ଅଧିକାରୀ ଡି.ଏସ୍.ବେଣୁପାଣି ସୂଚନା ଦେଇଛନ୍ତି। ଧୋନୀ ୨୮ କୋଟି ଟଙ୍କାର ଆୟକର ପୈଠ କରିଛନ୍ତି। ଏଠାରେ ସବୁଠାରୁ ଅଧିକ ଆୟକର ରାଞ୍ଚିର କେନ୍ଦ୍ରୀୟ କୋଲ ଫିଲ୍ଡ ଲମିଟେଡ୍ ପକ୍ଷରୁ ୧୧୦୦ କୋଟି ଟଙ୍କା ଦାଖଲ କରାଯାଇଛି। ତେବେ ବ୍ୟକ୍ତିଗତ ଭାବେ ଧୋନୀ ସର୍ବାଧିକ ଆୟକର ପୈଠ କରିଥିବା ବେଣୁପାଣି କହିଛନ୍ତି।

## 'ହିରୋଇନ୍ ତ ମୁଁ ଦେଖାଯାଏ, ଅଭିନେତ୍ରୀ ହେବାକୁ ଚାହୁଁଛି...'

**ମୁମ୍ବାଇ:** ଛୋଟ ପରଦାର ବଡ଼ ହିରୋଇନ୍ ଅଙ୍କିତା ଲୋଖଣ୍ଡେଙ୍କୁ କିଏ ବା ନ ଜାଣେ। ଟେଲି ଧାରାବାହିକ 'ପବିତ୍ର ରିସ୍ତା'ରୁ ସେ ଘରେ ଘରେ ପରିଚିତା। ଦୀର୍ଘବର୍ଷ ଧରି ଟିଭି ଜଗତରେ କାମ କରିବା ପରେ ବଲିଉଡ୍‌ରେ ନିଜର ସ୍ଥାନ ପକ୍କା କରିବାକୁ ଚେଷ୍ଟା ଚଳାଇଛନ୍ତି ଅଙ୍କିତା। କଙ୍ଗନା ରଣାଓ୍ୱତଙ୍କ ଫିଲ୍ମ 'ମଣିକର୍ଣ୍ଣିକା'ରୁ ସେ ବଲିଉଡ୍ ଡେବ୍ୟୁ କରିଥିଲେ। ଏହାପରେ ଟାଇଗର ଶ୍ରଫ୍, ଶ୍ରଦ୍ଧା କପୁର ଏବଂ ରିତେଶ ଦେଶମୁଖଙ୍କ ଅପ୍‌କମିଂ ଫିଲ୍ମ 'ବାଗୀ-୩'ରେ ସେ ଅନ୍ୟତମ ମୁଖ୍ୟ ଭୂମିକାରେ ନଜରକୁ ଆସିବେ। ଏବେ ଫିଲ୍ମର ପ୍ରମୋଶନରେ ସମସ୍ତେ ବ୍ୟସ୍ତ ଥିବାବେଳେ ଅଙ୍କିତା ନିଜ ବିଷୟରେ କିଛି ଖୁଲାସା କରିଛନ୍ତି। ଫିଲ୍ମ ପ୍ରମୋଶନକୁ ନେଇ ଏକ ସାକ୍ଷାତ୍‌କାରରେ ଅଙ୍କିତା ସବୁଥର ଭଳି ନିଜ ମନକଥା ଖୋଲି କହିଛନ୍ତି। ଆଜି ବି ତାଙ୍କୁ 'ପବିତ୍ର ରିସ୍ତା' ଧାରାବାହିକର ବୋହୂ ଅର୍ଚ୍ଚନା ନାଁରେ ଲୋକେ ଜାଣନ୍ତି। ଏନେଇ ତାଙ୍କର ପ୍ରତିକ୍ରିୟା କ'ଣ ରହିବ ବୋଲି ଅଙ୍କିତାଙ୍କୁ ପଚରାଯାଇଥିଲା। ଏହାର ଉତ୍ତରରେ ସେ କହିଥିଲେ, ମୋତେ ଦର୍ଶକେ କେଉଁ ନାମରେ ଜାଣନ୍ତି ତାକୁ ନେଇ ମୋତେ କୌଣସି ଫରକ୍ ପଡ଼େନାହିଁ। ଅର୍ଚ୍ଚନା ଭୂମିକାରେ ଅଭିନୟ କରୁଥିବା ସମୟରେ ଏବଂ ତା'ପରେ ମଧ୍ୟ ଦର୍ଶକେ ମୋତେ ବହୁତ ଭଲପାଇବା ଦେଇଛନ୍ତି। ଯଦି ଫ୍ୟାନ୍‌ମାନେ 'ବାଗୀ-୩'ରେ ଅର୍ଚ୍ଚନାକୁ ଦେଖିବାକୁ ଆସିବେ, ତାହା ମଧ୍ୟ ମୋ ପାଇଁ ବଡ଼ କଥା ବୋଲି ଅଙ୍କିତା କହିଛନ୍ତି। ବଲିଉଡ୍‌ରେ ଆଜିକାଲି ଯୁବ ଅଭିନେତ୍ରୀମାନେ ବୟସ୍କାଙ୍କ ଚରିତ୍ରରେ ଅଭିନୟ କରୁଛନ୍ତି। ଆପଣ ଏଭଳି କରିବାକୁ ପ୍ରସ୍ତୁତ କି ବୋଲି ଅଙ୍କିତାଙ୍କୁ ପଚରାଯାଇଥିଲା। ଏହି ପ୍ରଶ୍ନର ସେ ଯେଉଁ ଉତ୍ତର ଦେଇଥିଲେ, ତାହା ସମସ୍ତଙ୍କ ମନକୁ ପାଇବା ସହ ଖୁବ୍ ପ୍ରଶଂସା ମଧ୍ୟ କରାଯାଇଥିଲା। ପ୍ରକୃତରେ ଅଙ୍କିତା କହିଥିଲେ, ମୋତେ ଏ ସବୁରେ କୌଣସି ଆପତ୍ତି ନାହିଁ। ମୁଁ ମୋ ଟିଭି ଧାରାବାହିକରେ ବୁଢ଼ୀ ଚରିତ୍ରରେ ଅଭିନୟ କରିସାରିଛି। ଯଦି ଜଣେ ଅଭିନେତା ହୋଇ ଏ ସବୁ କରିପାରିବ ନାହିଁ, ତା'ହେଲେ ଏଭଳି ଅଭିନେତା କେଉଁ କାମକୁ। ମୁଁ ତ ହିରୋଇନ୍ ଭଳି ଦେଖାଯାଉଛି। ମୋତେ ଅଭିନେତ୍ରୀ ହେବାର ଅଛି ବୋଲି କହି ଅଙ୍କିତା ସମସ୍ତଙ୍କ ପ୍ରଶଂସା ସାଉଁଟିଛନ୍ତି। ଏହାପରେ ନିଜ କ୍ୟାରିୟରକୁ ନେଇ ଅଧିକ କିଛି ଖୁଲାସା କରିଥିଲେ ଅଙ୍କିତା। 'ବାଗୀ-୩' ଫିଲ୍ମ ପରେ ତାଙ୍କର ଆଗାମୀ ଫିଲ୍ମରେ ସେ ଲିଡ୍ ରୋଲ୍‌ରେ ଅର୍ଥାତ୍ ହିରୋଇନ୍ ଭୂମିକାରେ ନଜରକୁ ଆସିବେ ବୋଲି ଜଣାଇଛନ୍ତି। ସେ କହିଛନ୍ତି, ଟିଭିରୁ ମୁଁ ପର୍‌ଫର୍ମାନ୍ସ ଶିଖିସାରିଛି। ଏବେ ଭଲ କାହାଣୀ ଓ ଭୂମିକା ଖୋଜୁଛି। କେବଳ ହିରୋଇନ୍ ହେବାକୁ ଏଣୁତେଣୁ ଅଭିନୟ କରିବା ବଦଳରେ କିଛି ଦମ୍‌ଦାର କାମ କରିବା ଯଥେଷ୍ଟ ଭଲ। ବର୍ତ୍ତମାନ ସୁଦ୍ଧା ଅଙ୍କିତା ବଲିଉଡ୍ ଫିଲ୍ମରେ ହିରୋଇନ୍ ଭୂମିକାରେ ନଜରକୁ ଆସିନାହାନ୍ତି। ଏହି ଖୁଲାସା ପରେ ତାଙ୍କୁ ବଡ଼ ପରଦାରେ ମୁଖ୍ୟ ଭୂମିକାରେ ଦେଖିବାକୁ ଦର୍ଶକେ ନିଶ୍ଚୟ ଦିନ ଗଣିବେ। ଏଠାରେ କହିରଖୁଛୁ ଯେ, ଟାଇଗର, ଶ୍ରଦ୍ଧା, ରିତେଶ ଓ ଅଙ୍କିତାଙ୍କ ଅପ୍‌କମିଂ ଫିଲ୍ମ 'ବାଗୀ-୩' ମାର୍ଚ୍ଚ ୬ରେ ରିଲିଜ୍ ହେବ।




# ଡେଜର୍ଟ ଗାର୍ଡେନ

## ମରୁଭୂମିରେ ଫସଲ ପାଇଁ ଅଭିନବ ପରିକଳ୍ପନା

**ଆଡେନ:** ବଦଳୁଛି ଗାର୍ଡେନିଂର ଟ୍ରେଣ୍ଡ। ରୁଫ୍ ଗାର୍ଡେନ, କିଚେନ ଗାର୍ଡେନ ପରେ ଏହି ଧାରାରେ ଯୋଡ଼ି ହୋଇଛି 'ଡେଜର୍ଟ ଗାର୍ଡେନ'। ଏପରି ବଗିଚା ମରୁଭୂମିରେ ଫସଲ ଉତ୍ପାଦନକୁ ଆହୁରି ସହଜ କରିଦେବ। 'ଡେଜର୍ଟ ଗାର୍ଡେନ' ପରିକଳ୍ପନା ପଛରେ ରହିଛି ଶରଣାର୍ଥୀ ଶିବିରରେ ନଷ୍ଟ ହୋଇଯାଇଥିବା ଗଦି। ମଧ୍ୟପ୍ରାଚ୍ୟର ଶରଣାର୍ଥୀ କ୍ୟାମ୍ପରେ ଏହା ବେଶ୍ ସଫଳ ହୋଇଛି। ଖୁବ୍‌ଶୀଘ୍ର ଏହାକୁ ମରୁଭୂମିର ଟାଙ୍ଗରା ଭୂଇଁରେ ପ୍ରୟୋଗ କରାଯିବାକୁ ଯୋଜନା କରାଯାଉଥିବା ବିଶେଷଜ୍ଞମାନେ କହିଛନ୍ତି।

ଏପରି ଅଭିନବ ବଗିଚାର ପରିକଳ୍ପନା କରିଛନ୍ତି ବ୍ରିଟିଶ ବୈଜ୍ଞାନିକ। ସେମାନଙ୍କ ଉଦ୍ୟମରେ ଖରାପ ହୋଇପଡ଼ିଥିବା ବର୍ଜ୍ୟ ଗଦିରୁ ସଫଳତାର ସହ ଟମାଟୋ, ଧନିଆ, ଲଙ୍କା, ବାଇଗଣ ସହିତ ଅନ୍ୟ ପରିବା ଚାଷ କରାଯାଇପାରିଛି। ୟୁନିଭର୍ସିଟି ଅଫ୍ ଶେଫିଲ୍ଡର ବୈଜ୍ଞାନିକ ପ୍ରଫେସର ଟୋନି ରୟାନ କହିଛନ୍ତି, ଶରଣାର୍ଥୀଙ୍କ କ୍ୟାମ୍ପରେ ହଜାର ହଜାର ସଂଖ୍ୟାରେ ଗଦି ବ୍ୟବହୃତ ହୋଇଥାଏ। ନଷ୍ଟ ହୋଇଯିବା ପରେ ଏହାକୁ ସାଧାରଣତଃ ଫିଙ୍ଗି ଦିଆଯାଇଥାଏ। ପାହାଡ଼ ଭଳି ଗଦା ହୋଇ ରହିଥିବା ଗଦିଗୁଡ଼ିକୁ ପରିଚାଳନା କରିବା ଜରୁରୀ ହୋଇପଡ଼ିଥିଲା। ପରିତ୍ୟକ୍ତ ଗଦିରୁ ଫସଲ ଉତ୍ପାଦନ ହୋଇପାରିବ ବୋଲି ଜଣାପଡ଼ିବା ପରେ 'ଡେଜର୍ଟ ଗାର୍ଡେନ'ର ବାଟ ଖୋଲିଥିଲା।

'ଡେଜର୍ଟ ଗାର୍ଡେନ' ପାଇଁ ଗଦିଗୁଡ଼ିକରେ କିଛି ପୋଷକ ତତ୍ତ୍ୱ ମିଶାଇ ସିନ୍ଥେଟିକ୍ ମାଟି ପ୍ରସ୍ତୁତ କରାଯାଇଛି। ଏହି ମାଟିକୁ ବ୍ୟବହାର କରି ଔଷଧୀୟ ଚାରା, ପରିବା ଉତ୍ପାଦନ ଆରମ୍ଭ ହୋଇଛି। ହେଲେ ଏହାର ପରିଣାମ ଆଶାତୀତ। ସବୁଠାରୁ ବଡ଼ କଥା ହେଉଛି, ଏହି ମାଟିରେ ୭୦ରୁ ୮୦% କମ୍ ପାଣି ବ୍ୟବହୃତ ହୋଇଥାଏ। ତେଣୁ ଏହାକୁ ମରୁଭୂମିରେ ବ୍ୟବହାର କରି ଫସଲ ଉତ୍ପାଦନ କରାଯାଇପାରିବ। ମରୁଭୂମିର ଜଳକଷ୍ଟକୁ ଏହି ବଗିଚା ଅନେକାଂଶରେ ସୁଧାରିପାରିବ ଏବଂ ଏହାଦ୍ୱାରା ଅଧିକ ପାଣି ସଞ୍ଚୟ ହୋଇପାରିବ। ହାଇଡ୍ରୋପୋନିକ୍ସ ଟେକ୍‌ନିକ୍‌କୁ ପ୍ରୟୋଗ କରି ଏହି ବଗିଚା ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ମାଟି ବଦଳରେ ପାଣିରେ ଆବଶ୍ୟକ ପୋଷକ ତତ୍ତ୍ୱ ଘୋଳି ଦିଆଯାଇଥାଏ। ଗଛରୁ ଚେର ବାହାରିବା ପରେ ସେଗୁଡ଼ିକୁ ସିନ୍ଥେଟିକ୍ ମାଟି ଉପରେ ରୋପଣ କରାଯାଏ। ଏହି ଟେକ୍‌ନିକ୍‌ରେ ଗୋଟିଏ ଫାଇଦା ହେଉଛି, ଏଥିରେ ଗଛ ପାଇଁ କୀଟନାଶକ ପ୍ରୟୋଗର ଆବଶ୍ୟକତା ନ ଥାଏ। ୧୦୦୦ ସିରିଆ ଶରଣାର୍ଥୀ ଏବଂ ସେଠାକାର ଚାଷୀଙ୍କ ଉଦ୍ୟମରେ ଏହା ସଫଳ ହୋଇପାରିଛି। ଆଗାମୀ ଦିନରେ ଏହାକୁ ଅନ୍ୟ ଶରଣାର୍ଥୀ ଶିବିରରେ ଆରମ୍ଭ କରାଯିବାକୁ ଯୋଜନା କରାଯାଉଥିବା ରେୟାନ ସୂଚନା ଦେଇଛନ୍ତି।



## ସରୋଗେଟ୍ ମା'ଠାରୁ ଜନ୍ମ ନେଲେ ୨ ଚିତାବାଘ ଶାବକ

**ପୋଵେଲ୍:** ଇନ୍ ଭିଟ୍ରୋ ପଦ୍ଧତିରେ ମଣିଷ କ୍ଷେତ୍ରରେ ସରୋଗେଟ୍ ମା'ଠାରୁ ସନ୍ତାନ ଜନ୍ମ ପ୍ରକ୍ରିୟା ଜାରି ରହିଛି। ତେବେ ଗତ ୩୦ ବର୍ଷ ପରେ ଆମେରିକା ଓହିଓଠାରେ ଥିବା କଲମ୍ବସ ଚିଡ଼ିଆଖାନାରେ ସରୋଗେଟ୍ ମା'ଠାରୁ ପୁଣି ୨ ଚିତାବାଘ ଶାବକ ଜନ୍ମ ନେଇଛନ୍ତି। କିବିବି ନାମକ ୬ ବର୍ଷର ଏକ ମାଈ ଚିତାବାଘ ମା' ହୋଇପାରି ନ ଥିଲା। କିବିବି ପାଇଁ ଆଉ ମା' ହେବା ସମ୍ଭବ ମଧ୍ୟ ନ ଥିଲା। ତେଣୁ ଚିଡ଼ିଆଖାନାର ପ୍ରାଣୀ ଚିକିତ୍ସକ କିବିବିର ଡିମ୍ବାଣୁ ନେଇ ଅନ୍ୟ ଏକ ଅଣ୍ଡିରା ଚିତାବାଘର ଶୁକ୍ରାଣୁ ସହିତ ଲ୍ୟାବ୍‌ରେ ଗତ ନଭେମ୍ବର ୧୯ରେ ଫର୍ଟିଲାଇଜେଶନ କରିଥିଲେ। ସୃଷ୍ଟି ହୋଇଥିବା ଭ୍ରୁଣକୁ ନଭେମ୍ବର ୨୧ରେ ଅନ୍ୟ ଏକ ସରୋଗେଟ୍ ମାଈ ଚିତାବାଘ ଇଜ୍ଜି ଗର୍ଭରେ ପ୍ରତିରୋପଣ କରାଯାଇଥିଲା। ଡିସେମ୍ବର ୨୩ରେ ଅଲ୍ଟ୍ରାସାଉଣ୍ଡରୁ ଜଣାପଡ଼ିଥିଲା ଇଜ୍ଜି ଗର୍ଭବତୀ ହୋଇଛି। ଏହାର ୩ ମାସ ପରେ ଫେବୃୟାରୀ ୧୯ରେ ଇଜ୍ଜି ୨ ଟି ସୁସ୍ଥ ଚିତାବାଘ ଶାବକ ଜନ୍ମ ଦେଇଛି। ସେମାନଙ୍କ ମଧ୍ୟରେ ଗୋଟିଏ ମାଈ ଏବଂ ଅନ୍ୟଟି ଅଣ୍ଡିରା ଶାବକ ବୋଲି ଚିଡ଼ିଆଖାନା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ୧୯୯୦ରେ ଏହି ପଦ୍ଧତିରେ ୩ଟି ଚିତା ଶାବକ ଜନ୍ମ ହୋଇଥିଲେ। ଏବେ ପୃଥିବୀରେ ଚିତାବାଘଙ୍କ ସଂଖ୍ୟା ପ୍ରାୟ ୭୫୦୦ ରହିଛି। ଏହି ପଦ୍ଧତି ଦ୍ୱାରା ସେମାନଙ୍କ ସଂଖ୍ୟା ବୃଦ୍ଧି ହୋଇପାରିବ ବୋଲି ଚିଡ଼ିଆଖାନାର ପ୍ରାଣୀ ଚିକିତ୍ସକ ଡ. ରୈଣ୍ଡି ଜଙ୍ଗ୍ ସୂଚନା ଦେଇଛନ୍ତି।



## ସାମାଜିକ କାର୍ଯ୍ୟରେ ଲୋକଙ୍କ ଯୋଗଦାନକୁ ପ୍ରୋତ୍ସାହନ ଦେଉଛି ଏନ୍‌ଜିଓ

### ବିଶ୍ୱ ଏନ୍‌ଜିଓ ଦିବସ



ବିଶ୍ୱ ଏନ୍‌ଜିଓ ଦିବସ ପ୍ରତିବର୍ଷ ୨୭ ଫେବୃୟାରୀରେ ପାଳନ କରାଯାଏ। ୨୦୧୦ରେ କାଉନ୍‌ସିଲ ଅଫ୍ ବାଲ୍‌ଟିକ ସି ଷ୍ଟେଟ୍ସ (ସିବିଏସ୍‌ଏସ୍)ର ୯ମ ବାଲ୍‌ଟିକ ସି ଏନ୍‌ଜିଓ ଫୋରମ୍‌ର ୧୨ ସଦସ୍ୟ ରାଷ୍ଟ୍ର ଦ୍ୱାରା ସରକାରୀ ସ୍ତରରେ ଏପ୍ରିଲ ୨୦୧୨ରେ ଏହି ଦିବସକୁ ମାନ୍ୟତା ପ୍ରଦାନ କରାଯାଇଥିଲା। ଜର୍ମାନୀର ବର୍ଲିନ ସ୍ଥିତ ହମବୋଲ୍ଡଟ ବିଶ୍ୱବିଦ୍ୟାଳୟରେ ଏହି ଫୋରମର ବୈଠକ ଅନୁଷ୍ଠିତ ହୋଇଥିଲା। ବାଲ୍‌ଟିକ ସି ଏନ୍‌ଜିଓ ଫୋରମ୍‌ର ସଦସ୍ୟ ରାଷ୍ଟ୍ର ବେଲାରୁଷ୍ ,ଡେନ୍‌ମାର୍କ,ଏଷ୍ଟୋନିଆ,ଫିନ୍‌ଲାଣ୍ଡ,ଜର୍ମାନୀ,ଆଇସ୍‌ଲ୍ୟାଣ୍ଡ,ଲାଟ୍‌ଭିୟା,ଲିଥୁଆନିଆ,ପୋଲାଣ୍ଡ, ରୁଷିଆ,ନରୱେ ଓ ସ୍ୱିଡେନ ରହିଥିଲେ। ୟୁରୋପୀୟ ସଂଘ ଓ ଜାତିସଂଘର ନେତୃବୃନ୍ଦ ତଥା ଆନ୍ତର୍ଜାତିକ ସଂଗଠନଗୁଡିକ ଦ୍ୱାରା ୨୭ ଫେବୃୟାରୀ,୨୦୧୪ରେ ଫିନ୍‌ଲାଣ୍ଡର ହେଲ୍‌ସିଙ୍କିରେ ପ୍ରଥମ ଥର ଏହାକୁ ପାଳନ କରାଯାଇଥିଲା। ଏହି ଦିବସକୁ ୨୭ ଫେବୃୟାରୀରେ ବ୍ରିଟେନ୍‌ର ମାନବବାଦୀ ମାର୍କିସ ଲିଓର୍ସ ସ୍କାଡ୍‌ମାନିସ ପ୍ରତିଷ୍ଠା କରିଥିଲେ।

ଏନ୍‌ଜିଓରେ ସକ୍ରିୟ ଭାବେ ସାମିଲ ହେବା ଏବଂ ସମାଜ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ଅଧିକ ସମନ୍ୱୟ ପ୍ରତିଷ୍ଠା କରିବାକୁ ପ୍ରୋତ୍ସାହିତ କରିବା ବିଶ୍ୱ ଏନ୍‌ଜିଓ ଦିବସର ମୁଖ୍ୟ ଉଦ୍ଦେଶ୍ୟ। ପରସ୍ପର ମଧ୍ୟରେ ଜ୍ଞାନ ଓ ଅନୁଭବ ଆଦାନ ପ୍ରଦାନ ଲାଗି ଏହି ଦିବସରେ ସୁଯୋଗ ମିଳେ। ଏନଜିଓର ସମାଜରେ କ'ଣ ପ୍ରଭାବ ରହିଛି ସେ ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଯାଏ। ଏହି ଅବସରରେ ଏନ୍‌ଜିଓ ପ୍ରତିଷ୍ଠାତା,କର୍ମଚାରୀ,ସ୍ୱୟଂସେବକ, ସଦସ୍ୟ ଓ ସମର୍ଥକଙ୍କୁ ମନେପକାଇବା ସହ ସମ୍ମାନିତ କରାଯାଏ। ୨୦୧୦ରୁ ୨୦୧୯ ମଧ୍ୟରେ ବିଶ୍ୱ ଏନ୍‌ଜିଓ ଦିବସ ବିଶ୍ୱର ପ୍ରାୟ ୯୬ ଟି ଦେଶରେ ପାଳନ କରାଯିବା ଦେଖାଯାଇଛି। ସାମାଜିକ , ଅର୍ଥନୈତିକ , ପରିବେଶ, ମାନବିକ ଅଧିକାର ଆଦି କ୍ଷେତ୍ରରେ ବିକାଶ ଆଣିବା ତଥା ଲୋକମାନଙ୍କର ଏହି କ୍ଷେତ୍ରରେ ଯୋଗଦାନକୁ ପ୍ରୋତ୍ସାହିତ କରିବାରେ ଏନ୍‌ଜିଓର ଭୂମିକା ଯଥେଷ୍ଟ ରହିଛି। ଏଣୁ ବିଭିନ୍ନ କ୍ଷେତ୍ରରେ ଏନଜିଓର କାର୍ଯ୍ୟ ପରିସରକୁ ଆହୁରି ବ୍ୟାପକ କରିବା ଲାଗି ଏହି ଦିବସ ଆହ୍ୱାନ ଦିଏ।

## ମହିଳାଙ୍କୁ ଏସ୍‌ଏଲ୍‌ଇ ରୋଗ ଆଶଙ୍କା ବେଶି



**ନୂଆଦିଲ୍ଲୀ:** ସିଷ୍ଟମିକ୍ ଲ୍ୟୁପସ୍ ଏରିଥୋମେଟୋସସ୍(ଏସ୍‌ଏଲ୍‌ଇ) ଏକ ଅଟୋ ଇମିନ୍ୟୁ ରୋଗ। ଯେଉଁଥିରେ ସ୍ୱାସ୍ଥ୍ୟ ଖରାପ ହେବା ସହ ରୋଗର ସକ୍ରିୟତା ଅଲଗା ଅଲଗା ହୋଇଥାଏ। ଏହି ରୋଗ ହେଲେ ହାର୍ଟ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ପ୍ରଭାବିତ ହେବା ସହ ଜୀବନ ପ୍ରତି ବିପଦ ଆଶଙ୍କା ରହିଥାଏ। ଭାରତରେ ଏହି ରୋଗ ପ୍ରତି ୧୦ ଲକ୍ଷ ଲୋକଙ୍କ ମଧ୍ୟରେ ୩୦ ଜଣଙ୍କୁ ହୋଇଥାଏ। ବିଶେଷକରି ପୁରୁଷଙ୍କଠାରୁ ମହିଳାଙ୍କୁ ଏହି ରୋଗ ଅଧିକ ହୋଇଥାଏ। ହାର୍ଟ କେୟାର ଫାଉଣ୍ଡେଶନ ଅଫ୍ ଇଣ୍ଡିଆର ସ୍ୱାସ୍ଥ୍ୟ ବିଶେଷଜ୍ଞ କୁହନ୍ତି, ଏସ୍‌ଏଲ୍‌ଇ ଏକ ସ୍ୱପ୍ରତୀକ୍ଷିତ ଅର୍ଥାତ୍ ଅଟୋଇମ୍ୟୁନ ରୋଗ। ପ୍ରତିରକ୍ଷା ପ୍ରଣାଳୀରେ ସଂକ୍ରାମକ ଏଜେଣ୍ଟ, ବ୍ୟାକ୍ଟେରିଆ ଏବଂ ବାହ୍ୟ ଜୀବାଣୁ ଏହାର ବାହକ। ବିଦେଶୀ ସଂକ୍ରାମକ ଏଜେଣ୍ଟ ସୁସ୍ଥ ଅନ୍ତ ଏବଂ ଅଙ୍ଗରେ ସଂକ୍ରମିତ ହୋଇଥାଏ। ମୁଖ୍ୟତଃ ସୂର୍ଯ୍ୟ କିରଣ, ସଂକ୍ରମଣ ଏବଂ ଆଣ୍ଟି ସିଜର ରୋଗର କାରଣ। ଥକ୍କା ଲାଗିବା, ଗଣ୍ଠି ଦରଜ, ଦେହହାତ ଦରଜ, ଗାଲ ଏବଂ ନାକରେ ଛୋଟଛୋଟ ଫଳି ଯିବା, କେଶ ଝଡ଼ିବା, ଆନେମିଆ, ହାତ ଏବଂ ପାଦ ଆଙ୍ଗୁଠି ଥଣ୍ଡା ଲାଗିବା ଆଦି ଲକ୍ଷଣ ଦେଖାଯାଇଥାଏ। ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ଏହି ରୋଗରୁ ମୁକ୍ତି ପାଇବାକୁ ହେଲେ, ସୂର୍ଯ୍ୟଙ୍କ କିରଣରୁ ଦୂରେଇ ରହିବା ଉଚିତ୍। ଧୂମପାନଠାରୁ ଦୂରେଇ ରହିବା ଆବଶ୍ୟକ। ଆଇରନ୍ ଏବଂ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ପ୍ରଚୁର ପରିମାଣରେ ଖାଇବା ଉଚିତ୍।

## ଅକ୍ସିଜେନ୍ ସାହାଯ୍ୟରେ ପରୀକ୍ଷା ଦେଲେ ଛାତ୍ରୀ

**ବରେଲି(ଉତ୍ତର ପ୍ରଦେଶ):** ଦୃଢ଼ ଇଚ୍ଛାଶକ୍ତି ଥିଲେ କୌଣସି ପ୍ରତିବନ୍ଧକ ଲକ୍ଷ୍ୟଚ୍ୟୁତ କରିପାରେନି। ନିଜର ଆତ୍ମବିଶ୍ୱାସ ଆଗରେ ରୋଗ ମଧ୍ୟ ହାର୍ ମାନିଯାଏ। ଏହା ପ୍ରମାଣିତ କରିଛନ୍ତି, ବରେଲିର ଦଶମ ଶ୍ରେଣୀ ଛାତ୍ରୀ ସାଫିଆ ଜାଭେଦ୍।୧୬ ବର୍ଷୀୟା ସାଫିଆ ଦୀର୍ଘ ୫ ବର୍ଷ ଧରି ଫୁସ୍‌ଫୁସ୍‌ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ଅଛନ୍ତି। ଫୁସ୍‌ଫୁସ୍ ଅତ୍ୟନ୍ତ ଦୁର୍ବଳ ଥିବାରୁ ଗତ ଦେଢ଼ବର୍ଷ ହେଲା ଅକ୍ସିଜେନ୍ ସାହାଯ୍ୟରେ ତାଙ୍କର ଶ୍ୱାସକ୍ରିୟା ଚାଲିଛି। ଏହାସତ୍ତ୍ୱେ ସେ ଚଳିତବର୍ଷ ଉତ୍ତରପ୍ରଦେଶ ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେବା ସହ ସଫଳତା ପାଇଁ ଆଶା ରଖିଛନ୍ତି। ଅକ୍ସିଜେନ୍ ସିଲିଣ୍ଡର୍ ସହ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେବାକୁ ତାଙ୍କୁ ଅନୁମତି ମିଳିଥିବା ଜଣାପଡ଼ିଛି। ରୋଗରେ ପୀଡ଼ିତଥିବା ଯୋଗୁ ସେ ନିୟମିତ ସ୍କୁଲ ଯାଇ ପାଠ ପଢ଼ିପାରୁ ନାହାନ୍ତି। ତେଣୁ ସେ ପ୍ରାଇଭେଟ୍ ଛାତ୍ରୀଭାବେ ପରୀକ୍ଷା ଦେଉଛନ୍ତି। ଏ ନେଇ ବରେଲିର ଶାହାବାଦ କଲୋନୀରେ ରହୁଥିବା ସାଫିଆଙ୍କ ବାପା ସରୱର ଜାଭେଦ୍ କୁହନ୍ତି, ଝିଅ ଶ୍ରେଣୀରେ ସବୁବେଳେ ଟପ୍ପର ଥିଲେ। ୫ ବର୍ଷ ତଳେ ପିତ୍ତକୋଷରେ ପଥୁରି ହୋଇଥିବାବେଳେ ତାହା ଅସ୍ତ୍ରୋପଚାର କରି ବାହାର କରାଯାଇଥିଲା। ଏହା ପରଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଥିଲା। ପରେ ତାଙ୍କୁ ଟିବି ହୋଇଥିବା ଜଣାପଡ଼ିଥିଲା। ତାଙ୍କ ଫୁସ୍‌ଫୁସ୍‌ରେ ପାଣି ଭର୍ତ୍ତି ହେଉଥିବା ଯୋଗୁ ଡାକ୍ତରଖାନାରେ ଭର୍ତ୍ତି ହେବାକୁ ପଡ଼ିଥିଲା। ସେଠାରେ ତାଙ୍କୁ ଅକ୍ସିଜେନ୍ ସାହାଯ୍ୟରେ ରଖାଯାଇଥିଲା। ଫଳରେ ସେ ହାଇସ୍କୁଲ ପରୀକ୍ଷା ଦେଇପାରି ନ ଥିଲେ। କିନ୍ତୁ ସେ ଜଣେ ମେଧାବୀ ଛାତ୍ରୀ ହୋଇଥିବାବେଳେ କଠିନ ପରିଶ୍ରମର ମୂଲ୍ୟ ସେ ନିଶ୍ଚୟ ପାଇବେ ଏବଂ ପରୀକ୍ଷାରେ ଭଲ ନମ୍ବର ରଖିବେ ବୋଲି ଦୃଢ଼ ବିଶ୍ୱାସ ରଖିଛନ୍ତି।



## ନିଃଶ୍ୱାସ ନ ନେଇ ବଞ୍ଚୁଥିବା ଜୀବ

ଜେଲିଫିଶ୍ ଦେଖିବାକୁ ଯେମିତି ଠିକ୍ ସେହିପରି ବୈଜ୍ଞାନିକମାନେ ଏକ ନୂତନ ଜୀବର ସନ୍ଧାନ ପାଇଛନ୍ତି। ଯାହା ନିଃଶ୍ୱାସ ନ ନେଇ ବଞ୍ଚିପାରିବ। ଏପରିକି ଜିଇଁବା ପାଇଁ ଅମ୍ଳଜାନ ମଧ୍ୟ ଆବଶ୍ୟକ ପଡ଼ିବନି। ଏହା ଏମିତି ଏକ ବହୁକୋଷୀ ଜୀବ, ଯେଉଁଥିରେ ମାଇଟ୍ରୋକଣ୍ଡ୍ରିଏଲ୍ ଜିନୋମ ନାହିଁ। ତେଣୁ ବଞ୍ଚିବା ପାଇଁ ଅମ୍ଳଜାନ ଜରୁରୀ ନୁହେଁ। ଲାଲ୍ ରକ୍ତ କଣିକାକୁ ଛାଡ଼ି ମଣିଷ ଦେହରେ ଥିବା ସମସ୍ତ କୋଷିକାରେ ମାତ୍ରାଧିକ ସଂଖ୍ୟାରେ ମାଇଟ୍ରୋକଣ୍ଡ୍ରିଆ ମିଳିଥାଏ। ଯାହା ନିଃଶ୍ୱାସ ନେବା ପ୍ରକ୍ରିୟା ସହଜ ହୋଇଥାଏ। ଇସ୍ରାଏଲ୍‌ର ତେଲ୍-ଅବିବ୍ ୟୁନିଭର୍‌ସିଟିର ଏକ ଟିମ୍ ଏପରି ଗବେଷଣା କରିଛନ୍ତି। ରିସର୍ଚ୍ଚ ସମୟରେ ବୈଜ୍ଞାନିକମାନେ ଫ୍ଲୋରୋସେଣ୍ଟ ମାଇକ୍ରୋସ୍କୋପ୍‌ରେ ଏହି ଜୀବକୁ ଦେଖିଛନ୍ତି। ଏହି ସମୟରେ ବିଭିନ୍ନ ରଙ୍ଗର ନ୍ୟୁକ୍ଲିୟସ ଦେଖିଥିଲେ ମାଇଟ୍ରୋକଣ୍ଡ୍ରିଏଲ୍ ଡିଏନ୍‌ଏ ଦେଖିବାକୁ ପାଇ ନ ଥିଲେ। ୨୦୧୦ରେ ଏମିତି ଏକ ଘଟଣା ସାମ୍ନାକୁ ଆସିଥିଲା। ଇଟାଲୀର ପଲିଟେକ୍ନିକ୍ ୟୁନିଭର୍‌ସିଟିର ବିଶେଷଜ୍ଞ ରୋବର୍ଟ ଡେନେବୋରୋ ଏହି ଜୀବର ସନ୍ଧାନ ଚଳାଇଥିଲେ। ମାଇକ୍ରୋସ୍କୋପ୍‌ରେ ଏହି ବହୁକୋଷୀ ଜୀବକୁ ଦେଖିବାକୁ ପାଇଥିଲେ।



## ପ୍ରତିରୋପଣ ହେଲା ଶୁଆ ଡେଣାର ପର

**ବ୍ରିସ୍‌ବେନ:** ଆଧୁନିକ ଚିକିତ୍ସା ବିଜ୍ଞାନ ସହାୟତାରେ ମଣିଷର ଅଙ୍ଗ ପ୍ରତିରୋପଣ ହୋଇପାରୁଛି। ତେବେ ଅଷ୍ଟ୍ରେଲିଆରେ ଏକ ଶୁଆ କ୍ଷେତ୍ରରେ ଏହା ସମ୍ଭବ ହୋଇପାରିଛି। ୧୨ ସପ୍ତାହର ଛୋଟ ଶୁଆ ବେଇ-ବେଇ କାଳେ ଉଡ଼ିଯିବ ସେଥିପାଇଁ ତା ମାଲିକ ଡେଣାର ପର କାଟି ଦେଇଥିଲେ। ତେବେ ୩୧ ବର୍ଷ ବୟସ୍କ ଭେଟେନାରୀ ଡାକ୍ତର କୈଥରିନ୍ ଆପୁଲି କିଛି ଘଣ୍ଟା ମଧ୍ୟରେ ଶୁଆର ଡେଣାରେ ପର ପ୍ରତିରୋପଣ କରିବାକୁ ସକ୍ଷମ ହୋଇଛନ୍ତି। କିଛି ଅଠା, ଟୁଥ୍ ପିକ୍ ଏବଂ ପୁରୁଣା ପର ସହାୟତାରେ ସେ ଏପରି କରିପାରିଛନ୍ତି। ଡେଣାରେ ପର ପ୍ରତିରୋପଣ ପରେ ଶୁଆଟି ପ୍ରାୟ ଏକ ଘଣ୍ଟା ଧରି ଆକାଶରେ ଖୁସିରେ ଉଡ଼ି ବୁଲିଥିଲା।



## ଓଲଟିଲା ଟ୍ରାକ୍ଟର, ୨ ମୃତ

**ପଟ୍ଟାଙ୍ଗି,୨୬।୨(ଡି.ଏନ୍.ଏ.):** ଆନ୍ଧ୍ର ସୀମାନ୍ତ ତଥା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କୋଟିଆ ପଞ୍ଚାୟତରେ ଏକ ପାଣିଟାଙ୍କି ଟ୍ରାକ୍ଟର ଓଲଟି ଦୁଇ ଜଣଙ୍କର ମୃତ୍ୟୁ ହୋଇଛି। ସେମାନେ ହେଲେ ପୋଲିସ ହାଉସିଂ କର୍ପୋରେଶନର ଜେଇ ବିଶ୍ୱଜିତ ପ୍ରଧାନ ଓ ସୁପରଭାଇଜର ବିଭୂତି ମହାନ୍ତି। ସ୍ଥାନୀୟ ଥାନା ଅଧିକାରୀ ବିଜୟରାଜ ମାଝି ମୃତଦେହ ଉଦ୍ଧାର କରି ଟ୍ରାକ୍ଟରକୁ ଜବତ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ପଞ୍ଚାୟତ ସଦର ମହକୁମା ତଥା ଚର୍ଚ୍ଚ ନିକଟରେ ହେଉଥିବା ନୂତନ ଥାନାଗୃହ ନିର୍ମାଣ ପାଇଁ ପାଣିଟାଙ୍କି ବୋହୁଥିବା ଟ୍ରାକ୍ଟର (ଏପି୩୭ ଡିଇ ୪୦୮୦)ରେ ଜେଇ ଓ ସୁପରଭାଇଜର ଉପର ଗଞ୍ଜେଇ ପଦର ଗ୍ରାମ ନିକଟରୁ ପାଣି ଭର୍ତ୍ତି କରାଇ ନିର୍ମାଣ ସ୍ଥଳକୁ ଯାଉଥିଲେ। ଅପରାହ୍ଣ ୪ଟା ୩୦ ସମୟରେ ଟ୍ରାକ୍ଟର ଭାରସାମ୍ୟ ହରାଇ ଓଲଟି ପଡ଼ିବା ଫଳରେ ଟ୍ୟାଙ୍କର ତଳେ ଚାପି ହୋଇ ୨ ଜଣଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା।




# ମହାପ୍ରଭୁଙ୍କୁ ଦର୍ଶନ କଲେ ମମତା

## ଶାନ୍ତି କାମନା କଲେ, ନେଲେ ନୀଳଚକ୍ର ବାନା

**ପୁରୀ ଅଫିସ,୨୬।୨:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଅପରାହ୍ଣ ୪ଟା ୧୦ରେ ମମତା ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲାପାଳ ବଲୱନ୍ତ ସିଂ ତାଙ୍କୁ ସ୍ୱାଗତ କରିଥିଲେ। ପରେ ସିଂହଦ୍ୱାର ଚକଡ଼ାରେ ବରିଷ୍ଠ ଦଇତାପତି ସେବକ ଜଗନ୍ନାଥ ସ୍ୱାଇଁ ମହାପାତ୍ର, ରାମକୃଷ୍ଣ ଦାସମହାପାତ୍ର, ରାମଚନ୍ଦ୍ର ଦାସମହାପାତ୍ର ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଏବଂ ଫୁଲହାର ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଅରୁଣ ସ୍ତମ୍ଭ ନିକଟରେ ଦୀପ ଜାଳି ପତିତପାବନଙ୍କୁ ଦର୍ଶନ କରିବା ପରେ ୪ଟା ୧୫ରେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ ମମତା। ବାଇଶି ପାହାଚ, ଘଣ୍ଟିଦ୍ୱାର ଦେଇ ସେ ଭିତର କାଠକୁ ଯାଇଥିଲେ। ସେଠାରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ସହ ସାଥିରେ ଆଣିଥିବା ଫଳ, ଫୁଲ, ବସ୍ତ୍ର ଆଦି ସେବାୟତଙ୍କୁ ଦେଇ ପୂଜାର୍ଚ୍ଚନା କରିଥିଲେ। ଦାନ, ଦକ୍ଷିଣା ପ୍ରଦାନ କରି ବେହେରଣ ଦ୍ୱାରରେ ବାହାରିଥିଲେ। ଏହାପରେ ମୁକ୍ତିମଣ୍ଡପ, ମା’ ବିମଳା, ମା’ ସରସ୍ୱତୀ, ମହାଲକ୍ଷ୍ମୀ ପ୍ରଭୃତି ମନ୍ଦିର ବୁଲି ଦର୍ଶନ କରିଥିଲେ। ଏହି ସମୟରେ ନୀଳଚକ୍ରରେ ଧ୍ୱଜା ବନ୍ଧାଯାଉଥିଲା। ମମତା ବାନା ବନ୍ଧା ଦୃଶ୍ୟକୁ ଶେଷ ପର୍ଯ୍ୟନ୍ତ ଉପଭୋଗ କରିଥିଲେ। ବାନା ବାନ୍ଧୁଥିବା ଚୂନରା ସେବକ ତଳକୁ ଓହ୍ଲାଇ ଏକ ଓଲାଗି ବାନା ମମତାଙ୍କୁ ପିନ୍ଧାଇ ଦେଇଥିଲେ। ମହାପ୍ରଭୁଙ୍କ ଓଲାଗି ବାନା ପାଇ ମମତା ବେଶ୍ ଖୁସି ହୋଇଯାଇଥିଲେ। ପ୍ରାୟ ୪୦ ମିନିଟ୍ ସେ ମନ୍ଦିରରେ ବିତାଇବା ପରେ ଫେରିଥିଲେ। ସିଂହଦ୍ୱାରଠାରେ ଗଣମାଧ୍ୟମକୁ କହିଥିଲେ, ପୂର୍ବରୁ ଅନେକଥର ଶ୍ରୀମନ୍ଦିରକୁ ଆସି ଠାକୁରଙ୍କୁ ଦର୍ଶନ କରିଛି। ୨୦୧୭ରେ ବି ଆସିଥିଲି। ମୁଁ ଜଗନ୍ନାଥଙ୍କର ଜଣେ ଭକ୍ତ। ମୋ ଘରେ ଜଗନ୍ନାଥଙ୍କୁ ପୂଜା କରେ। ପୁରୀରୁ ବି ସେବାୟତମାନେ ଯାଇ ପୂଜା କରିଥାନ୍ତି। ଆଜି ମହାପ୍ରଭୁଙ୍କୁ ଭଲ ଭାବେ ଦର୍ଶନ କରିଥିବାରୁ ବେଶ୍ ଖୁସି ଲାଗୁଛି। ପଶ୍ଚିମବଙ୍ଗ, ଓଡ଼ିଶା ସମେତ ଦେଶବାସୀ ଶାନ୍ତିରେ ରୁହନ୍ତୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କଲି। ମଣିଷ ମଣିଷ ଭିତରେ ହିଂସା, ବିବାଦ କିମ୍ବା କୌଣସି ପ୍ରକାର ଭେଦଭାବ ନ ରହୁ। ଦେଶ ବି ଭଲରେ ଆଗକୁ ବଢୁ। ଆମେ ସମସ୍ତେ ଭାରତୀୟ ଏବଂ ଭାଇଭଉଣୀ। ସମସ୍ତେ ହସଖୁସି ଏବଂ ସୁଖାଶନ୍ତିରେ ରୁହନ୍ତୁ ଏହା ହିଁ ଠାକୁରଙ୍କ ନିକଟରେ କାମନା କରିଛି। ପଶ୍ଚିମବଙ୍ଗର ପଡ଼ୋଶୀ ରାଜ୍ୟ ଓଡ଼ିଶା। ପୁରୀକୁ ୧୦୦ ପ୍ରତିଶତ ପଶ୍ଚିମବଙ୍ଗ ପର୍ଯ୍ୟଟକ ଆସୁଛନ୍ତି। ଆମ ଦୁଇ ରାଜ୍ୟ ମଧ୍ୟରେ ଭଲ ସମ୍ପର୍କ ରହିଛି। ନବୀନ ପଟ୍ଟନାୟକଙ୍କ ସହ ଫୋନରେ କଥା ହୋଇଛି ବୋଲି ମମତା କହିଥିଲେ। ଏହି ଅବସରରେ ମମତାଙ୍କୁ ଶ୍ରୀମନ୍ଦିରର ସେବାୟତମାନେ ମହାପ୍ରଭୁଙ୍କ ପଟଚିତ୍ର ଏବଂ ଭୋଗ ପ୍ରଦାନ କରିଥିଲେ।

### ବାନା ବନ୍ଧା ଦୃଶ୍ୟ ବେଶ୍ ଚମତ୍କାର

ଦର୍ଶନ କରିବା ସମୟରେ ନୀଳଚକ୍ରରେ ବାନା ବନ୍ଧା ଯାଉଥିଲା। ଏହି ବାନା ବନ୍ଧାଯିବାର ଦୃଶ୍ୟ ଦେଖିବା ଭାଗ୍ୟରେ ଥିଲା। ବେଶ୍ ଚମତ୍କାର ଥିଲା ଏହି ଦୃଶ୍ୟ। ବାନା ବନ୍ଧା ସରିବା ପରେ ସମ୍ପୃକ୍ତ ସେବକ ଏକ ବାନା ଆଣି ମୋତେ ପ୍ରଦାନ କରିଛନ୍ତି। ଏହାକୁ ମୁଁ ସାଥିରେ ପଶ୍ଚିମବଙ୍ଗ ନେଇଯିବି ବୋଲି ବେଶ୍ ଭାବବିହ୍ୱଳ ହୋଇ କହିଥିଲେ ମମତା ବାନାର୍ଜୀ।

### ‘ରକ୍ତ ନୁହେଁ, ଶାନ୍ତି ଚାହୁଁ’

ସଂଶୋଧିତ ନାଗରିକତ୍ୱ ଆଇନ (ସିଏଏ)କୁ ନେଇ ଦିଲ୍ଲୀ ବର୍ତ୍ତମାନ ଅଶାନ୍ତ ହୋଇପଡିଛି। ବିରୋଧୀ ଏବଂ ସମର୍ଥକଙ୍କ ମଧ୍ୟରେ ସଂଘର୍ଷ ଯୋଗୁ ଅନେକଙ୍କ ଜୀବନ ଯାଇଛି। ତେବେ ଦିଲ୍ଲୀରେ ବର୍ତ୍ତମାନ ଯେଉଁଭଳି ପରିସ୍ଥିତି ଉପୁଜିଛି ସେ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ ମମତା କହିଥିଲେ, ଦେଶରେ ଶାନ୍ତି ବଜାୟ ରଖିବା ଦରକାର। ରକ୍ତ ନୁହେଁ, ଆମେ ଶାନ୍ତି ଚାହୁଁ ବୋଲି କହିଥିଲେ ମମତା।


ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ।

# କାର୍ଯ୍ୟକାରିଣୀରେ ନାହାନ୍ତି ଏକାଧିକ ବରିଷ୍ଠ ନେତା

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲଗାତର ୮ମ ଥର ପାଇଁ ବିଜେଡି ସଭାପତି ଦାୟିତ୍ୱ ନେଇଛନ୍ତି। ଦଳର ମୁଖ୍ୟ ଭାବେ ବୁଧବାରଠାରୁ ତାଙ୍କ ଅଷ୍ଟମ ଇଂନିସ ଆରମ୍ଭ ହୋଇଛି। ସଭାପତିଭାବେ ତାଙ୍କ ନାମ ଆନୁଷ୍ଠାନିକ ଘୋଷଣା ହେବା ସହ ୮୦ ଜଣିଆ କାର୍ଯ୍ୟକାରିଣୀ ତାଲିକା ମଧ୍ୟ ଘୋଷଣା କରାଯାଇଛି। ଏହି ତାଲିକାରେ ଦଳର ଅଧିକାଂଶ ପ୍ରମୁଖ ବ୍ୟକ୍ତି ସ୍ଥାନ ପାଇଛନ୍ତି। ଏପରିକି କେତେକ ନୂଆ ଚେହେରାଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ହେଲେ ବହୁ ବରିଷ୍ଠ ନେତା, ମନ୍ତ୍ରୀ, ପୁରାତନ ସଦସ୍ୟଙ୍କ ନାଁ ନବୀନଙ୍କ ନୂଆ ତାଲିକାରେ ଦେଖିବାକୁ ମିଳିନାହିଁ। ରାଜ୍ୟ ସରକାରଙ୍କ କ୍ୟାବିନେଟ୍‌ରେ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ରହିଥିବା ପଦ୍ମନାଭ ବେହେରା, ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦ, ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ, କେନ୍ଦ୍ରାପଡା ଏମ୍‌ପି ଅନୁଭବ ମହାନ୍ତି ପ୍ରମୁଖଙ୍କୁ କାର୍ଯ୍ୟକାରିଣୀରେ ନିଆଯାଇନାହିଁ। ସେହିପରି କାର୍ଯ୍ୟକାରିଣୀରେ କେତେକ ନୂଆ ମୁହଁଙ୍କୁ ନିଆଯାଇଛି। ସେମାନଙ୍କ ମଧ୍ୟରେ ଅଛନ୍ତି, ରାଜ୍ୟ ସରକାରଙ୍କ ଗଣମାଧ୍ୟମ ଉପଦେଷ୍ଟା ମାନସ ମଙ୍ଗରାଜ, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ଆଇନଜୀବୀ ମିଲନ୍ କାନୁନଗୋ, ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର, ଦଳୀୟ ସଙ୍ଗଠକ ରାଜୀବ ପାତ୍ର ଏବଂ ପ୍ରହଲ୍ଲାଦ ତ୍ରିପାଠୀ। ନବୀନଙ୍କ ଦଳୀୟ କାର୍ଯ୍ୟକାରିଣୀ ତାଲିକାରେ ୩ ବରିଷ୍ଠ ନେତାଙ୍କ ପୁତ୍ରମାନଙ୍କୁ ମଧ୍ୟ ସ୍ଥାନ ମିଳିଛି। ସେମାନେ ହେଉଛନ୍ତି– ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ପୁତ୍ର ସଞ୍ଜୟ ଅଗ୍ରୱାଲ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ପୁଅ ବିପ୍ଳବ ପାତ୍ର ଏବଂ ବରିଷ୍ଠ ନେତା ସୁର ନାୟକଙ୍କ ପୁଅ ସ୍ୱାଧୀନ ନାୟକ। କିଛିଦିନ ତଳେ ଏମ୍‌ପି ଅନୁଭବ ଏବଂ ପଦ୍ମନାଭଙ୍କ ବିରୋଧରେ କଂଗ୍ରେସ ଦଳ ସତ୍ୟପାଠ ସମ୍ପର୍କିତ ଅଭିଯୋଗ ଆଣିଥିଲା। ଏଥିରେ ଉଭୟ ସତ୍ୟପାଠରେ ନିଜ ଶିକ୍ଷାଗତ ଯୋଗ୍ୟତା ଅନିୟମିତତା କରିଥିବା କୁହାଯାଇଥିଲା। ତେଣୁ ବିଜେଡି ଏହି ଦୁଇ ନେତାଙ୍କୁ ବାଦ୍ ଦେଇଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ଅପରପକ୍ଷରେ ଦଳୀୟ କାର୍ଯ୍ୟକାରିଣୀରେ ସ୍ଥାନ ପାଇଥିବା ନେତାମାନେ ହେଉଛନ୍ତି– ଅରୂପ ପଟ୍ଟନାୟକ, ଅଶୋକ ପଣ୍ଡା, ଅନନ୍ତ ନାରାୟଣ ଜେନା, ଅରୁଣ ସାହୁ, ଅତନୁ ସବ୍ୟସାଚୀ ନାୟକ, ବିକ୍ରମ କେଶରୀ ଆରୁଖ, ବିଜୟ ରଞ୍ଜନ ସିଂ ବରିହା, ବଦ୍ରି ନାରାୟଣ ପାତ୍ର, ବ୍ୟୋମକେଶ ରାୟ, ବ୍ରଜ କିଶୋର ପ୍ରଧାନ, ବାସନ୍ତୀ ହେମ୍ବ୍ରମ, ବିଭୂତିଭୂଷଣ ବଳବନ୍ତରାୟ, ବିଜୟ ନାୟକ, ବିନୟ ଟପ୍ପୋ, ବିପ୍ଳବ ପାତ୍ର, ଚନ୍ଦ୍ରଶେଖର ସାହୁ, ଚନ୍ଦ୍ରସାରଥୀ ବେହେରା, ଦେବାଶିଷ ସାମନ୍ତରାୟ, ଦିବ୍ୟଶଙ୍କର ମିଶ୍ର, ଦେବୀପ୍ରସାଦ ମିଶ୍ର ଏବଂ ଦିଲ୍ଲୀପ ତିର୍କୀଙ୍କୁ ସ୍ଥାନ ମିଳିଛି। ସେହିଭଳି ଦେବେଶ ଆଚାର୍ଯ୍ୟ, ଧ୍ରୁବ ସାହୁ, ହୃଷିକେଶ ନାୟକ, ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜଗନ୍ନାଥ ସାରକା, ଝିନ୍ନ ହିକକା, କଳିକେଶ ନାରାୟଣ ସିଂହଦେଓ, କିଶୋର ମହାନ୍ତି, ଲୋପାମୁଦ୍ରା ବକ୍ସିପାତ୍ର, ମଙ୍ଗଳା କିଷାନ, ମହେଶ୍ୱର ମହାନ୍ତି, ମିଲନ୍ କାନୁନଗୋ, ମାନସ ମଙ୍ଗରାଜ, ମାନସ ମାଡକାମୀ, ମୁଜିବୁଲ୍ଲା ଖାଁ, ନବକିଶୋର ଦାସ, ଏନ.ଭାସ୍କର ରାଓ ଏବଂ ନିରଞ୍ଜନ ପୂଜାରୀ ମଧ୍ୟ କାର୍ଯ୍ୟକାରିଣୀରେ ସ୍ଥାନ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନଳିନୀ ପ୍ରଧାନ, ପ୍ରଣବ ପ୍ରକାଶ ଦାସ, ପ୍ରଫୁଲ୍ଲ ମଲ୍ଲିକ, ପ୍ରଦୀପ ଅମାତ, ପ୍ରମିଳା ମଲ୍ଲିକ, ପିନାକୀ ମିଶ୍ର, ପ୍ରୀତିରଞ୍ଜନ ଘଡ଼େଇ, ପୁଷ୍ପେନ୍ଦ୍ର ସିଂହଦେଓ, ପ୍ରତାପ ଜେନା, ପ୍ରଶାନ୍ତ ମୁଦୁଲି, ପ୍ରଦୀପ ମହାରଥୀ, ପ୍ରଶାନ୍ତ ଜଗଦେବ, ପ୍ରଣବ କୁମାର ବଳବନ୍ତରାୟ, ପ୍ରମୋଦ ମଲ୍ଲିକ, ପ୍ରଫୁଲ୍ଲ ସାମଲ, ରୋହିତ ପୂଜାରୀ, ରବୀନ୍ଦ୍ର କୁମାର ଜେନା, ରମେଶ ମାଝୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜଶ୍ରୀ ମଲ୍ଲିକ, ରମେଶ ଚନ୍ଦ୍ର ବେହେରା, ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ, ରବିନାରାୟଣ ନନ୍ଦ, ରାଜୀବ ପାତ୍ର, ସଞ୍ଜୟ କୁମାର ଦାସବର୍ମା, ସୁଶାନ୍ତ ସିଂ, ସୁବ୍ରତ ତରାଇ, ସୁଦାମ ମାରାଣ୍ଡି, ସରୋଜିନୀ ହେମ୍ବ୍ରମ, ସଞ୍ଜୟ ଅଗ୍ରୱାଲ, ସମୀରରଞ୍ଜନ ଦାଶ, ସୁଶାନ୍ତ ରାଉତ, ଶ୍ରୀକାନ୍ତ ସାହୁ, ପ୍ରହ୍ଲାଦ ତ୍ରିପାଠୀ, ସାନନ୍ଦ ମାରାଣ୍ଡି, ସ୍ୱାଧୀନ ନାୟକ, ସୁବାସ ସିଂ, ଶ୍ରୀମୟୀ ମିଶ୍ର, ସସ୍ମିତ ପାତ୍ର ,ଟୁକୁନି ସାହୁ ଓ ଉଷାଦେବୀ ଏହି କମିଟିରେ ରହିଛନ୍ତି।


ବିଜେଡି ରାଜ୍ୟ ପରିଷଦ ବୈଠକରେ ଉପସ୍ଥିତ ବରିଷ୍ଠ ନେତୃମଣ୍ଡଳୀ।

### ବିଜେଡି ସଙ୍ଗଠନ

- ତାଲିକାରେ ନାହାନ୍ତି ପଦ୍ମନାଭ, ସୌମ୍ୟ, ପ୍ରଶାନ୍ତ, ଅନୁଭବ
- ମାନସ, ସୁଶାନ୍ତ, ବିପ୍ଳବ, ସ୍ୱାଧୀନ ନୂଆ ମୁହଁ
- ସଞ୍ଜୟ, ମିଳନ, ଶ୍ରୀମୟୀ, ପ୍ରହଲ୍ଲାଦଙ୍କୁ ସୁଯୋଗ

# ଓଡ଼ିଆ ପ୍ରତି କେନ୍ଦ୍ର ସାହିତ୍ୟ ଏକାଡେମିର ବୈମାତୃକ ମନୋଭାବ

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଜାତୀୟ ସାହିତ୍ୟ ଉତ୍ସବ ଆୟୋଜିତ ହୋଇଛି। ନୂଆଦିଲ୍ଲୀଠାରେ ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ‘ଫେଷ୍ଟିଭାଲ ଅଫ୍ ଲେଟର୍ସ’ ଶୀର୍ଷକ ଉତ୍ସବର ନିମନ୍ତ୍ରଣ ପତ୍ର ଉପରେ ବିଭିନ୍ନ ଭାରତୀୟ ଭାଷାରେ ଲେଖାଯାଇଛି। ହେଲେ ଓଡ଼ିଆ ଭାଷା ବ୍ୟତୀତ ଅନ୍ୟସବୁ ଭାଷା ଏଥିରେ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଛି। ଭାରତରେ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷାଗୁଡ଼ିକ ମଧ୍ୟରୁ କେବଳ ଓଡ଼ିଆକୁ ଏଥିରେ ଅପମାନିତ କରାଯାଇଛି। ଓଡ଼ିଆ ଭାଷା ପ୍ରତି ବୈମାତୃକ ମନୋଭାବ ପୋଷଣ ଓ ଭାଷା ପ୍ରତି ବିଦ୍ୱେଷ କରାଯାଇଥିବା ଅଭିଯୋଗ କରିଛି ଭାଷା ଆନ୍ଦୋଳନ। ଭାଷା ଆନ୍ଦୋଳନ ସଭାପତି ତଥା ଓଡ଼ିଶା ନାଗରିକ ମଞ୍ଚର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ଏଭଳି ଆଚରଣକୁ ନିନ୍ଦା କରିବା ସହ କେନ୍ଦ୍ର ସାହିତ୍ୟ ଏକାଡେମି ଶୀଘ୍ର ତ୍ରୁଟି ସଂଶୋଧନ କରିବା ସହ ଓଡ଼ିଆ ଜାତି ନିକଟରେ କ୍ଷମା ଭିକ୍ଷା କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କୁ ଅବଗତ କରାଯାଇଛି ଏବଂ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ଦାବି କରାଯାଇଛି ବୋଲି ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ମୁଖପାତ୍ର ଅରବିନ୍ଦ ତ୍ରିପାଠୀ କହିଛନ୍ତି।



### କ୍ଷମା ମାଗିବାକୁ ଜୋର୍ ଧରିଲା ଦାବି

# ପୂର୍ବତନ ବିଧାୟକ ବିଜୟ ନାୟକଙ୍କ ପରଲୋକ

**ଏରସମା, ୨୬।୨ (ସ୍ୱ.ପ୍ର.):** ଏରସମା ନିର୍ବାଚନମଣ୍ଡଳୀର ପୂର୍ବତନ କଂଗ୍ରେସ ବିଧାୟକ ବିଜୟ ନାୟକ (୭୧)ଙ୍କ ବୁଧବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଏରସମା ବ୍ଲକ ଡିଙ୍କିଆ ପଞ୍ଚାୟତସ୍ଥିତ ଗୋବିନ୍ଦପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ବିଜୟ ରେଭେନ୍‌ଶା କଲେଜରେ ପଢୁଥିବା ସମୟରୁ ରାଜନୀତିରେ ବେଶ୍ ସକ୍ରିୟ ଥିଲେ। ଏହାପରେ ସେ କଂଗ୍ରେସରେ ଯୋଗଦେବା ସହ ୧୯୯୫ରେ ଦଳୀୟ ଟିକେଟରେ ଏରସମାରୁ ପ୍ରାର୍ଥୀ ହୋଇଥିଲେ। ତତ୍କାଳୀନ ଜନତା ଦଳର ବିଧାୟକ ପ୍ରାର୍ଥୀ ବରିଷ୍ଠ ନେତା ଡ. ଦାମୋଦର ରାଉତଙ୍କୁ ହରାଇ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ଏରସମା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପିସିସି ସଦସ୍ୟ ଧ୍ୱଜରାଜ ଖଣ୍ଡୁଆଳ, ଯୁବନେତା ନଳିନୀ ରଞ୍ଜନ ସ୍ୱାଇଁ, ଏରସମା ବ୍ଲକ କଂଗ୍ରେସ ସଭାପତି ନିତ୍ୟାନନ୍ଦ ଦାସ, ଭାଜପା ରାଜ୍ୟ ଓବିସି ଯୁବମୋର୍ଚ୍ଚା ଉପସଭାପତି ନୃସିଂହ ସାହୁ, ପାରାଦୀପ-ଜଗତ୍‌ସିଂହପୁର ଶ୍ରମିକ ସଂଘ ସଭାପତି ଆଇନଜୀବୀ ଜୟନ୍ତ କୁମାର ବିଶ୍ୱାଳ, ଏରସମା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଦେବେନ୍ଦ୍ର କିଶୋର ତ୍ରିପାଠୀ ପ୍ରମୁଖ ବିଜୟଙ୍କ କଟକସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।







ଉତ୍ତରପ୍ରଦେଶର ଗୋରଖପୁର ଜିଲା ପିପିଗଞ୍ଜ ପୋଲିସ ଷ୍ଟେଶନ ଅଞ୍ଚଳରେ ଜଣେ ନାବାଳିକା ଚାକରାଣୀ(୧୬)ଙ୍କୁ ନିଯୁକ୍ତିଦାତା ବିଭାସ ସିଂ(୩୦) ବଳାତ୍କାର କରିବା ସହ ତାଙ୍କ ଔରସରୁ ଜନ୍ମ ହୋଇଥିବା ଏକ ଶିଶୁକନ୍ୟାକୁ ମାରି ଫେରାର୍ ହୋଇଯାଇଛନ୍ତି। ପୋଲିସ ନାବାଳିକାଙ୍କୁ ସେଲ୍‌ଟର ହୋମ୍‌କୁ ପଠାଇଥିବା ବେଳେ ତଦନ୍ତ ଜାରି ରଖିଛି। ନବଜାତକକୁ ମାରିବା ଲାଗି ସହାୟତା କରିଥିବା ପୀଡ଼ିତାଙ୍କ ମା'ଙ୍କୁ ପୋଲିସ ଗିରଫ କରି ଜେଲ୍‌କୁ ପଠାଇଥିବା ସିଂଙ୍କୁ ଧରିବା ଲାଗି ପ୍ରୟାସ ଚାଲିଛି।


## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ: ..............................

ଜନ୍ମ ତାରିଖ: ..............................



ପ୍ରଦ୍ୟୁମ୍ନ
ପରିବାରବର୍ଗ



ସନ୍ଧ୍ୟାରାଣୀ
ପରିବାରବର୍ଗ



ଶୁଭଦର୍ଶିନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ପ୍ରଥମ ପୃଷ୍ଠାରୁ...

### ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଇସ୍ତଫା ...

ଦିଲ୍ଲୀ ହିଂସାକୁ ନେଇ ଏଆଇସିସି ମୁଖ୍ୟାଳୟରେ କଂଗ୍ରେସ କାର୍ଯ୍ୟକାରୀ କମିଟି (ସିଡବ୍ଲ୍ୟୁସି)ର ଏକ ବୈଠକ ହୋଇଥିଲା। ବୈଠକ ପରେ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି ସୋନିଆ କହିଛନ୍ତି, ଦିଲ୍ଲୀରେ ସୃଷ୍ଟି ହୋଇଥିବା ହିଂସ୍ର ସ୍ଥିତି ପାଇଁ କେନ୍ଦ୍ର ସରକାର ଦାୟୀ। ଜାତୀୟ ରାଜଧାନୀରେ ଜାଣିଶୁଣି ଏକ ଭୟ ଓ ଘୃଣାର ବାତାବରଣ ସୃଷ୍ଟି କରାଯାଉଛି। ହିଂସା ପଛରେ ଏକ ଷଡ଼ଯନ୍ତ୍ର ରହିଛି। ଦିଲ୍ଲୀ ନିର୍ବାଚନ ବେଳେ ସାରା ଦେଶ ଏହାକୁ ଦେଖିଛି। ଅନେକ ଭାଜପା ନେତା ଆପତ୍ତିଜନକ ମନ୍ତବ୍ୟ ଦେଇ ସ୍ଥିତିକୁ ଅଧିକ ସଙ୍ଗିନ କରିବାରେ ଲାଗିଥିଲେ। ତେଣୁ ସ୍ୱରାଷ୍ଟ୍ରମନ୍ତ୍ରୀ ଏଥିପାଇଁ ନିଜକୁ ଉତ୍ତରଦାୟୀ କରି ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସୋନିଆ ଦାବି କରିଛନ୍ତି।

# ଜୈବିକ କୃଷି ଉପରେ ସରକାରଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାସାୟନିକ ସାରକୁ ବର୍ଜନ କରି ଜୈବିକ ସାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ଲାଗି ରାଜ୍ୟ ସରକାର ଓଡ଼ିଶା ଜୈବିକ କୃଷି ନୀତି ପ୍ରଣୟନ କରିଛନ୍ତି। ରାଜ୍ୟରେ ସମୁଦାୟ ୧୮ଟି ଜିଲାର ମୋଟ ୨୬,୫୦୦ ଏକର ଜମିରେ ଜୈବିକ ଚାଷ କରାଯାଉଛି। ଏଥିପାଇଁ ରାଜ୍ୟ ସରକାର ୨୦୧୯-୨୦ ବଜେଟରେ ୩ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି। କେନ୍ଦ୍ର ସରକାରଙ୍କ ଦ୍ୱାରା ନିଷେଧ କରାଯାଇଥିବା କୀଟନାଶକ ବ୍ୟବହାର ନ କରିବା ଲାଗି ରାଜ୍ୟ ସରକାର ଜିଲା କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରେ ୬୫,୮୫୦ ଏକର ଜମିରେ ଜୈବିକ ପଦ୍ଧତିରେ ଶସ୍ୟ, ଡାଲିଜାତୀୟ, ତୈଳବୀଜ, ମସଲା, ପନିପରିବା, ଫଳ ଏବଂ ଅନ୍ୟାନ୍ୟ ଫସଲ ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି। ଏହା ରାଜ୍ୟର ସମୁଦାୟ ଚାଷଜମିର ୦.୪୨%। ବରଗଡ଼ ଜିଲାରେ ୭୫୦ ଏକର, କଳାହାଣ୍ଡିରେ ୧୦୫୦, କନ୍ଧମାଳରେ ୩୩୦୦, ରାୟଗଡ଼ାରେ ୧୦୫୦, ନୟାଗଡ଼ରେ ୧୦୦୦, ସମ୍ବଲପୁରରେ ୨୫୦, ସୁନ୍ଦରଗଡ଼ରେ ୧୩୦୦, କୋରାପୁଟରେ୧୩୦୦, କେନ୍ଦୁଝରରେ ୨୫୦୦, ଗଞ୍ଜାମରେ ୧୨୫୦ ଏବଂ ଦେବଗଡ଼ ଜିଲାରେ ୧୩୦୦ ଏକର ଜମିରେ ଜୈବିକ ଚାଷ କରାଯାଉଛି। ସେହିପରି ଗଜପତି ଜିଲାରେ ୧୩୦୦ ଏକର ଜମିରେ ଜୈବିକ ଚାଷ ହେଉଥିବା ବେଳେ ମୟୂରଭଞ୍ଜରେ ୩୮୦୦, ବଲାଙ୍ଗୀରରେ ୧୨୫୦, ନିମାପଡ଼ାରେ ୧୨୫୦, ନବରଙ୍ଗପୁରରେ ୧୩୦୦, ମାଲକାନଗିରିରେ ୧୩୦୦ ଏବଂ ବାଲେଶ୍ୱରରେ ୧୨୫୦ ଏକର ଜମିରେ ଜୈବିକ ଚାଷ କରାଯାଉଛି। ଏଥିରେ ମୋଟ ୨୦,୪୭୬ ଜଣ ଚାଷୀ ନିୟୋଜିତ ଅଛନ୍ତି। ଭାଜପା ସଭ୍ୟ ମୋହନ ଚରଣ ମାଝିଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ କୁମାର ସାହୁ ବୁଧବାର ବିଧାନସଭାରେ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଅତ୍ୟଧିକ ସାର ଓ କୀଟନାଶକ ପ୍ରୟୋଗ ଦ୍ୱାରା ପରିବେଶ ଓ ମାଟି ଉପରେ କୁପ୍ରଭାବ ପଡ଼ିଥାଏ। ସରକାରଙ୍କ ପକ୍ଷରୁ ସ୍ଥିତି ପରୀକ୍ଷା ସହ ଗ୍ରାମପଞ୍ଚାୟତସ୍ତରରେ ଚାଷୀମାନଙ୍କୁ ସଚେତନ କରାଯାଉଛି। ଚାଷୀମାନେ ବ୍ୟବହାର କରୁଥିବା ଘାସମରା ଔଷଧ ପାରାକ୍ୟୁଆଟ ଏବଂ ଗ୍ଲିଫୋସେଟ୍ ଭଳି ମାରାତ୍ମକ ତୃଣନାଶକ ବିକ୍ରି ଉପରେ ପ୍ରତିବନ୍ଧକ ଲଗାଯାଇଛି।

- ୨ କମ୍ପାନୀର ବିପଜ୍ଜନକ ଘାସମରା ଔଷଧ ନିଷେଧ
- ୧୮ ଜିଲାର ୨୬,୫୦୦ ଏକର ଜମିରେ ହେଉଛି ଜୈବିକ ଚାଷ
- ଚଳିତ ବର୍ଷ ଜୈବିକ ଚାଷ ପାଇଁ ୩ କୋଟି ବ୍ୟୟବରାଦ

### ଘାତକ ହେଲା ...

ଦେଖିବା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ରହିଛି। କୌଣସି ପ୍ରକାର ଅପ୍ରୀତିକର ସ୍ଥିତିକୁ ଏଡ଼ାଇବା ଲାଗି ସୁରକ୍ଷା ବଳ କାହାକୁ ବାହାରକୁ ବାହାରିବାକୁ ଦେଉନାହାନ୍ତି। ଫଳରେ ଦଙ୍ଗା ପ୍ରଭାବିତ ଅଞ୍ଚଳରେ ଦୋକାନବଜାର, ସ୍କୁଲ କଲେଜ ବନ୍ଦ ରହିଛି। ରାସ୍ତାଗୁଡ଼ିକ ଖାଁ ଖାଁ ଲାଗୁଛି। ଏଭଳି ସମୟରେ ଉତ୍ତର-ପୂର୍ବ ଦିଲ୍ଲୀର ଚାନ୍ଦବାଗ ଅଞ୍ଚଳସ୍ଥିତ ଏକ ଡ୍ରେନ୍‌ରୁ ଆଇବି କର୍ମଚାରୀ ଅଙ୍କିତ ଶର୍ମାଙ୍କ ମୃତଦେହ ମିଳିଛି। ୨୬ ବର୍ଷୀୟ ଅଙ୍କିତ ମଙ୍ଗଳବାର ରାତିରୁ ନିଖୋଜ ଥିଲେ। ଟେକାମାଡ଼କାରୀଙ୍କ ଆକ୍ରମଣରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଏବେ ମଧ୍ୟ ଲୋକନାୟକ ଜୟପ୍ରକାଶ ହସ୍ପିଟାଲ ଓ ଗୁରୁ ତେଗ୍ ବାହାଦୁର ହସ୍ପିଟାଲରେ ଅନେକ ଗୁଳିବିଦ୍ଧ ଆହତ ଚିକିତ୍ସାଧୀନ ଅଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି। ଦଙ୍ଗାକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଥିବାରୁ ସ୍ଥିତିରେ ସୁଧାର ଆସୁନାହିଁ। କଂଗ୍ରେସ ଏଥିପାଇଁ ଭାଜପାକୁ ଦାୟୀ କରିଥିବାବେଳେ କେନ୍ଦ୍ରମନ୍ତ୍ରୀମାନେ କଂଗ୍ରେସକୁ ୧୯୮୪ ଦଙ୍ଗା ବେଳର କଥା ମନେ ପକାଇଦେଇଛନ୍ତି। କଂଗ୍ରେସ ପକ୍ଷରୁ ଏଆଇସିସି ମୁଖ୍ୟାଳୟରେ ଏକ ଶାନ୍ତି ଶୋଭାଯାତ୍ରା କରାଯାଇଛି। ଏଥିରେ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ମୁକୁଲ ୱାସ୍‌ନିକ୍, କେ.ସି. ବେଣୁଗୋପାଳ, ପି.ଏଲ୍. ପୁନିଆ, ରଣଦୀପ ସୁର୍ଜେୱାଲା, ରାଜୀବ ଗୌଡ଼ା, ଅଜୟ ସିଂ, ସୁସ୍ମିତା ଦେବ ଓ ମଣିଶଙ୍କର ଆୟାରଙ୍କ ଭଳି ବରିଷ୍ଠ ନେତାମାନେ ଭାଗ ନେଇଥିଲେ। ୨୪ ଆକବର ରୋଡ୍‌ରୁ ତିସ୍ ଜାନୁୟାରୀ ମାର୍ଗସ୍ଥିତ ଗାନ୍ଧୀ ସ୍ମୃତି ପର୍ଯ୍ୟନ୍ତ ହୋଇଥିବା ଶୋଭାଯାତ୍ରାରେ ମହାତ୍ମା ଗାନ୍ଧୀଙ୍କ ପ୍ରିୟ ଭଜନ 'ରଘୁପତି ରାଘବ ରାଜାରାମ' ଗାନ କରାଯାଇଥିଲା। ଉତ୍ତର-ପୂର୍ବ ଦିଲ୍ଲୀର ବାସିନ୍ଦା ହସିବ୍ ଅହଦ କହିଛନ୍ତି, ୧୯୮୪ ଓ ୧୯୯୨ ହିଂସା ପରେ ଏଭଳି ସ୍ଥିତି ଦେଖିବାକୁ ମିଳି ନ ଥିଲା।

### 'ନିର୍ବାଚନ ନୁହେଁ,...

ନେବା ପରେ ପଟ୍ଟନାୟକ ଦଳୀୟ ସାଧାରଣ ପରିଷଦ ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜୁବାବୁଙ୍କ କହିବାନୁଯାୟୀ ଲୋକମାନେ ହିଁ ଗଣତନ୍ତ୍ର ବ୍ୟବସ୍ଥାରେ ମାଲିକ। ସେମାନଙ୍କ ସେବା ପାଇଁ ରାଜନୈତିକ ବ୍ୟକ୍ତିବିଶେଷ ଏବଂ ଜନପ୍ରତିନିଧି କାର୍ଯ୍ୟ କରିଥାଆନ୍ତି। ଜନଗଣଙ୍କୁ ବିଜେଡି ସବୁ ସମୟରେ ଆଗରେ ରଖି ଆସିଛି, ତେଣୁ ଜନସାଧାରଣଙ୍କ ଆଶୀର୍ବାଦ ଦଳ ସହ ରହିଆସିଛି। ସେଥିପାଇଁ ଲୋକମାନେ ବିଜେଡିକୁ ବାରମ୍ବାର ଭୋଟ ଦେଇ ସେବା କରିବାର ସୁଯୋଗ ଦେଉଛନ୍ତି ବୋଲି ନବୀନ କହିଥିଲେ।

'ଜୟ ଜଗନ୍ନାଥ' ଉଚ୍ଚାରଣ କରି ବିଜେଡି ସଭାପତି ନିଜ ବକ୍ତବ୍ୟ ଆରମ୍ଭ କରିଥିଲେ। ତାଙ୍କୁ ଦଳର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ପକ୍ଷରୁ ଶ୍ରୀମନ୍ଦିରରୁ ଆସିଥିବା ଲାଲ୍ ରଙ୍ଗର ଗୀତଗୋବିନ୍ଦ ପାଟର ଉପଢୌକନ ପ୍ରଦାନ କରାଯାଇଥିଲା। ସାଧାରଣତଃ ପୁଷ୍ପଗୁଚ୍ଛ ଦେଇ ପ୍ରଥମେ ଜଣଙ୍କୁ ରାଜନୈତିକ ସଭାରେ ସମ୍ବର୍ଦ୍ଧିତ କରାଯାଇଥାଏ। ହେଲେ ଏଠି ସେପରି କିଛି ହେଲା ନାହିଁ, ଓଡ଼ିଶାର ପ୍ରସିଦ୍ଧ ଖଜା(ଫେଣୀ) ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା। ଏହା ପରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ଖଜା ବଣ୍ଟା ଯାଇଥିଲା। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ଓଡ଼ିଶାର ୪.୫ କୋଟି ଓଡ଼ିଆକୁ ପୁନର୍ବାର ଧନ୍ୟବାଦ ଦେଇଥିଲେ। ଲୋକମାନଙ୍କ ଭଲପାଇବା ପାଇଁ ସେ ସେମାନଙ୍କ ପାଖରେ ଚିରକୃତଜ୍ଞ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେହିଭଳି ଦଳୀୟ ସାଙ୍ଗଠନିକ ନିର୍ବାଚନକୁ ଶୃଙ୍ଖଳାର ସହ ପରିଚାଳନା କରିବାରେ ସହଯୋଗ କରିଥିବା ପ୍ରତି କର୍ମୀ, ନେତା ଏବଂ ଜନପ୍ରତିନିଧିଙ୍କୁ ସେ ଧନ୍ୟବାଦ ଦେଇଥିଲେ।

ଦେଶର ଥିବା ସଂଖ୍ୟାଧିକ ଆଞ୍ଚଳିକ ଦଳ ମଧ୍ୟରେ ବିଜେଡିର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଅନେକ ଆଞ୍ଚଳିକ ଦଳ ରାଜନୀତିରେ ଉତ୍‌ଥାନ ପତନ ଦେଖିଥିବା ବେଳେ ବିଜେଡି ସେଥିରୁ ବ୍ୟତିକ୍ରମ। ୨୦୦୦ ମସିହାଠାରୁ ଦଳ ଲଢିଥିବା ପ୍ରତ୍ୟେକ ବିଧାନସଭା ନିର୍ବାଚନରେ ବିଜୟୀ ହୋଇଚାଲିଛି। କିଛିମାସ ତଳେ ସମାପ୍ତ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେଡି ସଫଳତା ବଜାୟ ରଖିପାରିଛି। ହେଲେ ଲୋକ ସଭା ନିର୍ବାଚନରେ ପୂର୍ବପେକ୍ଷା ଏକାଧିକ ଆସନ ହରାଇଛି। ବିଜେଡି ଗଠନ ହେବା ଦିନ ନବୀନ ପଟ୍ଟନାୟକଙ୍କୁ ସଭାପତି କରାଯାଇଥିଲା। ଏହାପରେ ନିୟମିତ ବ୍ୟବଧାନରେ ୭ଥର ସାଙ୍ଗଠନିକ ନିର୍ବାଚନ ହୋଇଆସିଛି। ପ୍ରତି ଥର ସଭାପତି ମୁକୁଟ ନବୀନଙ୍କ ପାଖକୁ ହିଁ ଯାଇଛି। ଦିନ କେଇଟା ପରେ ବିଜୁ ପଟ୍ଟନାୟକ ଜୟନ୍ତୀଙ୍କୁ ବିଜେଡି ଓ ରାଜ୍ୟ ସରକାର ମହାସମାରୋହରେ ପାଳନ କରିବାକୁ ଯାଉଛନ୍ତି। ଏହାକୁ ସଫଳତାର ସହ କରିବା ନବୀନଙ୍କ ପ୍ରଥମ କାର୍ଯ୍ୟ ହେବ। ଏହା ପରେ ବିଭିନ୍ନ ଛାମୁଆ ସଙ୍ଗଠନଗୁଡ଼ିକର ପୁନର୍ଗଠନ, ପୌର ଏବଂ ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ମଧ୍ୟ ବିଜେଡି ସଭାପତିଙ୍କ ପାଇଁ ଅନ୍ୟ ପ୍ରମୁଖ ଆହ୍ୱାନ।

ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଦଳର ସାଧାରଣ ସମ୍ପାଦକ(ସଙ୍ଗଠନ) ପ୍ରଣବ ପ୍ରକାଶ ଦାସ, ସଞ୍ଜୟ ଦାସବର୍ମା(ମୁଖ୍ୟାଳୟ), ସଂସଦୀୟ ଦଳ ନେତା(ଲୋକ ସଭା) ପିନାକୀ ମିଶ୍ର, ପ୍ରସନ୍ନ ଆଚାର୍ଯ୍ୟ(ରାଜ୍ୟ ସଭା), ବିଧାୟକ ଦେବୀ ପ୍ରସାଦ ମିଶ୍ର, ଉଷାଦେବୀ, ପ୍ରମିଳା ମଲ୍ଲିକ, ଏ.ୟୁ. ସିଂଦେଓ, ନରେନ୍ଦ୍ର ସ୍ୱାଇଁ, ଭର୍ତ୍ତୃହରି ମହତାବ, ନିରଞ୍ଜନ ପୂଜାରୀ ଏବଂ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉପସ୍ଥିତ ରହିଥିଲେ। ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ମନ୍ତ୍ରୀ ପରିଷଦର ସମସ୍ତ ସଦସ୍ୟ, ବିଧାୟକ, ଏମ୍‌ପିଗଣ ଏବଂ ଛାମୁଆ ସଙ୍ଗଠନର ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ।

# ରଣ ଦେବା ନାମରେ ୨୩ଲକ୍ଷ ଠକେଇ

ଖଇରା, ୨୬।୨(ଡି.ଏନ.ଏ.)

ଋଣ ଯୋଗାଇ ଦେବାର ପ୍ରଲୋଭନ ଦେଖାଇ ଏକ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଅଞ୍ଚଳର ଲୋକଙ୍କଠାରୁ ୨୩ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଛି। ଲୋକଙ୍କ ପାଖରୁ ସିଧାସଳଖ ଅର୍ଥ ନ ଆଣି କେତେକ ପଞ୍ଚାୟତ ଓ ବ୍ଲକସ୍ତରୀୟ ସଂଯୋଜକ ନିଯୁକ୍ତ କରି ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ସଂଯୋଜକଙ୍କୁ ଠକି ଫେରାର ହୋଇଯିବାକୁ ଉଦ୍ୟମ କରୁଥିବା ଏହି କମ୍ପାନୀ ବିରୋଧରେ ସଂଯୋଜକମାନେ ଖଇରା ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇବା ସହ ବୁଧବାର କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସଂସ୍ଥା ଅର୍ଥ ନ ଫେରାଇଲେ କିମ୍ବା ଖାଉଟିଙ୍କୁ ଋଣ ନ ଦେଲେ ଆଗକୁ ଅନଶନରେ ବସିବେ ବୋଲି ସଂଯୋଜକ ଅଚ୍ୟୁତାନନ୍ଦ ଜେନା, ଜଗନ୍ନାଥ ପୃଷ୍ଟି, ସଭ୍ୟ ବଂଶୀଧର ପତି, ଜଗବନ୍ଧୁ ବେହେରା, ସୁବ୍ରତ ସାହୁ, ପ୍ରଭାକର ରାଉତ, ଗଦାଧର ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି। ଅନ୍ୟୂନ ୧୦ମାସ ତଳେ ଋଣମୁକ୍ତି ଅଭିଯାନ ନାମରେ ଉକ୍ତ ସଂସ୍ଥା ପ୍ରତ୍ୟେକ ବ୍ୟକ୍ତିଙ୍କ ନିକଟରୁ ୩୨୫ ଟଙ୍କା ଲେଖାଏଁ ଆଦାୟ କରିଥିଲା। ଏଥିପାଇଁ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାରେ ୪୪ଜଣ ପଞ୍ଚାୟତ ଓ ବ୍ଲକ ସଂଯୋଜକ ନିଯୁକ୍ତ କରିଥିଲା। ଏହି କମ୍ପାନୀ ସଂଯୋଜକମାନଙ୍କୁ ମାସକୁ ୧୫ହଜାର ଟଙ୍କାର ଦରମା ଲୋଭ ଦେଖାଇ ୭ହଜାର ଲୋକଙ୍କୁ କମ୍ପାନୀ ସଦସ୍ୟ କରାଇ ଜଣ ପିଛା ୩୨୫ଟଙ୍କା କରି ମୋଟ ୨୨ଲକ୍ଷ ୭୫ହଜାର ଟଙ୍କା ଆଦାୟ କରିଥିଲା। ଏହି ଜମା ବଦଳରେ ଋଣ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏବେ କମ୍ପାନୀ ଋଣ ଦେବାକୁ ରୋକଠୋକ ମନା କରୁଛି। ସଭ୍ୟମାନେ ଋଣ ନ ପାଇ ସଂଯୋଜକମାନଙ୍କୁ ଦାୟୀ କରି ଧମକଚମକ ଦେବା ଆରମ୍ଭ କରିଥିବାରୁ ଉଭୟ ସଂଯୋଜକ ଓ ସଭ୍ୟ ନାନା ଆଶଙ୍କା ମଧ୍ୟ ଦେଇ ଗତି କରୁଛନ୍ତି। କମ୍ପାନୀ ସଂସ୍ଥା ବନ୍ଦ କରି ପଳାଇବା ପୂର୍ବରୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସଭ୍ୟ, ସଂଯୋଜକମାନେ କ୍ରାଇମବ୍ରାଞ୍ଚ ନିକଟରେ ଦାବି କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** କର୍ମଭାବସ୍ଥ କର୍ମାଧିପତି ଯୋଗୁ ପ୍ରତ୍ୟେକ ପ୍ରକାରର ପରିସ୍ଥିତିକୁ ସାମନା କରି ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ଶୁଭକାର୍ଯ୍ୟ ପରିପ୍ରେକ୍ଷୀରେ ଆତ୍ମୀୟମାନଙ୍କ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ମଧ୍ୟ କାମରେ ଶିଥିଳତା ପରିଲକ୍ଷିତ ହେବ।

**ବୃଷ** ରବି ଓ ବୁଧ କେନ୍ଦ୍ରସ୍ଥ ଯୋଗୁ ପାରିବାରିକ ସମ୍ପର୍କ, ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭ କରିବେ। ସମ୍ପର୍କୀୟଙ୍କ କାମରେ ହସି ହସି ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ବହୁତ ଦିନରୁ ଚାହିଁ ବସିଥିବା ପ୍ରତୀକ୍ଷିତ ଖବର ହଠାତ୍ ପାଇ ଖୁସି ହୋଇଯିବେ। କଠୋର ଶ୍ରମ ଯୋଗୁ ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

**ମିଥୁନ** କର୍ମସ୍ଥ ଶୁକ୍ର ଓ ଚନ୍ଦ୍ର ପ୍ରଭାବରୁ ଆର୍ଥିକ ଉନ୍ନତି ସହ ମନୋରଞ୍ଜନ ଉପକରଣ କ୍ରୟ କରିପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହେବ। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ବିଳମ୍ବରେ ଆଜିର କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ।

**କର୍କଟ** ଦିନଟି ବହୁତ ଭଲ। ସାଙ୍ଗସାଥୀ, ବନ୍ଧୁବର୍ଗଙ୍କ ସହ ହସଖୁସି ମଧ୍ୟରେ ସମୟ କଟାଇବେ। ସାମାନ୍ୟ ଖର୍ଚ୍ଚାନ୍ତ ହୋଇ ଦୀର୍ଘଦିନର ଆଶା ଚରିତାର୍ଥ କରିପାରନ୍ତି। ଅଫିସ୍ ସମ୍ବନ୍ଧୀୟ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ଅଶ୍ଳେଷା ନକ୍ଷତ୍ର ସକାଶେ ସାହାଯ୍ୟର ଗନ୍ଧ ନ ଥାଇ ସାଙ୍ଗମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିପାରେ।

**ସିଂହ** ଉଚ୍ଚଭାବରେ କର୍ମାଧିପ ଯୋଗୁ ଆଗାମୀ କାର୍ଯ୍ୟ ସକାଶେ ନିକଟ ସମ୍ପର୍କୀୟମାନଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମ କଲେ ଅବଶ୍ୟ ଉପକୃତ ହେବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କେତେକ ଘରୋଇ କାମ ସକାଶେ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** ରାଶିପ୍ରତି ଚନ୍ଦ୍ର ଓ ଶୁକ୍ରଙ୍କ ଦୃଷ୍ଟିରୁ ପାରିବାରିକ ସ୍ତରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଅର୍ଥନୈତିକ ଅଭିବୃଦ୍ଧି, ନୂତନ ବନ୍ଧୁସମ୍ପର୍କ, ମାଙ୍ଗଳିକ କାମର ପ୍ରସ୍ତୁତିରେ ଖୁସି ଅନୁଭବ କରିବେ।

**ତୁଳା** ପାପଗ୍ରହମାନଙ୍କ କୁପ୍ରଭାବରେ ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ସରକାରୀ ଦପ୍ତରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହେବାର ସୂଚନା ରହିଛି। ଆକସ୍ମିକ ଆବଶ୍ୟକତା ପୂରଣ କ୍ଷେତ୍ରରେ ସମ୍ପର୍କୀୟ ଜଣେ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ବୃତ୍ତିଗତ ଧନ୍ଦାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ବିଛା** ଶୁକ୍ର ଓ ଚନ୍ଦ୍ରଙ୍କ କୋଣଭାବର ସୁପ୍ରଭାବରେ ବନ୍ଧୁଙ୍କ ଆଦର, ପରିବାରର ସ୍ନେହ, କର୍ମକ୍ଷେତ୍ରରେ ସମ୍ମାନ ଲାଭ କରିବେ। ଆର୍ଥିକ ଉନ୍ନତି, ସ୍ଥଗିତ କାର୍ଯ୍ୟାରମ୍ଭ କରିପାରନ୍ତି। ରାସ୍ତାରେ ଗମନାଗମନ କ୍ଷେତ୍ରରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଜମିଜମା କ୍ଷେତ୍ରରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ଧନୁ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବା ସହ ଅଟକି ରହିଥିବା କାମକୁ ତ୍ୱରାନ୍ୱିତ ପାଇଁ ଚେଷ୍ଟା କରିବେ। ପ୍ରତିଦ୍ୱନ୍ଦ୍ୱିତାଜନିତ ପରିବହନ କ୍ଷେତ୍ରରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ। ବନ୍ଧୁମେଳରେ ଅପମାନଜନକ କଥାଶୁଣି ମନସ୍ତାପ କରିପାରନ୍ତି। ବାରମ୍ବାର ଚେଷ୍ଟାକଲେ ମଧ୍ୟ ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ।

**ମକର** ସପ୍ତମାଧିପ ଶୁକ୍ର ଭାଗ୍ୟସ୍ଥାନକୁ ଦେଖୁଥିବାରୁ ଆପଣଙ୍କ ଚିନ୍ତା ଓ ଭାବନା ବାସ୍ତବତାରେ ପରିଣତ ହୋଇପାରିବ। ଧନିଷ୍ଠା ନକ୍ଷତ୍ରର କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବାର ସୂଚନା ରହିଛି। ବ୍ୟବସାୟିକ ସ୍ଥିତି ଭଲ ରହିବା ସହ ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି।

**କୁମ୍ଭ** ବିଷମ ପରିସ୍ଥିତିରେ ମଧ୍ୟ ନମ୍ରଭାବ ପୋଷଣକରି କର୍ମକ୍ଷେତ୍ରର ଉତ୍ତେଜନାକୁ ପ୍ରଶମିତ କରିପାରିବେ। ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଅଭାବ ଅସୁବିଧାକୁ ଦୂରେଇବାରେ ସମର୍ଥ ହେବେ। ପାରିବାରିକ ଖର୍ଚ୍ଚର ଭରଣା କରିବାକୁ ଧାର ଉଧାର କରିବାକୁ ପଡ଼ିପାରେ। ସଭାସମିତିରେ ଜଣେ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ସବୁ ସୁବିଧା ଥାଇ ମଧ୍ୟ କାମ ହାସଲ ନ ହେବା କାରଣରୁ ମାନସିକ ଅସ୍ଥିରତା ସୃଷ୍ଟିହେବ। ଈର୍ଷାପରାୟଣ ବ୍ୟକ୍ତିମାନେ ହଠାତ୍ ବିରୋଧୀ ମନୋବୃତ୍ତି ନେଇ ସକ୍ରିୟ ହୋଇଉଠିବେ। ସବୁ କ୍ଷେତ୍ରରେ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବାରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ।

ଆଜି ଫାଲ୍‌ଗୁନ ଶୁକ୍ଳ ଚତୁର୍ଥୀ ଗୁରୁବାର, ଫେବୃୟାରୀ ୨୭ ତାରିଖ, ରାଶିନକ୍ଷତ୍ର-ରେବତୀ/ମୀନ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଦିବା ଘ୧୦।୩୦ମି. ଗତେ ଘ୧୧।୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୩୮ମି. ମଧ୍ୟେ ଘ୧୧।୫୬ମି. ଗତେ ଘ୧।୨୨ମି. ମଧ୍ୟେ ମାହେନ୍ଦ୍ର ବେଳା। ଅପରାହ୍ନ ଘ୧।୨୬ମି. ଗତେ ଘ୨।୫୪ମି. ମଧ୍ୟେ ରାହୁକାଳ।


## classifieds Everyday 0674-2580101, 2549302



**SALE**

2015 Bullet Electra, excellent condition, running 14,000k.m, price- Rs.1,20,000/-. Contact: 9778209002, 7978453578. D-16895



**SALE**

Gharabari Sthitiban land 3k.m. from Hanspal (Rasulgarh). Call: 9937816565, 9937568585. D-69225

ବାଲିଅନ୍ତା ପାଖରେ ସଙ୍ଗେ ସଙ୍ଗେ ଘରକଲା ଭଳି ଘରବାରି ବାଉଣ୍ଡରି, ଇଲେକ୍ଟ୍ରି ସୁବିଧା ଥାଇ ପ୍ଲଟ୍ ମିଳୁଅଛି। 9437166686, 7609956035. D-68487

Own land 2600sqft. sthitiban near AIIMS for sale, Price-2700/-sqft. (negotiable), Contact-7684983099. D-16839

ସୁନ୍ଦରପଦା Hitech Plaza ପାଖରେ 30'ରାସ୍ତା, ଘରବାରି, boundary, ଇଲେକ୍ଟ୍ରିସିଟି ଥାଇ ପ୍ଲଟ୍ ବିକ୍ରି ହେଉଛି। 6370292040. D-68495

**Self plot at Brahmanjharilo, Cuttack, BBSR-13k.m, Cuttack-20k.m, 30' road, Gharabari, compound wall, electricity, near CBSE English Medium School at a reasonable price. 7809525452.** D-68791



Two independent single rooms with balcony, toilet, kitchen near Unit-8 DAV for Executives. 9438250900. D-69226

2BHK flat with parking at Lingipur rent family. Contact: 7894381416. D-59945

Space suitable for Godowns, Nursing Home and Educational Institute with open area 2 Acre having boundary walls & office at Old Industrial Estate, Jagatpur. Contact: 9437496020, 9437021279. D-16900

Independent bungalow, six rooms and 800sqft. centre room. Parking area 1500sqft. Suitable for bank, office, officer's quarter, office cum godown. Very near to Mahanadi-Zobra barrage at Nimpur Canal road. Contact: 9937547222, 9338112817. D-16893



Ayurvedic full body massage ladies/gents smart experts therapist:- 8480939300. D-68790

Full body herbal massage with refreshment expert therapist. 7381239385, 06742540855. D-69213

Experience full body massage with us (expert). Call: 7377048581, 06742597822. D-69214

Ayurvedic full body massage by ladies, gents therapist. 7008773793 D-60873

Herbal full body massage by smart / expert therapist. Contact: 8338067247. D-69215

Newly open full body massage by ladies, gents therapist. 8018656899 D-60872

Experience winter therapeutic Abhyanga massage feeling refreshing energetic: Appointment-9668374480. D-69216

Body massage @ 1099 at mystic Unisex Salon and Spa. 9556978408. D-69218

Rejuvenate and Ayurvedic full body massage by smart therapist. 9114402304. D-69217

Sai herbal spa refresh your body with smart, expert therapist. 7608062524. D-69222

Monalisa Massage Club: All types body massage with hiprofile smart lady rooms service available- 9708545108. D-16879

Ayurvedic refreshment massage therapy refresh mind and body. Appointment: 7894855541. D-68598

**AFFIDAVIT**

By virtue of an affidavits before Executive Magistrate, Bhubaneswar, I have changed my name from Puja Kumari to Pujarani Saha on Dated:17-02-2020 for all purposes. Pujarani Saha. D-68671

**ଜନ୍ମଦିନ ଶୁଭେଚ୍ଛା**





**ଶୁଭଦର୍ଶିନୀ ବିଶ୍ୱକର୍ମା**
ବିଶ୍ୱନାଥପୁର, ବାଲିପାଟଣା, ଖୋର୍ଦ୍ଧା
ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମକୁ ଦୀର୍ଘାୟୁ ଓ ତୁମର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ବାବା: ଗଙ୍ଗାଧର ଓଝା, ମାମା: ବନକ ବାସିନୀ ଓଝା, ବୋଉ, ଆଈ, ପିଇସା, ପିଉସୀ, ମଉସା, ମାଉସୀମାନେ ଓ ବନ୍ଧୁ ପରିବାରବର୍ଗ।
ଧ-୬୮୭୯୧

**ଜନ୍ମଦିନ ଶୁଭେଚ୍ଛା**





**ସନ୍ଧ୍ୟାରାଣୀ କେତକୀ**
ବିଶିକଲୋନୀ, ନୂଆପଡ଼ା
ତୁମ ୨୫ତମ ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା। ତୁମର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରାର୍ଥନା।
-:ଶୁଭେଚ୍ଛା ସହ:-
ରତନ, ସନାତନ, ଯୁଧିଷ୍ଠିର, ଚନ୍ଦନ, ଚୂଡାମଣୀ, ଅରୁଣ, ଉମାକାନ୍ତୀ, ସଂଯୁକ୍ତା, ଟିକେଲାଲ୍, ସୀମା, ସ୍ମୃତି, କୁନ୍ନ, କୁନାଲ୍, ସବିତା, ସୋମ, ଶୁଭମ, ସ୍ୱାଗତ, ତନ୍ମୟ, କ୍ଷୀତେଶ।
ଧ-୬୮୭୯୮

**LOST**

ମୁଁ ଶ୍ରୀକାନ୍ତ ପଟ୍ଟନାୟକ, ପିତା- ବୈରାଗୀ ଚରଣ ପଟ୍ଟନାୟକ ୨୮।୦୧।୨୦୨୦ ଦିନ ଧରିତ୍ରୀ ଏବଂ Orissa Postରେ advertisement ବାହାର କରିଥିଲି। ମୋର ଦଲିଲ ନଂ. 2441, dtd.30.06.1997କୁ ପାହାଳ ମାର୍କେଟରେ xerox କରୁଥିବା ସମୟରେ ହଜେଇ ଦେଇଥିଲି। ବହୁ ଚେଷ୍ଟା ସତ୍ତ୍ୱେ ପାଇନଥିଲି। ଏଥିପାଇଁ ମୁଁ ପାହାଳ Out postରେ FIR ଦେଇଥିଲି SDE No. 9, dtd.24.01.2020. ମୁଁ ଏହି ଦଲିଲକୁ କୌଣସି ବ୍ୟାଙ୍କରେ କିମ୍ବା ଋଣ ପ୍ରଦାନ କରୁଥିବା ସଂସ୍ଥାରେ ବନ୍ଧକ ହିସାବରେ ଦେଇନାହିଁ। ଯଦି କୌଣସି ବ୍ୟାଙ୍କ୍, ଲୋକ, ଋଣ ପ୍ରଦାନକାରୀ ସଂସ୍ଥାର objection ଥାଏ ତେବେ ଭୁବନେଶ୍ୱର RACPC ରେ ଜଣାଇବାକୁ ଅନୁରୋଧ। ମୋର କୁରୁଣ୍ଟି ମୌଜାରେ ଥିବା ଏହି ଘରକୁ ମୁଁ ଶୁଭସ୍ମିତା ପରିଡ଼ାଙ୍କ education loan ପାଇଁ guarantor ହିସାବରେ ପ୍ରଦାନ କରୁଛି। D-16894

ମୁଁ ଅମରନାଥ ପ୍ରଧାନ, ପିତା- ସ୍ୱର୍ଗତ ବିଶ୍ୱନାଥ ପ୍ରଧାନ ଗ୍ରାମ- ଅମଳାପଡ଼ା, ଥାନା/ପୋ/ଜିଲ୍ଲା- ଅନୁଗୋଳ ଲେଖି ଜଣାଉଛି ଯେ ମୋର ଜାଗାବାଡିର ଜରୁରୀ ଦସ୍ତାବିଜ ଯାହାକି ଏକ ଲିଜ୍‌ଡିଡ୍ ନଂ. ୧୦୮୯, ତା.୨୨।୦୩।୨୦୨୦ ସବ୍‌ରେଜିଷ୍ଟ୍ରାର ଅନୁଗୋଳଙ୍କର, ଅନୁଗୋଳ ସହରରେ କେଉଁଆଡେ ହଜିଯାଇଛି। ଏଥିପାଇଁ ଆମ୍ଭେ ଗତ ୨୩।୦୨।୨୦୨୦ରିଖ ଥାନାରେ ଏତଲା ଦେଇଅଛୁ। ଉକ୍ତ କାଗଜଟି ପାଇଲେ ନିମ୍ନ 9938420022 ରେ ଯୋଗାଯୋଗ କରିବା ପାଇଁ ଅନୁରୋଧ। D-16899

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## କନ୍ୟାର ଗଳା କାଟିଦେଲେ ଭାବୀ ସ୍ୱାମୀ

**ପଟ୍ଟାଙ୍ଗି, ୨୬।୨ (ଡି.ଏନ୍.ଏ.):** କଥା କଟାକଟିରୁ ଭାବୀ ସ୍ତ୍ରୀଙ୍କ ଗଳା କାଟିଦେଇଛନ୍ତି ବର। କୋରାପୁଟ ଜିଲା ପଟ୍ଟାଙ୍ଗି ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ପଟ୍ଟାଙ୍ଗି ଥାନା ନୂଆଗୁଡ଼ା ଗ୍ରାମର ବିଶ୍ୱନାଥ ଗୁଣ୍ଟାଙ୍କ ସହ ଚନ୍ଦକା ପଞ୍ଚାୟତର ଚିନ୍ତାଲଗୁଡ଼ା ଗ୍ରାମର ଜଣେ ଝିଅଙ୍କ ନିର୍ବନ୍ଧ ସରିଥିଲା। ମଙ୍ଗଳବାର ରାତିରେ ହଠାତ୍ ସେ ଝିଅଘରେ ପହଞ୍ଚି କୌଣସି କାରଣରୁ ଭାବୀ ସ୍ତ୍ରୀଙ୍କ ବେକ କାଟି ଦେଇଥିଲେ। ପୋଲିସ ମାମଲା ରୁଜୁକରି ବିଶ୍ୱନାଥଙ୍କୁ ପଚରାଉଚୁରା କରୁଛି।



**ସଂକ୍ଷେପରେ**

## ଶେଷ ହେଲା ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ଷୋଡଶ ବିଧାନସଭାର ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। କିଛିଦିନ ବିରତି ପରେ ପୁଣି ମାର୍ଚ୍ଚ ୧୧ ତାରିଖରୁ ବିଧାନସଭାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଚଳିତ ଅଧିବେଶନ ଫେବୃୟାରୀ ୧୪ ତାରିଖରୁ ଆରମ୍ଭ ହୋଇଥିଲା। ଏଥିରେ ମୋଟ ୧୦ଟି କାର୍ଯ୍ୟଦିବସ ଥିଲା। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାର ବଜେଟ ଗୃହରେ ଉପସ୍ଥାପନ କରିଛନ୍ତି। ଏଥିସହିତ ପଛୁଆ ବର୍ଗଙ୍କ ଗଣନା ପାଇଁ ବିଧାନସଭାରେ ଏକ ବିଲ୍ ଆଣିଛନ୍ତି। ଚାଷୀ ଓ ଧାନ ସଂଗ୍ରହକୁ ନେଇ ବିଧାନସଭାରେ ବିରୋଧୀ ଏବଂ ସରକାର ମୁହାଁମୁହିଁ ହୋଇଥିଲେ। ରାଜ୍ୟପାଳଙ୍କ ଅଭିଭାଷଣ ସାଙ୍ଗକୁ ଅର୍ଥନୈତିକ ସର୍ଭେ ରିପୋର୍ଟ ଏବଂ ପଞ୍ଚମ ଅର୍ଥ କମିଶନଙ୍କ ରିପୋର୍ଟ ମଧ୍ୟ ସରକାର ଗୃହରେ ଉପସ୍ଥାପନ କରିଛନ୍ତି।

# କଦଳୀ ଉତ୍ପାଦନକୁ ନେଇ ବିଧାନସଭାରେ ଉଦ୍‌ବେଗ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

- ଆସନ୍ତା ୫ ବର୍ଷରେ କଦଳୀ ଉତ୍ପାଦନରେ ରାଜ୍ୟ ଆତ୍ମନିର୍ଭରଶୀଳ ହେବ: ମନ୍ତ୍ରୀ
- ୨୦୨୦-୨୧ରେ ୭ ଜିଲାରେ କଦଳୀଚାଷୀଙ୍କୁ ୧ ଲକ୍ଷ ଟଙ୍କା ସହାୟତା ମିଳିବ



ଫଳ, ଅଣ୍ଡା, ମାଛ, ମାଂସ, କଦଳୀ ସବୁ ଆନ୍ଧ୍ରରୁ ଆସୁଛି। ୨୦ ଲକ୍ଷ ମେଟ୍ରିକ ଟନ୍ କଦଳୀର ଚାହିଦା ଥିବା ବେଳେ ୧୫ ଲକ୍ଷ ଟନ ଆନ୍ଧ୍ରରୁ ଆସୁଛି। ଫଳମୂଳ ତଥା ପନିପରିବା ଚାଷକୁ ସରକାର ପୋତ୍ସାହନ ଦେଉନାହାନ୍ତି। ଖାଲି ଲେଖି ପଢ଼ିଦେଲେ ରାଜ୍ୟ ଆତ୍ମନିର୍ଭରଶୀଳ ହେବ ନାହିଁ। ସେଥିପାଇଁ ସ୍ୱତନ୍ତ୍ର ତାଲିମ ଦେବା ସହ କଦଳୀ, ପନିପରିବା, ଫଳ ଚାଷ କରିବା ଲାଗି ସରକାର ଆନ୍ତରିକତା ଦେଖାଇବା ଦରକାର। କଦଳୀ ଚାଷକୁ ନେଇ ବୁଧବାର ପ୍ରଶ୍ନୋତ୍ତର ବେଳେ ବିରୋଧୀ ଦଳର ସଭ୍ୟମାନେ କୃଷି ଓ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁଙ୍କୁ ଏଭଳି ଢଙ୍ଗରେ ଆକ୍ରମଣ କରିଥିଲେ। କେବଳ ବିରୋଧୀ ନୁହନ୍ତି ଶାସକ ଦଳର ସଭ୍ୟ ମଧ୍ୟ ରାଜ୍ୟରେ କଦଳୀ ଚାଷ ଓ ଉତ୍ପାଦନ କମିବାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ।

ମନ୍ତ୍ରୀ କହିଥିଲେ ଯେ, କେବଳ ଆନ୍ଧ୍ର ନୁହେଁ, ମହାରାଷ୍ଟ୍ର ଏବଂ ଅନ୍ୟ ରାଜ୍ୟରୁ ମଧ୍ୟ କଦଳୀ ଓଡ଼ିଶାକୁ ଆସୁଛି। ଫଳ, ଅଣ୍ଡା, ମାଂସ, ମାଛ ଉତ୍ପାଦନରେ ରାଜ୍ୟ ବହୁ ଆଗକୁ ଯାଇଛି। ରାଜ୍ୟରେ ବାର୍ଷିକ ପ୍ରାୟ ୨୨ହଜାର ହେକ୍ଟର ଜମିରେ କଦଳୀ ଚାଷ କରାଯାଇ ୪ଲକ୍ଷ ୮ହଜାର ମେଟ୍ରିକ ଟନ୍ କଦଳୀ ଉତ୍ପାଦନ ହେଉଛି। ଲୋକଙ୍କ ମନରେ ଏକ ଧାରଣା ସୃଷ୍ଟି ହୋଇଛି ଯେ, ସବୁ ଆନ୍ଧ୍ରରୁ ଆସୁଛି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ କୃଷି ନୀତି ଯୋଗୁ ରାଜ୍ୟରେ ଫଳ, ଅଣ୍ଡା, ମାଛ, ମାଂସ ତଥା ଅନ୍ୟାନ୍ୟ ପନିପରିବା ଉତ୍ପାଦନ ବୃଦ୍ଧି ପାଇଛି।

ବିଜେଡି ସଭ୍ୟ ସୌଭିକ ବିଶ୍ୱାଳ ମୂଳ ପ୍ରଶ୍ନରେ ପଚାରିଥିଲେ ଯେ, ରାଜ୍ୟରେ ବାର୍ଷିକ କେତେ ପରିମାଣର କଦଳୀର ଆବଶ୍ୟକତା ଥିବା ବେଳେ ଆମ ରାଜ୍ୟରେ କେତେ ଆମଦାନୀ ହେଉଛି। ରାଜ୍ୟକୁ କଦଳୀ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ଲାଗି ସରକାର କି ପଦକ୍ଷେପ ନେଉଛନ୍ତି। ମନ୍ତ୍ରୀ କହିଥିଲେ, ବର୍ଷର ସବୁ ସମୟରେ କଦଳୀର ଆବଶ୍ୟକତା ରହିଥାଏ। ରାଜ୍ୟକୁ ଉତ୍ପାଦନରେ ଆତ୍ମନିର୍ଭରଶୀଳ କରିବା ଲାଗି ସରକାର ଉଦ୍ୟମ ଜାରି ରଖିଛନ୍ତି। ୨୦୧୨-୧୩ରେ କଦଳୀ ଚାଷକୁ ପ୍ରୋତ୍ସାହିତ କରିବା ଲାଗି ସ୍ୱତନ୍ତ୍ର ଉଦ୍ୟମ କରିଥିଲେ। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ କଦଳୀ ଚାଷୀଙ୍କୁ ସହାୟତା ଦିଆଯାଇଛି। ପ୍ରାଥମିକ ଅବସ୍ଥାରେ ଅଧିକ ଉତ୍ପାଦନ ହେଉଥିବା କଦଳୀ ଚାଷକୁ କୃଷକଙ୍କ ନିକଟତର କରିବା ଲାଗି ଟିସୁ କଲ୍ଚର କଦଳୀ ଚାରା ଉତ୍ପାଦନକାରୀ ସଂସ୍ଥା ସହ ସରକାର ଚୁକ୍ତିପତ୍ର ସ୍ୱାକ୍ଷର କରିଛନ୍ତି। ଜାତୀୟ ଉଦ୍ୟାନ କୃଷି ମିଶନ ଓ ରାଜ୍ୟ ଯୋଜନାରେ କଦଳୀ ଚାଷ ପାଇଁ ହେକ୍ଟର ପ୍ରତି ୪୦ ହଜାର୯୮୫ଟଙ୍କାର ସହାୟତା ଦିଆଯାଉଛି। ବୁନ୍ଦା ଜଳସେଚନ ନିମନ୍ତେ ୮୦%ରୁ ୯୦% ରିହାତି ଦିଆଯାଉଛି। ସେହିଭଳି ରୋଗପୋକ ଏବଂ ଖାଦ୍ୟସାରର ସମନ୍ୱିତ ପରିଚାଳନା ପାଇଁ ହେକ୍ଟର ପ୍ରତି ୧୨ଶହ ଟଙ୍କାର ସହାୟତା ଦିଆଯାଉଛି। କଦଳୀ ପଚାଇବା ଲାଗି ଗୃହ ପ୍ରତିଷ୍ଠା ନିମନ୍ତେ ସରକାର ୩୫ରୁ ୫୦% ରିହାତି ଯୋଗାଇ ଦେଉଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷରୁ ରାଜ୍ୟ ଯୋଜନାରେ ଅନୁଗୋଳ, ଦେବଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବଲାଙ୍ଗୀର ଏବଂ କଳାହାଣ୍ଡି ଜିଲାରେ କଦଳୀ ଉତ୍ପାଦନ ବୃଦ୍ଧି ଲାଗି ହେକ୍ଟର ପ୍ରତି ୧ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ମୂଳ ପ୍ରଶ୍ନକର୍ତ୍ତା ପୁଣି ପଚାରିଥିଲେ, ଆମ ରାଜ୍ୟ କେବେ ସୁଦ୍ଧା କଦଳୀ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ। କଂଗ୍ରେସ ସଭ୍ୟ ସୁରେଶ କୁମାର ରାଉତରାୟ କହିଥିଲେ ଯେ, ରାଜ୍ୟରେ ଚାହିଦାର ମାତ୍ର ୧ ଭାଗ ଉତ୍ପାଦନ ହେଉଛି। ପୁରୀ, ଡେଲାଙ୍ଗ, ନିମାପଡ଼ା, ଚନ୍ଦନପୁର, ଖୋର୍ଦ୍ଧାରେ ପ୍ରଚୁର କଦଳୀ ଚାଷ ହେଉଥିଲା। ପ୍ରୋତ୍ସାହନ ଅଭାବରୁ ଏହା ଧୀରେ ଧୀରେ ହ୍ରାସ ପାଇଲାଣି। ସରକାର ଯୁବତୀଯୁବକଙ୍କୁ ଏ ବିଷୟରେ ତାଲିମ ଦିଅନ୍ତୁ ବୋଲି କହିଥିଲେ। ବିଜେଡି ସଭ୍ୟ ଅମର ଶତପଥୀ ଏବଂ ଭାଜପା ସଭ୍ୟ ଗଣେଶ ରାମ ଖୁଣ୍ଟିଆ କହିଥିଲେ ଯେ, ରାଜ୍ୟର ଆବଶ୍ୟକତା କେତେ। ସେ ବିଷୟରେ ଅଧ୍ୟୟନ ହୋଇଛି କି ନାହିଁ। ମହାବିନାୟକ ଉଦ୍ୟାନକୁ ପୁନରୁଦ୍ଧାର କରିବେ କି। ମୟୂରଭଞ୍ଜ ଜିଲାରେ ପ୍ରଚୁର କଦଳୀ ଉତ୍ପାଦନ ହେଉଥିଲେ ମଧ୍ୟ ସରକାର ଏ ଦିଗରେ ଧ୍ୟାନ ଦେଉନାହାନ୍ତି। ମନ୍ତ୍ରୀ କହିଥିଲେ ଯେ, ଆସନ୍ତା ୫ ବର୍ଷ ମଧ୍ୟରେ ରାଜ୍ୟ କଦଳୀ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହୋଇଯିବ। ଗୃହର ଉଦ୍‌ବେଗକୁ ଦେଖି ବାଚସ୍ପତି ମନ୍ତ୍ରୀଙ୍କୁ କହିଥିଲେ ଯେ, ଏକ ଟିମ୍ ନେଇ ରାଜମହେନ୍ଦ୍ରୀ ନିକଟରେ ଥିବା ରାଉଲପାଲମ୍‌କୁ ଯାଇ ସେଠିକାର ସ୍ଥିତି ଅନୁଧ୍ୟାନ କରନ୍ତୁ। ସେଠାରୁ ପ୍ରତିଦିନ ୧୦ହଜାର ଟନ୍ କଦଳୀ ବିଭିନ୍ନ ଅଞ୍ଚଳକୁ ଯାଉଛି। କଦଳୀ କୁଆଡୁ ଆସୁଛି କେମିତି ଯାଉଛି ଯାଇ ଟିମକୁ ଦେଖାନ୍ତୁ ବୋଲି ପରାମର୍ଶ ଦେଇଥିଲେ।

## ଚୋରି କରିବାକୁ ଆସି ମହିଳାଙ୍କୁ ଗଣବଳାତ୍କାର

**ରାଉରକେଲା ଅଫିସ,୨୬।୨**

ଷ୍ଟିଲ ସିଟିର ବ୍ରାହ୍ମଣୀତରଙ୍ଗ ଥାନା କାଲୁଙ୍ଗା ଫାଣ୍ଡିର ଗୋଠିଧର ଅଞ୍ଚଳରେ ଚୋରି କରିବାକୁ ଆସି ରବିବାର ରାତିରେ ଜଣେ ମହିଳାଙ୍କୁ ଗଣବଳାତ୍କାର କରାଯାଇଛି। ଏନେଇ ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା (ନଂ. ୪୫। ୨୦୨୦) ରୁଜୁ କରି ତଦନ୍ତ କରୁଛି। ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଛି। ସମ୍ପୃକ୍ତ ଚୋର ଦଳକୁ ଠାବ କରିବାକୁ ପୋଲିସ ତନାଘନା ଚଳାଇଛି। ଏହି ଚୋର ଦଳ ସ୍ଥାନୀୟ ଅଞ୍ଚଳର ଏକ କ୍ରଶର ସାଇଡିଂକୁ ଚୋରି ଉଦ୍ଦେଶ୍ୟରେ ପଶିଥିଲେ। ଲକ୍ଷାଧିକ ଟଙ୍କା ମୂଲ୍ୟର ମୋଟର ଚୋରି ପରେ ପାଖ ଘର ଉପର ମହଲାକୁ ଚଢ଼ିଥିଲେ। ସେଠାରେ ରହୁଥିବା କେୟାର ଟେକର ଏହାର ବିରୋଧ କରିବାରୁ ତାଙ୍କ ମୁହଁକୁ ଏକ କପଡ଼ାରେ ବାନ୍ଧିଦେଇ ଉପର ମହଲାକୁ ଯାଇଥିଲେ। ପରେ ଉପର ମହଲାରେ ଏକ ଘରେ ଶୋଇଥିବା ବିବାହିତ ମହିଳାଙ୍କୁ ଚୋରମାନେ ବଳାତ୍କାର କରି ଫେରାର୍ ହୋଇ ଯାଇଥିଲେ। ଏହି ଦଳରେ ୭ଜଣ ଥିବା କୁହାଯାଉଛି। ପ୍ରଥମେ ଚୋରି ଓ ପରେ ମହିଳାଙ୍କ ବୟାନ ଅନୁସାରେ ବଳାତ୍କାର ମାମଲା ରୁଜୁ କରାଯାଇଛି।

# ରାଜ୍ୟର ୩୪୩୯୪ ସ୍କୁଲରେ ନାହିଁ ଶୌଚାଳୟ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

- ୯୦ ସ୍କୁଲରେ କଳାପଟା ନାହିଁ
- ୩୫୬୭୯ ସ୍କୁଲରେ ନାହିଁ ବିଜୁଳି ବ୍ୟବସ୍ଥା
- ରାୟଗଡ଼ାରେ ସର୍ବାଧିକ ଡ୍ରପ୍‌ଆଉଟ୍

ରାଜ୍ୟରେ ଶିକ୍ଷାର ଉନ୍ନତି ଲାଗି ସରକାର ବିଭିନ୍ନ ଯୋଜନା କରୁଛନ୍ତି। ହେଲେ ଶିକ୍ଷା ବ୍ୟବସ୍ଥାର ବାସ୍ତବ ଚିତ୍ରରେ ତାହା ପ୍ରତିଫଳିତ ହେଉନାହିଁ। ବୁଧବାର ବିଧାନସଭାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ଦ୍ୱାରା ପ୍ରଦତ୍ତ ଏକ ତଥ୍ୟରୁ ଏହା ଜଣାପଡ଼ିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ରାଜ୍ୟର ସମସ୍ତ ୫୧୪୩୪ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ପିଇବା ପାଣି ବ୍ୟବସ୍ଥା ଥିବାବେଳେ ୩୪୩୯୪ ସ୍କୁଲରେ ପାଣି ସହିତ ଶୌଚାଳୟ ବ୍ୟବସ୍ଥା ନାହିଁ। ସେହିଭଳି ୩୫୬୭୯ ସ୍କୁଲରେ ବିଜୁଳିର ବ୍ୟବସ୍ଥା ନ ଥିବାବେଳେ ୩୭୬୪୫ ସ୍କୁଲରେ ଖେଳପଡ଼ିଆ ଏବଂ ୨୪୫୧ ସ୍କୁଲରେ ପାଠାଗାର ନାହିଁ। ସବୁଠୁ ବଡ଼ କଥା ହେଉଛି, ୯୦ ସ୍କୁଲରେ କଳାପଟା ନାହିଁ। ଏହାସହ ୧୬୩୬୮ ସ୍କୁଲରେ ପାଚେରି ନାହିଁ ବୋଲି ମନ୍ତ୍ରୀ ଦାଶ ତଥ୍ୟ ପ୍ରଦାନ କରିଛନ୍ତି। ରାଜ୍ୟରେ ଥିବା ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟରେ ଭିତ୍ତିଭୂମି କିଭଳି ରହିଛି, କେତେ ସଂଖ୍ୟକ ଛାତ୍ରୀଛାତ୍ର ସରକାରୀ ସ୍କୁଲ ଛାଡ଼ି ଘରୋଇ ବିଦ୍ୟାଳୟ ଯାଇଛନ୍ତି, ସେ ବାବଦରେ ବିଜେପି ବିଧାୟକ ମୋହନ ଚରଣ ମାଝୀ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ରଖି ମନ୍ତ୍ରୀ ଉପରୋକ୍ତ ସୂଚନା ଦେଇଛନ୍ତି। ଏହାଛଡ଼ା ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟର ଡ୍ରପ୍‌ଆଉଟ୍ ପରିମାଣ ହେଉଛି ୫.୪୨%। ରାୟଗଡ଼ା ଜିଲା ପ୍ରାଥମିକ ବିଦ୍ୟାଳୟରେ ସର୍ବାଧିକ ୧୧.୬୭% ପିଲା ଅଧାରୁ ପାଠ ଛାଡ଼ିଥିବାବେଳେ କେନ୍ଦ୍ରାପଡ଼ାରେ ୮.୯୩% ଏବଂ କଳାହାଣ୍ଡିରେ ୮.୪୬% ପିଲା ପାଠ ଛାଡ଼ିଛନ୍ତି। ସେହିପରି ଉଚ୍ଚପ୍ରାଥମିକ ସ୍ତରରେ ମଧ୍ୟ ରାୟଗଡ଼ା ଜିଲାରେ ଡ୍ରପ୍‌ଆଉଟ୍ ହାର ସର୍ବାଧିକ। ରାୟଗଡ଼ାରେ ୧୭.୧୦% ପିଲା ଅଧାରୁ ସ୍କୁଲ ଛାଡ଼ିଥିବାବେଳେ ମାଲକାନଗିରିରେ ୧୩.୭୮% ଓ ଯାଜପୁରରେ ୧୨.୬୩% ପିଲା ପଢ଼ା ଛାଡ଼ିଛନ୍ତି। ସେହିପରି ମାଧ୍ୟମିକ ସ୍ତରରେ ପୁରୀରେ ସର୍ବାଧିକ ୧୦.୫%, ବାଲେଶ୍ୱରରେ ୮.୭୩% ଓ ସମ୍ବଲପୁରରେ ୮.୧୬% ପିଲା ଡ୍ରପ୍‌ଆଉଟ୍ ଥିବା ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି।

# ସରିଲା ଅନୁପଙ୍କ ରିମାଣ୍ଡ ଅବଧି

**ଝାରସୁଗୁଡା ଅଫିସ,୨୬।୨:** କଳ୍ପନା ଦାଶ ଓ ବବ୍‌ଲି ହତ୍ୟାକାଣ୍ଡ ଘଟଣାରେ ଗିରଫ ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଛତିଶଗଡ଼ ରାୟଗଡ ପୋଲିସ ଦ୍ୱିତୀୟ ଥର ପାଇଁ ମଙ୍ଗଳବାର ଅପରାହ୍ନରେ ରିମାଣ୍ଡରେ ନେଇଥିଲା। ବୁଧବାର ଅପରାହ୍ନରେ ଅନୁପଙ୍କ ରିମାଣ୍ଡ ଅବଧି ଶେଷ ହୋଇ ଯାଇଥିବାରୁ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ଏହା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସେହିପରି କୋର୍ଟ ବୁଧବାର ଅନୁପଙ୍କ ନାର୍କୋ ଟେଷ୍ଟ ଓ ବ୍ରେନ୍ ମ୍ୟାପିଂ ଆବେଦନର ବିଚାର କରିଛନ୍ତି। ଗୁରୁବାର ଏହାର ଶୁଣାଣି କରିବା ନେଇ ରାୟ ଦେଇଥିଲେ। ଅନ୍ୟ ପକ୍ଷରେ ୨ରୁ ୩ ଦିନ ମଧ୍ୟରେ ଅନୁପଙ୍କ ଜାମିନ ଆବେଦନ କରାଯିବ ବୋଲି ତାଙ୍କ ଓକିଲ ବିଜୟ ସରାଫ କହିଛନ୍ତି। ଅନୁପଙ୍କୁ ରିମାଣ୍ଡ ଅବଧି ମଧ୍ୟରେ ପୋଲିସ ଚକ୍ରଧରନଗର ଥାନାରେ ରଖି ପଚରାଉଚୁରା କରିଥିଲା। ହେଲେ ଅନୁପ ପୋଲିସକୁ କୌଣସି ନୂଆ ତଥ୍ୟ ଦେଇନାହାନ୍ତି। ପୂର୍ବରୁ ଅନୁପଙ୍କୁ ପୋଲିସ ୩ ଦିନିଆ ରିମାଣ୍ଡରେ ଆଣିଥିଲେ ସୁଦ୍ଧା ପଚରାଉଚୁରା ବେଳେ ସେ ପୋଲିସକୁ କିଛି ତଥ୍ୟ ନ ଦେବାରୁ ପୁନର୍ବାର ଦିନିକିଆ ରିମାଣ୍ଡରେ ନେଇ ପଚରାଉଚୁରା କରିଥିଲା। ହେଲେ ପୋଲିସ ନୂଆ ତଥ୍ୟ ଯୋଗାଡ କରିବାରେ ବିଫଳ ହୋଇଛି। ତେବେ ଅନୁପଙ୍କ ନାର୍କୋ ଟେଷ୍ଟ ଏବଂ ବ୍ରେନ୍ ମ୍ୟାପିଂ ଉପରେ ହିଁ ପୋଲିସ ଶେଷ ଭରସା ରଖିଛି। ଅନ୍ୟପକ୍ଷରେ ହତ୍ୟାକାଣ୍ଡରେ ବ୍ୟବହୃତ ବୋଲେରୋ ଏବଂ ଲୁହା ରଡ୍ ଏଯାଏଁ ପୋଲିସ ହାତରେ ଲାଗିନାହିଁ। ତେବେ ହତ୍ୟକାଣ୍ଡରେ ବ୍ୟବହୃତ ସାମଗ୍ରୀ ନ ମିଳିଲେ ସୁଦ୍ଧା ଅନୁପଙ୍କ ବିରୋଧରେ ପ୍ରମାଣ ଥିବା ରାୟଗଡ ଆଡିଶନାଲ ଏସ୍‌ପି ଅଭିଷେକ ବର୍ମା କହିଛନ୍ତି।



**କଳ୍ପନା, ବବ୍‌ଲି ହତ୍ୟା ଘଟଣା**

### ରାଧାରାଣୀଙ୍କ ସହଯୋଗୀ ଥିଲେ କଳ୍ପନା



ଭାଜପା ନେତ୍ରୀ ତଥା ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡାଙ୍କ ସହଯୋଗୀ ଥିଲେ ମୃତ କଳ୍ପନା ଦାଶ। ଏହା ଖୋଦ୍ ରାଧାରାଣୀ ବୁଧବାର ଗଣମାଧ୍ୟମ ସମ୍ମୁଖରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ୨୦୦୪ ପର୍ଯ୍ୟନ୍ତ କଳ୍ପନା ତାଙ୍କର ବ୍ୟକ୍ତିଗତ ସହଯୋଗୀ ଭାବେ ତାଙ୍କ ସହିତ ରହୁଥିଲେ। ସେହି ସମୟରେ ସେ ବିଜେଡିରେ ଥିଲେ । ହେଲେ ଦଳ ଟିକଟ ନ ଦେବାରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ସେ ନିର୍ବାଚନ ଲଢ଼ିଥିଲେ। ଏତିକିବେଳେ ରାଧାରାଣୀଙ୍କ ସହିତ ସମସ୍ତ କାର୍ଯ୍ୟକ୍ରମରେ କଳ୍ପନା ପାଖେ ପାଖେ ରହୁଥିଲେ। ବିବାହ ବିଚ୍ଛେଦ ପରେ କଳ୍ପନା ଓକିଲାତି ପଢ଼ିବାକୁ ଆଗ୍ରହ ଦେଖାଇଥିଲେ। ଏଥିରେ ରାଧାରାଣୀ ତାଙ୍କୁ ବ୍ୟକ୍ତିଗତ ଭାବେ ସହଯୋଗ କରିଥିଲେ। ପରେ ଅନୁପଙ୍କ ସହିତ କଳ୍ପନାଙ୍କ ସମ୍ପର୍କ ବଢ଼ିଥିଲା। ତେବେ ସେ ନିଖୋଜ ହେବା ପରେ ସନ୍ଦେହ ବଢ଼ିଥିଲା। ଅନ୍ୟପକ୍ଷରେ କଳ୍ପନାଙ୍କ ବାପଘର ଲୋକେ ନିଖୋଜ ପରେ ବି ଚୁପ ରହିଥିଲେ। ତେବେ ତାଙ୍କ ପୂର୍ବତନ ସ୍ୱାମୀ କିନ୍ତୁ ଏ ନେଇ ଅବଗତ କରାଇଥିଲେ ବୋଲି ରାଧାରାଣୀ କହିଛନ୍ତି। ଜଣେ ଜନପ୍ରତିନିଧି ହତ୍ୟା ମାମଲାରେ ସମ୍ପୃକ୍ତ ରହିବା ନିହାତି ଗ୍ରହଣୀୟ ନୁହେଁ। ଛତିଶଗଡ ପୋଲିସ ନିଶ୍ଚୟ ନ୍ୟାୟ ପ୍ରଦାନ କରିବ ବୋଲି ଆଶା ଥିବା ରାଧାରାଣୀ କହିଛନ୍ତି।

### ହୋଟେଲରେ ମିଛ ତଥ୍ୟ ଦେଇଥିଲେ

କଳ୍ପନା ଦାଶ ଓ ତାଙ୍କ ଝିଅ ବବ୍‌ଲି ଭୁବନେଶ୍ୱରରୁ ୨୦୧୬ ମେ ୫ ତାରିଖ ରାତିରେ ଏକ ବସ୍‌ରେ ଝାରସୁଗୁଡା ଆସିଥିଲେ। ଏହି ବସ୍ ପଛରେ ଅନୁପ ଏଠାକୁ ଆସିଥିଲେ। ପରେ ମା' ଝିଅ ଏକ ହୋଟେଲରେ ରହିବା ପରେ ୬ ତାରିଖ ରାତିରେ ରାୟଗଡ ଅଭିମୁଖେ ସମସ୍ତେ ଯାଇଥିଲେ। ଚକ୍ରଧରନଗର ଥାନା ଅଧୀନ ହମିରପୁର ଜଙ୍ଗଲ ରାସ୍ତାରେ ରାତିରେ ଅନୁପ ଉଭୟଙ୍କୁ ହତ୍ୟା କରିଥିଲେ ବୋଲି ଛତିଶଗଡ ପୋଲିସ କହୁଛି। ଏହାସହିତ କଳ୍ପନା କେଉଁ ହୋଟେଲରେ ରହୁଥିଲେ ସେ ନେଇ ମଧ୍ୟ ପୋଲିସ ଖୋଳତାଡ କରିଛି। ମିଳିଥିବା ସୂଚନା ମୁତାବକ ଝାରସୁଗୁଡା ସହରର ଏକ ପ୍ରତିଷ୍ଠିତ ହୋଟେଲରେ ଏମାନେ ରହିଥିଲେ। ହୋଟେଲର ରେଜିଷ୍ଟରରୁ ଯାହା ତଥ୍ୟ ମିଳିଛି ସେଥିରୁ ଜଣାପଡୁଛି ଯେ, କଳ୍ପନା ମିଛ ପରିଚୟ ଦେଇଥିଲେ। ହୋଟେଲ ରେଜିଷ୍ଟରରେ ତାଙ୍କ ନାମ କେ.ଦାଶ ଲେଖିଥିବା ବେଳେ ସେ କଟକର ଓକିଲ ବୋଲି ଦର୍ଶାଇଥିଲେ। ତାଙ୍କ ସହ ଅନ୍ୟ ଜଣେ ପିଙ୍କି ଦାଶ ଥିବା ଲେଖିଥିଲେ। ତେବେ ସେ ତାଙ୍କ ଝିଅର ପ୍ରକୃତ ପରିଚୟ ଲୁଚାଇ ପିଙ୍କି ଲେଖିଥିବା ସନ୍ଦେହ କରାଯାଉଛି। କଳ୍ପନା ତାଙ୍କ ଝିଅ ନାମ ବବ୍‌ଲି ବଦଳରେ ପିଙ୍କି କାହିଁକି ଲେଖିଲେ ତାହା ସନ୍ଦେହ ସୃଷ୍ଟି କରିଛି। ୬ ତାରିଖ ସକାଳ ୬ଟାରେ ସେମାନେ ହୋଟେଲରେ ରହିବାକୁ ଆସିଥିବା ବେଳେ ସେମାନଙ୍କ ଠିକଣା ଭୁବନେଶ୍ୱର ପୋଖରୀପୁଟ ବୋଲି ରେଜିଷ୍ଟରରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷେ କଳ୍ପନା ଭୁବନେଶ୍ୱର ସୁନ୍ଦରପଦାର ଏକ ଘରେ ରହୁଥିବା ପୋଲିସ କହୁଛି। ତେବେ କଳ୍ପନା ଜାଣିଶୁଣି ହୋଟେଲରେ ମିଛ ତଥ୍ୟ ଦେଇଥିଲେ ନା ତାଙ୍କୁ ଏଭଳି କରିବାକୁ କୁହାଯାଇଥିଲା ସେ ଦିଗକୁ ମଧ୍ୟ ପୋଲିସ ଗୁରୁତର ସହ ନେଇ ତଦନ୍ତ କରୁଛି।

## କପି କରି ଧରାପଡ଼ିଲେ ୨୪୩

**କଟକ ଅଫିସ,୨୬।୨:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷାରେ ବୁଧବାର ୨୪୩ ଜଣ ପରୀକ୍ଷାର୍ଥୀ କପି କରି ଧରାପଡ଼ିବା ସହ ମାଲପ୍ରାକ୍ଟିସ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଗଣିତ ପରୀକ୍ଷାର ୧୮୮ଜଣ, ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ବିଜ୍ଞାନ ପରୀକ୍ଷାର ୫୨ଜଣ ଓ ମଧ୍ୟମା ବିଜ୍ଞାନ ପରୀକ୍ଷାର ୩ଜଣ ଛାତ୍ରୀଛାତ୍ର ରହିଛନ୍ତି। ଆସନ୍ତା ୨୮ ତାରିଖରେ ମାଟ୍ରିକ ପରୀକ୍ଷାର୍ଥୀ ବିଜ୍ଞାନ ପରୀକ୍ଷା ଦେବେ।

## ୨ ନକଲି ପରୀକ୍ଷାର୍ଥୀ ଗିରଫ

**ନୟାଗଡ଼ ଅଫିସ/ ରଣପୁର, ୨୬।୨ (ସ୍ୱ.ପ୍ର.):** ନୟାଗଡ଼ ଜିଲା ରଣପୁର ବ୍ଲକର ଏକ ମାଟ୍ରିକ ପରୀକ୍ଷା କେନ୍ଦ୍ରରୁ ବୁଧବାର ୨ ନକଲି ପରୀକ୍ଷାର୍ଥୀ ଗିରଫ ହୋଇଛନ୍ତି। ଏହାସହ ୧୪ ଜଣ ଏକ୍ସପେଲ୍ ହୋଇଛନ୍ତି। ଜିଲା ଶିକ୍ଷାଧିକାରୀ (ଡିଇଓ) ଲକ୍ଷ୍ମୀଧର ବେହେରାଙ୍କ ସୂଚନା ଅନୁସାରେ ସ୍ଥାନୀୟ ଏକ ଉଚ୍ଚ ବିଦ୍ୟାଳୟର ୩୩ ଛାତ୍ରୀଛାତ୍ରଙ୍କ ସେଣ୍ଟର ଉକ୍ତ ବିଦ୍ୟାଳୟରେ ପଡ଼ିଛି। ଏଥିରୁ ୧୩ ଜଣ ପ୍ରଥମରୁ ଅନୁପସ୍ଥିତ ଥିଲେ। ବୁଧବାର ଗଣିତ ପରୀକ୍ଷା ଥିଲା। ଉକ୍ତ କେନ୍ଦ୍ରକୁ ମୁଁ ଓ ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ର କୁମାର ସାହୁ ବୁଧବାର ଯାଇଥିଲୁ। ଯାଞ୍ଚ ବେଳେ ୧୪ ପରୀକ୍ଷାର୍ଥୀଙ୍କ କାଗଜପତ୍ର ଠିକ୍ ନ ଥିଲା। କାହାର ଫଟୋ ଠିକ୍ ନ ଥିବାବେଳେ ଆଉ କେତେଜଣଙ୍କର ଦସ୍ତଖତ ମ୍ୟାଚ କରୁ ନ ଥିଲା। କେତେଜଣ ମାଟ୍ରିକ ଫେଲ୍ ପରୀକ୍ଷାର୍ଥୀ ମଧ୍ୟ ଥିଲେ। ଏଣୁ ସେମାନଙ୍କୁ ଏକ୍ସପେଲ୍ କରାଯାଇଛି। ସେହିପରି ୨ଜଣ ନକଲି ପରୀକ୍ଷାର୍ଥୀଙ୍କୁ ରଣପୁର ଥାନାର ସୁନାଖଳା ଫାଣ୍ଡି ପୋଲିସ ଗିରଫ କରିଛି। ସେମାନେ ଯୁକ୍ତ ୨ ଶ୍ରେଣୀରେ ପଢୁଥିବା ୨ ଛାତ୍ରୀ ବୋଲି ପୋଲିସ କହିଛି।



**ଜିଲା ଚିଠି**
**ଢେଙ୍କାନାଳ**

## ସ୍ୱର୍ଣ୍ଣ ତ୍ରିଭୁଜକୁ ହତାଦର

ପ୍ରସିଦ୍ଧ ଶୈବକ୍ଷେତ୍ର କପିଳାସ, ମହିମା ଧର୍ମର ପ୍ରମୁଖ ପୀଠ ଯୋରନ୍ଦା ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ସପ୍ତଶଯ୍ୟା। ଢେଙ୍କାନାଳ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ୱର୍ଣ୍ଣ ତ୍ରିଭୁଜ ଭାବେ ପରିଚିତ ଏହି ଦର୍ଶନୀୟସ୍ଥାନ ସାରା ବିଶ୍ୱର ପର୍ଯ୍ୟଟକଙ୍କୁ ଆକର୍ଷିତ କରିବାର କ୍ଷମତା ରଖେ। ପର୍ଯ୍ୟଟନ ବିଭବରେ ଭରପୂର ଏହି ସ୍ଥାନକୁ ଜାତୀୟସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରାଗଲେ ପର୍ଯ୍ୟାପ୍ତ ରାଜସ୍ୱ ଆଦାୟର ସୁଯୋଗ ରହିଛି। ହେଲେ ସରକାରୀ ଉଦାସୀନତା ଏବଂ ହତାଦର ଯୋଗୁ ଦୀର୍ଘଦିନ ପରେ ବି ଅବହେଳିତ ଅବସ୍ଥାରେ ରହିଛି ସ୍ୱର୍ଣ୍ଣ ତ୍ରିଭୁଜ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କପିଳାସ ଶୈବପୀଠର ଗୁରୁତ୍ୱ ଅନେକ। ଦୀର୍ଘଦିନ ହେଲା ଏହାର ଉନ୍ନୟନମୂଳକ କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ତତ୍ତ୍ୱାବଧାନରେ ଚାଲିଛି। ତେବେ ଆଇନଗତ କଟକଣା ଯୋଗୁ ଏଠାରେ ଜିଲା ପ୍ରଶାସନ ଟଙ୍କାଟିଏ ମଧ୍ୟ ଖର୍ଚ୍ଚ କରିପାରୁନାହିଁ। ଜାଗରଯାତ୍ରା ସମୟରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ଦୃଷ୍ଟିରୁ କାଁ ଭାଁ କାମ ହେଉଛି। ତାହା ବି କେବଳ ମୁଖଶାଳା ଆଖପାଖ ଅଞ୍ଚଳରେ ସୀମିତ। ଯଦିଓ ପ୍ରତ୍ନତତ୍ତ୍ୱ ବିଭାଗ ହାତରେ ପୀଠର ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ନ୍ୟସ୍ତ କରାଯାଇଛି, ହେଲେ ଏହା ବି ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ଅନୁରୂପ ସମସ୍ୟାରେ ଛନ୍ଦି ହୋଇଛି ବିଶ୍ୱ ପ୍ରସିଦ୍ଧ ମହିମାଧର୍ମ ପୀଠ ଯୋରନ୍ଦା। ଏଠାରେ ପାନୀୟ ଜଳ ଯୋଗାଣ, ଆଲୋକୀକରଣ, ରାସ୍ତାଘାଟ, ଯାତ୍ରୀ ବିଶ୍ରାମାଗାର ଭଳି ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ। କହିବାକୁ ଗଲେ ଯୋରନ୍ଦାର ଉନ୍ନତି କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ସେହିପରି ସବୁଜିମାରେ ଭରପୂର ସପ୍ତଶଯ୍ୟା ମଧ୍ୟ ଅବହେଳାର ଶିକାର ହୋଇ ରହିଛି। ଏଠାରେ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଯାହା କିଛି ଉନ୍ନୟନମୂଳକ କାର୍ଯ୍ୟ ଚାଲିଛି। ଏହାର ବିକାଶ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ବିଧିବଦ୍ଧ ଭାବେ ରୋଡ୍ ମ୍ୟାପ୍ ପ୍ରସ୍ତୁତ ହେଉନାହିଁ। ଫଳରେ ଏଠାକୁ ଆସୁଥିବା ପର୍ଯ୍ୟଟକମାନେ ଅନେକ ସମୟରେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ନିକଟରେ ଓଡ଼ିଶାର ମନ୍ଦିର ଏବଂ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକର ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ହେଲେ କପିଳାସ, ସପ୍ତଶଯ୍ୟା ଏବଂ ଯୋରନ୍ଦା ପ୍ରତି ସତେ ଯେମିତି ଆଖି ବୁଜିଦେଇଛନ୍ତି ସରକାର। ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ଆଗେଇ ଆସିଲେ ସ୍ୱର୍ଣ୍ଣ ତ୍ରିଭୁଜ ବିକାଶ ଦେଖିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

– ରତନ ନାୟାର

## ପୂର୍ବତନ ବିଧାୟକ ଅନାମ ନାଏକଙ୍କୁ ଜାମିନ

**କଟକ ଅଫିସ, ୨୬।୨:** କଳାହାଣ୍ଡି ଜିଲା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ଜାନୁୟାରୀ ୨୩ ତାରିଖରେ ଗିରଫ ହୋଇଥିଲେ। ବୁଧବାର ତାଙ୍କୁ ହାଇକୋର୍ଟରୁ ସର୍ତ୍ତମୂଳକ ଜାମିନ ମିଳିଛି। ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ଖଣ୍ଡପୀଠ ଅନାମଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି। ତଦନ୍ତରେ ସହଯୋଗ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ନିମ୍ନ ଅଦାଲତ ଅନ୍ୟ ସର୍ତ୍ତ ଧାର୍ଯ୍ୟ କରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି।

ସୂଚନାଯୋଗ୍ୟ, ଅନାମଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ତଲାସି ୱାରେଣ୍ଟ ବଳରେ କୋରାପୁଟ ଭିଜିଲାନ୍ସ ଡିଭିଜନ ପକ୍ଷରୁ ଜାନୁୟାରୀ ୧୭ ତାରିଖରେ ଅନାମଙ୍କ ଘର ସମେତ ମୋଟ ୪ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଯାଞ୍ଚ ବେଳେ ମୋଟ ୩ କୋଟି ୪୨ ଲକ୍ଷ ୯୯ହଜାର ୪୦୨ ଟଙ୍କାର ସ୍ଥାବର ଏବଂ ଅସ୍ଥାବର ସମ୍ପତ୍ତି ମିଳିଥିଲା। ତାଙ୍କର ନାକ୍ଟିଗୁଡ଼ାଠାରେ ଗୋଟିଏ ତିନି ମହଲା କୋଠା, ଦୁଇଟି ଏକ ମହଲା କୋଠା, ମାର୍କେଟ୍ କମ୍ପ୍ଲେକ୍ସ ଏବଂ ଗୋଟିଏ ଗ୍ୟାରେଜ୍‌ସହ ବିଭିନ୍ନ ସ୍ଥାନରେ ଡୁପ୍ଲେକ୍ସ ଲଜ୍ ଓ ମାର୍କେଟ କମ୍ପ୍ଲେକ୍ସ, ଟ୍ରାକ୍ଟର, ସ୍କର୍ପିଓ, କାର୍, ବାଇକ୍‌ସମେତ ବହୁପରିମାଣର ସୁନା ଅଳଙ୍କାର ଏବଂ ଜୀବନ ବୀମା ପଲିସି ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏ ନେଇ ଗତ ଜାନୁୟାରୀ ୨୩ ତାରିଖରେ କୋରାପୁଟ ଭିଜିଲାନ୍ସ ଥାନାରେ ୩/୨୦୨୦ରେ ଏକ ମାମଲା ରୁଜୁ କରାଯିବା ସହ ଅନାମଙ୍କୁ ଗିରଫ କରାଯାଇଥିଲା। ନିମ୍ନ ଅଦାଲତରେ ଜାମିନ ଆବେଦନ ଖାରଜ ହୋଇଯିବା ପରେ ସେ ଜାନୁୟାରୀ ୨୯ ତାରିଖରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।


**THE ODISHA MINING CORPORATION LIMITED**
OMC House, Bhubaneswar-751001, Odisha
CIN : U13100OR1956SGC000313, www.omcltd.in

OMC | ODISHA NEW OPPORTUNITIES

No.46/OMC
Date : 26.02.2020

**ADVERTISEMENT FOR RECRUITMENT OF NON-EXECUTIVES IN OMC LTD.**

The OMC, a Gold category and largest State PSU in Mining Sector in the Country, undertakes exploration, mining and trading of iron, chrome & bauxite ores. Inspired by the vision to emerge as the market leader and to play a catalytic role in the growth of industrialization, OMC caters to the requirements of mineral based industries. The Corporation has registered annual turnover of Rs.4053 Crores in FY 2018-19 and is on a high growth trajectory.

The Corporation intends to fill up the Non-Executive posts in different disciplines as under :

**VACANCY :-**

All the vacancies are against regular posts. However, the candidates shall initially be appointed as Trainees for a period of 1 (one) year from the date of joining the post with consolidated stipend. On successful completion of training period, the candidates shall be kept under probation initially for a period of one year during which the candidates shall be allowed the regular pay scale & other allowances.

| Sl. No. | Name of the Post & Grade | Scale of Pay | Total Vacancy | Category of Posts | | | |
|---|---|---|---|---|---|---|---|
| | | | | UR | SEBC | SC | ST |
| 1 | Jr. Executive Assistant (Class-III Grade) | Pay Level-8 Rs.29,200 to Rs.92,300 | 100 | 50 | 09 | 20 | 21 |
| 2 | Jr. Engineer (Mechanical) (Class-III Grade) | Pay Level-9 Rs.35,400 to Rs.1,12,400 | 05 | 02 | 01 | 00 | 02 |
| 3 | Jr. Engineer (Electrical) (Class-III Grade) | Pay Level-9 Rs.35,400 to Rs.1,12,400 | 14 | 08 | 01 | 02 | 03 |
| 4 | Jr. Nurse (Class-III Grade) | Pay Level-8 Rs.29,200 to Rs.92,300 (01 extra increment at the time of entry into regular post) | 07 | 05 | 01 | 01 | 00 |
| 5 | Jr. Pharmacist (Class-III Grade) | Pay Level-8 Rs.29,200 to Rs.92,300 | 02 | 01 | 00 | 01 | 00 |
| TOTAL | | | 128 | 66 | 12 | 24 | 26 |

Interested candidates fulfilling the eligibility criteria for respective posts may apply **through on-line process** of application available in OMC Website **omcltd.in** during the period **from 02.00PM of 27.02.2020 till 11.59 PM of 18.03.2020.**

The OMC Management reserves the right to cancel, amend or alter the above advertisement without assigning any reason thereof.

**Sd/-**
**General Manager (P&A)**

ନ୍ୟାୟ ଓ ସଦାଚାରର ପୂର୍ଣ୍ଣତା ନିମିତ୍ତ ଜଣେ ସନ୍ଥର ପବିତ୍ରତା ଯେତିକି ଆବଶ୍ୟକ - ଜଣେ ଯୋଦ୍ଧାର ଖଣ୍ଡା ମଧ୍ୟ ସେତିକି ଆବଶ୍ୟକ। ଶିବାଜୀଙ୍କ ବ୍ୟତୀତ ତାଙ୍କର ସନ୍ଥଗୁରୁ ରାମଦାସ ପୂର୍ଣ୍ଣ ହୋଇପାରନ୍ତି ନାହିଁ। ନ୍ୟାୟକୁ ରକ୍ଷା କରିବା ପାଇଁ ଓ ଦୁର୍ବଳକୁ ବଳବାନର ଅତ୍ୟାଚାରରୁ ରକ୍ଷାକରିବା ପାଇଁ କ୍ଷତ୍ରିୟ ବୃତ୍ତିର ସୃଷ୍ଟି ହୋଇଛି।

- ଶ୍ରୀଅରବିନ୍ଦ

# ପ୍ରାଣୀ ଦୌଡ଼ ଓ ନିର୍ଯାତନା

## ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

ବୋଧହୁଏ ମଣିଷ ଶରୀରରେ ଥିବା ଦୁଇଟି ପ୍ରମୁଖ ଜିନ୍ ହେଉଛି ବାଜି ମାରିବାକୁ ଭଲପାଇବା ଓ ଅନ୍ୟର ଯନ୍ତ୍ରଣା ପ୍ରତି ଉଦାସୀନ ରହିବା। ମଣିଷ ଯେତେବେଳେ ଘୋଡ଼ାଦୌଡ଼ ପ୍ରଭୃତି ପ୍ରତିଯୋଗିତାର ଆୟୋଜନ କରେ ଓ ସେଥିପାଇଁ ବାଜି ମାରେ ସେତେବେଳେ ତା'ଠାରେ ଏ ଦୁଇଟି ଜିନ୍ ଏକାଠି କାମ କରିଥାଏ। ଧନୀମାନେ ଘୋଡ଼ାଦୌଡ଼ରେ ଭାଗ ନିଅନ୍ତି। ଶୀଘ୍ର ଦୌଡ଼ିବା ଲାଗି ଘୋଡ଼ାର ଜନ୍ମ। ଅନେକ ଘୋଡ଼ାଙ୍କୁ ଏଥିପାଇଁ ଡ୍ରଗ୍ସ ଓ ହର୍ମୋନ ଇଞ୍ଜେକ୍ସନ ଦିଆଯାଏ। ଅଧିକ ଶ୍ୱାସ ଗ୍ରହଣ କରି ଶୀଘ୍ର ଦୌଡିବା ଲାଗି ଅସ୍ତ୍ରୋପଚାର ମାଧ୍ୟମରେ ଅନେକଙ୍କ ଶ୍ୱାସନଳୀ ଚଉଡ଼ା କରାଯାଇଥାଏ। ଘୋଡ଼ାଦୌଡ଼ର ସଇସ (ଜକି)ମାନେ ସେମାନଙ୍କୁ ଭୀଷଣ ଭାବେ ଚାବୁକ୍‌ରେ ପ୍ରହାର କରନ୍ତି। ଯଦି ପଡି କାହାର ଗୋଡ ଭାଙ୍ଗିଯାଏ, ତେବେ ତାକୁ ଗୁଳିକରି ମାରିଦିଆଯାଏ। ଆଉ ଯିଏ ରେସ୍‌ରେ ହାରିଯାଏ ତାକୁ ଜୀବନ୍ତ ପ୍ରତିଷେଧକ ଟିକା ଉତ୍ପାଦକ ଭାବେ ବ୍ୟବହାର ପାଇଁ ଲାବୋରେଟୋରିକୁ ବିକ୍ରି କରିଦିଆଯାଏ। ଏହି ଘୋଡ଼ାଙ୍କୁ ବିଷ ଇଞ୍ଜେକ୍ସନ ଦିଆଯାଏ ଓ ତାହା ରକ୍ତରେ ମିଶି ପରିପକ୍ୱ ହେବା ପରେ ସେହି ରକ୍ତକୁ ଶରୀରରୁ କାଢ଼ିନିଆଯାଏ। କେତେକଙ୍କୁ ଧନୀ ମାଲିକମାନେ ପାହାଡ଼ିଆ ସ୍ଥାନରେ ପର୍ଯ୍ୟଟକଙ୍କୁ ନେବା ଆଣିବା କରୁଥିବା ଲୋକଙ୍କୁ ବିକ୍ରି କରିଦିଅନ୍ତି। ଖରାପ ଖାଦ୍ୟ ଓ କ୍ଲାନ୍ତି ଯୋଗୁ ମଲା ପର୍ଯ୍ୟନ୍ତ ସେମାନଙ୍କୁ ଏହି କାର୍ଯ୍ୟରେ ଲଗାନ୍ତି ସେମାନେ। କିମ୍ବା ସେମାନଙ୍କୁ କଂସେଇଖାନାକୁ କୁକୁର ଖାଦ୍ୟ ଓ ଅଠା ପ୍ରସ୍ତୁତି ପାଇଁ ବିକ୍ରି କରିଦିଆଯାଏ। ସେମାନଙ୍କ ମାଂସ ଫ୍ରାନ୍ସ ଓ ଜାପାନକୁ ରପ୍ତାନି କରାଯାଏ।

ରେସ୍ ଟ୍ରାକ୍‌ରେ ଆହତ ଘୋଡ଼ାଙ୍କ ଉପରେ କରାଯାଇଥିବା ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତି ୨୨ଟି ରେସ୍‌ରେ ଗୋଟିଏ ଘୋଡ଼ା ଆହତ ହୋଇଥାଏ। ଆଉ ଏକ ଅନୁଧ୍ୟାନରୁ ଜଣାପଡିଛି ଯେ, ପ୍ରତିଦିନ ୩ଟି ଉନ୍ନତ ପ୍ରଜାତି ଘୋଡ଼ାର ମୃତ୍ୟୁ ଘଟୁଛି। ମାଂସପେଶୀର ସଂଯୋଗକାରୀ ତନ୍ତୁ କିମ୍ବା ହାଡ଼ର ସୂକ୍ଷ୍ମ ଫ୍ରାକ୍‌ଚର ଅନେକ ସମୟରେ ଜଣାପଡେନି ଏବଂ ପରବର୍ତ୍ତୀ ସମୟରେ ତାହା ଆଉ ଭଲ ହୋଇପାରେ ନାହିଁ। ଆଘାତ କିମ୍ବା ଅଧିକ ମାତ୍ରାର ଡ୍ରଗ୍ସ ଯୋଗୁ ରେସ୍‌ଟ୍ରାକ୍‌ରେ ପ୍ରତି ସପ୍ତାହରେ ହାରାହାରି ୨୪ଟି ଘୋଡ଼ାର ମୃତ୍ୟୁ ହେଉଛି। ପ୍ରଶିକ୍ଷକ କିମ୍ବା ସ୍ୱତନ୍ତ୍ର ପ୍ରଜାତିର ଘୋଡ଼ା ପ୍ରଜନନ ଫାର୍ମ ମାଲିକଙ୍କ ଦ୍ୱାରା ନିହତ ଘୋଡ଼ାଙ୍କ ସଂଖ୍ୟା ମୁଁ ଏଠାରେ ଗଣୁ ନାହିଁ।

ଗରିବ ଲୋକମାନେ ଗୋରୁଦୌଡ଼ କରାଇଥାନ୍ତି। ଏହା ମୁଖ୍ୟତଃ କର୍ଣ୍ଣାଟକ (ମକରସଂକ୍ରାନ୍ତି ଅବସରରେ ବଳଦକୁ ପାଣିରେ ଦୌଡ଼ାଯାଏ), ମହାରାଷ୍ଟ୍ର ଓ ପଞ୍ଜାବରେ ଅନୁଷ୍ଠିତ ହୋଇଥାଏ।। ଧୀରେ ଦୌଡୁଥିବା ଗାଈଙ୍କୁ ଏକାଠି ବାନ୍ଧି ସେମାନଙ୍କ ମଳଦ୍ୱାରରେ ଲୁହା ରଡ୍ ଓ ବଲ୍ ଭର୍ତ୍ତି କରିଦିଆଯାଏ, ଯାହା ଫଳରେ ସେମାନେ ଜୋରରେ ଦୌଡ଼ିଥାନ୍ତି। ଦୌଡ଼ର ବେଗ ବଢାଇବା ଲାଗି ସେମାନଙ୍କୁ ଚାବୁକ୍ ମରାଯାଏ। ଚାବୁକ୍‌ରେ ବନ୍ଧା ହୋଇଥିବା ଛୋଟ ଛୋଟ କଣ୍ଟାଯୁକ୍ତ ଲୁହା ବଲ୍‌ର ଫଟୋ ମୋ ପଖରେ ଅଛି। କେତେକ ରେସ୍‌ରେ ଘୋଡ଼ା ସହ ବଳଦକୁ ବି ବାନ୍ଧିଦିଆଯାଏ। ଫଳରେ ଉଭୟଙ୍କର ମୃତ୍ୟୁ ଘଟିଥାଏ। ଦେଖାଯାଏ ଏହି ରେସ୍‌ର ମଦ୍ୟପ ଦର୍ଶକମାନେ ସାଧାରଣତଃ ଭୂମିହୀନ, କିନ୍ତୁ ଏହି ଉତ୍ସବ କୃଷକଙ୍କ ନାମରେ ଅନୁଷ୍ଠିତ ହୋଇଥାଏ। ଏହି ରେସ୍‌ଗୁଡିକ ବେଆଇନ ହୋଇଥିବାରୁ ଏହାକୁ ସାଧାରଣତଃ ସକାଳେ କରାଯାଇଥାଏ।

ମ୍ୟାକ୍ ଆର୍ଥର ଦୌଡ଼ରେ ପାରାମାନଙ୍କୁ ବ୍ୟବହାର କରାଯାଏ। ଫିଲିପାଇନ୍ସରେ ଅନୁଷ୍ଠିତ ଏହି ଦୌଡ଼ରେ ପାରାମାନଙ୍କ ଗୋଡରେ ଗୋଟିଏ ଗୋଟିଏ ସଂଖ୍ୟା ଲେଖି ବନ୍ଧାଯାଇଥାଏ। ପାରାମାନଙ୍କୁ ତିନୋଟି ସମୁଦ୍ରର ୬୦୦ କିଲୋମିଟର ପଥ ଅତିକ୍ରମ କରିବାକୁ ପଡିଥାଏ। ଏହି ସମୟରେ ରେସ୍‌ରେ ଭାଗ ନେଇଥିବା ପାରାମାନଙ୍କୁ ପାଣି, ଶତ୍ରୁ ଓ ତାଙ୍କୁ ଧରିବାକୁ ଜାଲ ବିଛାଇ ବସିଥିବା ଶିକାରୀଙ୍କର ସାମ୍ନା କରିବାକୁ ପଡିଥାଏ। ପବନରୁ ବର୍ତ୍ତିବା ପାଇଁ ପାଣିଠାରୁ କମ୍ ଉଚ୍ଚରେ ଉଡିବା ଦ୍ୱାରା ଢେଉ ମାଡ଼ରେ କିମ୍ବା କ୍ଲାନ୍ତ ହେବା ଯୋଗୁ ପାଣିରେ ପଡି ଅନେକଙ୍କର ମୃତ୍ୟୁ ଘଟିଥାଏ। ଅନେକଙ୍କୁ ଗୁଳି କରାଯାଏ କିମ୍ବା ବଡ଼ ପକ୍ଷୀ ଖାଇଦିଅନ୍ତି। ଏହି ରେସ୍‌ରେ ମୃତ୍ୟୁହାର ୯୦ ପ୍ରତିଶତ। ଯେଉଁମାନେ ବଞ୍ଚନ୍ତି ଉଡ଼ି ଉଡ଼ି ମାନିଲାରେ ସେମାନଙ୍କ ମାଲିକଙ୍କ ନିକଟରେ ପହଞ୍ଚିଯାଆନ୍ତି। ସେମାନେ ଗୋଡ଼ରେ ବନ୍ଧାଯାଇଥିବା ସଂଖ୍ୟାରୁ ଚିହ୍ନି ଆୟୋଜକଙ୍କ ନିକଟକୁ ଫୋନ୍ କରିବା ପରେ ବିଜୟ ସୁନିଶ୍ଚିତ କରାଯାଏ। ଫିଲିପାଇନ୍ସରେ ୩୦୦ କ୍ଲବ୍ ରହିଛି। କିନ୍ତୁ ଏହି ଭୟଙ୍କର ଖେଳ ଆରମ୍ଭ କରିଥିବା ବେଲଜିୟମ୍, ଭାରତ, ତାଇୱାନ ଓ ଚାଇନା ମଧ୍ୟ ପଛରେ ନାହାନ୍ତି। ବିପଜ୍ଜନକ ରେସ୍‌ଗୁଡିକରେ ଯେଉଁଠି ଖୁବ୍ କମ୍ ପକ୍ଷୀ ସଫଳ ହେଉଛନ୍ତି ତାହାକୁ 'ସ୍ମାଶ୍ ରେସ୍' କୁହାଯାଉଛି। ଯେଉଁ ପାରା ଶୀଘ୍ର ଉଡିପାରେ ନାହିଁ ତାଙ୍କୁ ବ୍ରିଡିଂ ପାଇଁ ରଖା ନ ଯାଇ ଶ୍ୱାସରୁଦ୍ଧ କରି, ପାଣିରେ ବୁଡାଇ, ବେକ ମୋଡି, ବିଷାକ୍ତ ଗ୍ୟାସ ଦେଇ କିମ୍ବା ମୁଣ୍ଡ କାଟି ମାରି ଦିଆଯାଉଛି। ରେସ୍ ପାଇଁ ଗୋଟିଏ ଯୋଗ୍ୟ ପାରା ପାଇବା ଲାଗି ଅଧିକାଂଶ ପାରାଙ୍କୁ ମାରି ଦିଆଯାଉଛି।

ମାକାଉରେ ଶିକାରୀ କୁକୁର ଗ୍ରେହାଉଣ୍ଡ ରେସ୍ ଏକ ମୁଖ୍ୟ ବ୍ୟବସାୟ। ବନ୍ଧାହୋଇ ମାଡଖାଇ ଉପାସରେ ଜୀବନ ବଞ୍ଚାଇବାକୁ ଦୌଡୁଥିବା ଏହି ନିରୀହ ପ୍ରାଣୀଙ୍କୁ ଦେଖିବା, ଜୁଆ ଖେଳିବା ତଥା ମଦ୍ୟପାନ ପାଇଁ ପର୍ଯ୍ୟଟକମାନେ ଏଠାକୁ ଆସିଥାନ୍ତି। କିଛି ରେସ୍‌ରେ ହାରିବା ପରେ ସେମାନଙ୍କୁ ମାରିଦିଆଯାଏ। ଗତ କିଛିବର୍ଷ ଭିତରେ ଏହି ରେସ୍‌ରେ ଲକ୍ଷ ଲକ୍ଷ କୁକୁରଙ୍କୁ ମାରି ଦିଆଯାଇଛି। ବିଂଶ ଶତାବ୍ଦୀ ପ୍ରାରମ୍ଭରେ ଆମେରିକାରେ ଆରମ୍ଭ ହୋଇଥିବା ଏହି ଭୟଙ୍କର ତଥା ଯନ୍ତ୍ରଣାଦାୟକ ଖେଳ ଦ୍ୱିଗୁଣିତ ହୋଇଛି। ଆମେରିକା ଯେଉଁ ରାଜ୍ୟଗୁଡ଼ିକରେ ଜୁଆରୁ ଲକ୍ଷ ଲକ୍ଷ ଡଲାର ରାଜସ୍ୱ ପାଉଛି ସେଠାରେ ଏହାକୁ ଅନୁମିତି ଦେଇଛି। ଶେଷରେ ଏହି ବ୍ୟବସାୟର ନିଷ୍ଠୁରତା ଏବେ ପଦାକୁ ଆସିଛି ଏବଂ ଦର୍ଶକଙ୍କ ସଂଖ୍ୟା ହ୍ରାସ ପାଉଛି, କିନ୍ତୁ ଯେଉଁ ଉପାୟରେ ଏବଂ ଅବସ୍ଥାରେ ଏହି କୁକୁରଙ୍କୁ ରଖାଯାଇଛି ତାହା ଅଧୁରି ଖରାପ ହେବାରେ ଲାଗିଛି।

ଭିଏତ୍‌ନାମରେ ପ୍ରତିବର୍ଷ ମାର୍ଚ୍ଚରେ ବୁନ୍ ଡନ୍ ହାତୀ ଦୌଡ଼ ଅନୁଷ୍ଠିତ ହୋଇଥାଏ। ହାତୀମାନେ ସ୍ଥଳ ଓ ଜଳରେ ଏକ ମାଇଲ୍ ଦୌଡିଥାନ୍ତି। ଶୀଘ୍ର ଦୌଡିବା ପାଇଁ ହାତୀ ଉପରେ ଦୁଇଜଣ ମାହୁନ୍ତ ବସି ତା' ମୁଣ୍ଡର କୋମଳ ଅଂଶରେ ଲୁହା ରଡ୍‌ରେ ଓ ଶରୀରକୁ ଶକ୍ତ ଠେଙ୍ଗାରେ ଆଘାତ କରିଥାନ୍ତି। ହାତୀମାନଙ୍କୁ ଆଘାତ ଦିଆଯାଉଥିବା ସମୟରେ ଲୋକମାନେ ଖୁସିରେ ତାଳି ମାରିଥାନ୍ତି। ହାତୀମାନେ ଘଣ୍ଟାକୁ ୨୫ ମାଇଲ ବେଗରେ ଦୌଡିଥାନ୍ତି। ପ୍ରାଣୀ ସୁରକ୍ଷା କର୍ମୀମାନେ ଏହାକୁ ବନ୍ଦ କରିବା ପାଇଁ ଅନ୍ଦୋଳନ କରୁଛନ୍ତି। ଭାରତ ଏହାକୁ ବନ୍ଦ କରିଦେଇଛି। ନେପାଳରେ ଗୋଟିଏ ରେସ୍ ହେଉଛି ଯାହା ବନ୍ଦ ହେବା ଉଚିତ, କିନ୍ତୁ ଏହି ରୋଗ ଏବେ ଆଫଗାନିସ୍ତାନକୁ ବ୍ୟାପିଛି। ପ୍ରାଚୁର୍ଯ୍ୟ ଭିତରେ ଥିବା ମଧ୍ୟପ୍ରାଚ୍ୟ ଏହାକୁ ବନ୍ଦ କରିବା ପାଇଁ କୌଣସି ପଦକ୍ଷେପ ନେଉନାହିଁ। ସେମାନେ ଏବେ ବି ଘୋଡ଼ା ଏବଂ ଓଟ ଦୌଡ଼ କରୁଛନ୍ତି। ପାକିସ୍ତାନ, ମଙ୍ଗୋଲିଆ ଓ ଅଷ୍ଟ୍ରେଲିଆରେ ମଧ୍ୟ ଏହା ହେଉଛି। ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ବୈଧ ସଟ୍ଟାବାଜି ପାଇଁ ଏହି ରେସ୍ ଏଠାରେ ଆୟୋଜିତ ହେଉଛି। ଏଠାରେ ଓଟକୁ ସାଂଘାତିକ ଭାବେ ଚାବୁକରେ ପ୍ରହାର କରି ଘଣ୍ଟାକୁ ୬୫ କିଲୋମିଟର ବେଗରେ ଦୌଡାଯାଏ। ଏହି ରେସ୍‌ରେ ଜକି (ଆରୋହୀ) ହେବା ଲାଗି ବାଂଲାଦେଶ ଭଳି ଦେଶଗୁଡିକରୁ ପିଲାମାନଙ୍କୁ ଅପହରଣ କରାଯାଇ ଚାଲାଣ କରାଯାଉଛି। ସେମାନଙ୍କୁ କ୍ରୀତଦାସ ଭଳି ରଖାଯାଉଛି ଓ ସେମାନେ ଯେମିତି କମ୍ ଓଜନର ହେବେ ସେଥିପାଇଁ ସମାନଙ୍କୁ ଅଳ୍ପ ଖାଦ୍ୟ ଦିଆଯାଉଛି। ବହୁ ପିଲାଙ୍କର ରେସ୍ ସମୟରେ ମୃତ୍ୟୁ ଘଟିଥାଏ। ଅଧିକାଂଶ ଦେଶ ଆନ୍ତର୍ଜାତିକ ଚାପ ଆଗରେ ମୁଣ୍ଡ ନୁଆଁଇ ପିଲାଙ୍କୁ ଜକି କରିବା ଧାରାକୁ ବନ୍ଦ କରିଦେଇଥିବାବେଳେ ଆୟୋଜକମାନେ ପ୍ରାଣୀ ନିର୍ଯାତନାର ଆଉ ଏକ ନୂଆ ଉପାୟ ଆବିଷ୍କାର କରିଛନ୍ତି। ପିଲାଙ୍କ ବଦଳରେ ସେମାନେ ରୋବୋ ଚାବୁକ ବ୍ୟବହାର କରୁଛନ୍ତି। ମାଲିକମାନେ ଓଟକୁ ରିମୋଟ୍ କଣ୍ଟ୍ରୋଲ ମାଧ୍ୟମରେ ଚାବୁକ୍ ମାରୁଛନ୍ତି। ଏହାଦ୍ୱାରା ଚାବୁକ୍ ପ୍ରହାର ତିନିଗୁଣ ବଢିଯାଇଛି। ଏହା ଫଳରେ ଏବେ ଓଟ ମୃତ୍ୟୁ ଆଶାତୀତ ଭାବେ ବଢିଯାଇଛି। ଅଷ୍ଟ୍ରେଲିଆ କୁଇନ୍ସଲାଣ୍ଡରେ ସବୁଠୁ ବଡ଼ ଓଟ ରେସ୍ ଅନୁଷ୍ଠିତ ହୋଇଥାଏ। ଲୋକମାନେ ବିଶେଷକରି ସଟ୍ଟାବାଜି, ଦୋକାନବଜାର ଓ ମନୋରଞ୍ଜନ ଲାଗି ଏହି ରେସ୍‌କୁ ଆସିଥାନ୍ତି। ଏଠାରେ ଏବେ ଗୋଟିଏ ଦିନରେ ୧୦ ହଜାର ଓଟକୁ ଗୁଳିକରି ମାରିଦିଆଯାଇଛି ଏବଂ ଜଙ୍ଗଲ ନିଆଁ କାରଣରୁ ୧୦ ଲକ୍ଷ ଅନ୍ୟ ଜୀବ ବି ମରିଛନ୍ତି। ଏଣୁ ଏହି ରେସ୍ ଚାଲୁ ରହିବ କି ନାହିଁ ତାହା କହିହେଉନି। ସମ୍ଭବତଃ ଅଷ୍ଟ୍ରେଲୀୟମାନେ ରେସ୍ ପାଇଁ ଅନ୍ୟ ପ୍ରଜାତିର ଜୀବ ପାଇଯିବେ ଓ ତା' ଉପରେ ଜୁଆ ଖେଳିବେ। ଶେଷରେ ବିଶ୍ୱ ଧ୍ୱଂସ ହୋଇଯାଇପାରେ, କିନ୍ତୁ ଶେଷ ଯାଏ ଆମେ ନିଷ୍ଠୁର ଓ ଲୋଭୀ ହୋଇ ରହିଯିବା।

Email: gandhim@nic.in

## ଏଇ ଭାରତରେ

ଭାରତରେ ବହୁ ସମୟରେ ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ବିବାଦ ଉଠୁଛି। ଖାସ୍ କରି କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ଉପରେ ଚର୍ଚ୍ଚା ବଳବତ୍ତର ରହିଥିବାବେଳେ କୋଏମ୍ବାଟୁରସ୍ଥିତ ମା' ଲିଙ୍ଗଭୈରବୀ ମନ୍ଦିରରେ ଏକ ଅଜବ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଛି। ମାସିକ ଧର୍ମକୁ ଏବେ ସୁଦ୍ଧା ହିନ୍ଦୁଧର୍ମରେ ଅପବିତ୍ର ମନେକରାଯାଉଛି। ମନ୍ଦିର ପ୍ରବେଶ ତ' ଦୂର କଥା, ଏହି ସମୟରେ ପବିତ୍ର ଧର୍ମଗ୍ରନ୍ଥ ବି ଛୁଇଁବାକୁ ମହିଳାମାନଙ୍କୁ ବାରଣ କରାଯାଏ। କିନ୍ତୁ ମାସିକଧର୍ମ ସମୟରେ ମହିଳାଙ୍କୁ ପ୍ରବେଶ ଅନୁମତି ଦେଇ ମା' ଲିଙ୍ଗଭୈରବୀ ମନ୍ଦିର ଏକ ସକାରାତ୍ମକ ବାର୍ତ୍ତା ଦେଇଛି। କେବଳ ଏତିକି ନୁହେଁ ମହିଳାମାନେ ମା' ଲିଙ୍ଗଭୈରବୀଙ୍କୁ ପୂଜାକରିବା ଲାଗି ଗର୍ଭଗୃହଯାଏ ବି ଯାଇପାରୁଛନ୍ତି। ସବୁଠୁ ବିସ୍ମୟକର କଥା ହେଉଛି, ଏହି ମନ୍ଦିରକୁ ପୁରୁଷମାନଙ୍କୁ ଯିବା ମନା।

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅଟିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ।
(ଆଶ୍ଳେଷ ସ୍ୱର୍ଗ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଫେବୃୟାରୀ ୧୯୯୫

- କପି ରାଇଟ ଚୋରା କାରବାରକୁ ରୋକିବାକୁ ଚାଇନା ଓ ଆମେରିକା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ।
- ଚେଚନିଆର ରାଜଧାନୀ ଗ୍ରୋଜନୀରେ ଏକ ବିସ୍ଫୋରଣରେ ୨୫ ରୁଷୀୟ ସୈନ୍ୟ ପ୍ରାଣ ହରାଇଛନ୍ତି।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 5 | | | | | | | | | | | 0 | | |
| | | D | | 1 | 4 | | | | | C | | 9 | | |
| B | 7 | | C | | | 5 | | | A | | | 6 | | 3 |
| 9 | C | | D | | A | | | | | | | 1 | 2 | E |
| | 2 | 6 | | | | C | | | | | 9 | D | 5 | |
| | | | | | E | 0 | | 4 | | | | | | 5 |
| 7 | 8 | 0 | | 5 | | 2 | | | 4 | | | | | B |
| | | | | 7 | 8 | | C | | | 3 | 6 | | | |
| | B | | 4 | C | 9 | 7 | | | | E | | | A | |
| | 6 | 4 | | | | | | 3 | 0 | D | 5 | | | |
| | | 8 | | B | 1 | | | 5 | | | | | 7 | 6 |
| 0 | | | | | 2 | | | | | A | | | | 1 |
| | | | E | | 3 | | | | | | | | | |
| | | 7 | | | | 8 | | | | | | | 4 | |
| 2 | | | 8 | | | | | | B | 1 | E | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 4 | B | 3 | 8 | 2 | 1 | 6 | E | 0 | A | 9 | 7 | C | D | 5 |
| 2 | 7 | E | A | 0 | 5 | 9 | 1 | 4 | D | 8 | C | 3 | 6 | B |
| 8 | 6 | 9 | C | 3 | E | D | 7 | B | 5 | 0 | 1 | 2 | A | 4 |
| 0 | D | C | B | 4 | 7 | 5 | A | 2 | 3 | E | 6 | 1 | 8 | 9 |
| 1 | 5 | A | 9 | 6 | D | 8 | 3 | C | 4 | B | 2 | E | 7 | 0 |
| A | E | B | 0 | 1 | 6 | 7 | 4 | D | C | 2 | 5 | 9 | 3 | 8 |
| D | C | 0 | 5 | A | 8 | B | 2 | E | 9 | 1 | 3 | 6 | 4 | 7 |
| 7 | 3 | 1 | 2 | E | 4 | 0 | 9 | 6 | 8 | D | B | 5 | C | A |
| 5 | 9 | 2 | 3 | D | B | A | C | 8 | 6 | 7 | 4 | 0 | 1 | E |
| 6 | 8 | 4 | 7 | C | 9 | 3 | 5 | 1 | E | A | 0 | B | 2 | D |
| C | A | 7 | 6 | 5 | 2 | 1 | B | 9 | 0 | 4 | D | 8 | E | 3 |
| 3 | 0 | 8 | 1 | 7 | A | 4 | 6 | 5 | B | C | E | D | 9 | 2 |
| 9 | 4 | 6 | E | B | 3 | C | D | 7 | 2 | 5 | 8 | A | 0 | 1 |
| B | 2 | D | 4 | 9 | 0 | E | 8 | 3 | 1 | 6 | A | 7 | 5 | C |
| E | 1 | 5 | D | 8 | C | 2 | 0 | A | 7 | 3 | 9 | 4 | B | 6 |

ଗତକାଲିର ଉତ୍ତର

# ନଦୀ ସଂଯୋଗୀକରଣ: ସମସ୍ୟା ନା ସମାଧାନ

ସବ୍ୟସାଚୀ ଅମିତାଭ

ବର୍ତ୍ତମାନ ସମୟରେ ସାରା ଦେଶରେ ଜଳ ସମସ୍ୟା ଯେପରି ଉତ୍କଟ ରୂପ ଧାରଣ କଲାଣି, ଆଗାମୀ ଦିନରେ ଏହା ବିଷମ ପରିସ୍ଥିତି ସୃଷ୍ଟି କରିବ ବୋଲି ଆଶଙ୍କା କରାଯାଉଛି। ଜଳ ସମସ୍ୟାକୁ ସାମଗ୍ରିକ ଭାବେ ୨ଟି ଭାଗରେ ବିଭକ୍ତ କରାଯାଇପାରେ- ୧. ଚାଷ ପାଇଁ ଜଳସେଚନ, ୨. ପାନୀୟ ଜଳ ଯୋଗାଣ। ଏହି ଦୁଇଟି ଦିଗରେ ସମାଧାନର ବାଟ କ'ଣ ତାହା ଏବେଠାରୁ ଖୋଜି ବାହାର କରିବାକୁ ପଡ଼ିବ। କେନ୍ଦ୍ର ସରକାରଙ୍କ ପ୍ରତୀକ୍ଷିତ ନଦୀ ସଂଯୋଗୀକରଣ ପରିଯୋଜନା ଜଳ ସଙ୍କଟ ସମାଧାନ କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ ବୋଲି ବିଚାର କରାଯାଉଛି। ତେବେ ଏହି ପରିଯୋଜନାକୁ ନେଇ ରାଜ୍ୟ ରାଜ୍ୟ ମଧ୍ୟରେ ସହମତି ହୋଇପାରି ନ ଥିବାରୁ ଏହା ଏଯାଏ ସାକାର ହୋଇପାରିନି। ଦେଶର ସମସ୍ତ ନଦୀକୁ ଯୋଡ଼ିବାର ପରିଯୋଜନାକୁ ଆଗକୁ ନେବା ପାଇଁ ହେଲେ ସବୁ ରାଜ୍ୟ ମଧ୍ୟରେ ଆଲୋଚନା ହେବା ଅତି ଜରୁରୀ ବୋଲି ନିକଟରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାଓ୍ୱତ୍ ମତବ୍ୟକ୍ତ କରିଛନ୍ତି।

ଦେଶର ୩୧ଟି ନଦୀକୁ ଯୋଡ଼ିବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିସ୍ତୃତ ରିପୋର୍ଟ ପ୍ରସ୍ତୁତ କରାଯାଇଛି। ଯଦି ସବୁ ରାଜ୍ୟର ସହଯୋଗ ମିଳେ, ତେବେ ଆସନ୍ତା ୫ ବର୍ଷ ମଧ୍ୟରେ ଏହି ବହୁପ୍ରତୀକ୍ଷିତ ଯୋଜନା ସାମ୍ନାକୁ ଆସିପାରିବ ବୋଲି ଅନୁମାନ କରାଯାଉଛି। ତେବେ ଏଠି ପ୍ରଶ୍ନ ଉଠୁଛି ଦେଶର କେଉଁଠି ବନ୍ୟା ହେଉଥିଲା ବେଳେ ଆଉ କେଉଁଠି ମରୁଡ଼ି ପରିସ୍ଥିତି ଦେଖିବାକୁ ମିଳୁଛି। ଏପରି ସ୍ଥିତିରେ ନଦୀ ସଂଯୋଗୀକରଣ ସତରେ କ'ଣ ପାଣି ସମସ୍ୟାକୁ ଦୂର କରିପାରିବ?

ନଦୀଗୁଡ଼ିକୁ ପରସ୍ପର ସହ ଯୋଡ଼ିବାର ବିଚାର ୧୬୧ ବର୍ଷର ପୁରୁଣା। ୧୮୫୮ରେ ବ୍ରିଟିଶ ଇଞ୍ଜିନିୟର ଆର୍ଥର ଟମାସ୍ କୋଟନବ ନଦୀକୁ ଯୋଡ଼ିବା ପ୍ରସ୍ତାବ ଦେଇଥିଲେ। ତାଙ୍କର ଯୁକ୍ତି ଥିଲା ଏହାଦ୍ୱାରା ଇଷ୍ଟ ଇଣ୍ଡିଆ କମ୍ପାନୀ ପାଇଁ ବନ୍ଦର ସୁବିଧା ମିଳିପାରିବ ଏବଂ ଦକ୍ଷିଣପୂର୍ବ ଭାରତରେ ବାରମ୍ବାର ଦେଖାଯାଉଥିବା ମରୁଡ଼ି ପରିସ୍ଥିତି ଦୂର ହୋଇପାରିବ। କେନ୍ଦ୍ର ସରକାର ନିକଟରେ କୋଶୀ-ମେଚୀ ନଦୀକୁ ଯୋଡ଼ିବା ପାଇଁ ୪୯୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଏହି ନଦୀକୁ ଯୋଡ଼ିବା ଯୋଜନା ଦେଶର ଦ୍ୱିତୀୟ ବୃହତ୍ତମ ପ୍ରକଳ୍ପ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟପ୍ରଦେଶର କେନ-ବେତବାକୁ ଯୋଡ଼ିବାର କାମ ବି ଜୋରରେ ଚାଲିଛି। କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରୀଙ୍କ ସଦ୍ୟତମ ବୟାନ ପରେ ପୁଣି ଥରେ ନଦୀ ସଂଯୋଗ ଅଭିଯାନ ଚର୍ଚ୍ଚାର ପରିସରକୁ ଆସିଛି। ସରକାର ନଦୀ ସଂଯୋଗୀକରଣ ପରିଯୋଜନାରେ ୩୦ଟି ନଦୀକୁ ଯୋଡ଼ିବାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୧୫ ହଜାର କିଲୋମିଟର ଲମ୍ବ ନୂଆ କେନାଲ ଖୋଳାଯିବ, ଯେଉଁଥିରେ ୧୭୪ ଘନ କି.ମି. ପାଣି ସଂରକ୍ଷିତ ରଖାଯାଇପାରିବ। ଏଥିପାଇଁ ୩ ହଜାର ଷ୍ଟୋରେଜ ଡ୍ୟାମ୍‌ର ନେଟ୍‌ୱର୍କ ବନାଇବା ଯୋଜନା ରହିଛି। ଏହା ଭିତରେ ରହିଛି ୪ଟି ପ୍ରମୁଖ ଲିଙ୍କ୍ ଓ ହିମାଳୟ ଉପତ୍ୟକାର ୧୪ଟି ନଦୀର ସଂଯୋଗୀକରଣ। ଏହି ଲିଙ୍କ୍‌ଗୁଡିକ ହେଲା, କେନ-ବେତବା ଲିଙ୍କ୍, ଦାମନଗଙ୍ଗା-ପିନଜଲ ଲିଙ୍କ୍, ପାର-ତାପି-ନର୍ମଦା ଲିଙ୍କ୍, ମହାନଦୀ-ଗୋଦାବରୀ ଲିଙ୍କ୍। ଏହିସବୁ ନଦୀ ସଂଯୋଗୀକରଣ ପାଇଁ ସର୍ଭେ ଓ ଆନୁଷଙ୍ଗିକ ଡିପିଆର ରିପୋର୍ଟ ପ୍ରସ୍ତୁତ ସରିଛି। ତେବେ କେରଳ, ତେଲଙ୍ଗାନା, ଓଡ଼ିଶା ଏବଂ କର୍ଣ୍ଣାଟକ ସରକାରଙ୍କ ବିରୋଧ ଓ ଆପତ୍ତି କାରଣରୁ ନଦୀ ସଂଯୋଗୀକରଣ କାମ ଆଗକୁ ବଢ଼ିପାରୁନି।

ମହାନଦୀ-ଗୋଦାବରୀ ସଂଯୋଗୀକରଣରେ ମହାନଦୀ, ଗୋଦାବରୀ, କ୍ରିଷ୍ଣା, ପିନାର-ପଲାର-କାବେରୀ, ଭାଇଗାଇ ଓ ଗୁଣ୍ଡାର ଆଦି ୯ଟି ସଂଯୋଗ ପ୍ରଣାଳୀ ରହିଛି। ମଣିଭଦ୍ରା ନଦୀବନ୍ଧରେ ଭାରିମାତ୍ରାରେ ଜଳ ଭର୍ତ୍ତି ହେବାର ଆଶଙ୍କା ଥିବାରୁ ରାଜ୍ୟ ସରକାର ଏହି ସଂଯୋଗୀକରଣ ପାଇଁ ରାଜି ହୋଇ ନ ଥିଲେ। ପରେ ଓଡ଼ିଶା ସରକାରଙ୍କ ସୁପାରିସକ୍ରମେ ଜାତୀୟ ଜଳ ବିକାଶ ସଂସ୍ଥା ଦ୍ୱାରା ପ୍ରାଥମିକ ସଂଶୋଧିତ ରିପୋର୍ଟ ପ୍ରସ୍ତାବକୁ ଚୂଡାନ୍ତ କରାଯାଇ ରାଜ୍ୟ ସରକାରଙ୍କ ନିକଟରେ ଦାଖଲ କରାଯାଇଛି। ତେବେ ମଣିଭଦ୍ରା ଡ୍ୟାମ୍‌ରେ ଜଳ ବଢ଼ିଲେ ବୌଦ୍ଧ ଜିଲାର ହରଭଙ୍ଗାର ଅନେକ ଅଞ୍ଚଳ ଜଳମଗ୍ନ ହେବା ଆଶଙ୍କା ରହିଥିବାରୁ ରାଜ୍ୟ ଏ ଯାଏ ନଦୀ ସଂଯୋଗୀକରଣକୁ ଗ୍ରୀନ୍ ସିଗ୍ନାଲ ଦେଇନାହାନ୍ତି।

ଅଶୀ ଦଶକରୁ ନଦୀ ସଂଯୋଗୀକରଣକୁ ନେଇ ଚର୍ଚ୍ଚା ହେଉଥିଲେ ବି ଅଟଳ ବିହାରୀ ବାଜପେୟୀଙ୍କ ସରକାର ସମୟରେ ଏନେଇ କିଛିଟା ଉଦ୍ୟମ ଆରମ୍ଭ ହୋଇଥିଲା। ହେଲେ ଏହା ପରର ଉପା ସରକାର ନଦୀ ସଂଯୋଗୀକରଣ ଯୋଜନାକୁ ଗୁରୁତ୍ୱ ନ ଦେବାରୁ ପ୍ରସ୍ତାବଟି ଶୀତଳଭଣ୍ଡାରରେ ପଡ଼ିଥିଲା। ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କ ପ୍ରଥମ ପାଳି ସରକାରରେ ନଦୀ ସଂଯୋଗୀକରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ବିଭିନ୍ନ ରାଜ୍ୟ ସରକାରଙ୍କ ଅସହମତି ତଥା ଅଦାଲତି ପେଞ୍ଚ ମଧ୍ୟରେ ଏହି ପରିଯୋଜନାଟି ଫସି ରହିଛି। ଫେବୃୟାରୀ ୨୦୧୨ରେ ଏକ ନିଷ୍ପତ୍ତିରେ ପୂର୍ବତନ ପ୍ରଧାନ ବିଚାରପତି ଏସ୍.ଏଚ୍. କପାଡିଆ ଏବଂ ସ୍ୱତନ୍ତ୍ର କୁମାରଙ୍କ ଖଣ୍ଡପୀଠ କହିଥିଲେ ଯେ, ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରାଷ୍ଟ୍ର ହିତ। ନଦୀ ସଂଯୋଗ ପାଇଁ ସେ ଏକ ବିଶେଷ କମିଟି ଗଠନର ଆଦେଶ ଦେଇଥିଲେ। ଏହାପରେ ନରେନ୍ଦ୍ର ମୋଦି ସରକାର ସେପ୍ଟେମ୍ବର ୨୩, ୨୦୧୪ରେ ଜଳ ସଂଶୋଧନ, ନଦୀ ବିକାଶ ଏବଂ ଗଙ୍ଗା ସଫେଇ ମନ୍ତ୍ରଣାଳୟ ଅନ୍ତର୍ଗତ ଏକ ବିଶେଷ କମିଟି ଗଠନ କରିଥିଲେ।

ନଦୀ ସଂଯୋଗୀକରଣ ହୋଇପାରିଲେ ସବୁ ନଦୀରେ ଜଳଧାରଣରେ ଏକ ସମତୁଲତା ରକ୍ଷା, ବନ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ତଥା କୃଷକମାନେ ଉପକୃତ ହେବେ ବୋଲି ପରିଯୋଜନାକୁ ସମର୍ଥନ କରୁଥିବା ବ୍ୟକ୍ତିବିଶେଷ କହନ୍ତି। ତେବେ ରାଜ୍ୟଗୁଡ଼ିକର ବିରୋଧକୁ ମଧ୍ୟ ନଜରଅନ୍ଦାଜ କରାଯାଇ ହେବନି। ନଦୀର ପ୍ରାକୃତିକ ପ୍ରଭାବ ସହ ଖେଳିବା ଦେଶ ପାଇଁ ବିପଦ ମଧ୍ୟ ସୃଷ୍ଟି କରିପାରେ। ତେଣୁ ଲିଙ୍କିଙ୍ଗ୍ ଅଫ୍ ରିଭର ସ୍ଥାନରେ ସରକାରଙ୍କୁ ଲିଙ୍କିଙ୍ଗ୍ ଅଫ୍ ହାର୍ଟ ମାନସିକତା ନେଇ ଆଗକୁ ବଢ଼ିବାକୁ ପଡ଼ିବ। ଅର୍ଥାତ୍ ବୁଝି ବିଚାରି ସବୁଦିଗକୁ ଦୃଷ୍ଟିରେ ରଖି ନଦୀକୁ ଯୋଡ଼ିବାକୁ ପଡ଼ିବ। ବର୍ଷାରେ ବୋହିଯାଉଥିବା ପାଣିକୁ ରୋକିବାକୁ ହେବ। ନଦୀକୁ ଯୋଡ଼ିବା ଦ୍ୱାରା ମରୁଡ଼ି କିମ୍ବା ବନ୍ୟାରୁ ଆମେ ନିଜକୁ ମୁକୁଳାଇପାରିବା ନାହିଁ। ନଦୀର ଜଳଧାରା ଏକ ଇକୋ ସିଷ୍ଟମ୍। ଏପରି ସ୍ଥିତିରେ ଯଦି ନଦୀ ଜଳକୁ ଜବରଦସ୍ତ ଅନ୍ୟ ଆଡକୁ ମୋଡାଯାଏ ତେବେ ଇକୋ ସିଷ୍ଟମ୍ ଉପରେ ପ୍ରଭାବ ପଡ଼ିବ। ନଦୀକୁ ନେଇ ଜୀବଜନ୍ତୁ, ସ୍ଥାନୀୟ ଲୋକଙ୍କ ଜୀବନଜୀବିକା ଚାଲିଛି। ତେଣୁ ନଦୀକୁ ଯୋଡ଼ିବା ପୂର୍ବରୁ ଏହାଦ୍ୱାରା ଆର୍ଥିକ, ସାମାଜିକ, ସାଂସ୍କୃତିକ ପରିବର୍ତ୍ତନର ଗଭୀର ଅଧ୍ୟୟନ କରାଯିବା ଦରକାର। ତେବେ ଯାଇ ନଦୀ ସଂଯୋଗୀକରଣ ଦେଶ ପାଇଁ ହିତକର ସାବ୍ୟସ୍ତ ହୋଇପାରିବ।

ଭୁବନେଶ୍ୱର, ମୋ- ୯୪୩୮୨୯୬୫୧୯

# ରକ୍ତହୀନତା ଓ ଭାରତ

ବିଚିତ୍ର ବିଶ୍ୱାଳ

ଆମ ଦେଶରେ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ସମ୍ପ୍ରତି ନୀରବ ଘାତକ ଭାବେ ଉଭା ହୋଇଛି। ଗର୍ଭବତୀ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତାର ବିପଦ ଆହୁରି ଅଧିକ। ସାରା ବିଶ୍ୱର ରକ୍ତହୀନତାଗ୍ରସ୍ତ ମହିଳାମାନଙ୍କ ମଧ୍ୟରୁ ୫୩ ପ୍ରତିଶତ ଭାରତରେ ଦେଖାଯାଆନ୍ତି। ନ୍ୟାଶନାଲ ସାମ୍ପଲ୍ ସର୍ଭେ ସଂସ୍ଥାର ଅଧ୍ୟୟନ ଅନୁସାରେ ଆମ ଦେଶର ୫୦ ପ୍ରତିଶତ ଗର୍ଭବତୀ ମହିଳା ରକ୍ତହୀନତାର ଶିକାର। ସାଧାରଣତଃ ଋତୁସ୍ରାବ ସମୟରେ ମହିଳାମାନଙ୍କ ଶରୀରରୁ ବହୁ ରକ୍ତ କ୍ଷୟ ହୋଇଥାଏ। ତେଣୁ ମହିଳାଙ୍କ କ୍ଷେତ୍ରରେ ରକ୍ତହୀନତା ଅଧିକ ପରିମାଣରେ ଦେଖାଯାଏ।

ସାଧାରଣତଃ ପରିବାରର ପିଲା ଓ ପୁରୁଷମାନେ ଖାଇସାରିବା ପରେ ହିଁ ମହିଳାମାନେ ଖାଇଥାନ୍ତି। ଅନେକ ସମୟରେ ମହିଳାଙ୍କ ପାଇଁ ଖାଦ୍ୟ ବହୁତ କମ୍ ଥାଏ। ସେମାନଙ୍କୁ କମ୍ ଖାଇ ଚଳେଇନେବାକୁ ପଡ଼େ। ଏହା ସେମାନଙ୍କ ରକ୍ତହୀନତାର କାରଣ ହୋଇଥାଏ। ସାମ୍ପ୍ରତିକ ସମୟରେ ନାରୀ-ପୁରୁଷ ସମାନତା ଉପରେ ଖୁବ୍ ଚର୍ଚ୍ଚା ହେଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରି ଲିଙ୍ଗଗତ ବିଷମତାକୁ ଦୂର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ଏହା ଖୁସିର ବିଷୟ। କିନ୍ତୁ ବାସ୍ତବିକତା ହେଉଛି, ମହିଳାମାନଙ୍କୁ ପରିବାର ସ୍ତରରେ ସମାନ ସୁଯୋଗ ମିଳୁନାହିଁ।

ମହିଳା ସଶକ୍ତୀକରଣ ଉପରେ ଯାହା ବି ଆଲୋଚନା ହେଉଛି, ତାହା ମୁଖ୍ୟତଃ ମହିଳାମାନଙ୍କର ସାମାଜିକ ଓ ଆର୍ଥିକ ସଶକ୍ତୀକରଣକୁ କେନ୍ଦ୍ରକରି। ସେମାନଙ୍କର ସ୍ୱାସ୍ଥ୍ୟ ଅଧିକାର ବିଷୟରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଉ ନାହିଁ। ସନ୍ତାନ ପ୍ରଜନନ ଓ ଲାଳନପାଳନର ମୁଖ୍ୟ ଦାୟିତ୍ୱ ମହିଳାମାନଙ୍କ ଉପରେ ନ୍ୟସ୍ତ ଥାଏ ଓ ସେଥିପାଇଁ ସେମାନଙ୍କର ସ୍ୱାସ୍ଥ୍ୟ ଠିକ୍ ରହିବା ଅତ୍ୟନ୍ତ ଗୁରୁତ୍ୱପର୍ଣ୍ଣ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଯେ, ସେମାନଙ୍କ ସ୍ୱାସ୍ଥ୍ୟ ଉପରେ କେହି ଗୁରୁତ୍ୱ ଦିଅନ୍ତି ନାହିଁ। ଘରେ ଗୋଟିଏ ପୁଅର ଦେହ ଖରାପ ହେଲେ ଯେତେ ଶୀଘ୍ର ତା' ପାଇଁ ଚିକିତ୍ସା ବ୍ୟବସ୍ଥା କରାଯାଏ, ଝିଅ କ୍ଷେତ୍ରରେ ସେହିପରି କରାଯାଏ ନାହିଁ।

ଏଥିସହିତ ଉପଯୁକ୍ତ ମାନ ଓ ପରିମାଣର ପନିପରିବା ଓ ଖାଦ୍ୟ ନ ଖାଇବା ବି ରକ୍ତହୀନତାର ଏକ କାରଣ। ରକ୍ତହୀନତାର ପ୍ରାରମ୍ଭିକ ଲକ୍ଷଣ ଭାବେ ସାଧାରଣତଃ ମୁଣ୍ଡବିନ୍ଧା, ହାଲିଆ ଲାଗିବା, ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ପରି ଲକ୍ଷଣ ଦେଖାଯାଇଥାଏ, ଯାହାକୁ ମହିଳାମାନେ ଠିକ୍ ଭାବେ ଜାଣିପାରନ୍ତି ନାହିଁ। ଠିକ୍ ସମୟରେ ରକ୍ତହୀନତାକୁ ଚିହ୍ନଟ କରି ଉପଯୁକ୍ତ ପଦକ୍ଷେପ ନ ନେଲେ ଏହା ପରେ ଅଧିକ ବିପଦର କାରଣ ହୋଇଥାଏ। ଲୌହସାରର ଅଭାବ ମୁଖ୍ୟତଃ ଶରୀରରେ ରକ୍ତହୀନତା ସୃଷ୍ଟି କରିଥାଏ। ତେଣୁ ମହିଳାଙ୍କ ଖାଦ୍ୟରେ ବିଭିନ୍ନ ପ୍ରକାର ଶାଗ, ସବୁଜ ପନିପରିବା ଆଦି ରହିବା ଦରକାର।

ମହିଳାମାନଙ୍କ ପାଇଁ ବୟସର ବିଭିନ୍ନ ଅବସ୍ଥାରେ ପୁଷ୍ଟିଯୁକ୍ତ ସନ୍ତୁଳିତ ଆହାର ବ୍ୟବସ୍ଥା କରାଇପାରିଲେ ଏହି ନୀରବ ଘାତକ କବଳରୁ ସେମାନଙ୍କୁ ରକ୍ଷା କରିହେବ। ବିଶେଷକରି ବାଳିକା, ଗର୍ଭବତୀ ମହିଳା ଓ ପ୍ରସୂତିଙ୍କ କ୍ଷେତ୍ରରେ ଉପଯୁକ୍ତ ପୁଷ୍ଟିଯୁକ୍ତ ଖାଦ୍ୟ ବ୍ୟବସ୍ଥା କରାଇବା ଏକାନ୍ତ ଆବଶ୍ୟକ। ଗର୍ଭବତୀ ମହିଳାଙ୍କ ପାଇଁ ଅଧିକ ପରିମାଣର ଲୌହସାରଯୁକ୍ତ ଖାଦ୍ୟ ଆବଶ୍ୟକ। ତେଣୁ ସେମାନଙ୍କୁ ଲୌହ ବଟିକା ଖାଇବା ପାଇଁ ପରାମର୍ଶ ଦିଆଯାଇଥାଏ। ହେଲେ ଆମ ଦେଶରେ ଗ୍ରାମାଞ୍ଚଳରେ ଦେଖାଯାଏ ଯେ, ଗର୍ଭବତୀ ମହିଳାମାନେ ଲୌହବଟିକା ନ ଖାଇ ଫୋପାଡ଼ି ଦେଇଥାନ୍ତି। ଏହି ଅଭ୍ୟାସରେ ପରିବର୍ତ୍ତନ ଆବଶ୍ୟକ। କାରଣ ଗର୍ଭବତୀ ଅବସ୍ଥାରେ ରକ୍ତହୀନତା ଦେଖାଦେଲେ ମା' ଓ ଶିଶୁ ଉଭୟଙ୍କ ଜୀବନ ପ୍ରତି ବିପଦ ଥାଏ। ଗର୍ଭବତୀ ଅବସ୍ଥାରେ ରକ୍ତହୀନତା ଦେଖାଦେଲେ ଗର୍ଭପାତ ଆଶଙ୍କା ମଧ୍ୟ ଦେଖାଯାଇଥାଏ। ଗର୍ଭସ୍ଥ ଶିଶୁର ବିକାଶ ଠିକ୍ ଭାବେ ହୋଇ ନ ଥାଏ।

ଆମ ଦେଶରେ ଦେଖାଯାଉଥିବା ମାତୃ ମୃତ୍ୟୁର ମୁଖ୍ୟ କାରଣଗୁଡ଼ିକ ମଧ୍ୟରୁ ରକ୍ତହୀନତା ପ୍ରମୁଖ। ତଥ୍ୟ ଅନୁସାରେ ଆମ ଦେଶରେ ୨୦ରୁ ୪୦ ପ୍ରତିଶତ ମାତୃମୃତ୍ୟୁର ଅନ୍ତର୍ନିହିତ କାରଣ ଗର୍ଭଧାରଣ ଅବସ୍ଥାରେ ରକ୍ତହୀନତା। ସମଗ୍ର ଦକ୍ଷିଣ ଏସିଆରେ ଦେଖାଯାଉଥିବା ମାତୃମୃତ୍ୟୁର ୮୦ ପ୍ରତିଶତ କେବଳ ଭାରତରେ ହୋଇଥାଏ, ଯାହାର ମୁଖ୍ୟ କାରଣ ଗର୍ଭାବସ୍ଥାରେ ରକ୍ତହୀନତା। ରକ୍ତହୀନତାକୁ ରୋକିବା ପାଇଁ ସରକାରଙ୍କ ତରଫରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। କିନ୍ତୁ ତାହା ଯଥେଷ୍ଟ ନୁହେଁ। କେବଳ ସରକାର ନୁହେଁ, ପରିବାର ସ୍ତରରେ ମଧ୍ୟ ଆମକୁ ମହିଳାମାନଙ୍କ ସ୍ୱାସ୍ଥ୍ୟକୁ ନେଇ ଅଧିକ ଦାୟିତ୍ୱବାନ୍ ହେବାକୁ ପଡ଼ିବ।

ରକ୍ତହୀନତା ଦୂରକରିବା ପାଇଁ ସରକାରଙ୍କ ତରଫରୁ ଦୁଇଟି ମୁଖ୍ୟ କାର୍ଯ୍ୟକ୍ରମ 'ରକ୍ତହୀନତାମୁକ୍ତ ଭାରତ' ଓ 'ପୋଷଣ ଅଭିଯାନ' ଆରମ୍ଭ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମ ଦ୍ୱାରା କିଶୋରୀ, ଶିଶୁ ଓ ମହିଳାଙ୍କ କ୍ଷେତ୍ରରେ ଅନ୍ତତଃପକ୍ଷେ ବର୍ଷକୁ ୩ ପ୍ରତିଶତ ହାରରେ ରକ୍ତହୀନତା କମ୍ କରିବାର ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମକୁ ଠିକ୍‌ଭାବେ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି।

ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡ ବନ୍ଧକ

ମହାଶୟ,

ଖାଦ୍ୟ ସୁରକ୍ଷା ଆଇନର ସଫଳ ପ୍ରଚଳନ ପରେ ଅନାହାର ମୃତ୍ୟୁ ପ୍ରାୟ ଲୋପ ପାଇଯାଇଥିବା ବେଳେ ଡିଜିଟାଲ ପ୍ରକ୍ରିୟା ଯୋଗୁ ଭୂତ ରାଶନ କାର୍ଡ ମଧ୍ୟ ଫୁ ହୋଇଯାଇଛି। କିନ୍ତୁ ରାଶନ କାର୍ଡ ବନ୍ଧକ ଘଟଣା ଥମୁନି। ଗରିବରୁ ଅତି ଗରିବ ଲୋକ ଜାଲରେ ପଡୁଛନ୍ତି। ଏମିତି କି ନ ଶୁଝିବା ପର୍ଯ୍ୟନ୍ତ ରାଶନ କାର୍ଡ ନିଜ ନିୟନ୍ତ୍ରଣରେ ରଖୁଛନ୍ତି ମହାଜନ, ଯେଉଁଥିପାଇଁ ସାଧାରଣ ଗରିବ ଲୋକଟି ଅସୁବିଧାର ସମ୍ମୁଖୀନ ହେଉଛି। ଆରାମ କରୁଥିବା ବହୁ ବ୍ୟକ୍ତି ମଧ୍ୟ ଖୋଲା ବଜାରରେ ରାଶନ ସାମଗ୍ରୀ ବିକି ଦେଉଛନ୍ତି। ଏସବୁ ବନ୍ଦ ହେବା ଦରକାର।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

### ହସ୍ପିଟାଲରେ ପରିଚ୍ଛନ୍ନତା

କେତେକ ହସ୍ପିଟାଲରେ ରୋଗୀଙ୍କୁ ସଫା ବେଡ୍‌ଶିଟ ଯୋଗାଇ ଦିଆଯାଉ ନାହିଁ ଏବଂ ଶୌଚାଗାର ନିୟମିତ ସଫା ହେଉ ନାହିଁ। କିଛିଦିନ ତଳେ ବାଲେଶ୍ୱର ଜିଲା ମୁଖ୍ୟ ହସ୍ପିଟାଲରେ ପରିଚ୍ଛନ୍ନତା ବିଷୟରେ ବିଶେଷ ଧ୍ୟାନ ଦିଆଯାଉ ନ ଥିବାରୁ ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ପାଇଁ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ପ୍ରତାପ ଷଡଙ୍ଗୀ ସେଠାରେ ଧାରଣାରେ ବସିଥିଲେ। ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ ବିଶେଷ ଦୃଷ୍ଟି ଦେବା କଥା। ନଚେତ୍ ଗୋଟିଏ ରୋଗର ଉପଶମ ପାଇଁ ଆସିଥିବା ରୋଗୀ ଆଉ କେତେକ ରୋଗରେ ଆକ୍ରାନ୍ତ ହେବା ବିଚିତ୍ର ନୁହେଁ।

ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଜମ୍ମୁ-କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ରହିଛି ଓ ରହିବ ବୋଲି ବୁଧବାର ଜାତିସଂଘ ମାନବାଧିକାର ପରିଷଦର ୪୩ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଭାରତୀୟ କୂଟନୀତିଜ୍ଞ ବିକାଶ ସ୍ୱରୂପ କହିଛନ୍ତି। ଜେନେଭାରେ ଅନୁଷ୍ଠିତ ଏହି ଅଧିବେଶନରେ ବହିର୍ବ୍ୟାପାର ସଚିବ ପାକିସ୍ତାନକୁ ବିଶ୍ୱ ଆତଙ୍କବାଦର କେନ୍ଦ୍ରସ୍ଥଳ ବୋଲି କହିଥିଲେ। ପାକିସ୍ତାନ ପ୍ରଥମେ ନିଜ ଘର ସଜାଡୁ ଓ ଏହାର ଲୋକମାନଙ୍କର ବିଶେଷ କରି ସଂଖ୍ୟାଲଘୁମାନଙ୍କ ଅବସ୍ଥା ସମ୍ପର୍କରେ ଆତ୍ମସମୀକ୍ଷା କରୁ ବୋଲି ସ୍ୱରୂପ କହିଥିଲେ।



## ସଂକ୍ଷେପରେ

### ଦ୍ୱିତୀୟ ପର୍ଯ୍ୟାୟ ପଦୋନ୍ନତି ଅଦାଲତ ଲାଗି ତାରିଖ ଧାର୍ଯ୍ୟ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ଦ୍ୱିତୀୟ ପର୍ଯ୍ୟାୟ ପଦୋନ୍ନତି ଅଦାଲତ ଚଳିତ ମାସରେ ଅନୁଷ୍ଠିତ ହେବ। ଏଥିଲାଗି ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଚଳିତ ମାସର ଆସନ୍ତା ୨୭, ୨୮, ୨୯ ଏବଂ ମାର୍ଚ୍ଚ ୨ ତାରିଖରେ ପଦୋନ୍ନତି ଅଦାଲତ ବସିବା ପାଇଁ ସ୍ଥିର ହୋଇଛି। ପ୍ରଥମ ପର୍ଯ୍ୟାୟ ପଦୋନ୍ନତି ଅଦାଲତରେ ଯେପରି ଆବେଦନକାରୀମାନେ ଆସି ସେମାନଙ୍କ ସମସ୍ୟା ସମ୍ପର୍କରେ କହୁଥିଲେ ଏଥର ମଧ ସମାନ ଢଙ୍ଗରେ କରାଯିବ। ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀଙ୍କ ସମେତ ଅନ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସ୍ତରର ଅଧିକାରୀମାନେ ଏହି ପଦୋନ୍ନତି ଅଦାଲତରେ ଭିନ୍ନଭିନ୍ନ ସ୍ଥାନରେ ଉପସ୍ଥିତ ରହିବେ। ସେମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗଗୁଡିକ ବାଣ୍ଟି ଦିଆଯିବ। ଅଦାଲତକୁ ଆସିବାକୁ ଚାହୁଁଥିବା କର୍ମଚାରୀମାନଙ୍କ ନିକଟରୁ ଇ-ମେଲ୍ ଜରିଆରେ ଚିଠି ପହଞ୍ଚିବ। ଏହାସହ ଏକ ତାଲିକା ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ୱେବ୍‌ସାଇଟରେ ପ୍ରକାଶ ପାଇବ। ଉକ୍ତ ତାଲିକାକୁ ଯାଞ୍ଚ କରି ପଦୋନ୍ନତି ଅଦାଲତରେ ପହଞ୍ଚିବାକୁ କୁହାଯାଇଛି।

# ଋଣ ପରିମାଣ ନିୟନ୍ତ୍ରଣାଧୀନ: ଅର୍ଥମନ୍ତ୍ରୀ

- ୨୦୨୦-୨୧ ବଜେଟ ଆଲୋଚନା
- ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ଋଣ ନିୟନ୍ତ୍ରଣାଧୀନ ସ୍ଥିତିରେ ରହିଛି। ଋଣର ପରିମାଣ ନେଇ କୌଣସି ସଦସ୍ୟଙ୍କୁ ଚିନ୍ତା କରିବା ଉଚିତ ନୁହେଁ ବୋଲି ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର କହିଛନ୍ତି। ବିଧାନସଭାର ବଜେଟ୍ ଅଧିବେଶନର ପ୍ରଥମ ପର୍ଯ୍ୟାୟର ଶେଷ ଦିନରେ ବକ୍ତବ୍ୟ ରଖି ଅର୍ଥମନ୍ତ୍ରୀ ଏହା କହିଛନ୍ତି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ପୂଜାରୀ ଗତ ୧୮ ତାରିଖରେ ୧,୫୦,୦୦୦ କୋଟି ଟଙ୍କାର ବଜେଟ୍ ଉପସ୍ଥାପନ କରିଥିଲେ। ଏହା ଉପରେ ସାଧାରଣ ଆଲୋଚନା ପାଇଁ ୩ ଦିନ ସମୟ ଧାର୍ଯ୍ୟ କରାଯାଇଥିଲା। ହେଲେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଆଲୋଚନାର ପ୍ରଥମ ଦିନ ନଷ୍ଟ ହୋଇଥିଲା। ଅପରପକ୍ଷରେ ଏହାର ପରବର୍ତ୍ତୀ ଦୁଇ ଦିନ ଆଲୋଚନା ସମ୍ଭବ ହୋଇଥିଲା।

ଅର୍ଥମନ୍ତ୍ରୀ ନିରଞ୍ଜନ କହିଥିଲେ ଯେ, ରାଜ୍ୟର ସକଳ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ୨୫ ପ୍ରତିଶତ ଋଣ କରାଯାଇପାରିବ। ସେହିପରି ସୁଧ ଦେୟ ଏବଂ ରାଜସ୍ୱ ଆଦାୟ ଅନୁପାତ ୧୫ ପ୍ରତିଶତ ରହିବ। ଅଭିଲେଖାକାର ୨୦୧୮-୧୯ ଆର୍ଥିକ ବର୍ଷକୁ ସମୀକ୍ଷା କରି ଋଣର ପରିମାଣ ଜିଏସ୍‌ଡିପିର ୧୬.୫ ପ୍ରତିଶତ ରହିଥିବା ମତ ଦେଇଥିଲେ। ୨୦୨୦-୨୧ ବର୍ଷ ପାଇଁ ହେବାକୁ ଥିବା ଋଣ କୌଣସି ନକାରାତ୍ମକ ପରିସ୍ଥିତି ସୃଷ୍ଟି କରିବ ନାହିଁ। ପୂର୍ବାପେକ୍ଷା ବଜେଟ୍‌କୁ ଡିଜିଟାଲାଇଜେଶନ୍ କରାଯାଇଥିବା ଅର୍ଥମନ୍ତ୍ରୀ କହିଥିଲେ। ସେହିପରି ବଜେଟ୍ ଆଲୋଚନା ସମୟରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଦେଇଥିବା କେତେକ ତଥ୍ୟ କାଳ୍ପନିକ ବୋଲି ଅର୍ଥମନ୍ତ୍ରୀ କହିଥିଲେ। ରାଜ୍ୟକୁ ଦରମା ବାବଦକୁ ୨୮,୦୮୩ କୋଟି ଟଙ୍କା, ପେନସନ୍ ବାବଦକୁ ୧୫,୯୦୦ କୋଟି ଏବଂ ସୁଧ ବାବଦକୁ ୭୧୬୦ କୋଟି ଟଙ୍କା ଦିଆଯାଉଛି। ସେହିଭଳି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା କେତେକ ପ୍ରଶ୍ନର ଉତ୍ତର ମଧ ପୂଜାରୀ ରଖିଥିଲେ। ସେ କହିଥିଲେ ଜିଏସ୍‌ଡିପି ସହ ତୁଳନା କଲେ ଶିକ୍ଷା ବଜେଟ୍ କମ୍ ପରି ଲାଗୁଛି। ହେଲେ ଏହା ବାସ୍ତବରେ ହ୍ରାସ ପାଇନାହିଁ। ସ୍କୁଲ ଓ ଗଣଶିକ୍ଷା ବିଭାଗରେ ୨୦୧୯-୨୦ ପାଇଁ ୧୬,୪୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ୨୦୨୦-୨୧ ପାଇଁ ୧୭,୪୫୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଅନୁରୂପ ଭାବେ ଉଚ୍ଚଶିକ୍ଷାରେ ୨୩୭୫ କୋଟି ତୁଳନାରେ ୨୪୦୬ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମଧ ବ୍ୟୟବରାଦ ଆଖିଦୃଶିଆ ହୋଇଥିବା ମନ୍ତ୍ରୀ କହିଥିଲେ। ଅର୍ଥ କମିଶନ ରାଜ୍ୟର ଆର୍ଥିକ ସ୍ଥିତି ନେଇ ରିପୋର୍ଟ ପ୍ରସ୍ତୁତ କରୁଛନ୍ତି। ହେଲେ ସେହି ଆଧାରରେ ଅନୁଦାନ କେନ୍ଦ୍ର ସରକାରଙ୍କ ପାଖରୁ ମିଳୁ



ନାହିଁ। ମୂଳ ତଥା ପ୍ରାରମ୍ଭିକ ଆକଳନରୁ ପ୍ରାୟ ୧୮ ହଜାର କୋଟି ଟଙ୍କା ହ୍ରାସ ପାଇଛି। ଜଳସେଚନ କ୍ଷେତ୍ରରେ ଧାର୍ଯ୍ୟଲକ୍ଷ୍ୟ ପୂରଣ ହୋଇଥିବା ମନ୍ତ୍ରୀ କହିଥିଲେ। ହେଲେ ମନ୍ତ୍ରୀଙ୍କ ଉତ୍ତରରେ ବିରୋଧୀ ଦଳ ସନ୍ତୁଷ୍ଟ ହୋଇ ନ ଥିଲେ। ମନ୍ତ୍ରୀଙ୍କ ପୂର୍ଣ୍ଣାଙ୍ଗ ଉତ୍ତର ସମାପ୍ତ ହେବା ପୂର୍ବରୁ ଭାଜପା ଏବଂ କଂଗ୍ରେସ ସଭ୍ୟ କକ୍ଷ ତ୍ୟାଗ କରିଥିଲେ।

ବୁଧବାର ହୋଇଥିବା ଆଲୋଚନାରେ ନରସିଂହ କହିଥିଲେ ଯେ, ଲୋୟର ସୁକତେଲ ପ୍ରକଳ୍ପ ତୁରନ୍ତ ସମାପ୍ତ କରାଯାଉ। କେନ୍ଦ୍ର ଯଦି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍ଏସ୍‌ପି) ବୃଦ୍ଧି କରୁନାହିଁ, ତେବେ ରାଜ୍ୟ ସରକାର ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରନ୍ତୁ। ରାଜ୍ୟରେ ସ୍କୁଲ ଡ୍ରପ୍ ଆଉଟ୍ ସଂଖ୍ୟା ଉଦବେଗଜନକ। ରାଜ୍ୟରେ ବେକାରି ହାର ସର୍ବାଧିକ ହେବା ଦୁର୍ଭାଗ୍ୟଜନକ। ଆଞ୍ଚଳିକ ବୈଷମ୍ୟବାଦ ଦୂର କରିବା ପାଇଁ ସରକାର ଚେଷ୍ଟା କରିବା ଉଚିତ। ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ସ୍ଥାପନା, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ କାର୍ଯ୍ୟବିଧି ସମ୍ପର୍କରେ ମଧ ନରସିଂହ ଆଲୋଚନା କରିଥିଲେ। ସେହିପରି ତାରା ପ୍ରସାଦ ବାହିନୀପତି କହିଥିଲେ ଯେ, ବହୁ ଶିଳ୍ପ ସଂସ୍ଥା ରାଜ୍ୟ ଛାଡିଛନ୍ତି। ମେକ୍ ଇନ୍ ଓଡ଼ିଶା ଦ୍ୱାରା କିଛି ଲାଭ ହୋଇନାହିଁ। ହକି ବିଶ୍ୱକପ୍ ଏବଂ ଷ୍ଟାଡିୟମ୍ ନିର୍ମାଣରେ ଦୁର୍ନୀତି ହୋଇଛି। ଏହାର ତଦନ୍ତ ହେଲେ ଏକାଧିକ ଆଇଏଏସ୍ ଅଧିକାରୀଙ୍କ ମୁଖା ଖୋଲିବ। ତେଣୁ ସରକାର ଏହାର ଇଡି କିମ୍ବା ସିବିଆଇ ଯାଞ୍ଚ ନିର୍ଦ୍ଦେଶ ଦିଅନ୍ତୁ। କେନ୍ଦ୍ର ସରକାର ୮ ଯୋଜନାର ଅନୁଦାନ ହ୍ରାସ କରିଛନ୍ତି। ରାଜ୍ୟ ସରକାର ଆଖୁ ଏବଂ କପା ଚାଷ ପ୍ରତି ଗୁରୁତ୍ୱ ଦିଅନ୍ତୁ। କୋରାପୁଟ ଜିଲାର ଗୁପ୍ତେଶ୍ୱର ପୀଠକୁ ବିକଶିତ କରାଯାଉ ବୋଲି ତାରା ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରତାପ ଦେବ, ସତ୍ୟ ନାରାୟଣ ପ୍ରଧାନ, ମୋହନ ମାଝି, ଅଶ୍ୱିନୀ ପାତ୍ର, ଲତିକା ପ୍ରଧାନ, ଭାସ୍କର ମଢେଇ, ମୁକେଶ ପାଲ,ଗଣେଶ ରାମ ସିଂଖୁଣ୍ଟିଆ ଏବଂ ନବଚରଣ ମାଝି ପ୍ରମୁଖ ଆଲୋଚନା କରିଥିଲେ।

# ଜମ୍ମୁ-କଶ୍ମୀରରେ କାର୍ଯ୍ୟକାରୀ ହେଲା ସୂଚନା ଅଧିକାର ଆଇନ

- ସୂଚନା ଅଧିକାରୀଙ୍କୁ ମିଳିଲା ତଥ୍ୟ
- ଏବେ ସୁଦ୍ଧା ୧୬ ଅଟକ
- ଜମ୍ମୁ-କଶ୍ମୀରରେ ରହିଛି ୧୪୨ଡିଗ୍ରୀ କଲେଜ

ବଲାଙ୍ଗୀର ଅଫିସ, ୨୬।୨

ଭାରତୀୟ ସମ୍ବିଧାନର ୩୭୦ଧାରା ବଳରେ ଜମ୍ମୁ-କଶ୍ମୀର ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ଲାଭ କରିଥିଲା। ଏଥିଯୋଗୁ ଦେଶର ଅଧିକାଂଶ ସମ୍ବିଧାନ ସମ୍ମତ ଆଇନ ଜମ୍ମୁ-କଶ୍ମୀରରେ ପ୍ରଚଳିତ ନଥିଲା। ଏପରିକି ଦେଶରେ ପ୍ରଚଳିତ ଅନ୍ୟତମ ପ୍ରଗତିଶୀଳ ଆଇନ ଭାବେ ଜଣାଶୁଣା ସୂଚନା ଅଧିକାର ଆଇନ ମଧ ଏହି ରାଜ୍ୟ ପାଇଁ ପ୍ରଯୁଜ୍ୟ ନ ଥିଲା। ସୂଚନା ଅଧିକାର ଆଇନ ୨୦୦୫ର ପ୍ରଥମ ଅଧ୍ୟାୟରେ ହିଁ ଏହି ଆଇନ ଜମ୍ମୁ-କଶ୍ମୀର ବ୍ୟତୀତ ସମଗ୍ର ଭାରତବର୍ଷରେ ଲାଗୁ ହେବ ବୋଲି ଉଲ୍ଲେଖ ରହିଛି। କିନ୍ତୁ ଧାରା ୩୭୦କୁ କେନ୍ଦ୍ର ସରକାର ଉଚ୍ଛେଦ କଲା ପରେ ସୂଚନା ଅଧିକାର ଆଇନ ୨୦୦୫ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ ହୋଇଥିବା ସୂଚନା ଅଧିକାର ଆଇନରୁ ଜଣାପଡିଛି । ବଲାଙ୍ଗୀରର ସୂଚନା ଅଧିକାର କର୍ମୀ ହେମନ୍ତ କୁମାର ପଣ୍ଡା ଜମ୍ମୁ-କଶ୍ମୀର ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟକୁ ଏ ସମ୍ପର୍କରେ ତଥ୍ୟ ମାଗିବା ସହ ସେଠାକାର ଶିକ୍ଷା ଭିତ୍ତିଭୂମି ଓ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ବିଭିନ୍ନ ତଥ୍ୟ ମାଗିଥିଲେ । ତାଙ୍କ ଆବେଦନକୁ ସୂଚନା ଅଧିକାର ଆଇନର ଧାରା ୬(୩) ଅନୁଯାୟୀ ଉପରାଜ୍ୟପାଳଙ୍କ କାର୍ଯ୍ୟାଳୟରୁ ବିଭିନ୍ନ ବିଭାଗକୁ ହସ୍ତାନ୍ତର କରାଯିବା ସହିତ କେତେକ ତଥ୍ୟ ପ୍ରଦାନ କରାଯାଇଛି । କଶ୍ମୀର ଜୋନାଲ ପୋଲିସ ମୁଖ୍ୟାଳୟ ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନ ୨୦୦୫ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ପ୍ରଯୁଜ୍ୟ ବୋଲି ତଥ୍ୟ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଆଇନଶୃଙ୍ଖଳା ପରିସ୍ଥିତି ଉକ୍ତ ଜୋନ ଅଞ୍ଚଳରେ ଶାନ୍ତିପୂର୍ଣ୍ଣ ଥିବା ତଥ୍ୟ ପ୍ରଦାନ କରିଛନ୍ତି। କେତେକ ଅଞ୍ଚଳରେ ନିଷେଧାଦେଶ ଜାରି କରାଯାଇଥିବାବେଳେ କୌଣସି ଅଞ୍ଚଳରେ କର୍ଫ୍ୟୁ ଲାଗୁ କରାଯାଇ ନ ଥିବା ତଥ୍ୟ ପ୍ରଦାନ କରିଛନ୍ତି । କେବଳ ପୁଞ୍ଚ ଜିଲାର ୧୫ ଜଣଙ୍କୁ ପିଏସ୍ଏ ତଥା ଜନସୁରକ୍ଷା ଆଇନ ଯୋଗେ ଅଟକ ରଖାଯାଇଥିବା ଓ ରାମବାନ ଜିଲାର ଜଣଙ୍କୁ ଏବଂ ସମୁଦାୟ ୧୬ ଜଣଙ୍କୁ ଅଟକ ରଖାଯାଇଥିବା ସୂଚନା ଦିଆଯାଇଛି। ଏହି ଜୋନର ଅବଶିଷ୍ଟ ୮ଟି ଜିଲାରେ କାହାକୁ ମଧ ଅଟକ ରଖାଯାଇ ନ ଥିବା ତଥ୍ୟ ମିଳିଛି। ସମଗ୍ର ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୧୪୨ଟି ଡିଗ୍ରୀ କଲେଜ ରହିଥିବା ଉଚ୍ଚଶିକ୍ଷା ବିଭାଗ ତଥ୍ୟ ପ୍ରଦାନ କରିବା ସହିତ ୧୩୦୬ ଜନସଂଖ୍ୟାରେ ଗୋଟିଏ କଲେଜ ରହିଥିବା ଜଣାଇଛନ୍ତି। ମହାବିଦ୍ୟାଳୟ ଏବଂ ଶିକ୍ଷକ ଆନୁପାତିକ ହାର ୧ : ୨୦ ବୋଲି ମଧ ତଥ୍ୟ ପ୍ରଦାନ କରାଯାଇଛି। ଜମ୍ମୁ-କଶ୍ମୀରର ସରକାରୀ ତଥ୍ୟ ଆନୁଷ୍ଠାନିକ ଭାବରେ ଦେଶର ଅନ୍ୟ ପ୍ରଦେଶର ନାଗରିକଙ୍କୁ ପ୍ରଦାନ କରାଯିବା ସମଗ୍ର ଦେଶ ପାଇଁ ପ୍ରଥମ ଘଟଣା ବୋଲି ସୂଚନା କର୍ମୀ ପଣ୍ଡା କହିଛନ୍ତି । ଏହା ଦ୍ୱାରା ଜମ୍ମୁ-କଶ୍ମୀରରେ ସରକାରୀ ଯୋଜନା, କାର୍ଯ୍ୟକ୍ରମ ରୂପାୟନ ସମ୍ପର୍କରେ ଦେଶବାସୀ ଅବଗତ ହେବା ସହ ସେଠାକାର ପ୍ରଶାସନ ଲୋକଙ୍କ ପାଖରେ ଆହୁରି ଉତ୍ତରଦାୟୀ ହେବ ବୋଲି ପଣ୍ଡା କହିଛନ୍ତି।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକସେବା ଭବନରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ଫୁଟବଲ ୨୦୨୦ର କପ୍ ଜ୍ୟାକେଟ୍ ଏବଂ ମାସ୍କଟ ଲୋକାର୍ପଣ କରୁଛନ୍ତି।

# ସନ୍ଦିଗ୍ଧ କରୋନା ରୋଗୀଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ଗଲା

ସମ୍ବଲପୁର/ହେମଗିର,୨୬।୨ (ବ୍ୟୁରୋ/ଡି.ଏନ.ଏ.)

ସମ୍ବଲପୁର ଜିଲା ବୁର୍ଲାସ୍ଥିତ ଭିମ୍‌ସାରରେ ଜଣେ ସନ୍ଦିଗ୍ଧ କରୋନା ସଂକ୍ରମଣ ରୋଗୀ ଭର୍ତ୍ତି ହୋଇଛନ୍ତି। ସେ ସୁନ୍ଦରଗଡ ଜିଲା ହେମଗିର ଅଞ୍ଚଳର ବୋଲି ଜଣାପଡିଛି। ରୋଗୀଙ୍କୁ ଆଇସୋଲେସନ୍ ବ୍ୟବସ୍ଥାରେ ରଖାଯାଇ ସ୍ୱତନ୍ତ୍ର ଚିକିତ୍ସା କରାଯାଉଛି। ଏଥିପାଇଁ ଡା. ସୁଦର୍ଶନ ପୋଥାଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଛି। ବୁଧବାର ରକ୍ତ ଓ ସ୍ୱାପ୍ ନମୁନା ସଂଗ୍ରହ କରି ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସି ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଛି । ଭୁବନେଶ୍ୱରରୁ ଆବଶ୍ୟକ ପଡିଲେ ପୁଣେ ପରୀକ୍ଷା ପାଇଁ ନିଆଯିବ । ରିପୋର୍ଟ ଆସିଲା ପରେ ସଂକ୍ରମଣ ହୋଇଛି କି ନାହିଁ ଜଣାପଡିବ। ଏଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଭିମ୍‌ସାର ପକ୍ଷରୁ ପ୍ରସ୍ତୁତ କରାଯାଇଥିଲା। ଏବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଛି । କାଶ ଓ ଜ୍ୱର ହେଉଛି । ରିପୋର୍ଟକୁ ଅପେକ୍ଷା କରାଯାଇଛି ବୋଲି ଡାକ୍ତର ପୋଥାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ ଜିଲା ହେମଗିର ବସୁନ୍ଧରା କୋଇଲା ଖଣି କାର୍ଯ୍ୟରତ ଜଣେ ଅଧିକାରୀଙ୍କ ଏହି ୨୩ ବର୍ଷୀୟ ପୁଅ ଦକ୍ଷିଣ କୋରିଆରେ ରିସର୍ଚ୍ଚ କରନ୍ତି। ଗତ ୨୨ ତାରିଖରେ ସେ ଦିଲ୍ଲୀରେ ଓହ୍ଲାଇଥିଲେ। ଦିଲ୍ଲୀ ବିମାନ ବନ୍ଦରରେ ତାଙ୍କଠାରେ କରୋନା ଭାଇରାସ ଉପରେ ଯାଞ୍ଚ କରାଯିବାରୁ ନେଗେଟିଭ ରିପୋର୍ଟ ଆସିଥିଲା। ହେଲେ ୨୩ ତାରିଖ ସେ ଘରେ ପହଞ୍ଚିବା ପରେ ୨୪ ତାରିଖ ତାଙ୍କୁ ଜ୍ୱର, କାଶ ହୋଇଥିଲା। ମଙ୍ଗଳବାର ରାତିରେ ତାଙ୍କୁ ବୁର୍ଲା ଭିମ୍‌ସାରରେ ଭର୍ତ୍ତି କରାଯାଇଥିଲା।

# ହିନ୍ଦୀ ଥିଓରି ଫୁଲ୍ ମାର୍କ ୪୦, ଛାତ୍ର ରଖିଲେ ୮୭

ଉମରକୋଟ, ୨୬।୨ (ଡି.ଏନ.ଏ)

ଛାତ୍ରଙ୍କ ଭବିଷ୍ୟତ ସହ ଖେଳ। ବୋର୍ଡ କାର୍ଯ୍ୟାଳୟର ଖାମଖିଆଲ ମୂଲ୍ୟାଙ୍କନ ଯୋଗୁ ପରୀକ୍ଷାରେ ଫୁଲ ମାର୍କଠାରୁ ଅଧିକ ମାର୍କ ରଖିଛନ୍ତି ଜଣେ ଛାତ୍ର। ହିନ୍ଦୀ ଥିଓରୀର ଫୁଲ ମାର୍କ ୪୦ ହୋଇଥିବା ସ୍ଥଳେ ୮୭ ମାର୍କ ଦିଆଯାଇଛି। ନବରଙ୍ଗପୁର ଜିଲା ଉମରକୋଟ ସ୍ଥିତ ବ୍ଲକ ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନ (ବିଆଇଟି)ରେ ପଢୁଥିବା ୨ୟ ବର୍ଷର ଛାତ୍ର ତପନ ଗଣ୍ଡଙ୍କ ପରୀକ୍ଷା ଫଳାଫଳ ଏପରି ଆସିଛି। ଏହା ଦେଖି ତପନ ଆଶ୍ଚର୍ଯ୍ୟ ହୋଇଛନ୍ତି । ଶିକ୍ଷକ ଓ ପ୍ରଶିକ୍ଷଣ ଅନୁଷ୍ଠାନରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପ୍ରଥମ ଓ ୨ୟ ବର୍ଷରେ ବୋର୍ଡ ପରୀକ୍ଷା ହୋଇଥାଏ। ଛାତ୍ରୀଛାତ୍ରମାନେ ଥିଓରୀରେ ୪୪୦ ମାର୍କ , ଆସାଇନମେଣ୍ଟରେ ୧୧୦ ମାର୍କ ଏବଂ ପ୍ରାକ୍ଟିକାଲରେ ୧୦୦ ମାର୍କ ସହ ମୋଟ ୬୫୦ ମାର୍କର ପରୀକ୍ଷା ଦେଇଥାନ୍ତି। ଶିକ୍ଷା ଓ ପ୍ରଶିକ୍ଷଣ ଅନୁଷ୍ଠାନରେ ତପନ ପ୍ରଥମ ବର୍ଷରେ ଯେଉଁ ପରୀକ୍ଷା ଦେଇଥିଲେ ତାହାର ଫଳାଫଳ ଗତ ୨ ଦିନ ପୂର୍ବେ ଅନ୍‌ଲାଇନ ମାଧ୍ୟମରେ ବାହାରିଥିଲା। ଏ ସଂକ୍ରାନ୍ତରେ ଅନୁଷ୍ଠାନର ଶିକ୍ଷକଙ୍କୁ ଜଣାଇଥିଲେ। ଏ ସମ୍ପର୍କରେ ବିଆଇଟି ଅନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷଙ୍କୁ ପଚାରିବାରୁ ସେ କହିଥିଲେ ଯେ, ଅନଲାଇନରୁ ପରୀକ୍ଷାଫଳ ସମ୍ପର୍କରେ ସେ ଜାଣିବାକୁ ପାଇଥିଲେ। ତେବେ ଟାବୁଲେସନ ନଚେତ ମୂଲ୍ୟାୟନ ବେଳେ ଏହି ଭୁଲ ହୋଇଥାଇପାରେ। ତପନ ଏବେ ୨ୟ ବର୍ଷରେ ପଢୁଥିବାରୁ ସେ ୨ୟ ବର୍ଷର ବୋର୍ଡ ପରୀକ୍ଷା ଦେବେ। ଶେଷ ବର୍ଷର ପରୀକ୍ଷା ଫଳରେ ଏହି ତ୍ରୁଟି ସଂଶୋଧନ ହୋଇଯିବ ବୋଲି ସେ କହିଛନ୍ତି।ଯୋଗୁ କିଛି ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହିତ ଖେଳ ଖେଳାଯାଉଛି । ଏହାକୁ ନେଇ ଛାତ୍ରୀଛାତ୍ର ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି।

### ଟ୍ରକ୍ କ୍ୟାବିନରେ ଚାଳକଙ୍କ ମୃତଦେହ

ଟିକିରି, ୨୬।୨ (ଡି.ଏନ୍.ଏ.): ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିସ୍ଥିତ ନଟରାଜ ପେଟ୍ରୋଲ ପମ୍ପ ପାଖରେ ପାର୍କିଂ କରିଥିବା ଏକ ମାଲ ବୋଝେଇ ଟ୍ରକ କ୍ୟାବିନରୁ ଡ୍ରାଇଭରଙ୍କ କ୍ଷତାକ୍ତ ମୃତଦେହକୁ ବୁଧବାର ସ୍ଥାନୀୟ ପୋଲିସ ଉଦ୍ଧାର କରିଛି। ଘଟଣାସ୍ଥଳରୁ ହେଲ୍‌ପର ଫେରାର ଥିବାରୁ ସେ ହତ୍ୟା କରି ଥାଇ ପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଆସିକାରୁ ଉତ୍କଳ ଆଲୁମିନାକୁ ମାଲ ନେଇ ଆସୁଥିବା ଏକ ଟ୍ରକ୍ (ଓଆର-୦୭ଡବ୍ଲ୍ୟୁ-୦୯୫୫) ମଙ୍ଗଳବାର ସନ୍ଧ୍ୟାରେ ନଟରାଜ ପେଟ୍ରୋଲ ପମ୍ପ ପାଖ ରାସ୍ତାରେ ପାର୍କିଂ କରିଥିଲା। ବୁଧବାର ସକାଳ ପର୍ଯ୍ୟନ୍ତ ମଧ ଟ୍ରକଟି ସେଠାରେ ରହିଥିଲା। ଦୀର୍ଘ ସମୟ ଧରି ରାସ୍ତା ପାର୍ଶ୍ୱରେ ଟ୍ରକଟି ଅଟକିଥିବା ଦେଖି ସକାଳେ ସ୍ଥାନୀୟ ଲୋକେ ଗାଡି କ୍ୟାବିନ ଭିତରକୁ ଅନାଇଥିଲେ। ଭିତରେ ଡ୍ରାଇଭର ରକ୍ତାକ୍ତ ଅବସ୍ଥାରେ ପଡିଥିବା ଦେଖି ସେମାନେ ଟିକିରି ଥାନାକୁ ଖବର ଦେଇଥିଲେ।

# ମୋ ସରକାରରେ ସାମିଲ ହେଲା ରାଜସ୍ୱ ବିଭାଗ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମୋ ସରକାରରେ ବୁଧବାର ସାମିଲ ହୋଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକମାନଙ୍କୁ ସରକାରୀ କର୍ମଚାରୀମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମୋ ସରକାରରେ ସାମିଲ ହୋଇଥିବାରୁ ମୁଁ ଅତ୍ୟନ୍ତ ଆନନ୍ଦିତ। ୭୦ ଲକ୍ଷ ଲୋକଙ୍କୁ ସେବା ଯୋଗାଉଥିବା ରାଜ୍ୟରେ ଥିବା ସମସ୍ତ ତହସିଲ ଓ ଜମି ପଞ୍ଜୀକରଣ କାର୍ଯ୍ୟାଳୟ ଏବେ ମୋ ସରକାର କାର୍ଯ୍ୟକ୍ରମ ଅଧୀନକୁ ଆସିଛି। ଏହି କାର୍ଯ୍ୟାଳୟର ଅଧିକାରୀମାନେ ନିଶ୍ଚିତ ଭାବେ ଉତ୍ତରଦାୟୀ ରହିବେ। ୨୦୧୯ ଡିସେମ୍ବରରେ ଇ-ଡିଷ୍ଟ୍ରିକ୍ଟ ପୋର୍ଟାଲ ଅନ୍ତର୍ଗତ ଇ-ସାର୍ଟିଫିକେଟ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ପଞ୍ଜୀକରଣ କାର୍ଯ୍ୟାଳୟଗୁଡ଼ିକ ମୋ ସରକାର କାର୍ଯ୍ୟକ୍ରମ ଉପରେ ଅଧିକ ଫୋକସ କରିବେ। ଏହି ନୂତନ ପୋର୍ଟାଲ ଜରିଆରେ ରାଜ୍ୟର ୨ ଲକ୍ଷରୁ ଅଧିକ ଲୋକ ବିଭିନ୍ନ ପ୍ରକାର ସାର୍ଟିଫିକେଟ ପାଇଁ ଆବେଦନ କରିଛନ୍ତି। ସେମାନଙ୍କ ମଧ୍ୟରୁ ୧.୩୫ ଲକ୍ଷ ଲୋକ ସେମାନଙ୍କର ସାର୍ଟିଫିକେଟ ପାଇ ସାରିଛନ୍ତି। ମୋ ସରକାର କାର୍ଯ୍ୟକ୍ରମରେ ବିଭାଗ ସାମିଲ ହୋଇଥିବା ଏହା ଆହୁରି ପେସାଦାର ଉତ୍ତରଦାୟୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଏଟିଏମ୍‌ରୁ ବାହାରୁଛି ଅଧିକ ୫୦୦ ଟଙ୍କିଆ ନୋଟ୍

ନୂଆଦିଲ୍ଲୀ, ୨୬।୨

ବିଭିନ୍ନ ବ୍ୟାଙ୍କର ଏଟିଏମ୍‌ଗୁଡିକରୁ ଏବେ ୨୦୦୦ ଟଙ୍କିଆ ନୋଟ ତୁଳନାରେ ଅଧିକ ୫୦୦ ଟଙ୍କିଆ ନୋଟ ବାହାରୁ ଥିବା ନଜରକୁ ଆସୁଛି। ୨୦୦୦ ଟଙ୍କିଆ ଭଳି ବଡ ମୂଲ୍ୟର ନୋଟକୁ ବଜାରରୁ ପ୍ରତ୍ୟାହାର ହେବା ଭଳି ପ୍ରତୀୟମାନ ହେଉଛି। ଏଭଳି ବଡ ନୋଟ୍ ପ୍ରିଣ୍ଟ ବନ୍ଦ ହୋଇଥିବା ଗତ ବର୍ଷ ରିଜର୍ଭ ବ୍ୟାଙ୍କ ସୂଚନା ଅଧିକାର ଯୋଗୁ ମଗାଯାଇଥିବା ତଥ୍ୟରେ ପ୍ରକାଶ କରିଥିଲା। ଗ୍ରାହକଙ୍କ ସୁବିଧା ଲାଗି ଏଟିଏମ୍‌ରେ କମ୍ ମୂଲ୍ୟର ନୋଟ ରଖିବା ନେଇ ଅର୍ଥମନ୍ତ୍ରଣାଳୟ ପକ୍ଷରୁ ବ୍ୟାଙ୍କଗୁଡିକୁ କୌଣସି ନିର୍ଦ୍ଦେଶ ଦିଆଯାଇ ନାହିଁ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଉଚ୍ଚ ପଦସ୍ଥ ଅଧିକାରୀ କହିଛନ୍ତି। ମାତ୍ର କେତେକ ବ୍ୟାଙ୍କ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ଏଟିଏମ୍‌କୁ ଛୋଟ ନୋଟ ବାହାରିବା ଭଳି ରିକାଲିବ୍ରେଶନ ବା ସୁବିଧା କରିସାରିନେଣି। ଏହି କ୍ରମରେ ଅନ୍ୟ ବ୍ୟାଙ୍କଗୁଡିକ ମଧ ସମାନ ନୀତି ଆପଣାଉଥିବା ଦେଖାଯାଉଛି। ରାଷ୍ଟ୍ରାୟତ୍ତ ଇଣ୍ଡିଆନ ବ୍ୟାଙ୍କ ଏହାର ଏଟିଏମ୍‌ରେ ୨୦୦୦ ଟଙ୍କିଆ ନୋଟ ନ ଛାଡିବା ଲାଗି ସ୍ପଷ୍ଟ କରିସାରିଛି। ଏଟିଏମ୍‌ରେ ୨୦୦୦ ଟଙ୍କିଆ ନୋଟ ବନ୍ଦ କରିବା ନେଇ କୌଣସି ନିର୍ଦ୍ଦେଶ ଅର୍ଥ ମନ୍ତ୍ରଣାଳୟ ଦେଇ ନ ଥିବା




ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

୨୦୧୬-୧୭ରେ ରିଜର୍ଭ ବ୍ୟାଙ୍କ ୩୫୪୨.୯୯୧ ନିୟୁତ ୨୦୦୦ ଟଙ୍କିଆ ନୋଟ ଛାପିଥିଲା। ୨୦୧୭-୧୮ରେ ଏହା ୧୧୧.୫୦୭ ନିୟୁତ ଏବଂ ୨୦୧୮-୧୯ରେ ଏହା ୪୬.୬୯୦ ନିୟୁତକୁ ଖସିଛି। ଏଥିରୁ ଜଣାପଡୁଛି ଯେ, ଧୀରେ ଧୀରେ ଏହି ନୋଟଗୁଡିକ କମ୍ ବଜାରକୁ ଆସୁଛି। କଳାଟଙ୍କାକୁ କମାଇବା ଏବଂ ଜମାଖୋର ରୋକିବା ଲାଗି ସରକାର ଏଭଳି କରୁଥିବା କେହି କେହି କହୁଛନ୍ତି। ୨୦୦୦ ଟଙ୍କିଆ ନୋଟ ହଟାଇବା ନେଇ କୌଣସି ପ୍ରସ୍ତାବ ନାହିଁ ବୋଲି ଡିସେମ୍ବରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର କହିଥିଲେ। ଏଣୁ ଏହାକୁ ନେଇ ଚିନ୍ତା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ ମତ ଦେଇଥିଲେ। ସୂଚନା ମୁତାବକ ବର୍ତ୍ତମାନ ସୁଦ୍ଧା ପ୍ରଚଳନରେ ୨୨.୩୫ ଲକ୍ଷ କୋଟି ଟଙ୍କା ମୂଲ୍ୟର ନୋଟ ରହିଛି। ଏହା ୪ ନଭେମ୍ବର ୨୦୧୬ରେ ୧୭.୭୪ ଲକ୍ଷ କୋଟି ଟଙ୍କା ରହିଥିଲା। ଅକ୍ଟୋବର ୨୦୧୪ ଠାରୁ ଅକ୍ଟୋବର ୨୦୧୬ ମଧ୍ୟରେ ନୋଟ ପ୍ରଚଳନର ବାର୍ଷିକ ହାର ୧୪.୫୧% ରହିଛି। ଏହି ହିସାବକୁ ଦେଖିଲେ ବର୍ତ୍ତମାନ ୨୫.୦୪ ଲକ୍ଷ କୋଟି ଟଙ୍କାର ନୋଟ ଏବେ ପ୍ରଚଳନରେ ରହିବା କଥା।


## ପୂର୍ବ ତଟ ରେଳପଥ

**ମାର୍ଚ୍ଚ-2020 ପାଇଁ ଡିପୋ ଏବଂ ମଣ୍ଡଳ ଗୁଡ଼ିକ ନିମନ୍ତେ ସ୍କ୍ରାପ୍ ବିକ୍ରି ଅତିରିକ୍ତ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ ମଣ୍ଡଳ | ମାର୍ଚ୍ଚ-2020 ପାଇଁ ଅତିରିକ୍ତ ନିଲାମ ତାରିଖ |
|---|---|---|
| ମାର୍ଚ୍ଚ 2020 | ମଞ୍ଚେଶ୍ୱର ଡିପୋ | 16.03.2020 (ସୋମବାର) |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 05.03.2020 (ଗୁରୁବାର) ଏବଂ 17.03.2020 (ଶୁକ୍ରବାର) |
| | ୱାଲ୍ଟିୟର ମଣ୍ଡଳ | 20.03.2020 (ଶୁକ୍ରବାର)ଏବଂ 27.03.2020 (ଶୁକ୍ରବାର) |
| | ସମ୍ବଲପୁର ମଣ୍ଡଳ | 16.03.2020 (ସୋମବାର) ଏବଂ 26.03.2020 (ଗୁରୁବାର) |

ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସମ୍ପୂର୍ଣ୍ଣ ବିବରଣୀ ନିଲାମ କ୍ୟାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ନିଲାମ ସମ୍ପର୍କିତ ସଞ୍ଚାଳନ ଅଧିକାରୀଙ୍କ ପାଖରେ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍: https://www.ireps.gov.in ରେ ଉପଲବ୍ଧ ହେବ ।

PR-741/K/19-20 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

## ପୂର୍ବ ତଟ ରେଳପଥ

1.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-03-2020
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ରିହାତି ଦରରେ (Subsidized) ଭୋଜନର ବ୍ୟବସ୍ଥା ସହିତ ଭଦ୍ରକ ଠାରେ କ୍ରିଉ ଲବି, ପୁରୁଣା ଏବଂ ନୂଆ ରନିଙ୍ଗ୍ ରୁମ୍‌ଗୁଡ଼ିକର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 4,79,72,588.21, EMD (ଟଙ୍କାରେ) : 3,89,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।

2.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-04-2020
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ରିହାତି ଦରରେ (Subsidized) ଭୋଜନର ବ୍ୟବସ୍ଥା ସହିତ ଖୋର୍ଦ୍ଧା ରୋଡ୍ ଠାରେ ନୀଳାଚଳ ରନିଙ୍ଗ୍ ରୁମ୍, ଜଗନ୍ନାଥ ରନିଙ୍ଗ୍ ରୁମ୍ ଏବଂ କ୍ରିଉ ଲବିଗୁଡ଼ିକର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 5,26,48,740.26, EMD (ଟଙ୍କାରେ) : 4,13,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।

3.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-05-2020
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ରିହାତି ଦରରେ (Subsidized) ଭୋଜନର ବ୍ୟବସ୍ଥା ସହିତ କଟକ ଠାରେ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 2,55,12,124.25, EMD (ଟଙ୍କାରେ) : 2,77,600/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।

4.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-06-2020
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ରିହାତି ଦରରେ (Subsidized) ଭୋଜନର ବ୍ୟବସ୍ଥା ସହିତ ଜଖପୁରା ଠାରେ କ୍ରିଉ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 2,48,14,198.27, EMD (ଟଙ୍କାରେ) : 2,74,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।

5.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-07-2020
କାର୍ଯ୍ୟର ନାମ : 02(ଦୁଇ) ବର୍ଷ ସମୟାବଧି ନିମନ୍ତେ ବାହାର ଏଜେନ୍ସି ଜରିଆରେ ରିହାତି ଦରରେ (Subsidized) ଭୋଜନର ବ୍ୟବସ୍ଥା ସହିତ ଅନୁଗୋଳ ଠାରେ କ୍ରିଉ ଲବି ଏବଂ ରନିଙ୍ଗ୍ ରୁମ୍‌ର ରକ୍ଷଣାବେକ୍ଷଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 1,68,96,266.59, EMD (ଟଙ୍କାରେ) : 2,34,500/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।

6.ଟେଣ୍ଡର ବିଜ୍ଞପ୍ତି ସଂ. ELOP-T-08-2020
କାର୍ଯ୍ୟର ନାମ : ରାଜଆଠଗଡ଼, ଜଖପୁରା, କେନ୍ଦୁଝରଗଡ଼ ଏବଂ ପଲାସା ଠାରେ ଅହୋରାତ୍ର ଉଭୟ ଇଲେକ୍ଟ୍ରିକ ଏବଂ ଡିଜେଲ ଇଂଜିନ (ଲୋକୋମୋଟିଭ) ସ୍ୟାଣ୍ଡିଙ୍ଗ୍ (Sanding) ଉପକରଣଗୁଡ଼ିକର ପୁନଃପ୍ରତିଷ୍ଠା ସହିତ ସ୍ୟାଣ୍ଡଗିଅର (Sand gears)ଗୁଡ଼ିକର ମରାମତି ଏବଂ ରକ୍ଷଣାବେକ୍ଷଣ ତଥା ଆବଶ୍ୟକତା ଅନୁସାରେ ଅହୋରାତ୍ର 20 କି.ଗ୍ରା. ଜଳ ନିରୋଧୀ (Water Proof)ଆଦ୍ରତା ବିହୀନ (Non-Moisturized) ସ୍ୱଚ୍ଛ ପଲିଥିନ୍ ବ୍ୟାଗ୍ ଗୁଡିକରେ ସ୍ପେଶିଫିକେସ ନଂ.1987 : 2002 (ସ୍ପେଶିଫିକେସନର ଟେବୁଲ-3 ଧାରା 11.03 ଅନୁଯାୟୀ ଗ୍ରେଡ୍-C, 850/425) ଅନୁଯାୟୀ ଛଣା (Screened) ଏବଂ ଶୁଖିଲା ନଦୀ ବାଲିର ଯୋଗାଣ ତଥା ତାହାକୁ ପୁରୀ, ଭୁବନେଶ୍ୱର, ରାଜଆଠଗଡ଼, କେନ୍ଦୁଝରଗଡ଼ ଏବଂ ଜଖପୁରା ଠାରେ ଥିବା ବିଦ୍ୟୁତ/ଡିଜେଲ ଇଂଜିନ୍ (ଲୋକୋମୋଟିଭ୍) ସ୍ୟାଣ୍ଡ୍ ବାକ୍ସ (Sandbox) ଗୁଡ଼ିକରେ ଭରିବା କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 3,34,19,229.34, EMD (ଟଙ୍କାରେ) : 3,17,100/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-, ଶେଷ ହେବା ଅବଧି : 730 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ : ତା.28.02.2020ରିଖ (କ୍ରମ ସଂ.01 ରୁ 04 ନିମନ୍ତେ) ଏବଂ ତା.02.03.2020ରିଖ (କ୍ରମ ସଂ.05 ରୁ 06 ନିମନ୍ତେ), ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.13.03.2020ରିଖ (କ୍ରମ ସଂ.01 ରୁ 04 ନିମନ୍ତେ) ଏବଂ ତା.16.03.2020ରିଖ (କ୍ରମ ସଂ.05 ରୁ 06 ନିମନ୍ତେ) 1530 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(OP)/ ଖୋର୍ଦ୍ଧା ରୋଡ୍
PR-731/K/19-20

See Career Appointment on every Wednesday & Saturday

भारतीय विमानपत्तन प्राधिकरण
AIRPORTS AUTHORITY OF INDIA

## ଇ-ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି

ଭାରତୀୟ ବିମାନବନ୍ଦର ପ୍ରାଧିକରଣ, ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦର, ଭୁବନେଶ୍ୱର ମାସିକ ଟ.୩,୧୪,୭୦୦/- ଏମ୍.ଆର୍.ଏଲ୍.ଏଫ୍. ଦରରେ ଏନ୍‌ଡିଟିବି-ଟି୧ ଏବଂ ଆନ୍ତର୍ଜାତୀୟ ଟର୍ମିନାଲ-ଟି୨ଠାରେ "ବିମାନବନ୍ଦର ପ୍ରବେଶ ଟିକେଟ" ନିମନ୍ତେ ଲାଇସେନ୍ସ ଆମନ୍ତ୍ରଣ କରୁଛନ୍ତି। (ଟେଣ୍ଡର ଆଇଡି ନଂ. ୨୦୨୦_ଏଏଆଇ_୪୪୨୨୯_୧) ସିପିପି ପୋର୍ଟାଲ https://etenders.gov.in ମାଧ୍ୟମରେ ବିଡ୍ ଦାଖଲର ଶେଷ ତାରିଖ ତା୧୬/୦୩/୨୦୨୦ ଅଟେ।
ବିସ୍ତୃତ ବିବରଣୀ ନିମନ୍ତେ www.aai.aero କିମ୍ବା https://etenders.gov.in ରେ ଲଗ୍ ଅନ୍ କରନ୍ତୁ। ଏ ସମ୍ପର୍କରେ ଯଦି କୌଣସି ସଂଶୋଧନ/ ଶୁଦ୍ଧିପତ୍ର ଥାଏ, ତେବେ ତାହା କେବଳ https://etenders.gov.in ଏବଂ www.aai.aero ରେ ଅପ୍‌ଲୋଡ୍ କରାଯିବ।

## ପୂର୍ବ ତଟ ରେଳପଥ

### ବୈଦ୍ୟୁତିକ କାର୍ଯ୍ୟ

ଟେଣ୍ଡର ବିଜ୍ଞପ୍ତି ସଂ. SBP-ELECT-2020-T-100
କାର୍ଯ୍ୟର ନାମ : ସମ୍ବଲପୁର, ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ଷ୍ଟେସନ ଠାରେ କୋଚ୍‌ଗୁଡ଼ିକରେ କ୍ୱିକ୍ ୱାଟରିଂ ସିଷ୍ଟମ (Quick Watering System)ର ବ୍ୟବସ୍ଥା ସହିତ ବୈଦ୍ୟୁତିକ କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 29,40,425.50, EMD (ଟଙ୍କାରେ) : 58,800/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 06 (ଛଅ) ମାସ ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.03.2020ରିଖ 1530 ଘଟିକାରେ ।
ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।
ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (G), ସମ୍ବଲପୁର
PR-737/K/19-20

## ପୂର୍ବ ତଟ ରେଳପଥ

1. ଟେଣ୍ଡର ବିଜ୍ଞପ୍ତି ସଂ. eT-CRW-MCS-EL-2-2020
କାର୍ଯ୍ୟର ନାମ : 02 ବର୍ଷ ସମୟାବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ POH ସମୟରେ ନନ୍-ଏସି କୋଚ୍‌ଗୁଡ଼ିକର ବିବିଧ କାର୍ଯ୍ୟ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 48,95,408.99, EMD (ଟଙ୍କାରେ) : 97,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 3,540/-, ଶେଷ ହେବା ଅବଧି : 24 ମାସ ।

2. ଟେଣ୍ଡର ବିଜ୍ଞପ୍ତି ସଂ. eT-CRW-MCS-EL-3-2020
କାର୍ଯ୍ୟର ନାମ : 239 LHB EOG କୋଚ୍‌ଗୁଡ଼ିକରେ ପୂର୍ବ ତଟ ରେଳପଥର ରେଳ ଡବା ମରାମତି କାରଖାନା/ମଞ୍ଚେଶ୍ୱର ଏବଂ କୋଚିଙ୍ଗ୍ ଡିପୋ ଠାରେ ରେଟ୍ରୋ-ଫିଟ୍‌ମେଣ୍ଟ ଜୈବ-ଶୌଚାଳୟଗୁଡ଼ିକ ସମ୍ବନ୍ଧୀୟ LHB EOG କୋଚ୍‌ଗୁଡ଼ିକରେ ଥ୍ରୁ ଫିଡ୍‌ର ବ୍ୟବସ୍ଥା ନିମନ୍ତେ ରୂପାନ୍ତରଣ ।
ବିଜ୍ଞାପିତ ମୂଲ୍ୟ (ଟଙ୍କାରେ) : 55,09,237/-, EMD (ଟଙ୍କାରେ) : 1,10,200/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 5,900/-, ଶେଷ ହେବା ଅବଧି : 12 ମାସ ।
ବିଡ୍ ଆରମ୍ଭ ହେବା ତାରିଖ (ସମସ୍ତ ଟେଣ୍ଡର ନିମନ୍ତେ): ତା.28.02.2020ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ସମସ୍ତ ଟେଣ୍ଡର ନିମନ୍ତେ) : ତା.13.03.2020ରିଖ 1500 ଘଟିକାରେ ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।
ଉପ ମୁଖ୍ୟ ବିଦ୍ୟୁତ ଯନ୍ତ୍ରୀ, ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର
PR-734/K/19-20



"ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାଙ୍କୁ ଥଟ୍ଟା କରନ୍ତି । କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାଙ୍କୁ ଆଦର କରନ୍ତି ।
- ମାର୍ଟିନ୍ ଲୁଥର



## ସଂକ୍ଷେପରେ

### 'ନିଷ୍ଠା' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୬।୨(ବ୍ୟୁରୋ): ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ବ୍ଲକ୍ ସ୍ତରରେ 'ନିଷ୍ଠା' ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ। ସେହିପରି ମାର୍ଚ୍ଚ ୩ରୁ ୭ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଏପ୍ରିଲ ୭ରୁ ୧୧ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସବୁ ପର୍ଯ୍ୟାୟରେ ୧୪୦ ଶିକ୍ଷକ ଓ ୪୦ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ।

### ଖୋଲିଲା ଓୟୁଏଟି ଓପୋଲଫେଡ୍ ଚିକେନ ଫ୍ରେସ୍ ଆଉଟଲେଟ

ଭୁବନେଶ୍ୱର, ୨୬।୨: ଓୟୁଏଟିର ଓପୋଲଫେଡ୍ ଚିକେନଫ୍ରେସ୍ ଆଉଟଲେଟକୁ ପୁଣିଥରେ ଖୋଲାଯାଇଛି। ନିକଟରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ଧନ ସମ୍ପଦ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଘୋଷଣା ଅନୁଯାୟୀ ଭୁବନେଶ୍ୱରକୁ ବାର୍ଡ ଫ୍ଲୁ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଜାନୁୟାରୀ ୨୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓୟୁଏଟି ଓପୋଲଫେଡ୍ ଚିକେନ ଫ୍ରେସ ପ୍ରତିଷେଧକ ବ୍ୟବସ୍ଥା ଲାଗି ବନ୍ଦ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ରତ୍ନାକର ରାଉତ, ଉପନିର୍ଦ୍ଦେଶକ ଡା.ଦିଗମ୍ବର ନାୟକଙ୍କ ପରାମର୍ଶକ୍ରମେ ଓପୋଲଫେଡର ପରିଚାଳନା ନିର୍ଦ୍ଦେଶକ ଡା.ବଳରାମ ସାହୁ, ମହାପ୍ରବନ୍ଧକ ଡା.ବିମଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚିକେନ ଫ୍ରେସକୁ ପୁନର୍ବାର ଖୋଲାଯାଇଛି। ଗ୍ରାହକମାନେ ପୂର୍ବଭଳି ଏହି କେନ୍ଦ୍ରରୁ ପ୍ୟାକେଟଯୁକ୍ତ ଅଣ୍ଡା, ସତେଜ କୁକୁଡା ମାଂସ ପୂର୍ବଭଳି କିଣି ପାରିବେ ବୋଲି ସୂଚନା ରହିଛି। ଏହି ଅବସରରେ ଓପୋଲଫେଡ୍‌ର ଏଜେଣ୍ଟ, ଗ୍ରାହକ ଏବଂ ଅଂଶୀଦାରଙ୍କୁ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବଭଳି ଏଠାରୁ କ୍ରୟ ସୁବିଧା ନେବାକୁ ସେ ଅନୁରୋଧ କରିଛନ୍ତି।

### ଓଁକାରନାଥ ମିଶନ ଭୁବନେଶ୍ୱର ଶାଖାର କର୍ମକର୍ତ୍ତା ନିର୍ବାଚିତ

ପୁରୁଣା ଭୁବନେଶ୍ୱର,୨୬।୨ (ଡି.ଏନ.ଏ.): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭାଗବତ ଟୁଙ୍ଗୀର ମହାତ୍ମ୍ୟ ଭଳି ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମର ପ୍ରଚାର ଏବଂ ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଓଁକାରନାଥ ମିଶନ। ଓଡ଼ିଶାର ଅନ୍ୟତମ ନୂତନ ଓଁକାରନାଥ ଭୁବନେଶ୍ୱର ଶାଖା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ହାଟସାହିଠାରେ ନୂତନ ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ଓଁକାରନାଥ ମିଶନ ଅଲ୍ ଇଣ୍ଡିଆର ସଭାପତି ପ୍ରୀୟନାଥ ଚାଟ୍ଟାର୍ଜୀ ଅଧକ୍ଷତା କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଅରୁଣ କୁମାର ଗାଙ୍ଗୁଲିଙ୍କୁ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଉପସଭାପତି ଭାବେ ସୁବାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ଏଲ.ଏନ.ଅଗ୍ରୱାଲ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତରାୟ, ସହକାରୀ ସାଧାରଣ ସମ୍ପାଦିକା ସୁଷମା ପଟ୍ଟନାୟକ, କୋଷାଧକ୍ଷ ଭାବେ ରବିନାରାୟଣ ମହାନ୍ତି, କଲଚରାଲ ସମ୍ପାଦକ ଭାବେ ଭବାନୀ ଦାସଙ୍କ ଭଳି ୭ ଜଣିଆ ଏକଜ୍ୟୁକ୍ୟୁଟିଭ୍ କମିଟି ସହ ୧୭ଜଣ ସଦସ୍ୟ ରହିଥିଲେ।

# ପୋଲିସ ଉଠାଇନେଲା ୩୭ ଗାଡ଼ି, ଉତ୍ତେଜନା

- ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ ହୋଇଥିଲା
- ସୂଚନା ଫଳକ ନ ଥିବାରୁ ଲୋକେ ପ୍ରଶ୍ନ ଉଠାଇ ବିରୋଧ କଲେ
- ସମସ୍ତେ ସହଯୋଗ କରିବାକୁ ଡିସିପିଙ୍କ ନିବେଦନ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପୋଲିସ ମନ ଇଚ୍ଛା କାର୍ଯ୍ୟ କରୁଛି। ହଠାତ୍ କଟକଣା ଲଗାଇ ଲୋକଙ୍କୁ ହଇରାଣ କରୁଛି। କେଉଁଠି କଟକଣା ଲାଗିଛି, ଲୋକେ ଜାଣିପାରୁନାହାନ୍ତି। ପୂର୍ବ ସୂଚନା ନ ଦେଇ ଫଳକ ନ ଲଗାଇ ଗାଡ଼ି ଉଠାଇ ନେଉଛି। କେତେଜଣ ଗାଡ଼ି ଚାଳକ ଓ ମାଲିକ ଏଭଳି ଅଭିଯୋଗ ଆଣି ପୋଲିସ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ। ଭୁବନେଶ୍ୱରର ୬ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ ଉପରେ କମିଶନରେଟ ପୋଲିସ କଟକଣା ଲଗାଇବା ସହ ମଙ୍ଗଳବାରଠାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପ୍ରଥମ ଦିନରେ ରାସ୍ତା ଉପରେ ପାର୍କିଂ କରିଥିବା ୪୧ ଗାଡ଼ି ଓ ବୁଧବାର ବିଭିନ୍ନ ହସ୍ପିଟାଲ ସମ୍ମୁଖ ରାସ୍ତା ସମେତ ଅନ୍ୟ କେତେକ ସ୍ଥାନରେ ବେଆଇନ ଭାବେ ରହିଥିବା ୩୭ ଗାଡ଼ିକୁ କ୍ରେନ୍ ଦ୍ୱାରା ଉଠାଇ ନେଇଛି ପୋଲିସ। ଗାଡ଼ି ଉଠାଯାଉଥିବାବେଳେ ବିଭିନ୍ନ ସ୍ଥାନରେ ପୋଲିସ ଓ ଲୋକେ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ରାଜଭବନ ଛକରୁ କଳାରାହଙ୍ଗ ଛକ, ଏୟାରପୋର୍ଟ ଛକରୁ ନାଲ୍‌କୋ ଛକ, ଶିଶୁଭବନ ଛକରୁ ବାଣୀବିହାର ଛକ, ରସୁଲଗଡ଼ ଛକରୁ ଜୟଦେବ ବିହାର ଛକ, ଶ୍ରୀୟା ଛକରୁ ପିଏଚ୍‌ଡି କାର୍ଯ୍ୟାଳୟ ଏବଂ ବାପୁଜୀନଗର ରାସ୍ତାରେ ଟ୍ରାଫିକ କଟକଣାକୁ କଡ଼ାକଡ଼ି କରାଯାଇଛି। ଏସବୁ ରାସ୍ତାରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି। କିନ୍ତୁ ଅନ୍ୟ ସ୍ଥାନରେ ବେଆଇନ ଗାଡ଼ି ପାର୍କିଂ କଲେ ଡବଲ ଦଣ୍ଡ ଗଣିବାକୁ ପଡୁଛି। ବାଇକ ପାଇଁ ଜରିମାନା ୫ଶହ ଟଙ୍କା ଥିବାବେଳେ ଗାଡ଼ି ବୋହିନେବା ପାଇଁ କ୍ରେନ୍ ଭଡା ୩ଶହ ଟଙ୍କା ଦେବାକୁ ପଡିବ। ସେହିପରି ୪ ଚକିଆ ହେଉ ଅବା ୧୦ ଚକିଆ ବେଆଇନ୍ ପାର୍କିଂ କଲେ ଜରିମାନା ୫ଶହ ଟଙ୍କା ଓ କ୍ରେନ୍ ଭଡ଼ା ୭ଶହ ଟଙ୍କା ଗଣିବେ ମାଲିକ। ଏହାକୁ ସହଜରେ ହଜମ କରିପାରୁ ନାହାନ୍ତି ଚାଳକ। ରାଜଧାନୀବାସୀ ନିୟମ ସମ୍ପର୍କରେ ଅଳ୍ପ ବହୁତ ଅବଗତ ଥିଲେ ମଧ୍ୟ ବାହାରୁ ଆସୁଥିବା ଲୋକେ ଜାଣି ନ ପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ ବାହାରେ ନୋ ପାର୍କିଂ ନୋଟିସ ବୋର୍ଡ ଲାଗି ନ ଥିବାବେଳେ କିପରି ଗାଡି ଉଠାଇ ନିଆଯିବ ବୋଲି ତମାଣ୍ଡୋ ଅଞ୍ଚଳରୁ ଆସିଥିବା ଆଶିଷ କୁମାର ଟ୍ରାଫିକ ପୋଲିସ ସହ ଯୁକ୍ତି ବାଢିଥିଲେ। ସେହିପରି କଟକ ବାଙ୍କୀ ଅଞ୍ଚଳର ପ୍ରଭାକର ନାୟକ କହିଛନ୍ତି, ଆପୋଲୋ ହସ୍ପିଟାଲ ପରିସରରେ ପାର୍କିଂ ସ୍ଥାନ ନ ଥିବାରୁ ବାହାରେ ଗାଡି ରଖି ହସ୍ପିଟାଲ ଯାଇଥିଲି। ସମ୍ପର୍କୀୟ ରୋଗୀଙ୍କୁ ଏମ୍ସ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଯୋଗାଡ କରିବା ପାଇଁ ବାହାରକୁ ଆସି ପୋଲିସ ଗାଡ଼ି ଉଠାଇ ନେଇଥିବା ଜାଣିବାକୁ ପାଇଥିଲି। ଆମେ ଗାଡି କେଉଁଠି ପାର୍କିଂ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏ ନେଇ ଡିସିପି ସାଗରିକା ନାଥ କହିଛନ୍ତି, କମିଶନରେଟ ପୋଲିସ ଅଧିକ ରାଜସ୍ୱ ସଂଗ୍ରହ ଆଶାରେ ନିୟମ କଡାକଡି କରି ଜରିମାନା ଆଦାୟ କରୁନି। ଲୋକମାନେ ହଇରାଣ ହୁଅନ୍ତୁ ବା ଅସୁବିଧାରେ ପଡନ୍ତୁ ଆମେ କଦାପି ଚାହୁଁନା। ଭୁବନେଶ୍ୱରରେ ୬ ରାସ୍ତାକୁ ପ୍ରଥମେ ନୋପାର୍କିଂ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଉକ୍ତ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଯାନବାହାନ ଚଳାଚଳରେ ସମସ୍ୟା ଉପୁଜିଛି। ଯେଉଁମାନେ ରାସ୍ତା ପାର୍ଶ୍ୱରେ ଥିବା ଧଳାଗାରକୁ ଚଢାଇ ଗାଡି ପାର୍କିଂ କରିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ତେଣୁ ବିଡିଏ ଓ ବିଏମସିର ବିଭିନ୍ନ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା ହୋଇଛି। ସେମାନେ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଯୋଗାଇଦେବାକୁ ଯୋଜନା ଆରମ୍ଭ କରିଛନ୍ତି। ତେଣୁ ସମସ୍ତେ ନିୟମକୁ ସମ୍ମାନ ଦେଇ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ କରିବା ଘଟଣାରେ ଶହୀଦନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାବୀର ବସ୍ତି ଅଞ୍ଚଳର ବାବୁଲା ମଲ୍ଲିକ। ସୂଚନା ମୁତାବକ, ମହାବୀର ବସ୍ତିରେ ରହୁଥିବା ପ୍ରୀତମ ଦାସଙ୍କ ସହ ଅଭିଯୁକ୍ତ ବାବୁଲାଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମଙ୍ଗଳବାର ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ହାତାହାତି ହୋଇଥିଲେ। ଅଭିଯୁକ୍ତ ବାବୁଲା ଓ କେତେଜଣ ସହଯୋଗୀ ମିଶି ପ୍ରୀତମଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରୀତମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୩/୨୦ରେ ମାମଲା ରୁଜୁକରି ଅଭିଯୁକ୍ତ ବାବୁଲାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା।

## ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ କରେ ଆର୍‌ଟିଆଇ

କଟକ ଅଫିସ, ୨୬।୨

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) କେବଳ ସୂଚନା ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଅଧିକ କାର୍ଯ୍ୟଦକ୍ଷ, ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବୁଧବାର ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ସୂଚନା ଅଧିକାର ଅଧିନିୟମ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଏହା କହିଛନ୍ତି। ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ବୈଷୟିକ ସହଯୋଗ କରୁଥିବା ଲୁମିନସ୍‌ର ଅଧିକାରୀ ଶ୍ରୀହର୍ଷ ପରିଚ୍ଛା ଯୋଗଦେଇ ସୂଚନା ଅଧିକାର ଆଇନ ଏକ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଉଥିବାବେଳେ ଏହାର ସାମ୍ବିଧାନିକ, ଗଣତାନ୍ତ୍ରିକ ଓ ଯୁକ୍ତିସଂଗତ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ କଟକ ଜିଲାର ତିନିଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ପ୍ରଥମ ଅପିଲ ଅଧିକାରୀ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ସୂଚନା ଅଧିକାରୀ ଅଶୋକ ଷଡଙ୍ଗୀ ଏହି କର୍ମଶାଳାର ଧନ୍ୟବାଦ ଦେଇଥିଲେ।

# 'ଆ' ଡାକିଲେ ମାଡ଼ି ଆସୁଛନ୍ତି ମୟୂର

## ପିକ୍‌କ ମ୍ୟାନ୍ କାହ୍ନୁଙ୍କୁ ସମ୍ବର୍ଦ୍ଧିତ କଲା ବି.ଆଇ. ପ୍ରଫେସନାଲ୍‌ସ

ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ.ଏ.)

ନରାଜ ଗାଁର ୨୧ ବର୍ଷର ଯୁବକ କାହ୍ନୁ ବେହେରାଙ୍କୁ ଏବେ ଲୋକେ ପିକ୍‌କ ମ୍ୟାନ ନାମରେ ଡାକୁଛନ୍ତି। କାହ୍ନୁ ବି ମୟୂରଙ୍କ ପ୍ରେମରେ ପଡ଼ିଛନ୍ତି। କାହ୍ନୁଙ୍କ ଆ' ଡାକର ସ୍ୱର ଶୁଣିବା ମାତ୍ରେ ପାହାଡ଼ ଉପରେ ନାଚି ଉଠି ୧୩୨ ମୟୂର ତାଙ୍କ ପାଖକୁ ଖାଦ୍ୟ ଖାଇବାକୁ ଆସୁଛନ୍ତି। କାହ୍ନୁ ଓ ମୟୂରଙ୍କ ମଧ୍ୟରେ ଏଭଳି ନିଆରା ସମ୍ପର୍କ ଦେଖିବାକୁ ମିଳିଛି ନରାଜ ପାହାଡ଼ରେ। ପକ୍ଷୀମାନଙ୍କ ସୁରକ୍ଷା ଓ ସେମାନଙ୍କ ସଂରକ୍ଷଣ ଚିନ୍ତାରେ କାହ୍ନୁଙ୍କ ସମର୍ପିତ ଭାବ ଦେଖିବା ପରେ ଭୁବନେଶ୍ୱରସ୍ଥିତ ବି.ଆଇ. ପ୍ରଫେସନାଲ୍‌ସ ତାଙ୍କୁ ଗତ ରବିବାର ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛି। ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଛନ୍ତି ଯେ, ପିକ୍‌କ ଭ୍ୟାଲି କୁହାଯାଉଥିବା ନରାଜ ପାହାଡ଼ ୧୯୯୯ରେ ଏକ ପ୍ରକାର ମୟୂର ଶୂନ୍ୟ ହୋଇଯାଇଥିଲା। କାହ୍ନୁଙ୍କ ଜେଜେବାପା ପାଣ୍ଡୁ ୩ଟି ମୟୂରଙ୍କୁ ଠାବ କରି ସେମାନଙ୍କର ସୁରକ୍ଷା ଓ ଯତ୍ନ ନେଇଥିଲେ। ୨୦୧୭ରେ ପାଣ୍ଡୁଙ୍କ ଦେହାନ୍ତ ହେଲାବେଳକୁ ମୟୂରଙ୍କ ସଂଖ୍ୟା ଶତାଧିକ ହୋଇଥିଲା। ଜେଜେବାପାଙ୍କ ସହ ପାହାଡ଼ ଉପରେ ମୟୂରଙ୍କୁ ଖାଦ୍ୟ ଦେବାର ଆନନ୍ଦ ନେଉଥିଲେ କାହ୍ନୁ। ଜେଜେବାପାଙ୍କ ମୃତ୍ୟୁ ପରେ ମୟୂରଙ୍କ ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ କାହ୍ନୁ ନିଜ କାନ୍ଧକୁ ନେଇଛନ୍ତି।

୨୦୧୩ରୁ ଜେଜେବାପାଙ୍କ ସହ ମୟୂରଙ୍କ ଦେଖାରଖା କାମରେ ନିୟୋଜିତ କାହ୍ନୁ କଟକ ରଘୁନାଥ ଜୀଉ ମହାବିଦ୍ୟାଳୟରୁ ବାଣିଜ୍ୟରେ ପାଠ ପଢା ପରେ ବି ମୟୂରଙ୍କ ସୁରକ୍ଷା ଦାୟିତ୍ୱରୁ ଓହରି ଯାଇନାହାନ୍ତି। ବିନା ସରକାରୀ ସହାୟତା ଓ ପ୍ରୋତ୍ସାହନରେ ୭ ବର୍ଷ ହେଲା କାହ୍ନୁଙ୍କ ଏଭଳି ମୟୂରଙ୍କୁ ନିଚ୍ଛକ ଭଲ ପାଇବାର ନିଦର୍ଶନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏଭଳି କହିଛନ୍ତି, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ପଞ୍ଚାନନ ସାମଲ, ବି.ଆଇ. ପ୍ରଫେସନାଲ୍‌ସର ଇଂ. ଧୀରେନ୍ଦ୍ର କର, ଇଂ. ସୁବ୍ରତ କୁମାର ବଳ, ଇଂ. ଭାଗ୍ୟଶ୍ରୀ ମିଶ୍ର, ଇଂ. ସୁଶାନ୍ତ ସାହୁ, ଇଂ. ଶୁଚିସ୍ମିତା ସେନାପତି ପ୍ରମୁଖ।



କାହ୍ନୁ ମୟୂରଗୁଡ଼ିକୁ ଖାଦ୍ୟ ଦେଉଛନ୍ତି।

## ସତ୍ୟନଗର ରାସ୍ତାକଡ଼ରୁ ହଟିଲା ୧୧୩ ଅସ୍ଥାୟୀ ଦୋକାନ





ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।

ଭୁବନେଶ୍ୱର, ୨୬।୨ (ବ୍ୟୁରୋ)

ସତ୍ୟନଗର ମୁଖ୍ୟ ରାସ୍ତାରେ ଏବେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଛି। ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଅସ୍ଥାୟୀ ଦୋକାନ ଗଢ଼ି ଉଠୁଥିବା ବେଳେ ବୁଧବାର ସମସ୍ତ ଅସ୍ଥାୟୀ ଦୋକାନକୁ ହଟାଇ ଦିଆଯାଇଛି। ବିଏମ୍‌ସି, ବିଡିଏର ସ୍କ୍ୱାଡ ଦ୍ୱାରା ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ରାସ୍ତାର ଦୁଇପାର୍ଶ୍ୱରୁ ୧୧୩ ଅସ୍ଥାୟୀ ଦୋକାନକୁ ହଟାଇ ଦିଆଯାଇଛି। ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ ଡେପୁଟି କମିଶନର ରୂପକ ପଟ୍ଟନାୟକଙ୍କ ଦ୍ୱାରା ଏ ନେଇ ବିଡିଏକୁ ଅବଗତ କରାଯିବା ପରେ ସ୍କ୍ୱାଡ ପକ୍ଷରୁ ଏହି ଉଚ୍ଛେଦ କରାଯାଇଥିବା ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ମହାନ୍ତି କହିଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିଭି ନିୟୋଜିତ ଥିବା ବେଳେ ଦିନତମାମ ସତ୍ୟନଗର ମୁଖ୍ୟ ରାସ୍ତାରେ ଉଚ୍ଛେଦ କରାଯାଇଥିଲା।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବାଲିଅନ୍ତା,୨୬।୨(ଡି.ଏନ.ଏ.)

ଭୁବନେଶ୍ୱର-କଟକ ୧୬ନଂ ଜାତୀୟ ରାଜପଥର ପାହଳ ଛକ ନିକଟରେ ବୁଧବାର ଅପରାହ୍ଣରେ ଏକ କାର୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ ଚାଳକଙ୍କ ପରିଚୟ ଜଣାପଡ଼ି ନାହିଁ। ଚାଳକ ଜଣକ ଭୁବନେଶ୍ୱର ଆସୁଥିବାବେଳେ କଟକରୁ ଆସୁଥିବା ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତାକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌ଟି ଦ୍ରୁତଗତିରେ ଭୁବନେଶ୍ୱର ଅଭିମୁଖେ ଚାଲିଯାଇଥିଲେ। ପରେ ପାହଳ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି।

## ପୁରୀ ଆର୍‌ଏମ୍‌ଏସ୍ ସେବା ସ୍ଥାନାନ୍ତରକୁ ବିରୋଧ

### ଡାକସେବା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ପୁରୀ ଅଫିସ,୨୬।୨

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ରେଳ ଡାକ ସେବା ଖୋର୍ଦ୍ଧା ରୋଡ ସ୍ଥାନାନ୍ତରକୁ ଶ୍ରୀଜଗନ୍ନାଥ ସେନା ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ବୁଧବାର ସେନା ପକ୍ଷରୁ ଡାକ ସେବା କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ବିକ୍ଷୋଭ କରାଯାଇଛି। ଏହି ନିଷ୍ପତ୍ତି ଯଥାଶୀଘ୍ର ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଡାକ ବିଭାଗରେ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଷଡ଼ଯନ୍ତ୍ର ପୂର୍ବକ ଏଠାରେ କାର୍ଯ୍ୟକ୍ଷମ ଥିବା ଡାକ ସେବାକୁ ବନ୍ଦ ଲାଗି ଚକ୍ରାନ୍ତ କରୁଛନ୍ତି ବୋଲି ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି। ଏହି ସେବା ଉପରେ କେବଳ ପୁରୀବାସୀ ନୁହେଁ, ଆଖପାଖ ଅଞ୍ଚଳ ତଥା ବାହାର ପର୍ଯ୍ୟଟକ ମଧ୍ୟ ନିର୍ଭର କରନ୍ତି। ଜରୁରୀ ଡକ୍ୟୁମେଣ୍ଟ ଅନ୍ୟ ସ୍ଥାନକୁ ପଠାଇବା ଲାଗି ଆରଏମଏସ ଉପରେ ନିର୍ଭର କରନ୍ତି। ଏହି ସେବା ଉଠିଗଲେ, ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ମଧ୍ୟ ଏହାକୁ ସ୍ଥାନାନ୍ତର ନେଇ ଚକ୍ରାନ୍ତ ହୋଇଥିଲା। ସେତେବେଳେ ଆମେ ଏହାକୁ ବିରୋଧ କରିଥିଲୁ। ଏବେ ପୁଣି ଏହାକୁ ଉଠାଇ ନେବା ଲାଗି ଚକ୍ରାନ୍ତ ଚାଲିଛି। ଶ୍ରୀଜଗନ୍ନାଥ ସେନା ଏହାର ବିରୋଧ କରୁଛି। ଆବଶ୍ୟକ ପଡିଲେ, ଆଗକୁ ଜନ ଆନ୍ଦୋଳନ କରାଯିବ। ଏ ନେଇ ସେନା ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ବିକ୍ଷୋଭରେ ପଟ୍ଟନାୟକଙ୍କ ସମେତ ସେନାର ଶତାଧିକ କର୍ମୀ ଯୋଗଦେଇଥିଲେ।

## ଓଡ଼ିଶାରୁ ୫ ସାମ୍ବାଦିକ ସମ୍ବର୍ଦ୍ଧିତ

ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ.ଏ.)

ଭାରତୀୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଗୁଜରାଟର ଗାନ୍ଧୀନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ଏବଂ ୨୦ ଦୁଇଦିନ ଧରି ଅନୁଷ୍ଠିତ ବୈଠକରେ ହରିୟାନା, ପଞ୍ଜାବ, ହିମାଞ୍ଚଳପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, କର୍ନାଟକ, ଓଡ଼ିଶା ଆଦି ରାଜ୍ୟରୁ ବହୁ ସାମ୍ବାଦିକ ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀଙ୍କ ସମେତ ଆଶୁତୋଷ ରଥ, ଶ୍ୟାମ ସୁନ୍ଦର ରାଉତ, ପବିତ୍ର ପାତ୍ର, ପରମାନନ୍ଦ ଦାସଙ୍କୁ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ କାର୍ଯ୍ୟକ୍ରମରେ ଯୋଗଦେଇ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଭାରତୀୟ ସଂଘର ସଭାପତି କିଶନ ବାଲ ପଣ୍ଡିତ ସାମ୍ବାଦିକମାନଙ୍କର ଚାକିରି ସର୍ତ୍ତାବଳୀ ଉପରେ ମାଲିକମାନେ ଅଙ୍କୁଶ ଲଗାଉଥିବାରୁ ଏହା ସାମ୍ବାଦିକ ଏବଂ ସମ୍ବାଦପତ୍ର ଓ ଦେଶର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକମାନଙ୍କର ସ୍ୱାର୍ଥ ରଖିବା ପାଇଁ ଆଇଜେୟୁ ପକ୍ଷରୁ ବିଶେଷ ଭାବେ ପ୍ରସ୍ତୁତି ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ମାଧ୍ୟମରେ ପଠାଯାଇଥିଲା।





ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

## ବାଙ୍କୀରେ ଡବଲମର୍ଡର ଘଟଣାକୁ ସୋନିଆ ଗାନ୍ଧୀଙ୍କ ନିନ୍ଦା

ବାଙ୍କୀ, ୨୬।୨ (ସ୍ୱ.ପ୍ର)

ବାଙ୍କୀରେ ଘଟିଥିବା ଡବଲ ମର୍ଡର ଘଟଣାକୁ ଅଖିଳଭାରତୀୟ କଂଗ୍ରେସ କମିଟି ସଭାପତି ସୋନିଆ ଗାନ୍ଧୀ ନିନ୍ଦା କରିଛନ୍ତି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଖଜୁରିପଦା (ନୂଆଗାଁ) ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖବରଦାତା ଆଦିତ୍ୟ ରଣସିଂହଙ୍କ ପରିବାରକୁ ଗାନ୍ଧୀ ପୃଥକ ଭାବେ ଶୋକବାର୍ତ୍ତା ପଠାଇଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତଃ ଭଗବାନ ଓ ଆଦିତ୍ୟ ନିଜ କ୍ଷେତ୍ରରେ ଆଗଧାଡିର ବ୍ୟକ୍ତି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। କଂଗ୍ରେସ ଦଳ ଉଭୟଙ୍କ ପରିବାର ସହ ରହିଛି ବୋଲି ସେ ସେଥିରେ ଦର୍ଶାଇଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ମଙ୍ଗଳବାର ସ୍ୱଗତଃ ସ୍ୱାଇଁ ଓ ରଣସିଂହଙ୍କ ଏକଦଶାହ କାର୍ଯ୍ୟରେ ଯୋଗଦେଇ ଉଭୟଙ୍କ ପରିବାରକୁ ଏହି ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଏହି ଘଟଣାର ନିରେପକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରି ବାଙ୍କୀ ସ୍ୱାର୍ଥରକ୍ଷା ସମିତି ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅପରାହ୍ଣରେ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସମିତି ପକ୍ଷରୁ ଏହି ହତ୍ୟା ଘଟଣାକୁ ନିନ୍ଦା କରାଯାଇଥିଲା। ରାଜନୀତି ଉଦ୍ଦେଶ୍ୟରେ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି। ଘଟଣା ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡ଼ିତ ସମସ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ପ୍ରକୃତ ଅପରାଧି ଦଣ୍ଡ ପାଇପାରିବେ ବୋଲି ସମ୍ମିଳନୀରେ ସମିତି ସଦସ୍ୟ କହିଥିଲେ। ଏଥିସହ ମୃତକଙ୍କ ପରିବାର ବର୍ଗକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ନଳିନୀ ରାୟ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବାଙ୍କୀ ସ୍ୱାର୍ଥରକ୍ଷା ସମିତି ସଭାପତି ସିଦ୍ଧେଶ୍ୱର ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟବ୍ରତ ଦାଶ ଓ ମୃତ ଆଦିତ୍ୟ କୁମାର ରଣସିଂହଙ୍କ ଭାଇ ବିଦିତ୍ୟ ରାୟ ରଣସିଂହ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଖବରଦାତାଙ୍କ ସମ୍ମୁଖରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୧୫ ତାରିଖ ଅପରାହ୍ଣରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ଭଗବାନ ଓ ଆଦିତ୍ୟଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ମାମଲା (ନଂ.୩୯/୨୦)ରୁଜୁ ହୋଇଥିଲା।

### କଟକ ଜିଲାପାଳଙ୍କ ଅଫିସ୍ ଆଗରେ ସ୍ୱାର୍ଥରକ୍ଷା ସମିତିର ଧାରଣା



ଯେଉଁମାନେ ଦେଖିଶୁଣି ସମାଜରେ ଅନ୍ୟାୟକୁ ନୀରବରେ ସହିଯାଆନ୍ତି, ସେଇମାନେ ହିଁ ଭବିଷ୍ୟତରେ ଅନ୍ୟାୟ କାର୍ଯ୍ୟ କରିବାକୁ ଲୋକଙ୍କୁ ପ୍ରବର୍ତ୍ତାନ୍ତି । - ଷ୍ଟାଲିନ୍



## ସଂକ୍ଷେପରେ

### ନୂଆ ସମୟ ନିର୍ଘଣ୍ଟକୁ ନେଇ ବସ୍ ମାଲିକ କ୍ଷୁବ୍ଧ ପରିବହନ ମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲା ସଂଘ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ଭୁବନେଶ୍ୱର-ବାରିପଦା ରାସ୍ତାରେ ବସ୍ ଚଳାଚଳକୁ ନେଇ ସମସ୍ୟା ଦେଖାଦେଇଛି। ରାଜ୍ୟ ସଡ଼କ ପରିବହନ ପ୍ରାଧିକରଣଙ୍କ ପକ୍ଷରୁ ଜାରି କରାଯାଇଥିବା ନୂତନ ସମୟ ସାରଣୀକୁ ନେଇ ଓଡ଼ିଶା ରାଜ୍ୟ ବସ୍ ମାଲିକ ସଂଘ କଡ଼ା ବିରୋଧ କରିଛି। ଯେଉଁ ସମୟ ଧାର୍ଯ୍ୟ କରାଯାଇଛି ସେହି ସମୟରେ ଗାଡ଼ି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭବ ନୁହେଁ। ତେବେ ଯେଉଁ ଗାଡ଼ି ବିଳମ୍ବ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଏହାକୁ ବିରୋଧ କରି ବସ୍ ମାଲିକ ସଂଘର ପ୍ରତିନିଧିମାନେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ ସାକ୍ଷାତ୍ କରି ଦାବିପତ୍ର ଦେଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସରକାର ପଦପେକ୍ଷ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି। ଦାବି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ କରିବେ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଏପରିକି କେତେକ ବସ୍ ମାଲିକ ନିଜର ଗାଡ଼ିକୁ ଘରେ ରଖିବାକୁ ବାଧ ହୋଇଛନ୍ତି ବୋଲି ସଂଘର ଆବାହକ ଦେବାଶିଷ ନାୟକ କହିଛନ୍ତି। ଆଲୋଚନାରେ କଟକ, ବାଲେଶ୍ୱର, ଚଣ୍ଡିଖୋଲ, ଭୁବନେଶ୍ୱର ବସ୍ ମାଲିକ ସଂଘ ପ୍ରତିନିଧି ଉପସ୍ଥିତ ଥିଲେ।

### ୩ ଗାଈ ଜୀବନ୍ତ ଦଗ୍ଧ

**ଡେଲାଙ୍ଗ,୨୬।୨(ଡି.ଏନ୍.ଏ.):** ଡେଲାଙ୍ଗ ବ୍ଲକ ଅରିସଲ ପଞ୍ଚାୟତର ରଂଇସଲ ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୩ ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ଜଣାପଡିଛି। ସୂଚନା ଅନୁଯାୟୀ, ରଂଇସଲ ଗ୍ରାମର ପୂର୍ଣ୍ଣଚନ୍ଦ୍ର ରାଉତ ଗାଈଙ୍କୁ ଖାଇବାକୁ ଦେଇ ଶୋଇବାକୁ ଯାଇଥିଲେ। ଗୁହାଳରେ ନିଆଁ ଲାଗିଯାଇଥିବା ଗ୍ରାମର କେତେଜଣ ଲୋକ ଦେଖି ପାଟି କରିଥିଲେ। ପିପିଲି ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଗୋଟିଏ ରାତିରେ ୫ସ୍ଥାନରୁ ଚୋରି

**ଖୁଣ୍ଟୁଣୀ,୨୬।୨(ଡି.ଏନ୍.ଏ.):** ଖୁଣ୍ଟୁଣୀ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ୫ଟି ସ୍ଥାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଅଭିଯୋଗକୁ ଭିତ୍ତିକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଡାଳଭାଗ ଗ୍ରାମ ଦୁର୍ଗା ମନ୍ଦିର କବାଟ ତାଲା ଭାଙ୍ଗି କେହି ଦୁର୍ବୃତ୍ତ ମା'ଙ୍କ ପିତ୍ତଳ ଓ ତମ୍ବା ସାମଗ୍ରୀ ଚୋରି କରି ନେଇଛନ୍ତି। ସେହିପରି ଡାଳଭାଗ ପଶ୍ଚିମେଶ୍ୱର ମହାଦେବଙ୍କ ମନ୍ଦିରରୁ ସମସ୍ତ ତମ୍ବା ନାଗ ଓ ପିତ୍ତଳ ସାମଗ୍ରୀ ଚୋରି ହୋଇଛି। ଅନନ୍ତ ଗୋପାଳ ଆଶ୍ରମରୁ ୧ହଜାର ୨ଶହ ଟଙ୍କା ଓ ପିତ୍ତଳ ସାମଗ୍ରୀ ଚୋରି ହୋଇଛି। ଗୋଲେଇ ଛକ ଠାରେ ଥିବା ଧ୍ରୁବ ଚରଣ ସାହୁଙ୍କ ଦୋକାନ ବାରଣ୍ଡାରୁ କେହି ତାଙ୍କ ବାଇକ୍ ଚୋରିକରି ନେଇଯାଇଥିବା ଅଭିଯୋଗ ହୋଇଛି। କୁଲାଇଲୋ ପଞ୍ଚାୟତ ଅନ୍ତର୍ଗତ ଗୌଡଝରୀ ସ୍ୱପ୍ନେଶ୍ୱର ମନ୍ଦିରର ତାଲି ଭାଙ୍ଗି ୪ଗରା, ୨ ହଣ୍ଡା, ଘଣ୍ଟଘଣ୍ଟି ଓ ହୁଣ୍ଡି ଚୋରି ହୋଇଥିବା ଜଣାପଡିଛି।

# ଏକାମ୍ର: ଜମି ଅଧିଗ୍ରହଣ ପାଇଁ ୫୧ ଚୁକ୍ତି ସ୍ୱାକ୍ଷର

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ)**

ଶ୍ରୀଲିଙ୍ଗରାଜଙ୍କ ମନ୍ଦିର ଓ ପାରିପାର୍ଶ୍ୱିକ ବିକାଶ ଯୋଜନା 'ଏକାମ୍ର' (ଏକାମ୍ର କ୍ଷେତ୍ର ଆମେନିଟିସ୍ ଆଣ୍ଡ୍ ମନୁମେଣ୍ଟ୍ସ ରିଭାଇଭାଲ ଆକ୍ସନ) ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିୟା ଜାରି ରହିଛି। ବୁଧବାର ଜମି ଅଧିଗ୍ରହଣ ପାଇଁ ଚୁକ୍ତିନାମାର ପ୍ରୋତ୍ସାହନମୂଳକ ଅବଧି ଶେଷ ହୋଇଛି। ଇତିମଧ୍ୟରେ ୪୩ଜଣ ବ୍ୟକ୍ତି ମୋଟ ୫୧ ପ୍ଲଟ୍ ପ୍ରଦାନ କରିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ସମୟ ମଧ୍ୟରେ ଉକ୍ତ ଜମି ମାଲିକମାନେ ଚୁକ୍ତିପତ୍ର ସ୍ୱାକ୍ଷରିତ କରିଥିବାରୁ ଜମିର ବେଞ୍ଚମାର୍କ ମୂଲ୍ୟ ଅନୁଯାୟୀ ୧୦% ଅଧିକ ପ୍ରୋତ୍ସାହନମୂଳକ ରାଶି ପାଇବାକୁ ଯୋଗ୍ୟତା ହାସଲ କରିଛନ୍ତି। ଏଥିସହ ଅଧିଗ୍ରହଣ ହେବାକୁ ଥିବା ୧୦୦ ଘରୋଇ ପ୍ଲଟ୍‌ର ମାଲିକଙ୍କୁ ଜମି ବେଞ୍ଚମାର୍କ ମୂଲ୍ୟର ଦୁଇଗୁଣା ଅର୍ଥ ସହ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି (ସିଏମ୍‌ଆର୍‌ଏଫ୍)ରୁ ୨୦ ଲକ୍ଷର ପ୍ରୋତ୍ସାହନ ଦିଆଯିବ ବୋଲି ବିଏମ୍‌ସି ଅତିରିକ୍ତ କମିଶନର ଅବନୀକାନ୍ତ ପଟ୍ଟନାୟକ କହିଛନ୍ତି।



ଜମି ମାଲିକମାନେ ଚୁକ୍ତି ସ୍ୱାକ୍ଷର କରୁଛନ୍ତି।

ଜମି ଅଧିଗ୍ରହଣ ଚୁକ୍ତିନାମାର ପ୍ରୋତ୍ସାହନମୂଳକ ଅବଧିର ଶେଷଦିନ ବୁଧବାର ବିଏମ୍‌ସି କାର୍ଯ୍ୟାଳୟରେ ଜମି ମାଲିକଙ୍କ ଭିଡ଼ ଲାଗିଥିଲା। ୭ଜଣ ବ୍ୟକ୍ତି ଚୁକ୍ତି କରିଥିବାବେଳେ ମୋଟ ୪୩ଜଣ ୫୧ଟି ପ୍ଲଟ୍ ଦେବାକୁ ବିଏମ୍‌ସି ସହ ଚୁକ୍ତିପତ୍ର କାର୍ଯ୍ୟ ସାରିଛନ୍ତି। ଆଗକୁ ମଧ୍ୟ ଏହି ପ୍ରକ୍ରିୟା ଚାଲିବ, କିନ୍ତୁ ଆଉ ପ୍ରୋତ୍ସାହନମୂଳକ ରାଶି ୧୦ ପ୍ରତିଶତ ମିଳିବ ନାହିଁ। ଚୁକ୍ତିପତ୍ର କାର୍ଯ୍ୟ ସରିବା ପରେ ମାସକ ମଧ୍ୟରେ ଜମି ଅଧିଗ୍ରହଣ କାର୍ଯ୍ୟ ସରିବ। ଏହି ସମୟ ମଧ୍ୟରେ ସମ୍ପୃକ୍ତ ଜମି ମାଲିକଙ୍କୁ ସମସ୍ତ ଅର୍ଥ ପ୍ରଦାନ କରାଯିବ।

ଜମି ଅଧିଗ୍ରହଣ ପ୍ରକ୍ରିୟା ଦାୟିତ୍ୱରେ ଥିବା ବିଏମ୍‌ସି ଡେପୁଟି କମିଶନର କମଳଜିତ୍ ଦାସ କହିଛନ୍ତି, ଅଧିଗ୍ରହଣ ପାଇଁ ଚିହ୍ନଟ ହୋଇଥିବା ୧୦୦ ଘରୋଇ ପ୍ଲଟର ୮୧ଜଣ ମାଲିକଙ୍କୁ ୨୬ ତାରିଖ ପୂର୍ବରୁ ଚୁକ୍ତିସ୍ୱାକ୍ଷରିତ କରିବା ପାଇଁ କୁହାଯାଇଥିଲା। ହେଲେ ପାରିବାରିକ ସମସ୍ୟା ଓ ଜମି ବିବାଦ ପାଇଁ ଆଉ ୩୮ଜଣ ଜମି ମାଲିକ ସମୟ ସୀମା ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ କରିପାରୁ ନ ଥିବା ଜଣାଇଛନ୍ତି। ଏକ ନିର୍ଦ୍ଦିଷ୍ଟ ପ୍ୟାକେଜ୍‌ରେ ଗୁରୁବାରଠାରୁ ସେମାନଙ୍କ ସହ ଚୁକ୍ତି କରାଯିବ। ଅଧିଗ୍ରହଣରେ ଯେପରି କୌଣସି ସମସ୍ୟା ନ ଉପୁଜିବ ସେନେଇ ବିଏମ୍‌ସି କର୍ତ୍ତୃପକ୍ଷ ଲଗାତର ଜମି ମାଲିକଙ୍କୁ ସଚେତନ କରାଇଆସୁଛନ୍ତି ଓ ଆଲୋଚନା ଜାରି ରଖିଛନ୍ତି ବୋଲି ଦାସ କହିଛନ୍ତି। ଶେଷ ଦିନରେ ସହକାରୀ ଜିଲାପାଳ ଅଂଶୁମାନ ରଥ, ସମୀର ରଞ୍ଜନ ଦାସ ଓ ଅତିରିକ୍ତ ତହସିଲଦାର ଅଶ୍ୱିନୀ ନାୟକଙ୍କ ସହ ଷ୍ଟାମ୍ପ ଭେଣ୍ଡର ବିଏମ୍‌ସି ମୁଖ୍ୟାଳୟରେ ଉପସ୍ଥିତ ରହି ଚୁକ୍ତିନାମା ପ୍ରକ୍ରିୟାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିଥିଲେ।

- ସମୟ ପୂର୍ବରୁ ଚୁକ୍ତି ପାଇଁ ୪୩ ଜଣଙ୍କୁ ମିଳିବ ଜମି ମୂଲ୍ୟର ଅଧିକ ୧୦%
- ମାସକ ମଧ୍ୟରେ ୧୦୦ ଘରୋଇ ପ୍ଲଟ୍‌ର ହେବ ଅଧିଗ୍ରହଣ
- ଜମି ମାଲିକ ପାଇବେ ବେଞ୍ଚମାର୍କର ଦୁଇଗୁଣା ଓ ସିଏମ୍‌ଆର୍‌ଏଫ୍‌ରୁ ୨୦ ଲକ୍ଷ

# ଆଧାର ଲିଙ୍କ୍ ଆଳରେ ୩.୫୪ ଲକ୍ଷ ଠକେଇ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

## ଜେଲ ଗଲେ ଦମ୍ପତି

ବ୍ୟାଙ୍କ ଆକାଉଣ୍ଟରେ ଆଧାର ଲିଙ୍କ୍ କରାଇ ଦେବାକୁ କହି ବରିଷ୍ଠ ନାଗରିକଙ୍କ ଆକାଉଣ୍ଟରୁ ୩ ଲକ୍ଷ ୫୪ ହଜାର ଟଙ୍କା ହଡପ କରାଯାଇଛି। ଏ ନେଇ ଖଣ୍ଡଗିରି ଥାନାରେ ଅଭିଯୋଗ କରାଯିବା ପରେ ଅଭିଯୁକ୍ତ ଦମ୍ପତିଙ୍କୁ ପୋଲିସ ଗିରଫ କରିଛି। ଗିରଫ ଦମ୍ପତି ହେଲେ କେନ୍ଦ୍ରାପଡା ଜିଲା ରାଜକନିକା ଥାନା ମଝିସାହିର ସ୍ୱାମୀ ବିଭୂ ପ୍ରସାଦ ନାୟକ(୨୬) ଓ ସ୍ତ୍ରୀ ରେଖାରାଣୀ ନାୟକ(୨୪)। ଦୁହେଁ ଖଣ୍ଡଗିରି ଥାନା ଅନ୍ତର୍ଗତ ଭରତପୁର ଅଞ୍ଚଳରେ ରୁହନ୍ତି। ପୋଲିସ ବୁଧବାର ସେମାନେ କରିଥିବା ନୟନ କମ୍ୟୁନିକେଶନ କେନ୍ଦ୍ର କମ୍ପ୍ୟୁଟର ଓ ୮ ହଜାର ଟଙ୍କା ଜବତ କରି ଘଟଣାର ତଦନ୍ତ ଚଳାଇଛି। ଦମ୍ପତିଙ୍କୁ ଗିରଫ କରାଯିବା ପରେ କୋର୍ଟ ଚାଲାଣ କରାଯାଇଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଅଭୀଯୁକ୍ତ ଦ୍ୱୟଙ୍କୁ ଝାରପଡା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ପୋଲିସ ସୂଚନା ମୁତାବକ, ଖଣ୍ଡଗିରି ଥାନା ଭରତପୁର ଜିଏ କଲୋନୀ ପ୍ଲଟ ନଂ. ୫୮ରେ ରୁହନ୍ତି ରାଜକନିକା ଥାନା ମଝିସାହିର ସ୍ୱାମୀ ବିଭୁପ୍ରସାଦ ଓ ସ୍ତ୍ରୀ ରେଖାରାଣୀ। ଗୋଟିଏ ଘରକୁ ଭଡାରେ ନେଇ ବିଭୂପ୍ରସାଦ ଓ ତାଙ୍କ ସ୍ତ୍ରୀ ରେଖାରାଣୀ ନୟନ କମ୍ୟୁନିକେଶନ ନାଁରେ ସାଇବର ପଏଣ୍ଟ ଚଳାଇଥିଲେ। ବିଭିନ୍ନ ବ୍ୟାଙ୍କ ପାସ୍‌ବୁକ୍‌ଧାରୀମାନଙ୍କ ଆକାଉଣ୍ଟରେ ସେ ଆଧାର ଲିଙ୍କ୍ ସହ ଅନ୍ୟାନ୍ୟ କାମ କରୁଥିଲେ। ଗତ ମାସରେ ଚନ୍ଦକା ଦାସପୁର ଗ୍ରାମର ମାଲ୍ୟବନ୍ତ ସ୍ୱାଇଁ(୭୦)ବ୍ୟାଙ୍କରେ ଆଧାର ଲିଙ୍କ୍ କରିବା ପାଇଁ ବିଭୂପ୍ରସାଦଙ୍କ ପାଖକୁ ଆସିଥିଲେ। ପରେ ବିଭୂପ୍ରସାଦ ତାଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଆଣି ଆଧାର ଲିଙ୍କ କରିବା ବେଳେ ଏକ ଓଟିପି ଆସିଥିଲା। ଗୁପ୍ତ ଓଟିପି ନମ୍ବରକୁ ମାଲ୍ୟବନ୍ତ ବିଭୂପ୍ରସାଦଙ୍କୁ ଜଣାଇ ଦେଇଥିଲେ। ତା'ର କିଛି ସମୟ ପରେ ବିଭୂପ୍ରସାଦ ଉକ୍ତ ଓଟିପିଙ୍କୁ ବ୍ୟବହାର କରି ମାଲ୍ୟବନ୍ତଙ୍କ ଆକାଉଣ୍ଟରୁ ୩ ଲକ୍ଷ ୫୪ ହଜାର ଟଙ୍କା ତାଙ୍କ ସ୍ତ୍ରୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଥିଲେ। ମାଲ୍ୟବନ୍ତଙ୍କ ମୋବାଇଲକୁ ଟଙ୍କା କଟିବା ମେସେଜ ଆସିବା ପରେ ସେ ବିଭୂପ୍ରସାଦଙ୍କୁ କହିଥିଲେ। ହେଲେ ସେ କହିଥିଲେ, ମୁଁ କିଛି କରିପାରିବି ନାହିଁ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୪୪/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଠକେଇରେ ସମ୍ପୃକ୍ତ ଦମ୍ପତିଙ୍କ ବିଷୟରେ ଜଣାପଡିବା ପରେ ସେମାନଙ୍କୁ ଗିରଫ କରିଥିଲା।

## ମହଙ୍ଗା ପଡ଼ିଲା ଦ୍ୱିତୀୟ ବିବାହ

# ବାହାବେଦିରୁ ଥାନାକୁ ଗଲେ ବର

### ଆଇନ ସେବା ପ୍ରାଧିକରଣରେ ଅଭିଯୋଗ ଆଣିଲେ ପ୍ରଥମ ସ୍ତ୍ରୀ

**କଟକ ଅଫିସ,୨୬।୨**

୩ ବର୍ଷ ତଳେ ପାଠ ପଢାଉଥିବାବେଳେ ନିଜ ଛାତ୍ରୀଙ୍କ ପ୍ରେମରେ ପଡ଼ିଥିଲେ। ପରେ ତାଙ୍କୁ କୋର୍ଟରେ ବିବାହ କରିଥିଲେ। ଉଭୟଙ୍କୁ ସ୍ୱାମୀ-ସ୍ତ୍ରୀ ଭାବେ ଆଇନର ସ୍ୱୀକୃତି ମିଳିଥିଲା। ତେବେ ସ୍ତ୍ରୀଙ୍କୁ ନିଜ ଘରକୁ ନେଇ ନ ଥିଲେ କି ବିବାହ କରିଥିବା କଥା କାହାକୁ ଜଣାଇ ନ ଥିଲେ। ବରଂ ଏଭଳି ସ୍ଥିତିରେ ସେ ପୁଣି ଦ୍ୱିତୀୟ ବିବାହ ପାଇଁ ବେଦିରେ ବସିଥିଲେ। ଏହି ଖବର ପାଇ ପୋଲିସ ସହିତ ବାହାବେଦି ନିକଟରେ ପହଞ୍ଚିଥିଲେ ପ୍ରଥମ ସ୍ତ୍ରୀ। ତାଙ୍କ ଅଭିଯୋଗ କ୍ରମେ ବେଦିରୁ ବର ଅର୍ଥାତ୍ ପ୍ରିୟରଞ୍ଜନ ପତିଙ୍କୁ ପୋଲିସ ଉଠାଇ ଥାନାକୁ ନେଇଯାଇଛି। ଚାଉଳିଆଗଞ୍ଜ ଅଞ୍ଚଳରେ ବୁଧବାର ଏହି ଘଟଣା ଦେଖିବାକୁ ମିଳିଛି।





MARRIAGE OFFICER, CUTTACK - 753 002
ODISHA
No. 124 for 2017
THE FOURTH SCHEDULE
(See Section 13 - Special Marriage Act, 1954)
Certificate of Marriage

Appeared before me and that each of them in my presence and in the presence of three witnesses who have signed hereunder made the declaration required by section-11 and that a marriage under this Act was solemnized between them in my presence.

Bridegroom: Sd-
Bride: Sd- Swafnashree Das
Marriage Officer Cuttack
WITNESSES:
Dated the 20th day of June 2017
CERTIFIED TO BE A TRUE COPY
MARRIAGE OFFICER CUTTACK
Filed in by:
Compared by:
Correction & Addition
M.O.

ଅଟକ ଯୁବକ ଓ ପୂର୍ବର ବିବାହ ପ୍ରମାଣପତ୍ର।

ସୂଚନା ଅନୁଯାୟୀ, ପ୍ରିୟରଞ୍ଜନ(୨୮)ଙ୍କ ଘର ବିଡ଼ାନାସୀ ଥାନା ଅନ୍ତର୍ଗତ ଦେଉଳସାହି ଅଞ୍ଚଳରେ ହୋଇଥିବାବେଳେ ସେ ଖପୁରିଆସ୍ଥିତ ସରକାରୀ ଆଇଟିଆଇରେ ଅଧ୍ୟାପକ ଭାବେ ଚାକିରି କରନ୍ତି। ପାଠ ପଢାଇବା ଭିତରେ ୨୦୧୭ ମସିହାରେ ଆଇଟିଆଇର ଜଣେ ଛାତ୍ରୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢି ଉଠିଥିଲା। ସମ୍ପୃକ୍ତା ଛାତ୍ରୀଙ୍କ ଘର ବୟାଳିଶ ମୌଜା ଅନ୍ତର୍ଗତ ଝିଙ୍କିରିଆ ଅଞ୍ଚଳରେ। ପ୍ରିୟରଞ୍ଜନଙ୍କୁ ଛାତ୍ରୀ ଜଣକ ବିବାହ ପ୍ରସ୍ତାବ ଦେଇଥିଲେ। ହେଲେ ବାହାଘର ପାଇଁ ଘରଲୋକେ ରାଜି ନ ଥିବା ସେ କହିଥିଲେ। ମାତ୍ର ଛାତ୍ରୀ ଜଣକ ତାଙ୍କୁ ବିବାହ କରିବା ପାଇଁ ଜିଦ୍ ଧରିଥିଲେ। ଶେଷରେ ୨୦୧୭ ମସିହା ଜୁନ ୨୦ ତାରିଖରେ ଉଭୟ କୋର୍ଟରେ ବିବାହ କରିଥିଲେ। ତେବେ ଏ ବିଷୟରେ କେହି ନିଜ ପରିବାରକୁ ଜଣାଇ ନ ଥିଲେ। ବିବାହ ପରେ ଦୁହେଁ ଅଲଗା ରହୁଥିଲେ। ପ୍ରିୟରଞ୍ଜନ ପରିବାର ଲୋକଙ୍କୁ ରାଜି କରାଇ ତାଙ୍କୁ ଘରକୁ ନେଇଯିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ତେବେ ଗତ ଦୁଇ ତିନି ମାସ ହେବ ସ୍ତ୍ରୀଙ୍କଠାରୁ ପ୍ରିୟରଞ୍ଜନ ସମ୍ପୂର୍ଣ୍ଣ ଭାବେ ଦୂରେଇ ଯାଇଥିଲେ। ଅନ୍ୟପକ୍ଷରେ ପ୍ରିୟରଞ୍ଜନଙ୍କ ବାହାଘର ପାଇଁ ପରିବାରଲୋକେ ବିଭିନ୍ନ ସ୍ଥାନରେ ପ୍ରସ୍ତାବ ଖୋଜିଥିଲେ। ପ୍ରସ୍ତାବ ଠିକ୍ ହେବା ପରେ ବୁଧବାର ଚାଉଳିଆଗଞ୍ଜ ଅଞ୍ଚଳରେ ତାଙ୍କର ବିବାହ ହେଉଥିଲା। ତାଙ୍କର ପ୍ରଥମ ସ୍ତ୍ରୀ ଏହି ଖବର ପାଇ ଜିଲା ଆଇନ ସେବା ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ଜଣାଇବା ସହ ନିଜର ବିବାହ ପଞ୍ଜୀକରଣ ସାର୍ଟିଫିକେଟ ଦେଖାଇଥିଲେ। ଆଇନସେବା ପ୍ରାଧିକରଣର ପିଏଲ୍‌ଭି ଶର୍ମିଷ୍ଠାରାଣୀ ନନ୍ଦ ଉକ୍ତ ମହିଳାଙ୍କୁ ଚାଉଳିଆଗଞ୍ଜ ଥାନାକୁ ନେଇ ଘଟଣା ବିଷୟରେ ପୋଲିସକୁ ଜଣାଇଥିଲେ। ଏଥିସହିତ ଏକ ଏତଲା ମଧ୍ୟ ଦେଇଥିଲେ। ପୋଲିସ ଆଇପିସି ୪୯୪, ୪ ଡିପି ଆକ୍ଟରେ ଏକ ମାମଲା ରୁଜୁ କରି ସନ୍ଧ୍ୟା ପ୍ରାୟ ୬ଟା ବେଳେ ମହାନଦୀ ବିହାରସ୍ଥିତ ସେଲିବ୍ରେସନ ମଣ୍ଡପରେ ଚଢାଉ କରିଥିଲା। ଆଉ ବେଦିରୁ ବରକୁ ଉଠାଇ ଆଣିଥିଲା। ଫଳରେ ଘଟଣାସ୍ଥଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ପ୍ରିୟରଞ୍ଜନ ପ୍ରଥମ ବିବାହ କରିଥିବା କଥା ଝିଅଘର ଜାଣି ନ ଥିବା କହିଥିଲେ। ପୋଲିସ ପ୍ରିୟରଞ୍ଜନଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିବା ପରେ ଗିରଫ କରିଛି। ଗୁରୁବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ମିଳିଛି।

# ଜନସମାବେଶ ପୂର୍ବରୁ ଜନତା ମଇଦାନରେ ଭୂମି ପୂଜନ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଆସନ୍ତା ୨୮ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ସ୍ଥାନୀୟ ଜନତା ମଇଦାନଠାରେ ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସମ୍ପର୍କରେ ଏକ ବିଶାଳ ଜନସମାବେଶକୁ ସମ୍ବୋଧିତ କରିବେ। ଏହି ପରିପ୍ରେକ୍ଷୀରେ ବୁଧବାର ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ଜନତା ମଇଦାନଠାରେ ଭୂମି ପୂଜନ କରିଛନ୍ତି। ବିରୋଧୀ କଂଗ୍ରେସ, ବାମପନ୍ଥୀ ଓ ଅନ୍ୟ କିଛି ରାଜନୈତିକ ଦଳ ଯେଭଳି ସିଏଏ ସମ୍ପର୍କରେ ଅପପ୍ରଚାର କରୁଛନ୍ତି, ଏହାଦ୍ୱାରା ଦେଶରେ ଏକ ବିରୋଧର ବାତାବରଣ ତିଆରି ହେଉଛି। କିନ୍ତୁ ଦେଶର ବିରୋଧୀମାନଙ୍କ ଏହି ଚାଲ୍‌କୁ ଜନସାଧାରଣ ବୁଝିସାରିଛନ୍ତି ବୋଲି ସମୀର କହିଛନ୍ତି। ଶାହାଙ୍କ ଗସ୍ତକୁ ନେଇ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ସିଏଏ ସମ୍ପର୍କରେ କିଛି ବ୍ୟକ୍ତିଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ପାଇଁ ଶାହା ଆସୁଛନ୍ତି। ଏହି ସମାବେଶରେ ସାଧାରଣ ଜନତା ଯୋଗ ଦେଇ ରାଷ୍ଟ୍ର ହିତରେ ନିଜକୁ ସାମିଲ କରିବା ପାଇଁ ଦଳର ମୁଖପାତ୍ର ଗୋଲକ ମହାପାତ୍ର କହିଛନ୍ତି। ଶାହାଙ୍କ ଗସ୍ତକୁ ନେଇ ପ୍ରଚାର ଗାଡି ଏବଂ ଡାକବାଜି ଯନ୍ତ୍ର ମାଧ୍ୟମରେ ରାଜଧାନୀବାସିନ୍ଦାଙ୍କ ପାଖରେ ସନ୍ଦେଶ ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଇଛି। ଏହି ଗାଡିଗୁଡିକ ରାଜଧାନୀର ବିଭିନ୍ନ ୱାର୍ଡରେ ବୁଲି ପ୍ରଚାର କରିବ। ଏହି ପରିପ୍ରେକ୍ଷୀରେ ସମୀର ମହାନ୍ତି ରାଜ୍ୟ କାର୍ଯ୍ୟାଳୟଠାରେ ପ୍ରଚାର ଗାଡିର ଶୁଭାରମ୍ଭ କରିଛନ୍ତି।

# ୩ ସପ୍ତାହରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ବନ ବିଭାଗ ସଚିବଙ୍କୁ ଓଏଚ୍ଆର୍‌ସିଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

## ହାତୀ ଆକ୍ରମଣ ମାମଲା

ଚନ୍ଦକା ଅଭୟାରଣ୍ୟରୁ ବାହାରି ପୁରୀ ଓ ଖୋର୍ଦ୍ଧା ଜିଲାର ଜନବସତି ଅଞ୍ଚଳରେ ଆତଙ୍କ ଖେଳାଇଥିବା ଏକ ଦନ୍ତା ହାତୀ ଆକ୍ରମଣରେ ୪ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୭ଜଣ ଆହତ ହୋଇଥିଲେ। ଏହି ଘଟଣାକୁ ନେଇ ରାଜ୍ୟ ମାନବିକ ଅଧିକାର କମିଶନ (ଓଏଚ୍ଆର୍‌ସି)ରେ ଶୁଣାଣି ହୋଇଥିଲା। ହାତୀ ଆକ୍ରମଣ ଘଟଣାର ତଦନ୍ତ ରିପୋର୍ଟ ୩ ସପ୍ତାହରେ ଦାଖଲ କରିବାକୁ ବନ ବିଭାଗ ସଚିବ ଓ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କୁ ଓଏଚ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୁରୁତର ଆହତଙ୍କୁ ୩୦ହଜାର ଓ ସାମାନ୍ୟ ଆହତଙ୍କୁ ୧୫ ହଜାର ଟଙ୍କା ପ୍ରଦାନ କରିବାକୁ କମିଶନ କହିଛନ୍ତି।

ମାନବାଧିକାର କର୍ମୀ ପ୍ରଦୀପ୍ତ ନାୟକ ଏ ନେଇ କମିଶନଙ୍କ ନିକଟରେ ଗତ ସୋମବାର ପିଟିଶନ ଦାଖଲ କରିଥିଲେ। ପ୍ରଦୀପ୍ତ ଉକ୍ତ ପିଟିଶନରେ ଉଲ୍ଲେଖ କରିଥିଲେ ଯେ, ଗୋଟିଏ ବଣୁଆ ଦନ୍ତାହାତୀ ଚନ୍ଦକା ଅଭୟାରଣ୍ୟରୁ ବାହାରି ଆସିଲା କିପରି? ପୁଣି ବନ ବିଭାଗର ଅଧିକାରୀମାନେ କିପରି ଜାଣିପାରିଲେ ନାହିଁ? ଯେତେବେଳେ କଣାସ ଅଞ୍ଚଳରେ ହାତୀ ରହିଥିଲା, ସେତେବେଳେ ଲୋକେ ଫଟୋ ଉଠାଇ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପଠାଇଲେ। ହେଲେ ଅଧିକାରୀମାନେ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ହତୀଟି ୨୪ ଘଣ୍ଟା ବୁଲିବା ପରେ ପିପିଲି, ଡେଲାଙ୍ଗ ଓ ରାଜଧାନୀ ଉପକଣ୍ଠରେ ଆତଙ୍କ ଖେଳାଇଥିଲା। ୪ ଲୋକଙ୍କ ଜୀବନ ନେବାପରେ ବନ ବିଭାଗ ତତ୍ପରତା ପ୍ରକାଶ କରିଥିଲା। ତେଣୁ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିବା ସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର କ୍ଷତିପୂରଣ ଓ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ନିର୍ଦ୍ଦେଶ ଦେବାକୁ କମିଶନଙ୍କୁ ନିବେଦନ କରିଥିଲେ।

# ଧାନ କିଣା କମିଟି ବୈଠକ ଡାକିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଧାନ କିଣାକୁ ନେଇ ବିଧାନସଭା ହୁଲ୍‌ସ୍ଥୁଲ ହେବା ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଆସନ୍ତା ୨୯ ତାରିଖ ସୁଦ୍ଧା ଜିଲାସ୍ତରୀୟ ଧାନ କିଣା କମିଟି ବୈଠକ ଡାକିବାକୁ ସମସ୍ତ ଜିଲାର ଜିଲାପାଳଙ୍କୁ ବୁଧବାର ନିର୍ଦ୍ଦେଶ ଦେଇଛି। ଏହି ବୈଠକରେ ୩ଟି ଜିନିଷ ଆଲୋଚନା କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଟୋକନ ପାଇଥିବା ଚାଷୀମାନଙ୍କ ଧାନ ନ ଉଠିବା, ନିର୍ଦ୍ଧାରିତ ସମୟରେ ମଣ୍ଡିରୁ ମିଲର ଧାନ ନ ଉଠାଇବା ଏବଂ ଅଧିକ ପଞ୍ଜୀକୃତ ଚାଷୀ ଥିବା ମଣ୍ଡିକୁ ସପ୍ତାହକୁ ଥରେ ଖୋଲିବା ବିଷୟ ଏହି ବୈଠକରେ ଆଲୋଚନା ହେବ। ଏବେ ବିଧାନସଭା ଅଧିବେଶନ ବନ୍ଦ ଥିବାରୁ ଏହି ବୈଠକ ଜରୁରିକାଳୀନ ଭିତ୍ତିରେ ଡାକିବାକୁ କୁହାଯାଇଛି।





ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାର ନିକଟ ସୋନାପୁର କୋଠି(ଡାହାଣ), ବୁଲ୍‌ଡୋଜର ସହାୟତାରେ ଉକ୍ତ କୋଠାକୁ ମାଟିରେ ମିଶାଇ ଦିଆଯାଇଛି(ଉପର)।

# ମୁଦୁଲି ଦ୍ୱାର ଦେଇ ଭକ୍ତ ପ୍ରବେଶ

**ପୁରୀ ଅଫିସ,୨୬।୨**

## ଭିତର କାଠରେ ହେଉଛି ଅଯଥା ଗହଳି



ଶ୍ରୀମନ୍ଦିର ଆସୁଥିବା ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦେଇଛନ୍ତି ସୁପ୍ରିମକୋର୍ଟ। ଦର୍ଶନାର୍ଥୀ ଯେପରି ଶାନ୍ତିଶୃଙ୍ଖଳାରେ ମହାପ୍ରଭୁଙ୍କ ଦର୍ଶନ କରିବେ ସେଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଶୃଙ୍ଖଳା ଉପରେ ଅଧିକ ଗୁରୁତ୍ୱ ଦେଉଛି ମନ୍ଦିର ପ୍ରଶାସନ। ନୀତିକାନ୍ତିଠାରୁ ଆରମ୍ଭ କରି ଶାନ୍ତିଶୃଙ୍ଖଳାରେ ଦର୍ଶନ ପାଇଁ ଏକାଧିକ ନୀତି ନିୟମ କରାଯାଉଛି। ଭକ୍ତମାନେ ଯେପରି ସୁରୁଖୁରୁରେ ମନ୍ଦିର ପ୍ରବେଶ କରି ଭଲ ଭାବେ ଦର୍ଶନ କରିପାରିବେ ସେଥିପାଇଁ ପର୍ଯ୍ୟାପ୍ତ ପୋଲିସ କର୍ମୀଙ୍କୁ ବି ନିୟୋଜିତ କରାଯାଇଛି। ନାଟମଣ୍ଡପ ଏବଂ ଭିତରକାଠରେ ଯେପରି ଗହଳି ନ ହେବ ତା' ଉପରେ ବି ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଛି। ଏତେସବୁ ବ୍ୟବସ୍ଥା ସତ୍ତ୍ୱେ ଅନେକ ସମୟରେ ଦର୍ଶନରେ ବିଶୃଙ୍ଖଳା ହେଉଛି। ଭିତର କାଠରେ ଅଯଥା ଗହଳି କରାଯାଉଛି। ଶୃଙ୍ଖଳା ଦାୟିତ୍ୱରେ ଥିବା ଶ୍ରୀମନ୍ଦିର ପୋଲିସର କେତେଜଣ କର୍ମଚାରୀ ଏହି ବିଶୃଙ୍ଖଳା କରୁଛନ୍ତି। ସେମାନେ ହାତଗୁଞ୍ଜା ନେଇ ମୁଦୁଲି ଦ୍ୱାର ଏବଂ ଘଣ୍ଟି ଦ୍ୱାରରେ ଭକ୍ତଙ୍କୁ ଛାଡୁଛନ୍ତି। ଫଳରେ ଅନେକ ସମୟରେ ଭିତରକାଠରେ ଗହଳି ହେଉଛି। ଯେଉଁମାନେ ଟଙ୍କା ଦେଉଛନ୍ତି ସେମାନେ ସହଜରେ ଯାଇ ଦର୍ଶନ କରୁଛନ୍ତି। ହେଲେ ଅନ୍ୟମାନଙ୍କୁ ହଟହଟା ହେବାକୁ ପଡୁଛି।

ମହାପ୍ରଭୁଙ୍କ ଦର୍ଶନ ପାଇଁ ପ୍ରତ୍ୟହ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସୁଛନ୍ତି। କିନ୍ତୁ ଗହଳିର ସୁଯୋଗ ନେଇ ହାତଗଣତି କେତେଜଣ ଶ୍ରୀମନ୍ଦିର ପୋଲିସ ଟଙ୍କା ନେଇ ଗଳାବାଟରେ ଭକ୍ତଙ୍କୁ ଛାଡୁଛନ୍ତି। ଭିତରକାଠ ଦର୍ଶନ ସମୟରେ ଭକ୍ତଙ୍କୁ ପର୍ଯ୍ୟାୟକ୍ରମେ ଛଡ଼ାଯାଉଛି। କାରଣ ଭିତରକାଠରେ ଯେପରି ଗହଳି ନ ହେବ। କିନ୍ତୁ ଅନେକ ଭକ୍ତ ଅଛନ୍ତି ଯେଉଁମାନେ ଭିଡ଼କୁ ପସନ୍ଦ ନ କରି ହାତଗୁଞ୍ଜା ଦେବାକୁ ବି ଦ୍ୱିଧାବୋଧ କରୁନାହାନ୍ତି। ଫଳରେ ଭିତର କାଠରେ ଏଥିପାଇଁ ଗହଳି ହେଉଛି। ଏହାଦ୍ୱାରା ଭକ୍ତମାନେ ଠିକ୍ ଭାବେ ଠାକୁରଙ୍କୁ ଦର୍ଶନ କରିପାରୁ ନାହାନ୍ତି। ଗତ ସୋମବାର ଭିତର କାଠ ନିକଟକୁ ଯାଇ ଦର୍ଶନ କରିବାକୁ ଭକ୍ତଙ୍କୁ ଛଡାଯାଉଥିଲା। ନାଟମଣ୍ଡପରେ ଜମିଥିବା ଶ୍ରଦ୍ଧାଳୁମାନେ ଭିତରକୁ ଯାଉଥିଲେ। ଠିକ୍ ଏହି ସମୟରେ ମୁଦୁଲି ଦ୍ୱାରରେ ଥିବା ପୋଲିସ ହାତଗୁଞ୍ଜା ନେଇ କେତେଜଣ ଭକ୍ତଙ୍କୁ ସେହିବାଟେ ଭିତରକୁ ଛାଡିଥିଲେ। ପୂର୍ବରୁ ଭିତରକାଠରେ ଥିବା ଭକ୍ତ ଏବଂ ମୁଦୁଲି ଦ୍ୱାର ବାଟେ ଛଡାଯାଇଥିବା ଶ୍ରଦ୍ଧାଳୁଙ୍କ ଯୋଗୁ ଭିତର କାଠରେ ପ୍ରବଳ ଗହଳି ହୋଇଥିଲା। ଏହି ଭିଡ଼କୁ ଦେଖି ଭିତରକାଠରେ ଥିବା ସୁରକ୍ଷା କର୍ମୀ ଭକ୍ତଙ୍କୁ ଚାଲ ଚାଲ କହି ବାହାର କରିଥିଲେ। ଫଳରେ କେତେଜଣ ଶ୍ରଦ୍ଧାଳୁ ଠିକ୍ ଭାବେ ଠାକୁରଙ୍କୁ ଦର୍ଶନ କରିପାରି ନ ଥିଲେ। ଅନେକ ସମୟରେ ଏମିତି କରାଯାଉଛି। କେବଳ ମୁଦୁଲି ଦ୍ୱାର ନୁହେଁ ବେଳେବେଳେ ଘଣ୍ଟି ଦ୍ୱାରରେ ମଧ୍ୟ ଏପରି ଚାଲିଥିବା ଜଣାପଡିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ଦ୍ୱାରରେ ଡ୍ୟୁଟି କରିବା ଲାଗି ସେମାନଙ୍କର ଆଗ୍ରହ ବି ରହିଛି। ରୋଟେଶନ ଭିତ୍ତିରେ ଯେଉଁଦିନ ସମ୍ପୃକ୍ତ କର୍ମଚାରୀଙ୍କ ଡ୍ୟୁଟି ପଡିଯାଉଛି ସେଦିନ ଏହିଭଳି ବେନିୟମ କାର୍ଯ୍ୟ କରୁଛନ୍ତି। ତେବେ ଏଠାରେ ଲଗାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ କରି ଯେଉଁମାନେ ଏଭଳି କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ନଚେତ ଭକ୍ତମାନେ ଠିକ୍ ଭାବେ ଦର୍ଶନ ସୁବିଧା ପାଇବେ ନାହିଁ।

# ସିଏଏରୁ ସାମ୍ପ୍ରଦାୟିକ ହିଂସା


ଶିବପୁରୀ ଅଞ୍ଚଳରେ ଦଙ୍ଗାକାରୀ ପୋଡ଼ିଦେଇଥିବା ଗାଡ଼ି।

ନୂଆଦିଲ୍ଲୀ,୨୬।୨

କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ନେଇ ଆରମ୍ଭରୁ ବିବାଦ ଲାଗିରହିଛି। ବିବାଦୀୟ ଆଇନକୁ ନେଇ ବିରୋଧ ଏବେ ସାମ୍ପ୍ରଦାୟିକ ଦଙ୍ଗାରେ ପରିଣତ ହୋଇଛି। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଏ ସଂକ୍ରାନ୍ତ ବିଲ୍‌କୁ ୨୦୧୯ ଡିସେମ୍ବର ୧୦ରେ ଲୋକ ସଭାରେ ଓ ଦିନକ ପରେ ରାଜ୍ୟ ସଭାରେ ଗୃହୀତ କରାଇଥିଲେ। ୧୨ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ସ୍ୱାକ୍ଷର ପଡ଼ିବା ପରେ ଆଇନର ରୂପ ନେଇଥିବା ବିବାଦୀୟ ବ୍ୟବସ୍ଥା ଦେଶରେ ୨୦୨୦ ଜାନୁୟାରୀରେ ଲାଗୁ ହେଲା। ଏହି ନବପ୍ରଣୀତ ସମ୍ବିଧାନ ସଂଶୋଧନ ଆଇନ ପଡ଼ୋଶୀ ପାକିସ୍ତାନ, ବାଂଲାଦେଶ ଓ ଆଫଗାନିସ୍ତାନର ନିର୍ଯାତିତ ହୋଇ ଭାରତର ଶରଣ ନେଇଥିବା ସଂଖ୍ୟାଲଘୁଙ୍କୁ ଏଦେଶର ନାଗରିକତ୍ୱ ପ୍ରଦାନ ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଛି। ଏହି ଆଇନକୁ ଧର୍ମ ଆଧାରରେ ଗଢ଼ାଯାଇଥିବା ବିରୋଧୀ ସମାଲୋଚନା କରୁଛନ୍ତି। କେବଳ ଏତିକି ନୁହେଁ, ଧର୍ମ ଚାଲିଯିବା ଭୟରେ ବହୁ ସମ୍ପ୍ରଦାୟର ଲୋକ ରାସ୍ତାକୁ ଓହ୍ଲାଇଛନ୍ତି। ପ୍ରାୟ ଦୁଇମାସ ତଳେ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରୁ ଆନ୍ଦୋଳନର ନିଆଁ ପଶ୍ଚିମବଙ୍ଗ ଦେଇ ୟୁପି ଏବଂ ପରେ ପରେ ଦିଲ୍ଲୀରେ ପହଞ୍ଚିଥିଲା। ଏଥିରେ ବହୁସଂଖ୍ୟକ ଲୋକଙ୍କ ମୃତ୍ୟୁ ଘଟିଥିଲା। ଇତିମଧ୍ୟରେ ଦିଲ୍ଲୀ ଶାହିନବାଗ ଅଞ୍ଚଳ ପାଲଟିଯାଇଥିଲା ସିଏଏ ବିରୋଧୀ ବିକ୍ଷୋଭର କେନ୍ଦ୍ରସ୍ଥଳ। ଏସବୁ ଭିତରେ ଆସିଥିଲା ଦିଲ୍ଲୀ ନିର୍ବାଚନ। ପ୍ରଚାର ଚାଲିଥିବାବେଳେ ଶାହିନବାଗ ପାଲଟିଯାଇଥିଲା ଏକ ପ୍ରତୀକ ଓ ପ୍ରସଙ୍ଗ। ଶାହିନବାଗକୁ ନେଇ ମଧ୍ୟ ଏକାଧିକ ଥର ଗୁଳି ଫୁଟିଛି। ଏସବୁ ଭିତରେ ବିକ୍ଷୋଭ କେତେବେଳେ ସଂଘର୍ଷର ରୂପ ନେଇ ଘାତକ ସାଜିଲା ଏବଂ ସାମ୍ପ୍ରଦାୟିକ ଦଙ୍ଗାରେ ପରିଣତ ହେଲା ତାହା କେହି ଜାଣିପାରିଲେ ନାହିଁ। ସୋମବାର ଥିଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ଗସ୍ତର ଦ୍ୱିତୀୟ ଦିନ। ଟ୍ରମ୍ପ୍ ପରିବାରକୁ ଆତିଥ୍ୟ ପ୍ରଦାନ କରାଯାଉଥିବା ସ୍ଥାନରୁ ମାତ୍ର ୧୫ କି.ମି. ଦୂର ଉତ୍ତର-ପୂର୍ବ ଦିଲ୍ଲୀରେ ଦଙ୍ଗାକାରୀମାନେ ଆତଙ୍କ ଖେଳାଇଲେ। ଯେଉଁଠି ପାରିଲେ ଗୁଳି ମାରିଲେ। ସଶସ୍ତ୍ର ଆକ୍ରମଣରେ ପ୍ରଥମ ଦିନ ୪ ଜଣଙ୍କ ଜୀବନ ଯାଇଥିବାବେଳେ ମଙ୍ଗଳବାର ମୃତ୍ୟୁସଂଖ୍ୟା ୧୩ ଛୁଇଁଥିଲା। ଇତିମଧ୍ୟରେ ହିଂସାର ନିଆଁ ପୂର୍ବ ଦିଲ୍ଲୀ ଓ ଶାହଦରା ଜିଲାରେ ପହଞ୍ଚିସାରିଥିଲା। ବୁଧବାର ଏହି ସଂଖ୍ୟା ୨୭କୁ ବଢ଼ିଛି। ମୌଜପୁର ଅଞ୍ଚଳରେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କୁ ନେଇ ପୁଣି ହିଂସା ଘଟିଛି। ଅନେକ ସ୍ଥାନରେ ଦୋକାନ, ଗାଡ଼ି ଭଙ୍ଗାରୁଜା କରିଛନ୍ତି। ଅନ୍ୟପକ୍ଷରେ ଏହି ଦଙ୍ଗା ପାଇଁ ପୋଲିସର ନିଷ୍କ୍ରିୟତାକୁ ବହୁଳ ଭାବେ ଦାୟୀ କରାଯାଉଛି। ନେତାମାନେ ଲଗାତର ବିବାଦୀୟ ମନ୍ତବ୍ୟ ଦେଇଚାଲିଛନ୍ତି। ହେଲେ କୌଣସି ସମ୍ପ୍ରଦାୟର ନେତାଙ୍କୁ ଗିରଫ କରାଯାଉନାହିଁ। ରାଜନୀତିରେ ଥିବା ଲୋକେ ଘୃଣା ମନ୍ତବ୍ୟ ଦେଇ ଖସିଯାଉଥିବାବେଳେ ପେସି ହୋଉଛନ୍ତି ଦିଲ୍ଲୀବାସୀ।

## ଶାନ୍ତି ପାଇଁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ



ଦିଲ୍ଲୀରେ ସିଏଏ ବିରୋଧୀ ହିଂସାରେ ୨୭ ଜଣଙ୍କ ଜୀବନ ଗଲାଣି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଦିଲ୍ଲୀବାସୀଙ୍କୁ ଶାନ୍ତି ଓ ଭ୍ରାତୃଭାବ ବଜାୟ ରଖିବା ଲାଗି ଆହ୍ୱାନ ଦେଇଛନ୍ତି। ରାଜଧାନୀର ବିଭିନ୍ନ ଅଞ୍ଚଳରେ ଦେଖାଦେଇଥିବା ସ୍ଥିତିର ସମୀକ୍ଷା କରାଯାଉଛି। ଶାନ୍ତି ଓ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦିଗରେ ପୋଲିସ ଓ ଅନ୍ୟ ସଂସ୍ଥାଗAୁଡ଼ିକ କାର୍ଯ୍ୟ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ତୁରନ୍ତ ଶାନ୍ତି ଫେରାଇଆଣିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ଦେଇଛନ୍ତି। ରାଜଧାନୀରେ ସ୍ୱାଭାବିକ ଅବସ୍ଥା ଫେରାଇ ଆଣିବା ଦାୟିତ୍ୱ ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ଦିଆଯାଇଛି। ସ୍ଥିତି ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର କ୍ୟାବିନେଟକୁ ଅବଗତ କରାଇବେ। ଡୋଭାଲ ମଙ୍ଗଳବାର ରାତିରେ ଜାଫରାବାଦ, ସିଲମପୁର ଏବଂ ଉତ୍ତରପୂର୍ବ ଦିଲ୍ଲୀର ବିଭିନ୍ନ ଭାଗକୁ ଯାଇ ବିଭିନ୍ନ ସମ୍ପ୍ରଦାୟର ନେତାମାନଙ୍କସହଆଲୋଚନାକରିଥିଲେ।

## ଆଇବି କର୍ମଚାରୀଙ୍କ ମୃତଦେହ ଉଦ୍ଧାର


ଅଙ୍କିତ୍ ଶର୍ମା

ଦଙ୍ଗାଗ୍ରସ୍ତ ଉତ୍ତରପୂର୍ବ ଦିଲ୍ଲୀର ଚାନ୍ଦବାଗ୍ ଅଞ୍ଚଳରେ ଥିବା ଏକ ଡ୍ରେନ୍‌ରୁ ଗୋଇନ୍ଦା ବ୍ୟୁରୋ (ଆଇବି)ର ଜଣେ କର୍ମଚାରୀଙ୍କ ମୃତଦେହ ମିଳିଛି। ଅଙ୍କିତ୍ ଶର୍ମା (୨୬) ନାମକ ଏହି କର୍ମଚାରୀ ଜଣକ ଚାନ୍ଦବାଗ୍ ଅଞ୍ଚଳରେ ରହୁଥିଲେ। ମଙ୍ଗଳବାରଠାରୁ ସେ ନିଖୋଜ ଥିଲେ। ଢେଲାମାଡ଼ରେ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଗୁରୁ ତେଗ୍ ବାହାଦୁର ହସ୍ପିଟାଲକୁ ନିଆଯାଇଛି। ଗୋଇନ୍ଦା ବ୍ୟୁରୋରେ କାର୍ଯ୍ୟ କରୁଥିବା ଅଙ୍କିତ୍‌ଙ୍କ ବାପା ଦେବେନ୍ଦ୍ର କହିଛନ୍ତି, ତାଙ୍କ ପୁଅ ମଙ୍ଗଳବାର ଅପରାହ୍ନରେ ଘରକୁ ଫେରୁଥିଲେ। ଦୀର୍ଘ ସମୟ ପରେ ମଧ୍ୟ ସେ ଘରେ ନ ପହଞ୍ଚିବାରୁ ପରିବାର ପକ୍ଷରୁ ଖୋଜାଖୋଜି କରାଯାଇଥିଲା। ଜିଟିବି ଏବଂ ଏଲ୍‌ଏନ୍‌ଜେପି ହସ୍ପିଟାଲରେ କାଳେ ସେ ଭର୍ତ୍ତି ହୋଇଥିବେ ସେଥିପାଇଁ ପରିବାର ଲୋକେ ସେଠାକୁ ଯାଇ ଖୋଜାଖୋଜି କରିଥିଲେ। ରାତି ୩ଟା ପର୍ଯ୍ୟନ୍ତ ଖୋଜାଖୋଜି କରି ନିରାଶ ହୋଇଥିଲେ। ଚାନ୍ଦବାଗ୍‌ର ଏକ ଡ୍ରେନ୍‌ରେ ସେ ପଡିଥିବା ସକାଳ ୧୦ରେ ଖବର ମିଳିଥିଲା। ପୁଅଙ୍କୁ ହତ୍ୟା କରାଯାଇଥିବ ଏହା ସେ କେବେ ବି ଭାବି ନ ଥିଲେ ବୋଲି ଦେବେନ୍ଦ୍ର କହିଛନ୍ତି।

## କଂଗ୍ରେସର ୫ ପ୍ରଶ୍ନ

ସିଡବ୍ଲ୍ୟୁସି ବୈଠକରେ ଏକ ସଂକଳ୍ପନାମା ଗୃହୀତ ହୋଇଛି। ଏଥିରେ ନିମ୍ନୋକ୍ତ ୫ ପ୍ରଶ୍ନର ଉତ୍ତର ଦାବି କରାଯାଇଛି।

୧. ସ୍ୱରାଷ୍ଟ୍ରମନ୍ତ୍ରୀ କେଉଁଠି ଅଛନ୍ତି ଓ ରବିବାରଠାରୁ ସେ କ'ଣ କରୁଛନ୍ତି?

୨. ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଉଁଠି ଅଛନ୍ତି ଓ ସେ କ'ଣ କରୁଛନ୍ତି?

୩. ଦିଲ୍ଲୀ ବିଧାନସଭା ନିର୍ବାଚନ ଶେଷ ହେବା ପରଠୁ ଗୋଇନ୍ଦା ସଂସ୍ଥାଗୁଡ଼ିକ କି ରିପୋର୍ଟ ଦେଇଛନ୍ତି?

୪. ରବିବାର ରାତିରେ ହିଂସା ସୃଷ୍ଟି ହେବା ଆଶଙ୍କା ଜଳ ଜଳ ହୋଇ ଦିଶୁଥିବାବେଳେ ଦିଲ୍ଲୀ ପୋଲିସର କେତେ କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା।

୫. ସ୍ଥିତି ଦିଲ୍ଲୀ ପୋଲିସର ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ କାହିଁକି ତୁରନ୍ତ ଅତିରିକ୍ତ ସୁରକ୍ଷା ବଳକୁ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ନିୟୋଜିତ କରାଗଲା ନାହିଁ?

## ପ୍ରଭାବିତ ଅଞ୍ଚଳରେ ଡୋଭାଲ



ଦିଲ୍ଲୀ ହିଂସାକୁ ନେଇ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ଅଜିତ ଡୋଭାଲ ମଙ୍ଗଳବାର ରାତିରେ ବୈଠକ କରିଥିଲେ। ସେ ବୁଧବାର ମଧ୍ୟ ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀମାନଙ୍କୁ ଡକାଇ ସ୍ଥିତିର ସAମୀକ୍ଷା କରିଛନ୍ତି। ଦୁଇ ଦୁଇଥର ବୈଠକ ପରେ ଡୋଭାଲ ଦଙ୍ଗା ପ୍ରଭାବିତ ଜାଫରାବାଦ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରିଛନ୍ତି। ଏହାପରେ ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଛନ୍ତି। ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଲୋକେ ସନ୍ତୁଷ୍ଟ ଅଛନ୍ତି। ଆଇନ ପ୍ରବର୍ତ୍ତନକାରୀ ସଂସ୍ଥାଗୁଡ଼ିକ ଉପରେ ଭରସା ଅଛି। ପୋଲିସ ତା' କାମ କରୁଛି ବୋଲି ଡୋଭାଲ କହିଛନ୍ତି। ପ୍ରକାଶ ଯେ, ଉତ୍ତର-ପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ଘଟିବା ପରେ ଶାନ୍ତି ଫେରାଇ ଆଣିବା ଦାୟିତ୍ୱ ଏନ୍‌ଏସ୍‌ଏ ଡୋଭାଲଙ୍କୁ ଦିଆଯାଇଛି। ଦିଲ୍ଲୀ ପୋଲିସ ପ୍ରତ୍ୟକ୍ଷ ଭାବେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କୁ ରିପୋର୍ଟ କରୁଥିବାବେଳେ ଡୋଭାଲଙ୍କୁ ଏହି ଦାୟିତ୍ୱ ଦିଆଯିବା ନେଇ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି।

### ଛାତ୍ରୀଙ୍କୁ କଥାଦେଲେ ଏନ୍‌ଏସ୍‌ଏ

ମୁଁ ଜଣେ ଛାତ୍ରୀ। ରାତିରେ ଆମେ ଶୋଇପାରୁନୁ। ଆମେ ଲଢ଼େଇ କରୁନୁ। ମୁଁ ପାଠ ପଢ଼ି ଯାଇପାରୁନାହିଁ। ଜାଫରାବାଦରେ ଜଣେ ଝିଅ ଏନ୍‌ଏସ୍‌ଏ ଡୋଭାଲଙ୍କୁ ଏପରି କହିଛନ୍ତି। ଏହାର ଉତ୍ତରରେ ତୁମେ ଚିନ୍ତା କରନାହିଁ। ଏହା ସରକାର ଓ ପୋଲିସର ଦାୟିତ୍ୱ ବୋଲି ଡୋଭାଲ କହିଛନ୍ତି। ପୋଲିସ ତା' କାମ କରୁ ନ ଥିବାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଝିଅଟି କହିବା ପରେ 'ମୁଁ ମୋ କଥା ରଖିବି' ବୋଲି ଡୋଭାଲ ପ୍ରତିଶ୍ରୁତି ଦେଇଥିଲେ।

## ୧୦୬ ଗିରଫ, ୧୮ ଏତଲା ଦାଏର

ଦିଲ୍ଲୀ ଦଙ୍ଗା ଘଟଣାରେ ପୋଲିସ ୧୦୬ ଜଣଙ୍କୁ ଗିରଫ କରିବା ସହ ୧୮ଟି ଏତଲା ଦାଏର କରିଥିବା କହିଛି। ବୁଧବାର ଉତ୍ତରପୂର୍ବ ଦିଲ୍ଲୀରେ କୌଣସି ହିଂସା ଘଟି ନ ଥିବା ଜଣେ ବAରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି। ପୋଲିସ ପକ୍ଷରୁ ଦୁଇଟି ହେଲ୍ପଲାଇନ ନମ୍ବର ୦୧୧-୨୨୮୨୯୩୩୪ ଏବଂ ୨୨୮୨୯୩୩୫ ଦିଆଯାଇଛି। କୌଣସି ଅପ୍ରୀତିକର ସ୍ଥିତି ସୃଷ୍ଟି ହେଲେ ଏହି ନମ୍ବରରେ ଯୋଗାଯୋଗ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଥିବା ଏସିପି (କ୍ରାଇମ୍) ମନଦୀପ ସିଂ ରାନ୍ଧୱା ଖବରଦାତାମାନଙ୍କୁ କହିଛନ୍ତି।

## 'ଗୁଜରାଟ ଦଙ୍ଗା ସ୍ମୃତି ଉଜ୍ଜୀବିତ'


ସୀତାରାମ ୟେଚୁରୀ ଡି. ରାଜା

ଦିଲ୍ଲୀ ହିଂସା ୨୦୦୨ ଗୁଜରାଟ ଦଙ୍ଗାର ସ୍ମୃତିକୁ ଉଜ୍ଜୀବିତ କରିଛି। କେବଳ ସେନାକୁ ଡାକି ଜାତୀୟ ରାଜଧାନୀରେ ଶାନ୍ତି ଓ ସ୍ୱାଭାବିକ ସ୍ଥିତି ଫେରାଇ ଅଣାଯାଇ ପାରିବ ବୋଲି ସିପିଆଇଏମ୍ ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପ୍ରକାଶ କରିଛନ୍ତି। ସିପିଆଇ ସାଧାରଣ Aସମ୍ପାଦକ ଡି. ରାଜାଙ୍କ ସହ ଏକ ମିଳିତ ଖବରଦାତା ସମ୍ମିଳନୀରେ ୟେଚୁରୀ କହିଛନ୍ତି, ଦିଲ୍ଲୀ ହିଂସା ପଛରେ ପୋଲିସ ଓ ତାକୁ ଚଳାଉଥିବା କ୍ଷମତାର ସମ୍ମତି ଥିବା ସ୍ପଷ୍ଟ ହୋଇସାରିଛି। ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୦୨ରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଥିବାବେଳେ ସେଠାରେ ଗଣହତ୍ୟା କରାଯାଇଥିଲା ବୋଲି ୟେଚୁରୀ କହିଛନ୍ତି। ଉଭୟ ୟେଚୁରୀ ଓ ରାଜା ସଦ୍ୟ ହିଂସା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପରିଚାଳନାଗତ ଅକ୍ଷମତାକୁ ଦାୟୀ କରିଛନ୍ତି। ଯଦି ଏନ୍‌ଏସ୍‌ଏ ଅଜିତ ଡୋଭାଲଙ୍କୁ ଦିଲ୍ଲୀର ଦାୟିତ୍ୱ ଦିଆଯାଇଛି ତେବେ ସ୍ୱରାଷ୍ଟ୍ରମନ୍ତ୍ରୀ କ'ଣ କରୁଛନ୍ତି ବୋଲି ବାମପନ୍ଥୀ ନେତାମାନେ ପ୍ରଶ୍ନ କରିଛନ୍ତି।


କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଓ ଦଳର ନେତା,କର୍ମୀ ଶାନ୍ତି ଶୋଭାଯାତ୍ରାକୁ ରୋକାଯିବାରୁ ତିସ୍ ଜାନୁୟାରୀ ମାର୍ଗରେ ଧାରଣାରେ ବସିଛନ୍ତି।

## ସତର୍କତା ଜାରି କଲେ ଆମେରିକା, ଫ୍ରାନ୍ସ, ରୁଷିଆ

ଉତ୍ତରପୂର୍ବ ଦିଲ୍ଲୀରେ ଗତ ଦୁଇଦିନରେ ସିଏଏ ବିରୋଧୀ ଓ ସପକ୍ଷବାଦୀଙ୍କ ମଧ୍ୟରେ ଦଙ୍ଗା ହୋଇ ୨୭ ଲୋକଙ୍କ ଜୀବନ ଗଲାଣି। ରାଜଧାନୀରେ ରହୁଥିବା ନିଜ ନାଗରିକମାନଙ୍କୁ ସତର୍କ ରହିବା ଲାଗି ଆମେରିକା, ଫ୍ରାନ୍ସ ଓ ରୁଷିଆ ସରକାରଙ୍କ ପକ୍ଷରୁ ସୁରକ୍ଷା ସତର୍କ ସୂଚନା ଜାରି କରାଯାଇଛି। ବିକ୍ଷୋଭ ହେଉଥିବା ଅଞ୍ଚଳଠାରୁ ଦୂରେଇ ରହିବା ଲାଗି ନୂଆଦିଲ୍ଲୀରେ ଥିବା ଆମେରିକା ଦୂତାବାସ ପକ୍ଷରୁ ଏହାର ନାଗରିକମାନଙ୍କୁ ପରାମର୍ଶ ଦିଆଯାଇଛି। ଫ୍ରାନ୍ସ ଓ ରୁଷିଆ ଦୂତାବାସ ପକ୍ଷରୁ ମଧ୍ୟ ଅନୁରୂପ ସତର୍କ ସୂଚନା ଜାରି ହୋଇଛି।

## ଜାତିସଂଘ ମହାସଚିବଙ୍କ ଦୁଃଖପ୍ରକାଶ


ଆଣ୍ଟୋନିଓ ଗୁଟେରେସ୍

ଦିଲ୍ଲୀ ଦଙ୍ଗାକୁ ନେଇ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ଦୁଃଖ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ଧୈର୍ଯ୍ୟର ସହ କାର୍ଯ୍ୟ କରିବା ଓ ହିଂସାଠାରୁ ଦୂରେଇ ରହିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଦିଲ୍ଲୀ ଦଙ୍ଗାରେ ୨୭ ଜଣଙ୍କ ମୃତ୍ୟୁ ହେବା ସହ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ବହୁ ଘରଦ୍ୱାର, ବ୍ୟବସାୟ ପ୍ରତିଷ୍ଠାନ ଓ ଗୋଟିଏ ମସ୍‌ଜିଦ କ୍ଷତିଗ୍ରସ୍ତ ହୋଇଛି।


ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ବେଳେ ପ୍ରାଣ ହରାଇଥିବା ରାହୁଲ ସୋଲାଙ୍କିଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି।



ସିଏଏ ବିରୋଧୀ ହିଂସାକୁ ନେଇ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ରାଜନୀତି କରୁଛନ୍ତି। ସେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିବା ଏକ ହାସ୍ୟାସ୍ପଦ କଥା ବୋଲି ଭାଜପା ପକ୍ଷରୁ ସମାଲୋଚନା କରାଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର କହିଛନ୍ତି ଯେଉଁମାନଙ୍କ ହାତ ନିରୀହ ଶିଖ୍ମାନଙ୍କ ରକ୍ତରେ ରଞ୍ଜିତ ସେମାନେ ଏବେ ହିଂସା ରୋକିବାର କଥା କହୁଛନ୍ତି। ହିଂସାକୁ ନିୟନ୍ତ୍ରଣକୁ ଆଣିବା ପାଇଁ ଶାହା ଦିଲ୍ଲୀ ପୋଲିସ ସହିତ ଲଗାତର କାମ କରୁଛନ୍ତି।

# ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



ଦିଲ୍ଲୀ ପୋଲିସ ସ୍ୱତନ୍ତ୍ର କମିଶନର (ଆଇନଶୃଙ୍ଖଳା) ଏସ୍.ଏନ୍. ଶ୍ରୀବାସ୍ତବ ଓ ପୋଲିସ କମିଶନର (ଅପରାଧ) ସତୀଶ ଗୋଲ୍‌ଚା ଉତ୍ତର-ପୂର୍ବ ଦିଲ୍ଲୀର ଦଙ୍ଗା ପ୍ରଭାବିତ ଅଞ୍ଚଳ ଜୋହରା ପରିଦର୍ଶନ କରୁଛନ୍ତି।

ନୂଆଦିଲ୍ଲୀ,୨୬।୨(ପି.ଟି.)

ଉତ୍ତରପୂର୍ବ ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ରୋକିବାରେ ବିଫଳ ହୋଇଥିବା ଦିଲ୍ଲୀ ପୋଲିସକୁ ସୁପ୍ରିମକୋର୍ଟ ବୁଧବାର ଭର୍ତ୍ସନା କରିଛନ୍ତି। ଏହି ହିଂସାରେ ୨୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଶତାଧିକ ଆହତ ହୋଇଛନ୍ତି। ସିଏଏ ଦଙ୍ଗାକୁ ନେଇ ହୋଇଥିବା ଆବେଦନ ଉପରେ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। ହିଂସା ସୃଷ୍ଟିକାରୀଙ୍କୁ ଛାଡ଼ିଦିଆଯାଇଥିବାରୁ ଏଥିପାଇଁ ସୁପ୍ରିମକୋର୍ଟ ଖଣ୍ଡପୀଠ ଦିଲ୍ଲୀ ପୋଲିସ ଉପରେ ବର୍ଷିଥିଲେ। କୌଣସି ବ୍ୟକ୍ତିଙ୍କ ଅନୁମତିକୁ ଅପେକ୍ଷା ନ କରି ସ୍ୱାଧୀନ ଭାବେ କାର୍ଯ୍ୟ କରିବା ଆବଶ୍ୟକ ଥିଲା ବୋଲି ଖଣ୍ଡପୀଠ କହିଛନ୍ତି। କେହି ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଲେ ତାହା ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ନେବାକୁ ହେବ। ଶାହିନବାଗ ଆନ୍ଦୋଳନ ସମ୍ପର୍କିତ ମାମଲାର ଶୁଣାଣି ପୂର୍ବରୁ ପ୍ରଥମେ ଅନୁକୂଳ ବାତାବରଣ ଫେରାଇଆଣିବା ଜରୁରୀ ବୋଲି ଜଷ୍ଟିସ୍ ସଞ୍ଜୟ କିଷନ କୌଲ ଏବଂ କେ.ଏମ୍. ଜୋସେଫଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

## ୩ ଭାଜପା ନେତାଙ୍କ ବିରୋଧରେ ଏଫ୍‌ଆଇଆର୍ କର: ହାଇକୋର୍ଟ

ନୂଆଦିଲ୍ଲୀ,୨୬।୨(ପି.ଟି.)

ଯେଉଁ ୩ ଭାଜପା ନେତାଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣ ଯୋଗୁ ସିଏଏ ହିଂସା ଜୋରଦାର ହେଲା ବୋଲି କୁହାଯାଉଛି, ସେମାନଙ୍କ ବିରୋଧରେ କ'ଣ ପାଇଁ ଏତଲା ଦାଏର ହୋଇନି ବୋଲି ବୁଧବାର ଦିଲ୍ଲୀ ହାଇକୋର୍ଟ ପୋଲିସକୁ ପ୍ରଶ୍ନ କରିଛନ୍ତି। ଏତଲା ଦାଏର ପାଇଁ ନିଷ୍ପତ୍ତି ନେଇ ଗୁରୁବାର ସୁଦ୍ଧା ଜଣାଇବାକୁ ଅଦାଲତ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ବେଳେ ଉପସ୍ଥିତ ଥିବା ସ୍ୱତନ୍ତ୍ର ପୋଲିସ କମିଶନରଙ୍କୁ ଅଦାଲତ ନିଜର ଅସନ୍ତୋଷ ଜଣାଇଦେଇଛନ୍ତି। ଦିଲ୍ଲୀ ଅତୀତରେ ଅନେକ ହିଂସା ଦେଖିଛି। ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ଭଳି ସ୍ଥିତି ହେବାକୁ ଦିଆଯିବ ନାହିଁ ବୋଲି ହାଇକୋର୍ଟ କହିଥିଲେ। ପୋଡ଼ାଜଳା, ଲୁଟ୍, ଢେଲାମାଡ଼ ଆଦିକୁ ନେଇ ପୋଲିସ ୧୧ଟି ଏତଲା ଦାଏର କରିଛି। ତେବେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିବା ଭାଜପା ନେତାଙ୍କ ବିରୋଧରେ କ'ଣ ପାଇଁ ଏତଲା ଦିଆଗଲାନି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ଉତ୍ତେଜକ ଭାଷଣ ଦେଇଥିବା ଭାଜପାର ୩ ନେତା ହେଲେ କପିଲ ମିଶ୍ରା, ଅନୁରାଗ ଠାକୁର ଏବଂ ପରଭେଶ ବର୍ମା। ପୋଲିସ କମିଶନରଙ୍କ ସହ ଆଲୋଚନା କରି ଏବଂ ଭିଡିଓ କ୍ଲିପ୍‌ଗୁଡ଼ିକର ଅନୁଧ୍ୟାନ କରିବା ପରେ ଏତଲା ଦାଏର ନେଇ ଏକତ୍ର ନିଷ୍ପତ୍ତି ନେବେ ବୋଲି ସ୍ୱତନ୍ତ୍ର କମିଶନର ପ୍ରବୀର ରଞ୍ଜନ ହାଇକୋର୍ଟଙ୍କୁ କହିଛନ୍ତି। ଜଷ୍ଟିସ୍ ଏସ୍. ମୁରଲୀଧର ଏବଂ ତଲୱନ୍ତ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ ଜାରି କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଗୁରୁବାର ହେବ।

ଏହା ପୂର୍ବରୁ ମଙ୍ଗଳବାର ମଧ୍ୟରାତ୍ରରେ ଦିଲ୍ଲୀ ହାଇକୋର୍ଟ ହିଂସା ଘଟଣାର ଜରୁରୀ ଶୁଣାଣି କରି ଆହତମାନଙ୍କୁ ତୁରନ୍ତ ସରକାରୀ ହସ୍ପିଟାଲରେ ପହଞ୍ଚାଇବା ଓ ଜରୁରୀ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରାଇବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ୍ ଏସ୍. ମୁରଲୀଧରଙ୍କ ବାସଭବନରେ ରାତି ୧୨ଟା ୩୦ରେ ଏହି ଶୁଣାଣି ହୋଇଥିଲା।

## କେଜ୍‌ରିୱାଲ କହିଲେ ବାହାର ଲୋକ କାମ

ନୂଆଦିଲ୍ଲୀ,୨୬।୨

ଉତ୍ତର-ପୂର୍ବ ଦିଲ୍ଲୀରେ ଦିଲ୍ଲୀବାସୀ ହିଂସା ଭିଆଇନାହାନ୍ତି। ସେମାନେ ଶାନ୍ତି ଚାହାନ୍ତି। ଯାହାକିଛି ଘଟିଛି ସେଥିରେ 'ଆମ୍ ଆଦ୍‌ମୀ'ଙ୍କ ଭୂମିକା ନାହିଁ, ଏହା ପଛରେ ବାହାର ଲୋକଙ୍କ ହାତ ରହିଛି। ଅସାମାଜିକ ତତ୍ତ୍ୱ, ରାଜନୈତିକ ଓ ବାହାର ଲୋକ ଏପରି କରିଛନ୍ତି। ଦିଲ୍ଲୀର ହିନ୍ଦୁ-ମୁସଲିମ୍ ପରସ୍ପର ମଧ୍ୟରେ କେବେ ଲଢ଼େଇ କରନ୍ତିନାହିଁ ବୋଲି ବୁଧବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଲୋକଙ୍କ ମଧ୍ୟରେ ବିଶ୍ୱାସ ଫେରାଇ ଆଣିବା ଲାଗି ଉଦ୍ୟମ କରିବା ଉଚିତ ବୋଲି ଦିଲ୍ଲୀ ହାଇକୋର୍ଟ ପରାମର୍ଶ ଦେବା ପରେ କେଜ୍‌ରିୱାଲ ଓ ମୁଖ୍ୟ ଶାସନ ସଚିବ କେତେକ ଦଙ୍ଗା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

## 'ସେମାନେ ମୋତେ ଆତଙ୍କବାଦୀ କହୁଛନ୍ତି'

ନୂଆଦିଲ୍ଲୀ, ୨୬।୨



ଦିଲ୍ଲୀ ପୋଲିସକୁ ୩ ଦିନ ସମୟ ଦେଇ ସିଏଏ ବିକ୍ଷୋଭକାରୀଙ୍କୁ ହଟାଅ ନ ହେଲେ ସେମାନେ ପରିଣାମ ଭୋଗିବେ ବୋଲି କହିଥିବା ଭାଜପା ନେତା କପିଲ ମିଶ୍ର ପୁଣି ବୁଧବାର ହିନ୍ଦୀରେ ଏକ ଟୁଇଟ କରି ସେମାନେ ମୋତେ ଆତଙ୍କବାଦୀ କହୁଛନ୍ତି ବୋଲି ଦର୍ଶାଇଛନ୍ତି। ମୋ ଭାଷଣକୁ ଉତ୍ତେଜନାପୂର୍ଣ୍ଣ ବୋଲି କହିବା ସହ ମୋର ଗିରଫଦାରି ଦାବି କରୁଛନ୍ତି। ବୁର୍‌ହାନ୍ ୱାନି ଓ ଅଫ୍‌ଜଲ ଗୁରୁଙ୍କୁ ସେମାନେ ଆତଙ୍କବାଦୀ ବୋଲି ମାନୁନାହାନ୍ତି। ୟାକୁବ୍ ମେମନ୍, ଉମର ଖାଲିଦ୍ ଓ ଶର୍ଜିଲ ଇମାମ୍‌ଙ୍କୁ ମୁକୁଳାଇବା ଲାଗି କୋର୍ଟ ଯାଇଥିବା ଏହି ବ୍ୟକ୍ତିମାନେ ମୋ ଗିରଫ ଲାଗି ଦାବି କରୁଛନ୍ତି ବୋଲି ମିଶ୍ର ପ୍ରକାଶ କରିଛନ୍ତି।

## ଉତ୍ତରପୂର୍ବ ଦିଲ୍ଲୀରେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ

ହିଂସାଗ୍ରସ୍ତ ଉତ୍ତରପୂର୍ବ ଜିଲ୍ଲାରେ ସ୍ଥିତି ଅଧିକ ଖରାପ ହୋଇଥିବାରୁ ସେଠାରେ ଗୁରୁବାର ହେବାକୁ ଥିବା ସିବିଏସ୍‌ଇ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଗୁରୁବାର ଇଂଲିଶ ପରୀକ୍ଷା ଥିଲା। ଉତ୍ତରପୂର୍ବ ସମେତ ପୂର୍ବ ଦିଲ୍ଲୀର କେତେକ ଅଞ୍ଚଳରେ ମଧ୍ୟ ପରୀକ୍ଷା ସ୍ଥଗିତ ରଖାଯାଇଛି। ଦିଲ୍ଲୀ ସରକାରଙ୍କ ଅନୁରୋଧକୁ ରକ୍ଷା କରି ଏବଂ ଛାତ୍ରୀଛାତ୍ର, ଅଭିଭାବକ ଓ କର୍ମଚାରୀଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା ସିବିଏସ୍‌ଇ କର୍ତ୍ତୃପକ୍ଷ କହିଛନ୍ତି। ଉକ୍ତ ଅଞ୍ଚଳ ପାଇଁ ପରୀକ୍ଷା କାର୍ଯ୍ୟସୂଚୀରେ ପରିବର୍ତ୍ତନ କରିବା କିମ୍ବା ପରୀକ୍ଷା କେନ୍ଦ୍ର ବଦଳାଇବା ପାଇଁ ଅଦାଲତ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ରାହୁଲଙ୍କ ସିଡବ୍ଲ୍ୟୁସି ସଦସ୍ୟତାକୁ ନେଇ ପ୍ରଶ୍ନବାଚୀ

ଦଙ୍ଗା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ ଲାଗି ବୁଧବାର ଅନୁଷ୍ଠିତ ସିଡବ୍ଲ୍ୟୁସି ବୈଠକରେ ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଅନୁପସ୍ଥିତି ନେଇ ଦଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ସେ ସିଡବ୍ଲ୍ୟୁସି ସଦସ୍ୟ ନା ନୁହନ୍ତି ତାକୁ ନେଇ ପ୍ରଶ୍ନ ଉଠିଛି। ସୋସିଆଲ ମିଡିଆରେ ସକ୍ରିୟ ଥାଇ ଦିଲ୍ଲୀ ଦଙ୍ଗାକୁ ନିନ୍ଦା କରୁଥିବା ରାହୁଲ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗ ଦେଇନାହାନ୍ତି। ସେ ବିଦେଶ ଯାଇଥିବା ତାଙ୍କ କାର୍ଯ୍ୟାଳୟ ସୂତ୍ରରୁ କୁହାଯାଇଛି। ତେବେ ଦଳରେ ଏକାଧିକ ଘଟଣାରେ ସେ ଅସନ୍ତୁଷ୍ଟ ଥିବା ଜଣାପଡିଛି। ରାହୁଲ ସିଡବ୍ଲ୍ୟୁସିକୁ ମନୋନୀତ ହୋଇନାହାନ୍ତି। ତେବେ ପୂର୍ବତନ ଅଧକ୍ଷ ଭାବେ ସେ ଦଳର ସର୍ବୋଚ୍ଚ ନୀତି ନିର୍ଦ୍ଧାରଣକାରୀ କମିଟିର ସଦସ୍ୟ।



କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ।

## କନ୍‌ଷ୍ଟେବଲଙ୍କ ପରିବାରକୁ ୧ କୋଟି ସହାୟତା

ଉତ୍ତରପୂର୍ବ ଦିଲ୍ଲୀରେ ସିଏଏ ସପକ୍ଷ ଓ ବିପକ୍ଷ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ବେଳେ ନିହତ ହୋଇଥିବା ପୋଲିସ କନ୍‌ଷ୍ଟେବଲଙ୍କ ପରିବାରକୁ ଦିଲ୍ଲୀ ସରକାର ୧ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ବୁଧବାର ଏହା ଘୋଷଣା କରିଛନ୍ତି। ଦିଲ୍ଲୀ ସରକାରଙ୍କ ନୀତି ଅନୁଯାୟୀ ନିହତ କନ୍‌ଷ୍ଟେବଲ ରତନ ଲାଲ୍‌ଙ୍କ ପରିବାରକୁ ୧ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଥିଲେ।

## ବାବ୍ରୀ ମସ୍‌ଜିଦ ଭଙ୍ଗା ପରେ ଦିଲ୍ଲୀରେ ସବୁଠୁ ବଡ଼ ଦଙ୍ଗା

ସିଏଏକୁ ନେଇ ଦିଲ୍ଲୀରେ ଦଙ୍ଗା ସୃଷ୍ଟି ହୋଇଛି, ଯେଉଁଥିରେ ତିନିଦିନରେ ୨୭ ଜଣ ପ୍ରାଣ ହରାଇବା ସହ ୨୦୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୧୯୯୨ରେ ଅଯୋଧ୍ୟାରେ ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣାର ୨୮ ବର୍ଷ ପରେ ଏହା ଦିଲ୍ଲୀରେ ସବୁଠୁ ବଡ଼ ଦଙ୍ଗା ବୋଲି କୁହାଯାଉଛି। ବାବ୍ରୀ ମସ୍‌ଜିଦ ଭଙ୍ଗ ବେଳେ ଦେଶର ବିଭିନ୍ନ ସ୍ଥାନରେ ସାମ୍ପ୍ରଦାୟିକ ଦଙ୍ଗା ହୋଇଥିଲା।

## ଜମ୍ମୁ-କଶ୍ମୀରରେ ଲାଗୁ ହେବ କେନ୍ଦ୍ରୀୟ ଆଇନ

**ନୂଆଦିଲ୍ଲୀ,୨୬।୨:** ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନର ଧାରା ୯୬ ଅନୁଯାୟୀ ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ କେନ୍ଦ୍ରୀୟ ଆଇନ ଲାଗୁ ହେବ। ଏନେଇ ଏକ ନିର୍ଦ୍ଦେଶନାମା ଜାରି ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧକ୍ଷତାରେ ବୁଧବାର କେନ୍ଦ୍ର କ୍ୟାବିନେଟ ବୈଠକ ବସି ନିଷ୍ପତ୍ତି ନିଆଯାଇଛି। ୨୦୧୯ ଅକ୍ଟୋବର ୩୧ରେ ଜମ୍ମୁ-କଶ୍ମୀର ପୁନର୍ଗଠନ ଆଇନ କାର୍ଯ୍ୟକାରୀ ହେବା ପରେ ଏହି ରାଜ୍ୟ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ-କଶ୍ମୀର ଓ ଲଦାଖରେ ପରିଣତ ହୋଇଥିଲା। ସେହି ଅନୁଯାୟୀ ସାରା ଭାରତ ପାଇଁ ପ୍ରଯୁଜ୍ୟ ସମସ୍ତ କେନ୍ଦ୍ରୀୟ ଆଇନ ଉକ୍ତ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ ହେବ। ପୂର୍ବରୁ ଜମ୍ମୁ-କଶ୍ମୀର ପାଇଁ ସ୍ୱତନ୍ତ୍ର ଆଇନ କାର୍ଯ୍ୟକାରୀ ହେଉଥିଲା।

## ଅବସର ପୂର୍ବରୁ ୫ ଅଫିସରଙ୍କୁ ବଦଳି କଲେ ପୋଲିସ କମିଶନର

ଦିଲ୍ଲୀ ପୋଲିସ କମିଶନର ଅମୂଲ୍ୟ ପଟ୍ଟନାୟକ ଅବସର ଗ୍ରହଣ କରିବାର ୩ ଦିନ ପୂର୍ବରୁ ୫ ଜଣ ପୋଲିସ ଅଫିସରଙ୍କୁ ବଦଳି କରିଛନ୍ତି। ସିଏଏ ହିଂସାକୁ ନେଇ ଉତ୍ତରପୂର୍ବ ଦିଲ୍ଲୀର ବିଭିନ୍ନ ଭାଗ ଜଳୁଥିବାବେଳେ ଏଭଳି ବଦଳି ନିର୍ଦ୍ଦେଶନାମା ଜାରି ହୋଇଛି। ରୋହିଣୀ ଅଞ୍ଚଳର ଅତିରିକ୍ତ ପୋଲିସ କମିଶନର ଏସ୍.ଡି. ମିଶ୍ରଙ୍କୁ ଟ୍ରାଫିକ ବିଭାଗକୁ ବଦଳି କରାଯାଇଛି। ସେହିପରି ଦିଲ୍ଲୀ ପୋଲିସ ମୁଖପାତ୍ର ଭାବେ କାର୍ଯ୍ୟ କରୁଥିବା ଏମ୍.ଏସ୍. ରାନ୍ଧୱାଙ୍କୁ ଅପରାଧ ବିଭାଗର ଅତିରିକ୍ତ ପୋଲିସ କମିଶନର କରାଯାଇଛି। ଅର୍ଥନୈତିକ ଅପରାଧ ଶାଖା ଦାୟିତ୍ୱରେ ଥିବା ଡିସିପି ପି. ମିଶ୍ରାଙ୍କୁ ରୋହିଣୀ ଜିଲା ଡିସିପି ଭାବେ ବଦଳି କରାଯାଇଛି। ସେହିପରି ଆଇଜିଆଇ ବିମାନବନ୍ଦର ଦାୟିତ୍ୱରେ ଥିବା ସଞ୍ଜୟ ଭାଟିଆଙ୍କୁ କେନ୍ଦ୍ରୀୟ ଜିଲା ଡିଜିପି କରାଯାଇଛି। ପୋଲିସ କମିଶନର ପଟ୍ଟନାୟକ ତାଙ୍କ ଷ୍ଟାଫ୍ ଅଫିସର ରାଜୀବ ରଞ୍ଜନଙ୍କୁ ଆଇଜିଆଇ ବିମାନବନ୍ଦର ଡିସିପି ଭାବେ ନିଯୁକ୍ତି ଦେଇଛନ୍ତି। ଦିଲ୍ଲୀରେ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ଅମୂଲ୍ୟ ପଟ୍ଟନାୟକ ବିଫଳ ହୋଇଥିବାବେଳେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆଇପିଏସ୍ ଅଫିସର ଏସ୍.ଏନ୍. ଶ୍ରୀବାସ୍ତବଙ୍କୁ ସ୍ୱତନ୍ତ୍ର ପୋଲିସ କମିଶନର (ଆଇନ ଶୃଙ୍ଖଳା) ଭାବେ ନିଯୁକ୍ତି ଦେବା ସହ ତାଙ୍କୁ ଦିଲ୍ଲୀ ସ୍ଥିତି ନିୟନ୍ତ୍ରଣ କରିବାକୁ କୁହାଯାଇଛି।




## ସରକାର ନୁହେଁ, ଲୋକଙ୍କ ପାଇଁ ଶାନ୍ତି ଫେରିଛି: ସନ୍ଦୀପ୍

ଉତ୍ତରପୂର୍ବ ଦିଲ୍ଲୀରେ ଦୁଇଦିନର ହିଂସା ପରେ ବୁଧବାର ଶାନ୍ତି ଫେରିଛି। ଏହା ପରେ ହିଂସାକୁ ନେଇ ରାଜନୀତି ଜୋର୍ ଧରିବାରେ ଲାଗିଛି। ବିଭିନ୍ନ ଦଳର ନେତାମାନେ ହିଂସା କ୍ଷତିଗ୍ରସ୍ତ ଅଞ୍ଚଳ ଯାଇ ସ୍ଥିତି ସମୀକ୍ଷା କରୁଛନ୍ତି। ତେବେ ଶାନ୍ତି କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଯୋଗୁ ଫେରିନାହିଁ, ବରଂ ଜନସାଧାରଣଙ୍କ ପାଇଁ ଫେରିଛି ବୋଲି ଚାନ୍ଦବାଗ୍ ଗସ୍ତରେ ଯାଇଥିବା ପୂର୍ବତନ କଂଗ୍ରେସ ଏମ୍‌ପି ସନ୍ଦୀପ୍ ଦୀକ୍ଷିତ କହିଛନ୍ତି। ଏକ ନିର୍ଦ୍ଦିଷ୍ଟ ବିଚାରଧାରାର ରାଜନୈତିକ ଗୋଷ୍ଠୀ ହିଂସା ସହ ସମ୍ପୃକ୍ତ ଥିବା ଜଣାପଡିଛି। କ୍ଷତିଗ୍ରସ୍ତ ଲୋକ ଓ ଦୋକାନୀମାନଙ୍କ ସହ ସନ୍ଦୀପ୍ କଥା ହୋଇ ସ୍ୱାଭାବିକ ଅବସ୍ଥା ଫେରିଥିବାରୁ ଧନ୍ୟବାଦ ଜଣାଇଛନ୍ତି।



## ୟୁରୋପକୁ ବ୍ୟାପୁଛି କରୋନା ଭାଇରସ୍

ଲଣ୍ଡନ/ବେଜିଂ/ନୂଆଦିଲ୍ଲୀ, ୨୬।୨



ଚାଇନାରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ୍ କ୍ରମଶଃ ୟୁରୋପୀୟ ଦେଶଗୁଡ଼ିକୁ ବ୍ୟାପିବାରେ ଲାଗିଛି। ତେବେ ଭୟ କରିବାର କିଛି ନାହିଁ ବୋଲି ୟୁରୋପ ସଂଘର ସ୍ୱାସ୍ଥ୍ୟ କମିଶନର ପ୍ରକାଶ କରିଛନ୍ତି। ପ୍ରକାଶଥାଉ କି, ଇଟାଲୀରେ କରୋନା ଭାଇରସ୍ ଯୋଗୁ ୧୨ ଜଣ ପ୍ରାଣ ହରାଇଲେଣି। ବୁଧବାର ସୁଦ୍ଧା ୩୭୪ ଆକ୍ରାନ୍ତ ଥିବା ଜଣାପଡ଼ିଛି। ଗ୍ରୀସରେ ଜଣେ ବ୍ୟକ୍ତି ଆକ୍ରାନ୍ତ ଅଛନ୍ତି। ଫ୍ରାନ୍ସରେ ୨ ଜଣଙ୍କ ପ୍ରାଣହାନି ଘଟିଥିବା ବେଳେ ଜର୍ମାନୀରେ ୧୭, ସ୍ପେନ୍‌ରେ ୧୬, ସ୍ୱିଡେନରେ ଜଣେ ଏହି ଭାଇରସ୍‌ରେ ଆକ୍ରାନ୍ତ ଥିବା ଜଣାପଡ଼ିଛି।

ଚାଇନାରେ କରୋନା ଅଦ୍ୟାବଧି ୨,୭୧୫ ଲୋକଙ୍କ ପ୍ରାଣ ନେଲାଣି। ୭୮ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଏବେ ବି ସଂକ୍ରମିତ ଥିବା ଜଣାପଡ଼ିଛି। ଭାରତ, ପାକିସ୍ତାନ ଭଳି କେତେକ ପଡ଼ୋଶୀ ଦେଶ ମଧ୍ୟ ଏହାର ଶିକାର ହୋଇଛନ୍ତି। ପାକିସ୍ତାନରେ ବୁଧବାର ଏଥିରେ ୨ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଇରାନରେ ବୁଧବାର ୪ ଜଣ ପ୍ରାଣ ହରାଇଥିବାବେଳେ ମୃତ୍ୟୁସଂଖ୍ୟା ୧୯ରେ ପହଞ୍ଚିଛି। ସେଠାରେ ମୋଟ ୧୩୯ ବ୍ୟକ୍ତି କରୋନା ସଂକ୍ରମିତ ଥିବା କୁହାଯାଇଛି। ଲାଟିନ ଆମେରିକାର ଜଣେ ବ୍ୟକ୍ତି ଆକ୍ରାନ୍ତ ହୋଇଥିବା ବ୍ରଜିଲ ଅଧିକାରୀ ପ୍ରକାଶ କରିଛନ୍ତି।

## ମେହବୁବାଙ୍କ ଅଟକକୁ ନେଇ ଜମ୍ମୁ-କଶ୍ମୀର ପ୍ରଶାସନକୁ ସୁପ୍ରିମକୋର୍ଟ ନୋଟିସ

ନୂଆଦିଲ୍ଲୀ,୨୬।୨(ଆଇଏଏନ୍‌ଏସ୍)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପିଡିପି ନେତ୍ରୀ ମେହବୁବା ମୁଫ୍‌ତିଙ୍କ ଅଟକକୁ ନେଇ ସୁପ୍ରିମକୋର୍ଟ ବୁଧବାର ଜମ୍ମୁ-କଶ୍ମୀର ପ୍ରଶାସନକୁ ନୋଟିସ ଜାରି କରିଛନ୍ତି। ସାଧାରଣ ନିରାପତ୍ତା ଆଇନ (ପିଏସ୍‌ଏ)ରେ ମେହବୁବାଙ୍କ ଅଟକକୁ ତାଙ୍କ ଝିଅ ଇଲତିଜା ମୁଫ୍‌ତି ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଜଷ୍ଟିସ ଅରୁଣ ମିଶ୍ରଙ୍କ ଅଧକ୍ଷତାରେ ଖଣ୍ଡପୀଠ ଏନେଇ ଜମ୍ମୁ-କଶ୍ମୀର ପ୍ରଶାସନକୁ ଜବାବ ମାଗିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ମାର୍ଚ୍ଚ ୧୮ରେ ହେବ। ୩୭୦ ଉଚ୍ଛେଦ ସହ ମେହବୁବା ଓ ଅନ୍ୟ ପ୍ରମୁଖ ନେତାମାନଙ୍କୁ ଅଟକ ରଖାଯାଇଥିଲା। ପରେ ତାଙ୍କ ବିରୋଧରେ ପିଏସ୍‌ଏ ଲାଗୁ ହୋଇଥିଲା।

## ଆଗ୍ରହୀ ମହିଳା ସରୋଗେଟ ମାଆ ହୋଇପାରିବେ

ନୂଆଦିଲ୍ଲୀ,୨୬।୨

ଏଣିକି କେବଳ ସମ୍ପର୍କୀୟା ନୁହନ୍ତି, ଯେକୌଣସି ଆଗ୍ରହୀ ମହିଳା ସରୋଗେଟ ମାଆ ହୋଇପାରିବେ। କେନ୍ଦ୍ର କ୍ୟାବିନେଟ ବୁଧବାର ସରୋଗେସୀ(ରେଗୁଲେଶନ) ବିଲ୍, ୨୦୨୦କୁ ଅନୁମୋଦନ କରିଛି। ଏହି ସେବାକୁ ନିୟନ୍ତ୍ରଣ କରିବା ଲାଗି ଅଣାଯାଇଥିବା ବିଧେୟକ ଅନୁଯାୟୀ ଆଗ୍ରହୀ ବିଧବା ଓ ଛାଡ଼ପତ୍ର ପାଇଥିବା ମହିଳା ସରୋଗେଟ ମାଆ ହୋଇପାରିବେ। ଭୂପେନ୍ଦର ଯାଦବଙ୍କ ନେତୃତ୍ୱରେ ଗଠିତ ରାଜ୍ୟସଭା ଚୟନ କମିଟି ପ୍ରସ୍ତାବିତ ବିଧେୟକକୁ ସମୀକ୍ଷା କରିବା ପରେ ଅନୁମୋଦନ କରିଥିଲା। ବଜେଟ ଅଧିବେଶନର

**ବିଲ୍‌କୁ କ୍ୟାବିନେଟ ମୋହର**

ଦ୍ୱିତୀୟ ପର୍ଯ୍ୟାୟରେ ଉକ୍ତ ବିଲ୍ ପାର୍ଲାମେଣ୍ଟରେ ଆଗତ ହେବା ଆଶା କରାଯାଉଛି। କେବଳ ସମ୍ପର୍କୀୟା ମହିଳା ସରୋଗେଟ ମାଆ ହୋଇପାରିବେ ବୋଲି ପୂର୍ବରୁ ଯେଉଁ ବ୍ୟବସ୍ଥା ଥିଲା ତାକୁ ହଟାଇଦିଆଯାଇଛି। ଯେକେହି ମହିଳା ଚାହିଁଲେ ସରୋଗେଟ ମାଆ ହୋଇପାରିବେ ବୋଲି କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଗଣମାଧ୍ୟମକୁ କହିଛନ୍ତି। ସରୋଗେଟ ମାଆଙ୍କ ପାଇଁ ବୀମା ସମୟସୀମା ୧୬ ମାସରୁ ବୃଦ୍ଧି କରାଯାଇ ୩୬ ମାସ କରାଯାଇଛି। ଚିକିତ୍ସା ଦୃଷ୍ଟିରୁ ଯେଉଁ ମହିଳାଙ୍କ ପାଇଁ ସରୋଗେସୀର ଆବଶ୍ୟକତା ରହିଛି କେବଳ ସେହିମାନଙ୍କୁ ଏହି ସୁବିଧା ଯୋଗାଇଦିଆଯିବ।

### [ଇତିହାସର ଆଇନାରେ]

**ଫେବୃୟାରୀ ୨୭ର ପ୍ରମୁଖ ଘଟଣା**

୨୦୦୨ ଫେବୃୟାରୀ ୨୭ରେ ଗୁଜରାଟର ଗୋଧ୍ରାରେ ଟ୍ରେନ୍ ପୋଡ଼ି ଘଟଣା ଘଟିଥିଲା। ଅଯୋଧ୍ୟାରୁ ଫେରୁଥିବା ସାବରମତୀ ଏକ୍ସପ୍ରେସ୍‌ରେ ମୁସଲ୍‌ମାନମାନେ ନିଆଁ ଲଗାଇ ଦେବାରୁ ୫୯ ହିନ୍ଦୁ କରସେବକ ପୋଡ଼ିହୋଇ ପ୍ରାଣ ହରାଇଥିଲେ।

୨୦୧୦ ଫେବୃୟାରୀ ୨୭ରେ କେନ୍ଦ୍ରୀୟ ଚିଲିରେ ୮.୮ ତୀବ୍ରତାର ଭୂକମ୍ପ ହେବାରୁ ୫୦୦ ବ୍ୟକ୍ତି ପ୍ରାଣ ହରାଇଥିଲେ। ହଜାରରୁ ଊର୍ଦ୍ଧ୍ୱ ଏଥିରେ ଆହତ ହୋଇଥିବା ବେଳେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା।

## ଜେଲ ଗଲେ ଆଜମ୍ ଖାନ୍ ପରିବାର



ରାମପୁର, ୨୬।୨

ସମାଜବାଦୀ ପାର୍ଟି ଏମ୍‌ପି ଆଜମ୍ ଖାନ୍, ସ୍ତ୍ରୀ ତାନ୍‌ଜିନ୍ ଫତିମା ଓ ପୁଅ ତଥା ପୂର୍ବତନ ବିଧାୟକ ଅବ୍‌ଦୁଲ୍ଲା ଆଜମ୍‌ଙ୍କୁ ୭ ଦିନ ଲାଗି ଜେଲକୁ ପଠାଇ ଦିଆଯାଇଛି। ଉତ୍ତରପ୍ରଦେଶର ରାମପୁରସ୍ଥିତ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି ସୋମବାର କରିବା ଲାଗି ସମୟ ଧାର୍ଯ୍ୟ କରିଛନ୍ତି। ଉତ୍ତରପ୍ରଦେଶ ସରକାର ଗତବର୍ଷ ଖାନ୍ ପରିବାର ବିରୋଧରେ ଏକାଧିକ ମାମଲା ରୁଜୁ କରିଥିଲେ। ଏହି ମାମଲାଗୁଡ଼ିକରେ କୋର୍ଟ ପକ୍ଷରୁ ଜାରି କରାଯାଇଥିବା ସମନ୍‌କୁ ଖାନ୍ ପରିବାର ପକ୍ଷରୁ ଅଣଦେଖା କରାଯାଇ ଆସୁଥିଲା। ଅବ୍‌ଦୁଲ୍ଲା ଆଜମ୍ କାଗଜପତ୍ରରେ ଜନ୍ମତାରିଖ ଜାଲିଆତି କରିଥିବା ଅଭିଯୋଗ ହୋଇଥିଲା। ରାମ୍‌ପୁରର ସ୍ଥାନୀୟ କୋର୍ଟ ତିନିଜଣଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା ଜାରି କରିବା ସହ ସେମାନଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିବା ଲାଗି ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ୱାରେଣ୍ଟ ପ୍ରତି ଅବହେଳା ପ୍ରଦର୍ଶନ କରି ଆଗୁଆ ଜାମିନ ଆବେଦନ ଲାଗି ବହୁବାର ଏମାନେ ପ୍ରୟାସ କରିଥିବା ବେଳେ କୋର୍ଟ ପକ୍ଷରୁ ଏହାକୁ ଖାରଜ କରାଯାଇଥିଲା।

## ବାଲାକୋଟ ଏୟାରଷ୍ଟ୍ରାଇକ୍‌କୁ ବର୍ଷେ

ନୂଆଦିଲ୍ଲୀ,୨୬।୨(ପି.ଟି.)



ବାଲାକୋଟ ଏୟାରଷ୍ଟ୍ରାଇକ୍‌କୁ ବର୍ଷେ ପୂରିଛି। ଗତବର୍ଷ ଫେବୃୟାରୀ ୨୬ ରାତି ୩ଟା ୫୫ରେ ଭାରତୀୟ ବାୟୁସେନା ଏଲ୍‌ଓସି ଅତିକ୍ରମ କରି ପାକ୍ ଅଧିକୃତ କଶ୍ମୀର (ପିଓକେ) ଅନ୍ତର୍ଗତ ବାଲାକୋଟରେ ଏୟାରଷ୍ଟ୍ରାଇକ୍ କରିଥିଲା। ଏହି କାର୍ଯ୍ୟାନୁଷ୍ଠାନରେ ସେଠାରେ ଥିବା ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଆତଙ୍କବାଦୀ ଶିବିର ଧ୍ୱଂସ ହୋଇଥିଲା ଓ ୩୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଅପରେଶନର ନାଁ ରଖାଯାଇଥିଲା 'ବନ୍ଦର'। ଏୟାରଷ୍ଟ୍ରାଇକ୍‌ର ସଫଳତା ପାଇଁ ଏଭଳି କୋଡ୍ ୱାର୍ଡ ବ୍ୟବହାର କରାଯାଇଥିଲା। ଏବେ ଅବସର ନେଇଥିବା ତତ୍କାଳୀନ ବାୟୁସେନା କମାଣ୍ଡର ହରିକୁମାର ହିଁ ଥିଲେ ଏହି ସାଙ୍କେତିକ ନାମ। ସେ ତତ୍କାଳୀନ ବାୟୁସେନା ମୁଖ୍ୟ ବି.ଏସ୍. ଧନୋଆଙ୍କୁ ଗୋପନୀୟ ବାଲାକୋଟ ଏୟାରଷ୍ଟ୍ରାଇକ୍‌ର ସଫଳତା ସମ୍ପର୍କରେ ଜଣାଇଥିଲେ। ସେଦିନ ବି ଥିଲା କମାଣ୍ଡର ହରିକୁମାରଙ୍କ ଜନ୍ମଦିନ। ଜମ୍ମୁ-କଶ୍ମୀରର ପୁଲ୍‌ୱାମାରେ ଫେବୃୟାରୀ ୧୪ରେ ଜେଇଏମ୍ ଆତଙ୍କବାଦୀଙ୍କ ଆତ୍ମଘାତୀ ଆକ୍ରମଣରେ ୪୦ ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଥିଲେ। ତା'ର ପ୍ରତିଶୋଧ ନେବାକୁ ବାୟୁସେନା ପକ୍ଷରୁ ବାଲାକୋଟ ଏୟାରଷ୍ଟ୍ରାଇକ୍ କରାଯାଇଥିଲା।

**ବ୍ୟବହାର ହୋଇଥିଲା 'ବନ୍ଦର' କୋଡ୍**

ବାଲାକୋଟ ଅଭିଯାନର ସ୍ମୃତି ମନେ ପକାଇ ହରିକୁମାର କହିଛନ୍ତି, ଫେବୃୟାରୀ ୨୫ରେ ତାଙ୍କ ପାଇଁ ବିଦାୟ ଭୋଜିର ଆୟୋଜନ କରାଯାଇଥିଲା। ସେଦିନ ବାୟୁସେନା ମୁଖ୍ୟ ତାଙ୍କୁ ବାଲାକୋଟ ପ୍ରସ୍ତୁତି ସମ୍ପର୍କରେ ପଚାରିଥିଲେ। ଅଭିଯାନ ସଫଳ ହେଲେ ଫୋନ୍ କରି 'ବନ୍ଦର' କହିବାକୁ ଏୟାର ମାର୍ଶାଲ ଧନୋଆ ତାଙ୍କୁ ପରାମର୍ଶ ଦେଇଥିଲେ ବୋଲି ହରିକୁମାର କହିଛନ୍ତି। ବାଲାକୋଟ ଆକ୍ରମଣର ମୁଖ୍ୟ ଯୋଜନା ପ୍ରସ୍ତୁତକାରୀ ହରିକୁମାର ସେତେବେଳେ ୱେଷ୍ଟର୍ନ ଏୟାର କମାଣ୍ଡର ଏୟାର ଅଫିସର କମାଣ୍ଡିଂ ଇନ୍ ଚିଫ୍ ଥିଲେ।

ସେଦିନ ରାତିରେ ଭାରତୀୟ ବାୟୁସେନାର ୧୬ଟି ଲଢୁଆ ବିମାନ ସୀମା ଅତିକ୍ରମ କରି ପାକିସ୍ତାନରେ ପଶିଥିଲେ। ବାଲାକୋଟରେ ଥିବା ଜେଇଏମ୍ ଆତଙ୍କବାଦୀ ତାଲିମ ଶିବିରକୁ ସ୍ପାଇସ୍୨୦୦୦ ବୋମା ଦ୍ୱାରା ଧ୍ୱଂସ କରିଦିଆଯାଇଥିଲା।



ଯେଉଁ ଲୋକ ଗୋଟିଏ ନିର୍ଦ୍ଦିଷ୍ଟ କାମରେ ଲାଗି ରହିବା କଳା ଶିଖି ନାହିଁ, ସେ ଲୋକ କ୍ରମେ ଦୁର୍ବଳମନା ହୋଇଯାଏ।
- ରସ୍କିନ୍



## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ, ଆଚାର୍ଯ୍ୟ ବିହାରସ୍ଥିତ ପ୍ରତିମୂର୍ତ୍ତି, ସକାଳ ୮ଟା। ରାଜ୍ୟସ୍ତରୀୟ ଜୟନ୍ତୀ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ମସରୁମ ଟିମ୍ ପକ୍ଷରୁ ବାର୍ଷିକ ଫଟୋ ଉତ୍ସବ ଉଦ୍‌ଘାଟନ, ଲଳିତ କଳା ଏକାଡେମୀ, ସନ୍ଧ୍ୟା ୬ଟା।
- କାଳୀ ପ୍ରସାଦ ସାମନ୍ତରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ ସମାରୋହ, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ଶିକ୍ଷାନୁଷ୍ଠାନ ସମ୍ମୁଖ, ଜଗନ୍ନାଥ ନଗର, ଝାରପଡ଼ା, ସନ୍ଧ୍ୟା ୬ଟା।

## ଯୁବତୀଙ୍କୁ ପ୍ରତାରଣା, ବିବାହିତ ଯୁବକ ଗିରଫ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ ପରେ ପ୍ରତାରଣା କରିଥିବା ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେ ହେଲେ ଜିଜିପି କଲୋନୀ ଜଗନ୍ନାଥ ନଗରରେ ରହୁଥିବା କେନ୍ଦୁଝରର ଶଶାଙ୍କ ଶେଖର ମହନ୍ତ। ସେ ବିବାହିତ ଥିବାବେଳେ ବର୍ଷକ ତଳେ ଉକ୍ତ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ଏକାଠି ରହିବା ସହ ଏକ ମନ୍ଦିରରେ ବିବାହ କରିଥିଲେ। ପରେ ଶଶାଙ୍କ ବିବାହିତ ଓ ଗୋଟିଏ ପିଲାର ବାପା ବୋଲି ଯୁବତୀ ଜଣକ ଜାଣିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ପରେ ଶଶାଙ୍କ ଧୀରେ ଧୀରେ ଯୁବତୀଙ୍କ ନିକଟରୁ ଦୂରେଇ ଯାଇଥିଲେ। ଯୁବତୀ ଜଣକ କିଛିଦିନ ତଳେ ଶଶାଙ୍କଙ୍କୁ ଜରୁରୀ ଦେଖା କରିବାକୁ ସାଇମନ୍ଦିର ନିକଟକୁ ଡାକିଥିଲେ। ଏହି ସମୟରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଶଶାଙ୍କ ତାଙ୍କୁ ମାଡ଼ମାରିଥିବା ନେଇ ଯୁବତୀ ଜଣକ ଗତ ୨୪ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୧୧୦/୨୦ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଶଶାଙ୍କଙ୍କୁ ପୋଲିସ ଥାନାକୁ ଡକାଇ ଅଟକ ରଖିବା ପରେ ତାଙ୍କ ସ୍ତ୍ରୀ ମଧ୍ୟ ଉକ୍ତ ଯୁବତୀଙ୍କ ନାଁରେ ପାଲଟା ଅଭିଯୋଗ ଆଣିଥିଲେ।

# ରସୁଲଗଡ଼ ଓଭରବ୍ରିଜ୍‌ରେ ଝୁଲିଥିଲା କଂକ୍ରିଟ୍ ଖଣ୍ଡ

## ଟଳିଲା ବଡ଼ ଦୁର୍ଘଟଣା

**ଭୁବନେଶ୍ୱର, ୨୬।୨ (ବ୍ୟୁରୋ)**

ରସୁଲଗଡ଼ ଓଭରବ୍ରିଜ୍‌ରେ ଝୁଲି ରହିଥିଲା ବଡ଼ କଂକ୍ରିଟ୍ ଖଣ୍ଡ। ତଳେ ଯାତାୟାତ ଚାଲିଥିବାବେଳେ ମୁଣ୍ଡ ଉପରେ ଚାହିଁ ରହିଥିଲା ବଡ଼ ବିପଦ। ନା ଥିଲା ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନଜର, ନା ତଦାରଖ ଦାୟିତ୍ୱରେ ଥିବା ଅଧିକାରୀଙ୍କର। ଆନ୍ଧ୍ର ବ୍ୟାଙ୍କ ଏଟିଏମ୍ ସମ୍ମୁଖ ଓଭରବ୍ରିଜ୍ ପାର୍ଶ୍ୱରେ ୫୦ କେଜିରୁ ଅଧିକ ଓଜନର କଂକ୍ରିଟ ଖଣ୍ଡ ଝୁଲି ରହିଥିବା ଜଣାପଡ଼ିବା ପରେ ଆତଙ୍କ ଖେଳିଯାଇଥିଲା। ତୁରନ୍ତ ତଳେ ଯାଉଥିବା ଗାଡ଼ିମୋଟର ଓ ଲୋକଙ୍କୁ ବାରଣ କରାଯାଇଥିଲା। ଉକ୍ତ କଂକ୍ରିଟ ଖଣ୍ଡକୁ କଢ଼ାଯାଇ ସେଠାରେ ଆବଶ୍ୟକ ମରାମତି ହୋଇଥିଲା। ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଗଲା। ଏହି ଘଟଣାକୁ ନେଇ ସେଠାରେ କିଛି ସମୟ ଚାପା ଉତ୍ତେଜନା ଦେଖିବାକୁ ମିଳିଥିଲା।

ମିଳିଥିବା ସୂଚନାନୁସାରେ, ବୁଧବାର ଜଣେ ଲୋକ ଏଟିଏମ୍‌କୁ ଟଙ୍କା ଉଠାଇବାକୁ ଆସିଥିବାବେଳେ ସମ୍ମୁଖ ଓଭରବ୍ରିଜ୍ ଉପରେ ଏକ ବଡ଼ କଂକ୍ରିଟ୍ ଖଣ୍ଡ ବିପଦସଙ୍କୁଳ ଅବସ୍ଥାରେ ଝୁଲୁଥିବା ଦେଖିଥିଲେ। ସେ ତୁରନ୍ତ ୧୦୦ ନମ୍ବରକୁ ଫୋନ୍ କରି ଜଣାଇବା ସହ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଅଧିକାରୀଙ୍କ ନମ୍ବର ଆଣି ଘଟଣା ସମ୍ପର୍କରେ ସୂଚନା ଦେଇଥିଲେ। କିଛି ସମୟ ପରେ ମଞ୍ଚେଶ୍ୱର ଥାନା ପୋଲିସ ସେଠାରେ ପହଞ୍ଚି କଂକ୍ରିଟ୍ ଝୁଲୁଥିବା ଓଭରବ୍ରିଜ୍‌ର ତଳ ଅଞ୍ଚଳକୁ କର୍ଡନ କରି ଗାଡ଼ିମୋଟର ଚଳାଚଳରେ କଟକଣା ଲଗାଇଥିଲା। ପରେ ଏନ୍‌ଏଚ୍‌ଏଆଇ ଅଧିକାରୀ ଓ କର୍ମଚାରୀ ପହଞ୍ଚି ସ୍ଥିତି ଯାଞ୍ଚ କରିଥିଲେ। ସେପଟେ ଓଭରବ୍ରିଜ୍ ଉପରେ ବହୁ ଭାରିଯାନ ଚଳାଚଳ କରୁଥିବାରୁ ସମସ୍ତେ ଆଶଙ୍କା ଓ ଭୟଭୀତ ଅବସ୍ଥାରେ ଥିଲେ। ମ୍ୟାନ୍ ଲିଫ୍ଟ ସହାୟତାରେ କର୍ମଚାରୀମାନେ ତଳପଟୁ ସେଣି ଓ ହାତୁଡ଼ିରେ ଉକ୍ତ କଂକ୍ରିଟ ଖଣ୍ଡକୁ ଛୋଟ ଛୋଟ କରି ଭାଙ୍ଗି ଖସାଇଥିଲେ। ଅନ୍ୟ ଅଂଶକୁ ଯାଞ୍ଚ କରି ଉକ୍ତ ସ୍ଥାନରେ ନୂଆ କଂକ୍ରିଟ ପ୍ୟାକିଂ ଦିଆଯାଇ ମରାମତି କରାଯାଇଥିଲା।

ଘଟଣା ସମ୍ପର୍କରେ ଏନ୍‌ଏଚ୍‌ଏଆଇର ଭୁବନେଶ୍ୱର ସେକ୍ଟର ମ୍ୟାନେଜର ପଙ୍କଜ ସିଙ୍ଘଲ କହିଛନ୍ତି, ସେମିତି କିଛି ଘଟଣା ଘଟିନାହିଁ। ଏହା ବ୍ରିଜ୍‌ର ଅଂଶ ବି ନୁହେଁ। ପାଣି ନ ଗଳିବା ପାଇଁ ଦୁଇ ସ୍ଲାବ୍ ମଝିରେ ଉକ୍ତ କଂକ୍ରିଟ ଖଣ୍ଡ ଦିଆଯାଇଥିଲା। ବ୍ରିଜ୍ ଉପରେ ଗାଡ଼ିମୋଟର ଚଳାଚଳ ଯୋଗୁ ଭାଇବ୍ରେଶନ ହୋଇ ତାହା ଏପରି ଅବସ୍ଥାରେ ଥିଲା। ତାହାକୁ କଢ଼ାଯାଇ ପୁଣି ଥରେ ଉକ୍ତ ସ୍ଥାନକୁ ମରାମତି କରାଯାଇସାରିଛି। ଆଗକୁ ଆଉ କିଛି ବିପଦ ନାହିଁ। ଲୋକେ ଭୟଭୀତ ହୁଅନ୍ତୁ ନାହିଁ ବୋଲି ସେ କହିଛନ୍ତି।



ବିପଜ୍ଜନକ ଅବସ୍ଥାରେ ରହିଥିବା କଂକ୍ରିଟ୍।



ଜାତୀୟ ରାଜପଥ ପ୍ରାଧିକରଣ କର୍ମଚାରୀମାନେ ମରାମତି କରୁଛନ୍ତି।

### ପୂର୍ବରୁ ଖସିଥିଲା କଂକ୍ରିଟ, ଉଠିଲାଣି ଗଛ

ରସୁଲଗଡ଼ ସମେତ ଜାତୀୟ ରାଜପଥରେ ଥିବା ଓଭରବ୍ରିଜ୍ ନିର୍ମାଣକୁ ନେଇ ବିଭିନ୍ନ ସମୟରେ ଅଭିଯୋଗ ଉଠୁଥିବାବେଳେ ଆବଶ୍ୟକ ରକ୍ଷଣାବେକ୍ଷଣ ନିଆଯାଉ ନ ଥିବା ମଧ୍ୟ ଜଣାପଡିଛି। ବ୍ରିଜ୍‌ରୁ କେତେବେଳେ କଂକ୍ରିଟ ଖସିଲାଣି ତ ଆଉ କେତେବେଳେ ଆପ୍ରୋଚ୍ ରୋଡ୍ ଦବୁଥିବା ନଜିର ରହିଛି। ୨୦୧୮ ଜାନୁୟାରୀ ୧୦ ବିଳମ୍ବିତ ରାତିରେ ରସୁଲଗଡ଼ ଓଭରବ୍ରିଜରୁ ଏକାଧିକ ବଡ଼ କଂକ୍ରିଟ ଖଣ୍ଡ ଖସିଥିଲା। ସେତେବେଳେ ସୌଭାଗ୍ୟବଶତଃ କୌଣସି ଗାଡିମୋଟର କିମ୍ବା ଲୋକଙ୍କ ଯାତାୟାତ ନ ଥିବାରୁ ବଡ଼ ବିପଦ ଟଳିଯାଇଥିଲା। ଅନ୍ୟପକ୍ଷରେ ଅଧିକାଂଶ ବ୍ରିଜ୍‌ରେ ବର ଓ ଅନ୍ୟ ଛୋଟବଡ଼ ଗଛ ଉଠି ବର୍ଷ ବର୍ଷ ଧରି ସେମିତି ରହିଥିବା ଦେଖିବାକୁ ମିଳୁଛି। ଗଛର ଚେର ବ୍ରିଜ୍ ପାଇଁ କ୍ଷତି ପହଞ୍ଚାଉଥିଲେ ମଧ୍ୟ ଏନ୍‌ଏଚ୍‌ଏଆଇ ଅଧିକାରୀମାନେ କାହିଁକି ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି, ଜୀବନ ଯିବା ପରେ କ'ଣ ନିଦ ଭାଙ୍ଗିବ ବୋଲି ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି।

## ଅଭିନେତା ଅର୍ଦ୍ଧେନ୍ଦୁଙ୍କ ହାତଧରିଲେ ମହାରଥୀଙ୍କ ଝିଅ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଓଲିଉଡ୍ ଅଭିନେତା ଅର୍ଦ୍ଧେନ୍ଦୁ ସାହୁଙ୍କୁ ବୁଧବାର ବୈଦିକ ରୀତିନୀତିରେ ବିବାହ କରିଛନ୍ତି ପିପିଲି ବିଧାୟକ ପ୍ରଦୀପ ମହାରଥୀଙ୍କ ଝିଅ ପଲ୍ଲବୀ। ସ୍ଥାନୀୟ ବରମୁଣ୍ଡା ପଡ଼ିଆରେ ମହାଆଡ଼ମ୍ବରରେ ଉଭୟଙ୍କ ବିବାହ ଅନୁଷ୍ଠିତ ହୋଇଯାଇଛି। ସିନେମା ଏବଂ ରାଜନୀତି ଜଗତର ଜଣାଶୁଣା ଚେହେରାମାନଙ୍କ ଗହଣରେ ଅର୍ଦ୍ଧେନ୍ଦୁ ଓ ପଲ୍ଲବୀଙ୍କ ହାତଗଣ୍ଠି ପଡ଼ିଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଇ ପଲ୍ଲବୀଙ୍କୁ ବିବାହ ଶୁଭେଚ୍ଛା ଜଣାଇବା ସହ ନବଦମ୍ପତିଙ୍କୁ ଆଶୀର୍ବାଦ ଦେଇଥିଲେ। ଅନ୍ୟପଟେ ବରଯାତ୍ରୀରେ ଓଲିଉଡ୍‌ର ଜଣାଶୁଣା କଳାକାରମାନେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ଅଭିନେତା ସମରେଶ ରାଉତରାୟ, ଅମ୍ଳାନ, ଅଶ୍ୱିନୀ ତ୍ରିପାଠୀ, ବୁଲୁ, ପ୍ରେରଣା ପ୍ରତୀକ୍ଷା, ହାସ୍ୟ ଅଭିନେତା ବୁଦ୍ଧୁ ପ୍ରମୁଖ ଯୋଗଦେଇଥିଲେ। ସେହିଭଳି ବରମୁଣ୍ଡା ପଡ଼ିଆରେ ମନ୍ତ୍ରୀ ଅରୁଣ କୁମାର ସାହୁ, ପ୍ରତାପ ଜେନାଙ୍କ ସହ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିଧାୟକ ସୁଶାନ୍ତ ରାଉତ, ପ୍ରଣବ ପ୍ରକାଶ ଦାସ ପ୍ରମୁଖଙ୍କୁ ଦେଖିବାକୁ ମିଳିଥିଲା। ୨୦୧୫ରେ ଓଡ଼ିଆ ସିନେମାରେ ଅଭିନୟ ଜୀବନ ଆରମ୍ଭ କରିଥିବା ଅର୍ଦ୍ଧେନ୍ଦୁଙ୍କ ପ୍ରଥମ ଫିଲ୍ମ 'ଅ ଆ ଇ' ଥିଲା। ଉଭୟ ଓଡ଼ିଆ ଏବଂ ବଙ୍ଗଳା ଭାଷାରେ ଏହି ଫିଲ୍ମ ମୁକ୍ତିଲାଭ କରିଥିଲା। ଏହାପରେ ଓଡ଼ିଆ ଚଳଚ୍ଚିତ୍ର 'ଟପୋରି'ରେ ସେ ଅଭିନୟ କରିଥିଲେ। ନିକଟରେ ତାଙ୍କ ଅଭିନୀତ ଫିଲ୍ମ 'ମୁଁ ପରଦେଶୀ ଚଢ଼େଇ' ରିଲିଜ୍ ହୋଇଯାଇଛି। ପେସାରେ ଡାକ୍ତରଭାବେ କାମ କରୁଥିବା ପଲ୍ଲବୀ ଅର୍ଦ୍ଧେନ୍ଦୁଙ୍କୁ ପ୍ରେମବିବାହ କରିଛନ୍ତି।



ବର ବେଶରେ ଅର୍ଦ୍ଧେନ୍ଦୁ।

## 'ଓଡ଼ଶ' ବି ପ୍ରେମ କରେ...

### 'ରଙ୍ଗ ଉତ୍ସବ'ର ୨ୟ ସନ୍ଧ୍ୟା

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଓଡ଼ଶ ଏକ ଛୋଟ ଜୀବ ହେଲେ ମଧ୍ୟ ତାର ବଞ୍ଚିବାର ଅଧିକାର ଅଛି। ତା'ର ବି ସଂସାର ଅଛି, ସ୍ତ୍ରୀ ଅଛି। ଓଡ଼ଶ ବି ପ୍ରେମ କରେ। ମଣିଷର ରକ୍ତ ଶୋଷେ। କାରଣ ମଣିଷ ରକ୍ତ ହିଁ ତା'ର ଖାଦ୍ୟ। କିନ୍ତୁ ଥରେ ଓଡ଼ଶର ପେଟ ପୂରିଗଲେ ପୁଣି ଭୋକ ନ ହେବା ଯାଏ ସେ ଖାଦ୍ୟ ଖାଏନି। ହେଲେ ମଣିଷକୁ ଅହରହ ଭୋକ। ଖାଦ୍ୟ ଭୋକ, ସମ୍ମାନ ଭୋକ, ଅହଂ ଭୋକ। ଭୋକର ମହାସମୁଦ୍ର ହେଉଛି ମଣିଷ। କିଛି ମଣିଷଙ୍କୁ ଓଡ଼ଶ ଦେଇଥାଏ ଜୀବନ ଓ ଜୀବିକା। କେବେ କେବେ ପ୍ରେମର ମାଧ୍ୟମ ପାଲଟିଯାଏ ଓଡ଼ଶ। ଓଡ଼ଶ କାମୁଡାର ଯନ୍ତ୍ରଣା ଭିତରେ ଅନୁଭବ କରିହୁଏ ପ୍ରେମର ମିଠାପଣକୁ। ଏମିତି ଏକ କାହାଣୀକୁ 'ଜୀବନରେଖା' ପକ୍ଷରୁ ଆୟୋଜିତ ୩ ଦିନିଆ 'ରଙ୍ଗ ଉତ୍ସବ'ର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ନାଟକ ନେଇ ପ୍ରସ୍ତୁତ ନାଟକ 'ଓଡ଼ଶ' ରବୀନ୍ଦ୍ର ମଣ୍ଡପରେ ମଞ୍ଚସ୍ଥ ହୋଇଥିଲା। ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ନାଟକର ରଚନା କରିଥିଲେ ଶରତ ଆଚାର୍ଯ୍ୟ।

# ପୁରୀ ସମୁଦ୍ରରେ ଡଲ୍‌ଫିନ୍



ପୁରୀ ସମୁଦ୍ରରେ ଦୃଶ୍ୟମାନେ ଡଲ୍‌ଫିନ୍।

### ଦେଖି ଖୁସି ହେଲେ ପର୍ଯ୍ୟଟକ

**ପୁରୀ ଅଫିସ,୨୬।୨**

ପୁରୀ ସମୁଦ୍ରରେ ବୁଧବାର ସକାଳେ ୩ଟି ଡଲ୍‌ଫିନ ଦେଖାଯାଇଛନ୍ତି। ଉପକୂଳଠାରୁ ମାତ୍ର ୧୦୦ ମିଟର ମଧ୍ୟରେ ଏହି ଡଲଫିନ ଯାଉଥିବାରୁ ପର୍ଯ୍ୟଟକମାନେ ଦେଖି ବେଶ୍ ଖୁସି ହୋଇଥିଲେ। ସକାଳ ପ୍ରାୟ ୯ଟା ସମୟରେ ମଙ୍ଗଳା ମୁହାଣ ପଟୁ ୩ଟି ଡଲ୍‌ଫିନ ସ୍ୱର୍ଗଦ୍ୱାର ଆଡକୁ ଯାଉଥିଲେ। ଫଳରେ ବେଳାଭୂମିରେ ବୁଲୁଥିବା ପର୍ଯ୍ୟଟକମାନେ ଅତି ନିକଟରୁ ଡଲ୍‌ଫିନଙ୍କୁ ଦେଖିଥିଲେ। ଏହି ସମୟରେ ଲାଇଟ୍ ହାଉସ୍ ସମ୍ମୁଖ ବେଳାଭୂମିରେ ବସିଥିବା କାହ୍ନୁ ଦାସ କହିଥିଲେ, ପୂର୍ବରୁ ସେ ଅନେକଥର ପୁରୀ ବେଳାଭୂମି ଆସିଛନ୍ତି। ହେଲେ କେବେ ଡଲ୍‌ଫିନ ଦେଖି ନ ଥିଲେ। ମାତ୍ର ବୁଧବାର ସକାଳେ ବେଳାଭୂମିରେ ବସିଥିବାବେଳେ ଅଳ୍ପ ଦୂରରେ ଡଲ୍‌ଫିନ ପହଁରି ଯାଉଥିବା ଦେଖିଥିଲି। ବେଳେ ବେଳେ ଏହି ଡଲ୍‌ଫିନ ଉପରକୁ ମଧ୍ୟ ଉଠୁଥିଲେ ବୋଲି ସେ କହିଛନ୍ତି। କେବଳ କାହ୍ନୁ ନୁହଁନ୍ତି, ଅନେକ ପର୍ଯ୍ୟଟକ ଏହି ଡଲ୍‌ଫିନଙ୍କୁ ଦେଖିଥିଲେ।

ସୂଚନାଥାଉ କି, ଗତ ଜାନୁୟାରୀ ୧୮ ତାରିଖରେ ପୁରୀ ବନ୍ୟପ୍ରାଣୀ ଡିଭିଜନରେ ଡଲ୍‌ଫିନ ଗଣନା କରାଯାଇଥିଲା। ଅସ୍ତରଙ୍ଗର ଦେବୀ ମୁହାଣଠାରୁ ବ୍ରହ୍ମଗିରି ଅରଖକୁଦା ମୁହାଣ ପର୍ଯ୍ୟନ୍ତ ଏହି ଗଣନା ହୋଇଥିଲା। ଏଥିପାଇଁ ୧୦ଟି ଟିମ୍ ଗଠନ କରାଯାଇଥିଲା। ଗଣନାକାରୀ ୭ଟି ଡଲ୍‌ଫିନ ଦେଖିଥିଲେ। ଏଥିମଧ୍ୟରେ ୫ଟି ବଟଲନୋଜ ଏବଂ ୨ଟି ଇରାୱାଡ଼ି ଡଲ୍‌ଫିନ ରହିଥିଲେ। ଦେବୀ ମୁହାଣରୁ ଚନ୍ଦ୍ରଭାଗା ମଧ୍ୟରେ ୫ଟି ବଟଲନୋଜ ଏବଂ କଅଁରପୁରରୁ କେଲୁଣୀ ମୁହାଣ ମଧ୍ୟରେ ୨ଟି ଇରାୱାଡ଼ି ଡଲ୍‌ଫିନ ଦେଖାଯାଇଥିଲା। ତେବେ ପୁରୀ ଉପକୂଳରେ ଡଲ୍‌ଫିନ ପ୍ରାୟତଃ ଦେଖାଯାଉ ନ ଥିବାବେଳେ ବୁଧବାର ୩ଟି ଡଲ୍‌ଫିନ ଦେଖାଯିବା ନିଶ୍ଚିତ ପର୍ଯ୍ୟଟକଙ୍କ ପାଇଁ ଖୁସିର ବିଷୟ ବୋଲି କୁହାଯାଉଛି।

## ପୁଅ ଠେଙ୍ଗାମାଡ଼ରେ ବାପାଙ୍କ ମୃତ୍ୟୁ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ମଦନିଶା ଜୀବନ ନେଇଛି। କେଉଁ ଶତ୍ରୁ କିମ୍ବା ଅଜଣା ଲୋକଙ୍କୁ ନୁହେଁ। ବରଂ ଖୋଦ ବାପାଙ୍କୁ ଠେଙ୍ଗାରେ ପିଟି ପିଟି ମାରି ଦେଇଛନ୍ତି ପୁଅ। ନିଜ ହାତରେ ପାଳି ପୋଷି ବଡ କରିଥିବା ବାପାଙ୍କୁ ମାରିବା ବେଳେ ପୁଅ ସବୁ ସ୍ନେହ ମମତା ଭୁଲିଯାଇଛନ୍ତି। ମୃତକ ଜଣଙ୍କ ହେଲେ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ତେନ୍ତୁଳିଆ ଗ୍ରାମର ବିଜୟ ସ୍ୱାଇଁ(୫୧)। ଏଭଳି ଅଭାବନୀୟ ଘଟଣା ବୁଧବାର ରାତି ୮ଟାରେ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ଶୈଳଶ୍ରୀବିହାର ସାହୁ କଲୋନୀରେ ଘଟିଛି। ଖବରପାଇ ପୋଲିସ ପହଞ୍ଚି ବାପାଙ୍କୁ ହସ୍ପିଟାଲ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ପୁଅ କୁନା(୨୦)ଙ୍କୁ ପୋଲିସ ଗିରଫ କରି ନଂ.୧୦୩/୨୦ରେ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ ସୂଚନା ମୁତାବକ, ସାହୁ କଲୋନୀରେ ବିଜୟ ପରିବାର ସହ ରହୁଥିଲେ। ବିଜୟଙ୍କ ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁ ପରେ ଅନ୍ୟ ଜଣଙ୍କୁ ବିବାହ କରିବା ସହ ପୁଅ କୁନାଙ୍କୁ ସାଙ୍ଗରେ ଧରି ରହୁଥିଲେ। ରାତି ୮ଟାରେ ପୁଅ କୁନା ମଦ୍ୟପାନ କରି ଘରେ ଖଟ ଉପରେ ବାନ୍ତି କରୁଥିଲେ। ଏହାକୁ ଉଭୟ ମା' ଓ ବାପା ବିରୋଧ କରିଥିଲେ। ଖଟରେ ବାନ୍ତି ନ କରି ବାହାରେ କରିବାକୁ ପରାମର୍ଶ ଦେଇଥିଲେ। ଏହାପରେ ବାପା ପୁଅଙ୍କ ମଧ୍ୟରେ ଝଗଡା ଆରମ୍ଭ ହୋଇଥିଲା। କୁନା ଉତ୍‌କ୍ଷିପ୍ତ ହେବା ସହ ଏକ ଠେଙ୍ଗାରେ ବାପା ବିଜୟଙ୍କ କାନମୁଣ୍ଡାକୁ ଏକ ଶକ୍ତ ପ୍ରହାର ଦେଇଥିଲେ। ବିଜୟ ତଳେ ପଡି ଛଟପଟ ହେଉଥିବା ବେଳେ କୁନା ତାଙ୍କୁ ମାଡ ମାରି ଚାଲିଥିଲେ। କୁନାଙ୍କ ସାବତ ମା' ବିକଳ ହୋଇ ଚିତ୍କାର କରିବା ସହ ପଡୋଶୀ ଲୋକଙ୍କୁ ଡାକିଥିଲେ। ପଡୋଶୀ ଆସିବା ବେଳକୁ ବିଜୟ ଅଚେତ ଅବସ୍ଥାରେ ତଳେ ପଡି ରହିଥିଲେ। ସାହି ଲୋକଙ୍କଠାରୁ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ବିଜୟଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପୋଲିସ ଏକ ହତ୍ୟା ମାମଲା ରୁଜୁ କରିଛି। ଏଥିସହ ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରିଛି। ଅଭିଯୁକ୍ତ ପୁଅ କୁନାଙ୍କୁ ଗିରଫ କରି ଘଟଣାର ତଦନ୍ତ ଚଳାଇଛି ବୋଲି ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ଦାୟିତ୍ୱ ନେଲେ ଓଡ଼ିଶା ସବ୍‌ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର

**କଟକ ଅଫିସ, ୨୬।୨**

ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ଓଡ଼ିଶା ସବ୍ ଅର୍ଡିନେଟ୍ ଷ୍ଟାଫ୍ ସିଲେକ୍ସନ୍ କମିଶନର ସଦସ୍ୟ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ଆସନ୍ତା ୨ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ତୁଲାଇବେ। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଆୟୋଗର ଅଧ୍ୟକ୍ଷ, ସଚିବ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଥିଲେ। ଏହି ପଦବୀରେ ଯୋଗଦେବା ପୂର୍ବରୁ ଦାଶ ପଞ୍ଚାୟତିରାଜ ନିର୍ଦ୍ଦେଶକ, ପଶୁପାଳନ ଓ ପ୍ରାଣୀ ଚିକିତ୍ସା ବିଭାଗ ନିର୍ଦ୍ଦେଶକ ଏବଂ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ଆଦି ବିଭିନ୍ନ ଉଚ୍ଚ ପଦବୀରେ ରହି ସୁଚାରୁରୂପେ କାର୍ଯ୍ୟ କରିଥିଲେ।

## ସାଇବର ଅପରାଧ ନିରାକରଣ ନେଇ ସଚେତନତା

**କଟକ ଅଫିସ,୨୬।୨**

କଟକ ଜିଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ସିଭିଲ କୋର୍ଟ ପରିସରରେ 'ସାଇବର ଅପରାଧର ନିରାକରଣ ଓ ପରାମର୍ଶ' ସଂକ୍ରାନ୍ତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜ କୁମାର ସାହୁ ପୌରୋହିତ୍ୟ କରିଥିଲେ। ସ୍ପେଶାଲ କୋର୍ଟର ଜଜ୍ ରାଧାକାନ୍ତ ମିଶ୍ର ଯୋଗଦେଇ ସାଇବର ଆଇନ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଭାବେ ଅନିଲା ଆନନ୍ଦ ଯୋଗଦେଇ କିଭଳି ସାଇବର କ୍ରାଇମ ଘଟୁଛି ଏବଂ ଏହାକୁ କିପରି ରୋକାଯାଇପାରିବ ତାହା ବୁଝାଇଥିଲେ। ପ୍ରାଧିକରଣ ସଚିବ ଗାର୍ଗୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ଏବଂ ସିଭିଲ କୋର୍ଟ ରେଜିଷ୍ଟ୍ରାର ପଦ୍ମଲୋଚନ ବଡଜେନା ଧନ୍ୟବାଦ ଦେଇଥିଲେ। ଆଶିଷ କୁମାର ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା କୋର୍ଟର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀ, ଆଇନଜୀବୀ ଏବଂ ପାରାଲିଗାଲ ଭଲ୍ୟୁଣ୍ଟିରମାନେ ଉପସ୍ଥିତ ଥିଲେ।

FORM No. 13
BEFORE THE DEBTS RECOVERY TRIBUNAL, CUTTACK,ORISSA
C-71, SECTOR-7, CDA, CUTTACK, ODISHA
O.A. No. 658 / 2019
Allahabad Bank, Bhubaneswar Main Branch .......Applicant
Versus
Suchira Ranjan Mahapatra & others ....Defendant(s)
To,
1. Suchira Ranjan Mahapatra, S/o: Late Benudhar Mahapatra
2. Smt Arunadhati Mohanty, W/o: Suchira Ranjan Mahapatra, Both Sl. No. 1 & 2 resident at Plot No.- 37(8), Vanshi Vihar, Patia, Bhubaneswar-751024
3. M/s Basera Designs (P) Ltd, Plot No.-25(P), Saheed Nagar, Bhubaneswar, Dist- Khurda, PIN- 751007, represented through its Managing Director Sri Manoj Kumar Pattanaik, S/o: Late Nirmal Chandra Pattanaik .
SUMMONS BY PAPER PUBLICATION
FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED
Take notice that the applicant has instituted an O.A. No. 658/ 2019 in the court of the Debts Recovery Tribunal, Cuttack for recovery of Rs.36,82,666/- only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent in support of their defence to show cause within 30 days from the publication or on 28.04.2020 at 10.30 a.m. as to why reliefs prayed for should not be granted.
Take notice that in case of default, the application will be heard and determined in their absence.
Given under my hand seal of this Tribunal on this 19th day of February, 2020 .
Sd/-
(M.K. Patnaik)
REGISTRAR

EoI No.01 Date: 25.02.2020
No.CAD-1015 :- SUDA requires Empanelment of Consultancy Firms for 'Preparation of GIS based Integrated Master Plan for Municipal Corporations/Development Authorities of Odisha'. The details of the EoI document is available in SUDA Website i.e. www.sudaodisha.org & www.urbanodisha.gov.in. The undersigned reserves right to cancel the EoI without assigning any reason.
Sd./-
Additional Director,
State Urban Development Agency
OIPR-13036/11/0007/1920

GOVERNMENT OF ODISHA, OFFICE OF THE EXECUTIVE ENGINEER
KALAHANDI (R&B) DIVISION, BHAWANIPATNA
E-mail: eekalahandi@gmail.com, FAX No. 06670-230512, Cell No. 9437050413
No. B-757:-
E-Procurement Notice
Bid Identification No. BC KLD- 19/ 2019-20
No. 2731 Dated 23.02.2020

| | | | |
|---|---|---|---|
| 1. | Name of the work | : | 01 (One) No. of Electrical works |
| 2. | Estimated cost | : | Rs. 33.24 lakhs |
| 3. | Period of completion | : | 02 (Two) Calendar Months. |
| 4. | Date and time of availability of bid document in the portal | : | 11.00 hours of 02.03.2020 to 17.00 hours of 11.03.2020 |
| 5. | Last date/Time for receipt of bid in the portal | : | 17. 00 hour of 11.03.2020 |
| 6. | Name and address of the Officer Inviting Bid | : | Executive Engineer, Kalahandi (R&B) Division, Bhawanipatna |
| 7. | Date & Venue of Opening of the Single Cover Bid and Technical Bid (Cover 1) of Double cover Bid | : | On 12.03.2020 at 11.00 AM in the Office of the Executive Engineer, Kalahandi (R&B)Division, Bhawanipatna |

Further details can be seen from the e-Procurement portal https://tendersorissa.gov.in
Sd./- (Er. A.K. Babu), Executive Engineer, Kalahandi (R&B) Division
OIPR-34017/11/0009/1920

GOVERNMENT OF ODISHA, "e"-PROCUREMENT NOTICE
For Turn key Project
No. B-759
WORKS DEPARTMENT
E-mail : ceworldbankprojects@gmail.com
4th corrigendum to Bid Identification No. CE-W.B.P. (O) - 07 /2019 - 20
File No- PIM-MISC- 10 /2008 (Pt.)
Following changes are made to the turnkey tender for the work "Construction of H.L. Bridge over Indravati Reservoir on 1st km of Mahulpatna - Kenduguda - Gopinathpur road in the District of Kalahandi under State Plan" vide Bid Identification No. CE-W.B.P. (O) -07 / 2019-20.

| Reference Sl. No. of IFB | Items | Revised as |
|---|---|---|
| 1 | 2 | 3 |
| Para – 04 | Bids shall be received only "online" on or before | 06.03.2020 upto 17.00 Hours. |
| Para – 06 | Bids received on line shall be opened at | 11.30 Hours on 07.03.2020 |

All other terms and conditions remain unchanged.
Sd./- Chief Engineer (World Bank Project), Odisha
OIPR-34003/11/0029/1920



ଯେଉଁ ଲୋକ ନିଜକୁ ନିୟନ୍ତ୍ରଣ କରି ଜାଣେ ନାହିଁ, ସେ କେବେହେଲେ ସ୍ୱାଧୀନ ନୁହେଁ ।
-ପିଥାଗୋରାସ



## ସଂକ୍ଷେପରେ

### ରାସ୍ତା କାମ ତଦନ୍ତ ନେଇ ଦାବିପତ୍ର

**ପୁରୀ ଅଫିସ,୨୬।୨:** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଣ୍ଡଗୋଦା ପଞ୍ଚାୟତର ପଲ୍ଲୀ ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବା ନେଇ ପୁରୀ ଗ୍ରାମ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ କେତେଜଣ ଗ୍ରାମବାସୀ ବୁଧବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟ ଜାରି ରହିଥିବାବେଳେ ସମ୍ପୃକ୍ତ ଠିକାଦାର ଫଳକ ପୋତି ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ନେଇ ଗ୍ରାମର କୌଣସି ବ୍ୟକ୍ତି ସ୍ୱର ଉତ୍ତୋଳନ କଲେ, ଅସାମାଜିକ ଯୁବକଙ୍କ ଦ୍ୱାରା ଧମକ ଚମକ ଦେଉଛନ୍ତି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ଦାବି କରିଛନ୍ତି।

### ୧୪ରୁ ବଳଙ୍ଗା ପଞ୍ଚୁଦୋଳ ଯାତ୍ରା

**ବଳଙ୍ଗା,୨୬।୨(ଡି.ଏନ୍.ଏ.):** ପୁରୀ ଜିଲା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଜମାଣ ଉତ୍ସବ ଆସନ୍ତା ମାର୍ଚ୍ଚ ୧୪ ମଧରାତ୍ରରୁ ଆରମ୍ଭ ହେବ। ମଧରାତ୍ରରେ ପଞ୍ଚୁଦୋଳ ଯାତ୍ରାର ଥାନପତି ପଶ୍ଚିମାଶମ୍ଭୁ ବକ୍ରେଶ୍ୱରଙ୍କ ଚଳନ୍ତି ପ୍ରତିମା, ବାଙ୍କନାଥ ଚନ୍ଦ୍ରଶେଖର ଏବଂ ଗୋପାଳଜୀଉ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ସଜ୍ଜିତ ହୋଇ ମେଳଣ ପଡ଼ିଆକୁ ଆଗମନ କରି ଉଦ୍ଦିଷ୍ଟ ଆସନରେ ଅବସ୍ଥାନ କରିବେ। ଏହା ସହିତ ନିମାପଡ଼ା, ପିପିଲି, ସତ୍ୟବାଦୀ ଓ ଜୟଦେବ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ୧୦୮ଦୋଳ ବିମାନରେ ହରି ଓ ହରଙ୍କ ଚଳନ୍ତି ପ୍ରତିମା ମେଳଣ ପଡ଼ିଆରେ ଆସ୍ଥାନ ଜମାଇବେ। ୧୫ତାରିଖରେ ମେଳଣ ପଡ଼ିଆରେ ଏକତ୍ରିତ ଠାକୁରଙ୍କୁ ବିଭିନ୍ନ ଭୋଗ ଓ ପଣା ଅର୍ପଣ ସହ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ କରାଯିବ। ୧୬ତାରିଖରେ ହରିହର ଭେଟ, ଫଗୁ ଖେଳ ପରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରାକୁ ଶୃଙ୍ଖଳିତ କରାଯିବା ପାଇଁ ପ୍ରସ୍ତୁତି ଚାଲିଥିବା ମେଳଣ ପରିଚାଳନା କମିଟି ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଭାକର ଦଳେଇ, ସମ୍ପାଦକ ବଳଭଦ୍ର ଜେନା ଓ ଉପସଭାପତି ବୈଦ୍ୟନାଥ ପ୍ରଧାନ କହିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ଆମ୍ବଗଛ

**ଡେଲାଙ୍ଗ,୨୬।୨(ଡି.ଏନ୍.ଏ.) :** ଖୋର୍ଦ୍ଧା-ପଟ୍ଟନାୟିକିଆ ରାସ୍ତାର ଡେଲାଙ୍ଗ ଲୁହାଗଡ ଛକ ନିକଟରେ ଗତ ଫନୀ ବାତ୍ୟାରେ ଏକ ଆମ୍ବ ଗଛ ଉପୁଡି ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ରହିଛି । ଏହି ରାସ୍ତାରେ ଗାଡି, ପଥଚାରୀ ଯାତାୟାତ କରୁଥିବା ବେଳେ ଏହି ଆମ୍ବ ଗଛ କେତେବେଳେ ରାସ୍ତାରେ ପଡ଼ିଯିବ ସେ ନେଇ ଆଶଙ୍କା ଦେଖାଦେଇଛି। ରାସ୍ତାରେ ଯାତାୟାତ କରୁଥିବା ସାଧାରଣଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟିକରୁଛି ବୋଲି କୁଆପଦା, ଘୋରଡିଆ, କୁମୁଡାଲ,ବାତଳ ଗ୍ରାମବାସୀ କହିଛନ୍ତି। ଏହି ଗଛକୁ ତୁରନ୍ତ କଟାଯିବାକୁ ସାଧାରଣରେ ଦାବି ହେଉଛି।

### ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ୱାଧୀନଙ୍କୁ ସମ୍ବର୍ଦ୍ଧନା

**କାକଟପୁର,୨୬।୨(ଡି.ଏନ୍.ଏ.):** କାକଟପୁର ନିର୍ବାଚନମଣ୍ଡଳୀର ଯୁବ ନେତା ସ୍ୱାଧୀନ କୁମାର ନାୟକ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଫଳରେ କାକଟପୁର-ଅସ୍ତରଙ୍ଗର ବିଜେଡି ସଙ୍ଗଠନ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଏହି ଅବସରରେ କାକଟପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ପଦ୍ମଚରଣ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ୱାଧୀନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାପାଙ୍କ ଭଳି ବିଜେଡି ଦଳର ଜଣେ ସଚ୍ଚା ସୈନିକ ହୋଇ କାର୍ଯ୍ୟ ଜାରି ରଖିବି ବୋଲି ସ୍ୱାଧୀନ କହିଛନ୍ତି। ଏହି ବୈଠକରେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପୁରୀ ରେଳ ଷ୍ଟେଶନ ସାଜିଛି ମାନବ ଚାଲାଣର ମାଧ୍ୟମ

**ପୁରୀ ଅଫିସ,୨୬।୨**

ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକରୁ ବାହାର ରାଜ୍ୟକୁ ମାନବଚାଲାଣ କରାଯାଉଛି। ଏ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଟ୍ରେନରେ ମାନବ ଚାଲାଣ ର୍‍ୟାକେଟ ସକ୍ରିୟ ହୋଇ ଉଠିଛନ୍ତି। ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ା ପ୍ରଭୃତି ଅଞ୍ଚଳରୁ ନାବାଳିକା, ନାବାଳକଙ୍କୁ ଦାଦନ ଖଟିବା ଲାଗି ଏଜେଣ୍ଟଙ୍କ ଜରିଆରେ ବାହାର ରାଜ୍ୟକୁ ପଠାଯାଉଛି। ମୁଖତଃ ସୁରଟ, ବମ୍ବେ, ବାଙ୍ଗାଲୁରୁ, ଚେନ୍ନାଇ ପ୍ରଭୃତିଅଞ୍ଚଳକୁଅଧିଖ ଚାଲାଣ କରାଯାଉଥିବା ଜଣାପଡିଛି। ତେବେ ପୁରୀ ଷ୍ଟେଶନ ଏମାନଙ୍କ ଲାଗି ଏକ ସୁରକ୍ଷିତ ସ୍ଥାନ ପାଲଟିଛି। ପୁରୀଠାରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ ସୁବିଧା ଥିବାରୁ ଅଧିକାଂଶ ନାବାଳିକା ନାବାଳକଙ୍କୁ ଧରି ଏହି ଷ୍ଟେଶନରୁ ଯାତ୍ରା କରିଥାନ୍ତି। ନିକଟରେ ପୁରୀ ଷ୍ଟେଶନରୁ ୫ଜଣ ନାବାଳକ ଓ ୩ ସାବାଳକ ଧରାପଡ଼ିଥିଲେ। ଏମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ନେଇ ପୋଲିସ ୨ଜଣ ଏଜେଣ୍ଟଙ୍କୁ ଗିରଫ କରିଥିଲା। ବିଭିନ୍ନ ଅଞ୍ଚଳରୁ ସଂଗୃହିତ ପିଲାଙ୍କୁ ପର୍ଯ୍ୟାୟକ୍ରମେ ଟ୍ରେନ ଯୋଗେ ଏଠାରୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ଜନୈକ ଏଜେଣ୍ଟ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର କଟକ ପୋଲିସ ମୁଖ୍ୟାଳୟଠାରେ ରେଳ ସୁରକ୍ଷା କମିଟିର ତ୍ରୈମାସିକ ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୋଲିସ ମହାନିର୍ଦ୍ଦେଶକ ଅଭୟ ଏନେଇ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ତାଗିଦ୍



କରିଥିଲେ। ଆରପିଏଫ, ଜିଆରପି ଏବଂ ପୋଲିସ ମଧ୍ୟରେ ସମନ୍ୱୟତା ରଖି ଷ୍ଟେଶନ ପରିସରରେ ଘଟୁଥିବା ସମସ୍ତ ଗତିବିଧି ଉପରେ ନଜର ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ମାନବଚାଲାଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଳିଥିବା ସୂଚନା ପ୍ରକାରେ ରୀତିମତ ଭାବେ ପୁରୀର ବ୍ରହ୍ମଗିରି, ସତ୍ୟବାଦୀ, ଅସ୍ତରଙ୍ଗ ପ୍ରଭୃତି ନାବାଳିକା ଓ ସାବାଳିକାମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଜଣାପଡିଛି। ୨୦୧୮ରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳର ୧୮ଜଣ ନାବାଳିକା ଓ ସାବାଳିକାଙ୍କୁ ଟ୍ରେନରେ ଚାଲାଣ ବେଳେ ଧରାପଡିଥିଲା। ଏ ନେଇ ଆରପିଏଫ ଥାନାଧିକାରୀ ଅନିଲ କୁମାର ସିଂ କୁହନ୍ତି, ମାନବାଚାଲାଣ ରୋକିବା ଲାଗି ଆରପିଏଫ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏ ନେଇ ଷ୍ଟେଶନରୁ ଟ୍ରେନ ଛାଡିବାର କିଛି ସମୟ ପୂର୍ବରୁ ଟ୍ରେନ ପରିସର ଚେକିଂ କରାଯାଉଛି। କୌଣସି ବ୍ୟକ୍ତି ବିଶେଷ ଅଥବା ପ୍ଲାଟଫର୍ମରେ ନାବାଳିକା ବସିଥିବା ସନ୍ଦେହ ହେଲେ ସେମାନଙ୍କୁ ତୁରନ୍ତ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ନିକଟରେ ମାନବଚାଲାଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଆରପିଏଫ ପକ୍ଷରୁ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ।

# ସିଦ୍ଧାର୍ଥ ଦାସଙ୍କୁ ଆଇଏଏସ୍ ପଦବୀ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଓଡ଼ିଶା ଅର୍ଥ ସେବା(ଓଏଫ୍ଏସ୍)ର ବରିଷ୍ଠ ଅଧିକାରୀ ସିଦ୍ଧାର୍ଥ ଦାସଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ପାଇଁ ମନୋନୀତ କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ରାଜ୍ୟ କନିଷ୍ଠ ପ୍ରଶାସନରେ ମଧ କେତେକ ଅଦଳବଦଳ ଦେଖିବାକୁ ମିଳିଛି। ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ଗ୍ରେଡ୍ ଏ ଜୁନିୟର ବ୍ରାଞ୍ଚର ୧୨ ଅଧିକାରୀ ଓଏଏସ୍ ଗ୍ରେଡ୍ ଏ ସିନିୟର ବ୍ରାଞ୍ଚକୁ ପଦୋନ୍ନତି ପାଇଛନ୍ତି। ସେହିଭଳି ୩ ଓଏଏସ୍ ଅଧିକାରୀଙ୍କୁ ନ୍ୟାଶନାଲ ପଦୋନ୍ନତି ମିଳିଛି।

ଏହାକୁ ବାଦ୍ ଦେଲେ ଓଏଏସ୍ ଅଧିକାରୀ କୁମୁଦ ଚନ୍ଦ୍ର ମଲିକଙ୍କର କୃଷି ବିଭାଗ ସ୍ୱତନ୍ତ୍ର ସଚିବ, ପ୍ରଦୀପ କୁମାର ଦାସ ସେକେଣ୍ଡାରୀ ଏଜୁକେଶନ୍ ନିର୍ଦ୍ଦେଶକ, ବିଭୂତିଭୂଷଣ ଦାସ କଟକସ୍ଥିତ ଓପିଏସ୍‌ସି ସଚିବ, ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କୁ ନୂଆପଡା ଏଡିଏମ୍ ଦାୟିତ୍ୱ ଦିଆଯାଇଛି। ସେହିପରି ନୃପରାଜ ସାହୁ କେବିକେ ଯୁଗ୍ମ ପ୍ରଶାସକ, ଶଶାଙ୍କଶେଖର ଦାଶ ପିଡି, ଡିଆର୍‌ଡିଏ ବୌଦ୍ଧ, ନୀତି ରଞ୍ଜନ ସେନ୍‌ଙ୍କୁ ସୁବର୍ଣ୍ଣପୁର ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ଦୀପ୍ତିରାଣୀ ସାହୁ ଓଏସ୍‌ଆର୍‌ଟିସିର ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଜଗତସିଂହପୁର ସବ୍ କଲେକ୍ଟର, ବିଜୟ କୁମାର ଥମ୍ବଙ୍କୁ ବାଲିଗୁଡା ଆଇଟିଡିଏର ପିଏ ଏବଂ ଅଜମ୍ବର ମହାନ୍ତିଙ୍କୁ କଟକ ଜିଲା ଆଠଗଡ ସବକଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି।



ନାଟକ 'ରଙ୍ଗ ବଦଳେ'ର ଏକ ଦୃଶ୍ୟ।

# ମନ ମୋହିଲା ନାଟକ ରଙ୍ଗ ବଦଳେ

**ପୁରୀ ଅଫିସ,୨୬।୨**

ପରିବର୍ତ୍ତିତ ସମାଜରେ ସମୟାନୁସାରେ ସବୁ କିଛି ବଦଳିଥାଏ। କିଏ ନିଜର ସ୍ୱାର୍ଥ ଲାଗି ତ ଆଉ କିଏ ପରିବାର ଏବଂ କିଏ ସାମୂହିକ ଦୃଷ୍ଟିରୁ ପରିବର୍ତ୍ତିତ ହୋଇଥାନ୍ତି। ବିଭିନ୍ନ ସମୟରେ ମନୁଷ୍ୟ ନିଜର ରଙ୍ଗ ବଦଳାଇଥାଏ। ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନ୍ନପୂର୍ଣ୍ଣ ଥିଏଟର ଏ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ ନାଟକ ଥିଲା ରଙ୍ଗ ବଦଳେ। ଦୀର୍ଘଦିନର ନୀରବତା ପରେ ଏ ଗ୍ରୁପର ବର୍ଷୀୟାନ କଳାକାରଙ୍କୁ ନେଇ ପରିବେଷିତ ଏହି ନାଟକରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥିଲା। ଜୀବନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଶା ଥାଏ, ଦିନେ ନା ଦିନେ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବ। ଦାରିଦ୍ର୍ୟ ତଳେ ନିଷ୍ପେଶିତ, ଅବହେଳିତ, ଲାଞ୍ଛିତ ପରିବାର ମଧ ଉପରକୁ ଉଠିବାକୁ ଚେଷ୍ଟା କରନ୍ତି। ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକ ମଣିଷ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥାଏ। ସମାଜରେ କିଏ ଗରିବ, ତ କିଏ ଧନୀ ବ୍ୟକ୍ତି ରହିଛନ୍ତି। ତ ପୁଣି କିଏ ରାସ୍ତାକଡ଼ରେ ନିଜର ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ତେବେ ସମସ୍ତେ ସମୟାନୁସାରେ କିପରି ନିଜ ରଙ୍ଗ ପରିବର୍ତ୍ତନ କରିଥାନ୍ତି କଳାକାରମାନେ ଅତି ନିଖୁଣ ଭାବେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ଲକ୍ଷ୍ମୀଧର ମଲ୍ଲିକ, ଲକ୍ଷ୍ମୀପ୍ରିୟା ମିଶ୍ର, ମନୋରମା ମହାନ୍ତି, ରାନି ମଲ୍ଲିକ, କାଳୁଚରଣ ଦାଶ, ନିରଞ୍ଜନ ସାମନ୍ତରାଏ, ବିକାଶ ଦତ୍ତ, ସ୍ନେହଲତା ସାମଲ, ରାମକୃଷ୍ଣ ମହାପାତ୍ର, ବିରଞ୍ଚି ଜଗଦେବ, ଅହଲ୍ୟା ପଟ୍ଟନାୟକ, ରୁପଲତା ମହାନ୍ତି, କାମେଶ୍ୱର ମିଶ୍ର, ସ୍ୱପ୍ନା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ଏହି ନାଟକରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ମୁଖ୍ୟଅତିଥି, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅନୁଷ୍ଠାନର କାର୍ଯ୍ୟକାରୀ ଅଧକ୍ଷ ଚକ୍ରଧର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରସନ୍ନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ନାଟକ ତଥା ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

# ଘରତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ବାରଙ୍ଗ,୨୬।୨(ଡି.ଏନ.ଏ.)**

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମମୁଣ୍ଡରେ ଥିବା ସିଏସ୍ଏସ୍ ହୋମ ଆପାର୍ଟମେଣ୍ଟର ୩୦୧ରୁମରୁ ମଙ୍ଗଳବାର ରାତିରେ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଘରୁ ୧୦୦ ଗ୍ରାମର ସୁନା, ବିଦେଶୀମୁଦ୍ରା ସହ ନଗଦ ୧ଲକ୍ଷ ୨୫ହଜାରରେ ଟଙ୍କା ଲୁଟି ନେଇଯାଇଛନ୍ତି। ସୂଚନାଯୋଗ୍ୟ, ଏହି ଆପାର୍ଟମେଣ୍ଟର ୩୦୧ ରୁମରେ ରହୁନ୍ତି ବରିଷ୍ଠ ନାଗରିକ ମୋହନ ପ୍ରସାଦ ଠାକୁର ଓ ତାଙ୍କ ସ୍ତ୍ରୀ ମଞ୍ଜୁ ଠାକୁର। ଗତ ପାଞ୍ଚଦିନ ହେବ ଭୁବନେଶ୍ୱରସ୍ଥିତ ଟଙ୍କପାଣି ରୋଡରେ ରହୁଥିବା ପୁଅ ପୁଷ୍ପକ ପାଖକୁ ଏହି ଦମ୍ପତି ଯାଇଥିଲେ। ଏହି ସୁଯୋଗରେ ଚୋରମାନେ ମଙ୍ଗଳବାର ଘରର ତାଲା ଭାଙ୍ଗି ବହୁ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ବୁଧବାର ସକାଳେ ତାଙ୍କ ପଡ଼ୋଶୀ ଏହା ଜାଣିବା ପରେ ଫୋନ ଯୋଗେ ଦମ୍ପତିଙ୍କୁ ଜଣାଇଥିଲେ। ଖବରପାଇ ଦମ୍ପତି ରୁମକୁ ଆସିବାପରେ ଭିତରେ ସବୁକିଛି ଏଣେତେଣେ ପଡିବା ସହ ଆଲମିରା ଭଙ୍ଗାଯାଇ କାନର, ସୁନା, ମୁଦି ସମେତ ୧୦୦ଗ୍ରାମର ସୁନା ଅଳଙ୍କାର ଓ କେତେକ ବିଦେଶୀ ଟଙ୍କା ସହ ନଗଦ ୧ଲକ୍ଷ ୨୫ହଜାର ଟଙ୍କା ନ ଥିବାର ଜାଣିଥିଲେ। ଏ ବିଷୟରେ ପୁଅକୁ ଜଣାଇବା ପରେ ପୁଅ ଆସି ଥାନାରେ ଅଭିଯୋଗ କରିଥିଲେ। ଝିଅ ଅଷ୍ଟ୍ରେଲିଆରେ ରହୁଥିବାବେଳେ ସେ କିଛି ଦେଇଥିବା ବିଦେଶୀ ଟଙ୍କା କେତେପରିମାଣର ଚୋରି ହୋଇଛି ଏବେ କହିପାରିବୁ ନାହିଁ ବୋଲି ମଞ୍ଜୁ ଠାକୁର କହିଛନ୍ତି। ଅପରପକ୍ଷେ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୧୫/୨୦ରେ ଏକ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ବେଳେ ରୁମରେ ଲାଗିଥିବା ସିସିଟିଭି ଖରାପ ଥିବାର ପୋଲିସ ଜାଣିବାକୁ ପାଇଛି।

# ଡ୍ୟାନ୍ସ ସ୍କୁଲ୍ ମାଲିକାଣୀ, ଜଣେ ଯୁବତୀଙ୍କୁ ଅସଦାଚରଣ

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

**ପୋଲିସକୁ ବି ଛାଡ଼ିଲେନି, ଥାନାରେ ଉତ୍ପାତ ପରେ ୨ ଯୁବକ ଅଟକ**

ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ଏକ ଡ୍ୟାନ୍ସ ସ୍କୁଲରେ ପଶି ୨ଜଣ ଯୁବକ ଆତଙ୍କ ଖେଳାଇଛନ୍ତି। ଡ୍ୟାନ୍ସ ସ୍କୁଲ୍‌ର ମାଲିକାଣୀ ଓ ନାଚ ଶିଖୁଥିବା ଜଣେ ଯୁବତୀଙ୍କୁ ଅସଦାଚରଣ କରିବା ସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଖବର ପାଇ ପୋଲିସ ନିଶାସକ୍ତ ଅବସ୍ଥାରେ ଥିବା ଯୁବକଦ୍ୱୟଙ୍କୁ ଥାନାକୁ ନେଇଥିଲା। ହେଲେ ସେମାନେ ପୋଲିସକୁ ବି ଛାଡ଼ି ନ ଥିଲେ। ଗାଳିଗୁଲଜ କରିବା ସହ ଥାନାରେ ଫିଙ୍ଗାଫୋପଡ଼ା କରି ଉତ୍ପାତ କରିଥିଲେ। ପରେ ଯୁବକଙ୍କ କେତେଜଣ ସମର୍ଥକ ଥାନାରେ ପହଞ୍ଚି ଭିଡ଼ ଜମାଇଥିଲେ। ପୋଲିସ ଅଭିଯୁକ୍ତ ୨ ଯୁବକଙ୍କୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ପୋଲିସ ସୂଚନା ମୁତାବକ, ଯୁବକ ଦ୍ୱୟ ଉକ୍ତ ଡ୍ୟାନ୍ସ ସ୍କୁଲ ଦ୍ୱାରା ପରିବେଷଣ କରାଯାଇଥିବା ବିଭିନ୍ନ ନୃତ୍ୟ ଓ ଶୋରେ ଭାଗ ନେବା ସହ ପାରିଶ୍ରମିକ ନିଅନ୍ତି। ମାତ୍ର ପାରିଶ୍ରମିକକୁ କେନ୍ଦ୍ର କରି ସେମାନେ ନିଶାଶକ୍ତ ଅବସ୍ଥାରେ ଡ୍ୟାନ୍ସ ସ୍କୁଲ୍‌ରେ ପଶି ଏପରି କାଣ୍ଡ ଘଟାଇଥିଲେ।

# ବିହନ ଉତ୍ପାଦନ କ୍ଷେତ୍ରରେ ହରିଶ୍ଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ



ଶ୍ରଦ୍ଧାଞ୍ଜଳି ସଭାରେ ଉପସ୍ଥିତ ଅତିଥି।

**ରଘୁନାଥପୁର, ୨୬।୨ (ଡି.ଏନ.ଏ.)**

ଏହି ବ୍ଲକ ରେଢୁଆ ନୂଆଗାଡ଼ସ୍ଥିତ ଗୋରଖନାଥ କୃଷକ ମହାସଂଘ ପରିସରରେ କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ଲାଲ(ଲିଭ ଆଣ୍ଡ ଲେଟ୍‌ଲିଭ୍)ର ପଥ ପ୍ରଦର୍ଶକ ସ୍ୱାଗତ ହରିଶ୍ଚନ୍ଦ୍ର ଭୂୟାଁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବାତ୍ୟା ପରେ ଉନ୍ନତମାନର ବିହନର ଅଭାବ ଯାହାକି ଅଞ୍ଚଳର ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ବର୍ତ୍ତମାନ ଲାଲ ସଂସ୍ଥାର ମୁଖ୍ୟ କ୍ଷେତ୍ରମୋହନ ବେହେରାଙ୍କୁ ନେଇ ବିହନ ସମସ୍ୟାର ସମାଧାନ ପାଇଁ ଆଗଭର ହୋଇ ଆସିଥିଲେ। ଯାହାଙ୍କ ପାଇଁ ସାରା ରାଜ୍ୟରେ ବିହନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବଜାରରେ ବିକ୍ରି କ୍ଷେତ୍ରରେ ଲାଲ ଏକ ଅଗ୍ରଣୀ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। କୃଷି କ୍ଷେତ୍ରରେ ଗୁରୁ ଭାବେ ସୁନାମ ଅର୍ଜନ କରିଥିବା ଭୂୟାଁଙ୍କ ଘର ଭୁବନେଶ୍ୱରସ୍ଥିତ ଘାଟିକିଆ ଅଞ୍ଚଳରେ ହୋଇଥିଲେ ବି ରେଢୁଆ ଅଞ୍ଚଳରେ ଗୁରୁଙ୍କ ସ୍ମରଣେ ସ୍ମୃତିଚାରଣ ସଭା କରାଯାଇଥିଲା। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସିଆର୍‌ଆର୍‌ଆଇର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଫକୀର ଚରଣ ଦାସ ଯୋଗଦେଇଥିଲେ। ସେ ବିହନ ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସ୍ୱର୍ଗତ ଭୂୟାଁଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଏକାଦଶୀ ନନ୍ଦ, ପ୍ରାକ୍ତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ମହାପାତ୍ର, ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ତିର୍ତ୍ତୋଲ ଡିଏଓ ପ୍ରମୋଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବକ୍ତା ଭାବେ ଗୀତା ରଥ, ଅଧ୍ୟାପକ ଭଗବାନ ବିଶ୍ୱାଳ, ସରୋଜ ନାୟକ, ବିଜନ ମହାପାତ୍ର ଓ ଚୈତନ୍ୟ ଚରଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୁଦ୍ଧି ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ ଅବନୀ ବେହେରା ଧନ୍ୟବାଦ ଦେଇଥିଲେ।

# ଗଣଶିକ୍ଷା ମନ୍ତ୍ରୀଙ୍କ ମାଟ୍ରିକ ପରୀକ୍ଷାକେନ୍ଦ୍ର ପରିଦର୍ଶନ

**ନିମାପଡ଼ା ,୨୬।୨(ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରୀକ୍ଷାକେନ୍ଦ୍ରରେ ୧୮୩ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକ ବସନ୍ତ କୁମାର ସ୍ୱାଇଁ କହିଛନ୍ତି। ଏହି ପରୀକ୍ଷାକେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଦେଉଥିବା ଦେଖି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ମନ୍ତ୍ରୀ ଦାଶ ଶିକ୍ଷକ ସ୍ୱାଇଁ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।




ପରୀକ୍ଷା କେନ୍ଦ୍ର ପରିଦର୍ଶନ ଅବସରରେ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ।

# ଲାଗିଲା ମମତା ବିରୋଧୀ ପୋଷ୍ଟର

**ପୁରୀ ଅଫିସ,୨୬।୨**

ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ନେଇ ସାରା ଦେଶରେ ଏବେ ବିରୋଧ ଚାଲିଛି। ବିଶେଷ କରି ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ଉଗ୍ରରୂପ ନେଇଥିବାବେଳେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ତେବେ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶ୍ରୀକ୍ଷେତ୍ର ଗସ୍ତକୁ କେତେକ ହିନ୍ଦୁତ୍ୱବାଦୀ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଛି। ସିଏଏ ଓ ହିନ୍ଦୁତ୍ୱ ବିରୋଧୀ ମମତା ଗୋ ବ୍ୟାକ୍ ବୋଲି କିଛି ସ୍ଥାନରେ ପୋଷ୍ଟର ଲାଗିଛି। ଏହି ପୋଷ୍ଟରରେ ମମତାଙ୍କୁ ହିନ୍ଦୁତ୍ୱ ବିରୋଧୀ ବୋଲି ଚିତ୍ରିତ କରାଯାଇଛି। କିଛି ସ୍ଥାନରେ ଲାଗିଥିବା ଏହି ପୋଷ୍ଟରରେ ରାଷ୍ଟ୍ରବାଦୀ ହିନ୍ଦୁତ୍ୱ ସଙ୍ଗଠନ ଏବଂ ଆଉ କେତେକ ପୋଷ୍ଟରରେ ଜୟ ଶ୍ରୀରାମ ବୋଲି ଲେଖାଯାଇଛି। ଅନ୍ୟପଟେ ମମତାଙ୍କ ଶ୍ରୀମନ୍ଦିର ଗସ୍ତବେଳେ କୌଣସି ଅଘଟଣର ଆଶଙ୍କା କରି ପୁରୀ ପୋଲିସ ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତାଙ୍କୁ ଘରୁ ଉଠାଇ ନେଇ ବଳିଆପଣ୍ଡା ଥାନାରେ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୯ରେ ମମତାଙ୍କ ଶ୍ରୀମନ୍ଦିର ଦର୍ଶନ ବେଳେ ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତା ମମତାଙ୍କୁ କଳାପତାକା ଦେଖାଇଥିଲେ।




ପୁରୀ ସହର ମୁଖ୍ୟ ରାସ୍ତାର ଏକ କାନ୍ଥରେ ଲାଗିଥିବା ପୋଷ୍ଟର।

# ସରକାରୀ କାର୍ଯ୍ୟରେ ପାରିଶ୍ରମିକ ପାଇ ନ ଥିବା ଡ୍ରାଇଭରଙ୍କ ଧାରଣା

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ନିର୍ବାଚନ, ଭିଭିଆଇପିଙ୍କ ସୁରକ୍ଷା ଓ କାରକେଡ୍ ଭଳି ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ସରକାରଙ୍କ ପକ୍ଷରୁ ଘରୋଇ ଗାଡ଼ିକୁ ନିୟୋଜିତ କରାଯାଉଛି। ଏଥିନିମନ୍ତେ ଆରଟିଓ ଏବଂ ପୋଲିସ ପ୍ରଶାସନ ପକ୍ଷରୁ ଘରୋଇ ଗାଡ଼ିକୁ କିଛିଦିନ ପାଇଁ ଅଧିଗ୍ରହଣ କରାଯାଉଛି। ନିୟୋଜିତ ହେଉଥିବାର ଗାଡ଼ିର ଭଡ଼ା, ଡ୍ରାଇଭରମାନଙ୍କୁ ପାରିଶ୍ରମିକ, ଖାଦ୍ୟ ବାବଦରେ ଅର୍ଥ ଦିଆଯିବାର ବ୍ୟବସ୍ଥା ରହିଛି। କିନ୍ତୁ ତାହା ଠିକ୍ ଭାବେ ହେଉ ନ ଥିବା ଏବଂ ବକେୟା ଅର୍ଥ ମିଳି ନ ଥିବା ଅଭିଯୋଗ କରି ବହୁ ଘରୋଇ ଗାଡ଼ିର ଡ୍ରାଇଭର ବୁଧବାର ରାସ୍ତାକୁ ଓହ୍ଲାଇଥିଲେ। ରିଜର୍ଭ ପଡିଆ ଗେଟ ସମ୍ମୁଖ ଜୟଦେବ ବିହାର-ଏଜି ଛକ ମୁଖ୍ୟରାସ୍ତାକୁ କିଛି ସମୟ ପାଇଁ



ସେମାନେ ଅବରୋଧ କରିବା ଫଳରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଉପରିସ୍ଥ ପୋଲିସ ଅଧିକାରୀଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଆସନ୍ତା ଶୁକ୍ରବାର ଭୁବନେଶ୍ୱର ଆସୁଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା। ଏହା ପୂର୍ବରୁ ଘରୋଇ ଗାଡ଼ି ଡ୍ରାଇଭରମାନେ ପ୍ରତିବାଦ କରି ମନଇଚ୍ଛା ଗାଡ଼ି ଅଧିଗ୍ରହଣକୁ ବିରୋଧ କରିଛନ୍ତି। ଡ୍ରାଇଭର ଅକ୍ଷୟ ମହାପାତ୍ର କହିଛନ୍ତି ଯେ, ଗତବର୍ଷ

**ଅମିତ୍ ଶାହାଙ୍କ ଗସ୍ତ ପୂର୍ବରୁ ହୋହଲ୍ଲା**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କାରକେଡ୍‌ରେ ନିୟୋଜିତ ହୋଇଥିଲୁ। ହେଲେ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ମିଳିନାହିଁ। ସରକାରୀ ଅଫିସ୍ ଗୁଡ଼ିକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଛି ବୋଲି ସେ କହିଛନ୍ତି। ସୂଚନାଥାଉ କି, ଆସନ୍ତା ଶୁକ୍ରବାର ପୂର୍ବାଞ୍ଚଳ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଆରଟିଓଙ୍କ ପକ୍ଷରୁ ୧୦୦ରୁ ଉର୍ଦ୍ଧ୍ୱ ଗାଡି ଅଧିଗ୍ରହଣ କରାଯାଉଛି। କିନ୍ତୁ ଠିକ୍ ଭାବେ ପାରିଶ୍ରମିକ ଓ ଖାଦ୍ୟ ବ୍ୟବସ୍ଥା କରାଯାଉ ନ ଥିବାରୁ ଗାଡ଼ି ଡ୍ରାଇଭର ଅସନ୍ତୋଷ ପ୍ରକାଶ କରି ଆନ୍ଦୋଳନକୁ ଓହ୍ଲାଇଥିଲେ।

# ପ୍ରଲୋଭନରେ ଅନୁବାଦ କରେନାହିଁ

## ଧରିତ୍ରୀ ଆଳାପ


ପ୍ରଫେସର ଅଜୟ କୁମାର ପଟ୍ଟନାୟକ

ଉଭୟ ଓଡ଼ିଆ ଏବଂ ହିନ୍ଦୀ ସାହିତ୍ୟ ଜଗତ ପାଇଁ ତାଙ୍କ ଅବଦାନ ବେଶ୍ ଅଧିକ। କ୍ଲାସିକ୍ ସାହିତ୍ୟରୁ ଆରମ୍ଭକରି ସମକାଳୀନ ସାହିତ୍ୟ ପର୍ଯ୍ୟନ୍ତ, ସବୁ ସମୟର ଏବଂ ସବୁ ପିଢ଼ିର ସାହିତ୍ୟିକଙ୍କ ସହ ସେ ପରିଚିତ। ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଲେଖାଗୁଡ଼ିକୁ ଅନୁବାଦ ମାଧ୍ୟମରେ ଭାରତୀୟ ସାହିତ୍ୟରେ ପହଞ୍ଚାଇଥିବା ଏହି ଲୋକପ୍ରିୟ ଅନୁବାଦକ ହେଲେ ଅବସରପ୍ରାପ୍ତ ହିନ୍ଦୀ ପ୍ରଫେସର ଅଜୟ କୁମାର ପଟ୍ଟନାୟକ। କେବଳ ଓଡ଼ିଆକୁ ହିନ୍ଦୀରେ ନୁହେଁ, ହିନ୍ଦୀ ସାହିତ୍ୟର ଅନେକ ବଛା ବଛା ସାହିତ୍ୟ ସୃଷ୍ଟିକୁ ଓଡ଼ିଆରେ ଅନୁବାଦ କରି ଓଡ଼ିଆ ସାହିତ୍ୟ ଭଣ୍ଡାରକୁ ବ୍ୟାପକ କରିଛନ୍ତି ପଟ୍ଟନାୟକ। ନିକଟରେ ତାଙ୍କ ଦ୍ୱାରା ଅନୂଦିତ ପୁସ୍ତକ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ପୁସ୍ତକ ପାଇଁ ସେ ଓଡ଼ିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇବାକୁ ମନୋନୀତ ହେବା ଅବସରରେ ତାଙ୍କ ସହ ଅନ୍ତରଙ୍ଗ ଆଳାପ।

**କେବେ ଭାବିଥିଲେ ଏଥର କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ପାଇବେ?**

❖ ମୁଁ ବିଲ୍‌କୁଲ ଏ ବିଷୟରେ ଜାଣି ନଥିଲି। କିଛି ବନ୍ଧୁ ଫୋନ୍ ଯୋଗେ କହିବା ପରେ ମୋ ବହି ଏକାଡେମୀ ଦ୍ୱାରା ପୁରସ୍କୃତ ହେବାକୁ ମନୋନୀତ ହୋଇଥିବା ଜାଣିଲି। ଆଗରୁ ହିନ୍ଦୀ ସାହିତ୍ୟ ଜଗତରୁ ଅନେକ ପୁରସ୍କାର ପାଇଛି। ହେଲେ ଓଡ଼ିଆ ପାଇଁ କେବେ ପରିଚୟ ମିଳି ନ ଥିଲା। ୧୧ରୁ ଊର୍ଦ୍ଧ୍ୱ ପୁରସ୍କାର ପାଇଥିଲେ ବି ସାହିତ୍ୟ ଏକାଡେମୀ ସମକକ୍ଷ କେହି ନୁହନ୍ତି।

**ପୁରସ୍କାରର ଶ୍ରେୟ କାହାକୁ ଦେବେ?**

❖ ବିଚାରକ ମଣ୍ଡଳୀ, ବୁଦ୍ଧିଜୀବୀ, ଆଲୋଚକ ଏବଂ ମୋ ପାଠକମାନଙ୍କୁ ଶ୍ରେୟ ଦେବି। ଓଡ଼ିଶାରେ ପୁରସ୍କାରକୁ ନେଇ ଅନେକ ସମୟରେ ବିବାଦ ଦେଖାଯାଏ। ହେଲେ ସାହିତ୍ୟ ଏକାଡେମୀ ପୁରସ୍କାରକୁ ନେଇ କେବେ ବିବାଦ ହୁଏନାହିଁ। ବଛା ବଛା ଜ୍ଞାନୀଗୁଣୀ ଲୋକ ଏକାଡେମୀ ସହ ଜଡ଼ିତ ଥାନ୍ତି। ସେମାନଙ୍କ ବିଚାରରେ କେବେ ଭୁଲ୍ ହେବନି ବୋଲି ମୋର ଧାରଣା ଥିଲା। ହେଲେ ମୁଁ ପାଇବି ବୋଲି କେବେ ଆଶା କରିନଥିଲି। ଏହି ପୁରସ୍କାର ମୋ ପାଇଁ ପ୍ରେରଣା ଓ ସ୍ୱୀକୃତି ବୋଲି ଅନୁଭବ କରୁଛି।

**ଅନୁବାଦ କରିବା ସମୟରେ କାହାକୁ ନଜରରେ ରଖି ପୁସ୍ତକ ଚୟନ କରନ୍ତି?**

❖ ମୁଁ ହିନ୍ଦୀ ସାହିତ୍ୟର ଛାତ୍ର। ଓଡ଼ିଆ ପିଲା ବୋଲି ମୋର ଦାୟିତ୍ୱ ଭାବି ମୁଁ ଓଡ଼ିଆରେ ଲେଖାଲେଖି କରେ। ଆମର କିଛି ଶ୍ରେଷ୍ଠ ସାହିତ୍ୟ ହିନ୍ଦୀକୁ ଯାଉ ଏବଂ ହିନ୍ଦୀର କିଛି ଭଲ ସାହିତ୍ୟ ଆମ ପାଖକୁ ଆସୁ, ଏହା ଭାବି ମୁଁ ପୁସ୍ତକ ଚୟନ କରେ। କାହା କହିବାରେ କିମ୍ବା ପ୍ରଲୋଭନରେ ପଡ଼ି କେବେ ମୁଁ ଅନୁବାଦ କରେନାହିଁ। ଯେଉଁ ସାହିତ୍ୟିକଙ୍କ ଉତ୍କୃଷ୍ଟ ଲେଖା ବାହାରକୁ ଗଲେ ଓଡ଼ିଆ ସାହିତ୍ୟର ଟେକ ଆହୁରି ବଢ଼ିବ ତାହାକୁ ପ୍ରାଥମିକତା ଦିଏ।

**'ଶ୍ରେଷ୍ଠ ହିନ୍ଦୀ ଗଳ୍ପ' ପୁସ୍ତକ ବିଷୟରେ କ'ଣ କହିବେ?**

❖ 'ଶ୍ରେଷ୍ଠ ହିନ୍ଦୀ ଗଳ୍ପ'ରେ ମୋଟି ୨୫ଟି ଭିନ୍ନସ୍ୱାଦର ଶ୍ରେଷ୍ଠ ହିନ୍ଦୀ ଗଳ୍ପ ରହିଛି। ପ୍ରତିନିଧିମୂଳକ କାହାଣୀକାରମାନଙ୍କ ଲେଖାକୁ ନେଇଛି। ପ୍ରେମଚାନ୍ଦଙ୍କ ଠାରୁ ଆରମ୍ଭକରି ଭୀଷ୍ମ ସାହାଣୀ ଏବଂ ଉଷା ପ୍ରିୟମ୍ବଦାଙ୍କ ପର୍ଯ୍ୟନ୍ତ, ପ୍ରତି ସ୍ତରର ଓ ପ୍ରତି ପିଢ଼ିର ଜଣେ ଜଣେ ପ୍ରତିନିଧିମୂଳକ ସାହିତ୍ୟିକଙ୍କ ଶ୍ରେଷ୍ଠ ରଚନା ଏହି ପୁସ୍ତକରେ ରହିଛି। ଏହି ପୁସ୍ତକ ମାଧ୍ୟମରେ ଓଡ଼ିଆ ପାଠକମାନଙ୍କୁ ହିନ୍ଦୀ କାହାଣୀ ଜଗତର ଏକ ସ୍ପଷ୍ଟ ଚିତ୍ର ମିଳିଛି।

**ଆଗକୁ ଆଉ କ'ଣ କରିବାକୁ ଯୋଜନା ଅଛି?**

❖ ବହୁତ କିଛି କରିବା ବାକି ଅଛି। 'ଓଡ଼ିଆ ସାହିତ୍ୟର ଇତିହାସ'କୁ ହିନ୍ଦୀରେ କରିବା ଏବେ ମୋ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ। ୪୦୦ ପୃଷ୍ଠାର କାମ ସରିଛି। ଆଗାମୀ ବର୍ଷେ ଭିତରେ ଏହାକୁ ସାରିବି ବୋଲି ଭାବିଛି। ଏହାପରେ ଏକ ତାମିଲ ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଛି। କିଛିଦିନ ତଳେ 'ଓଡ଼ିଆର ହାସ୍ୟ ଗଳ୍ପ ସଂକଳନ'ରୁ 'ଓଡ଼ିଆ କୀ ହାସ୍ୟ କହାନିୟାଁ' ଅନୁବାଦ କରିଥିଲି। ତାହା ଖୁବ୍‌ଶୀଘ୍ର ପ୍ରକାଶିତ ହେବ। ଏହାବ୍ୟତୀତ ସାଧାରଣ ପାଠକଭାବେ ଯାହା ଭଲଲାଗିବ ତାହାକୁ ଅନୁବାଦ କରିବି।

**ବର୍ତ୍ତମାନ ସମୟରେ ଓଡ଼ିଆ ସାହିତ୍ୟରେ ଅନୁବାଦ କମି କମି ଯାଉଛି କି? ଯୁବ ସାହିତ୍ୟିକମାନେ ଅନୁବାଦ ପାଇଁ ଆଗ୍ରହ ଦେଖାଉନାହାନ୍ତି। ସେ ନେଇ କ'ଣ କହିବେ?**

❖ ଅନୁବାଦ କରିବା ପାଇଁ ଉଭୟ ଭାଷାରେ ଜ୍ଞାନ ଆବଶ୍ୟକ ହେଉଥିବାରୁ ଅନେକ ଆଗ୍ରହ ଦେଖାଉନାହାନ୍ତି। ଅନୁବାଦର ଦକ୍ଷତା ବହୁତ କମ୍ ଲୋକଙ୍କ ପାଖରେ ଅଛି। ଯେଉଁମାନେ ବି ଅନୁବାଦ କରୁଛନ୍ତି ସେମାନେ ଖୁବ୍ ଭଲ ଅନୁବାଦ କରୁଛନ୍ତି। ହେଲେ ସେମାନଙ୍କ ସଂଖ୍ୟା ଯଥେଷ୍ଟ ନୁହେଁ। ଓଡ଼ିଶାରେ ଏକ 'ଅନୁବାଦ ପରିଷଦ' ଗଠନ କରିବାକୁ କିଛିଦିନ ତଳେ ମୁଁ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇଥିଲି। ହେଲେ ତାହା ଆଗେଇ ପାରିଲାନି। ନିଜ ସ୍ୱାର୍ଥ ଦୃଷ୍ଟିରୁ ଅନୁବାଦ କରୁଥିବା ଅନୁବାଦକମାନଙ୍କ ଲେଖାରେ ଅନେକ ସମୟରେ ଭୁଲ୍ ପରିଲକ୍ଷିତ ହୁଏ। ଫଳରେ ବାହାରେ ଆମ ସାହିତ୍ୟର ଏକ ଖରାପ ଚିତ୍ର ଉପସ୍ଥାପିତ ହୁଏ। ତାକୁ ସମୀକ୍ଷା କରିବା ପାଇଁ ଏକ ପରିଷଦ ରହିବା ନିତାନ୍ତ ଆବଶ୍ୟକ।

**ଅନୁବାଦକୁ ପ୍ରୋତ୍ସାହନ ଦେବାକୁ ସରକାରୀ ସ୍ତରରେ କି ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଭାବୁଛନ୍ତି?**

❖ ଆଜିପର୍ଯ୍ୟନ୍ତ ବି ଅନୁବାଦ ପାଇଁ କେଉଁଠାରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ବ୍ୟବସ୍ଥା ନାହିଁ। ଶବ୍ଦକୋଷ, ଭାଷାକୋଷର ଅଭାବ ରହିଛି। ଏଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ। ପ୍ରସ୍ତାବିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ତୁଳନାତ୍ମକ ଅଧ୍ୟୟନ ନାମରେ ଏକ ବିଭାଗ ଖୋଲିବାକୁ ମୁଁ ସରକାରଙ୍କୁ ପରାମର୍ଶ ଦେଇଥିଲି। ଏହା ହେଲେ ଅନୁବାଦକମାନଙ୍କୁ ଏକ ନୂଆ ଦିଶା ମିଳିପାରନ୍ତା।

**ନୂଆପିଢ଼ିର ସାହିତ୍ୟିକଙ୍କୁ କ'ଣ କହିବେ?**

❖ ପରିଶ୍ରମ କରନ୍ତୁ, ଯାହାକି ନୂଆ ପିଢ଼ିର ସାହିତ୍ୟିକଙ୍କ ମଧ୍ୟରେ ଏହା ବହୁତ କମ୍ ଦେଖିବାକୁ ମିଳେ। ଯେତେ ପଢ଼ିପାରିବ ସେତେ ପଢ଼। ପୁରସ୍କାରକୁ ନେଇ କେବେ ଅହଂକାର କରିବା ଉଚିତ୍ ନୁହେଁ। ଅହଂକାର ଆସିଲେ ସାହିତ୍ୟ ଓ ତା'ର ପରିସୀମା ଏହିଠାରେ ହିଁ ସରିଯିବ। ନିରହଂକାର ହୋଇ ଉଭୟ ଭାଷା, ସାହିତ୍ୟର ସ୍ୱାର୍ଥକୁ ଜଗି ସାହିତ୍ୟ ରଚନା କର। ମୋ ଶିଷ୍ୟମାନଙ୍କୁ ମଧ୍ୟ ମୁଁ ଏହି କଥା କୁହେ।

**– ସସ୍ମିତା ପାଇକରାୟ, ଭୁବନେଶ୍ୱର**

# ଅଧ୍ୟକ୍ଷଙ୍କ ଆକଟ ଆଶୀର୍ବାଦ ପାଲଟିଗଲା

ମୋ ଅନୁଭୂତି


ଡ.ପ୍ରତିଭା ରାୟ

ଓଡ଼ିଆ ସାହିତ୍ୟରେ ପଦ୍ମଶ୍ରୀ ଡ.ପ୍ରତିଭା ରାୟ ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ। ସାହିତ୍ୟରେ ରୁଚି ରଖୁଥିବା ପ୍ରତିଟି ଲୋକ ତାଙ୍କ ବିଷୟରେ ଅବଗତ। ରେଭେନ୍‌ଶା କଲେଜରେ ପାଠ ପଢ଼ୁଥିବା ସମୟକୁ ନେଇ ଡ.ରାୟଙ୍କ ଅନୁଭୂତି...

ଆମ ପରିବାରର ପ୍ରାୟ ସମସ୍ତେ ରେଭେନ୍‌ଶା କଲେଜରେ ପାଠ ପଢ଼ିଛନ୍ତି। ଏଣୁ ପିଲାଟିବେଳୁ ରେଭେନ୍‌ଶାରେ ପଢ଼ିବା ପାଇଁ ମୋର ଆଗ୍ରହ ଥିଲା। ଏଠାରେ ନାମ ଲେଖାଇବା ପରେ ଜଣେ ଗାଉଁଲି ଝିଅ ଭାବେ ମୋତେ ପରିଚୟ ମିଳିଥିଲା। ଏହାକୁ ନେଇ ବେଳେବେଳେ ଦୁଃଖ ଲାଗେ ଆଉ ଏକୁଟିଆ ମନମାରି ମଧ୍ୟ ବସୁଥିଲି। ଥରେ ରେଭେନ୍‌ଶାରେ କବିତା ପ୍ରତିଯୋଗିତା ହୋଇଥିଲା। ସେଥିରେ ମୁଁ ଭାଗ ନେବା ସହ ଦ୍ୱିତୀୟ ପୁରସ୍କାର ପାଇଥିଲି। ବିଜ୍ଞାନ ଛାତ୍ରୀ ହୋଇଥିବାରୁ କବିତା ପ୍ରତିଯୋଗିତାରେ ଭାଗ ନେଇ ପୁରସ୍କାର ପାଇବା ଅନେକଙ୍କୁ ଚକିତ କରୁଥିଲା। ସେହିଦିନଠାରୁ ଗାଉଁଲି ଝିଅ ପରିଚୟ ବଦଳରେ ମେଧାବୀ ଭାବେ ନୂଆ ପରିଚୟ ପାଇଥିଲି। କିଛିଦିନ ଭିତରେ ଅନେକଙ୍କର ପ୍ରିୟ ହୋଇପାରିଥିଲି। ଏପରି କି ମୋ ଲେଖାକୁ ସମସ୍ତେ ପଢ଼ିବାକୁ ଭଲ ପାଉଥିଲେ। ଡ. ସଦାଶିବ ମିଶ୍ର ସେ ସମୟରେ କଲେଜର ଅଧ୍ୟକ୍ଷ ଥାନ୍ତି। ଲେଖା ସହିତ ଗୀତ ଗାଇବାକୁ ମଧ୍ୟ ମୋର ଆନ୍ତରିକତା ଥିଲା। ହଷ୍ଟେଲରେ ରହୁଥାଏ। କଳା ବିକାଶ କେନ୍ଦ୍ରରେ ଗୀତ ଶିଖିବି ବୋଲି ବାପାଙ୍କୁ କହିଥିଲି। ବାପା ଆସି ଅଧ୍ୟକ୍ଷଙ୍କୁ ଦେଖା କରି ମୋ ଗୀତ ଶିଖିବା କଥା କହିଥିଲେ। ହେଲେ ଅଧ୍ୟକ୍ଷ ଡ. ମିଶ୍ରଙ୍କର ଏକ ସର୍ତ୍ତ ଥିଲା, ମୋର ନିଜ ଲୋକ କିଏ ଯଦି ସାଙ୍ଗରେ ଯିବେ ତା'ହେଲେ ଅନୁମତି ମିଳିବ। ନହେଲେ କଲେଜ ପାଠପଢ଼ା ସରିଲେ ଝିଅ ଗୀତ ଶିଖିବ। ମୁଁ ଗୀତ ଶିଖିବି ନାହିଁ ବୋଲି ରାଗରେ ବାପାଙ୍କୁ ମନା କରି ଦେଇଥିଲି। ହେଲେ ଅଧ୍ୟକ୍ଷଙ୍କ ସେ ଆକଟ ଏବେ ମୋ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ସବୁଦିନ ପାଇଁ ତାଙ୍କ ପାଖରେ ମୁଁ ଚିର କୃତଜ୍ଞ ହୋଇ ରହିବି। ସେଦିନ ଗୀତ ଶିଖିଥିଲେ ଆଜି ଜଣେ ଭଲ ଲେଖିକା ହୋଇ ପାରି ନ ଥାନ୍ତି। ଗୀତ ସହିତ ସାହିତ୍ୟର ସାଧନା ଅତ୍ୟନ୍ତ କଷ୍ଟସାଧ୍ୟ।

**– ଅଶୋକ କୁମାର ବାରିକ, କଟକ**

## ଖାଦ୍ୟରୁଚି

# ପନିର୍ ଡ୍ରାଗନ୍



ସମ୍ପ୍ରତି ସମ୍ବଲପୁର ସହରରେ ନୂଆ ରେସ୍ତୋରାଁ ଖୋଲିବାରେ ଲାଗିଛି। ଯୁବପିଢ଼ିକୁ ଆକୃଷ୍ଟ କଲାଭଳି ଖାଦ୍ୟ ମଧ୍ୟ ପ୍ରସ୍ତୁତ ହେଉଛି। ସହରର ବହୁ ପୁରୁଣା ରେସ୍ତୋରାଁଗୁଡିକ ମଧ୍ୟ ଖାଦ୍ୟରୁଚିରେ ପରିବର୍ତ୍ତନ କରୁଛନ୍ତି। ଏହି କ୍ରମରେ ସମ୍ବଲପୁର ବୀର ସୁରେନ୍ଦ୍ର ସାଏ ମାର୍ଗ ସ୍ଥିତ ପୁରୁଣା ହୋଟେଲ ତ୍ରିବେଣୀର ଇ-ସ୍କୁୟର୍ ରେସ୍ତୋରାଁ ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ପ୍ରସ୍ତୁତ କରୁଛି ସ୍ୱତନ୍ତ୍ର ଡିଶ୍ ପନିର ଡ୍ରାଗନ୍। ଗୋଟିଏ ପ୍ଲେଟର ମୂଲ୍ୟ ରହିଛି ୧୫୦ ଟଙ୍କା। ମେନ୍ କୋର୍ସରେ ୨ଜଣ ଏହାକୁ ଖାଇ ପାରିବେ ବୋଲି କୁହନ୍ତି ସହକାରୀ ସେଫ୍ ଅଶୋକ ଦେହୁରୀ।

### ଆବଶ୍ୟକ ସାମଗ୍ରୀ

- ପନିର– ୧୦୦ ଗ୍ରାମ
- କ୍ୟାପ୍‌ସିକମ– ୨୫ ଗ୍ରାମ
- ପିଆଜ– ୨୫ ଗ୍ରାମ
- ପିଆଜ ଷଣ୍ଢା– ୩୦ ଗ୍ରାମ
- ଶୁଖିଲା ଲଙ୍କା– ୨୦ ଗ୍ରାମ
- ରସୁଣ– ୨୫ ଗ୍ରାମ
- କାଜୁ– ୩୦ ଗ୍ରାମ
- କନ୍ ଫ୍ଲାୱାର– ୨୫ ଗ୍ରାମ
- ମଇଦା– ୨୫ ଗ୍ରାମ
- ଲୁଣ ଓ ଚାଇନିଜ ଲୁଣ– ସ୍ୱାଦ ଅନୁସାରେ
- ଗୋଲ ମରିଚ– ୧୦ ଗ୍ରାମ
- ତେଲ– ୫୦ ଗ୍ରାମ
- ଟମାଟେ ସସ୍– ୧୦ ଗ୍ରାମ
- ଚିଲି ସସ୍– ୧୦ ଗ୍ରାମ


ସହକାରୀ ସେଫ୍ ଅଶୋକ ଦେହୁରୀ

### ପ୍ରସ୍ତୁତି ପ୍ରଣାଳୀ

ପନିରକୁ ଫିଙ୍ଗର ସାଇଜରେ କଟାଯାଇ ସ୍ୱଚ୍ଛ ପାତ୍ରରେ ରଖାଯାଏ। ଏଥିସହ ପିଆଜ, କ୍ୟାପ୍‌ସିକମ୍‌କୁ ମଧ୍ୟ ଲମ୍ବା ଓ ଚଉଡା ଭାବେ କଟାଯାଏ। ରସୁଣକୁ ମଧ୍ୟ କିମା କରି ପ୍ଲେଟରେ ରଖାଯାଏ। ଏହାପରେ ପନିର, କନଫ୍ଲାୱାର, ମଇଦା, ଲୁଣ, ରେଡ୍‌ଚିଲି ସସ୍‌କୁ ମେରିନେଟ କରାଯାଏ। ତେଲ କଡ଼େଇ ଗରମ ହେବାପରେ ପୂର୍ବରୁ ପ୍ରସ୍ତୁତ ହୋଇଥିବା ପନିର ପକାଯାଇଥାଏ। ପନିର କ୍ରିସ୍‌ପି ହେବାପରେ କଡ଼େଇରୁ ଆଣି ପ୍ଲେଟ୍‌ରେ ରଖାଯାଇଥାଏ। ଏହାପରେ ଫ୍ରାଇପେନ୍‌ରେ ୨ ଟେବୁଲ ଚାମଚ ତେଲ ଗରମ କରାଯାଏ। ତେଲ ଗରମ ହେବାପରେ ପୂର୍ବରୁ କଟାହୋଇଥିବା ପିଆଜ, କ୍ୟାପ୍‌ସିକମ୍, କାଜୁ, ରସୁଣ କିମା, ଶୁଖିଲା ଲଙ୍କା ପକାଯାଇ ବ୍ରାଉନ୍ ରଙ୍ଗ ହେବା ପର୍ଯ୍ୟନ୍ତ ଭଜାଯାଇଥାଏ। ଏହାପରେ ଟମାଟୋ ସସ୍, ରେଡ୍ ଚିଲି ସସ୍, ଚାଇନିଜ ଲୁଣ ସହ ଅଳ୍ପ ପାଣି ଦିଆଯାଇଥାଏ। ମସଲା ପ୍ରସ୍ତୁତ ହେବାପରେ ପନିର, ପିଆଜ ଷଣ୍ଢା ଓ ଗୋଲମରିଚ ଗୁଣ୍ଡ ପକାଯାଇଥାଏ। ଏହାପରେ ୫ ମିନିଟ ସମୟ ଗଲାପରେ ପନିର ଡ୍ରାଗନ ପ୍ରସ୍ତୁତ ହୋଇଥାଏ। ପନିର ଡ୍ରାଗନ ଡାଇସିଂ କରାଯାଇ ଗ୍ରାହକମାନଙ୍କୁ ପରଷା ଯାଇଥାଏ।

**ରିପୋର୍ଟ : ବି. ଶଙ୍କର, ସମ୍ବଲପୁର**

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


ସୁକାନ୍ତ


ସୁରେଶ


ଦୀପକ


ଅସୀମା


ସୁପ୍ରିୟା


ଚିତ


ରାଜକିଶୋର


ନିହାର

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ପୂଜା

ଶୁଟିଂ ଚାଲିଛି..

# ଫ୍ଲପ୍ ସିନେମା

ଗୋଟିଏ ଚଳଚ୍ଚିତ୍ରର ଟାଇଟଲ କ'ଣ 'ଫ୍ଲପ୍ ସିନେମା' ଦିଆଯାଇପାରେ ? ଏପରି ଏକ ନକାରାତ୍ମକ ଶୀର୍ଷକକୁ ନେଇ ପ୍ରଥମ ଥର ପାଇଁ ପ୍ରଯୋଜକ ସାଜିଛନ୍ତି ଓଡିଆ ସିନେମା ଜଗତର ନାୟକ-କମ୍-ଖଳନାୟକ ବବି ମିଶ୍ର। ବବି ମିଶ୍ର ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଓଡ଼ିଆ ସିନେମା ବିଷୟରେ ଆଦୌ ଅଭିଜ୍ଞତା ନ ଥାଇ ଜଣେ କିପରି ସିନେମା ନିର୍ଦ୍ଦେଶକ ହୋଇଛି ଏବଂ ସିନେମାଟିଏ ନିର୍ମାଣ କରିବା ପରେ ତାହାର ଅବସ୍ଥା କ'ଣ ହେଉଛି ତାହା ପରଦା ଉପରେ ଦେଖିବାକୁ ମିଳିବ। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଏହାର ବିଭିନ୍ନ ଭୂମିକାରେ ଶ୍ରୀତମ୍ ଦାସ, ବବି ମିଶ୍ର, ପ୍ରଦ୍ୟୁମ୍ନ ଲେଙ୍କା, ରିୟା, ବିଜୁ ବଡଜେନା, ଇଲୁ ବାନାର୍ଜୀ, ସାତ୍ୟକି ମିଶ୍ର, ଦେବୁ ବ୍ରହ୍ମା ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା, ଏଥିରେ ନାୟକ ସମ୍ଭିତ ପ୍ରଥମ ଥର ପାଇଁ ନେଗେଟିଭ ଭୂମିକାରେ ଦେଖାଦେବେ। ଫିଲ୍ମର କାହାଣୀ, ଚିତ୍ରନାଟ୍ୟ, ସଂଳାପ ରଚନା ମଧ୍ୟ କରିଛନ୍ତି ନିରଞ୍ଜନ। ଅଭିଜିତ ମଜୁମଦାର ଗୀତଗୁଡିକୁ ସ୍ୱର ଦେଇଛନ୍ତି। ତେବେ ଏପରି ଏକ ସିନେମା ଥିବା ମସଲା ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି ତାହା ଚିତ୍ରଟି ରିଲିଜ ହେବା ପରେ ହିଁ ଜଣାପଡିବ।



ରିୟା

# ପୂଜା ଯାହା ଚାହୁଁଥିଲେ..

ପୂଜା ହେଗେଡ୍ ଯାହା ଚାହୁଁଥିଲେ ତାହା ପୂରଣ ହୋଇଛି। 'ହାଉସଫୁଲ-୪' ପରେ ସାଜିଦ ନାଡିୱାଦୱାଲାଙ୍କ ପରବର୍ତ୍ତୀ ଫିଲ୍ମରେ ସେ ଅଭିନୟ କରିବାକୁ ଯାଉଛନ୍ତି। କଥା କ'ଣ କି ସାଜିଦଙ୍କ ଫିଲ୍ମ 'କଭି ଇଦ୍ କଭି ଦିୱାଲି'ପାଇଁ ତାଙ୍କୁ ସାଇନ୍ କରାଯାଇଛି। ସୂଚନାଯୋଗ୍ୟ ୨୦୧୬ରେ ରିଲିଜ ହୋଇଥିବା ଆଶୁତୋଷ ଗୋୱାରିକରଙ୍କ ନିର୍ଦ୍ଦେଶିତ 'ମହେଞ୍ଜୋଦାରୋ'ରେ ହୃତିକ ରୋଶନଙ୍କ ଅପୋଜିଟ୍‌ରେ ତାଙ୍କୁ ବ୍ରେକ୍ ମିଳିଥିଲା। ଦୀର୍ଘ ୪ବର୍ଷ ଗ୍ୟାପ୍ ପରେ ସେ ଆଉ ଏକ ହିନ୍ଦୀ ସିନେମାରେ ଅଭିନୟ କରିବାକୁ ଯାଉଛନ୍ତି। ଅସଲ କଥା ହେଲା ସଲମାନଙ୍କ ସହ ସ୍କ୍ରିନ୍ ଶେୟାର କରିବା ତାଙ୍କର ଆଉ ଏକ ଆଶା ଥିଲା ବୋଲି ସେ କହିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେବେ ଫରହଦ ସାମ୍‌ଜି। 'କଭି ଇଦ୍ କଭି ଦିୱାଲି'ରେ ପୂଜା ଏକ ଛୋଟ ସହରରେ ରହୁଥିବା ଯୁବତୀ ଭୂମିକାରେ ଅଭିନୟ କରିବେ। ଖାସ୍ କଥା ହେଲା, ସଲମାନଙ୍କୁ ଏଥିରେ ନୂଆ ଅବତାରରେ ଦେଖିବାକୁ ମିଳିବ। ଫିଲ୍ମଟି ଆସନ୍ତାବର୍ଷ ଇଦ୍‌ରେ ପରଦା ଉପରକୁ ଆସିବ।

# ସାତ ବର୍ଷ ପରେ

ଅକ୍ଷୟ କୁମାରଙ୍କ ଖୁସି କହିଲେ ନ ସରେ। କାରଣ ଦୀର୍ଘ ୭ବର୍ଷର ଗ୍ୟାପ୍ ପରେ ସେ ଏକତା କପୁରଙ୍କ ବ୍ୟାନରରେ ଅଭିନୟ କରିବାକୁ ଯାଉଛନ୍ତି। ଏକତା ନିର୍ମାଣ କରିବାକୁ ଯାଉଥିବା ଏକ କମେଡି ଫିଲ୍ମର ନାୟକ ସାଜିବେ ଏହି ଅଭିନେତା। 'ଯେତେବେଳେ ମୁଁ ଏହି ଫିଲ୍ମର କାହାଣୀ ଏବଂ ନିଜ ଭୂମିକା ସମ୍ପର୍କରେ ଜାଣିଲି ଏନେଇ ନିଷ୍ପତ୍ତି ନେବାକୁ କିଛି ସମୟ ନେଇଥିଲି। ନିକଟରେ ଏଥିରେ ଅଭିନୟ କରିବାକୁ ରାଜି ହେବା ସହ ସାଇନ୍ ମଧ୍ୟ କରିସାରିଛି। ଫିଲ୍ମର ପ୍ରାରମ୍ଭିକ କାମ ଚାଲିଛି ଏବଂ ଟାଇଟଲ ଫାଇନାଲ ହୋଇନାହିଁ। ତେବେ ମୋର ଯେତିକି ବିଶ୍ୱାସ ଫିଲ୍ମଟି ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ।' ଜଣେ ନବାଗତ ନିର୍ଦ୍ଦେଶକ ଏହାର ନିର୍ଦ୍ଦେଶନା ଦେବାର ଯୋଜନା ରହିଛି।



ଅକ୍ଷୟ କୁମାର

# ଟପ୍‌ରେ ବିଗ୍ 'ବି'

ଅମିତାଭ ବଚ୍ଚନ ଓରଫ ବିଗ୍ 'ବି'ଙ୍କ ଅଭିନୟ ଅନେକ କଳାକାରଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛି। କେବଳ ଜଣେ ନାମୀ ଅଭିନେତା ନୁହନ୍ତି, ଶୁଟିଂ ସେଟ୍‌ରେ ଠିକ୍ ସମୟରେ ପହଞ୍ଚିବା ତାଙ୍କର ଏକ ଅଭ୍ୟାସ। ସେ ଯେତେ ପୁରସ୍କାର ହାସଲ କରିଛନ୍ତି ତାହାକୁ ତାଲିକାଭୁକ୍ତ କଲେ ଲମ୍ବି ଲମ୍ବି ଯିବ। ବଲିଉଡ୍‌ର ଅନ୍ୟତମ ପୁରସ୍କାର ଭାବରେ 'ଫିଲ୍ମ ଫେୟାର ଆୱାର୍ଡ' ପରିଗଣିତ। ଏହି ପୁରସ୍କାର ସର୍ବାଧିକ ଥର କିଏ ପାଇଛନ୍ତି ଜାଣନ୍ତି ? ଅମିତାଭ ଏପରି ପୁରସ୍କାର ସବୁଠାରୁ ଅଧିକ ୩୦ଥର ପାଇଛନ୍ତି। ତାଙ୍କ ପଛକୁ ଅଛନ୍ତି ଦିଲୀପ କୁମାର ଏବଂ ଶାହରୁଖ ଖାନ। ଏହି ଦୁଇଜଣ ଅଭିନେତା ପ୍ରତ୍ୟେକେ ଆଠଥର ଲେଖାଏ ଫିଲ୍ମ ଫେୟାର ପୁରସ୍କାର ହାସଲ କରିଛନ୍ତି।

ଜଣା-ଅଜଣା

# କାହାକୁ ଡରନ୍ତି ପରିଣିତି



ପରିଣିତି ଚୋପ୍ରା କାହାକୁ ଡରନ୍ତି ? ତାଙ୍କୁ ସବୁ କଥା କୁହନ୍ତୁ, ହେଲେ ସାପ ବିଷୟରେ କଥା ହେଲେ କିମ୍ବା ଦେଖିଲେ ତାଙ୍କ ମନରେ ଛନକା ପଶିଯାଏ। ଏପରି କି ପ୍ଲାଷ୍ଟିକ ସାପଟିଏ ଦେଖିଲେ ସେ ଡରିଯାଆନ୍ତି। ଆପଣ ଜାଣିଛନ୍ତି କି, ପରିଣିତି ସଙ୍ଗୀତରେ ସମ୍ମାନ ସହ ବ୍ୟାଚେଲର ଡିଗ୍ରୀ ହାସଲ କରିଛନ୍ତି। ପାଠ ପଢ଼ିବା ସମୟରେ ଜଣେ ଇନଭେଷ୍ଟମେଣ୍ଟ ବ୍ୟାଙ୍କର ହେବାର ଆଶା ରଖିଥିଲେ। ମାଞ୍ଚେଷ୍ଟର ବିଜନେସ ସ୍କୁଲ୍‌ରୁ ସେ ବିଜନେସ ଫାଇନାନ୍ସ ଏବଂ ଇକୋନୋମିକ୍‌ରେ ଡିଗ୍ରୀ ହାସଲ କରିଛନ୍ତି। ଆକ୍ଟିଂକୁ ଯେ କ୍ୟାରିୟର କରିବେ ଏକଥା କେବେ କଳ୍ପନା କରି ନ ଥିଲେ ପରିଣିତି। ୟଶରାଜ ଫିଲ୍ମରେ ମାର୍କେଟିଂ ଏବଂ ପି.ଆର୍. ଭାବରେ କାମ କରିବା ପରେ ସେ ଅଭିନୟ ବିଷୟରେ ଚିନ୍ତା କରିଥିଲେ। ତାଙ୍କର ଏକ ଭଲ ଅଭ୍ୟାସ ହେଲା ଯେ କୌଣସି ନୂଆ ଇଲେକ୍ଟ୍ରୋନିକ ଗ୍ୟାଜେଟ୍ ଦେଖିଲେ ତାହାକୁ ସାଙ୍ଗେ ସାଙ୍ଗେ କିଣିଥାଆନ୍ତି। ତାଙ୍କ ଭ୍ୟାନିଟିରେ ସେ ସବୁବେଳେ ଲିପ୍ ବାମ୍ ଏବଂ ଫେସୱାଶ ରଖିଥାଆନ୍ତି। ପିଜା ହେଉଛି ତାଙ୍କର ପସନ୍ଦର ଖାଦ୍ୟ। ସ୍କୁଲରେ ପଢ଼ିବା ବେଳେ ନଖ କାମୁଡିବା ତାଙ୍କର ଏକ ଅଭ୍ୟାସ ଥିଲା। ଏହା ଏକ ଖରାପ ଅଭ୍ୟାସ ଜାଣିବା ପରେ ସେ ଏହାକୁ ପରିତ୍ୟାଗ କରିଥିଲେ। ପରିଣିତିଙ୍କ ଅଭିନୀତ ପ୍ରଥମ ହିନ୍ଦୀ ସିନେମା ଥିଲା 'ଲେଡିସ ଭର୍ସେସ ରିକି ବହଲ୍'।

ଅପେରା ହାଲଚାଲ

# ପେସା ଇଞ୍ଜିନିୟରିଂ ନିଶା ଯାତ୍ରା

ପେସାରେ ସେ ଜଣେ ଇଞ୍ଜିନିୟର। ହେଲେ ଯାତ୍ରା ନିଶାରେ ସେ ଏପରି ପଡିଯାଇଛନ୍ତି ଯେ ସେଥିରୁ ମୁକୁଳି ପାରୁନାହାନ୍ତି। ପିଲାଦିନେ ଛୋଟ ଭୂମିକାରେ ଅଭିନୟ କରିବା ପରେ ମଞ୍ଚ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ସ୍କୁଲ ଡ୍ରାମା 'ଦାନବୀର ହରିଶ୍ଚନ୍ଦ୍ର' ଏବଂ 'ମହାଯଜ୍ଞ' ସହ ତା'ପରେ ପାଖାପାଖି ୫୦ଟି ମଞ୍ଚ ନାଟକରେ ଅଭିନୟ କରିସାରିଛନ୍ତି। ଆଉ ଏବେ ଜଲିଉଡ୍‌ରେ ସେ ଜଣେ ଚର୍ଚ୍ଚିତ ବ୍ୟକ୍ତିତ୍ୱ। ସେ ହେଲେ ବଳରାମ ଦାସ। ଗତ ୫-୬ବର୍ଷ ଭିତରେ ସେ ଅପେରା ଜଗତରେ ପରିବେଷିତ ହୋଇଥିବା ପ୍ରତ୍ୟେକ ନାଟକକୁ ଦେଖିବାର ସୁଯୋଗ ହାତଛଡା କରିନାହାନ୍ତି। ଏ ସମ୍ପର୍କରେ ଭଦ୍ରକ ବନ୍ତ ଅନ୍ତର୍ଗତ ନରସିଂହପୁର ଗ୍ରାମରେ ଜନ୍ମିତ ୨୮ବର୍ଷ ବୟସ୍କ ବଳରାମ କହନ୍ତି, 'ପିଲାଦିନର ଅଭିନୟ ଆଉ ବର୍ତ୍ତମାନ ସହ ତୁଳନା କଲେ ମୁଁ ଏକରକମ ନାଟକ ମାୟାରେ ପଡିଯାଇଛି। ଜଣେ ଇଞ୍ଜିନିୟର ହୋଇଥିଲେ ମଧ୍ୟ ଅପେରା ନାଟକଟିଏ ନ ଦେଖିଲେ ମୋତେ ନିଦ ହୁଏନା। ହେଲେ ଅପେରା ନାଟକ ପ୍ରତି ଅଧିକ ଆକର୍ଷିତ ହେବା ପଛରେ ଆଗଧାଡିର ଯାତ୍ରା ପରିଚାଳକ ବଙ୍କିମ ସ୍ୱାଇଁଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ। ଯାତ୍ରା ନାଟକର ଏକ ଅଲଗା ଚାର୍ମ ରହିଛି। ଏବେ ଅନେକ ନୂଆ କଳାକାର ଏଥିରେ ନିଜ କ୍ୟାରିୟର କରିବାକୁ ଆଗେଇ ଆସୁଛନ୍ତି। ଭବିଷ୍ୟତରେ ଯଦି ମୋତେ ଏପରି ସୁଯୋଗ ମିଳେ ତେବେ ସେ ନେଇ ଚିନ୍ତା କରିବି।'



ବଳରାମ

ପରଦା ପଛରେ

# ଦର୍ଶକ ମୋ ପାଇଁ ସବୁକିଛି

'ସିନେମାଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ ସବୁବେଳେ ଦର୍ଶକଙ୍କ ମାନସିକତାକୁ ଗୁରୁତ୍ୱ ଦିଏ। କାରଣ ଗୋଟିଏ ଚଳଚ୍ଚିତ୍ରର ଭାଗ୍ୟବିଧାତା ହେଉଛନ୍ତି ଦର୍ଶକ। ସେମାନଙ୍କୁ ବାଦ୍ ଦେଇ ସିନେମାଟି ନିର୍ମାଣ କରିବାକୁ ଚିନ୍ତା କଲେ ଫଳ ଭିନ୍ନ ହୋଇଥାଏ ବୋଲି କହନ୍ତି ନିର୍ଦ୍ଦେଶକ ନିରଞ୍ଜନ ବେହେରା।' ତାଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା ଥିଲା 'ଆଣ୍ଟି ନମସ୍କାର', ଯେଉଁଥିରେ ଶ୍ରୀତମ୍ ଦାସ ଏକ ଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ତା'ପରେ 'ଯୋଗୀ', 'ପ୍ରେମ ପାଇଁ ମହାଭାରତ' ଏବଂ ରିଲିଜ ଅପେକ୍ଷାରେ ଥିବା 'ହିରୋ ନମ୍ବର ଜିରୋ' ଓ ଶୁଟିଂ ଚାଲିଥିବା 'ଫ୍ଲପ ସିନେମା'। ନିଜର ଭବିଷ୍ୟତ ଯୋଜନା ବିଷୟରେ ସେ କହନ୍ତି, 'ଏକ ଚଳଚ୍ଚିତ୍ରର କାହାଣୀ ଦମ୍‌ଦାର ହେବା ଆବଶ୍ୟକ। ତେଣୁ ମୋ ନିର୍ଦ୍ଦେଶିତ ସିନେମାର କାହାଣୀରେ ସବୁବେଳେ ଭିନ୍ନତା ରଖିଥାଏ। ଭବିଷ୍ୟତରେ ଏକ ଦେଶାତ୍ମବୋଧକ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବାକୁ ଇଚ୍ଛା ରହିଛି।' ତେବେ ଜଣେ ନିର୍ଦ୍ଦେଶକ ଭାବରେ ନିରଞ୍ଜନ କେତେ ମାଇଲେଜ ନେଉଛନ୍ତି ତାହା ସମୟ ହିଁ କହିବ।



ନିରଞ୍ଜନ

| Dollar | Sensex | Nifty | Gold | Silver |
|---|---|---|---|---|
| 71.65 (20) | 392.24 ↓ 39,888.96 | 119.40 ↓ 11,678.50 | ₹62 ↓ 43,502.00 | ₹828 ↓ 48,146.00 |

"କରୋନାର ପ୍ରଭାବ ଅର୍ଥନୀତି ଉପରେ କ'ଣ ରହୁଛି ସେ ପ୍ରସଙ୍ଗକୁ ସରକାର ଗୁରୁତ୍ୱର ସହ ତର୍ଜମା କରୁଛନ୍ତି।"
–ନିର୍ମଳା ସୀତାରାମନ, ଅର୍ଥମନ୍ତ୍ରୀ



"ସୂଚନା ପ୍ରଯୁକ୍ତି ଆଇନରେ ସଂଶୋଧନ ଆଣିବାକୁ ସରକାର ବର୍ତ୍ତମାନ ବିଚାର କରୁଛନ୍ତି।"
– ରବି ଶଙ୍କର ପ୍ରସାଦ, ଆଇଟି ମନ୍ତ୍ରୀ



# 'ଶିଳ୍ପ ପାଇଁ ଆସିବ ସ୍ୱଚ୍ଛ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା'

ଭୁବନେଶ୍ୱର, ୨୬–୨

ରାଜ୍ୟ ସରକାର ଶିଳ୍ପର ବିକାଶ ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିଳ୍ପ ଜଗତର ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ସରକାର ବିଚାର କରିବା ସହ ଏକ ସ୍ୱଚ୍ଛ ସିଙ୍ଗଲ୍ ୱିଣ୍ଡୋ ବ୍ୟବସ୍ଥା ଆଣିବେ ବୋଲି ରାଜ୍ୟ ଏମ୍ଏସ୍ଏମ୍ଇ ମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ବୁଧବାର ସୂଚନା ଦେଇଛନ୍ତି।

କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି (ସିଆଇଆଇ)ର ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇ ମିଶ୍ର କହିଛନ୍ତି ଯେ, ରାଜ୍ୟରେ ଶିଳ୍ପ ପାଇଁ ଭିତ୍ତିଭୂମି ସହ ବିଭିନ୍ନ ଆନୁଷଙ୍ଗିକ ସୁବିଧା ସରକାର ଯୋଗାଇ ଦେଉଛନ୍ତି। ରାଜ୍ୟର ମାନବ ସମ୍ବଳର ଏକ ଶକ୍ତିଶାଳୀ ଟୁଲ୍ ରହିଛି। ଏହାକୁ କିଭଳି ବ୍ୟବହାର କରାଯାଇପାରିବ ସେ ନେଇ ଅଂଶୀଦାରମାନେ ବିଚାର କରିବାର ଆବଶ୍ୟକତା ରହିଛି। ରାଜ୍ୟରେ ଖଣିଜ, ପ୍ରାକୃତିକ ସମ୍ପଦ, କୁଶଳୀ ଶ୍ରମଶକ୍ତି ଏବଂ ଯୁବ ପ୍ରତିଭା ରହିଛନ୍ତି। ଏହିସବୁ କାରକ ଯୋଗୁ ଓଡ଼ିଶାକୁ ଶିଳ୍ପାୟନ କ୍ଷେତ୍ରରେ ଦେଶର ଏକ ଶୀର୍ଷ ରାଜ୍ୟ ଭାବେ ପରିବର୍ତ୍ତନ କରିବାରେ ସହାୟକ ହୋଇପାରିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ମିଶ୍ର ପୁଣି କହିଛନ୍ତି ଯେ, ଏହି ଲକ୍ଷ୍ୟ ହାସଲ ଯୋଗ୍ୟ। ମାତ୍ର ଆମକୁ ଏ ଦିଗରେ ଭିନ୍ନ ଭାବେ ଚିନ୍ତା କରିବାକୁ ହେବ। ଏବେ ଓଡ଼ିଶା ନିବେଶକଙ୍କ ପାଇଁ ଏକ ସର୍ବୋତ୍ତମ ସ୍ଥଳ ଭାବେ ଉଭା ହୋଇଛି। ଧାର୍ଯ୍ୟ ଲକ୍ଷ୍ୟ ହାସଲ ଦିଗରେ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ସମସ୍ତେ ମିଳିତ ହୋଇ କାର୍ଯ୍ୟ କଲେ ଏହି ଲକ୍ଷ୍ୟ ହାସଲ କରିବା ସହଜ ହେବ ବୋଲି ସେ ମତ ପ୍ରକାଶ କରିଛନ୍ତି।



କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର

କାର୍ଯ୍ୟକ୍ରମରେ ଇଡକୋ ସିଏମ୍‌ଡି ସଞ୍ଜୟ ସିଂ କହିଛନ୍ତି ଯେ, ଇଡ୍‌କୋ ବିଭିନ୍ନ ଶିଳ୍ପ ପାର୍କ ଉନ୍ନତୀକରଣ ଦିଗରେ ଯୋଗଦାନ ରଖିଛି। ଏହା ମଧ୍ୟରେ ଇଣ୍ଡଷ୍ଟ୍ରିଆଲ ପାର୍କ, ଖୋର୍ଦ୍ଧା ଫୁଡ୍ ପାର୍କ, ଡେରାସ ଫୁଡ୍ ପାର୍କ, ଅନୁଗୋଳ ଆଲୁମିନିୟମ ପାର୍କ, ପାରାଦୀପ ପ୍ଲାଷ୍ଟିକ ପାର୍କ, ଭୁବନେଶ୍ୱର ଇଲେକଟ୍ରୋନିକ୍ସ ଏବଂ ଆଇଟି ପାର୍କ ସାମିଲ ରହିଛି। ଏଥି ଲାଗି ଆବଶ୍ୟକ ଅନୁପାଳନ ଏବଂ ମଞ୍ଜୁରୀ ବ୍ୟବସ୍ଥା କରାଯାଇଛି। ନିବେଶକଙ୍କୁ ବିଲ୍‌ଡିଂ ପ୍ଲାନ ଏବଂ ପରିଚାଳନା ମଞ୍ଜୁରୀ ଭଳି ୨ ଅନୁମତି ଲୋଡା ପଡୁଛି। ଆଇପିଆର୍‌ରେ ଏହି ସବୁ ପାର୍କଗୁଡିକୁ ଅଗ୍ରାଧିକାର କ୍ଷେତ୍ର ଭାବେ ଗ୍ରହଣ କରାଯାଇଛି। ରାଜ୍ୟରେ ନିବେଶ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ବିଭିନ୍ନ ଆର୍ଥିକ ପ୍ରୋତ୍ସାହନ ବ୍ୟବସ୍ଥା ମଧ୍ୟ କରାଯାଇଛି।

ଶିଳ୍ପ ପାର୍କଗୁଡିକର ଅଗ୍ରଗତି ନେଇ ସେ କହିଛନ୍ତି ଯେ, ବର୍ତ୍ତମାନର ପାର୍କଗୁଡିକୁ ସମ୍ପ୍ରସାରଣ କରାଯିବ। ସେହିଭଳି ରାଜ୍ୟରେ ଅଧିକ ଶିଳ୍ପ ପାର୍କ ପ୍ରତିଷ୍ଠା କରିବାକୁ ଯୋଜନା ରହିଛି। ରାଜ୍ୟରେ ସବୁ ଜିଲାର ଶିଳ୍ପ ପ୍ରତିଷ୍ଠା ନେଇ ରହିଥିବା ସମ୍ଭାବନାକୁ ପରଖିବା ଲାଗି ଇଡ୍‌କୋ ପକ୍ଷରୁ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ରାଜ୍ୟରେ ଆଗାମୀ ଦିନରେ ୫ ନୂଆ ଫୁଡ୍ ପାର୍କ ସ୍ଥାପନ ହେବ । ସେହିଭଳି ୩୦ ଜିଲାରେ ଏମ୍ଏସ୍ଏମ୍ଇ ପାର୍କ ସ୍ଥାପନ ହେବା ନେଇ ଯୋଜନା ଜାରି ରହିଛି ବୋଲି ସେ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟକ୍ରମରେ ସିଆଇଆଇର ଓଡିଶା ପରିଷଦର ନୂଆ ଅଧ୍ୟକ୍ଷ ଭାବେ ରାଜୀବ କୁମାର, ଉପାଧ୍ୟକ୍ଷ ଭାବେ ମନୀଷ ଖର୍ବାଣ୍ଡା ନିର୍ବାଚିତ ହୋଇଥିଲେ। ପରିଷଦର ଅଧ୍ୟକ୍ଷ ରଞ୍ଜନ କୁମାର ମହାପାତ୍ରଙ୍କ ସମେତ ଅନ୍ୟ ଅଂଶୀଦାରମାନେ ଏହି ଅବସରରେ ଉପସ୍ଥିତ ଥିଲେ।

- ସିଆଇଆଇ ବାର୍ଷିକ ଉତ୍ସବରେ ଏମ୍ଏସ୍ଏମ୍ଇ ମନ୍ତ୍ରୀଙ୍କ ସୂଚନା
- ସମ୍ପ୍ରସାରଣ ହେବ ବିଭିନ୍ନ ଶିଳ୍ପ ପାର୍କ
- ଅଧିକ ଶିଳ୍ପ ପାର୍କ ସ୍ଥାପନ ଯୋଜନା
- ପ୍ରତିଷ୍ଠା ହେବ ୫ ନୂଆ ଫୁଡ୍ ପାର୍କ
- ୩୦ ଜିଲାରେ ଏମ୍ଏସ୍ଏମ୍ଇ ପାର୍କ ସ୍ଥାପନ ଯୋଜନା

# ବିଗ୍ ବଜାର ପକ୍ଷରୁ ଦି ଗ୍ରେଟ୍ ଏକ୍ସଚେଞ୍ଜ

ଭୁବନେଶ୍ୱର, ୨୬–୨

ବିଗ୍ ବଜାର ପକ୍ଷରୁ ଦି ଗ୍ରେଟ ଏକ୍ସଚେଞ୍ଜ ଅଫର ଘୋଷଣା କରାଯାଇଛି। ଚଳିତ ବର୍ଷ ମାର୍ଚ୍ଚ ୧୦ ଯାଏ ଗ୍ରାହକ ଏହି ଅଫରର ଲାଭ ଉଠାଇପାରିବେ। ଏହି ଅଫର ସମୟରେ ଗ୍ରାହକ ସେମାନଙ୍କ ପୁରୁଣା ସାମଗ୍ରୀକୁ ବଦଳାଇ ଆକର୍ଷଣୀୟ ରିହାତି କୁପନ ଲାଭ କରିପାରିବେ। ଏହି କୁପନକୁ ବ୍ୟବହାର କରି ନୂଆ ଜିନିଷ କିଣିବାରେ ସକ୍ଷମ ହେବେ। ଗ୍ରାହକ ପୁରୁଣା ଖବରକାଗଜ ଲାଗି କିଲୋ ପିଛା ୫୦ ଟଙ୍କା, ବାସନକୁଶନ କିଲୋ ପିଛା ୩୦୦ ଟଙ୍କା, ଇଲେକଟ୍ରୋନିକ ଉପକରଣରେ ସାମଗ୍ରୀ ପିଛା ୫୦୦୦ ଟଙ୍କା ରିହାତି ପାଇ ପାରିବେ। ମାର୍ଚ୍ଚ ୧୦ ତାରିଖ ପର୍ଯ୍ୟନ୍ତ ୫୦ ଟଙ୍କା, ୧୦୦ ଟଙ୍କା ଏବଂ ୨୫୦ ଟଙ୍କାର ରିହାତି କୁପନ ଗ୍ରାହକ ଲାଭ କରିପାରିବେ। ଗ୍ରାହକଙ୍କୁ ଉତ୍ତମ ଲାଭ ପ୍ରଦାନ କରିବାକୁ ଧ୍ୟାନରେ ରଖି ଏଭଳି ଏକ ଅଫର ଡିଜାଇନ କରାଯାଇଥିବା ବିଗ୍ ବଜାରର ସିଇଓ ସଦାଶିବ ନାୟକ କହିଛନ୍ତି।




# ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସୁରକ୍ଷା ସୁନିଶ୍ଚିତ କରନ୍ତୁ

## ଅର୍ଥର ଅର୍ଥ



CERTIFIED FINANCIAL PLANNER[CM], CHARTERED WEALTH MANAGER
"Director, SmartFin Wealth Management Pvt. Ltd."

'ଧରିତ୍ରୀ' ପକ୍ଷରୁ 'ଅର୍ଥର ଅର୍ଥ' ଶୀର୍ଷକ ଫାଇନାନ୍‌ସିଆଲ କାଉନ୍‌ସେଲିଂ ପ୍ରଶ୍ନୋତ୍ତର ସ୍ତମ୍ଭ ଗୁରୁବାର ପ୍ରକାଶ ପାଉଛି। ତେଣୁ ଆମର ପ୍ରିୟ ପାଠକବନ୍ଧୁ ଆପଣ କ୍ୟାପିଟାଲ ମାର୍କେଟ, ଶେୟାର ବଜାର, ବ୍ୟାଙ୍କିଙ୍ଗ୍, ମ୍ୟୁଚୁଆଲ ଫଣ୍ଡ ତଥା ବ୍ୟକ୍ତିଗତ ଫାଇନାନ୍ସ ଉପରେ ପ୍ରଶ୍ନ ଆମକୁ ଚିଠି ମାଧ୍ୟମରେ ପଚାରି ପାରିବେ।

**◆ ମୋ ବାପାଙ୍କ ବୟସ ୫୮ ବର୍ଷ। ଗତବର୍ଷ ବାପାଙ୍କ ପାଇଁ ୧ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ପଲିସି କିଣିଛି। ଏହା କ'ଣ ଯଥେଷ୍ଟ ହେବ? କେତେ ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସି କିଣିବା ଉଚିତ୍ ହେବ? ମୋ ପରିବାର ପାଇଁ ଏ ପର୍ଯ୍ୟନ୍ତ କିଛି ସ୍ୱାସ୍ଥ୍ୟବୀମା ପଲିସି କିଣି ନାହିଁ?**

– ମାନସ ସିଂହ, କୋରାପୁଟ

■ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଦିନକୁ ଦିନ ବଢ଼ି ଚାଲିଛି । ଏଭଳି ସମୟରେ କେବଳ ଆର୍ଥିକ ଯୋଜନା ପ୍ରସ୍ତୁତ କରି ନିଜର ଆର୍ଥିକ ସ୍ଥିତି ସୁରକ୍ଷିତ କରିପାରିବେ। ବର୍ତ୍ତମାନ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ମୁଦ୍ରାସ୍ଫୀତିର ବାର୍ଷିକ ହାର ୧୦–୧୫%। ଏହା ସାଧାରଣ ମୁଦ୍ରାସ୍ଫୀତି ହାର ଠାରୁ ବହୁତ ଅଧିକ। ପ୍ରତ୍ୟେକ ବର୍ଷ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ବାର୍ଷିକ ୧୦–୧୫% ହିସାବରେ ବଢ଼ି ଚାଲିଛି। ତେଣୁ, ପ୍ରତ୍ୟେକ ବ୍ୟକ୍ତି ନିଜର ଓ ପରିବାର ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପଲିସି କିଣିନେବା ଉଚିତ ହେବ। ଆପଣଙ୍କ ବାପାଙ୍କ ପାଇଁ ନେଇଥିବା ସ୍ୱାସ୍ଥ୍ୟବୀମା ସୁରକ୍ଷା ୧ ଲକ୍ଷ ଟଙ୍କା ବହୁତ କମ୍ ହୋଇଯାଇଛି। ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚକୁ ଦୃଷ୍ଟି ଦେଲେ ଆପଣ ଅଧିକ ବୀମା ସୁରକ୍ଷା ନେବା ଉଚିତ।

ଯାହାହେଲେ ମଧ୍ୟ କିଛି ସାଂଘାତିକ ଅସୁସ୍ଥତା ଯାହା ବହୁ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ। ପ୍ରାୟତଃ ଏକ ଦୀର୍ଘକାଳୀନ ଚିକିତ୍ସା ଲାଗି ରହିଥାଏ ଓ କିଛି କିଛି କ୍ଷେତ୍ରରେ ଏହା ୧୦ ବର୍ଷ କିମ୍ବା ତାଠାରୁ ଅଧିକ ଲାଗିଥାଏ। ଏହି ପ୍ରକାର ଚିକିତ୍ସାକୁ ଆମେ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ଚିକିତ୍ସା ଓ ଯତ୍ନର ଆବଶ୍ୟକତା ଅନୁଭବ କରିଥାଉ। ବର୍ତ୍ତମାନ ଭାରତ ବର୍ଷରେ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ଚିକିତ୍ସା ଖର୍ଚ୍ଚ ଓ ଯତ୍ନ ପାଇଁ କିଛି ବି ସ୍ୱାସ୍ଥ୍ୟବୀମା ପଲିସ ଉପଲବ୍ଧ ନାହିଁ। ଏକ୍ଷେତ୍ରରେ ଆଗୁଆ ପ୍ରସ୍ତୁତ ରହିବା ନିହାତି ଜରୁରୀ।

**ଦୀର୍ଘକାଳୀନ ଚିକିତ୍ସା ଖର୍ଚ୍ଚ ଓ ଯତ୍ନକୁ କିପରି କୌଶଳର ସହ ସମାଧାନ କରିବେ**

- ଆପଣଙ୍କ ଜୀବନରେ ଯେତେ ଶୀଘ୍ର ସମ୍ଭବ ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସି କିଣି ନେବା ଉଚିତ।
- ଯେତେବେଳେ ଆପଣଙ୍କ ବାର୍ଷିକ ଆୟର ବୃଦ୍ଧି ହେଉଛି ସେତେବେଳେ ସ୍ୱାସ୍ଥ୍ୟବୀମା ସୁରକ୍ଷା ରାଶି ବୃଦ୍ଧି କରି ନିଅନ୍ତୁ।
- ଡାଏବେଟିସ କିମ୍ବା ହୃତ୍‌ପିଣ୍ଡ ଜନିତ ରୋଗ ପାଇଁ ଆପଣ ସାଂଘାତିକ ରୋଗ ସୁରକ୍ଷା ଟପ୍‌ଅପ୍ କିଣି ନିଅନ୍ତୁ।
- ଭଲ ସ୍ୱାସ୍ଥ୍ୟଗତ ଜୀବନଶୈଳୀ ଚାଲୁରଖିବା ପାଇଁ ସ୍ୱାସ୍ଥ୍ୟ ବୀମା କମ୍ପାନୀ ପ୍ରଦାନ କରୁଥିବା ପ୍ରୋତ୍ସାହନକୁ ଦୃଷ୍ଟି ଦେଇ ସ୍ୱାସ୍ଥ୍ୟବୀମା ପଲିସି କିଣି ନିଅନ୍ତୁ।
- କିଛି ସ୍ୱାସ୍ଥ୍ୟବୀମା କମ୍ପାନୀ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା ଖର୍ଚ୍ଚସବୁ ମାଗଣା ପ୍ରଦାନ କରୁଛନ୍ତି। ଏସବୁ କମ୍ପାନୀରୁ ସ୍ୱାସ୍ଥ୍ୟ ବୀମା କିଣିବା ପସନ୍ଦକୁ ଦୃଷ୍ଟି ଦେଇ ପାରନ୍ତି।
- ଯଦି ଆପଣ ବରିଷ୍ଠ ନାଗରିକ ତେବେ ପଲିସର କୋ–ପେମେଣ୍ଟ ଓ ସବ୍–ଲିମିଟ୍‌କୁ ଦୃଷ୍ଟି ଦେଇପାରନ୍ତି।
- ସବୁବେଳେ ଦୀର୍ଘକାଳୀନ ସ୍ୱାସ୍ଥ୍ୟବୀମା ପଲିସିକୁ ଦୃଷ୍ଟି ଦିଅନ୍ତୁ ଯାହାକି ଆପଣଙ୍କ ଦୀର୍ଘକାଳୀନ ହିସାବରେ ପଲିସ ନବୀକରଣ କରିପାରିବେ।
- ପଲିସି ନେବା ପୂର୍ବରୁ ସ୍ୱାସ୍ଥ୍ୟବୀମା କମ୍ପାନୀର ବିଗତ ବର୍ଷର ସ୍ୱାସ୍ଥ୍ୟବୀମା ଦାବି ପରିଶୋଧ ଅନୁପାତକୁ ଦୃଷ୍ଟି ଦିଅନ୍ତୁ।

ଉପଯୁକ୍ତ ଆର୍ଥିକ ଯୋଜନା ହିଁ ଆପଣଙ୍କ ଦୀର୍ଘକାଳୀନ ସ୍ୱାସ୍ଥ୍ୟଗତ ଚିକିତ୍ସା ଓ ଯତ୍ନର ଖର୍ଚ୍ଚକୁ କୌଶଳର ସହିତ ସମାଧାନ କରିବାରେ ସାହାଯ୍ୟ କରିବ। ଏହାର କାରଣ ହେଉଛି ଯେତେବେଳେ ମେଡିକାଲ ଜରୁରିକାଳୀନ ଖର୍ଚ୍ଚ ଆସିବ ସେତେବେଳେ ଆର୍ଥିକ ଦୃଷ୍ଟିରୁ ପ୍ରସ୍ତୁତ ରହିବା ଓ ସ୍ୱାସ୍ଥ୍ୟବୀମା ସୁରକ୍ଷା ପଲିସ କିଣିଥିବା ହିଁ ମୂଳମନ୍ତ୍ର।

**◆ ମୋର ଅବସରକାଳୀନ ପାଣ୍ଠି ଗଠନ ପାଇଁ ଏକ ପଲିସି କିଣିଛି । କିନ୍ତୁ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ ନିବେଶ କରିବାକୁ ଚାହୁଁଛି । କ'ଣ ଏହା ଉଚିତ୍ ହେବ? ସବୁ ସୁବିଧା ଏହି ସ୍କିମ୍‌ରେ ଅଛି । ବାର୍ଷିକ ୧୫୦୦୦/– ଟଙ୍କା ସଞ୍ଚୟ କରିବା କେତେ ଟଙ୍କା ପାଇପାରିବି?**

– ମାନସୀ ମିଶ୍ର, ବଲାଙ୍ଗୀର

■ ପବ୍ଲିକ ପ୍ରୋଭିଡେଣ୍ଟ ଫଣ୍ଡ (ପିପିଏଫ)ର ବର୍ତ୍ତମାନ ବାର୍ଷିକ ୭.୯% ସୁଧହାର ଅଛି । ଏହି ସ୍କିମର ସମସ୍ତ ସୁଧରାଶି ଆୟକର– ମୁକ୍ତ ଏବଂ ନିବେଶ ରାଶିକୁ ୟୁ/ଏସ୍ ୮୦ସି ଅନୁଯାୟୀ ଆୟକର ଛାଡ ପାଇଁ ଦାବି କରିପାରିବେ । ଯଦି ଆପଣ ବାର୍ଷିକ ୧୫୦୦୦ ଟଙ୍କା ସଞ୍ଚୟ କରନ୍ତି ଓ ବାର୍ଷିକ ୭.୯% ସୁଧହାର ଅନୁଯାୟୀ ୧୫ ବର୍ଷ ପରେ ଆପଣ ୪.୩୬ଲକ୍ଷ ଏକ ପାଣ୍ଠି ଗଠନ କରିପାରିବେ । ପିପିଏଫ୍‌ର ସୁଧହାରକୁ କେନ୍ଦ୍ର ସରକାର ପ୍ରତ୍ୟେକ ତ୍ରୈମାସିକ ସମୀକ୍ଷା ବୈଠକରେ ସ୍ଥିର କରନ୍ତି । ତେଣୁ ସୁଧହାର ପିପିଏଫ୍ ସ୍କିମରେ ସ୍ଥାୟୀ ନୁହେଁ ।

**◆ ମୁଁ ଏକ ଗୃହଋଣ ଆବେଦନ କରିଥିଲି ଓ ମୋତେ ବାରମ୍ବାର ଜୀବନ ବୀମା କିଣିବା ପାଇଁ କୁହାଯାଉଛି । କ'ଣ ଏହା ଏକାନ୍ତ ଅପରିହାର୍ଯ୍ୟ ? ଦୟାକରି ଏ ବିଷୟରେ ପରାମର୍ଶ ଦେବେ?**

– ଅକ୍ଷୟ ସାହୁ,କଟକ

■ ଆପଣ ଯେହେତୁ ଗୃହଋଣ ନେଇ ଏକ ଫ୍ଲାଟ କିମ୍ବା ଜମି କିଣୁଛନ୍ତି । କିନ୍ତୁ ଗୃହଋଣ ନେବା କ୍ଷେତ୍ରରେ ଏହା ଆବଶ୍ୟକ ଓ ବାଞ୍ଛନୀୟ ମଧ୍ୟ। ଯଦି କୌଣସି କାରଣରୁ ଆପଣ ଗୃହଋଣ ପରିଶୋଧ କରିବାରେ ଅସମର୍ଥ ହେବେ (ଅର୍ଥାତ୍ ଆପଣଙ୍କ ଅକାଳମୃତ୍ୟୁ ହୋଇଯାଇପାରେ) ସେ କ୍ଷେତ୍ରରେ ବୀମା ଜମା ହିଁ ଏହାକୁ ପରିଶୋଧ କରିବ।

ଆମ ଠିକଣା
ବିଜ୍‌ନେସ ଧରିତ୍ରୀ
ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ,
ଭୁବନେଶ୍ୱର – ୧୦

# ଶୁଭ୍ରକାନ୍ତ ପଣ୍ଡା ଫିକି ମାନୁଫାକ୍‌ଚରିଂ କମିଟି ଅଧ୍ୟକ୍ଷ



ଭୁବନେଶ୍ୱର, ୨୬–୨

ଇଣ୍ଡିଆନ ମେଟାଲ ଆଣ୍ଡ ଫେରୋ ଆଲଏଜ ଲିମିଟେଡ(ଇମ୍ଫା)ର ଏମ୍‌ଡି ଶୁଭ୍ରକାନ୍ତ ପଣ୍ଡା ଶିଳ୍ପ ସଂଘ ଫିକିର ଜାତୀୟ ମାନୁଫାକ୍‌ଚରିଂ କମିଟି ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ୧୯୨୭ରେ ସ୍ଥାପନ ହୋଇଥିବା ଫିକି ଦେଶର ଏକ ପ୍ରମୁଖ ତଥା ବୃହତ୍ ଶିଳ୍ପ ସଂଘ। ନୀତି ନିର୍ଦ୍ଧାରଣ, ନୀତି ନିର୍ଦ୍ଧାରକ, ସିଭିଲ ସୋସାଇଟି ସହ ଆଲୋଚନା, ପର୍ଯ୍ୟାଲୋଚନା ସହ ଫିକି ଶିଳ୍ପ ସହ ଜଡିତ ବିଭିନ୍ନ ପ୍ରସଙ୍ଗ ଉପରେ କାର୍ଯ୍ୟ କରି ଆସିଛି। ସେହିଭଳି ଭାଲ୍ୟୁ ଆଡେଡ୍ ଫେରୋକ୍ରମ ପ୍ରଭୃତି ଦିଗରେ ଇମ୍ଫା ଏକ ପରିଚିତ ନାମ।ମାନୁଫାକଚରିଂ ଫାସିଲିଟି ଏବଂ କ୍ୟାପ୍ଟିଭ ଖଣି ସହ ଏହା କାର୍ଯ୍ୟ କରିଛି। ଏହି ସୁଯୋଗ ଲାଭ କରି ଅତ୍ୟନ୍ତ ସମ୍ମାନିତ ଅନୁଭବ କରୁଥିବା ଶୁଭ୍ରକାନ୍ତ ପଣ୍ଡା କହିଛନ୍ତି। ମାନୁଫାକଚରିଂ ଦେଶର ଏକ ପ୍ରମୁଖ କ୍ଷେତ୍ର ହୋଇଥିବା ବେଳେ ଏହା ଜିଡିପି ଏବଂ ନିଯୁକ୍ତି କ୍ଷେତ୍ରକୁ ଉଲ୍ଲେଖନୀୟ ଯୋଗଦାନ ରଖୁଛି। ଏକ୍ଷେତ୍ରରେ ରାଜ୍ୟରେ ଥିବା ସମ୍ଭାବନାକୁ ନିବେଶକ ଗୋଷ୍ଠୀ ଏବଂ ଅଂଶୀଦାରଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଦିଗରେ କାର୍ଯ୍ୟକ୍ରମ ଜାରି ରହିବ ବୋଲି ପଣ୍ଡା ମତପ୍ରକାଶ କରିଛନ୍ତି।

CLASSIFIED DISPLAY
ALL EDITION - B/W (Everyday)
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

DHANLAXMI FINANCE
DHANLAXMIଋଣ 2%ବାର୍ଷିକ ସୁଧରେ ମାତ୍ର ୨୪ ଘଣ୍ଟାରେ ଘରେବସି ପାଆନ୍ତୁ
ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ
ଯେବେ କଉଠି ନ ମିଳେ ଲୋନ୍ ଆମକୁ କରନ୍ତୁ ଫୋନ୍
Plot No-14/524, Chandini Chowk, Kolkata
8146524009
9992204863

JAGRUTI FINANCE
Jagruti Finance ସମସ୍ତ ପ୍ରକାର Loan ଯୋଗାଇ ଦେଉଛି । ସୁଧ 2%, ବିଶେଷ ରିହାତି ଅଛି । ମାର୍କଶିଟ୍, କୃଷି, ବ୍ୟକ୍ତିଗତ ଗୃହଋଣ, ବ୍ୟବସାୟ ଓ ପଶୁପାଳନ। Online ସୁବିଧା ଅଛି ।
8280202796
7750826959
8763049235
T-62, Yamuna puri, Exit Delhi, Gosainpada, Mahulpalli, Sambalpur-768227

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
୦୮୭୬୫୪୧୪୪୮୧, ୦୯୧୨୬୩୪୪୯୮୦

ସରସ ଫାଇନାନ୍ସ
ଋଣ ନିଅନ୍ତୁ ମାତ୍ର ୨୪ ଘଣ୍ଟାରେ
ସମସ୍ତ ଯୋଜନା ଅଧୀନରେ
ପ୍ରପର୍ଟି, ମାର୍କଶିଟ୍, ପର୍ସନାଲ ଆଧାର ଲୋନ, ପଶୁପାଳନ, ବିଜ୍‌ନେସ୍ ଏବଂ ଘର ଋଣ
ସହଜ କିସ୍ତିରେ ସବୁ ପ୍ରକାର ଋଣ ଉପଲବ୍ଧ
Online ସୁବିଧା, ଥରେ ମାତ୍ର ବିଶ୍ୱାସ କରି ଦେଖନ୍ତୁ
ସମସ୍ତ ପ୍ରକାର ଋଣ ଘରେ ବସି ପାଆନ୍ତୁ
8595495741
8595477915
Email: sarasfinance77@gmail.com

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
78950-82886
73765-91521
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ | 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
9990624548
7982465910

COLOR DISPLAY CLASSIFIED on every Tuesday & Friday

| SIZE | 15 days | 8 days | 4 days | Single day |
|---|---|---|---|---|
| 6 X 8 | 40,000 | 20,000 | 11,000 | 2,800 |

GST 5% will be added extra

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9903852257
9818298397

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଆଜି ହିଁ ସଂମ୍ପର୍କ କରନ୍ତୁ
R-25/8, Krishna Apartment, MG Road Bengaluru, Karnataka 560076
Email: galaxytower1999@gmail.com
WhatsApp No 9479667248

Harpreet Corporation Digital Company
Required Land / Roof / Khet in Village and City Digital Tower Installation + Advance 65 Lakh + Rent 45 Thousand +
Contact :- 9811014559

ଡିଜିଟାଲ ଇଣ୍ଡିଆ ସ୍କିମ୍ ଦ୍ୱାରା ନିଜ ଖାଲି ଜମି, ଛାତରେ ଟାୱାର୍ ଲଗାନ୍ତୁ (ଅଗ୍ରିମ–60,00,000) ଭଡ଼ା 45,000। ସରକାରୀ ନିର୍ଦ୍ଦେଶ– କୌଣସି ଟାୱାର/ ଫାଇନାନ୍ସ କମ୍ପାନୀ ସହ କଥାବାର୍ତ୍ତା ଚାଲିଥିଲେ ପ୍ରଥମେ କଲ୍ କରି ସୂଚନା ନିଅନ୍ତୁ ଯେ କମ୍ପାନୀ ଠିକ୍ କି ନୁହେଁ ଏବଂ ଅଭିଯୋଗ କରି ଟଙ୍କା ଫେରସ୍ତ ପାଆନ୍ତୁ (ଅଟକି ରହିଥିବା କାମ ସମ୍ପୂର୍ଣ୍ଣ କରାନ୍ତୁ ଏବଂ ଟାୱାର ମଧ୍ୟ ଲଗାନ୍ତୁ) ।
ମୋ. 9411277198

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପଦକ ଖାତା ଖୋଲିଲା ଓଡ଼ିଶା

**କିଟ୍‌କୁ ୩ ପଦକ**
- ରିକର୍ଭ ପୁରୁଷ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ
- ରଞ୍ଜିତଙ୍କୁ ରୌପ୍ୟ
- କୁମ୍ଭେଶ୍ୱର ମଲିକଙ୍କୁ ବ୍ରୋଞ୍ଜ

**ବ୍ରହ୍ମପୁରକୁ ୧**
- ପ୍ରମିଳା କିର୍ସାନୀଙ୍କୁ ରୌପ୍ୟ


ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ସହ ରଞ୍ଜିତ ନାୟକ

**ସଂକ୍ଷେପରେ...**
ନାମ: ରଞ୍ଜିତ ନାୟକ
ଜନ୍ମ: ୧୯୯୭ ମେ ୩
ବାସସ୍ଥାନ: ଯାଦବାଣୀ ଗ୍ରାମ, ମୟୂରଭଞ୍ଜ
କୋଚ୍: ରାଜେଶ ହାଁସଦା

ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି)

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୬ଷ୍ଠ ଦିବସରେ ପଦକ ହାସଲ କରି ଓଡ଼ିଶାକୁ ଗର୍ବିତ କରିଛନ୍ତି କିଟ୍ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀ। ଏଥିସହିତ ଉଭୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗିତାରେ ପଦକ ଖାତା ଖୋଲିଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନରତ ରଞ୍ଜିତ ନାୟକ ଆର୍ଚେରୀ ଇଭେଣ୍ଟରୁ ୧ ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ ଜିତି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ରିକର୍ଭ ପୁରୁଷ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରି ଅଭିଯାନ ଆରମ୍ଭ କରିଥିଲେ ରଞ୍ଜିତ। ଫାଇନାଲ ମୁକାବିଲାରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟର ଉତ୍କର୍ଷଙ୍କ ସହିତ ରଞ୍ଜିତଙ୍କ ମୁକାବିଲା ହୋଇଥିଲା। ଏଥିରେ ରଞ୍ଜିତ ୧୩୨ ପଏଣ୍ଟ ହାସଲ କରି ରୌପ୍ୟ ଏବଂ ଉତ୍କର୍ଷ ୧୩୬ ପଏଣ୍ଟ ସହିତ ସ୍ୱର୍ଣ୍ଣ ପଦକ ପାଇଥିଲେ।

ରିକର୍ଭ ପୁରୁଷ ଟିମ୍ ଇଭେଣ୍ଟରେ କିଟ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏହାର ସଦସ୍ୟ ଭାବେ ରଞ୍ଜିତ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। ଏହି ଦଳର ଅନ୍ୟ ଦୁଇ ସଦସ୍ୟ ହେଲେ ସୂର୍ଯ୍ୟମଣି ମାଝି ଓ ଶ୍ରବଣ କୁମାର ମାନ୍ଦାଗି। ଫାଇନାଲରେ କିଟ୍ ସହିତ ପଞ୍ଜାବୀ ବିଶ୍ୱବିଦ୍ୟାଳୟର ମୁକାବିଲା ହୋଇଥିଲା। ପୱନ, ଉତ୍କର୍ଷ ଓ ଲଳିତ ଜୈନ ପଞ୍ଜାବୀ ବିଶ୍ୱବିଦ୍ୟାଳୟର ସଦସ୍ୟ ଥିଲେ। ସ୍ୱର୍ଣ୍ଣ ପଦକ ମୁକାବିଲାରେ କିଟ୍ ଦଳ ୧୬୨ ପଏଣ୍ଟ ସ୍କୋର କରିଥିଲା। ପଞ୍ଜାବୀ ବିଶ୍ୱବିଦ୍ୟାଳୟ ୧୫୪ ପଏଣ୍ଟ ସହିତ ରୌପ୍ୟ ପଦକରେ ସୀମିତ ରହିଥିଲା।

## କୁମ୍ଭେଶ୍ୱରଙ୍କୁ ବ୍ରୋଞ୍ଜ

ଭାରୋତ୍ତୋଳନ ଇଭେଣ୍ଟରୁ କିଟ୍ ତୃତୀୟ ପଦକ ପାଇଛି। କୁମ୍ଭେଶ୍ୱର ମଲିକ ଭାରୋତ୍ତୋଳନର ପୁରୁଷ ୫୫ କେଜି ବିଭାଗରେ ମୋଟ ୨୧୦ କେଜି ଭାର ଉଠାଇ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୯୨ ଏବଂ କ୍ଲିନ୍ ଆଣ୍ଡ ଜର୍କରେ ୧୧୮ କେଜି ଭାରୋତ୍ତୋଳନ କରିଥିଲେ। ଶିବାଜୀ ବିଶ୍ୱବିଦ୍ୟାଳୟ, ମହାରାଷ୍ଟ୍ରର ସଙ୍କେତ ମହାଦେବ ସାଗର ୨୪୪(୧୦୬+୧୩୮) କେଜି ସହ ସ୍ୱର୍ଣ୍ଣ ଏବଂ କବୟିତ୍ରୀ ବାହିନବାଇ ଚୌଧାରୀ ନର୍ଥ ମହାରାଷ୍ଟ୍ର ବିଶ୍ୱବିଦ୍ୟାଳୟର ପ୍ରଶାନ୍ତ ସୁରେଶ କୋଲି ୨୪୩(୧୧୦+୧୩୩) କେଜି ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି।

## ସଙ୍କେତ, ପ୍ରଶାନ୍ତଙ୍କ ଜାତୀୟ ରେକର୍ଡ

ପୁରୁଷ ୫୫ କେଜି ଭାରୋତ୍ତୋଳନରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିବା ଅବସରରେ ସଙ୍କେତ ମହାଦେବ ସାଗର ଓ ପ୍ରଶାନ୍ତ ସୁରେଶ କୋଲି ଜାତୀୟ ରେକର୍ଡ ଭାଙ୍ଗିଛନ୍ତି। ସଙ୍କେତ କ୍ଲିନ୍ ଆଣ୍ଡ ଜର୍କରେ ୧୩୮ ଓ ମୋଟ ୨୪୪ କେଜି ଭାର ଉଠାଇବା ସହ ୨ଟି ଜାତୀୟ ରେକର୍ଡର ଅଧିକାରୀ ହୋଇଛନ୍ତି। କ୍ଲିନ୍ ଆଣ୍ଡ ଜର୍କରେ ପୂର୍ବରୁ ମହାରାଷ୍ଟ୍ରର ଶୁଭମ୍ ତୋଦକର ରେକର୍ଡର ଅଧିକାରୀ ଥିଲେ। ସେହିପରି ମଣିପୁରର ରିଷିକାନ୍ତ ସିଂ ଏହି ଓଜନ ବର୍ଗରେ ମୋଟ ଭାରୋତ୍ତୋଳନରେ ରେକର୍ଡଧାରୀ ଥିଲେ। ସେହିପରି ସ୍ନାଚ୍‌ରେ ୧୧୦ କେଜି ଭାର ଉଠାଇ କୋଲି ପୂର୍ବ ରେକର୍ଡଧାରୀ ପଣ୍ଡିଚେରୀର ଆର. ମାଧବନଙ୍କୁ ପଛରେ ପକାଇ ଦେଇଥିଲେ।

### ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ଖୁସି

"ମୁଁ ଜାତୀୟ ରେକର୍ଡ ଭାଙ୍ଗିବା ପାଇଁ ବ୍ୟଗ୍ର ଥିଲି। ମୁଁ ଏହା ପୂର୍ବରୁ ଅନୁଷ୍ଠିତ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ମଧ୍ୟ ସ୍ୱର୍ଣ୍ଣ ପଦକ ଜିତିଥିଲି। ମୁଁ ପୂର୍ବରୁ ଏତେ ଓଜନ କେବେ ଟେକି ନ ଥିଲି। ଜାତୀୟ ରେକର୍ଡ ଭାଙ୍ଗିଥିବାରୁ ମୁଁ ବହୁତ ଖୁସି। ଏଥିପାଇଁ ମୁଁ ନିଜକୁ ଭଲଭାବେ ପ୍ରସ୍ତୁତ କରିଥିଲି" ବୋଲି ୧୯ ବର୍ଷୀୟ ସଙ୍କେତ ପ୍ରକାଶ କରିଛନ୍ତି। ନିଜ ସମ୍ପ୍ରଦାୟରେ ଅନେକେ ଭାରୋତ୍ତୋଳନ କରୁଥିବାରୁ ସେ ସେଥିପ୍ରତି ଆକୃଷ୍ଟ ହୋଇଥିବା ପ୍ରକାଶ କରିଛନ୍ତି ସଙ୍କେତ। " ମୁଁ ୭ମ ଶ୍ରେଣୀରେ ପଢ଼ିବା ବେଳରୁ ଭାରୋତ୍ତୋଳନ ସମ୍ପର୍କରେ ଜ୍ଞାନ ଆହରଣ କରି ଆସୁଛି। ମୁଁ ପ୍ରଥମେ ଭାରୋତ୍ତୋଳନ କରିବାବେଳେ ସମସ୍ତେ ପ୍ରଶଂସା କରୁଥିଲେ। ତେଣୁ ମୋତେ କେବଳ ଭାରୋତ୍ତୋଳନ ବାର୍ ହିଁ ଦେଖା ଯାଉଥିଲା। ପ୍ରଦର୍ଶନ ଭିତ୍ତିରେ ମୁଁ ପଟିଆଲାସ୍ଥିତ ନ୍ୟାଶନାଲ କ୍ୟାମ୍ପକୁ ମନୋନୀତ ହୋଇଥିଲି ଏବଂ ସେଠାରୁ ଆଗକୁ ବଢ଼ୁଛି" ବୋଲି ସଙ୍କେତ କହିଛନ୍ତି।



ପୋଡିୟମ ଉପରେ (ବାମରୁ) ପ୍ରଶାନ୍ତ କୁମାର କୋଲି, ସଙ୍କେତ ମହାଦେବ ସାଗର ଓ କୁମ୍ଭେଶ୍ୱର ମଲିକ।

### ଛେଳି ଟେକୁଟେକୁ ଭାରୋତ୍ତୋଳନ

କୋହ୍ଲାପୁର ନିକଟସ୍ଥ ସାଙ୍ଗଲିରୁ ଆସିଥିବା ପ୍ରଶାନ୍ତ ମଧ୍ୟ ନିଜ ପ୍ରଦର୍ଶନରେ ବେଶ୍ ଉତ୍ସାହିତ। ଅଳ୍ପକେ ସ୍ୱର୍ଣ୍ଣ ପଦକ ହାସଲରୁ ବଞ୍ଚିତ ହୋଇଥିଲେ ହେଁ ସେ ଦୁଃଖିତ ନୁହନ୍ତି। "ମୁଁ ଏହି ଖେଳିକୁ ଯଦି କାହା ପାଇଁ ଆସିଛି ସେ ହେଉଛନ୍ତି ମୋ ସମ୍ପର୍କୀୟ ଭାଇ। ସେ ଜଣେ ଭାରୋତ୍ତୋଳକ ଏବଂ କୋଚ୍। ପଢ଼ିଆରେ ମୁଁ ଛେଳି ଟେକୁଥିବାବେଳେ ସେ ଦିନେ ସେ ମୋତେ ଦେଖିଥିଲେ। ସେଠାରେ ସେ ମୋତେ ଆସି ଟ୍ରେନିଂ ନେବାକୁ କହିଥିଲେ। ସେ ମୋ ପ୍ରତିଭା ଚିହ୍ନଟ କରି ସୁଯୋଗ ଦେଇଥିବାରୁ ସମସ୍ତ ଶ୍ରେୟ ତାଙ୍କୁ ଦେବାକୁ ଚାହିଁବି" ବୋଲି ୨୦ ବର୍ଷୀୟ ପ୍ରଶାନ୍ତ ପ୍ରକାଶ କରିଛନ୍ତି। ସେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସରେ ଭାଗ ନେଇଥିଲେ ହେଁ ପଦକ ପାଇ ନ ଥିଲେ। "ମୁଁ ଅସୁସ୍ଥତାରୁ ଅଳ୍ପଦିନ ମୁକୁଳିବାପରେ ୟୁଥ୍ ଗେମ୍ସରେ ଭାଗ ନେଇଥିଲି। ତେଣୁ ପଦକ ପାଇ ନ ଥିଲି। ଏଠାରେ କିନ୍ତୁ ପଦକ ଜିତିବି ବୋଲି ଦୃଢ଼ ଆଶାୟୀ ଥିଲି। ପଦକ ଜିତିବା ସହିତ ରେକର୍ଡର ଅଧିକାରୀ ହୋଇଥିବାରୁ ମୁଁ ବହୁତ ଆନନ୍ଦିତ" ବୋଲି ପ୍ରଶାନ୍ତ କହିଛନ୍ତି।

# ଆନ୍ଧ୍ର, ଜୈନ ଚାମ୍ପିୟନ

**ଖେଲୋ ଇଣ୍ଡିଆ ବ୍ୟାଡ୍‌ମିଣ୍ଟନ**

କଟକ ଅଫିସ,୨୬।୨

ସ୍ଥାନୀୟ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟ ବୁଧବାର ଶେଷ ହୋଇଛି। ଏହି ଇଭେଣ୍ଟର ପୁରୁଷ ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ଓ ମହିଳା ବର୍ଗରେ ଜୈନ ବିଶ୍ୱବିଦ୍ୟାଳୟ ଚାମ୍ପିୟନ ହୋଇଛି। ଗୁରୁବାରଠାରୁ ଏଠାରେ ଟେବୁଲ ଟେନିସ୍ ପ୍ରତିଯୋଗିତା ଆରମ୍ଭ ହେବ।



ମହିଳା ବ୍ୟାଡ୍‌ମିଣ୍ଟନ ଦଳଗତ ଚାମ୍ପିୟନ ଜୈନ ବିଶ୍ୱବିଦ୍ୟାଳୟ ଦଳ ଅତିଥିଙ୍କ ସହ।

ପୁରୁଷ ବର୍ଗରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ୩-୧ ସେଟ୍‌ରେ ପଞ୍ଜାବ ବିଶ୍ୱବିଦ୍ୟାଳୟକୁ ହରାଇଥିଲା। ପଞ୍ଜାବର କାର୍ତ୍ତିକ ଜିନ୍ଦଲ ୨୧-୭, ୨୧-୬ ପଏଣ୍ଟରେ ଆନ୍ଧ୍ରପ୍ରଦେଶ ଦଳର ପ୍ରଣୟ ରେଡ୍ଡୀଙ୍କୁ ହରାଇ ପ୍ରଥମ ସେଟରେ ଅଗ୍ରଣୀ ନେଇଥିଲେ। ପରବର୍ତ୍ତୀ ସେଟ୍‌ରେ ଆନ୍ଧ୍ରର ଜଗଦୀଶ କଲାଗା ୨୧-୧୬, ୨୧-୧୯ ପଏଣ୍ଟରେ ପଞ୍ଜାବର ଅଭିଷେକ ସାଇନିଙ୍କୁ ପରାସ୍ତ କରି ମ୍ୟାଚ୍‌କୁ ସମାନ ସ୍ଥିତିରେ ପହଞ୍ଚାଇଥିଲେ। ୩ୟ ସେଟ ଖେଳ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମିକ୍ସଡ ଡବଲ୍ସ ପର୍ଯ୍ୟାୟରେ ପଞ୍ଜାବର କାର୍ତ୍ତିକ ଜିନ୍ଦଲ-ହାର୍ଦ୍ଦିକ ମକରଙ୍କ ଯୋଡ଼ି ଭେଟିଥିଲା ଆନ୍ଧ୍ରର ଗରାଗ କ୍ରୀଷ୍ଣା ପ୍ରସାଦ ଓ ଶ୍ରୀକ୍ରୀଷ୍ଣା ସାଇ କୁମାରଙ୍କ ଯୋଡ଼ିକୁ। ଆନ୍ଧ୍ର ଯୋଡ଼ି ପ୍ରଥମ ରାଉଣ୍ଡକୁ ୧୨-୨୧ ପଏଣ୍ଟରେ ହାରିବା ପରେ ପରବର୍ତ୍ତୀ ଦୁଇ ରାଉଣ୍ଡରେ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପରବର୍ତ୍ତୀ ଦୁଇଟିଯାକ ରାଉଣ୍ଡ ୨୧-୧୮, ୨୧-୧୫ ପଏଣ୍ଟରେ ଜିତିଥିଲା ଆନ୍ଧ୍ରପ୍ରଦେଶ। ଏଥି ସହିତ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ବିଶ୍ୱବିଦ୍ୟାଳୟ ୨-୧ ସେଟରେ ଅଗ୍ରଣୀ ହାସଲ କରିଥିଲା। ୪ର୍ଥ ତଥା ନିର୍ଣ୍ଣାୟକ ସେଟରେ ଆନ୍ଧ୍ର ବିଜୟୀ ହୋଇ ଚାମ୍ପିୟନ ହୋଇଛି। ଏହି ସେଟରେ ଆନ୍ଧ୍ରର ଆଦିତ୍ୟ ବାପିନିଦୁ ୨୧-୧୪, ୨୧-୧୭ ପଏଣ୍ଟରେ ପଞ୍ଜାବର ହାର୍ଦ୍ଦିକ ମକରଙ୍କୁ ପରାସ୍ତ କରିଥିଲେ। ମହିଳା ବର୍ଗର ଫାଇନାଲ ମୁକାବିଲାରେ ଜୈନ ବିଶ୍ୱବିଦ୍ୟାଳୟ ୨-୦ ସେଟରେ ତାମିଲନାଡୁର ଏଏସ୍ଆରଏମ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ଶିଖା ରାଜେଶ ଗୌତମ ୨୧-୧୨, ୨୧-୮ ପଏଣ୍ଟରେ ଏଏସ୍ଆରଏମର ନିଭେତା ମୁଥୁକୁମାରଙ୍କୁ ହରାଇ ପ୍ରଥମ ସେଟକୁ ଜୈନ ବିଶ୍ୱବିଦ୍ୟାଳୟ ନାମରେ କରିଥିଲେ। ପରବର୍ତ୍ତୀ ସେଟ୍‌ଟି ମହିଳା ଡବଲ୍ସ ପର୍ଯ୍ୟାୟରେ ଖେଳାଯାଇଥିଲା। ଏଥିରେ ଜୈନ ଦଳର ଅଶ୍ୱିନୀ କେ ଭଟ୍ଟ-ଶିଖା ରାଜେଶ ଗୌତମଙ୍କ ଯୋଡ଼ି ୨୧-୭, ୨୧-୧୪ ପଏଣ୍ଟରେ ଏଏସ୍ଆରଏମ ବିଶ୍ୱବିଦ୍ୟାଳୟର ଭେଙ୍କଟ ରାମ୍ୟା ତୁଳସୀ-ଭି ନୀଲାଙ୍କୁ ହରାଇଥିଲେ।




## ପ୍ରମିଳାଙ୍କୁ ରୌପ୍ୟ ପଦକ

ଭୁବନେଶ୍ୱର, ୨୬।୨(କ୍ରୀଡ଼ା ପ୍ରତିନିଧି)- ଚଳିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପାଇଁ ପ୍ରଥମ ପଦକ ଜିତିଛନ୍ତି ପ୍ରମିଳା କିର୍ସାନୀ। ସିନିୟର ମହିଳା ୫୫ କେଜି ଇଭେଣ୍ଟରେ ପ୍ରମିଳା ରୌପ୍ୟ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୭୧ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୧ ଏହିପରି ମୋଟ ୧୬୨ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ଉତ୍ତର ପ୍ରଦେଶ ଭିବିଏସ ପୂର୍ବାଞ୍ଚଳ ବିଶ୍ୱବିଦ୍ୟାଳୟର ଗୌରୀ ପାଣ୍ଡେ ୧୭୨ (୭୨+୧୦୦) କେଜି ସହ ସ୍ୱର୍ଣ୍ଣ ଏବଂ କେରଳ କାଲିକଟ ବିଶ୍ୱବିଦ୍ୟାଳୟର ଅଭିରାମୀ ମାଥ୍ୟୁ ୧୫୭ (୭୧+୮୬) କେଜି ଭାରୋତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଛନ୍ତି।

# 'ଅଲିମ୍ପିକ୍ସରେ ପଦକ ଲକ୍ଷ୍ୟ'

ଭୁବନେଶ୍ୱର, ୨୬।୨ (ସ୍ପୋର୍ଟ୍ସ ବ୍ୟୁରୋ) ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୬ଷ୍ଠ ଦିବସରେ ବୁଧବାର ପଞ୍ଜାବର ତୀରନ୍ଦାଜ ପାର୍ଥନା ସୋଲାଙ୍କି ରୌପ୍ୟ ପଦକ ଜିତିଛନ୍ତି। ମହିଳା ରିକର୍ଭ ବ୍ୟକ୍ତିଗତ ଇଭେଣ୍ଟରେ ପାର୍ଥନା ଫାଇନାଲରେ ଅଳ୍ପକେ ପରାଜୟବରଣ କରିଥିଲେ। ଫାଇନାଲରେ ପାର୍ଥନାଙ୍କ ମୁକାବିଲା ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ଚର୍ଚ୍ଚିତ ତୀରନ୍ଦାଜ ପ୍ରିୟଙ୍କା ଥାକରନଙ୍କ ସହ ହୋଇଥିଲା। ଏଥିରେ ପ୍ରିୟଙ୍କା ୧୨୯-୧୨୮ ସ୍କୋରରେ ଜିତି ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ। ପୂର୍ବରୁ ପ୍ରିୟଙ୍କା ପୂର୍ବତନ ବିଶ୍ୱ ତୀରନ୍ଦାଜୀ ୟୁଥ୍ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ବିଜୟିନୀ କୋମାଳିକା ବାରିଙ୍କୁ ହରାଇ ଚର୍ଚ୍ଚାକୁ ଆସିଥିଲେ। ପରାଜୟ ସତ୍ତ୍ୱେ ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିବାକୁ ଦେଖିଥିବା ସ୍ୱପ୍ନରୁ ଓହରି ନାହାନ୍ତି ପାର୍ଥନା।

ଚଣ୍ଡିଗଡ଼ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟର ଛାତ୍ରୀ ଥିବା ପାର୍ଥନା ଏକ କୃଷକ ପରିବାରରୁ ଆସିଛନ୍ତି। ପ୍ରଥମେ ଇଣ୍ଡିଆନ ଆର୍ମିରେ ଯୋଗ ଦେବାକୁ ଲକ୍ଷ୍ୟ ରଖିଥିବା ପାର୍ଥନା ପରେ ତୀରନ୍ଦାଜୀ କ୍ରୀଡ଼ାରେ ପ୍ରବେଶ କରନ୍ତି। ଗତ ବର୍ଷ ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିଲେ। ବୁଧବାର ସେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ପ୍ରଥମ ସଂସ୍କରଣରେ ରୌପ୍ୟ ଜିତି ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। 'ଇଣ୍ଡିଆନ ଆର୍ମିରେ ଯୋଗ ଦେଇ ଦେଶ ପାଇଁ ସେବା ପାଇଁ ଲକ୍ଷ୍ୟ ରଖିଥିଲି।

**ପଦକ ତାଲିକା (ଟପ୍-୧୦)**

| ବିଶ୍ୱବିଦ୍ୟାଳୟ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ୍ |
|---|---|---|---|---|
| ସାବିତ୍ରୀ ଫୁଲେ ପୁନେ | ୧୦ | ୪ | ୬ | ୨୦ |
| ପଞ୍ଜାବ | ୮ | ୧୦ | ୬ | ୨୪ |
| ଜୈନ | ୮ | ୬ | ୨ | ୧୬ |
| ଗୁରୁ ନାନକ ଦେବ | ୬ | ୧ | ୫ | ୧୨ |
| ମୁମ୍ବାଇ | ୫ | ୫ | ୬ | ୧୬ |
| ପଞ୍ଜାବୀ | ୪ | ୫ | ୪ | ୧୩ |
| ଦିଲ୍ଲୀ | ୪ | ୪ | ୫ | ୧୩ |
| ରାଜୀବ ଗାନ୍ଧୀ | ୩ | ୨ | ୧ | ୬ |
| ବୀର ନର୍ମାଦ | ୨ | ୬ | ୩ | ୧୧ |
| ଶିବାଜୀ | ୨ | ୩ | ୫ | ୧୦ |
| କିଟ୍ | ୧ | ୧ | ୧ | ୩ |
| ବ୍ରହ୍ମପୁର | ୦ | ୧ | ୦ | ୧ |



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସନ୍ତରଣ ଇଭେଣ୍ଟର କୃତୀ ପ୍ରତିଯୋଗୀଙ୍କ ସହ ଅତିଥି ଅଲିମ୍ପିଆନ ଅନୁରାଧା ବିଶ୍ୱାଳ ଓ ପୂର୍ବତନ ହକି ତାରକା ଦେଭେଶ ଚୌହାନ। (ଫଟୋ: ବିକାଶ ନାୟକ)



ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଅବସରରେ କିଟ୍ ପରିସରରେ ବିହାର ପାଟଳିପୁତ୍ର ବିଶ୍ୱବିଦ୍ୟାଳୟ ରଗ୍‌ବୀ ସପୋର୍ଟ ଷ୍ଟାଫ୍ ସଞ୍ଜୀବ କୁମାର ଓ ସ୍ୱେତା ରାଣୀ ନିଜ ଶିଶୁକନ୍ୟା ସହ।

## ସଂକ୍ଷେପରେ

### ଇଂଲଣ୍ଡକୁ ବୃହତ୍ ବିଜୟ୍ ଦେଲେ ନାଇଟ୍

କାନ୍‌ବେରା, ୨୬।୨ (ପି.ଟି.)- ଅଧିନାୟିକା ହେଥର୍ ନାଇଟ୍‌ଙ୍କ ପ୍ରଥମ ଟି୨୦ ଶତକ ବଳରେ ଇଂଲଣ୍ଡ ଏଠାରେ ଅନୁଷ୍ଠିତ ଆଇସିସି ମହିଳା ଟି୨୦ କ୍ରିକେଟ୍‌ର ଏକ ମ୍ୟାଚ୍‌ରେ ୯୮ ରନରେ ଥାଇଲାଣ୍ଡକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ନାଇଟ୍‌ଙ୍କ ବିସ୍ଫୋରକ ଶତକ ବଳରେ ଦଳ ୨୦ ଓଭରରେ ୨ ଉଇକେଟ୍ ହରାଇ ୧୭୬ ରନ କରିଥିଲା। ନାଇଟ୍ ୬୬ ବଲରୁ ୧୦୮ ରନର (୧୩ ଚୌକା, ୪ ଛକା) ଅପରାଜିତ ଇନିଂସ ଖେଳିଥିଲେ। ଏହି ଇଭେଣ୍ଟରେ ୪ର୍ଥ ବ୍ୟାଟର୍ ଭାବେ ନାଇଟ୍ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ନାଟାଲି ସ୍କିଭର ମଧ ୫୯ ରନର ଉପଯୋଗୀ ଇନିଂସ ଖେଳିଥିଲେ। ଦ୍ୱିତୀୟ ଉଇକେଟ୍‌ରେ ଉଭୟ ୧୬୯ ରନର ପାର୍ଟନରଶିପ୍ କରିଥିଲେ। ଆଇସିସି ମହିଳା ଟି୨୦ କ୍ରିକେଟ୍‌ରେ କୌଣସି ଉଇକେଟ୍‌ରେ ଏହା ସର୍ବାଧିକ ପାର୍ଟନରଶିପ୍। ଜବାବରେ ଥାଇଲାଣ୍ଡ ନିର୍ଦ୍ଧାରିତ ଓଭର ଖେଳିଥିଲେ ମଧ ୭ ଉଇକେଟ୍‌ରେ ମାତ୍ର ୭୮ ରନ ସଂଗ୍ରହ କରିଥିଲା। ଫଳରେ ଇଂଲଣ୍ଡ ୯୮ ରନରେ ବିଜୟୀ ହୋଇଥିଲା। ଟୁର୍ଣ୍ଣାମେଣ୍ଟରେ ରନ୍ ବ୍ୟବଧାନରେ ବିଜୟୀ ହେବାରେ ଏହା ମଧ ଏକ ରେକର୍ଡ ହୋଇଛି। ନାଇଟ୍ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଥିଲେ।

### ରାଇରଙ୍ଗପୁର, ସୁନ୍ଦରଗଡ଼ର ଡବଲ ବିଜୟ୍

କଟକ ଅଫିସ,୨୬।୨: ରାଜ୍ୟ ସରକାରଙ୍କ ସ୍ପେଶାଲ ଡେଭଲପ୍‌ମେଣ୍ଟ କାଉନସିଲ(ଏସ୍‌ଡିସି) ଓ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ମିଳିତ ଆନୁକୂଲ୍ୟରେ ଚାଲିଥିବା ଏସ୍‌ଡିସି କପ୍-୨୦୨୦ରେ ବୁଧବାର ରାଇରଙ୍ଗପୁର ଓ ସୁନ୍ଦରଗଡ଼ ଡବଲ ବିଜୟ୍ ହାସଲ କରିଛନ୍ତି। ବାରିପଦା ଜୋନରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁନ୍ଦରଗଡ଼ ପୁରୁଷ ବର୍ଗରେ ନବରଙ୍ଗପୁରକୁ ୮-୦ ଓ ମହିଳା ବର୍ଗରେ ବାରିପଦାକୁ ୧୧-୦ ଗୋଲରେ ହରାଇଥିଲା। ଏହି ଜୋନରେ ଖେଳାଯାଇଥିବା ପୁରୁଷ ବର୍ଗର ଅନ୍ୟ ଏକ ମ୍ୟାଚ୍‌ରେ ରାୟଗଡ଼ା ଓ ମହିଳା ବର୍ଗରେ ନବରଙ୍ଗପୁର ବିଜୟ୍ ହାସଲ କରିଛନ୍ତି। ସେହିପରି କନ୍ଧମାଳ ଜୋନରେ ଡବଲ ବିଜୟ୍ ହାସଲ କରିଛି ରାଇରଙ୍ଗପୁର। ପୁରୁଷ ବର୍ଗରେ କୋରାପୁଟକୁ ୪-୨ ଗୋଲରେ ଓ ମହିଳା ବର୍ଗରେ ମଧ ସମାନ ଦଳ କୋରାପୁଟକୁ ୨୫-୦ ଗୋଲରେ ହରାଇଥିଲା। ଏଠାରେ ଖେଳାଯାଇଥିବା ପୁରୁଷ ବର୍ଗର ଅନ୍ୟ ଏକ ମ୍ୟାଚ୍‌ରେ କନ୍ଧମାଳ ବିଜୟୀ ହୋଇଥିଲା। କନ୍ଧମାଳ-ମାଲକାନଗିରି ମଧରେ ଅନୁଷ୍ଠିତ ମହିଳା ବର୍ଗର ମ୍ୟାଚ୍ ୧-୧ ଗୋଲରେ ଡ୍ର ରହିଛି।



"ଗତ ୨-୩ ବର୍ଷ ହେବ ପାୱାର-ପ୍ଲେ'ରେ ମୁଁ ବହୁତ ରନ୍ ସଂଗ୍ରହ କରିଛି। ବର୍ତ୍ତମାନ ଶେଫାଳି ବର୍ମା ସେହିଭଳି ଭାବେ ସ୍କୋର କରୁଥିବାରୁ ଏହା ଟିମ୍‌ର ବାଲାନ୍ସ ଦୃଢ଼ କରିଛି।

-ସ୍ମୃତି ମନ୍ଧାନା, ଭାରତୀୟ ମହିଳା କ୍ରିକେଟର୍



"ଷ୍ଟିଭ ସ୍ମିଥ୍ ଓ ଡେଭିଡ୍ ୱାର୍ନର ଅଷ୍ଟ୍ରେଲିଆ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବାରୁ ଭାରତର ଆଗାମୀ ଅଷ୍ଟ୍ରେଲିଆ ଟୁର୍ କଷ୍ଟସାଧ ରହିବ।

-ଗ୍ଲେନ ମ୍ୟାକ୍‌ଗ୍ରା, ପୂର୍ବତନ ଅଷ୍ଟ୍ରେଲୀୟ ଦ୍ରୁତ ବୋଲର

# ଟେନିସକୁ ଶାରାପୋଭାଙ୍କ ଗୁଡ୍‌ବାଏ

ପ୍ୟାରିସ୍, ୨୬।୨ (ଏଏଫ୍‌ପି)

ରୁଷୀୟ ଲଳନା ତଥା ବିଶ୍ୱ ଟେନିସ ଜଗତର ଗ୍ଲାମର୍ସ ଗର୍ଲ ଭାବେ ବେଶ୍ ଖ୍ୟାତି ଅର୍ଜନ କରିଥିବା ମାରିଆ ଶାରାପୋଭା ବୁଧବାର ଅବସର ଘୋଷଣା କରିଛନ୍ତି। ପାଞ୍ଚଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଶାରାପୋଭା 'ଭୋଗ୍ ଆଣ୍ଡ୍ ଭାନିଟି' ମାଗାଜିନର ଏକ ଆର୍ଟିକିଲ୍ 'ଟେନିସ- ଆଇ ଆମ୍ ସେଇଂ ଗୁଡ୍‌ବାଏ'ରେ ଅବସର ନେଇ ଉଲ୍ଲେଖ କରିଛନ୍ତି। '୨୮ ବର୍ଷ ଓ ୫ ଗ୍ରାଣ୍ଡସ୍ଲାମ ଜିତି ସାରିବା ପରେ ମୁଁ ଆଉ ଏକ ପାହାଡ଼ ମାପିବାକୁ ପ୍ରସ୍ତୁତ ରହିଛି' ବୋଲି ଶାରାପୋଭା ଏହି ଆର୍ଟିକିଲରେ କହିଛନ୍ତି।

ଏହି ରୁଷୀୟ ସୁନ୍ଦରୀ ୨୦୦୪ରେ ମାତ୍ର ୧୭ ବର୍ଷ ବୟସରେ ସେରେନା ୱିଲିୟମ୍ସଙ୍କୁ ହରାଇ ୱିମ୍ବଲଡନ ଟାଇଟଲ୍ ଜିତି ବିଶ୍ୱ ଟେନିସରେ ଚର୍ଚ୍ଚାର ପରିଧିକୁ ଆସିଥିଲେ। ଏହାପରେ ୨୦୧୨ରେ ସେ ଫ୍ରେଞ୍ଚ୍ ଓପନ୍‌ରେ ଚାମ୍ପିୟନ ହୋଇ କ୍ୟାରିୟରସ୍ଲାମ ପୂରଣ କରିଥିଲେ। ୨୦୧୬ରେ ଡୋପ୍ ଟେଷ୍ଟରେ ବିଫଳ ହୋଇ ୧୫ ମାସ ପାଇଁ ଟେନିସରୁ ବାସନ୍ଦ ହେବା ପୂର୍ବରୁ ବିଶ୍ୱର ଏହି ପୂର୍ବତନ ଏକ ନମ୍ବର ଖେଳାଳି ମୋଟ୍ ୫ ଗ୍ରାଣ୍ଡସ୍ଲାମ ଟ୍ରଫି ଜିତି ସାରିଥିଲେ। ୩୨ ବର୍ଷୀୟା ଏହି ଟେନିସ ଗ୍ଲାମର ଗର୍ଲ ଏହାପରେ ଟେନିସକୁ ୨୦୧୭ ଏପ୍ରିଲରେ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ କାନ୍ଧରେ ଆଘାତଜନିତ ସମସ୍ୟା ପାଇଁ ବେଶ୍ ସଂଘର୍ଷ କରିଥିଲେ। ଯାହାକି ତାଙ୍କ ପ୍ରଦର୍ଶନରେ ପ୍ରଭାବ ପକାଇଥିଲା। ଗତବର୍ଷ ସେ ୱିମ୍ବଲଡନ, ୟୁଏସ୍ ଓପନ୍ ଓ ନିକଟରେ ଅଷ୍ଟ୍ରେଲିଆନ୍ ଓପନ୍ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଥିଲେ। ବିଶ୍ୱ ମହିଳା ସିଙ୍ଗଲ୍ସ ର୍‍ୟାଙ୍କିଙ୍ଗ୍‌ରେ ସେ ବର୍ତ୍ତମାନ ୩୭୩ତମ ସ୍ଥାନରେ ରହିଛନ୍ତି।

### ସଂକ୍ଷେପରେ ମାରିଆ...

- ଜନ୍ମ- ୧୯ ଏପ୍ରିଲ ୧୯୮୭
- ଉଚ୍ଚତା- ୬ ଫୁଟ୍ ୨ ଇଞ୍ଚ୍
- ଖେଳିବା ଶୈଳୀ- ଡାହାଣହାତୀ
- ପ୍ରଫେସନାଲ କ୍ୟାରିୟର ଆରମ୍ଭ- ୨୦୦୧
- ୱିମ୍ବଲଡନ ଟ୍ରଫି- ୨୦୦୪
- ୟୁଏସ୍ ଓପନ୍ ଟ୍ରଫି- ୨୦୦୬
- ଅଷ୍ଟ୍ରେଲିଆନ ଓପନ୍- ୨୦୦୮
- ଫ୍ରେଞ୍ଚ ଓପନ୍-୨୦୧୨, ୨୦୧୪
- କ୍ୟାରିୟରରେ ମୋଟ୍ ଟାଇଟଲ୍- ୩୬
- ମୋଟ୍ ମ୍ୟାଚ୍ ବିଜୟ- ୬୪୫

### ୪ ବର୍ଷରେ ର୍‍ୟାକେଟ୍ ଧରିଲେ

ସର୍ବିୟା-ଜନ୍ମିତ ଶାରାପୋଭା ମାତ୍ର ୪ ବର୍ଷ ବୟସରେ ର୍‍ୟାକେଟ୍ ଧରିଥିଲେ। ରୁଷିଆ ସହର ସୋଚିଠାରେ ତାଙ୍କ ପରିବାର ରହୁଥିବାରୁ ସେଠାରେ ହିଁ ସେ ପ୍ରଥମେ ଖେଳିବା ଆରମ୍ଭ କରିଥିଲେ। ୨୦୦୧ରେ ସେ ବିଧିବଦ୍ଧ ଭାବେ ଡବ୍ଲ୍ୟୁଟିଏ ଟୁର୍ ମ୍ୟାଚ୍ ଖେଳିଥିଲେ। ଏକାମାତ୍ର ରୁଷିଆ ଖେଳାଳି ଭାବେ ଶାରାପୋଭା କ୍ୟାରିୟରସ୍ଲାମ ହାସଲ କରିଥିଲେ। ସେହିଭଳି ତାଙ୍କ ନାମରେ ମଧ ଅଲିମ୍ପିକ ପଦକ ରହିଛି। ୨୦୧୨ ଅଲିମ୍ପିକରେ ସେ ରୌପ୍ୟ ପଦକ ଜିତିବାର ସୌଭାଗ୍ୟ ଲାଭ କରିଥିଲେ। ମଡେଲିଂ କ୍ଷେତ୍ରରେ ମଧ ସେ ବେଶ୍ ଖ୍ୟାତି ଅର୍ଜନ କରିଛନ୍ତି। ସେହିଭଳି ନାଇକ୍, ପ୍ରିନ୍ସ, କ୍ୟାନନ ଭଳି ନାମୀଦାମୀ କମ୍ପାନୀ ପାଇଁ ପ୍ରଚାର କରିଛନ୍ତି। ୨୦୦୫ରେ ୟୁଏସ୍ ଓପନ୍ ଜିତିବା ପରେ ଶାରାପୋଭା ବିଶ୍ୱର ଏକ ନମ୍ବର ମାନ୍ୟତା ଲାଭ କରିଥିଲେ। ୨୧ ସପ୍ତାହ ଧରି ସେ ଏହି ସ୍ଥାନରେ ରହିଥିଲେ।



ମାରିଆ ଶାରାପୋଭା

### ପ୍ରତିଦିନ ମିସ୍ କରିବି

'ଟେନିସ ହେଉଛି ମୋ ଜୀବନ ଏବଂ ମୋ ଜୀବନ ମଧ ଟେନିସ। ମୁଁ ଏହାକୁ ପ୍ରତିଦିନ ମିସ୍ କରିବି। ମୋ ନିତିଦିନିଆ ଦିନଚର୍ଯ୍ୟା, ସକାଳୁ ଉଠିବା, ବାମପଟ ପୂର୍ବରୁ ଡାହାଣ ପଟ ଜୋତା ପିନ୍ଧିବା, ଦିନର ପ୍ରଥମ ସର୍ଭିସ କରିବା ପୂର୍ବରୁ କୋର୍ଟ୍ କବାଟ ବନ୍ଦ କରିବା ଇତ୍ୟାଦି ମଧ ମିସ୍ କରିବି' ବୋଲି ଶାରାପୋଭା ତାଙ୍କ ଅବସର ମେସେଜରେ ଉଲ୍ଲେଖ କରିଛନ୍ତି।

# ତ୍ରୁଟି ସୁଧାରିବାକୁ ହେବ

ଭିଭିଏସ୍ ଲକ୍ଷ୍ମଣ

ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଦମ୍‌ଦାର ଆରମ୍ଭ କରିବା ପରେ ଭାରତଠାରୁ ବହୁତ କିଛି ଆଶା କରାଯାଉଥିଲା। ଖାସ୍ କରି ବିଦେଶ ଗସ୍ତରେ ଭାରତ ଭଲ ଖେଳିବ ବୋଲି ଆଶା କରାଯାଉଥିଲା। ତେବେ ବେସିନ ରିଜର୍ଭ ଗ୍ରାଉଣ୍ଡରେ ଭାରତ ନ୍ୟୁଜିଲାଣ୍ଡ ବିପକ୍ଷରେ ଦୁଇଟି ଇନିଂସରେ ବିଫଳ ହୋଇଛି। ଗତ ସିରିଜରେ ନ୍ୟୁଜିଲାଣ୍ଡ ଅଷ୍ଟ୍ରେଲିଆଠାରୁ ହ୍ୱାଇଟ୍ ୱାଶ୍‌ର ସମ୍ମୁଖୀନ ହୋଇ ଆତ୍ମବିଶ୍ୱାସ ହରାଇଥିଲେ ମଧ ଭାରତ ବିପକ୍ଷରେ ଭଲ ଆରମ୍ଭ କରିଛି। ଟସ ହାରି ପ୍ରଥମେ ବ୍ୟାଟିଂ କରିବା କଷ୍ଟକର ଥିଲା। ତେବେ ଦ୍ୱିତୀୟ ଇନିଂସରେ ମାମୁଲି ପ୍ରଦର୍ଶନକୁ କ୍ଷମା କରାଯାଇ ନ ପାରେ। ଦ୍ୱିତୀୟ ଇନିଂସରେ ପିଚ୍ ନିର୍ଜୀବ ଥିଲା ଓ ବଲ୍‌ରେ ପେସ୍ ମଧ ନ ଥିଲା।

ନ୍ୟୁଜିଲାଣ୍ଡ ପ୍ରଶଂସାର ହକ୍‌ଦାର। ଟ୍ରେଣ୍ଟ ବୋଲ୍ଟ, ଟିମ ସୌଦି ଓ ପଦାର୍ପଣ କରିଥିବା କାଏଲ ଜେମିସନ ଉଚ୍ଚକୋଟୀର ବୋଲିଂ କରି ଭାରତୀୟ ବ୍ୟାଟ୍ସମ୍ୟାନଙ୍କୁ ଚକ୍‌ମା ଦେଇଥିଲେ। ଚେତେଶ୍ୱର ପୂଜାରା ଓ ବିରାଟ କୋହଲିଙ୍କୁ ଉଭୟ ଇନିଂସରେ ସହଜରେ ଏମାନେ ପ୍ୟାଭିଲିୟନ ଫେରାଇଥିଲେ।

ଓପନିଂ ଯୋଡି ଯେତେବେଳେ ଭଲ ଖେଳିଛି ଭାରତ ବିଦେଶରେ ବିଜୟୀ ହୋଇଛି। କିନ୍ତୁ ଯୁବ ଓପନର ପୃଥ୍ୱୀ ଶ ଆଶାନୁରୂପ ଖେଳିପାରିନାହାନ୍ତି। ଟେକ୍‌ନିକ୍‌ରେ ତାଙ୍କ ତ୍ରୁଟି ପଦାରେ ପଡିଛି। ଅନ୍ ସାଇଡକୁ ଖେଳିବାକୁ ଭଲ ପାଉଥିବା ପୃଥ୍ୱୀ ସିଧା ଖେଳିବା ଆବଶ୍ୟକ। ଅନ୍ୟତମ ଓପନର ମୟଙ୍କ ଅଗ୍ରୱାଲଙ୍କ ପ୍ରଦର୍ଶନରେ ଅବଶ୍ୟ ଉନ୍ନତି ହୋଇଛି। ପ୍ରତ୍ୟାବର୍ତ୍ତନ ପରେ ଈଶାନ୍ତଙ୍କ ପ୍ରଦର୍ଶନ ବେଶ୍ ଭଲ ହୋଇଛି। ପ୍ରଥମ ଟେଷ୍ଟରେ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ତେବେ ଘରୋଇ ଟେଲଏଣ୍ଡର ବ୍ୟାଟ୍ସମ୍ୟାନ ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ ଓ ଦଳକୁ ବୃହତ୍ ଅଗ୍ରଣୀ ପ୍ରଦାନ କରିଥିଲେ। ଫଳରେ ଭାରତ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଥିଲା।

ଏବେ ଭାରତକୁ ଦ୍ୱିତୀୟ ମ୍ୟାଚ୍‌ରେ ପ୍ରତ୍ୟାବର୍ତ୍ତନ କରିବାକୁ ହେବ। ଖ୍ରୀଷ୍ଟଚର୍ଚ୍ଚରେ ଭାରତୀୟ ବୋଲରଙ୍କୁ ଉଇକେଟ ନେବାକୁ ହେବ। ନ୍ୟୁଜିଲାଣ୍ଡ ବୋଲରଙ୍କୁ ସଫଳତାର ସହ ସାମ୍ନା କରି ଭାରତ ବଡ଼ ସ୍କୋର ହାସଲ କରିବା ଜରୁରୀ। ତ୍ରୁଟି ସୁଧାରି ଭାରତ ଦ୍ୱିତୀୟ ମ୍ୟାଚ୍‌ରେ ଭଲ ଖେଳିବ ବୋଲି ଆଶା କରୁଛି।

(ଗେମ୍‌ପ୍ଲାନ)

ROYAL STAG CUP
INDIA vs NEW ZEALAND
ODI & TEST
*MEGA MUSIC CDs

# ଶୀର୍ଷ ସ୍ଥାନ ହରାଇଲେ କୋହଲି

ଦୁବାଇ, ୨୬।୨ (ପି.ଟି.)

ଭାରତୀୟ କ୍ରିକେଟ୍ ଦଳର ଅଧିନାୟକ ବିରାଟ କୋହଲିଙ୍କ ଲଗାତର ଖରାପ ବ୍ୟାଟିଂର ପ୍ରଭାବ ଆଇସିସି ର୍‍ୟାଙ୍କିଙ୍ଗ୍‌ରେ ପଡ଼ିଛି। ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ କୋହଲି ଶୀର୍ଷ ସ୍ଥାନ ହରାଇଛନ୍ତି। ବୁଧବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍ ଅନୁଯାୟୀ କୋହଲି ୯୦୬ ପଏଣ୍ଟ ସହ ୨ୟ ସ୍ଥାନକୁ ଖସି ଯାଇଛନ୍ତି। ଏହାର ଫାଇଦା ଅଷ୍ଟ୍ରେଲିଆର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ ସ୍ମିଥ୍ ଉଠାଇଛନ୍ତି। ସ୍ମିଥ ୯୧୧ ପଏଣ୍ଟ ସହ ପ୍ରଥମ ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ସ୍ମିଥ୍ କ୍ୟାରିୟରରେ ମୋଟ୍ ଉପରେ ୮ମ ଥର ଲାଗି ଶୀର୍ଷ ସ୍ଥାନ ଗ୍ରହଣ କରିଛନ୍ତି। କୋହଲିଙ୍କ ବ୍ୟତୀତ ଆଉ ୩ ଭାରତୀୟ ବ୍ୟାଟ୍ସମ୍ୟାନ ଟପ୍-୧୦ରେ ରହିଛନ୍ତି। ଉପ-ଅଧିନାୟକ ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରା ଓ ମୟଙ୍କ ଅଗ୍ରୱାଲ ଯଥାକ୍ରମେ ତାଲିକାର ୮ମ, ୯ମ ଓ ୧୦ମ ସ୍ଥାନରେ ରହିଛନ୍ତି। ବୋଲିଂ ବିଭାଗରେ ରବିଚନ୍ଦ୍ରନ ଅଶ୍ୱିନ ଗୋଟିଏ ସ୍ଥାନ ତଳକୁ ଖସି ୯ମରେ ରହିଛନ୍ତି।

# ସୌଦି ଆରବରେ ହେବ ବିଶ୍ୱର ବିତ୍ତଶାଳୀ ଘୋଡ଼ାଦୌଡ଼

ରିୟାଦ, ୨୬।୨ (ଏଏଫ୍‌ପି)

ବିଶ୍ୱର ସବୁଠାରୁ ବିତ୍ତଶାଳୀ ଘୋଡ଼ାଦୌଡ଼ ସୌଦି ଆରବରେ ହେବ। ବିତ୍ତଶାଳୀ ରାଷ୍ଟ୍ରଭାବେ ବିଶ୍ୱରେ ପରିଚିତି ଲାଭ କରିଥିବା ସୌଦି ଆରବରେ ଚଳିତ ସପ୍ତାହରେ ଏହି ଘୋଡ଼ାଦୌଡ଼ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ଏହି ଦୌଡ଼ରେ ମୋଟ୍ ୨୦ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୧୪୩ କୋଟି ୩୯ ଲକ୍ଷ ୭୦ ହଜାର ଟଙ୍କା) ପ୍ରଦାନ କରାଯିବ, ଯାହାକି ଏବେ ବିଶ୍ୱ କ୍ରୀଡ଼ାରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି। ସୌଦି କପ୍ ଭାବେ ପରିଚିତ ଏହି ଘୋଡ଼ାଦୌଡ଼ ଫେବୃୟାରୀ ୨୯ରେ ସ୍ଥାନୀୟ କିଙ୍ଗ୍ ଅବଦୁଲାଜିଜ ରେସ୍ ଟ୍ରାକରେ ଅନୁଷ୍ଠିତ ହେବ, ଯାହାକି ୧୦ ହଜାର ଦର୍ଶକଙ୍କୁ ଦେଖିବାକୁ ଆକୃଷ୍ଟ କରିବ। ଏହି ମେନ୍ ରେସ୍‌ର ଦୂରତା ୧୮୦୦ ମିଟର ରହିଥିବାବେଳେ ଏଥିରେ ୧୪ ଜଣ ଅଂଶଗ୍ରହଣ କରିପାରିବେ। ଏହି ରେସର ବିଜେତାଙ୍କୁ ୧୦ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ପାଖାପାଖି ୭୧ କୋଟି ୬୯ ଲକ୍ଷ ୮୫ ହଜାର ଟଙ୍କା) ମିଳିବ। ସେହିଭଳି ଦ୍ୱିତୀୟ ସ୍ଥାନରେ ରହିଥିବା ରେସର୍ ୩.୫ ମିଲିୟନ ଆମେରିକୀୟ ଡଲାର ଲାଭ କରିବାକୁ ଥିଲାବେଳେ ଟପ୍-୧୦ରେ ଫିନିଶର୍‌ଙ୍କ ଲାଗି ମଧ ଲୋଭନୀୟ ଅର୍ଥରାଶି ରହିଛି। ସୌଦି କପ୍‌ରେ ଇଟାଲୀ ଲିଜେଣ୍ଡ ଫ୍ରାଙ୍କି ଡେଟୋରି ଓ ବ୍ରିଟିଶର ରିୟାନ ମୋରେଙ୍କ ଭଳି ପ୍ରମୁଖ ରେସର ଅଂଶଗ୍ରହଣ କରିବେ। ଉଲ୍ଲେଖଯୋଗ୍ୟ, ପୂର୍ବରୁ ଆମେରିକାରେ ହେଉଥିବା ପେଗାସସ୍ ବିଶ୍ୱକପ୍ ସବୁଠାରୁ ବିତ୍ତଶାଳୀ ଘୋଡ଼ାଦୌଡ଼ର ମାନ୍ୟତା ପାଇଥିଲା। ୨୦୧୮ରେ ଅନୁଷ୍ଠିତ ଏହି ରେସ୍‌ରେ ମୋଟ୍ ୧୬ ମିଲିୟନ ଆମେରିକୀୟ ଡଲାର ପୁରସ୍କାର ରାଶି ରହିଥିଲା।

- ଫେବୃୟାରୀ ୨୯ରେ ରେସ୍
- ମୋଟ୍ ପୁରସ୍କାର ରାଶି ୧୪୩ କୋଟି ୩୯ ଲକ୍ଷ ୭୦ ହଜାର ଟଙ୍କା
- ପ୍ରଥମ ସ୍ଥାନ ବିଜେତାଙ୍କୁ ୭୧ କୋଟି ୬୯ ଲକ୍ଷ ୮୫ ହଜାର ଟଙ୍କା







ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ବୁଧବାର କିଟ୍ ଓ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ ମହିଳା ରଗ୍‌ବୀ ମ୍ୟାଚ୍। ହିମାଚଳ ପ୍ରଦେଶ ଓ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ ଦଳ ମଧରେ ଅନୁଷ୍ଠିତ ମହିଳା କବାଡ଼ି ମ୍ୟାଚ (ଉପର ଫଟୋ)।

# ହ୍ୟାଟ୍ରିକ ବିଜୟ ଲକ୍ଷ୍ୟରେ ଭାରତ

ମେଲବୋର୍ନ,୨୬।୨(ପି.ଟି.)

ଅଷ୍ଟ୍ରେଲିଆରେ ଚାଲିଥିବା ମହିଳା ଟି୨୦ ବିଶ୍ୱକପ୍‌ର ସପ୍ତମ ସଂସ୍କରଣରେ ଭାରତ ଗୁରୁବାର ସ୍ଥାନୀୟ ଜଙ୍କଶନ ଓଭାଲ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡକୁ ଭେଟିବ। କ୍ରମାଗତ ଦୁଇଟି ବିଜୟ ହାସଲ କରି ଭାରତର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି। ଏବେ ନ୍ୟୁଜିଲାଣ୍ଡକୁ ହରାଇ ଭାରତ ହ୍ୟାଟ୍ରିକ ବିଜୟ ହାସଲ କରିବା ସହ ସେମିଫାଇନାଲର ନିକଟବର୍ତ୍ତୀ ହେବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ଗତଥରର ଚାମ୍ପିୟନ ତଥା ଆୟୋଜକ ଅଷ୍ଟ୍ରେଲିଆକୁ ୧୭ ରନରେ ହରାଇବା ପରେ ଦ୍ୱିତୀୟ ମ୍ୟାଚ୍‌ରେ ବାଂଲାଦେଶକୁ ୧୮ ରନରେ ପରାସ୍ତ କରିଥିଲା।

ନ୍ୟୁଜିଲାଣ୍ଡକୁ ହରାଇପାରିଲେ ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ନକ୍‌ଆଉଟ୍ ପର୍ଯ୍ୟାୟ ନିକଟତର ହେବ। ୪ ପଏଣ୍ଟ ହାସଲ କରି ଭାରତ ଶୀର୍ଷରେ ରହିଥିବା ବେଳେ ନ୍ୟୁଜିଲାଣ୍ଡ ଦୁଇଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଏପର୍ଯ୍ୟନ୍ତ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ଭାରତ ଉଭୟ ବୋଲିଂ ଓ ବ୍ୟାଟିଂରେ ପ୍ରଭାବୀ ପ୍ରଦର୍ଶନ କରିଛି। ୧୬ ବର୍ଷୀୟା ଓପନର ଶେଫାଳି ବର୍ମା ବାଂଲାଦେଶ ବିପକ୍ଷରେ ୧୭ ବଲରୁ ୩୯ ଓ ଅଷ୍ଟ୍ରେଲିଆ ବିପକ୍ଷରେ ୨୯ ରନର ଉପଯୋଗୀ ପାଳି ଖେଳିଥିଲେ। ଫାଷ୍ଟ ଡାଉନ୍ ବ୍ୟାଟ୍ସଓମ୍ୟାନ ଜେମିମା ରୋଡ୍ରିଗୁଏଜ ଯଥାକ୍ରମେ ଦୁଇଟି ମ୍ୟାଚ୍‌ରେ ୨୬ ଓ ୩୪ ରନ ସଂଗ୍ରହ କରିଥିଲେ। କେବଳ ଅଧିନାୟିକା ହରମନପ୍ରୀତ ଟପ୍ ଅର୍ଡରରେ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଛନ୍ତି। ତାରକା ଓପନର ସ୍ମୃତି ମାନ୍ଧନା ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ ଜ୍ୱର କାରଣରୁ ବାଂଲାଦେଶ ବିପକ୍ଷ ମ୍ୟାଚ୍ ଖେଳିପାରି ନ ଥିଲେ। ସେହିପରି ଦ୍ରୁତ ବୋଲର ଶିଖା ପାଣ୍ଡେ ୫ ଉଇକେଟ ନେଇ ତାଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରିଛନ୍ତି।

ନ୍ୟୁଜିଲାଣ୍ଡ ଦଳରେ ମଧ କେତେଜଣ ବିଶ୍ୱସ୍ତରୀୟ ଖେଳାଳି ରହିଛନ୍ତି। ଅଧିନାୟିକା ତଥା ଅଲରାଉଣ୍ଡର ସୋଫି ଡିଭାଇନ୍ ଓ ଟପ ଅର୍ଡର ବ୍ୟାଟ୍ସଓମ୍ୟାନ ସୁଜି ବେଟ୍ସଙ୍କ ସମେତ ଦ୍ରୁତ ବୋଲର ଲିଆ ତାହୁହୁ ଓ ଲେଗ୍ ସ୍ପିନର ଆମେଲିଆ କେର ଭାରତକୁ ସମସ୍ୟାରେ ପକାଇବେ। ଶନିବାର ନ୍ୟୁଜିଲାଣ୍ଡ ଶ୍ରୀଲଙ୍କାକୁ ୭ ଉଇକେଟରେ ପରାସ୍ତ କରିଥିଲା। ଡିଭାଇନ୍ ୫୫ ବଲରୁ ୭୫ ରନ ସଂଗ୍ରହ କରିଥିଲେ। ନ୍ୟୁଜିଲାଣ୍ଡ ଏକ ବିଶ୍ୱସ୍ତରୀୟ ଦଳ ହୋଇଥିବାରୁ ଭାରତ ଏହି ମ୍ୟାଚ୍‌ରେ କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହେବ।

**ଆଇସିସି ମହିଳା ଟି୨୦ ବିଶ୍ୱକପ୍**

- ମ୍ୟାଚ୍ ଆରମ୍ଭ: ସକାଳ ୯.୩୦
- ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ ନେଟୱର୍କ, ଡିଡି ନ୍ୟାଶନାଲ

ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଚିନ୍ତାମଣୀ ମହାପାତ୍ର
ଜଗନ୍ନାଥ କଲୋନୀ, କୁମୁଟି ପାଟଣା, ପୁରୀ-୨
ଆବିର୍ଭାବ: ୧୪।୦୮।୧୯୫୪
ତିରୋଧାନ: ୧୦।୦୩।୨୦୧୯

ଚାହୁଁ ଚାହୁଁ ବର୍ଷ ବିତିଗଲା। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଏପରି ଆମ ଉପରେ ରହିଥାଉ। ମହାପ୍ରଭୁ ଶ୍ରୀଜଗନ୍ନାଥ ଆପଣଙ୍କ ଅମର ଆତ୍ମାକୁ ସଦ୍‌ଗତି ଦିଅନ୍ତୁ।

:ଶୋକସନ୍ତପ୍ତ:
ପତ୍ନୀ: ସ୍ନେହବାଳା
ପୁତ୍ର: ଅସୀମକାନ୍ତ, ଝିଅ: ସୀମା
ନରେଶ, ହର୍ଷ, ନାତିନାତୁଣୀ
ପରିବାର ଓ ବନ୍ଧୁବର୍ଗ।
ଧ-୬୮୨୨

# ସ୍ତ୍ରୀ, ଝିଅଙ୍କୁ ହତ୍ୟା ପରେ ବ୍ୟବସାୟୀଙ୍କ ଆତ୍ମହତ୍ୟା



ଘଟଣାସ୍ଥଳରେ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ।

**ଛତ୍ରପୁର, ୨୬।୨(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଛତ୍ରପୁର ଥାନା ଅଧୀନ ପାଲିଆ ଛତ୍ରପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ଜଣେ ବ୍ୟବସାୟୀ ତାଙ୍କ ସ୍ତ୍ରୀ, ଝିଅଙ୍କୁ କାତିରେ ହାଣି ହତ୍ୟା କରିବା ପରେ ଆତ୍ମହତ୍ୟା କରିଛନ୍ତି। ବୁଧବାର ସକାଳେ ଘରୁ ୩ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକମାନେ ହେଲେ ବ୍ୟବସାୟୀ ବୃନ୍ଦାବନ ବେହେରା, ତାଙ୍କ ସ୍ତ୍ରୀ ଉର୍ମିଳା ଓ ଝିଅ ସୁନୀତା। ଉର୍ମିଳା ଓ ସୁନୀତାଙ୍କ ରକ୍ତାକ୍ତ ମୃତଦେହ ତଳେ ପଡ଼ିଥିବା ବେଳେ ବୃନ୍ଦାବନଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିଲା। ଖବରପାଇ ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଥିଲା। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରଏ, ଅତିରିକ୍ତ ଏସ୍‌ପି ଠାକୁର ପ୍ରସାଦ ପାତ୍ର ଓ ଛତ୍ରପୁର ଏସ୍‌ଡିପିଓ ଗୌତମ କିଷାନ ମଧ୍ୟ ସେଠାରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ଘଟଣାର ପ୍ରକୃତ କାରଣ ଜଣାପଡ଼ି ନ ଥିଲେ ମଧ୍ୟ ପାରିବାରିକ ଅଶାନ୍ତିରୁ ଏପରି ଘଟିଥିବା ପ୍ରାଥମିକ ତଦନ୍ତ ପରେ ପୋଲିସ ସୂଚନା ଦେଇଛି।

ପାଲିଆ ଛତ୍ରପୁର ଗାଁ ମଝି ସାହିରେ ବୃନ୍ଦାବନଙ୍କ ଘର। ଗାଁରେ ସେ ଗୋଟିଏ ଦୋକାନ କରିଥିଲେ। ତାଙ୍କର ୨ ଝିଅ ଓ ଗୋଟିଏ ପୁଅ। ବଡ଼ ଝିଅର ବିବାହ ସରିଛି। ଘରେ ସ୍ତ୍ରୀ ଉର୍ମିଳା, ପୁଅ ସାଗର ଓ ସାନଝିଅ ସୁନୀତା ରହୁଥିଲେ। ସୁନୀତା ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ। ସାଗର ସ୍ଥାନୀୟ ଅଞ୍ଚଳରେ ପିଲାଙ୍କୁ ଟ୍ୟୁଶନ କରିବା ସହ ଛତ୍ରପୁରର ଏକ ବହି ଦୋକାନରେ କାମ କରନ୍ତି। ଦୁଇଦିନ ହେଲା ସେ ପାତ୍ରପୁର ଥାନା ଅନ୍ତର୍ଗତ ପୁରୁଣ୍ଡି ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗଦେବାକୁ ଯାଇଥିଲେ। ମଙ୍ଗଳବାର ରାତିରେ ବୃନ୍ଦାବନ, ଉର୍ମିଳା ଓ ସୁନିତା ଘରେ ଥିଲେ। ବୁଧବାର ସକାଳେ ବୃନ୍ଦାବନଙ୍କ ଘର ନିକଟ ଷ୍ଟାଣ୍ଡପୋଷ୍ଟକୁ ପଡ଼ୋଶୀମାନେ ପାଣି ନେବାକୁ ଆସିଥିଲେ। ହେଲେ ବୃନ୍ଦାବନଙ୍କ ଘର ଗ୍ରୀଲ ଖୋଲି ନ ଥିଲା। ଜଣେ ମହିଳାଙ୍କ କହିବା ଅନୁସାରେ ତାଙ୍କ ଛୋଟ ଝିଅ ବୃନ୍ଦାବନଙ୍କ ଗ୍ରୀଲ ବାଡ଼େଇ ପାଣି ନେବାକୁ ଡାକିଥିଲେ ମଧ୍ୟ କେହି ବାହାରକୁ ବାହାରି ନ ଥିଲେ। ପରେ ପଡ଼ୋଶୀମାନେ ଗ୍ରୀଲ ଖୋଲିବାରୁ ପ୍ରଥମ ଘରେ ଉର୍ମିଳା ଓ ସୁନୀତା ରକ୍ତ ଜୁଡ଼ୁବୁଡ଼ୁ ଅବସ୍ଥାରେ ପଡ଼ିଥିବା ଦେଖି ଛତ୍ରପୁର ଥାନାକୁ ଖବର ଦେଇଥିଲେ। ଛତ୍ରପୁର ଥାନା ଆଇଆଇସି ପ୍ରିୟସ ରଞ୍ଜନ ଛୋଟରାୟଙ୍କ ନେତୃତ୍ୱରେ ଏକ ଟିମ୍ ସେଠାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ଗୋଟିଏ ଘରେ ମା', ଝିଅଙ୍କ ମୃତଦେହ ପଡ଼ିଥିବା ବେଳେ ଅନ୍ୟ ଏକ ଘରେ ବୃନ୍ଦାବନଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଥିବା ପୋଲିସ ଦେଖିବାକୁ ପାଇଥିଲା। ସେଠାରେ ରକ୍ତ ଲାଗିଥିବା ଏକ କାତି ପଡ଼ିଥିବା ଦେଖାଯାଇଥିଲା। ଖବରପାଇ ବୃନ୍ଦାବନଙ୍କ ପୁଅ ସାଗର ଘରକୁ ଆସିବା ପରେ ମୃତଦେହଗୁଡ଼ିକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୫୧/୨୦) ରୁଜୁ କରି ତଦନ୍ତ ଜାରି ରଖିଛି।

# ବର୍ଷା ଛାଡ଼ିଲା: ତିନି ଦିନ କୁହୁଡ଼ି

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ରାଜ୍ୟରେ ଆଉ ପ୍ରବଳ ବର୍ଷାର ସମ୍ଭାବନା ନାହିଁ। ତେବେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଉପକୂଳ ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ଼, ବୌଦ୍ଧ, କନ୍ଧମାଳ, ରାୟଗଡ଼ା ଏବଂ କୋରାପୁଟ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସମୟରେ ଉତ୍ତର ଓଡ଼ିଶା ସମେତ ସୁନ୍ଦରଗଡ଼, ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର ଏବଂ ଝାରସୁଗୁଡ଼ାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ୨୮ ଓ ୨୯ ତାରିଖ ଯାଏ ଉପକୂଳ ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ୟେଲୋୱାର୍ନିଂ ଜାରି କରାଯାଇଛି।

ଗତ ଦୁଇଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଓ ପବନ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରରେ ୨୧ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ କଟକରେ ୧୯.୪, ପାରାଦୀପ ୨୧, ଭୁବନେଶ୍ୱର ୭୮.୨, ଗୋପାଳପୁର ୪.୭, ପୁରୀ ୯, ଅନୁଗୋଳ ୧୯, ବାରିପଦା ୫, କେନ୍ଦୁଝର ୧୪.୨, ସମ୍ବଲପୁର ୨୬, ହୀରାକୁଦ ୧୩.୫, ତାଳଚେର ୨୧, ଭବାନୀପାଟଣା ୩୫, କୋରାପୁଟ ୭, ଦାରିଙ୍ଗିବାଡି ୧୩, ନୟାଗଡ଼ ୮, ଟିଟିଲାଗଡ଼ ୯ ଏବଂ କୋରାପୁଟ ଜିଲାରେ ୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।




# ମେ ଶେଷ ସପ୍ତାହରେ ଯୁକ୍ତ୨ ପରୀକ୍ଷାଫଳ

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

- ଅଧ୍ୟାପକ ଖାତା ନ ଦେଖିଲେ ହେବ କାର୍ଯ୍ୟାନୁଷ୍ଠାନ

ଆସନ୍ତା ୩ ତାରିଖରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷାକୁ ଶୃଙ୍ଖଳିତ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଉଛି। କପି ମୁକ୍ତ କରିବା ଲାଗି ସବୁ ସେଣ୍ଟରରେ ସିସିଟିଭିକୁ ବାଧ୍ୟତାମୂଳକ କରାଯାଇଛି ବୋଲି ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏପ୍ରିଲ ପ୍ରଥମ ସପ୍ତାହରୁ ଖାତାଦେଖା ଆରମ୍ଭ ହେବ। ଯଦି ଯୁକ୍ତ୨ ପରୀକ୍ଷା ଖାତା ଦେଖାରେ ଅଧ୍ୟାପକମାନେ ଯୋଗ ନ ଦେବେ, ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ମେ' ଶେଷ ସପ୍ତାହରେ ବିଜ୍ଞାନ ଓ ଜୁନ୍ ପ୍ରଥମ ସପ୍ତାହରେ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷାର ପରୀକ୍ଷାଫଳ ପ୍ରକାଶ କରିବା ପାଇଁ ପଦକ୍ଷେପ ନିଆଯାଉଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ବିଭାଗ ପକ୍ଷରୁ ପ୍ରତିବର୍ଷ ବିଭିନ୍ନ ଯୋଜନା ପ୍ରଣୟନ କରାଯାଉଛି। ତଥାପି ପରୀକ୍ଷାରେ ଅନେକ ବିଶୃଙ୍ଖଳା ହେଉଛି। ପରୀକ୍ଷା ପୂର୍ବରୁ ବିଭିନ୍ନ ବିଷୟର ପ୍ରଶ୍ନପତ୍ର ଭାଇରାଲ୍ ହେଉଛି। ଏଣୁ ଏଭଳି ପରିସ୍ଥିତିର ପୁନରାବୃତ୍ତି ଯେପରି ନ ହୁଏ ସେନେଇ ବିଭାଗ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଉଛି।




ନାଗରିକତ୍ୱ ସଂଶୋଧନ ଆଇନ୍(ସିଏଏ)କୁ ନେଇ ଦିଲ୍ଲୀରେ ଦେଖା ଦେଇଥିବା ଦଙ୍ଗା ବନ୍ଦ କରି ଶାନ୍ତି ଓ ସଦ୍‌ଭାବନା ବଜାୟ ରଖିବା ବାର୍ତ୍ତା ଦେଇ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ତିଆରି କରିଥିବା ବାଲୁକାକଳା।

# ୭ ପରୀକ୍ଷା କେନ୍ଦ୍ରରୁ ୩୨ ଧରାପଡ଼ିଲେ

**ନରସିଂହପୁର,୨୬।୨ (ଡି.ଏନ୍.ଏ.)**

**ମାଟ୍ରିକ ପରୀକ୍ଷାରେ କପି**

ବୁଧବାର ମାଟ୍ରିକର ଗଣିତ ପରୀକ୍ଷା ଚାଲିଥିବା ବେଳେ ନରସିଂହ ବ୍ଲକ ଅନ୍ତର୍ଗତ ୭ ପରୀକ୍ଷା କେନ୍ଦ୍ରରୁ ୩୨ ଜଣ ପିଲା କପି କରୁଥିବା ବେଳେ ସ୍କ୍ୱାଡ୍ ହାତରେ ଧରାପଡିଛନ୍ତି। ଏହାପରେ ସମ୍ପୃକ୍ତ ପିଲାଙ୍କୁ ମାଲ୍ ପ୍ରାକ୍ଟସ୍ କରିଦିଆଯାଇଛି। ସେମାନଙ୍କ ମଧ୍ୟରେ କାନପୁର ବାଳିକା ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ୬, ମଦନ ଗୋପାଳ ହାଇସ୍କୁଲ ବାଲିଝରି ପରୀକ୍ଷା କେନ୍ଦ୍ରର ୧୬, ବଂଶୀଧର ହାଇସ୍କୁଲ କାନପୁର ପରୀକ୍ଷା କେନ୍ଦ୍ରର ୩, ଲିଙ୍ଗରାଜ ହାଇସ୍କୁଲ କୋକଳବା ପରୀକ୍ଷାକେନ୍ଦ୍ରର ୩, ପଞ୍ଚାୟତ ବିଦ୍ୟାପୀଠ ନିମସାହି-ଡମକଟା ପରୀକ୍ଷା କେନ୍ଦ୍ରର ୨ ଜଣଙ୍କ ସମେତ ବିଏସ ବିଦ୍ୟାପୀଠ ସାଗର ପରୀକ୍ଷା କେନ୍ଦ୍ର ଓ ମା'ବାଉଡି ବିଦ୍ୟାପୀଠ ଏକତାଳ ପରୀକ୍ଷା କେନ୍ଦ୍ରରୁ ଜଣେ ଲେଖାଏଁ ପରୀକ୍ଷାର୍ଥୀ ରହିଛନ୍ତି। ନରସିଂହପୁର ବ୍ଲକରେ ସମୁଦାୟ ୧୪ କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ହେଉଛି।




**ଆଇନଜୀବୀ ଦୀପାଳି ଆତ୍ମହତ୍ୟା ଘଟଣା**

# ଝାରପଡ଼ା ଜେଲରେ ବିକ୍ରମଙ୍କୁ ୨ ଘଣ୍ଟା ଜେରା

**ଭୁବନେଶ୍ୱର,୨୬।୨(ବ୍ୟୁରୋ)**

ଆଇନଜୀବୀ ଦୀପାଳି ଜେନା ଆତ୍ମହତ୍ୟା ମାମଲାରେ ଗିରଫ ହୋଇ ଝାରପଡ଼ା ଜେଲ୍‌ରେ ଅଛନ୍ତି ଅଭିଯୁକ୍ତ ପୁରୁଷବନ୍ଧୁ ବିକ୍ରମ ଜେନା। ବୁଧବାର କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କୁ ଜେଲ୍ ଭିତରେ ୨ ଘଣ୍ଟା ଧରି ମାରାଥନ ଜେରା କରିଛି। ଜେରାବେଳେ ପୋଲିସ କିଛି ନୂଆ ତଥ୍ୟ ପାଇଥିବା ଜଣାପଡିଛି।

ମିଳିଥିବା ସୂଚନାନୁସାରେ ଜେରାବେଳେ ବିକ୍ରମର କେତେକ କଥା ପୋଲିସକୁ ଆଶ୍ଚର୍ଯ୍ୟ କରିଥିଲା। ସେ କହିଥିଲେ, ମୁଁ ଯଦି ଚାହିଁଥାନ୍ତି ତା'ହେଲେ ଦୀପାଳିଙ୍କୁ ବଞ୍ଚାଇ ଦେଇ ପାରିଥାନ୍ତି। ଡିସେମ୍ବର ୪ ତାରିଖ ଦିନ ତମାମ୍ ଦୀପାଳିଙ୍କ ପାଖକୁ କିଏ ଫୋନ୍ କରିଥିଲେ। ମୁଁ ତାଙ୍କୁ ବାରମ୍ବାର ପଚାରିଥିଲେ ମଧ୍ୟ ସେ ଫୋନ୍ ଦେଖାଇ ନ ଥିଲେ କି କିଏ ଫୋନ୍ କରିଥିଲେ କହି ନ ଥିଲେ। ଫଳରେ ଏହାକୁ ନେଇ ମୁଁ ରାଗିଯାଇଥିଲି। ଆମ ଦୁହିଁଙ୍କ ମଧ୍ୟରେ ଝଗଡା ହୋଇଥିଲା। ପରେ ସେଠାରୁ ମୁଁ ପଳାଇ ଆସିଥିଲି। ରାତିରେ ମୁଁ ପୁଣି ଦୀପାଳିଙ୍କ ରୁମ୍‌କୁ ଯାଇ କିଏ ଫୋନ୍ କରିଥିଲେ ଯାଞ୍ଚ ସହ ପଚରାଉଚରା କରିଥିଲି। ତଥାପି ସେ କହି ନ ଥିଲେ। ଫଳରେ ଆମ ମଧ୍ୟରେ ପୁଣି ବିବାଦ ଓ ଝଗଡା ହୋଇଥିଲା। ମୁଁ ରାଗରେ ଭୁବନେଶ୍ୱରରୁ କଟକ ଘରକୁ ପଳାଇ ଆସିଥିଲି। ମୁଁ ସେଠାରୁ ଚାଲି ଆସିବା ପରେ ଦୀପାଳି ସେହି ରୁମ୍‌ରେ ଆତ୍ମହତ୍ୟା କରିଦେଇଥିଲେ। ତେବେ ବିକ୍ରମଙ୍କ ବୟାନକୁ ନେଇ ଏବେ ପୋଲିସ ଅଧିକାରୀମାନେ ନୂଆ ସୁରାକ ପାଇଛନ୍ତି। ତୃତୀୟ ବ୍ୟକ୍ତି ଜଣକ କିଏ? ଦୀପାଳି କାହିଁକି ତାଙ୍କ ସମ୍ପର୍କରେ ବିକ୍ରମଙ୍କୁ କିଛି କହୁ ନ ଥିଲେ? ବିକ୍ରମ ହତ୍ୟା କରି ଏପରି ଆତ୍ମହତ୍ୟା ରୂପ ଦେବାକୁ ନାଟକ ରଚିଛନ୍ତି ନା ସେ ସେଠାରୁ ଚାଲିଆସିବା ପରେ ଦୀପାଳିଙ୍କ କ୍ଷେତ୍ରରେ ଆଉକିଛି ଘଟଣା ଘଟିଥିଲା ତାହାକୁ ନେଇ ପୋଲିସ ଖୋଳତାଡ଼ ଆରମ୍ଭ କରିଛି। ଏପରିସ୍ଥିତିରେ ଆସନ୍ତା ୮ରୁ ୧୦ ଭିତରେ କମିଶନରେଟ୍ ପୋଲିସ ଏହି ମାମଲାରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିବ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୨୦ରେ ଧଉଳି ଥାନା ଅନ୍ତର୍ଗତ ଇନ୍ଦିରା କଲୋନୀସ୍ଥିତ ଏକ ଭଡ଼ା ଘରୁ ଦୀପାଳିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଥିଲା।

# ରାଜ୍ୟ ବାହାରୁ ଆସୁଛି ନିମ୍ନମାନର ଅଣ୍ଡା

**ଭୁବନେଶ୍ୱର, ୨୬।୨(ବ୍ୟୁରୋ)**

- ପ୍ରଭାବିତ ହେଉଛି ଓଡ଼ିଶାର ଅଣ୍ଡା ଶିଳ୍ପ
- ତନଖି ଫାଟକରେ ବାସି ଅଣ୍ଡା ନ ଛାଡ଼ିବାକୁ ଚେତାବନୀ

ଦୁର୍ଦ୍ଦିନ ସ୍ଥିତିରେ ଆସି ପହଞ୍ଚିଛି ଓଡ଼ିଶାର ଅଣ୍ଡା ବ୍ୟବସାୟ। ବ୍ୟବସାୟରେ ହେଉଥିବା କ୍ଷତିକୁ ଭରଣା କରି ନ ପାରି ପ୍ରାୟ ୧୨ରୁ ଅଧିକ ଅଣ୍ଡା ଉତ୍ପାଦନକାରୀ ଫାର୍ମ ବନ୍ଦ ହୋଇସାରିଛି ଏବଂ ଆହୁରି ଅନେକ ଫାର୍ମ ବନ୍ଦ ହେବା ପରିସ୍ଥିତିରେ ପହଞ୍ଚିସାରିଛି। ଓଡ଼ିଶାର ଅଣ୍ଡା ବ୍ୟବସାୟରେ ପରିଲକ୍ଷିତ ଅଭାବନୀୟ ପରିସ୍ଥିତିକୁ ନେଇ ଚିନ୍ତା ପ୍ରକଟ କରିବା ସହ ଚେତାବନୀ ଦେଇଛି ଅଲ୍ ଓଡ଼ିଶା ଲେୟାର ଫାର୍ମରସ୍ ଆସୋସିଏଶନ। ଆମ ରାଜ୍ୟର କୃଷି ଭିତ୍ତିକ ଅଣ୍ଡା ଉତ୍ପାଦନ ଶିଳ୍ପରେ ପ୍ରତ୍ୟକ୍ଷ ଭାବେ ୫୦ହଜାର ଏବଂ ପରୋକ୍ଷରେ ୧ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ଉପକୃତ ହେଉଛନ୍ତି। କିନ୍ତୁ ଆଜିକୁ ପ୍ରାୟ ଦେଢ଼ ବର୍ଷରୁ ଅଧିକ ଦିନ ହେଲାଣି କୁକୁଡ଼ା ଖାଦ୍ୟ ପ୍ରସ୍ତୁତି ହେଉଥିବା ବିଭିନ୍ନ ଉତ୍ପାଦନର ମୂଲ୍ୟ ଅତ୍ୟଧିକ ବୃଦ୍ଧି ହେଉଥିବା ଯୋଗୁ ଅଣ୍ଡାର ଉତ୍ପାଦନ ଦର ମଧ୍ୟ ତଦନୁଯାୟୀ ବୃଦ୍ଧି ପାଇଛି। ଏହି ପରିସ୍ଥିତିର ଫାଇଦା ନେଇ କେତେକ ଅଣ୍ଡା ବ୍ୟବସାୟୀ ବାହାର ରାଜ୍ୟରୁ ୧୦ରୁ ୧୫ ଦିନର ବାସି ଓ ନିମ୍ନମାନର ଅଣ୍ଡାକୁ କମ୍ ଦରରେ ଆଣି ଓଡ଼ିଶାରେ ବିକ୍ରି କରୁଛନ୍ତି। ଏହାସହ ଆମ ରାଜ୍ୟରେ ଅଣ୍ଡା ଉତ୍ପାଦନ କରୁଥିବା କୃଷକମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ଅଣ୍ଡା ବିକ୍ରି କରିବାକୁ ବାଧ କରାଯାଉଛି। ଫଳରେ ଓଡ଼ିଆ ଚାଷୀମାନେ ପ୍ରତିଦିନ ଲକ୍ଷ ଲକ୍ଷ ଟଙ୍କାର କ୍ଷତି ସହୁଛନ୍ତି। ଅନ୍ୟପଟେ ସରକାରଙ୍କ ଦ୍ୱାରା ପରିଚାଳିତ ବିଭିନ୍ନ କାର୍ଯ୍ୟକ୍ରମରେ ମଧ ବାହାର ରାଜ୍ୟରୁ ଆମଦାନୀ ହେଉଥିବା ଅଣ୍ଡା ବଣ୍ଟନ ଦ୍ୱାରା ନିରୀହ ଶିଶୁ ଓ ଗର୍ଭବତୀଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବାର ସମ୍ଭାବନା ରହିଛି। କିନ୍ତୁ କେତେକ ବ୍ୟବସାୟୀ ଏଭଳି ଭୟଙ୍କର ସ୍ଥିତିକୁ ଖାତିର ନ କରି ନିଜର ଲାଭ ପାଇଁ ନିମ୍ନମାନର ଅଣ୍ଡା ବିକ୍ରି କରି ଚାଲିଛନ୍ତି। ଏହି ଅସାଧୁ ବ୍ୟବସାୟୀଙ୍କୁ ଆସୋସିଏଶନ ପକ୍ଷରୁ ବାରମ୍ବାର ବାରଣ ସତ୍ତ୍ୱେ ସେମାନେ କର୍ଣ୍ଣପାତ କରୁନାହାନ୍ତି ବୋଲି ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର କହିଛନ୍ତି। ସମସ୍ତ ଅଣ୍ଡା ବ୍ୟବସାୟୀ ଆମ ରାଜ୍ୟରୁ ଉତ୍ପାଦିତ ସତେଜ ଓ ତାଜା ଅଣ୍ଡାକୁ ବ୍ୟବହାର କରିବାକୁ ଆସୋସିଏଶନ ତରଫରୁ ନିବେଦନ କରାଯାଇଛି। ଏହାସହ ଅନ୍ୟ ରାଜ୍ୟରୁ ଆସୁଥିବା ବାସି ଓ ନିମ୍ନମାନର ଅଣ୍ଡା ଆମଦାନୀ ବନ୍ଦ କରାଯାଉ। ନଚେତ ଅଣ୍ଡା ଉତ୍ପାଦନ କରୁଥିବା ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ। ଖୁବ୍‌ଶୀଘ୍ର ରାଜ୍ୟର ସମସ୍ତ ଆନ୍ତଃରାଜ୍ୟ ତନଖି ଫାଟକରେ ଓଡ଼ିଶା ଭିତରକୁ ଅଣ୍ଡା ଆମଦାନୀକୁ ବନ୍ଦ କରିଦେବାକୁ ବାଧ୍ୟ ହେବେ ବୋଲି ଆସୋସିଏଶନ ପକ୍ଷରୁ ଚେତାବନୀ ଦିଆଯାଇଛି।

ସୂଚନା ଯେ, ଜାତୀୟ ଅଣ୍ଡା ସମନ୍ୱୟ କମିଟି (ନେକ୍) ସଂସ୍ଥା ଦ୍ୱାରା ସର୍ବଭାରତୀୟ ସ୍ତରରେ ଅଣ୍ଡାର ଦର ପ୍ରତିଦିନ ଧାର୍ଯ୍ୟ ହୋଇଥାଏ। କିନ୍ତୁ ଏହି ସଂସ୍ଥାରେ ସଭ୍ୟ ଥିବା କିଛି ଅସାଧୂ ଓ ଖଳ ପ୍ରକୃତିର ଲୋକ ନିଜର ସ୍ୱାର୍ଥ ପାଇଁ ଅଣ୍ଡା ଦରକୁ ନିଜର ନିୟନ୍ତ୍ରଣରେ ଏବଂ କମ୍ ଦରରେ ଧାର୍ଯ୍ୟ କରୁଛନ୍ତି, ଯଦ୍ୱାରା ବର୍ତ୍ତମାନ ରାଜ୍ୟର କୁକୁଡ଼ା ଚାଷୀମାନେ ଅଣ୍ଡାର ସର୍ବନିମ୍ନ ଉତ୍ପାଦନ ମୂଲ୍ୟ ପାଇପାରୁ ନାହାନ୍ତି। ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଆସୋସିଏଶନ ପକ୍ଷରୁ କୁହାଯାଇଛି। ନଚେତ୍ ଆଗାମୀ କିଛିଦିନ ମଧ୍ୟରେ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନରେ ଗଢ଼ି ଉଠିଥିବା ଅଣ୍ଡା ଶିଳ୍ପର ବିଲୋପ ହୋଇଯିବ ଏବଂ ଲକ୍ଷ ଲକ୍ଷ ଲୋକ କାମଧନ୍ଦା ହରାଇ ବେକାର ହୋଇଯିବେ ବୋଲି ଆସୋସିଏଶନ ଚିନ୍ତ ପ୍ରକଟ କରିଛି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାଙ୍କୁ ଥଟ୍ଟା କରନ୍ତି । କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାଙ୍କୁ ଆଦର କରନ୍ତି ।

- ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ସିଏଏ ଜନ ସମାବେଶ ପ୍ରସ୍ତୁତି ବୈଠକ

**କଟକ ଅଫିସ, ୨୬।୨:** ନାଗରିକତା ସଂଶୋଧନ ଆଇନ (ସିଏଏ) ପ୍ରସଙ୍ଗକୁ ନେଇ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱରଠାରେ ଏକ ଜନସମାବେଶ ହେବ। ଏଥିରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଯୋଗଦେବେ। ଏ ନେଇ କଟକ ମହାନଗର ନିଗମ ଅଧୀନ ୩୪ ନମ୍ବର ୱାର୍ଡରେ ବୁଧବାର ଭାଜପା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୁବମୋର୍ଚ୍ଚାର ପୂର୍ବତନ ସମ୍ପାଦକ ସୁରେଶ ମହାନ୍ତି ଯୋଗଦେଇ ଲୋକଙ୍କୁ ଏ ସମ୍ପର୍କରେ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଯୁବନେତା ସ୍ମୃତିରଞ୍ଜନ ମିଶ୍ର, ରାକେଶ କୁମାର ବସ୍ତିଆ, ସଞ୍ଜୀବ ଶୁକ୍ଳା, ଦେବରାଜ ବେହେରା, ଜି. ସନ୍ତୋଷ ରାଏ, ଉମାକାନ୍ତ ସ୍ୱାଇଁ, ଶିବୁନ ସାହୁ, ମନୋଜ କୁମାର ବେହେରା, ପୃଥ୍ୱୀରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ରାମକୃଷ୍ଣ ପରମହଂସଙ୍କ ଜୟନ୍ତୀ

**କଟକ ଅଫିସ,୨୬।୨:** ରାମକୃଷ୍ଣ ପରମହଂସ ଦେବଙ୍କ ଜୟନ୍ତୀ ବଙ୍ଗାଳିସାହିସ୍ଥିତ ରାମକୃଷ୍ଣ କୁଟୀରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପ୍ରଫେସର ଶ୍ୟାମା ପ୍ରସନ୍ନ ମିଶ୍ର ଯୋଗଦେଇ ରାମକୃଷ୍ଣ ପରମହଂସ ଦେବଙ୍କ ଆଦର୍ଶରେ ଅନୁଗାମୀ ହେବା ପାଇଁ ଆହ୍ୱାନ ଦେଇଥିଲେ। କୁଟୀରର ସ୍ଥାୟୀ ସଭାପତି ପଦ୍ମନାଭ ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଡା. ସୂର୍ଯ୍ୟନାରାୟଣ ଦାସ, ଡ. ସତ୍ୟ ରାୟ, ଦେବରାଜ ମିଶ୍ର, ଗୋକୁଳାନନ୍ଦ ପଟ୍ଟନାୟକ, ସୁଭାଷ ଚନ୍ଦ୍ର ସାହୁ, ଡ. ଦୀପକ ରାଜ ପ୍ରମୁଖ ଉପସ୍ଥିତ ଥିଲେ। କୁଟୀରର ସହ ସମ୍ପାଦକ ଭୁବନାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

### କ୍ୟାରମ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଚୌଦ୍ୱାର,୨୬।୨(ଡି.ଏନ୍.ଏ.):** ଚୌଦ୍ୱାର ପୌରପାଳିକା ୪ନଂ. ୱାର୍ଡସ୍ଥିତ ରାହାସବିହାରୀ ମନ୍ଦିର ପ୍ରାଙ୍ଗଣରେ ୩ଦିନ ଧରି ଚାଲିଥିବା କ୍ୟାରମ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ରାହାସବିହାରୀଜୀଉ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ସୌମ୍ୟ ରଞ୍ଜନ ସାହୁ ଓ ସାଗର ମହାରଣା ଚାମ୍ପିୟନ ହୋଇଥିବାବେଳେ ରଶ୍ମିରଞ୍ଜନ ମଙ୍ଗରାଜ ଓ ରାଜ କିଶୋର ପୂଜାରୀ ରନର୍ସଅପ୍ ହୋଇଥିଲେ। ପୂର୍ବତନ କାଉନସିଲର ବିଷ୍ଣୁ ଚରଣ ପରିଡା, ମହେନ୍ଦ୍ର ସାହୁ ଅତିଥି ଭାବେ ଯୋଗଦେଇ ବିଜୟୀଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଗିରିଶ ସାହୁ, ଅଶୋକ ସାହୁ, ସନ୍ତୋଷ ସାହୁ, ଟୁଲନ ସାହୁ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ବୈଠକ

**ଖୁଣ୍ଟୁଣୀ,୨୬।୨(ଡି.ଏନ୍.ଏ.):** ଖୁଣ୍ଟୁଣୀସ୍ଥିତ ଯୁଥ କ୍ଳବ ପରିସରରେ ଆସନ୍ତା ୨୮ ତାରିଖରେ ୩୩ତମ ବାର୍ଷିକ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ପାଇଁ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟୁଣୀ-ରମ୍ଭେଇ ଶ୍ରୀରାମ କୃପା ପରିଷଦ ପକ୍ଷରୁ ଆୟୋଜିତ ଏହି ବୈଠକରେ ମୁଖ୍ୟ ପରିଚାଳକ ମନେଶ୍ୱର କର ସଭାପତିତ୍ୱ କରିଥିଲେ। ୨୭ତାରିଖରେ ଅଧିବାସ ପାଇଁ କଳସଯାତ୍ରା ଅନୁଷ୍ଠିତ ହେବ। ବୈଠକରେ ରବୀନ୍ଦ୍ର ସାହୁ, ଯୋଗୀନାଥ ପାତ୍ର, ସଚ୍ଚିଦାନନ୍ଦ ପଣ୍ଡା, ବିକ୍ରମାନନ୍ଦ ବସ୍ତିଆ, ବିପିନ ବିହାରୀ ପ୍ରଧାନ, ପ୍ରତାପ ସାହୁ, ଗୋବିନ୍ଦ ବେହେରା ଉପସ୍ଥିତ ଥିଲେ।

# ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ କରେ ଆର୍‌ଟିଆଇ

**କଟକ ଅଫିସ, ୨୬।୨**



କର୍ମଶାଳାରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଅନ୍ୟ ଅତିଥିମାନେ।

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) କେବଳ ସୂଚନା ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଅଧିକ କାର୍ଯ୍ୟଦକ୍ଷ, ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବୁଧବାର ପୂର୍ବାହ୍ଣରେ ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସୂଚନା ଅଧିକାର ଅଧିନିୟମ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଏହା କହିଛନ୍ତି। ସୂଚନା ଅଧିକାର ଆଇନ ପରୋକ୍ଷରେ ପ୍ରଶାସନରେ ଥିବା ତ୍ରୁଟି ବିଚ୍ୟୁତିକୁ ଦୂର କରିବା ସହିତ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିଥାଏ। ରାଜ୍ୟ ସରକାରଙ୍କ 'ମୋ ସରକାର' କାର୍ଯ୍ୟକ୍ରମ ଏହାର ଏକ ପ୍ରସାରିତ ରୂପରେଖ ବୋଲି ସେ କହିଥିଲେ। ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ବୈଷୟିକ ସହଯୋଗ କରୁଥିବା ଲୁମିନସ୍‌ର ଅଧିକାରୀ ଶ୍ରୀହର୍ଷ ପରିଚ୍ଛା ଯୋଗଦେଇ ସୂଚନା ଅଧିକାର ଆଇନ ଏକ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଉଥିବାବେଳେ ଏହାର ସାମ୍ବିଧାନିକ, ଗଣତାନ୍ତ୍ରିକ ଓ ଯୁକ୍ତିସଂଗତ ଦିଗ ଉପରେ ଆଲୋକପାତ କରିଥିଲେ। ସୂଚନା ଅଧିକାର ଆଇନ ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣିତ ୫-ଟି କାର୍ଯ୍ୟକ୍ରମ ସମ୍ପର୍କରେ ବୁଝାଇଥିଲେ। ସୂଚନା ଅଧିକାର ଅଧିନିୟମ ଅନ୍ତର୍ଗତ ବିଭିନ୍ନ ଧାରା ଉପଧାରାକୁ ନେଇ ଜନ ସୂଚନା ଅଧିକାରୀମାନେ କାର୍ଯ୍ୟ କରିବା ସମ୍ପର୍କରେ ବିଶଦ୍ ଭାବେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଯୋଗଦେଇ ସୂଚନା ଅଧିକାର ଆଇନ ସମ୍ପର୍କରେ ଅଧିକ ସଚେତନ ହୋଇ ଜନ ସୂଚନା ଅଧିକାରୀମାନେ ନିଷ୍ଠାର ସହିତ ସେମାନଙ୍କର ଦାୟିତ୍ୱ ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ କଟକ ଜିଲାର ତିନୋଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ପ୍ରଥମ ଅପିଲ ଅଧିକାରୀ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ସୂଚନା ଅଧିକାରୀ ଅଶୋକ କୁମାର ଷଡଙ୍ଗୀ ଏହି କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ୫ଜି ଟେକ୍ନୋଲୋଜି ସଂକ୍ରାନ୍ତ ଲେକଚର୍ସ




**ଭୁବନେଶ୍ୱର, ୨୬-୨**

ଅଜୟ ବିନୟ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ପରିସରରେ ୫ଜି କନେକ୍ଟିଂ ଏଭ୍ରିଥିଂ ଇଣ୍ଡଷ୍ଟ୍ରି ଏକ୍ସପର୍ଟ ଲେକଚର୍ସ ଅନୁଷ୍ଠିତ ହୋଇଯାଇଛି। ବିପିୟୁଟି ପ୍ରାୟୋଜିତ ଟିଇକ୍ୟୁଆଇପି-୩ ଅନ୍ତର୍ଗତ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଏନ୍‌ଏଲ୍‌ର ନିର୍ଦ୍ଦେଶକ ଇଂ. ପି.କେ.ଚାନ୍ଦ, ଅଧ୍ୟକ୍ଷା ପ୍ରଫେସର ଲୀନା ସାମନ୍ତରା, ନିର୍ଦ୍ଦେଶକ ଇଂ ସତ୍ୟଦର୍ଶୀ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ବି.ଏନ୍.ଗୁରୁ, ଜିଓ ନେଟ୍‌ୱର୍କ ପରିଚାଳକ ଇଂ ଲକ୍ଷ୍ମୀଧର ପ୍ରଧାନ ଏବଂ ଇଂ ଅମୀତ ଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ୫ଜିର ଉପଯୋଗିତା ଏବଂ ମାନବ କଲ୍ୟାଣ ଦିଗରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଇଂ ପଣ୍ଡା ୫-ଜିର ଭିନ୍ନତା ଓ ଉପଭୋକ୍ତାଙ୍କର ସ୍ୱାର୍ଥ ସୁରକ୍ଷାର କ୍ଷମତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଶୁଭଲକ୍ଷ୍ମୀ ମହାପାତ୍ର, ଚୌଧୁରୀ ପ୍ରସନ୍ନଜିତ ନନ୍ଦ, ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକ ମାନେ ଉପସ୍ଥିତ ଥିଲେ।




ଉଠା ଦୋକାନୀଙ୍କୁ ଥଇଥାନ କରିବା ଦାବି ନେଇ ବୁଧବାର ବାରବାଟୀ କଟକ ଯୁବ କଂଗ୍ରେସ ପକ୍ଷରୁ ସିଏମସି ଅଫିସ ସମ୍ମୁଖରେ ବିକ୍ଷୋଭ କରାଯାଉଛି।

# ସିଏମ୍‌ସି କମିଶନରଙ୍କୁ ଯୁବ କଂଗ୍ରେସର ଦାବିପତ୍ର

**କଟକ ଅଫିସ, ୨୬।୨**

ବାରବାଟୀ -କଟକ ଯୁବ କଂଗ୍ରେସ ପକ୍ଷରୁ ବକ୍ସିବଜାର ମାର୍କେଟ ଛକ ଉଠାଦୋକାନୀଙ୍କୁ ଭେଣ୍ଡିଂ ଜୋନ ଜରିଆରେ ଥଇଥାନ କରିବା ଦାବି ହୋଇଛି। ଏ ନେଇ ବୁଧବାର ସିଏମ୍‌ସି କମିଶନରଙ୍କ ଉଦ୍ଦେଶ୍ୟରେ ଡେପୁଟି କମିଶନରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପସଭାପତି ସେକ ଗୁଲାମ ମୋଇଦ୍ଦିନଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳରେ ସେକ ସମ୍ମିମଉଲ୍ଲା, ଆର୍ଯ୍ୟବୀର ଲେଙ୍କା, ମହମ୍ମଦ ଅଲିମ, ବିକି ଚକ୍ରବର୍ତ୍ତୀ, ଇଶରତ ଜାହାନ, ଭାରତୀ ଦାସ, ମହମ୍ମଦ ନାସିମ, ସେକ ନିୟାଜ, ଏସ୍. ପଦ୍ମା, ପି. ଲକ୍ଷ୍ମୀ, ଶିବାନ ମହାନ୍ତି ଓ ସେକ ସାଜିଦ ପ୍ରମୁଖ ଉପସ୍ଥିତ ଥିଲେ।

# ପୁରୀ ଆର୍‌ଏମ୍‌ଏସ୍ ସେବା ସ୍ଥାନାନ୍ତରକୁ ବିରୋଧ

**ପୁରୀ ଅଫିସ,୨୬।୨**

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ରେଳ ଡାକ ସେବା ଖୋର୍ଦ୍ଧା ରୋଡ ସ୍ଥାନାନ୍ତରକୁ ଶ୍ରୀଜଗନ୍ନାଥ ସେନା ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ବୁଧବାର ସେନା ପକ୍ଷରୁ ଡାକ ସେବା କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ବିକ୍ଷୋଭ କରାଯାଇଛି। ଏହି ନିଷ୍ପତ୍ତି ଯଥାଶୀଘ୍ର ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଡାକ ବିଭାଗରେ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଷଡ଼ଯନ୍ତ୍ର ପୂର୍ବକ ଏଠାରେ କାର୍ଯ୍ୟକ୍ଷମ ଥିବା ଡାକ ସେବାକୁ ବନ୍ଦ ଲାଗି ଚକ୍ରାନ୍ତ କରୁଛନ୍ତି ବୋଲି ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି। ଏହି ସେବା ଉପରେ କେବଳ ପୁରୀବାସୀ ନୁହେଁ, ଆଖପାଖ ଅଞ୍ଚଳ ତଥା ବାହାର ପର୍ଯ୍ୟଟକ ମଧ୍ୟ ନିର୍ଭର କରନ୍ତି। ଜରୁରୀ ଡକ୍ୟୁମେଣ୍ଟ ଅନ୍ୟ ସ୍ଥାନକୁ ପଠାଇବା ଲାଗି ଆରଏମଏସ ଉପରେ ନିର୍ଭର କରନ୍ତି। ଏହି ସେବା ଉଠିଗଲେ, ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ମଧ୍ୟ ଏହାକୁ ସ୍ଥାନାନ୍ତର ନେଇ ଚକ୍ରାନ୍ତ ହୋଇଥିଲା। ସେତେବେଳେ ଆମେ ଏହାକୁ ବିରୋଧ କରିଥିଲୁ। ଏବେ ପୁଣି ଏହାକୁ ଉଠାଇ ନେବା ଲାଗି ଚକ୍ରାନ୍ତ ଚାଲିଛି। ଶ୍ରୀଜଗନ୍ନାଥ ସେନା ଏହାର ବିରୋଧ କରୁଛି। ଆବଶ୍ୟକ ପଡିଲେ, ଆଗକୁ ଜନ ଆନ୍ଦୋଳନ କରାଯିବ। ଏ ନେଇ ସେନା ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ବିକ୍ଷୋଭରେ ପଟ୍ଟନାୟକଙ୍କ ସମେତ ସେନାର ଶତାଧିକ କର୍ମୀ ଯୋଗଦେଇଥିଲେ।

# ପାଣି ପଞ୍ଚାୟତ ନିର୍ବାଚନ: ବାନାମ୍ବର ସଭାପତି, ବିଶ୍ୱନାଥ ସମ୍ପାଦକ

**ନିଆଳି,୨୬।୨(ଡି.ଏନ୍.ଏ.)**

ନିଆଳି ଜଳସେଚନ ଅଧୀନ ପୋଖରୀଗାଁର ପିଙ୍ଗଳେଶ୍ୱର ପାଣି ପଞ୍ଚାୟତର ନିର୍ବାଚନ ବୁଧବାର ନିଆଳି ଜଳସେଚନ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବାନାମ୍ବର ଜେନା, ସମ୍ପାଦକ ଭାବେ ବିଶ୍ୱନାଥ ଖଟେଇ, କୋଷାଧ୍ୟକ୍ଷ ଭାବେ ସବୀର ରାଉତ ନିର୍ବାଚିତ ହୋଇଛନ୍ତି। ଏହି ନିର୍ବାଚନକୁ ଜଳସେଚନ କାର୍ଯ୍ୟନିର୍ବାହୀ ଅଧିକାରୀ ଅଗଣି ଚରଣ ବେହେରା, ସହକାରୀ ଯନ୍ତ୍ରୀ ସଞ୍ଜିବ ନାରାୟଣ ସାହୁ ପରିଚାଳନା କରିଥିଲେ। ଚାଷୀ ଭାଗିରଥୀ ମଲ୍ଲିକ, ସୁବାସ ପରିଡା, ରଞ୍ଜିତ୍ ନାୟକ ଅଲେଖ ଖଟେଇ, ପ୍ରତାପ ସ୍ୱାଇଁ, ସମିତିସଭ୍ୟ ଅଜୟ ମଲ୍ଲିକଙ୍କ ସମେତ ବହୁଚାଷୀ ନିର୍ବାଚିତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ନାରୀ ହିଂସା ସଂକ୍ରାନ୍ତ ଆଲୋଚନାଚକ୍ର

**କଟକ ଅଫିସ,୨୬।୨**

ମହିଳା ଥାନା ଏବଂ 'ମାଧ୍ୟମ' ମହିଳା ସହଯୋଗ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ଆଲୋଚନାଚକ୍ର ମାଛୁଆବଜାରସ୍ଥିତ ଶଶିକଳା ପ୍ୟାଲେସରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସମାଜରେ ମହିଳାମାନଙ୍କ ଉପରେ ବଢିଚାଲିଥିବା ହିଂସା ଓ ଏହାକୁ କିପରି ରୋକାଯାଇପାରିବ ସେନେଇ ଆଲୋଚନା କରାଯାଇଥିଲା। ସିଏମ୍‌ସି ଅଧୀନ ୩୪ ନଂ ୱାର୍ଡରୁ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ମହିଳା ଅଂଶଗ୍ରହଣ କରିଥିଲେ। ଆଇଏସ୍‌ଡିର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କେନ୍ଦ୍ରର ପରାମର୍ଶଦାତ୍ରୀ ରୋଜାଲିନ ସାହୁ ଧନ୍ୟବାଦ ଦେଇଥିଲେ। ମହିଳା ଥାନା ଅଧିକାରୀ ଅନୁସୂୟା ନାୟକ, ମଙ୍ଗଳାବାଗ ଥାନାଧିକାରୀ ଅମିତାଭ ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ସାମିଲ ଥିଲେ।

# ମଣ୍ଡିରେ ଧାନକିଣା ବିଳମ୍ବ ନେଇ ରାସ୍ତାରୋକୋ

**କଟକ ସଦର,୨୬।୨(ଡି.ଏନ୍.ଏ.)**

ଉତ୍ତରଶାସନ ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କିଣାରେ ବିଳମ୍ବ ନେଇ ବୁଧବାର ଚାଷୀମାନେ କନ୍ଦରପୁର-ମାଛଗାଁ ୫୫ନଂ. ଜାତୀୟ ରାଜପଥର ଉତ୍ତରଶାସନଠାରେ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଗାଡି ଅଟକି ରହିଥିଲା। ଯେ ପର୍ଯ୍ୟନ୍ତ ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବାର ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଚାଷୀମାନେ ଜିଦ୍ ଧରିଥିଲେ। ଖବରପାଇ ସହକାରୀ ସମବାୟ ନିବନ୍ଧକ ବିଜୟ କୁମାର ସାମଲ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଚାଷୀଙ୍କ ଠାରୁ ଧାନ କିଣାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସକାଳ ୯ଟା ରୁ ପ୍ରାୟ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ଏହାପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଅନୁଭୂତି ବଖାଣିଲେ ରୋଗୀ

**୨୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ**

**କଟକ ଅଫିସ, ୨୬।୨**

ଏସ୍‌ସିବି ମେଡିକାଲର ଆଞ୍ଚଳିକ ମେରୁଦଣ୍ଡ ଆଘାତଜନିତ ଉପଚାର କେନ୍ଦ୍ରର ୨୦ ବର୍ଷ ପୂର୍ତ୍ତି ଅବସରରେ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଏସ୍‌ଭି ନିରତାରର ନିର୍ଦ୍ଦେଶକ ପ୍ରଫେସର ଶକ୍ତିପ୍ରସାଦ ଦାସ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନ୍ୟୁରୋ ସର୍ଜରି ବିଭାଗ ମୁଖ୍ୟ ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ପ୍ଲାଷ୍ଟିକ ସର୍ଜରୀ ବିଭାଗ ମୁଖ୍ୟ ପ୍ରଫେସର ଅନ୍ନଦା ପଟ୍ଟନାୟକ, ଅର୍ଥପେଡିକ୍ ବିଭାଗ ମୁଖ୍ୟ ପ୍ରଫେସର ନିର୍ମଳ ମହାପାତ୍ର, ମେରୁଦଣ୍ଡ ବିଭାଗର ମେଡିକାଲ ଅଫିସର ସୁଧାଂଶୁ ଶେଖର ଦାସ ଯୋଗଦେଇଥିଲେ। ଏହି ଅବସରରେ ଉକ୍ତ କେନ୍ଦ୍ରରୁ ଚିକିତ୍ସିତ ହୋଇ ଫେରିଯାଇଥିବା ରୋଗୀମାନେ ସେମାନଙ୍କର ଅନୁଭୂତି ବଖାଣିଥିଲେ।



କଟକ ଜିଲା ବିଜେଡି ସଭାପତି ଦେବାଶିଷ ସାମନ୍ତରାୟଙ୍କୁ ଚୌଦ୍ୱାର-କଟକ ବିଜୁ ଜନତା ଦଳ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଆମ୍ବେଡକର ଉନ୍ନୟନ ପରିଷଦର ଆମରଣ ଅନଶନ ଚେତାବନୀ

**କଟକ ସଦର,୨୬।୨(ଡି.ଏନ୍.ଏ.**

କଟକ ସଦର ବ୍ଲକ ଅନ୍ତର୍ଗତ ୪୨ ମୌଜା ଅଞ୍ଚଳର ବିଭିନ୍ନ ଦାବି ନେଇ ସଦର ଆମ୍ବେଡକର ଉନ୍ନୟନ ପରିଷଦ ପକ୍ଷରୁ ବେଣ୍ଟକାରଠାରେ ସତ୍ୟାଗ୍ରହ ଓ ରିଲେ ଅନଶନ ୨୭ଦିନରେ ପହଞ୍ଚିଛି। ବୁଧବାର ବେଣ୍ଟକାର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପରିଷଦ ସଭାପତି ଡା. ଅଜୟ କୁମାର ପତି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଉକ୍ତ ଅଞ୍ଚଳକୁ ସବୁଜ ବଳୟ ମଧ୍ୟରେ ରଖି ଅତ୍ୟାଧୁନିକ ଚିକିତ୍ସାଳୟ, ନୂଆ ଥାନା ପ୍ରତିଷ୍ଠା, ଗମନାଗମନ ପାଇଁ ବସ୍ ସୁବିଧା, ଶୀତଳଭଣ୍ଡାରର ପୁନରୁଦ୍ଧାର, ବିଦ୍ୟୁତ୍ ସରବରାହକୁ ତ୍ୱରାନ୍ୱିତ କରିବା ଭଳି ଦାବି ପୂରଣରେ ପ୍ରଶାସନ ସମ୍ପୂର୍ଣ୍ଣ ବିଫଳ ହୋଇଛି ବୋଲି ପରିଷଦର କର୍ମକର୍ତ୍ତା କହିଛନ୍ତି। ଏହା ସହ ଗତ ୧୦ତାରିଖରେ କଟକ ସଦର ଉପଜିଲାପାଳଙ୍କ ସହ ହୋଇଥିବା ଆଲୋଚନାରେ ବସ୍ ସେବା, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭିତ୍ତିଭୂମି ସମ୍ପ୍ରସାରଣ ସହ ୨୪ଘଣ୍ଟିଆ ଡାକ୍ତରୀ ସେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏ ନେଇ ଉପଜିଲାପାଳ ଶୁଭ୍ରାଂଶୁ ଶେଖର ମିଶ୍ର ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ। ହେଲେ କୌଣସି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯାଇ ନାହିଁ। ୧୦ଦଫା ଦାବି ପୂରଣ ନ ହେଲେ ପରିଷଦ ସଭ୍ୟାସଭ୍ୟମାନେ ଆମରଣ ଅନଶନ କରିବେ ବୋଲି ପରିଷଦ ଉପସଭାପତି ପ୍ରଭାତ ଖଟୁଆ, ସମ୍ପାଦକ ପ୍ରାଣକୃଷ୍ଣ ଭୋଇ, ପଦ୍ମଲୋଚନ ସାହୁ, ହେମଲତା ଭୋଇ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାଳିନ୍ଦୀ ସେନାପତି, ବିଳାସିନୀ ଭୋଇ, ପ୍ରମିଳା ସାହାଣୀ, ଶୁକଦେବ ସାମଲ, ରମେଶ ଚନ୍ଦ୍ର ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।




ବେଣ୍ଟକାର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆମ୍ବେଡକର ଉନ୍ନୟନ ପରିଷଦର କର୍ମକର୍ତ୍ତାମାନେ।

# ଆ' ଡାକିଲେ ମାଡ଼ିଆସୁଛନ୍ତି ମୟୂର

## ପିକକ ମ୍ୟାନ୍ କାହ୍ନୁଙ୍କୁ ସମ୍ବର୍ଦ୍ଧିତ କଲା ବି.ଆଇ. ପ୍ରଫେସନାଲ୍‌ସ

**ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ.ଏ.)**



ନରାଜ ଗାଁର ୨୧ ବର୍ଷର ଯୁବକ କାହ୍ନୁ ବେହେରାଙ୍କୁ ଏବେ ଲୋକେ ପିକକ ମ୍ୟାନ ନାମରେ ଡାକୁଛନ୍ତି। କାହ୍ନୁ ବି ମୟୂରଙ୍କ ପ୍ରେମରେ ପଡ଼ିଛନ୍ତି। କାହ୍ନୁଙ୍କ ଆ' ଡାକର ସ୍ୱର ଶୁଣିବା ମାତ୍ରେ ପାହାଡ଼ ଉପରେ ନାଚି ଉଠି ୧୩୨ ମୟୂର ତାଙ୍କ ପାଖକୁ ଖାଦ୍ୟ ଖାଇବାକୁ ଆସୁଛନ୍ତି। କାହ୍ନୁ ଓ ମୟୂରଙ୍କ ମଧ୍ୟରେ ଏଭଳି ନିଆରା ସମ୍ପର୍କ ଦେଖିବାକୁ ମିଳିଛି ନରାଜ ପାହାଡ଼ରେ। ପକ୍ଷୀମାନଙ୍କ ସୁରକ୍ଷା ଓ ସେମାନଙ୍କ ସଂରକ୍ଷଣ ଚିନ୍ତାରେ କାହ୍ନୁଙ୍କ ସମର୍ପିତ ଭାବ ଦେଖିବା ପରେ ଭୁବନେଶ୍ୱରସ୍ଥିତ ବି.ଆଇ. ପ୍ରଫେସନାଲ୍‌ସ ତାଙ୍କୁ ଗତ ରବିବାର ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛି। ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଛନ୍ତି ଯେ, ପିକକ ଭ୍ୟାଲି କୁହାଯାଉଥିବା ନରାଜ ପାହାଡ଼ ୧୯୯୯ରେ ଏକ ପ୍ରକାର ମୟୂର ଶୂନ୍ୟ ହୋଇଯାଇଥିଲା। କାହ୍ନୁଙ୍କ ଜେଜେବାପା ପାଣ୍ଡୁ ୩ଟି ମୟୂରଙ୍କୁ ଠାବ କରି ସେମାନଙ୍କର ସୁରକ୍ଷା ଓ ଯତ୍ନ ନେଇଥିଲେ। ୨୦୧୭ରେ ପାଣ୍ଡୁଙ୍କ ଦେହାନ୍ତ ହେଲାବେଳକୁ ମୟୂରଙ୍କ ସଂଖ୍ୟା ଶତାଧିକ ହୋଇଥିଲା। ଜେଜେବାପାଙ୍କ ସହ ପାହାଡ଼ ଉପରେ ମୟୂରଙ୍କୁ ଖାଦ୍ୟ ଦେବାର ଆନନ୍ଦ ନେଉଥିଲେ କାହ୍ନୁ। ଜେଜେବାପାଙ୍କ ମୃତ୍ୟୁ ପରେ ମୟୂରଙ୍କ ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ କାହ୍ନୁ ନିଜ କାନ୍ଧକୁ ନେଇଛନ୍ତି।

୨୦୧୩ରୁ ଜେଜେବାପାଙ୍କ ସହ ମୟୂରଙ୍କ ଦେଖାରଖା କାମରେ ନିୟୋଜିତ କାହ୍ନୁ କଟକ ରଘୁନାଥ ଜୀଉ ମହାବିଦ୍ୟାଳୟରୁ ବାଣିଜ୍ୟରେ ପାଠ ପଢ଼ା ପରେ ବି ମୟୂରଙ୍କ ସୁରକ୍ଷା ଦାୟିତ୍ୱରୁ ଓହରି ଯାଇନାହାନ୍ତି। ବିନା ସରକାରୀ ସହାୟତା ଓ ପ୍ରୋତ୍ସାହନରେ ୭ ବର୍ଷ ହେଲା କାହ୍ନୁଙ୍କ ଏଭଳି ମୟୂରଙ୍କୁ ନିଚ୍ଛକ ଭଲ ପାଇବାର ନିଦର୍ଶନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏଭଳି କହିଛନ୍ତି, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ବି.ଆଇ. ପ୍ରଫେସନାଲ୍‌ସର ଇଂ. ଧୀରେନ୍ଦ୍ର କର, ଇଂ. ସୁବ୍ରତ କୁମାର ବଳ, ଇଂ. ଭାଗ୍ୟଶ୍ରୀ ମିଶ୍ର, ଇଂ. ସୁଶାନ୍ତ ସାହୁ, ଇଂ. ଶୁଚିସ୍ମିତା ସେନାପତି ପ୍ରମୁଖ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୭ ଫେବୃୟାରୀ, ୨୦୨୦



ଯେଉଁ ଲୋକ ନିଜକୁ ନିୟନ୍ତ୍ରଣ କରି ଜାଣେ ନାହିଁ, ସେ କେବେହେଲେ ସ୍ୱାଧୀନ ନୁହେଁ ।

- ପିଥାଗୋରାସ



## ସଂକ୍ଷେପରେ

### ଚିକିତ୍ସାଳୟ ପରିସରରୁ କନ୍ୟା ଭ୍ରୂଣ ଉଦ୍ଧାର

**ବାଙ୍କୀ,୨୬।୨(ସ୍ୱ.ପ୍ର):** ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟ ପରିସରରୁ ବୁଧବାର ପ୍ରତ୍ୟୁଷରେ ଏକ କନ୍ୟା ଭ୍ରୂଣ ମିଳିଛି। ଉଦ୍ଧାର ପରେ ମୃତ ଭ୍ରୂଣକୁ ଚିକିତ୍ସାଳୟର ଶବ ସଂଗ୍ରକ୍ଷଣ ଗୃହରେ ରଖାଯାଇଛି। କନ୍ୟା ଭ୍ରୁଣ କାହାର ଓ ଏଠାକୁ କିପରି ଆସିଲା ଜଣାପଡି ନଥିବା ବେଳେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡାକ୍ତର ଧୃଳେଶ୍ୱର ପ୍ରଧାନ ଏହାର ତଦନ୍ତ କରୁଛନ୍ତି। ଶିଶୁ କନ୍ୟାର ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସଚେତନତା ସୃଷ୍ଟି କରାଯାଉଥିବା ବେଳେ ଏଭଳି ଘଟଣା ଘଟିବା ନିନ୍ଦନୀୟ ବୋଲି ଡାକ୍ତର ପ୍ରଧାନ କହିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

### ଆବାସ ଯୋଜନାରେ ଦୁର୍ନୀତି ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ

**ବଡ଼ମ୍ବା,୨୬।୨(ଡି.ଏନ୍.ଏ.):** କଟକ ଜିଲା ବଡ଼ମ୍ବା ବ୍ଲକ ଅନ୍ତର୍ଗତ ଶଙ୍ଖାମେରୀ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଓ ବିଜୁ ପକ୍କାଘର ଯୋଜନାରେ ହୋଇଥିବା ଦୁର୍ନୀତି ଅଭିଯୋଗରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟରାମ ସ୍ୱାଇଁଙ୍କୁ ଜିଲାପାଳ ନିଲମ୍ବିତ କରିଛନ୍ତି। ଏନେଇ ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ନିଲମ୍ବନ ଚିଠି ବୁଧବାର ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି ବୋଲି ଆଚାର୍ଯ୍ୟ କହିଛନ୍ତି। ଏହି ପଞ୍ଚାୟତରେ ଆବାସ ଯୋଜାନାରେ ଦୁର୍ନୀତି ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ୩ ମାସ ପୂର୍ବେ ପଞ୍ଚାୟତିରାଜ ବିଭାଗର ଅତିରିକ୍ତ ସଚିବ ଓ ଅନ୍ୟାନ୍ୟ ପଦାଧିକାରୀ ଏଠାକୁ ଆସି ତଦନ୍ତ କରିଥିଲେ। ଏହାପରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବଡମ୍ବା ଥାନାରେ ମାମଲା ରୁଜୁ ହୋଇଥିଲା। ଏଥିରେ ଶଙ୍ଖାମେରୀ ପଞ୍ଚାୟତ ସରପଞ୍ଚ ଓ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ କେତେ ଜଣଙ୍କ ସମ୍ପୃକ୍ତି ଥିବା ଦର୍ଶାଯାଇଥିଲା। ଅପରପକ୍ଷେ ନିଲମ୍ବନ ଚିଠି ପାଇନାହାନ୍ତି ବୋଲି ସ୍ୱାଇଁ କହିଛନ୍ତି। ସୂଚନାଯୋଗ୍ୟ, ବ୍ଲକ ଅନ୍ତର୍ଗତ ଏହି ପଞ୍ଚାୟତ ସମେତ ଗୋପମଥୁରା, କୋଲେଶ୍ୱର, ରଗଡିପଡା ଓ ବେଲିଆପାଳ ଆଦିରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଭିନ୍ନ ପଞ୍ଚାୟତର ଜିଆର୍ଏସ୍ ଓ ପିଓଙ୍କୁ ଅନ୍ୟତ୍ର ବଦଳି କରି ଦିଆଯାଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୬।୨(ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ କରିବା ଘଟଣାରେ ଶହୀଦନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାବୀର ବସ୍ତି ଅଞ୍ଚଳର ବାବୁଲା ମଲ୍ଲିକ। ସୂଚନା ମୁତାବକ, ମହାବୀର ବସ୍ତିରେ ରହୁଥିବା ପ୍ରୀତମ ଦାସଙ୍କ ସହ ଅଭିଯୁକ୍ତ ବାବୁଲାଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମଙ୍ଗଳବାର ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ହାତାହାତି ହୋଇଥିଲେ। ଅଭିଯୁକ୍ତ ବାବୁଲା ଓ କେତେଜଣ ସହଯୋଗୀ ମିଶି ପ୍ରୀତମଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରୀତମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୩/୨୦ରେ ମାମଲା ରୁଜୁକରି ଅଭିଯୁକ୍ତ ବାବୁଲାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା।

### ଆଇନ ସଚେତନତା ଶିବିର

**ବାଙ୍କୀ, ୨୬।୨ (ସ୍ୱ.ପ୍ର.):** ବାଙ୍କୀ ତାଲୁକ ଆଇନ୍ ସେବା କମିଟି ପକ୍ଷରୁ କଲେଜ ସଭାଗୃହରେ ସାଇବର ଅପରାଧ ସମ୍ପର୍କିତ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୁଖ୍ୟଅତିଥିଭାବେ ତାଲୁକ ଆଇନ୍ ସେବା କମିଟି ଅଧକ୍ଷ ଦୀପଙ୍କର ପଟ୍ଟନାୟକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ କଲେଜ ଉପାଧକ୍ଷ ଡ.ଅରୁଣ କୁମାର ବେହେରା ଯୋଗଦେଇଥିଲେ। ଏହି ଅବସରରେ ସାଇବର ଅପରାଧ ସମ୍ପର୍କରେ ଆଲୋଚନା ହୋଇଥିଲା। ମୋବାଇଲ୍ ଓ ଇଣ୍ଟରନେଟ୍‌ର ଦୂରୁପଯୋଗ କରି ଅପରାଧୀମାନେ ବିଭିନ୍ନ ଅପରାଧ କରୁଛନ୍ତି। ଅତିଥିମାନେ ମତବ୍ୟକ୍ତ କରିଥିଲେ। ବାଙ୍କୀ କଲେଜ ପ୍ରଧାପକ ମନୋଜ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଇନଜୀବୀ ବିନୋଦିନୀ ପାଣିଗ୍ରାହୀ, ପାରାଲିଗାଲ ସ୍ୱେଚ୍ଛାସେବୀ ବରେନ୍ଦ୍ର ବେହେରା, ପ୍ରଧୀର ସେଠୀ, କୁଳମଣୀ ବଳବନ୍ତରାୟ, ନିରୂପମା ବେହେରା ଏଥିରେ ଅଂଶଗ୍ରହଣ କରିଥିଲେ।

# ରାଜ୍ୟ ନୋଡାଲ ଅଧିକାରୀଙ୍କ ନିର୍ଦ୍ଦେଶକୁ ଅବମାନନା

**ନିଶ୍ଚିନ୍ତକୋଇଲି,୨୬।୨(ସ୍ୱ.ପ୍ର.)**

ଛାତ୍ରୀଛାତ୍ରଙ୍କୁ ସରକାରୀ ବିଦ୍ୟାଳୟକୁ ଆକର୍ଷିତ କରିବା ପାଇଁ ସରକାର ପକ୍ଷରୁ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭିନ୍ନ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଦାୟିତ୍ୱରେ ଥିବା ଅଧିକାରଙ୍କ ଅବହେଳା ଯୋଗୁ ଯୋଜନାର ସୁଫଳ ନ ମିଳି ଦୁର୍ନୀତି ବଢୁଛି। ଅପରପକ୍ଷେ ଏହାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭିଳ ଏକ ଘଟଣା ଦେଖିବାକୁ ମିଳିଛି ନିଶ୍ଚିନ୍ତକୋଇଲି ଶିକ୍ଷାମଣ୍ଡଳ ଅନ୍ତର୍ଗତ ଖଣ୍ଡାୟତ ପଟିକିରା ଉଚ୍ଚ ବିଦ୍ୟାଳୟରେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୫୬ ଜଣ ପିଲା ଅଧ୍ୟୟନ କରୁଛନ୍ତି। ସେମାନଙ୍କ ମଧ୍ୟାହ୍ନ ଭୋଜନ ଦେବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଦାୟିତ୍ୱ ଦିଆଯାଇଛି। ଭୋଜନ ପ୍ରସ୍ତୁତି ପାଇଁ ପାଚକ ପାଚିକା ମଧ ନିଯୁକ୍ତି ହୋଇଛନ୍ତି। ଯୋଜନାରେ ସ୍ୱଚ୍ଛତା ଆଣିବା ପାଇଁ ଶିକ୍ଷା ବିଭାଗ ଏମଡିଏମ୍ ଆପର ବ୍ୟବସ୍ଥା କରିଛନ୍ତି। ପିଲାଙ୍କ ଉପସ୍ଥାନ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈନିକ ଉକ୍ତ ଆପରେ ପିଲାଙ୍କ ସଂଖ୍ୟା ସ୍ଥାନିତ କରିବା ସହ ରୋଷେଇ କରିବା ପାଇଁ ବ୍ୟବସ୍ଥା ରହିଛି। ମାତ୍ର ଏହି ବିଦ୍ୟାଳୟରେ ଦୈନନ୍ଦିନ ଛାତ୍ର ଉପସ୍ଥାନ ଠାରୁ ଅଧିକ ଉପସ୍ଥାନ ଦର୍ଶାଇ ଅନୁପସ୍ଥିତ ପିଲାଙ୍କର ଖାଦ୍ୟକୁ ହରିଲୁଟ କରିବା ଅଭିଯୋଗ ହୋଇଛି। ଏପରିକି ଭୋଜନ ପ୍ରସ୍ତୁତ କରିବା ପାଇଁ ଥିବା ସ୍ଥାନ ସ୍ୱଚ୍ଛ ନୁହେଁ ବୋଲି ପରିଚାଳନା କମିଟିର ଉପସଭାପତି କାହ୍ନୁଚରଣ ରାଉତ ଗତ ୨୭/୧/୨୦ରେ ସିଆରସିସି ଗତିକୃଷ୍ଣ ରାଉତଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ସିଆରସିସି ଏହାର ତଦନ୍ତ କରି ଅଭିଯୋଗର ସତ୍ୟାସତ୍ୟ ଥିବା ଜାଣି କାର୍ଯ୍ୟାନୁଷ୍ଠାନ ନେବାପାଇଁ ଗତ ୨୮/୧/୨୦ରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ନ

**ମଧ୍ୟାହ୍ନ ଭୋଜନରେ ଦୁର୍ନୀତି**



ହେବାରୁ ସମ୍ପୃକ୍ତ ସିଆରସିସି ଗତ ୩୧/୧/୨୦ରେ ମଧ୍ୟାହ୍ନ ଭୋଜନ ରାଜ୍ୟ ନୋଡାଲ ଅଫିସର ଗଙ୍ଗାଧର ସାହୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହି ରିପୋର୍ଟକୁ ଗୁରୁତର ଭାବେ ନେଇ ରାଜ୍ୟ ନୋଡାଲ ଅଫିସର ତୁରନ୍ତ ଏହି ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପତ୍ର ନଂ.୧୨୮/୧୫-୨-୨୦ରେ ବ୍ଲକ ଶିକ୍ଷାଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସମ୍ପର୍କରେ ଜିଲା ଶିକ୍ଷାଅଧିକାରୀଙ୍କୁ ମଧ୍ୟ ଅବଗତ କରାଇଥିଲେ। ମାତ୍ର ରାଜ୍ୟ ନୋଡାଲ ଅଫିସରଙ୍କ ନିର୍ଦ୍ଦେଶକୁ ଅଦ୍ୟାବଧି କାର୍ଯ୍ୟାକାରୀ ହୋଇନଥିବା ଜଣାପଡିଛି। ସିଆରସିଙ୍କ ତଦନ୍ତ ରିପୋର୍ଟକୁ ବ୍ଲକ ଶିକ୍ଷାଅଧିକାରୀ ଗୁରୁତ୍ୱର ନେଉଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏସମ୍ପର୍କରେ ବ୍ଲକ ଶିକ୍ଷାଅଧିକାରୀ ମନୋରଞ୍ଜନ ବାରିକ କୁହନ୍ତି, ରାଜ୍ୟ ନୋଡାଲ ଅଫିସରଙ୍କ ଚିଠି ଆମେ ମେଲ ଯୋଗେ ପାଇ ନଥିଲୁ। ଜିଲା ଶିକ୍ଷା ଅଧିକାରୀଙ୍କ ହ୍ୱାଟସଅପ୍ ଯୋଗେ ୨ ଦିନତଳେ ଏହି ଚିଠି ମିଳିଛି। ଚିଠି ମିଳିବା ପରେ ଏବିଇଓ ଲକ୍ଷ୍ମଣ ଲେଙ୍କା ଓ ନିକୁଞ୍ଜ କିଶୋର ମହାନ୍ତିଙ୍କୁ ଏହାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିବା ପରେ ଏନେଇ ଆଗାମୀ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବିଡିଓଙ୍କ ଦ୍ୱାରସ୍ଥ ହେଲେ ରାଜମିସ୍ତ୍ରି



ରାଜମିସ୍ତ୍ରିମାନେ ବିଡିଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୬।୨(ସ୍ୱ.ପ୍ର.)**

**ମିଳୁନି ପ୍ରୋତ୍ସାହନ ରାଶି**

■ ୨୪ ଘଣ୍ଟାରେ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

ରାଜ୍ୟ ସରକାର ରାଜମିସ୍ତ୍ରିଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦେଇ ଗ୍ରାମ୍ୟ ଗୃହ ନିର୍ମାଣ ଯୋଜନାକୁ ତ୍ୱରାନ୍ୱିତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହିକ୍ରମରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ସରପଡ଼ା ପଞ୍ଚାୟତରେ ଗତ ଜାନୁୟାରୀ ୯ ତାରିଖରେ ୩୦ଜଣ ରାଜମିସ୍ତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଶିବିରରେ ସମ୍ପୃକ୍ତ ପଞ୍ଚାୟତର ରାଜମିସ୍ତ୍ରିମାନେ ପ୍ରଶିକ୍ଷଣ ନେଇଥିଲେ। ପ୍ରଶିକ୍ଷଣ ସମୟରେ ପ୍ରଶିକ୍ଷାର୍ଥୀଙ୍କୁ ଆବଶ୍ୟକ ଯନ୍ତ୍ରପାତି ଓ ପ୍ରୋତ୍ସାହନ ରାଶି ଦେବାର ବ୍ୟବସ୍ଥା ଥିଲା। ମାତ୍ର ଏହି ପ୍ରଶିକ୍ଷଣକୁ ଏକମାସ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପ୍ରୋତ୍ସାହନ ରାଶି ଓ ଆବଶ୍ୟକ ଯନ୍ତ୍ରପାତି ଦିଆଯାଇନାହିଁ। ସେହିପରି ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ମଧ ମିଳିନାହିଁ। ଏହାକୁ ନେଇ ସମ୍ପୃକ୍ତ ରାଜମିସ୍ତ୍ରିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଫଳରେ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରଶିକ୍ଷଣ ଦେଇଥିବା ସଂସ୍ଥାକୁ ଜଣାଉଥିଲେ ବି କେହି ଶୁଣୁ ନ ଥିଲେ। ଶେଷରେ ବାଧହୋଇ ବୁଧବାର ବିଜୟ ଦାସଙ୍କ ନେତୃତ୍ୱରେ ରାଜମିସ୍ତ୍ରିମାନେ ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରଥମେ ମୋ ସରକାର ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ପରେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇ ଅସୁବିଧା ସମ୍ପର୍କରେ ଜଣାଇଥିଲେ।

ବିଡିଓ କର୍ଣ୍ଣଦେବ ସମାଦ୍ଦାର ଏକଥା ଜାଣିବା ପରେ ୨୪ ଘଣ୍ଟା ମଧ୍ୟରେ ସେମାନଙ୍କୁ ପ୍ରମାଣପତ୍ର ଓ ପ୍ରୋତ୍ସାହନ ରାଶି ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଏ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରୁଥିବା ସଂସ୍ଥା ସହ ଯୋଗାଯୋଗ କରିବାରୁ ସେ ଏହି ବ୍ଲକର ୩ ପଞ୍ଚାୟତରେ ପ୍ରଶିକ୍ଷଣ କାର୍ଯ୍ୟ କରିଛନ୍ତି। ପର୍ଯ୍ୟାୟକ୍ରମେ ରାଜମିସ୍ତ୍ରୀଙ୍କୁ ପ୍ରୋତ୍ସାହନ ରାଶି ଓ ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି କହିଛନ୍ତି।

# ବାଙ୍କୀ ଡବଲ ମର୍ଡର ଘଟଣାକୁ ସୋନିଆଙ୍କ ନିନ୍ଦା

**ବାଙ୍କୀ, ୨୬।୨ (ସ୍ୱ.ପ୍ର)**

ବାଙ୍କୀରେ ଘଟିଥିବା ଡବଲ ମର୍ଡର ଘଟଣାକୁ ଅଖିଳଭାରତୀୟ କଂଗ୍ରେସ କମିଟି ସଭାପତି ସୋନିଆ ଗାନ୍ଧୀ ନିନ୍ଦା କରିଛନ୍ତି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଖଜୁରିପଦା (ନୂଆଗାଁ) ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖବରଦାତା ଆଦିତ୍ୟ ରଣସିଂହଙ୍କ ପରିବାରକୁ ଗାନ୍ଧୀ ପୃଥକ ଭାବେ ଶୋକବାର୍ତ୍ତା ପଠାଇଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତ ଭଗବାନ ଓ ଆଦିତ୍ୟ ନିଜ କ୍ଷେତ୍ରରେ ଆଗଧାଡିର ବ୍ୟକ୍ତି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। କଂଗ୍ରେସ ଦଳ ଉଭୟଙ୍କ ପରିବାର ସହ ରହିଛି ବୋଲି ସେ ସେଥିରେ ଦର୍ଶାଇଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଡ.ଦେବାଶିଷ ପଟ୍ଟନାୟକ ମଙ୍ଗଳବାର ସ୍ୱଗତ ସ୍ୱାଇଁ ଓ ରଣସିଂହଙ୍କ ଏକାଦଶାହ କାର୍ଯ୍ୟରେ ଯୋଗଦେଇ ଉଭୟଙ୍କ ପରିବାରକୁ ଏହି ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଏହି ଘଟଣାର ନିରେପକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରି ବାଙ୍କୀ ସ୍ୱାର୍ଥରକ୍ଷା ସମିତି ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅପରାହ୍ନରେ ବାଙ୍କୀ ପ୍ରେସ୍‌କ୍ଲବ

**କଟକ ଜିଲାପାଳଙ୍କ ଅଫିସ୍ ଆଗରେ ସ୍ୱାର୍ଥରକ୍ଷା ସମିତିର ଧାରଣା**



ଖବରଦାତା ସମ୍ମିଳନୀରେ ସ୍ୱାର୍ଥରକ୍ଷା ସମିତିର ସଦସ୍ୟମାନେ।

ବିଦ୍ୟାରନ୍ ଭବନରେ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସମିତି ପକ୍ଷରୁ ଏହି ହତ୍ୟା ଘଟଣାକୁ ନିନ୍ଦା କରାଯାଇଥିଲା। ରାଜନୀତି ଉଦ୍ଦେଶ୍ୟରେ ସଂଘବଧ ଆକ୍ରମଣ କରି ହତ୍ୟା କରାଯାଇଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି। ଘଟଣା ସହ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବେ ଜଡିତ ସମସ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ପ୍ରକୃତ ଅପରାଧୀ ଦଣ୍ଡ ପାଇପାରିବେ ବୋଲି ସମ୍ମିଳନୀରେ ସମିତି ସଦସ୍ୟ କହିଥିଲେ। ଏଥିସହ ମୃତକଙ୍କ ପରିବାର ବର୍ଗକୁ ସରକାରୀ ସହାୟତା ଯୋଗାଇଦେବାକୁ ସେମାନେ ଦାବି କରିଥିଲେ। ନଳିନୀ ରାୟ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବାଙ୍କୀ ସ୍ୱାର୍ଥରକ୍ଷା ସମିତି ସଭାପତି ସିଦ୍ଧେଶ୍ୱର ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟବ୍ରତ ଦାଶ ଓ ମୃତ ଆଦିତ୍ୟ କୁମାର ରଣସିଂହଙ୍କ ଭାଇ ବିଦିତ୍ୟ ରାୟ ରଣସିଂହ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଖବରଦାତାଙ୍କ ସମ୍ମୁଖରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ଭଗବାନ ଓ ଆଦିତ୍ୟଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ମାମଲା (ନଂ.୩୯/୨୦)ରୁଜୁ ହୋଇଥିଲା।

### ବାଙ୍କୀରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ଅଭିଯୋଗ ଭାଜପାର ପ୍ରତିବାଦ ସଭା

**ବାଙ୍କୀ, ୨୬।୨ (ସ୍ୱ.ପ୍ର)**

ବାଙ୍କୀରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ବେଳେ ରାଜନୈତିକ ଅସହିଷ୍ଣୁତା ବୃଦ୍ଧି ପାଇଥିବା ଅଭିଯୋଗ କରି ଉପଖଣ୍ଡ ଚିକିତ୍ସାଳୟ ଛକ ନିକଟରେ ଭାଜପା ପକ୍ଷରୁ ବୁଧବାର ଏକ ପ୍ରତିବାଦ ସଭା କରାଯାଇଛି। ଭାଜପା ନେତା ଶୁଭ୍ରାଂଶୁ ମୋହନ ପାଢୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ଭାଜପା ପ୍ରତିନିଧି ଲକ୍ଷ୍ମୀଧର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗତ ୧୫ତାରିଖରେ ବାଙ୍କୀରେ ହୋଇଥିବା ଡବଲମର୍ଡର ଘଟଣାକୁ ଭାଜପା ପକ୍ଷରୁ ନିନ୍ଦା କରାଯାଇଥିଲା। ଏଥିସହ ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଥିଲା। ଏଥିରେ ଭାଜପା ନେତା ଜୟନ୍ତ ବେଉରା, କମଳାକାନ୍ତ ପ୍ରହରାଜ, ଦେବୀ ପ୍ରସାଦ ମହାନ୍ତି, ସନ୍ତୋଷ ନାୟକ, ସଞ୍ଜୟ ରଣା ଓ ଉତ୍କଳ ମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଡବଲ ମର୍ଡର ଘଟଣାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଭାରତର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଏକ ସ୍ମାରକ ପତ୍ର ଦିଆଯାଇଥିବା ସୂଚନା ମିଳିଛି।

# ବନ୍ଧୁକ ଦେଖାଇ ବିଦ୍ୟୁତ୍ ଅଫିସରୁ ଲକ୍ଷାଧିକ ଟଙ୍କା ଲୁଟ୍

**ସାଲେପୁର, ୨୬।୨(ଡି.ଏନ୍.ଏ.)**

ସାଲେପୁର ବ୍ଲକ ରାଇସୁଣ୍ଡୁଡ଼ା ବିଦ୍ୟୁତ୍ ସେକ୍ସନ କାର୍ଯ୍ୟାଳୟରୁ ବୁଧବାର ଦିନ ଦ୍ୱିପ୍ରହରରେ ଟଙ୍କା ଲୁଟ୍ ହୋଇଛି। ୨ ଜଣ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟି ନେଇଛନ୍ତି। ଏନେଇ ସାଲେପୁର ଥାନାରେ ଅଭିଯୋଗ ହେବା ପରେ ମାମଲା (ନଂ. ୮୬/୨୦)ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ସାଲେପୁରସ୍ଥିତ ଏକ ୟୁନିକର୍ଣ୍ଣ କନ୍‌ଷ୍ଟ୍ରକସନ୍ ସଂସ୍ଥା ଜପକୁଦ ଓ ରାଇସୁଣ୍ଡୁଡ଼ା ସେକ୍ସନର ବିଦ୍ୟୁତ୍ ଗ୍ରାହକଙ୍କଠାରୁ ବିଲ୍ ଆଦାୟ ପାଇଁ ଫ୍ରାଞ୍ଚାଇଜ୍ ନେଇଛି। ଏହି ସଂସ୍ଥାର କର୍ମଚାରୀ ଶୁଭଜ୍ୟୋତି ମହାପାତ୍ର ଜପକୁଦ ବିଦ୍ୟୁତ୍ ସେକ୍ସନ ଅଞ୍ଚଳର ଗ୍ରାହକଙ୍କଠାରୁ ବିଲ୍ ବାବଦ ଟଙ୍କା ଆଦାୟ କରି ରାଇସୁଣ୍ଡୁଡ଼ା ସେକ୍ସନକୁ ଯାଇଥିଲେ। ସେ ରାଇସୁଣ୍ଡୁଡ଼ା ବିଦ୍ୟୁତ୍ ସେକ୍ସନ୍ କାର୍ଯ୍ୟାଳୟରେ ବସିଥିବା ବେଳେ ୨ ଜଣ ଦୁର୍ବୃତ୍ତ ଏକ କଳା ବାଇକ୍‌ରେ ଆସି ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବ୍ୟାଗ୍‌ରେ ଥିବା ଲକ୍ଷାଧିକ ଟଙ୍କା ଲୁଟିନେଇଥିଲେ। ଏଥିସହ କାର୍ଯ୍ୟାଳୟ ବାହାରପଟୁ କବାଟ ବନ୍ଦ କରି ଦ୍ରୁତି ଗତିରେ ସେଠାରୁ ଫେରାର ଯାଇଥିଲେ। କାର୍ଯ୍ୟାଳୟ ଭିତରୁ ପାଟି ଶୁଣି ସ୍ଥାନୀୟ ଲୋକେ କାର୍ଯ୍ୟାଳୟରେ ପହଞ୍ଚି କବାଟ ଖୋଲି କର୍ମଚାରୀଙ୍କୁ ଉଦ୍ଧାର କରିଥିଲେ। ଏନେଇ ଘରୋଇ ସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

# ବିହନ ଉତ୍ପାଦନ କ୍ଷେତ୍ରରେ ହରିଶ୍ଚନ୍ଦ୍ରଙ୍କ ଅବଦାନ ଅତୁଳନୀୟ




ସଭାରେ ଉପସ୍ଥିତ ଅତିଥି।

**ରଘୁନାଥପୁର, ୨୬।୨ (ଡି.ଏନ.ଏ.)**

ଏହି ବ୍ଲକ ରେଢୁଆ ନୂଆଗାଡ଼ସ୍ଥିତ ଗୋରଖନାଥ କୃଷକ ମହାସଂଘ ପରିସରରେ କୃଷି ଓ କୃଷକଙ୍କ ପାଇଁ କାର୍ଯ୍ୟ କରୁଥିବା ଲାଲ(ଲିଭ ଆଣ୍ଡ ଲେଟ୍‌ଲିଭ୍)ର ପଥ ପ୍ରଦର୍ଶକ ସ୍ୱାଗତ ହରିଶ୍ଚନ୍ଦ୍ର ଭୂୟାଁଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ମହାବାତ୍ୟା ପରେ ଉନ୍ନତମାନର ବିହନର ଅଭାବ ଯାହାକି ଅଞ୍ଚଳର ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ବର୍ତ୍ତମାନ ଲାଲ ସଂସ୍ଥାର ମୁଖ୍ୟ କ୍ଷେତ୍ରମୋହନ ବେହେରାଙ୍କୁ ନେଇ ବିହନ ସମସ୍ୟାର ସମାଧାନ ପାଇଁ ଆଗଭର ହୋଇ ଆସିଥିଲେ। ଯାହାଙ୍କ ପାଇଁ ସାରା ରାଜ୍ୟରେ ବିହନ ଉତ୍ପାଦନ, ପ୍ରକ୍ରିୟାକରଣ ଓ ବଜାରରେ ବିକ୍ରି କ୍ଷେତ୍ରରେ ଲାଲ ଏକ ଅଗ୍ରଣୀ ସଂସ୍ଥା ଭାବେ କାର୍ଯ୍ୟ କରି ଆସୁଛି। କୃଷି କ୍ଷେତ୍ରରେ ଗୁରୁ ଭାବେ ସୁନାମ ଅର୍ଜନ କରିଥିବା ଭୂୟାଁଙ୍କ ଘର ଭୁବନେଶ୍ୱରସ୍ଥିତ ଘାଟିକିଆ ଅଞ୍ଚଳରେ ହୋଇଥିଲେ ବି ରେଢୁଆ ଅଞ୍ଚଳରେ ଗୁରୁଙ୍କ ସ୍ମରଣେ ସ୍ମୃତିଚାରଣ ସଭା କରାଯାଇଥିଲା। ଶିକ୍ଷାବିତ୍ ସୁରେଶ ଚନ୍ଦ୍ର ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସିଆର୍ଆର୍ଆଇର ଅବସରପ୍ରାପ୍ତ ବୈଜ୍ଞାନିକ ଡ. ଫକୀର ଚରଣ ଦାସ ଯୋଗଦେଇଥିଲେ। ସେ ବିହନ ଉତ୍ପାଦନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସ୍ୱର୍ଗତ ଭୂୟାଁଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ଅବସରପ୍ରାପ୍ତ ଉପ କୃଷି ନିର୍ଦ୍ଦେଶକ ରଘୁନାଥ ଦାସ, ସର୍ବଦା କୃଷି ଓ କୃଷକଙ୍କୁ ନୂଆ ଦିଗ୍‌ଦର୍ଶନ ଭେଟି ଦେବାରେ ସ୍ୱର୍ଗତ ଭୂୟାଁ ଥିଲେ ଅବିସ୍ମରଣୀୟ ବୋଲି ସେ କହିଥିଲେ। ଅବସରପ୍ରାପ୍ତ ରାଜ୍ୟ ମୁଖ୍ୟ ବିହନ ପ୍ରମାଣନ ଅଧିକାରୀ ଏକାଦଶୀ ନନ୍ଦ, ପ୍ରାକ୍ତନ ଜିଲା କୃଷି ଅଧିକାରୀ ରମେଶ ଚନ୍ଦ୍ର ଦାଶ, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ମହାପାତ୍ର, ଜିଲା କୃଷି ଅଧିକାରୀ ଅଜୟ କୁମାର ସେନାପତି, ତିର୍ତ୍ତୋଲ ଡିଏଓ ପ୍ରମୋଦ କୁମାର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଲାଲ ମୁଖ୍ୟ ବେହେରା କହିଥିଲେ ନିଜ ପିତୃତୁଲ୍ୟ ଗୁରୁଦେବ ଭୂୟାଁଙ୍କ ହାତ ଧରି ବାଟ ଚାଲିବା ଓ ହତାଶା ଭାବ ସମୟରେ ତାଙ୍କର କେଇପଦ କଥା ପ୍ରେରଣାଦାୟୀ ହୋଇ ରହିବ ବୋଲି ସେ କହିଥିଲେ। ବକ୍ତା ଭାବେ ଗୀତା ରଥ, ଅଧ୍ୟାପକ ଭଗବାନ ବିଶ୍ୱାଳ, ସରୋଜ ନାୟକ, ବିଜନ ମହାପାତ୍ର ଓ ଚୈତନ୍ୟ ଚରଣ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଶୁଦ୍ଧି ରଞ୍ଜନ ବାରିକ ଅତିଥି ପରିଚୟ ପ୍ରଦାନ, ଅଶୋକ କୁମାର ବାରିକ କାର୍ଯ୍ୟ ସଞ୍ଚାଳନ ଓ ଅବନୀ ବେହେରା ଧନ୍ୟବାଦ ଦେଇଥିଲେ।

### ମୁନ୍‌ସୀ ମେଲଣ ପାଇଁ ପ୍ରସ୍ତୁତି

**ସାଲେପୁର, ୨୬।୨(ଡି.ଏନ୍.ଏ.)**

ପ୍ରସିଦ୍ଧ ମୁନ୍‌ସୀ ମେଲଣ ପାଇଁ ବୁଧବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ସାଲେପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଜଗନ୍ନାଥ ବଡ଼ିଆଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମେଳଣକୁ ଆଡମ୍ବରପୂର୍ଣ୍ଣ ସହ ପାଳନ କରିବାପାଇଁ ଆଲୋଚନା ହୋଇଥିଲା। ମେଲଣରେ ୨୦ରୁ ଉର୍ଦ୍ଧ୍ୱ ବିମାନ ଯୋଗଦେବା ଲାଗି ସ୍ଥିର ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ଲାଗି ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ସାଲେପୁର ଏସ୍‌ଡିପିଓ ନିମାଇଁ ଚରଣ ସେଠୀ, ସାଲେପୁର ଆଇଆଇସି ଦେବେନ୍ଦ୍ର କୁମାର ମଲ୍ଲିକ, ଅତିରିକ୍ତ ଆଇଆଇସି ବ୍ରହ୍ମାନନ୍ଦ ଦେହୁରୀ, ପ୍ରଭାକର ରାଉତ, ଅକ୍ଷୟ କୁମାର ଦାଶ, ହେମନ୍ତ କୁମାର ଭୂୟାଁ, ରବୀନ୍ଦ୍ର ନାଥ କର ପ୍ରମୁଖ ଉପସ୍ଥିତ ଥିଲେ।

# ସାଇବର କ୍ରାଇମ୍ ସଚେତନତା ଶିବିର




ସଚେତନତା ଶିବିରରେ ତାଲୁକ ଆଇନ ସେବା ଅଧକ୍ଷା ଓ ଅନ୍ୟମାନେ।

**ତିଗିରିଆ, ୨୬।୨(ଡି.ଏନ୍.ଏ.)**

ତାଲୁକ ଆଇନ ସେବା କମିଟି ତରଫରୁ ତିଗିରିଆ କୋର୍ଟ ପରିସରରେ ସାଇବର କ୍ରାଇମ ଉପରେ ଏକ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ତାଲୁକ ଆଇନ ସେବା ଅଧକ୍ଷା ସୁମିତ୍ରା କୁମାରୀ ଦାଶ ଅଧ୍ୟକ୍ଷତା କରିଥିବା ବେଳେ ଲିଗାଲ ରିଟେନର ସରୋଜ କୁମାର ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ଥାନା ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ର କୁମାର ଭୁଜବଳ ସାଇବର ଅପରାଧ ଓ ତାର ନିରାକରଣ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ସାଇବର ଅପରାଧକୁ ବୁଝି ସଚେତନ ରହିଲେ ଏଥିରୁ ବର୍ତ୍ତି ପାରିବା ବୋଲି ତାଲୁକ ଆଇନ ସେବା ଅଧକ୍ଷା ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ଓକିଲ ସଂଘର ସଭ୍ୟ ରମେଶ ଚନ୍ଦ୍ର ମାଝି, ସୁଚିତ୍ର କୁମାର ସାହୁ, ଶଙ୍କର୍ଷଣ ମହାନ୍ତି, ସମ୍ପାଦକ ଶାନ୍ତନୁ କୁମାର ଦାସ, ସହ ସମ୍ପାଦକ ଆଶୁତୋଷ ମିଶ୍ର, ତନ୍ମୟ କୁମାର ମିଶ୍ର ଓ ଚନ୍ଦ୍ରମଣୀ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ପଞ୍ଚାୟତ ବିକାଶ ସମ୍ପର୍କରେ ୱାର୍ଡସଭ୍ୟଙ୍କୁ ପ୍ରଶିକ୍ଷଣ

**ବାଙ୍କୀ,୨୬।୨(ବି.ପ୍ର.)**

ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବାଙ୍କୀ ଆଞ୍ଚଳିକ ଆଦିବାସୀ ହରିଜନ କଲ୍ୟାଣ ପରିଷଦ ପକ୍ଷରୁ ଚାଲିଥିବା ୱାର୍ଡ ସଭ୍ୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ବାଙ୍କୀ ଏନ୍ଏସି ସେଲ୍ଟର ହାଉସ୍ ପ୍ରଶିକ୍ଷଣ କେନ୍ଦ୍ରରେ ସୋମବାର ଠାରୁ ୩ ଦିନ ବ୍ୟାପୀ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ କଳାପଥର, କଳିପୋଇ, ବଳଭଦ୍ରପୁର, ଜଗନ୍ନାଥପୁର ଓ କଦଳୀବାଡି ଆଦି ପଞ୍ଚାୟତର ୫୦ ଜଣ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ




ୱାର୍ଡସଭ୍ୟମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଉଛି।

ପଞ୍ଚାୟତ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତା ଉପରେ ସଭ୍ୟମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଏଡିଏମ୍ ଡାକ୍ତର ଜଗଦିଶ୍ ପଣ୍ଡା, ସମ୍ମାନିତ ଅତିଥି ଗୌରାଙ୍ଗ ବେହେରା ଯୋଗଦେଇ ପ୍ରଶିକ୍ଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିବା ସହ ଶିବିରାର୍ଥୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ । ଅନୁଷ୍ଠାନର ସମ୍ପାଦକ କେଶବ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆୟୋଜନ ହୋଇଥିଲା। ତୃଣମୂଳରେ ପଞ୍ଚାୟତ କାର୍ଯ୍ୟକୁ ସହଯୋଗ କରିବା ପାଇଁ ପ୍ରଶିକ୍ଷଣର ଆବଶ୍ୟକତା ଜରୁରି ବୋଲି ଅତିଥିମାନେ କହିଥିଲେ। ବରେନ୍ଦ୍ର ବେହେରା ଶିବିରକୁ ସଂଯୋଜନା କରିଥିବା ବେଳେ ଆଲୋକ କୁମାର ବେହେରା,ରାକେଶ ବେହେରା ଏଥିରେ ସହଯୋଗ କରିଥିଲେ ।



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାଙ୍କୁ ଥଟ୍ଟା କରନ୍ତି । କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାଙ୍କୁ ଆଦର କରନ୍ତି ।
- ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ‘ନିଷ୍ଠା’ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୨୬।୨(ବ୍ୟୁରୋ): ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା) ପକ୍ଷରୁ ବ୍ଲକ୍ ସ୍ତରରେ ‘ନିଷ୍ଠା’ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି। ଆସନ୍ତା ୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଚାଲିବ। ସେହିପରି ମାର୍ଚ୍ଚ ୩ରୁ ୭ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଏବଂ ଏପ୍ରିଲ ୭ରୁ ୧୧ ପର୍ଯ୍ୟନ୍ତ ତୃତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସବୁ ପର୍ଯ୍ୟାୟରେ ୧୪୦ ଶିକ୍ଷକ ଓ ୪୦ପ୍ରଧାନଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯିବ।

### ଖୋଲିଲା ଓୟୁଏଟି ଓପୋଲଫେଡ୍ ଚିକେନ ଫ୍ରେସ୍ ଆଉଟଲେଟ

ଭୁବନେଶ୍ୱର, ୨୬।୨: ଓୟୁଏଟିର ଓପୋଲଫେଡ୍ ଚିକେନଫ୍ରେସ୍ ଆଉଟଲେଟ୍‌କୁ ପୁଣିଥରେ ଖୋଲାଯାଇଛି। ନିକଟରେ ରାଜ୍ୟ ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀ ଧନ ସମ୍ପଦ ବିକାଶ ବିଭାଗର ନିର୍ଦ୍ଦେଶ କ୍ରମେ ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସା ବିଭାଗର ଘୋଷଣା ଅନୁଯାୟୀ ଭୁବନେଶ୍ୱରକୁ ବାର୍ଡ ଫ୍ଲୁ ମୁକ୍ତ ଅଞ୍ଚଳ ଘୋଷଣା କରାଯାଇଛି। ଜାନୁୟାରୀ ୨୫ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଓୟୁଏଟି ଓପୋଲଫେଡ୍ ଚିକେନ ଫ୍ରେସ ପ୍ରତିଷେଧକ ବ୍ୟବସ୍ଥା ଲାଗି ବନ୍ଦ କରାଯାଇଥିଲା। ବିଭାଗୀୟ ନିର୍ଦ୍ଦେଶକ ରତ୍ନାକର ରାଉତ, ଉପନିର୍ଦ୍ଦେଶକ ଡା.ଦିଗମ୍ବର ନାୟକଙ୍କ ପରାମର୍ଶକ୍ରମେ ଓପୋଲଫେଡର ପରିଚାଳନା ନିର୍ଦ୍ଦେଶକ ଡା.ବଳରାମ ସାହୁ, ମହାପ୍ରବନ୍ଧକ ଡା.ବିମଳ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚିକେନ ଫ୍ରେସକୁ ପୁନର୍ବାର ଖୋଲାଯାଇଛି। ଗ୍ରାହକମାନେ ପୂର୍ବଭଳି ଏହି କେନ୍ଦ୍ରରୁ ପ୍ୟାକେଟଯୁକ୍ତ ଅଣ୍ଡା, ସତେଜ କୁକୁଡ଼ା ମାଂସ ପୂର୍ବଭଳି କିଣି ପାରିବେ ବୋଲି ସୂଚନା ରହିଛି। ଏହି ଅବସରରେ ଓପୋଲଫେଡ୍‌ର ଏଜେଣ୍ଟ, ଗ୍ରାହକ ଏବଂ ଅଂଶୀଦାରଙ୍କୁ ଲୋକସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ପ୍ରଧାନ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବଭଳି ଏଠାରୁ କ୍ରୟ ସୁବିଧା ନେବାକୁ ସେ ଅନୁରୋଧ କରିଛନ୍ତି।

### ଓଁକାରନାଥ ମିଶନ ଭୁବନେଶ୍ୱର ଶାଖାର କର୍ମକର୍ତ୍ତା ନିର୍ବାଚିତ

ପୁରୁଣା ଭୁବନେଶ୍ୱର,୨୬।୨ (ଡି.ଏନ.ଏ.): ରାଜ୍ୟର ବିଭିନ୍ନ ଅଞ୍ଚଳରେ ଭାଗବତ ଟୁଙ୍ଗୀର ମହାତ୍ମ୍ୟ ଭଳି ସାଂସ୍କୃତିକ ଓ ଆଧାତ୍ମିକ କାର୍ଯ୍ୟକ୍ରମର ପ୍ରଚାର ଏବଂ ପ୍ରସାର ଦିଗରେ କାର୍ଯ୍ୟ କରୁଥିବା ଓଁକାରନାଥ ମିଶନ। ଓଡ଼ିଶାର ଅନ୍ୟତମ ନୂତନ ଓଁକାରନାଥ ଭୁବନେଶ୍ୱର ଶାଖା କାର୍ଯ୍ୟକାରୀ ହେବାକୁ ଯାଉଛି। ଏହି ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ହାଟସାହିଠାରେ ନୂତନ ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଥିଲା। ଏଥିରେ ଓଁକାରନାଥ ମିଶନ ଅଲ୍ ଇଣ୍ଡିଆର ସଭାପତି ପ୍ରୀୟନାଥ ଚାଟ୍ଟାର୍ଜୀ ଅଧକ୍ଷତା କରିଥିଲେ। ବୈଠକରେ ବରିଷ୍ଠ ସଦସ୍ୟ ଅରୁଣ କୁମାର ଗାଙ୍ଗୁଲିଙ୍କୁ ଏହାର ସଭାପତି ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଥିଲା। ଉପସଭାପତି ଭାବେ ସୁବାସ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭାବେ ଏଲ.ଏନ.ଅଗ୍ରୱାଲ, ସାଧାରଣ ସମ୍ପାଦକ ଜିତେନ୍ଦ୍ର କୁମାର ରାଉତରାୟ, ସହକାରୀ ସାଧାରଣ ସମ୍ପାଦିକା ସୁଷମା ପଟ୍ଟନାୟକ, କୋଷାଧକ୍ଷ ଭାବେ ରବିନାରାୟଣ ମହାନ୍ତି, କଲଚରାଲ ସମ୍ପାଦକ ଭାବେ ଭବାନୀ ଦାସଙ୍କ ଭଳି ୭ ଜଣିଆ ଏକଜ୍ୟୁକୁଟିଭ୍ କମିଟି ସହ ୧୭ଜଣ ସଦସ୍ୟ ରହିଥିଲେ।

# ପୋଲିସ ଉଠାଇନେଲା ୩୭ ଗାଡ଼ି, ଉତ୍ତେଜନା

ଭୁବନେଶ୍ୱର,୨୬।୨(ବ୍ୟୁରୋ)

- ରାସ୍ତା ଉପରେ ବେଆଇନ ଭାବେ ପାର୍କିଂ ହୋଇଥିଲା
- ସୂଚନା ଫଳକ ନ ଥିବାରୁ ଲୋକେ ପ୍ରଶ୍ନ ଉଠାଇ ବିରୋଧ କଲେ
- ସମସ୍ତେ ସହଯୋଗ କରିବାକୁ ଡିସିପିଙ୍କ ନିବେଦନ

ପୋଲିସ ମନ ଇଚ୍ଛା କାର୍ଯ୍ୟ କରୁଛି। ହଠାତ୍ କଟକଣା ଲଗାଇ ଲୋକଙ୍କୁ ହଇରାଣ କରୁଛି। କେଉଁଠି କଟକଣା ଲାଗିଛି, ଲୋକେ ଜାଣିପାରୁନାହାନ୍ତି। ପୂର୍ବ ସୂଚନା ନ ଦେଇ ଫଳକ ନ ଲଗାଇ ଗାଡ଼ି ଉଠାଇ ନେଉଛି। କେତେଜଣ ଗାଡ଼ି ଚାଳକ ଓ ମାଲିକ ଏଭଳି ଅଭିଯୋଗ ଆଣି ପୋଲିସ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ହୋହଲ୍ଲା କରିଥିଲେ। ଭୁବନେଶ୍ୱରର ୬ ରାସ୍ତାରେ ବେଆଇନ ଗାଡ଼ି ପାର୍କିଂ ଉପରେ କମିଶନରେଟ ପୋଲିସ କଟକଣା ଲଗାଇବା ସହ ମଙ୍ଗଳବାରଠାରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ପ୍ରଥମ ଦିନରେ ରାସ୍ତା ଉପରେ ପାର୍କିଂ କରିଥିବା ୪୧ ଗାଡ଼ି ଓ ବୁଧବାର ବିଭିନ୍ନ ହସ୍ପିଟାଲ ସମ୍ମୁଖ ରାସ୍ତା ସମେତ ଅନ୍ୟ କେତେକ ସ୍ଥାନରେ ବେଆଇନ ଭାବେ ରହିଥିବା ୩୭ ଗାଡ଼ିକୁ କ୍ରେନ୍ ଦ୍ୱାରା ଉଠାଇ ନେଇଛି ପୋଲିସ। ଗାଡ଼ି ଉଠାଯାଉଥିବାବେଳେ ବିଭିନ୍ନ ସ୍ଥାନରେ ପୋଲିସ ଓ ଲୋକେ ମୁହାଁମୁହିଁ ହେବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ରାଜଭବନ ଛକରୁ କଳାରାହଙ୍ଗ ଛକ, ଏୟାରପୋର୍ଟ ଛକରୁ ନାଲ୍‌କୋ ଛକ, ଶିଶୁଭବନ ଛକରୁ ବାଣୀବିହାର ଛକ, ରସୁଲଗଡ଼ ଛକରୁ ଜୟଦେବ ବିହାର ଛକ, ଶ୍ରୀୟା ଛକରୁ ପିଏଚ୍‌ଡି କାର୍ଯ୍ୟାଳୟ ଏବଂ ବାପୁଜୀନଗର ରାସ୍ତାରେ ଟ୍ରାଫିକ କଟକଣାକୁ କଡ଼ାକଡ଼ି କରାଯାଇଛି। ଏସବୁ ରାସ୍ତାରେ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଗାଡ଼ି ପାର୍କିଂ ପାଇଁ ବ୍ୟବସ୍ଥା ହୋଇଛି। କିନ୍ତୁ ଅନ୍ୟ ସ୍ଥାନରେ ବେଆଇନ ଗାଡ଼ି ପାର୍କିଂ କଲେ ଡବଲ ଦଣ୍ଡ ଗଣିବାକୁ ପଡୁଛି। ବାଇକ ପାଇଁ ଜରିମାନା ୫ଶହ ଟଙ୍କା ଥିବାବେଳେ ଗାଡ଼ି ବୋହିନେବା ପାଇଁ କ୍ରେନ୍ ଭଡା ୩ଶହ ଟଙ୍କା ଦେବାକୁ ପଡିବ। ସେହିପରି ୪ ଚକିଆ ହେଉ ଅବା ୧୦ ଚକିଆ ବେଆଇନ୍ ପାର୍କିଂ କଲେ ଜରିମାନା ୫ଶହ ଟଙ୍କା ଓ କ୍ରେନ୍ ଭଡ଼ା ୭ଶହ ଟଙ୍କା ଗଣିବେ ମାଲିକ। ଏହାକୁ ସହଜରେ ହଜମ କରିପାରୁ ନାହାନ୍ତି ଚାଳକ। ରାଜଧାନୀବାସୀ ନିୟମ ସମ୍ପର୍କରେ ଅଳ୍ପ ବହୁତ ଅବଗତ ଥିଲେ ମଧ ବାହାରୁ ଆସୁଥିବା ଲୋକେ ଜାଣି ନ ପାରି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମେଡିକାଲ ବାହାରେ ନୋ ପାର୍କିଂ ନୋଟିସ ବୋର୍ଡ ଲାଗି ନ ଥିବାବେଳେ କିପରି ଗାଡି ଉଠାଇ ନିଆଯିବ ବୋଲି ତମାଣ୍ଡୋ ଅଞ୍ଚଳରୁ ଆସିଥିବା ଆଶିଷ କୁମାର ଟ୍ରାଫିକ ପୋଲିସ ସହ ଯୁକ୍ତି ବାଢିଥିଲେ। ସେହିପରି କଟକ ବାଙ୍କୀ ଅଞ୍ଚଳର ପ୍ରଭାକର ନାୟକ କହିଛନ୍ତି, ଆପୋଲୋ ହସ୍ପିଟାଲ ପରିସରରେ ପାର୍କିଂ ସ୍ଥାନ ନ ଥିବାରୁ ବାହାରେ ଗାଡି ରଖି ହସ୍ପିଟାଲ ଯାଇଥିଲି। ସମ୍ପର୍କୀୟ ରୋଗୀଙ୍କୁ ଏମ୍ସ ହସ୍ପିଟାଲ ନେବାକୁ ଆମ୍ବୁଲାନ୍ସ ଯୋଗାଡ କରିବା ପାଇଁ ବାହାରକୁ ଆସି ପୋଲିସ ଗାଡ଼ି ଉଠାଇ ନେଇଥିବା ଜାଣିବାକୁ ପାଇଥିଲି। ଆମେ ଗାଡି କେଉଁଠି ପାର୍କିଂ କରିବୁ ବୋଲି ସେ ପ୍ରଶ୍ନ କରିଛନ୍ତି।

ଏ ନେଇ ଡିସିପି ସାଗରିକା ନାଥ କହିଛନ୍ତି, କମିଶନରେଟ ପୋଲିସ ଅଧିକ ରାଜସ୍ୱ ସଂଗ୍ରହ ଆଶାରେ ନିୟମ କଡାକଡି କରି ଜରିମାନା ଆଦାୟ କରୁନି। ଲୋକମାନେ ହଇରାଣ ହୁଅନ୍ତୁ ବା ଅସୁବିଧାରେ ପଡନ୍ତୁ ଆମେ କଦାପି ଚାହୁଁନା। ଭୁବନେଶ୍ୱରରେ ୬ ରାସ୍ତାକୁ ପ୍ରଥମେ ନୋପାର୍କିଂ ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଉକ୍ତ ରାସ୍ତାରେ ବେଆଇନ ପାର୍କିଂ ଯୋଗୁ ଯାନବାହାନ ଚଳାଚଳରେ ସମସ୍ୟା ଉପୁଜିଛି। ଯେଉଁମାନେ ରାସ୍ତା ପାର୍ଶ୍ୱରେ ଥିବା ଧଳାଗାରକୁ ଚଢାଇ ଗାଡି ପାର୍କିଂ କରିବେ ସେମାନଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ତେଣୁ ବିଡିଏ ଓ ବିଏମସିର ବିଭିନ୍ନ ଅଧିକାରୀଙ୍କ ସହ ଏ ନେଇ ଆଲୋଚନା ହୋଇଛି। ସେମାନେ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଯୋଗାଇଦେବାକୁ ଯୋଜନା ଆରମ୍ଭ କରିଛନ୍ତି। ତେଣୁ ସମସ୍ତେ ନିୟମକୁ ସମ୍ମାନ ଦେଇ ସହଯୋଗ କରିବାକୁ ସେ ନିବେଦନ କରିଛନ୍ତି।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ)

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ କରିବା ଘଟଣାରେ ଶହୀଦନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାବୀର ବସ୍ତି ଅଞ୍ଚଳର ବାବୁଲା ମଲ୍ଲିକ। ସୂଚନା ମୁତାବକ, ମହାବୀର ବସ୍ତିରେ ରହୁଥିବା ପ୍ରୀତମ ଦାସଙ୍କ ସହ ଅଭିଯୁକ୍ତ ବାବୁଲାଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମଙ୍ଗଳବାର ଉଭୟଙ୍କ ମଧରେ ବଚସା ହେବା ପରେ ହାତାହାତି ହୋଇଥିଲେ। ଅଭିଯୁକ୍ତ ବାବୁଲା ଓ କେତେଜଣ ସହଯୋଗୀ ମିଶି ପ୍ରୀତମଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରୀତମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୩/୨୦ରେ ମାମଲା ରୁଜୁକରି ଅଭିଯୁକ୍ତ ବାବୁଲାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା।

## ପ୍ରଶାସନକୁ ଅଧିକ ସ୍ୱଚ୍ଛ, ଦକ୍ଷ କରେ ଆର୍‌ଟିଆଇ

କଟକ ଅଫିସ, ୨୬।୨

ସୂଚନା ଅଧିକାର ଆଇନ (ଆର୍‌ଟିଆଇ) କେବଳ ସୂଚନା ପ୍ରାପ୍ତି ପାଇଁ ଉଦ୍ଦିଷ୍ଟ ନୁହେଁ, ଏହା ଅଧିକ କାର୍ଯ୍ୟଦକ୍ଷ, ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବୁଧବାର ଜିଲାପାଳଙ୍କ ନୂତନ ସମ୍ମିଳନୀ କକ୍ଷରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଆୟୋଜିତ ସୂଚନା ଅଧିକାର ଅଧିନିୟମ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଚୟନୀ ଯୋଗଦେଇ ଏହା କହିଛନ୍ତି। ସୂଚନା ଅଧିକାର ଆଇନକୁ କାର୍ଯ୍ୟକାରୀ କରିବାରେ ବୈଷୟିକ ସହଯୋଗ କରୁଥିବା ଲୁମିନସ୍‌ର ଅଧିକାରୀ ଶ୍ରୀହର୍ଷ ପରିଚ୍ଛା ଯୋଗଦେଇ ସୂଚନା ଅଧିକାର ଆଇନ ଏକ ମୌଳିକ ଅଧିକାର ଭାବରେ ଗ୍ରହଣ କରାଯାଉଥିବାବେଳେ ଏହାର ସାମ୍ବିଧାନିକ, ଗଣତାନ୍ତ୍ରିକ ଓ ଯୁକ୍ତିସଂଗତ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସତ୍ୟବ୍ରତ ଛୋଟରାୟ ଯୋଗଦେଇଥିଲେ। ଏହି ଦିନିକିଆ କର୍ମଶାଳାରେ କଟକ ଜିଲାର ତିନିଟି ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଭାଗୀୟ କାର୍ଯ୍ୟାଳୟର ପ୍ରଥମ ଅପିଲ ଅଧିକାରୀ, ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ ଓ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଜିଲା ସୂଚନା ଅଧିକାରୀ ଅଶୋକ ଷଡଙ୍ଗୀ ଏହି କର୍ମଶାଳାର ଧନ୍ୟବାଦ ଦେଇଥିଲେ।

## ସତ୍ୟନଗର ରାସ୍ତାକଡ଼ରୁ ହଟିଲା ୧୧୩ ଅସ୍ଥାୟୀ ଦୋକାନ



ରାସ୍ତାପାର୍ଶ୍ୱରେ ଥିବା ଏକ ଦୋକାନକୁ ଜେସିବି ଦ୍ୱାରା ଭଙ୍ଗାଯାଉଛି।

ଭୁବନେଶ୍ୱର, ୨୬।୨ (ବ୍ୟୁରୋ)

ସତ୍ୟନଗର ମୁଖ୍ୟ ରାସ୍ତାରେ ଏବେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଛି। ମୁଖ୍ୟ ରାସ୍ତାର ଦୁଇପାର୍ଶ୍ୱରେ ଶତାଧିକ ଅସ୍ଥାୟୀ ଦୋକାନ ଗଢ଼ି ଉଠୁଥିବା ବେଳେ ବୁଧବାର ସମସ୍ତ ଅସ୍ଥାୟୀ ଦୋକାନକୁ ହଟାଇ ଦିଆଯାଇଛି। ବିଏମ୍‌ସି, ବିଡିଏର ସ୍କ୍ୱାଡ ଦ୍ୱାରା ଏହି ଉଚ୍ଛେଦ କାର୍ଯ୍ୟ କରାଯାଇଛି। ରାସ୍ତାର ଦୁଇପାର୍ଶ୍ୱରୁ ୧୧୩ ଅସ୍ଥାୟୀ ଦୋକାନକୁ ହଟାଇ ଦିଆଯାଇଛି। ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ ଡେପୁଟି କମିଶନର ରୂପକ ପଟ୍ଟନାୟକଙ୍କ ଦ୍ୱାରା ଏ ନେଇ ବିଡିଏକୁ ଅବଗତ କରାଯିବା ପରେ ସ୍କ୍ୱାଡ ପକ୍ଷରୁ ଏହି ଉଚ୍ଛେଦ କରାଯାଇଥିବା ଯୋଗସୂତ୍ର ଅଧିକାରୀ ଶୁଭ୍ରାଂଶୁ ମହାନ୍ତି କହିଛନ୍ତି। ଉଚ୍ଛେଦ କାର୍ଯ୍ୟରେ ଗୋଟିଏ ଜେସିଭି ନିୟୋଜିତ ଥିବା ବେଳେ ଦିନତମାମ ସତ୍ୟନଗର ମୁଖ୍ୟ ରାସ୍ତାରେ ଉଚ୍ଛେଦ କରାଯାଇଥିଲା।

# ‘ଆ’ ଡାକିଲେ ମାଡ଼ି ଆସୁଛନ୍ତି ମୟୂର

### ପିକ୍‌କ ମ୍ୟାନ୍ କାହ୍ନୁଙ୍କୁ ସମ୍ବର୍ଦ୍ଧିତ କଲା ବି.ଆଇ. ପ୍ରଫେସନାଲ୍‌ସ

ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ.ଏ.)

ନରାଜ ଗାଁର ୨୧ ବର୍ଷର ଯୁବକ କାହ୍ନୁ ବେହେରାଙ୍କୁ ଏବେ ଲୋକେ ପିକ୍‌କ ମ୍ୟାନ ନାମରେ ଡାକୁଛନ୍ତି। କାହ୍ନୁ ବି ମୟୂରଙ୍କ ପ୍ରେମରେ ପଡ଼ିଛନ୍ତି। କାହ୍ନୁଙ୍କ ଆ’ ଡାକର ସ୍ୱର ଶୁଣିବା ମାତ୍ରେ ପାହାଡ଼ ଉପରେ ନାଚି ଉଠି ୧୩୨ ମୟୂର ତାଙ୍କ ପାଖକୁ ଖାଦ୍ୟ ଖାଇବାକୁ ଆସୁଛନ୍ତି। କାହ୍ନୁ ଓ ମୟୂରଙ୍କ ମଧ୍ୟରେ ଏଭଳି ନିଆରା ସମ୍ପର୍କ ଦେଖିବାକୁ ମିଳିଛି ନରାଜ ପାହାଡ଼ରେ। ପକ୍ଷୀମାନଙ୍କ ସୁରକ୍ଷା ଓ ସେମାନଙ୍କ ସଂରକ୍ଷଣ ଚିନ୍ତାରେ କାହ୍ନୁଙ୍କ ସମର୍ପିତ ଭାବ ଦେଖିବା ପରେ ଭୁବନେଶ୍ୱରସ୍ଥିତ ବି.ଆଇ. ପ୍ରଫେସନାଲ୍‌ସ ତାଙ୍କୁ ଗତ ରବିବାର ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛି। ପରିବେଶବିତ୍ ତଥା ସାମାଜିକ କର୍ମୀ ସୁଶାନ୍ତ ସାହୁ କହିଛନ୍ତି ଯେ, ପିକ୍‌କ ଭ୍ୟାଲି କୁହାଯାଉଥିବା ନରାଜ ପାହାଡ଼ ୧୯୯୯ରେ ଏକ ପ୍ରକାର ମୟୂର ଶୂନ୍ୟ ହୋଇଯାଇଥିଲା। କାହ୍ନୁଙ୍କ ଜେଜେବାପା ପାଣ୍ଡୁ ୩ଟି ମୟୂରଙ୍କୁ ଠାବ କରି ସେମାନଙ୍କର ସୁରକ୍ଷା ଓ ଯତ୍ନ ନେଇଥିଲେ। ୨୦୧୭ରେ ପାଣ୍ଡୁଙ୍କ ଦେହାନ୍ତ ହେଲାବେଳକୁ ମୟୂରଙ୍କ ସଂଖ୍ୟା ଶତାଧିକ ହୋଇଥିଲା। ଜେଜେବାପାଙ୍କ ସହ ପାହାଡ଼ ଉପରେ ମୟୂରଙ୍କୁ ଖାଦ୍ୟ ଦେବାର ଆନନ୍ଦ ନେଉଥିଲେ କାହ୍ନୁ। ଜେଜେବାପାଙ୍କ ମୃତ୍ୟୁ ପରେ ମୟୂରଙ୍କ ସୁରକ୍ଷା ଓ ସଂରକ୍ଷଣ ଦାୟିତ୍ୱ କାହ୍ନୁ ନିଜ କାନ୍ଧକୁ ନେଇଛନ୍ତି।

୨୦୧୩ରୁ ଜେଜେବାପାଙ୍କ ସହ ମୟୂରଙ୍କ ଦେଖାରଖା କାମରେ ନିୟୋଜିତ କାହ୍ନୁ କଟକ ରଘୁନାଥ ଜୀଉ ମହାବିଦ୍ୟାଳୟରୁ ବାଣିଜ୍ୟରେ ପାଠ ପଢା ପରେ ବି ମୟୂରଙ୍କ ସୁରକ୍ଷା ଦାୟିତ୍ୱରୁ ଓହରି ଯାଇନାହାନ୍ତି। ବିନା ସରକାରୀ ସହାୟତା ଓ ପ୍ରୋତ୍ସାହନରେ ୭ ବର୍ଷ ହେଲା କାହ୍ନୁଙ୍କ ଏଭଳି ମୟୂରଙ୍କୁ ନିଚ୍ଛକ ଭଲ ପାଇବାର ନିଦର୍ଶନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏଭଳି କହିଛନ୍ତି, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ଧଉଳି ଚାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପଞ୍ଚାନନ ସାମଲ, ବି.ଆଇ. ପ୍ରଫେସନାଲ୍‌ସର ଇଂ. ଧୀରେନ୍ଦ୍ର କର, ଇଂ. ସୁବ୍ରତ କୁମାର ବଳ, ଇଂ. ଭାଗ୍ୟଶ୍ରୀ ମିଶ୍ର, ଇଂ. ସୁଶାନ୍ତ ସାହୁ, ଇଂ. ଶୁଚିସ୍ମିତା ସେନାପତି ପ୍ରମୁଖ।



କାହ୍ନୁ ମୟୂରଗୁଡ଼ିକୁ ଖାଦ୍ୟ ଦେଉଛନ୍ତି।

## କାର୍ ଧକ୍କାରେ ବାଇକ୍ ଚାଳକ ଗୁରୁତର

ବାଲିଅନ୍ତା,୨୬।୨(ଡି.ଏନ.ଏ.)

ଭୁବନେଶ୍ୱର-କଟକ ୧୬ନଂ ଜାତୀୟ ରାଜପଥର ପାହଲ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ କାର୍ ଧକ୍କାରେ ଜଣେ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ବାଇକ ଚାଳକଙ୍କ ପରିଚୟ ଜଣାପଡ଼ି ନାହିଁ। ଚାଳକ ଜଣକ ଭୁବନେଶ୍ୱର ଆସୁଥିବାବେଳେ କଟକରୁ ଆସୁଥିବା ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ସେ ରାସ୍ତାକୁ ଛିଟିକି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପଠାଇଥିଲେ। ଦୁର୍ଘଟଣା ଘଟାଇଥିବା କାର୍‌ଟି ଦ୍ରୁତଗତିରେ ଭୁବନେଶ୍ୱର ଅଭିମୁଖେ ଚାଲିଯାଇଥିଲେ। ପରେ ପାହଲ ଫାଣ୍ଡି ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଟିକୁ ଜବତ କରିଛି।

## ପୁରୀ ଆର୍‌ଏମ୍‌ଏସ୍ ସେବା ସ୍ଥାନାନ୍ତରକୁ ବିରୋଧ

### ଡାକସେବା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ

ପୁରୀ ଅଫିସ,୨୬।୨

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ରେଳ ଡାକ ସେବା ଖୋର୍ଦ୍ଧା ରୋଡ ସ୍ଥାନାନ୍ତରକୁ ଶ୍ରୀଜଗନ୍ନାଥ ସେନା ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ବୁଧବାର ସେନା ପକ୍ଷରୁ ଡାକ ସେବା କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ବିକ୍ଷୋଭ କରାଯାଇଛି। ଏହି ନିଷ୍ପତ୍ତି ଯଥାଶୀଘ୍ର ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଡାକ ବିଭାଗରେ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଷଡ଼ଯନ୍ତ୍ର ପୂର୍ବକ ଏଠାରେ କାର୍ଯ୍ୟକ୍ଷମ ଥିବା ଡାକ ସେବାକୁ ବନ୍ଦ ଲାଗି ଚକ୍ରାନ୍ତ କରୁଛନ୍ତି ବୋଲି ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧମକୁ କହିଛନ୍ତି। ଏହି ସେବା ଉପରେ କେବଳ ପୁରୀବାସୀ ନୁହେଁ, ଆଖପାଖ ଅଞ୍ଚଳ ତଥା ବାହାର ପର୍ଯ୍ୟଟକ ମଧ ନିର୍ଭର କରନ୍ତି। ଜରୁରୀ ଡକ୍ୟୁମେଣ୍ଟ ଅନ୍ୟ ସ୍ଥାନକୁ ପଠାଇବା ଲାଗି ଆରଏମଏସ ଉପରେ ନିର୍ଭର କରନ୍ତି। ଏହି ସେବା ଉଠିଗଲେ, ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ମଧ ଏହାକୁ ସ୍ଥାନାନ୍ତର ନେଇ ଚକ୍ରାନ୍ତ ହୋଇଥିଲା। ସେତେବେଳେ ଆମେ ଏହାକୁ ବିରୋଧ କରିଥିଲୁ। ଏବେ ପୁଣି ଏହାକୁ ଉଠାଇ ନେବା ଲାଗି ଚକ୍ରାନ୍ତ ଚାଲିଛି। ଶ୍ରୀଜଗନ୍ନାଥ ସେନା ଏହାର ବିରୋଧ କରୁଛି। ଆବଶ୍ୟକ ପଡିଲେ, ଆଗକୁ ଜନ ଆନ୍ଦୋଳନ କରାଯିବ। ଏ ନେଇ ସେନା ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ବିକ୍ଷୋଭରେ ପଟ୍ଟନାୟକଙ୍କ ସମେତ ସେନାର ଶତାଧିକ କର୍ମୀ ଯୋଗଦେଇଥିଲେ।

## ଓଡ଼ିଶାରୁ ୫ ସାମ୍ବାଦିକ ସମ୍ବର୍ଦ୍ଧିତ

ପୁରୁଣା ଭୁବନେଶ୍ୱର, ୨୬।୨ (ଡି.ଏନ.ଏ.)

ଭାରତୀୟ ସାମ୍ବାଦିକ ସଂଘର କାର୍ଯ୍ୟକାରିଣୀ ବୈଠକ ଗୁଜରାଟର ଗାନ୍ଧୀନଗରଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୧୯ ଏବଂ ୨୦ ଦୁଇଦିନ ଧରି ଅନୁଷ୍ଠିତ ବୈଠକରେ ହରିୟାନା, ପଞ୍ଜାବ, ହିମାଞ୍ଚଳପ୍ରଦେଶ, ଉତ୍ତରାଖଣ୍ଡ, ଦିଲ୍ଲୀ, କର୍ଣାଟକ, ଓଡ଼ିଶା ଆଦି ରାଜ୍ୟରୁ ବହୁ ସାମ୍ବାଦିକ ପ୍ରତିନିଧିମାନେ ବୈଠକରେ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀଙ୍କ ସମେତ ଆଶୁତୋଷ ରଥ, ଶ୍ୟାମ ସୁନ୍ଦର ରାଉତ, ପବିତ୍ର ପାତ୍ର, ପରମାନନ୍ଦ ଦାସଙ୍କୁ ଗୁଜରାଟର ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ କାର୍ଯ୍ୟକ୍ରମରେ ଯୋଗଦେଇ ମାନପତ୍ର ସହ ସମ୍ବର୍ଦ୍ଧିତ କରିଥିଲେ। ଭାରତୀୟ ସଂଘର ସଭାପତି କିଶନ ବାଲ ପଣ୍ଡିତ ସାମ୍ବାଦିକମାନଙ୍କର ଚାକିରି ସର୍ତ୍ତାବଳୀ ଉପରେ ମାଲିକମାନେ ଅଙ୍କୁଶ ଲଗାଉଥିବାରୁ ଏହା ସାମ୍ବାଦିକ ଏବଂ ସମ୍ବାଦପତ୍ର ଓ ଦେଶର ଗଣତନ୍ତ୍ର ପାଇଁ ବିପଦ ସୃଷ୍ଟି କରୁଛି ବୋଲି ଗୁରୁତ୍ୱାରୋପ କରିଥିଲେ। ସାମ୍ବାଦିକମାନଙ୍କର ସ୍ୱାର୍ଥ ରଖିବା ପାଇଁ ଆଇଜେୟୁ ପକ୍ଷରୁ ବିଶେଷ ଭାବେ ପ୍ରସ୍ତୁତି ଏକ ଦାବିପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ମାଧମରେ ପଠାଯାଇଥିଲା।



ସାମ୍ବାଦିକ ସଂଘର ସଭାପତି ସୁଜ୍ଞାନ ଚୌଧୁରୀଙ୍କୁ ଅତିଥି ସମ୍ବର୍ଦ୍ଧିତ କରୁଛନ୍ତି।

## ବାଙ୍କୀରେ ଡବଲମର୍ଡର ଘଟଣାକୁ ସୋନିଆ ଗାନ୍ଧୀଙ୍କ ନିନ୍ଦା

ବାଙ୍କୀ, ୨୬।୨ (ସ୍ୱ.ପ୍ର)

ବାଙ୍କୀରେ ଘଟିଥିବା ଡବଲ ମର୍ଡର ଘଟଣାକୁ ଅଖିଳଭାରତୀୟ କଂଗ୍ରେସ କମିଟି ସଭାପତି ସୋନିଆ ଗାନ୍ଧୀ ନିନ୍ଦା କରିଛନ୍ତି। ଏହି ଘଟଣାରେ ମୃତ୍ୟୁବରଣ କରିଥିବା ଖଜୁରିପଦା (ନୂଆଗାଁ) ସରପଞ୍ଚ ମମତା ମହାପାତ୍ରଙ୍କ ସ୍ୱାମୀ ଭଗବାନ ସ୍ୱାଇଁ ଏବଂ ଖବରଦାତା ଆଦିତ୍ୟ ରଣସିଂହଙ୍କ ପରିବାରକୁ ଗାନ୍ଧୀ ପୃଥକ ଭାବେ ଶୋକବାର୍ତ୍ତା ପଠାଇଛନ୍ତି। ସେ ତାଙ୍କ ଶୋକବାର୍ତ୍ତାରେ ସ୍ୱର୍ଗତଃ ଭଗବାନ ଓ ଆଦିତ୍ୟ ନିଜ କ୍ଷେତ୍ରରେ ଆଗଧାଡିର ବ୍ୟକ୍ତି ଥିଲେ ବୋଲି ଉଲ୍ଲେଖ କରିଛନ୍ତି। କଂଗ୍ରେସ ଦଳ ଉଭୟଙ୍କ ପରିବାର ସହ ରହିଛି ବୋଲି ସେ ସେଥିରେ ଦର୍ଶାଇଛନ୍ତି। କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ

### କଟକ ଜିଲାପାଳଙ୍କ ଅଫିସ୍ ଆଗରେ ସ୍ୱାର୍ଥରକ୍ଷା ସମିତିର ଧାରଣା

ଡ.ଦେବାଶିଷ ପଟ୍ଟନାୟକ ମଙ୍ଗଳବାର ସ୍ୱଗତଃ ସ୍ୱାଇଁ ଓ ରଣସିଂହଙ୍କ ଏକଦଶାହ କାର୍ଯ୍ୟରେ ଯୋଗଦେଇ ଉଭୟଙ୍କ ପରିବାରକୁ ଏହି ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଏହି ଘଟଣାର ନିରେପକ୍ଷ ଓ ନ୍ୟାୟିକ ତଦନ୍ତ ଦାବି କରି ବାଙ୍କୀ ସ୍ୱାର୍ଥରକ୍ଷା ସମିତି ପକ୍ଷରୁ ବୁଧବାର କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅପରାହ୍ନରେ ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ସମିତି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଡକାଯାଇ ସମିତି ପକ୍ଷରୁ ଏହି ହତ୍ୟା ଘଟଣାକୁ ନିନ୍ଦା କରାଯାଇଥିଲା। ରାଜନୀତି ଉଦ୍ଦେଶ୍ୟରେ ସଂଘବଦ୍ଧ ଆକ୍ରମଣ କରି ହତ୍ୟା କରାଯାଇଥିବାରୁ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା ରହିଛି। ଘଟଣା ସହ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଜଡିତ ସମସ୍ତ ବ୍ୟକ୍ତିଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ପ୍ରକୃତ ଅପରାଧି ଦଣ୍ଡ ପାଇପାରିବେ ବୋଲି ସମ୍ମିଳନୀରେ ସମିତି ସଦସ୍ୟ କହିଥିଲେ। ଏଥିସହ ମୃତକଙ୍କ ପରିବାର ବର୍ଗକୁ ସରକାରୀ ସହାୟତା ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ। ନଳିନୀ ରାୟ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବାଙ୍କୀ ସ୍ୱାର୍ଥରକ୍ଷା ସମିତି ସଭାପତି ସିଦ୍ଧେଶ୍ୱର ପାଇକରାୟ, ସାଧାରଣ ସମ୍ପାଦକ ସତ୍ୟବ୍ରତ ଦାଶ ଓ ମୃତ ଆଦିତ୍ୟ କୁମାର ରଣସିଂହଙ୍କ ଭାଇ ବିଦିତ୍ୟ ରାୟ ରଣସିଂହ ଏହି ଖବରଦାତା ସମ୍ମିଳନୀରେ ଉପସ୍ଥିତ ରହି ଖବରଦାତାଙ୍କ ସମ୍ମୁଖରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ। ଗତ ୧୫ ତାରିଖ ଅପରାହ୍ନରେ ବାଙ୍କୀ ଥାନା ଅନ୍ତର୍ଗତ କିଆପଲା ଜୋକଲାଞ୍ଜି ଜଳସେଚନ ପ୍ରକଳ୍ପ ନିକଟରେ ଏହି ଡବଲ୍ ମର୍ଡର ହୋଇଥିଲା। ଦୁର୍ବୃତ୍ତମାନେ ଭଗବାନ ଓ ଆଦିତ୍ୟଙ୍କୁ ମାରଣାସ୍ତ୍ର ସାହାଯ୍ୟରେ ଗୋଡ଼ାଇ ଗୋଡ଼ାଇ ହାଣିଥିଲେ। ଘଟଣାସ୍ଥଳରେ ଆଦିତ୍ୟଙ୍କ ମୃତ୍ୟୁ ହୋଇଥିବା ବେଳେ କଟକ ବଡ଼ ଡାକ୍ତରଖାନାରେ ଭଗବାନଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ମାମଲା (ନଂ.୩୯/୨୦)ରୁଜୁ ହୋଇଥିଲା।



ଯେଉଁ ଲୋକ ନିଜକୁ ନିୟନ୍ତ୍ରଣ କରି ଜାଣେ ନାହିଁ, ସେ କେବେହେଲେ ସ୍ୱାଧୀନ ନୁହେଁ ।
-ପିଥାଗୋରାସ



## ସଂକ୍ଷେପରେ

### ପୋଡ଼ି ହୋଇଯାଇଥିବା ମହିଳାଙ୍କ ମୃତ୍ୟୁ

ଯାଁଳା,୨୬।୨(ଡି.ଏନ.ଏ): ପୂଜା କରୁଥିବା ସମୟରେ ନିଆଁଲାଗି ପୋଡିହୋଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ମହିଳା ଡଲି ବେହେରା(୪୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଜଟଣୀ ଥାନା ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ପାଟଣାସାହିରେ ଚଳିତମାସ ୨୦ ତାରିଖ ସକାଳେ ଏହା ଘଟିଥିଲା। ଗ୍ରାମ ଠାକୁରାଣୀ ମା'ବାଉତିଙ୍କ ନିକଟରେ ଡଲି ପୂଜା କରୁଥିବା ସମୟରେ ଶାଢ଼ିରେ ନିଆଁ ଲାଗି ଏପରି ଅଘଟଣ ଘଟିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ମହିଳାଙ୍କୁ ରକ୍ଷା କରିବାକୁ ଯାଇ ଉପସ୍ଥିତ ଜଣେ ପୂଜକ ମଧ୍ୟ ସାମାନ୍ୟ ଆହତ ହୋଇଥିଲେ।

### ୧୦୩ ପ୍ରଶିକ୍ଷାର୍ଥୀଙ୍କୁ ମିଳିଲା ପ୍ରମାଣପତ୍ର

କଣାସ, ୨୬।୨(ସ୍ୱ.ପ୍ର./ଡି.ଏନ୍.ଏ.): କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତର ଚଉଦ ମୌଜା ବିଦ୍ୟୁତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅଧକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟ ଯୋଗଦେଇ ଆଜିର ସମାଜରେ ବାଳିକାମାନେ କାହାକୁ ନ ଡରି ଦୃଢ ମନୋବଳ ସହକାରେ ଆକ୍ରମଣର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ତାଲିମପ୍ରାପ୍ତ ୧୦୩ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସଂକ୍ରାନ୍ତ ପୁସ୍ତିକା ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧାପକ ରବୀନ୍ଦ୍ର କୁମାର ସୁନ୍ଦରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧାପକ କାର୍ତ୍ତିକ ଚନ୍ଦ୍ର ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ପଚାରି ବୁଝିଥିବାବେଳେ ଅଧାପିକା ସ୍ମିଧାରାଣୀ ମହାପାତ୍ର କେତେକ ସୂଚନା ଦେଇଥିଲେ। ହରପ୍ରିୟା ଭୂଜବଳ ତାଲିମ ପ୍ରଦାନ କରିଥିବାବେଳେ ସଂଯୋଜକ ସଂସଦ କୁମାର ପ୍ରଧାନ, କର୍ମଚାରୀ ସୁକାନ୍ତ କୁମାର ରାଉତ ଓ ଭୀମସେନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା

କଣାସ, ୨୬।୨(ସ୍ୱ.ପ୍ର.):କଣାସ ବ୍ଲକ ଅଧୀନ କଣାସ ପଞ୍ଚାୟତର ଗାଣ୍ଡପଡ଼ା ଗ୍ରାମରେ ମା' ଗୋମାୟା ଚଣ୍ଡୀଙ୍କ ପୀଠରେ ମଙ୍ଗଳବାରଠାରୁ ତ୍ରୟବିଂଶତି ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଘଣ୍ଟ, ଘଣ୍ଟି, ବାଦ୍ୟ ଧ୍ୱନୀ ମଧ୍ୟରେ ଶ୍ରଦ୍ଧାଳୁମାନେ ଦୟାନଦୀର ଗୋକନ୍ଧା ଘାଟଠାରୁ ପୂଜାର୍ଚ୍ଚନା କରି କଳସରେ ଜଳ ଭରି ଗୋଲା ବଜାର, କଣାସ ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, କଣାସ ଗ୍ରାମ, ଜଳିଆପଡ଼ା ଦେଇ ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହି ମହାଯଜ୍ଞ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମା'ଙ୍କ ସେବକ ମାହେଶ୍ୱରୀ ପୁଷ୍ପା ମା' କହିଛନ୍ତି।

# ବିପର୍ଯ୍ୟୟ ଦାଉ ସାଧୁଛି, ବିଭାଗ ଏଡାଉଛି

**ଖୋର୍ଦ୍ଧା ଅଫିସ,୨୬।୨ :**

ଖୋର୍ଦ୍ଧା ଜିଲାର ବିଭିନ୍ନ ଅଞ୍ଚଳରେ ୨ ଦିନ ହେଲା ତୁହାକୁ ତୁହା ବର୍ଷା ସାଙ୍ଗକୁ ପବନ ହୋଇଥିଲା। ଏଥିରେ ଚାଷୀକୁଳ କ୍ଷତିଗ୍ରସ୍ତ ହୋଇଛି। ପରିଶ୍ରମ କରି ଜମିରେ ଫଳାଇଥିବା ଫସଲ ବହୁ ସ୍ଥାନରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଛି। ହେଲେ କେତେ ପରିମାଣର କ୍ଷୟକ୍ଷତି ହୋଇଛି ତାହା ଏବେ ଯାଏ କୃଷି ବିଭାଗ ପକ୍ଷରୁ ଆକଳନ କରାଯାଇନାହିଁ। ଚଣା, ମୁଗ, ବିରି ସାଙ୍ଗକୁ ବୁଟ ଆଦି ଡାଲି ଜାତୀୟ ଫସଲରେ ବର୍ଷା ଜଳ ଜମା ହୋଇ ରହିଛି। ସେହିପରି ପରିବା ଫସଲ ଯଥା ଟମାଟୋ, ବାଇଗଣ, ପତ୍ର ଓ ଫୁଲ କୋବି ଜମିରେ ନଷ୍ଟ ହୋଇଛି। ବିଶେଷକରି ଲାଗି ରହିଥିବା କୁହୁଡ଼ିଆ ପାଗ ଯୋଗୁ ଫୁଲ କୋବିରେ ପୋକ ସୃଷ୍ଟି ହେବାର ଆଶଙ୍କା ରହିଛି। ଏ ନେଇ ଚାଷୀଙ୍କୁ ଚିନ୍ତା ଘାରି ହେଉଛି। ବିପର୍ଯ୍ୟୟ ଦାଉ ସାଧୁଥିବା ବେଳେ ଏଣେ ଅସରକିଆ ବର୍ଷା ହୋଇଛି, ଫସଲ କ୍ଷତି ହେବାର କୌଣସି ସମ୍ଭାବନା ନାହିଁ ବୋଲି କୃଷି ବିଭାଗ ପକ୍ଷରୁ ଏହାକୁ ଏଡାଇ ଦେଉଛି।

ଖୋର୍ଦ୍ଧା ଜିଲାର ବୋଲଗଡ଼ ବ୍ଲକ ଅଞ୍ଚଳରେ ମଙ୍ଗଳବାର ସର୍ବାଧିକ ୭୨ମିମି ବର୍ଷା ହୋଇଥିବା କୃଷି ବିଭାଗ ରେକର୍ଡରୁ ଜଣାପଡିଛି। ସେହିପରି ବେଗୁନିଆ ଅଞ୍ଚଳରେ ୪୮ ମିମି, ଖୋର୍ଦ୍ଧା ବ୍ଲକ ଅଞ୍ଚଳରେ ୨୮ ମିମି, ଟାଙ୍ଗୀ ବ୍ଲକ ଅଞ୍ଚଳରେ ୨୪ମିମି, ବାଣପୁର ବ୍ଲକ ଅଞ୍ଚଳରେ ୨୧ ମିମି, ଚିଲିକାରେ ୧୭ ମିମି ବର୍ଷା ହୋଇଛି। ବୁଧବାର ମଧ୍ୟ କୋହଲା ପାଗ ଲାଗି ରହିଥିଲା। ପୁଣି ଆଗାମୀ ୨୭ ଓ ୨୮ରେ ସ୍ଥାନେ ସ୍ଥାନେ ବର୍ଷା ହେବାର ଆଶା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏଥିଯୋଗୁ ପରିବା ଓ ରବି ଫସଲ ସମ୍ପୂର୍ଣ୍ଣ ଉଜୁଡି ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ସେହିପରି



ଚାଷ ଜମିରେ ମୁଗ ଫସଲ ବର୍ଷାଯୋଗୁ କ୍ଷତିଗ୍ରସ୍ତ ହୋଇଛି ।

**■ଅଦିନିଆ ବର୍ଷାରେ ରବି, ପରିବା ଫସଲ ନଷ୍ଟ**

**■ଖୋର୍ଦ୍ଧା ଜିଲା ଚାଷୀ ଚିନ୍ତାରେ**

କେତେଜଣ ଚାଷୀ ରବି ଫସଲ ଜମିରୁ ଅମଳ କରି ଆଣି ବାଡ଼ିରେ ଗଦା କରି ରଖିଛନ୍ତି। ଖରାପ ପାଗ ଯୋଗୁ ଅମଳ ଫସଲ ଗଦାରେ ଫିମ୍ପି ମାରି ନଷ୍ଟ ହୋଇଯିବ ବୋଲି ବହୁ ଚାଷୀ ମତବ୍ୟକ୍ତ କରିଛନ୍ତି। ସେହିପରି ଖୋର୍ଦ୍ଧା ଜିଲାର ବିଭିନ୍ନ ବ୍ଲକ ଅଞ୍ଚଳରେ ଚଳିତବର୍ଷ ୧୩ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ପରିବା ଫସଲ କରାଯାଇଛି। ଫସଲ ମଧ୍ୟରେ ସର୍ବାଧିକ ଟମାଟୋ ଓ କୋବି ଜାତୀୟ ରହିଛି, ଯାହାକି ସାମାନ୍ୟ ଖରାପ ପାଗ ଦେଖା ଦେଲେ ଫସଲ ନଷ୍ଟ ହୋଇଥାଏ। ଅନ୍ୟପକ୍ଷରେ ଜିଲାର ବିଭିନ୍ନ ଗ୍ରାମରେ ଚାଷୀ ଚଣା, ବିରି, ମୁଗ ଓ ବୁଟ ଡାଲି ଜାତୀୟ ଫସଲ ୧୯ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଏରିଆରେ ଫସଲ କରିଛନ୍ତି। ବର୍ଷା ଯୋଗୁ ବହୁ ଫସଲ ଜମିରେ ଜଳ ଜମା ହୋଇ ରହିଛି। ଏହାଦ୍ୱାରା ଫସଲ ନଷ୍ଟ ହେବା ସୁନିଶ୍ଚିତ ବୋଲି ଚାଷୀ କହିଛନ୍ତି। ତେବେ କୃଷି ବିଭାଗର କ୍ଷୟକ୍ଷତି ଆକଳନ କରାଯିବା ଦରକାର ବୋଲି ଚାଷୀମାନେ କହିଛନ୍ତି। ଏ ସମ୍ପର୍କରେ କୃଷି ଜିଲା ଅଧିକାରୀ ଭାସ୍କର ଚନ୍ଦ୍ର ବାରିକ କୁହନ୍ତି, ବିଭିନ୍ନ ବ୍ଲକର ସହକାରୀ କୃଷି ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ଯେ ସେମାନେ ନିଜନିଜ ଅଞ୍ଚଳ ବୁଲି ବର୍ଷା ଯୋଗୁ ହୋଇଥିବା କ୍ଷୟକ୍ଷତିର ଆକଳନର ରିପୋର୍ଟ ପଠାଇବାକୁ। ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

**ସରକାରୀ ସହାୟତାର ସୁଫଳ ମିଳୁନି**

୨୦୧୨ରୁ କ୍ରମାଗତ ଭାବେ ପ୍ରାକୃତିକ ବିପର୍ଯ୍ୟୟ ଯଥା ସାମୁଦ୍ରିକ ଝଡ଼, ଅଦିନିଆ ବର୍ଷା, ଗଜା ମରୁଡ଼ି ସାଙ୍ଗକୁ ରୋଗପୋକ ଦାଉରୁ ମୁକ୍ତି ପାଇ ପାରୁନାହାନ୍ତି ଖୋର୍ଦ୍ଧା ଜିଲା ଅଞ୍ଚଳର ଚାଷୀ। କେତେବେଳେ ଧାନ ଫସଲ ନଷ୍ଟ ହେଉଛିତ ଆଉ କେତେବେଳେ ରବି ଓ ପରିବା ଫସଲ ଜମିରେ ଉଜୁଡ଼ି ଯାଉଛି। ଅଭିଯୋଗ ପରେ ଉଜୁଡ଼ା ଫସଲର କ୍ଷୟକ୍ଷତିର ଆକଳନ ବିଭାଗ ପକ୍ଷରୁ କରାଯାଉଛି। ରାଜସ୍ୱ ଏବଂ କୃଷି ବିଭାଗର ମିଳିତ ଆକଳନ କରାଯାଇ କ୍ଷତିଗ୍ରସ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଶେଷରେ ଉପଯୁକ୍ତ ଚାଷୀଙ୍କୁ ବାଦ ଦିଆଯାଇ କେତେଜଣ ଅଣଚାଷୀଙ୍କୁ ତାଲିକା ଭୁକ୍ତ କରାଯାଉଥିବା ଅଭିଯୋଗ ଉଠୁଛି। ଏଣେ ଫସଲ ଫଳାଇବା ପାଇଁ ଖର୍ଚ୍ଚ କରିଥିବା ସମୁଦାୟ ଅର୍ଥଠାରୁ ସରକାରୀ ସହାୟତା ସମୁଦ୍ରକୁ ଶଙ୍ଖେ ପରି ଅନେକ ଚାଷୀ କହିଛନ୍ତି। ସେହିପରି ଅନେକ ସରକାରୀ ଯୋଜନା କାଳିଆ, ପ୍ରଧାନମନ୍ତ୍ରୀ କିଷାନ୍ ସାଙ୍ଗକୁ ଫସଲ ବୀମା ଯୋଜନାର ସୁଫଳ ପାଉନାହାନ୍ତି ପ୍ରକୃତ ଚାଷୀ। ଏହାକୁ ନେଇ ଅନେକ ସମୟରେ ଅଭିଯୋଗ ଉଗ୍ରରୂପ ନେଉଛି।

# ଚଣାମୁଗ ଫସଲ ପାଇଁ ବର୍ଷା ସାଜିଲା ବାଧକ

**ବୋଲଗଡ଼,୨୬।୨(ଡି.ଏନ.ଏ.):**

ଜମିରୁ ଅମଳ ହେବାକୁ ଥିବା ପାଚିଲା ଚଣା ମୁଗ ଫସଲ ପାଇଁ ଅଦିନିଆ ବର୍ଷା ବାଧକ ସାଜିଛି। ଯେଉଁ ଜମିରେ ଆଗୁଆ ମୁଗ ଚଣା ଫସଲ ହୋଇଥିଲା ତାହା ଅମଳ ହେବାକୁ ସମୟ ଆସିଯାଇଛି। ଏହି ସମୟରେ ବର୍ଷା ହେବା ଫଳରେ ଫସଲ ଉପାଡି ଖଳାକୁ ଆଣିବାରେ ଅସୁବିଧା ସୃଷ୍ଟି ହୋଇଛି। ଚଣା ଗଛରୁ ଫଳ ଝଡିଯାଉଥିବା ଦେଖାଯାଇଛି। ଅନ୍ୟପକ୍ଷେ ମେଘୁଆ ପାଗ ସହିତ ବର୍ଷା ଲାଗି ରହିଲେ ସବୁଜ ଥିବା ମୁଗ ଫସଲରେ ରୋଗପୋକ ଆକ୍ରମଣ କରିବା ସମ୍ଭାବନା ରହିଛି। ସୂଚନାଯୋଗ୍ୟ ଗତ ୭ ତାରିଖରେ ପ୍ରାୟ ୩/୪ଦିନ ଧରି ମେଘୁଆ ପାଗ ସାଙ୍ଗକୁ ବର୍ଷା ହୋଇଥିଲା। ଫଳରେ ଚଣା ଓ ମୁଗ ଫସଲରେ ରୋଗପୋକ ଆକ୍ରମଣ କରିଥିଲେ। ତେଣୁ ଏଭଳି ପାଗ ଲାଗିରହିଲେ ରବିଫସଲ କ୍ଷତିଗ୍ରସ୍ତ ହେବ ବୋଲି ଚାଷୀମାନେ ଚିନ୍ତା ପ୍ରକଟ କଲେଣି। ବୋଲଗଡ ବ୍ଲକରେ ଚଳିତ ବର୍ଷ ପ୍ରାୟ ୭ହଜାର ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହୋଇଛି। ଏଥିରେ ମୁଗ, ବିରି, ଚଣା, ହରଡ ଆଦି ରହିଛି। ଏଠାରେ ରବିଋତୁରେ ନିପାଣିଆ ମୁଗ ଓ ଚଣା ଫସଲ ଶୁଖିଲା ଜମିରେ କରାଯାଇଥାଏ।

# ବିଶ୍ୱକର୍ମା ମହାସଭା ସଙ୍ଗଠନର ସାଧାରଣ ଅଧିବେଶନ



ଅଧିବେଶନରେ ଯୋଗଦେଇଥିବା ଅତିଥିମାନେ ।

**ଖୋର୍ଦ୍ଧା ଅଫିସ/ ଚିଲିକା, ୨୬।୨ (ଡି.ଏନ.ଏ.):**

ଖୋର୍ଦ୍ଧା ଜିଲା ଅଖିଳ ଭାରତୀୟ ଯୁବ ବିଶ୍ୱକର୍ମା ମହାସଭା ସଙ୍ଗଠନ ପକ୍ଷରୁ ଏକ ସାଧାରଣ ଅଧିବେଶନ ବୁଧବାର ଅନୁଷ୍ଠିତ ହୋଇଥିଲା। ଚିଲିକା ବ୍ଲକ ବଉଳାବନ୍ଧ ଗ୍ରାମସ୍ଥିତ ବିଶ୍ୱକର୍ମା ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନର ଶୁଭ ଅବସରରେ ଏହି ଅଧିବେଶନ ବସିଥିଲା। ସଙ୍ଗଠନର ସଭାପତି ପ୍ରମୋଦ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ପାଦକ ନିରଞ୍ଜନ ମହାରଣାଙ୍କ ସହ ଶତାଧିକ ମହିଳାପୁରୁଷ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଗୌତମ ମହାରଣା, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ମହାରଣା, ନାରାୟଣ ମହାରଣା, ହାଡ଼ିବନ୍ଧୁ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱକର୍ମା ମହାସଭାର ସାମ୍ବିଧାନିକ ସଙ୍ଗଠନ ଓ ନୈତିକ ମୂଲ୍ୟବୋଧ କିପରି ଉଜ୍ଜୀବିତ ରହିବ ସେ ନେଇ ଆଲୋଚନା କରାଯାଇଥିଲା। ହାଡ଼ିବନ୍ଧୁ ମହାରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କେତେଜଣ ସଭ୍ୟଙ୍କୁ ମାନପତ୍ର ପ୍ରଦାନ ସହ ସମ୍ମାନିତ କରାଯାଇଥିଲା। ଶେଷରେ ବୃନ୍ଦାବନ ମହାରଣା ଧନ୍ୟବାଦ ଦେଇଥିଲେ।

# ନୂତନ ଟିକା ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

**ଖୋର୍ଦ୍ଧା ଅଫିସ,୨୬।୨ :**

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବୁଧବାର ଗସ୍ତରେ ଆସିଥିଲେ। ସେଠାରେ ନୂତନ ଟିକା ସଂରକ୍ଷଣ କେନ୍ଦ୍ର ସହ ଅନ୍ୟ ଦୁଇଟି ଔଷଧ ବିତରଣ ଓ ପଞ୍ଜୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଜଗଦ୍ଦେବ, ଜିଲାପାଳ ସିତାଂଶୁ ରାଉତଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଚିକିତ୍ସାଳୟ ପରିସରରେ ପ୍ରାୟ ୭୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗୋଟିଏ ନୂତନ ଟିକା ସଂରକ୍ଷଣ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଉଦ୍‌ଘାଟନ କରିଥିଲେ। ସେହିପରି ଏହି ଚିକିତ୍ସାଳୟ ପରିସରରେ ଥିବା ଔଷଧ ବିତରଣ କେନ୍ଦ୍ର ଓ ପଞ୍ଜୀକରଣ କେନ୍ଦ୍ର ପରିସରର ସୁବିଧା ଲୋକେ ପାଇ ପାରୁ ନ ଥିଲେ। ତେବେ ରୋଗୀଙ୍କ ସୁଲଭ ମୂଲ୍ୟରେ ଓ ସୁବିଧା ଲାଗି ଉକ୍ତ କେନ୍ଦ୍ରଗୁଡ଼ିକ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପୁଣି ନବୀକରଣ କରାଯାଇ ୪ଟି ଔଷଧ ବିତରଣ (ନିରାମୟ) କେନ୍ଦ୍ର ଓ ୪ଟି ପଞ୍ଜୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୧.୫କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଏହାସହ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଡାକ୍ତରଖାନାର ଭିତ୍ତିଭୂମି ସଜାଡ଼ିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ ଦାସ ଉଦ୍‌ବୋଧନ ଦେଇଥିଲେ। ସୂଚନାଥାଉ କି ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଅସଜଡ଼ା ସାଙ୍ଗକୁ ବାରମ୍ବାର ରୋଗୀ ସେବା ବିପର୍ଯ୍ୟସ୍ତ ଲାଗି ରହୁଛି ବୋଲି ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି ଓ ଉପସ୍ଥିତ ଜନସାଧାରଣ ସେଠାରେ ମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ମାତ୍ର ସମସ୍ତ ସୁବିଧା ସୁଯୋଗ ଆଗାମୀ ଦିନରେ ଯୋଗାଇ ଦେବେ ବୋଲି ଦାସ ପ୍ରତିଶ୍ରୁତି ଦେଇ ଫେରି ଯାଇଛନ୍ତି।



ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଟିକା ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟନ କରୁଛନ୍ତି ।

**ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଗସ୍ତ**

### ପରୀକ୍ଷା ହଲକୁ କମ୍ପାସ ନେବାକୁ ନେଇ କେନ୍ଦ୍ର କର୍ତ୍ତୃପକ୍ଷ-ଅଭିଭାବକ ମୁହାଁମୁହିଁ

**ପୁରୀ ଅଫିସ,୨୬।୨ :**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ବୁଧବାର ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ପରୀକ୍ଷା ହଲକୁ କମ୍ପାସ ନେବାକୁ ନେଇ ପୁରୀ ସରକାରୀ ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଅଭିଭାବକ ଏବଂ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ କୌଣସି ଛାତ୍ରୀଛାତ୍ର କମ୍ପାସ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଗଣିତ ପରୀକ୍ଷା ଥିବାବେଳେ ଅଧିକାଂଶ ଛାତ୍ରୀଛାତ୍ର କମ୍ପାସ ଧରି ଆସିଥିଲେ। କିନ୍ତୁ କେନ୍ଦ୍ର ପ୍ରବେଶ ପଥରେ ଯାଞ୍ଚ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ କମ୍ପାସ ନେବାକୁ ବାରଣ କରିବା ସହ ବାହାରେ ରଖି ଯିବାକୁ କହିଥିଲେ। ଏ ନେଇ ଉପସ୍ଥିତ କେତେଜଣ ଅଭିଭାବକ ଏହାର ବିରୋଧ କରିଥିଲେ। କମ୍ପାସ ପରୀକ୍ଷା ହଲକୁ ନେଲେ, କ'ଣ ଅସୁବିଧା ହେବ ବୋଲି ପ୍ରଶ୍ନ କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା କେତେଜଣ ଶିକ୍ଷକ କୌଣସି ଛାତ୍ରୀଛାତ୍ରଙ୍କୁ ଏହାକୁ ନେବାକୁ ଅନୁମତି ଦିଆଯିବ ନାହିଁ ବୋଲି କହିଥିଲେ। କିଛି ସମୟ ଲାଗି ହାଇସ୍କୁଲ ପ୍ରବେଶ ସ୍ଥାନରେ ଅଭିଭାବକ ଓ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ବୋର୍ଡ ପକ୍ଷରୁ ରହିଥିବା ଗାଇଡଲାଇନ ଅନୁଯାୟୀ ପରୀକ୍ଷା ଚାଲିଛି।

# ବିଭିନ୍ନ ମନ୍ଦିରରୁ ସୁନା,ରୁପା ଅଳଙ୍କାର ଚୋରି



ଚୋରି ଯାଇଥିବା ଏକ ମନ୍ଦିର ସମ୍ମୁଖରେ ପୋଲିସ ଓ ଗ୍ରାମବାସୀ।

**ନିରାକାରପୁର,୨୬।୨(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଜଙ୍କିଆ ପଞ୍ଚାୟତରେ ଥିବା ଆରାଧ୍ୟ ଠାକୁର ଶ୍ରୀଲକ୍ଷ୍ମୀନାରାୟଣ, ଶ୍ରୀଜଗନ୍ନାଥ ଓ ଦୁଇଟି ମଙ୍ଗଳା ମନ୍ଦିରରୁ ସମାନ ଢଙ୍ଗରେ ମଙ୍ଗଳବାର ରାତିରେ ସୁନା,ରୁପା ଅଳଙ୍କାର ସମେତ ନଗଦ ଟଙ୍କା ଚୋରି ହୋଇଛି। ଏ ନେଇ ଗ୍ରାମବାସୀଙ୍କ ପକ୍ଷରୁ ଜଙ୍କିଆ ଥାନାରେ ଲିଖିତ ଅଭିଯୋଗ କରାଯାଇଛି । ଜଙ୍କିଆ ଥାନା ପୋଲିସ ଓ ସାଇଣ୍ଟିଫିକ୍ ଦଳ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିଲେ।

ପୋଲିସ ସୂତ୍ରରୁ ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଜଙ୍କିଆ ପଞ୍ଚାୟତ ବାଲିଗାଡିଆ ଓ ମୁଣ୍ଡାଆମ୍ବ ଅଞ୍ଚଳରେ ଥିବା ଶ୍ରୀଲକ୍ଷ୍ମୀନାରାୟଣ, ଶ୍ରୀଜଗନ୍ନାଥ ଓ ଦୁଇଟି ମଙ୍ଗଳାଙ୍କ ମନ୍ଦିରରେ ସମାନ ଢଙ୍ଗରେ ଗ୍ରୀଲର ତାଲା ଭାଙ୍ଗି ଲୁଟ କରିଛନ୍ତି। ଶ୍ରୀଲକ୍ଷ୍ମୀନାରାୟଣ ମନ୍ଦିରରେ ଠାକୁରଙ୍କର ସୁନା, ରୁପା ଅଳଙ୍କାର ସହିତ ନୀତି ଭୋଗ ପାଇଁ ରଖା ଯାଇଥିବା ୪ହଜାର ଟଙ୍କା ଓ ଦାନବାକ୍ସ ଭାଙ୍ଗି ସେଥିରେ ଥିବା ଟଙ୍କା ପଇସା ଦୁର୍ବୃତ୍ତମାନେ ଲୁଟି ନେଇଯାଇଛନ୍ତି। ବୁଧବାର ସକାଳେ ପୂଜକ ମନ୍ଦିରକୁ ପୂଜା କରିବା ପାଇଁ ଆସି ଚୋରି ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇବା ପରେ ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା। ଏନେଇ ଜଙ୍କିଆ ଥାନା ପକ୍ଷରୁ ୪୭/୨୦ରେ ଏକ ମାମଲା ରୁଜୁ କରାଯାଇଛି ବୋଲି ଜଙ୍କିଆ ଥାନା ତଦନ୍ତ କାରି ଅଧିକାରୀ ସୁବାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

# ମଣ୍ଡିରେ ଧାନ କ୍ରୟ ପାଇଁ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ

**ବୋଲଗଡ,୨୬।୨(ଡି.ଏନ.ଏ.):**

ବୋଲଗଡ଼ ବ୍ଲକ ଗର୍ଭଣୀପଡା ଓ ଅସରଳା ଧାନ ମଣ୍ଡିରେ ଧାନ କ୍ରୟ ବନ୍ଦ ହୋଇଯାଇଛି। ଏହାକୁ ନେଇ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ବୁଧବାର ଉଭୟ ସେବା ସମବାୟ ସମିତିରେ ପଞ୍ଜୀକୃତ ହୋଇଥିବା ଚାଷୀମାନେ ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗର୍ଭଣୀପଡା ମଦାନ ମଣ୍ଡିରେ ୪୬୦ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବାବେଳେ ୨୫୫ଜଣ ଧାନ ବିକ୍ରୟ କରିଛନ୍ତି। ବଳକା ରହିଯାଇଥିବା ୨୦୫ଜଣ ଚାଷୀଙ୍କୁ ଟୋକେନ ମିଳିପାରି ନ ଥିବାରୁ ସେମାନେ ଧାନ ମଣ୍ଡିରେ ବିକ୍ରୟ କରିପାରି ନାହାନ୍ତି। ତେଣୁ ଏହାର ସମାଧାନ ପାଇଁ ଚାଷୀମାନେ ଜିଲାପାଳଙ୍କୁ ଗୁହାରି କରିଛନ୍ତି। ସେହିପରି ଅସରଳା ମଣ୍ଡି ପାଇଁ ୨୮୪ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବାବେଳେ ୧୯୦ ଜଣ ଧାନ ବିକ୍ରୟ କରିଥିବା ସୂଚନା ମିଳିଛି। ମାର୍ଚ୍ଚ ଶେଷ ସୁଦ୍ଧା ଧାନ ବିକ୍ରୟ ସମୟସୀମା ଥିବାରୁ ସେମାନଙ୍କୁ ଟାର୍ଗେଟ ଦିଆଯାଇ ଧାନ କିଣାଯିବାକୁ ଚାଷୀମାନେ ଦାବି କରିଛନ୍ତି। ଏହା ନ ହେଲେ ଚାଷୀମାନେ ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ବେଆଇନ ବାଣ ପ୍ରସ୍ତୁତ ଉପରେ ଲଗାମ ନାହିଁ

**ଖୋର୍ଦ୍ଧା ଅଫିସ,୨୬।୨ :**

**■ ୧୪ ବର୍ଷରେ ୧୧ ମୃତ୍ୟୁ, ୨୫ ଆହତ**

**■ ପ୍ରଶାସନର ଚେତା ପଶୁନି**

ଖୋର୍ଦ୍ଧା ପୋଲିସ ଜିଲାର ବିଭିନ୍ନ ଥାନା ଅଞ୍ଚଳର ସର୍ବସାଧାରଣ ସ୍ଥାନରେ ବେଆଇନ ବାଣ ପ୍ରସ୍ତୁତ ହେଉଛି। ପ୍ରସ୍ତୁତକାରୀ ଏବଂ ବ୍ୟବସାୟୀଙ୍କ ଉପରେ କଟକଣା ନ ଥିବାରୁ ଗତ ୧୪ ବର୍ଷରେ ୧୧ ଜଣଙ୍କ ଜୀବନ ହାନି ହୋଇଥିବାବେଳେ ପ୍ରାୟ ୨୫ଜଣ ଆହତ ହୋଇସାରିଲେଣି ବୋଲି ଏକ ସର୍ବେକ୍ଷଣ ରିପୋର୍ଟରୁ ଜଣାପଡିଛି। ସେହିପରି ଅନେକ ଘଟଣାକୁ ମଧ୍ୟ ପ୍ରଘଟ କରା ନ ଯାଇ ଚାପି ଦିଆଯାଉଛି। ଏହାକୁ ନେଇ ପୋଲିସ ପ୍ରଶାସନର ଲଗାମ ନ ଥିବା ଭଳି ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ପ୍ରସ୍ତୁତ ହେଉଥିବା ଅଞ୍ଚଳରେ ମଧ୍ୟ ସାଧାରଣ ଲୋକେ ଟିକେ ହେଲେ ବି ସଚେତନ ହେଉନାହାନ୍ତି, ଯାହାକି ବିଭିନ୍ନ ପ୍ରକାର ବିପଦପୂର୍ଣ୍ଣ ବାଣକୁ ପିଲାମାନଙ୍କ ହାତରେ ଧରାଇ ଦିଆଯାଉଛି। ଅଗ୍ନି ସଂଯୋଗ ସମୟରେ ହଠାତ ବିସ୍ଫୋରଣ ହୋଇ ଜୀବନ ଦୀପ ଲିଭିଯାଉଥିବାବେଳେ କେତେଜଣ ପିଲାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ଅକର୍ମଣ୍ୟ ହୋଇଯାଉଥିବା ନଜିର ରହିଛି।

ସୂଚନାଥାଉ କି ଜଙ୍କିଆ ଥାନା ସିକୋ ଗ୍ରାମସ୍ଥିତ କୁମ୍ଭାରସାହିରେ ୨୦୧୭ ଅଗଷ୍ଟରେ ବାଣ ବିସ୍ଫୋରଣ ଘଟିଥିଲା। ଗୋଟିଏ ପରିବାରର ମା', ୩ ଝିଅ ଓ ପଡୋଶୀ ଘରର ଜଣେ ମହିଳାଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମଧ୍ୟ ୪ ଜଣଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ହେଲେ ବାଣ ବିସ୍ଫୋରଣର ପ୍ରକୋପ କେତେ ଯେ ଭୟଙ୍କର ତାହା ସ୍ଥାନୀୟ ଲୋକ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ଚେତେଇ ଦେଇଥିଲା। ଅନ୍ୟପକ୍ଷରେ ବାଲୁଗାଁ ଥାନା ଅଞ୍ଚଳରେ ଭଗବତୀପାଟଣା ଗ୍ରାମରେ ବାଣ ବିସ୍ଫୋରଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ସେହିପରି ବାଘମାରୀ ଥାନା ଅଧୀନ ଲେଖନପୁର, ପଙ୍ଗାରସିଂହ ଗାଁରେ ବିନା ଲାଇସେନ୍ସରେ ଦେଶୀ ବାଣ ତିଆରି ହେଉଛି। ସର୍ବସାଧାରଣ ସ୍ଥାନରେ ଏହି ବାଣ ପ୍ରସ୍ତୁତ ହେଉଥିବାବେଳେ ବାରୁଦ ନିଆଁରେ ବହୁ ବାସଗୃହ ପୋଡ଼ି ଛାରଖାର ହୋଇଯାଇଥିଲା। ଏହି ଘଟଣାରେ ମଧ୍ୟ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ହାନି ହୋଇଥିଲା। ୨୦୧୩ରେ ୮ଜଣ, ୨୦୧୫ରେ ୪ଜଣ ବ୍ୟକ୍ତି ବାଣ ପ୍ରସ୍ତୁତ ସମୟରେ ବିସ୍ଫୋରଣ ଘଟି ଆହତ ହୋଇଥିଲେ। ପୁଣି ଏବେ ମଧ୍ୟ ଗତ ୪ ଦିନ ତଳେ ସିମୋର ଗାଁର ଜଣେ ଛାତ୍ର ବାଣ ଫୁଟାଉଥିବାବେଳେ ଆହତ ହୋଇଥିଲେ। ତେବେ ଏତେ ସବୁ ଗୁରୁତର ଘଟଣା ଘଟି ଯାଇଥିଲେ ମଧ୍ୟ କ'ଣ ପାଇଁ ପ୍ରଶାସନିକ ଅଧିକାରୀ ନୀରବ ରହୁଛନ୍ତି ସେନେଇ ସାଧାରଣରେ ଚର୍ଚ୍ଚା ହେଉଛି। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉନାହିଁ। ସେମାନଙ୍କ ନିକଟରେ ଲାଇସେନ୍ସ ଅଛି କି ନାହିଁ ତାହାର ମଧ୍ୟ ଯାଞ୍ଚ କରାଯାଉନି। ଅନ୍ୟପକ୍ଷରେ ବାଣ ପ୍ରସ୍ତୁତକାରୀମାନଙ୍କ ପାଖରେ ଅଗ୍ନି ନିର୍ବାପକ ଯନ୍ତ୍ର ନ ଥିବା କୁହାଯାଉଛି। ତେବେ ଏହି ଘଟଣାରୁ ମୁକ୍ତି ପାଇବା ପାଇଁ ସର୍ବସମ୍ମତିକ୍ରମେ ସଚେତନ ଲୋଡ଼ା ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଘୋଷଣାରେ ଶତ ପ୍ରତିଶତ ବାହ୍ୟ ମଳମୁକ୍ତ

**ଜଟଣୀ,୨୬।୨(ଡି.ଏନ.ଏ):**

ଜଟଣୀ ବ୍ଲକ ଅନ୍ତର୍ଗତ କୌଣସି ଗ୍ରାମରେ କେହି ଆଉ ବାହାରେ ମଳତ୍ୟାଗ କରୁନାହାନ୍ତି। ସମସ୍ତଙ୍କ ଘରେ ପାଇଖାନା ନିର୍ମାଣ କରାଯାଇଛି। ଏକବର୍ଷ ପୂର୍ବେ ଶତ ପ୍ରତିଶତ ବାହ୍ୟ ମଳମୁକ୍ତ ଭାବେ ଜଟଣୀ ବ୍ଲକକୁ ଘୋଷଣା କରାଯାଇଛି। ରେକର୍ଡରେ ଏପରି ଦର୍ଶାଯାଇଛି। ଏପରି ଘୋଷଣା କରି ବ୍ଲକ ପ୍ରଶାସନ ବାହାବା ନେଉଛନ୍ତି। ହେଲେ ବାସ୍ତବ ଚିତ୍ର ଭିନ୍ନ। ଏବେବି ଅନେକଙ୍କ ଘରେ ପାଇଖାନା ନାହିଁ। ପ୍ରଶାସନ ପକ୍ଷରୁ ହୋଇଥିବା ସର୍ଭେ ରିପୋର୍ଟରୁ ଏହା ପ୍ରତୀୟମାନ ହେଉଛି। ଫଳରେ ଏହି ବ୍ଲକକୁ ଶତ ପ୍ରତିଶତ ବାହ୍ୟ ମଳମୁକ୍ତ ଘୋଷଣା କରାଯିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ଲକର ଦୁଇଟି ପଞ୍ଚାୟତକୁ ଉଦାହରଣ ଭାବେ ନିଆଗଲେ ବ୍ଲକ ପ୍ରଶାସନର ଘୋଷଣାରେ କେତେ ସତ୍ୟତା ରହିଛି ସେଥିରୁ ସ୍ପଷ୍ଟ ବାରି ହେବ। ବ୍ଲକର ଛଣଘର ପଞ୍ଚାୟତର ବିଭିନ୍ନ ଗ୍ରାମରେ ୩୬୯ ଜଣ ପାଇଖାନା ନିର୍ମାଣ ପାଇଁ ଅର୍ଥ ପାଇଛନ୍ତି। ତେବେ ପାଇଖାନା ନିର୍ମାଣ ପାଇଁ ବେଶ୍ ଲାଇନ୍‌ରେ ଆହୁରି ୭୦୬ ଜଣ ପରିବାର ରହିଛନ୍ତି। ସରକାରଙ୍କ ଦ୍ୱାରା ଅଙ୍ଗନୱାଡି କର୍ମୀଙ୍କ ମାଧ୍ୟମରେ ହୋଇଥିବା ସର୍ଭେରେ ଏହି ସଂଖ୍ୟା ଦର୍ଶାଯାଇଛି। ୭୦୬ ପରିବାର ଘରେ ପାଇଖାନା ନିର୍ମାଣ ପାଇଁ ଅପେକ୍ଷାରତ ଥିବା ସର୍ଭେ ରିପୋର୍ଟ କହୁଛି। ସେହିପରି ଛତାବର ପଞ୍ଚାୟତରେ ୧୦୪ ଜଣ ପାଇଖାନା ନିର୍ମାଣ ପାଇଁ ଅର୍ଥ ପାଇଥିବା ବେଳେ ଆହୁରି ୧୨୪୨ ଜଣ ରହିଛନ୍ତି। ହେଲେ ଏହି ସର୍ଭେ ପରେ ଆଉ କେହି ବଳକା ରହିଯାଇଥିବା ଦୃଷ୍ଟିରେ ରଖି ଏଲ୍‌ଓବି (ଲେଫ୍ଟ ଆଉଟ୍ ବେଶ୍ ଲାଇନ୍) ନାମରେ ୨୦୧୯ରେ ଆଉ ଏକ ସର୍ଭେ ହୋଇଥିଲ, ଯେଉଁଥିରେ କେତେଗୋଟି ପଞ୍ଚାୟତରେ ପାଇଖାନା ନ ଥିବା ପରିବାର ଚିହ୍ନଟ ହୋଇଥିଲା। ଏପରି ସ୍ଥିତିରେ କିପରି ଶତ ପ୍ରତିଶତ ବାହ୍ୟ ମଳମୁକ୍ତ ବ୍ଲକ ଭାବେ ଜଟଣୀକୁ ଘୋଷଣା କରାଗଲା ତାହା କେତେଜଣ ନିର୍ବାଚିତ ପ୍ରତିନିଧି ଓ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।




ଜଟଣୀ ବ୍ଲକରେ ଲଗାଯାଇଥିବା ବାହ୍ୟ ମଳମୁକ୍ତ ଗାଁ ।

**ଜଟଣୀ ବ୍ଲକରେ ବାସ୍ତବ ଚିତ୍ର ଭିନ୍ନ**

**ଏମାନେ ଯାହା କୁହନ୍ତି...**

"ଛଣଘର ପଞ୍ଚାୟତରେ ଅନେକ ପରିବାରରେ ପାଇଖାନା ନାହିଁ। ସର୍ଭେ ରିପୋର୍ଟରୁ ଏହା ସ୍ପଷ୍ଟ ହେଉଛି। ବେଶ୍ ଲାଇନ୍‌ରେ ୭୦୬ଜଣ ପାଇଖାନା ପାଇବାକୁ ଅଛନ୍ତି। ଏହାଛଡା ଏଲଓବି ସର୍ଭେରୁ ୧୫୦ରୁ ଅଧିକ ପରିବାର ପାଇଖାନା ପାଇବାକୁ ରହିଛନ୍ତି। ଏପରି ସ୍ଥିତିରେ କିପରି ଭାବେ ଶହେ ପ୍ରତିଶତ ବାହ୍ୟ ମଳମୁକ୍ତ ଭାବେ ଜଟଣୀ ବ୍ଲକକୁ ଘୋଷଣା କରାଗଲା ତାହା ତଦନ୍ତସାପେକ୍ଷ।

**-ସୁନୀଲ ରାଉତରାୟ, ସରପଞ୍ଚ, ଛଣଘର ପଞ୍ଚାୟତ, ଜଟଣୀ**

"ଛତାବର ପଞ୍ଚାୟତରେ ୧୦୪ ଜଣ ପାଇଖାନା ନିର୍ମାଣ ପାଇଁ ଟଙ୍କା ପାଇଥିବା ବେଳେ ବାକି ରହିଛନ୍ତି ୧୨୪୨ ପରିବାର। ସୂଚନା ଅଧିକାର ଆଇନରେ ଏହା ଜଣାପଡିଛି। ଏହାଛଡା ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଛି। ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏହାର ପର୍ଦ୍ଦାଫାଶ ହୋଇପାରିବ।

**-ଧନେଶ୍ୱର ରାଉତରାୟ, ପୂର୍ବତନ ସରପଞ୍ଚ, ଛତାବର, ଜଟଣୀ**

"ପାଇଖାନା ଯେଉଁମାନେ ପାଇନାହାନ୍ତି ସେମାନଙ୍କ ନାମ ସୁପାରିସ କରାଯାଇଛି। ମଞ୍ଜୁର ହୋଇ ଆସିଲା ପରେ ପାଇଖାନା ନିର୍ମାଣ ପାଇଁ ଅର୍ଥ ପ୍ରଦାନ କରାଯିବ।

**-ବାସୁଦେବ ମାହାରୀ, ବିଡିଓ, ଜଟଣୀ**



ଯେତେବେଳେ ଜଣେ ଭୁଲ୍ କରି ବସେ, ଲୋକେ ତାଙ୍କୁ ଥଟ୍ଟା କରନ୍ତି । କିନ୍ତୁ ଯେତେବେଳେ ସେ ନିଜ ଭୁଲ୍ ବୁଝି କ୍ଷମା ମାଗେ, ସେତେବେଳେ ସେଇ ଲୋକ ତାଙ୍କୁ ଆଦର କରନ୍ତି ।
-ମାର୍ଟିନ୍ ଲୁଥର



## ସଂକ୍ଷେପରେ

### ରାସ୍ତା କାମ ତଦନ୍ତ ନେଇ ଦାବିପତ୍ର

**ପୁରୀ ଅଫିସ,୨୬।୨:** ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ କାଣ୍ଡଗୋଦା ପଞ୍ଚାୟତର ପଲ୍ଲୀ ଗ୍ରାମରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ନିର୍ମାଣଧୀନ ରାସ୍ତା କାର୍ଯ୍ୟ ନିମ୍ନମାନର କରାଯାଇଥିବା ନେଇ ପୁରୀ ଗ୍ରାମ ନିର୍ମାଣ ବିଭାଗ ନିର୍ବାହୀଯନ୍ତ୍ରୀଙ୍କୁ କେତେଜଣ ଗ୍ରାମବାସୀ ବୁଧବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ସ୍ଥାନୀୟ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଏହି କାର୍ଯ୍ୟ ଜାରି ରହିଥିବାବେଳେ ସମ୍ପୃକ୍ତ ଠିକାଦାର ଫଳକ ପୋତି ଫଟୋ ଉଠାଉଥିବା ଦେଖିବାକୁ ମିଳିଛି। ନିମ୍ନମାନର କାର୍ଯ୍ୟ ନେଇ ଗ୍ରାମର କୌଣସି ବ୍ୟକ୍ତି ସ୍ୱର ଉତ୍ତୋଳନ କଲେ, ଅସାମାଜିକ ଯୁବକଙ୍କ ଦ୍ୱାରା ଧମକ ଚମକ ଦେଉଛନ୍ତି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ଦାବି କରିଛନ୍ତି।

### ୧୪ରୁ ବଳଙ୍ଗା ପଞ୍ଚୁଦୋଳ ଯାତ୍ରା

**ବଳଙ୍ଗା,୨୬।୨(ଡି.ଏନ୍.ଏ.):** ପୁରୀ ଜିଲା ପ୍ରସିଦ୍ଧ ବଳଙ୍ଗା ପଞ୍ଚୁଦୋଳ ଯାତ୍ରା ଜମାଣ ଉତ୍ସବ ଆସନ୍ତା ମାର୍ଚ୍ଚ ୧୪ ମଧରାତ୍ରରୁ ଆରମ୍ଭ ହେବ। ମଧରାତ୍ରରେ ପଞ୍ଚୁଦୋଳ ଯାତ୍ରାର ଥାନପତି ପଶ୍ଚିମାଶମ୍ଭୁ ବକ୍ରେଶ୍ୱରଙ୍କ ଚଳନ୍ତି ପ୍ରତିମା, ବାଙ୍କନାଥ ଚନ୍ଦ୍ରଶେଖର ଏବଂ ଗୋପାଳଜୀଉ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ସଜ୍ଜିତ ହୋଇ ମେଳଣ ପଡ଼ିଆକୁ ଆଗମନ କରି ଉଦ୍ଦିଷ୍ଟ ଆସନରେ ଅବସ୍ଥାନ କରିବେ। ଏହା ସହିତ ନିମାପଡ଼ା, ପିପିଲି, ସତ୍ୟବାଦୀ ଓ ଜୟଦେବ ନିର୍ବାଚନମଣ୍ଡଳୀର ବିଭିନ୍ନ ଗ୍ରାମରୁ ନିମନ୍ତ୍ରିତ ୧୦୮ଦୋଳ ବିମାନରେ ହରି ଓ ହରଙ୍କ ଚଳନ୍ତି ପ୍ରତିମା ମେଳଣ ପଡ଼ିଆରେ ଆସ୍ଥାନ ଜମାଇବେ। ୧୫ତାରିଖରେ ମେଳଣ ପଡ଼ିଆରେ ଏକତ୍ରିତ ଠାକୁରଙ୍କୁ ବିଭିନ୍ନ ଭୋଗ ଓ ପଣା ଅର୍ପଣ ସହ ସନ୍ଧ୍ୟାରେ ଆତସବାଜି ପ୍ରଦର୍ଶନ କରାଯିବ। ୧୬ତାରିଖରେ ହରିହର ଭେଟ, ଫଗୁ ଖେଳ ପରେ ଠାକୁରମାନେ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଯାତ୍ରାକୁ ଶୃଙ୍ଖଳିତ କରାଯିବା ପାଇଁ ପ୍ରସ୍ତୁତି ଚାଲିଥିବା ମେଳଣ ପରିଚାଳନା କମିଟି ମୁଖ୍ୟ ଉପଦେଷ୍ଟା ସୁବାସ ଚନ୍ଦ୍ର ପତି, ସଭାପତି ପ୍ରଭାକର ଦଳେଇ, ସମ୍ପାଦକ ବଳଭଦ୍ର ଜେନା ଓ ଉପସଭାପତି ବୈଦ୍ୟନାଥ ପ୍ରଧାନ କହିଛନ୍ତି।

### ବିପଦସଙ୍କୁଳ ଅବସ୍ଥାରେ ଆମ୍ବଗଛ

**ଡେଲାଙ୍ଗ,୨୬।୨(ଡି.ଏନ୍.ଏ.) :** ଖୋର୍ଦ୍ଧା-ପଚ୍ଚନାୟିକିଆ ରାସ୍ତାର ଡେଲାଙ୍ଗ ଲୁହାଗଡ ଛକ ନିକଟରେ ଗତ ଫନୀ ବାତ୍ୟାରେ ଏକ ଆମ୍ବ ଗଛ ଉପୁଡି ବିପଦସଙ୍କୁଳ ଅବସ୍ଥାରେ ରାସ୍ତା ଉପରକୁ ରହିଛି । ଏହି ରାସ୍ତାରେ ଗାଡି, ପଥଚାରୀ ଯାତାୟାତ କରୁଥିବା ବେଳେ ଏହି ଆମ୍ବ ଗଛ କେତେବେଳେ ରାସ୍ତାରେ ପଡ଼ିଯିବ ସେ ନେଇ ଆଶଙ୍କା ଦେଖାଦେଇଛି। ରାସ୍ତାରେ ଯାତାୟାତ କରୁଥିବା ସାଧାରଣଲୋକଙ୍କ ପାଇଁ ଏହା ବିପଦ ସୃଷ୍ଟିକରୁଛି ବୋଲି କୁଆପଦା, ଘୋରଡିଆ, କୁମୁତାଲ,ବାତଲ ଗ୍ରାମବାସୀ କହିଛନ୍ତି। ଏହି ଗଛକୁ ତୁରନ୍ତ କଟାଯିବାକୁ ସାଧାରଣରେ ଦାବି ହେଉଛି।

### ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ୱାଧୀନଙ୍କୁ ସମ୍ବର୍ଦ୍ଧନା

**କାକଟପୁର,୨୬।୨(ଡି.ଏନ୍.ଏ.):** କାକଟପୁର ନିର୍ବାଚନମଣ୍ଡଳୀର ଯୁବ ନେତା ସ୍ୱାଧୀନ କୁମାର ନାୟକ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟଭାବେ ମନୋନୀତ ହୋଇଛନ୍ତି। ଫଳରେ କାକଟପୁର-ଅସ୍ତରଙ୍ଗର ବିଜେଡି ସଙ୍ଗଠନ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଯାଇଥିଲା। ଏହି ଅବସରରେ କାକଟପୁର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ପଦ୍ମଚରଣ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ସ୍ୱାଧୀନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାପାଙ୍କ ଭଳି ବିଜେଡି ଦଳର ଜଣେ ସଚ୍ଚା ସୈନିକ ହୋଇ କାର୍ଯ୍ୟ ଜାରି ରଖିବି ବୋଲି ସ୍ୱାଧୀନ କହିଛନ୍ତି। ଏହି ବୈଠକରେ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ପୁରୀ ରେଳ ଷ୍ଟେଶନ ସାଜିଛି ମାନବ ଚାଲାଣର ମାଧ୍ୟମ

**ପୁରୀ ଅଫିସ,୨୬।୨**

ଓଡ଼ିଶାର ଆଦିବାସୀ ଅଞ୍ଚଳଗୁଡ଼ିକରୁ ବାହାର ରାଜ୍ୟକୁ ମାନବଚାଲାଣ କରାଯାଉଛି। ଏ ନେଇ ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ ପାଉଛି। ଟ୍ରେନରେ ମାନବ ଚାଲାଣ ର୍‍ୟାକେଟ ସକ୍ରିୟ ହୋଇ ଉଠିଛନ୍ତି। ଗଞ୍ଜାମ, କନ୍ଧମାଳ, ଗଜପତି, ରାୟଗଡ଼ା ପ୍ରଭୃତି ଅଞ୍ଚଳରୁ ନାବାଳିକା, ନାବାଳକଙ୍କୁ ଦାଦନ ଖଟିବା ଲାଗି ଏଜେଣ୍ଟଙ୍କ ଜରିଆରେ ବାହାର ରାଜ୍ୟକୁ ପଠାଯାଉଛି। ମୁଖ୍ୟତଃ ସୁରଟ, ବମ୍ବେ, ବାଙ୍ଗାଲୁରୁ, ଚେନ୍ନାଇ ପ୍ରଭୃତି ଅଞ୍ଚଳକୁ ଅଧିକ ଚାଲାଣ କରାଯାଉଥିବା ଜଣାପଡିଛି। ତେବେ ପୁରୀ ଷ୍ଟେଶନ ଏମାନଙ୍କ ଲାଗି ଏକ ସୁରକ୍ଷିତ ସ୍ଥାନ ପାଲଟିଛି। ପୁରୀଠାରୁ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟାତ ସୁବିଧା ଥିବାରୁ ଅଧିକାଂଶ ନାବାଳିକା ନାବାଳକଙ୍କୁ ଧରି ଏହି ଷ୍ଟେଶନରୁ ଯାତ୍ରା କରିଥାନ୍ତି। ନିକଟରେ ପୁରୀ ଷ୍ଟେଶନରୁ ୫ଜଣ ନାବାଳକ ଓ ୩ ସାବାଳକ ଧରାପଡ଼ିଥିଲେ। ଏମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରୁଥିବା ନେଇ ପୋଲିସ ୨ଜଣ ଏଜେଣ୍ଟଙ୍କୁ ଗିରଫ କରିଥିଲା। ବିଭିନ୍ନ ଅଞ୍ଚଳରୁ ସଂଗୃହିତ ପିଲାଙ୍କୁ ପର୍ଯ୍ୟାୟକ୍ରମେ ଟ୍ରେନ ଯୋଗେ ଏଠାରୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ନେଇ ଜଣେକ ଏଜେଣ୍ଟ ପୋଲିସ ଆଗରେ ସ୍ୱୀକାର କରିଛନ୍ତି। ମଙ୍ଗଳବାର କଟକ ପୋଲିସ ମୁଖ୍ୟାଳୟଠାରେ ରେଳ ସୁରକ୍ଷା କମିଟିର ତ୍ରୈମାସିକ ବୈଠକରେ ଏନେଇ ଉଦ୍‌ବେଗ ପ୍ରକାଶ ପାଇଥିଲା। ପୋଲିସ ମହାନିର୍ଦ୍ଦେଶକ ଅଭୟ ଏନେଇ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ ତାଗିଦ୍



କରିଥିଲେ। ଆରପିଏଫ, ଜିଆରପି ଏବଂ ପୋଲିସ ମଧ୍ୟରେ ସମନ୍ୱୟତା ରଖି ଷ୍ଟେଶନ ପରିସରରେ ଘଟୁଥିବା ସମସ୍ତ ଗତିବିଧି ଉପରେ ନଜର ରଖିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ବିଶେଷତଃ ମାନବଚାଲାଣ ରୋକିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମିଳିଥିବା ସୂଚନା ପ୍ରକାରେ ରୀତିମତ ଭାବେ ପୁରୀର ବ୍ରହ୍ମଗିରି, ସତ୍ୟବାଦୀ, ଅସ୍ତରଙ୍ଗ ପ୍ରଭୃତି ନାବାଳିକା ଓ ସାବାଳିକାମାନଙ୍କୁ ବାହାର ରାଜ୍ୟକୁ ଚାଲାଣ କରାଯାଉଥିବା ଜଣାପଡିଛି। ୨୦୧୮ରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳର ୧୮ଜଣ ନାବାଳିକା ଓ ସାବାଳିକାଙ୍କୁ ଟ୍ରେନରେ ଚାଲାଣ ବେଳେ ଧରାପଡିଥିଲା। ଏ ନେଇ ଆରପିଏଫ ଥାନାଧିକାରୀ ଅନିଲ କୁମାର ସିଂ କୁହନ୍ତି, ମାନବାଚାଲାଣ ରୋକିବା ଲାଗି ଆରପିଏଫ ପକ୍ଷରୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏ ନେଇ ଷ୍ଟେଶନରୁ ଟ୍ରେନ ଛାଡିବାର କିଛି ସମୟ ପୂର୍ବରୁ ଟ୍ରେନ ପରିସର ଚେକିଂ କରାଯାଉଛି। କୌଣସି ବ୍ୟକ୍ତି ବିଶେଷ ଅଥବା ପ୍ଲାଟଫର୍ମରେ ନାବାଳିକା ବସିଥିବା ସନ୍ଦେହ ହେଲେ ସେମାନଙ୍କୁ ତୁରନ୍ତ ଥାନାକୁ ଆଣି ପଚରାଉଚୁରା କରାଯାଉଛି। ନିକଟରେ ମାନବଚାଲାଣ କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏ ନେଇ ଆରପିଏଫ ପକ୍ଷରୁ ଦୃଷ୍ଟି ଦିଆଯାଉଛି ବୋଲି ସେ କହିଥିଲେ।



ନାଟକ 'ରଙ୍ଗ ବଦଳେ'ର ଏକ ଦୃଶ୍ୟ।

# ମନ ମୋହିଲା ନାଟକ 'ରଙ୍ଗ ବଦଳେ'

**ପୁରୀ ଅଫିସ,୨୬।୨**

ପରିବର୍ତ୍ତିତ ସମାଜରେ ସମୟାନୁସାରେ ସବୁ କିଛି ବଦଳିଥାଏ। କିଏ ନିଜର ସ୍ୱାର୍ଥ ଲାଗି ତ ଆଉ କିଏ ପରିବାର ଏବଂ କିଏ ସାମୂହିକ ଦୃଷ୍ଟିରୁ ପରିବର୍ତ୍ତିତ ହୋଇଥାନ୍ତି। ବିଭିନ୍ନ ସମୟରେ ମନୁଷ୍ୟ ନିଜର ରଙ୍ଗ ବଦଳାଇଥାଏ। ବୁଧବାର ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନ୍ନପୂର୍ଣ୍ଣ ଥିଏଟର ଏ ଗ୍ରୁପର କଳାକାରମାନଙ୍କ ଦ୍ୱାରା ପରିବେଷିତ ନାଟକ ଥିଲା ରଙ୍ଗ ବଦଳେ। ଦୀର୍ଘଦିନର ନୀରବତା ପରେ ଏ ଗ୍ରୁପର ବର୍ଷୀୟାନ କଳାକାରଙ୍କୁ ନେଇ ପରିବେଷିତ ଏହି ନାଟକରେ ସମାଜର ବାସ୍ତବତା ପ୍ରତିଫଳନ ହୋଇଥିଲା। ଜୀବନରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଆଶା ଥାଏ, ଦିନେ ନା ଦିନେ ସେମାନଙ୍କ ଭାଗ୍ୟ ପରିବର୍ତ୍ତନ ହେବ। ଦାରିଦ୍ର୍ୟ ତଳେ ନିଷ୍ପେସିତ, ଅବହେଳିତ, ଲାଞ୍ଛିତ ପରିବାର ମଧ୍ୟ ଉପରକୁ ଉଠିବାକୁ ଚେଷ୍ଟା କରନ୍ତି। ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକ ମଣିଷ ନିଜ କାର୍ଯ୍ୟରେ ବ୍ୟସ୍ତ ରହିଥାଏ। ସମାଜରେ କିଏ ଗରିବ, ତ କିଏ ଧନୀ ବ୍ୟକ୍ତି ରହିଛନ୍ତି। ତ ପୁଣି କିଏ ରାସ୍ତାକଡ଼ରେ ନିଜର ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି। ତେବେ ସମସ୍ତେ ସମୟାନୁସାରେ କିପରି ନିଜ ରଙ୍ଗ ପରିବର୍ତ୍ତନ କରିଥାନ୍ତି କଳାକାରମାନେ ଅତି ନିଖୁଣ ଭାବେ ପରିବେଷଣ କରିଥିଲେ। ବିଭିନ୍ନ ଭୂମିକାରେ ଲକ୍ଷ୍ମୀଧର ମଲ୍ଲିକ, ଲକ୍ଷ୍ମୀପ୍ରିୟା ମିଶ୍ର, ମନୋରମା ମହାନ୍ତି, ରାନି ମଲ୍ଲିକ, କାଳୁଚରଣ ଦାଶ, ନିରଞ୍ଜନ ସାମନ୍ତରାଏ, ବିକାଶ ଦତ୍ତ, ସ୍ନେହଲତା ସାମଲ, ରାମକୃଷ୍ଣ ମହାପାତ୍ର, ବିରଞ୍ଚି ଜଗଦ୍ଦେବ, ଅହଲ୍ୟା ପଟ୍ଟନାୟକ, ରୁପଲତା ମହାନ୍ତି, କାମେଶ୍ୱର ମିଶ୍ର, ସ୍ୱପ୍ନା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଛନ୍ତି। ଏହି ନାଟକରେ ପୂର୍ବତନ ମନ୍ତ୍ରୀ ମହେଶ୍ୱର ମହାନ୍ତି ଉଦ୍‌ଘାଟକ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ମୁଖ୍ୟଅତିଥି, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ଚକ୍ରଧର ମହାପାତ୍ର, ସାଧାରଣ ସମ୍ପାଦକ ପ୍ରସନ୍ନ ମିଶ୍ର, ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମଞ୍ଚ ନାଟକ ତଥା ଚଳଚ୍ଚିତ୍ର ଅଭିନେତା ସମୀର ଶତପଥୀ ଓ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ।

## ଘରତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି

**ବାରଙ୍ଗ,୨୬।୨(ଡି.ଏନ.ଏ.)**

ନନ୍ଦନକାନନ ଥାନା ଅନ୍ତର୍ଗତ ରଘୁନାଥପୁର ଗ୍ରାମମୁଣ୍ଡରେ ଥିବା ସିଏସ୍‌ଏସ୍ ହୋମ ଆପାର୍ଟମେଣ୍ଟର ୩୦୧ରୁମରୁ ମଙ୍ଗଳବାର ରାତିରେ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ଚୋରମାନେ ଘରୁ ୧୦୦ ଗ୍ରାମର ସୁନା, ବିଦେଶୀମୁଦ୍ରା ସହ ନଗଦ ୧ଲକ୍ଷ ୨୫ହଜାରରେ ଟଙ୍କା ଲୁଟି ନେଇଯାଇଛନ୍ତି। ସୂଚନାଯୋଗ୍ୟ, ଏହି ଆପାର୍ଟମେଣ୍ଟର ୩୦୧ ରୁମରେ ରହୁନ୍ତି ବରିଷ୍ଠ ନାଗରିକ ମୋହନ ପ୍ରସାଦ ଠାକୁର ଓ ତାଙ୍କ ସ୍ତ୍ରୀ ମଞ୍ଜୁ ଠାକୁର। ଗତ ପାଞ୍ଚଦିନ ହେବ ଭୁବନେଶ୍ୱରସ୍ଥିତ ଟଙ୍କପାଣି ରୋଡରେ ରହୁଥିବା ପୁଅ ପୁଷ୍ପକ ପାଖକୁ ଏହି ଦମ୍ପତି ଯାଇଥିଲେ। ଏହି ସୁଯୋଗରେ ଚୋରମାନେ ମଙ୍ଗଳବାର ଘରର ତାଲା ଭାଙ୍ଗି ବହୁ ସାମଗ୍ରୀ ଚୋରି କରି ନେଇଥିଲେ। ଏ ନେଇ ବୁଧବାର ସକାଳେ ତାଙ୍କ ପଡ଼ୋଶୀ ଏହା ଜାଣିବା ପରେ ଫୋନ ଯୋଗେ ଦମ୍ପତିଙ୍କୁ ଜଣାଇଥିଲେ। ଖବରପାଇ ଦମ୍ପତି ରୁମକୁ ଆସିବାପରେ ଭିତରେ ସବୁକିଛି ଏଣେତେଣେ ପଡିବା ସହ ଆଲମିରା ଭଙ୍ଗାଯାଇ କାନର, ସୁନା, ମୁଦି ସମେତ ୧୦୦ଗ୍ରାମର ସୁନା ଅଳଙ୍କାର ଓ କେତେକ ବିଦେଶୀ ଟଙ୍କା ସହ ନଗଦ ୧ଲକ୍ଷ ୨୫ହଜାର ଟଙ୍କା ନ ଥିବାର ଜାଣିଥିଲେ। ଏ ବିଷୟରେ ପୁଅକୁ ଜଣାଇବା ପରେ ପୁଅ ଆସି ଥାନାରେ ଅଭିଯୋଗ କରିଥିଲେ। ଝିଅ ଅଷ୍ଟ୍ରେଲିଆରେ ରହୁଥିବାବେଳେ ସେ କିଛି ଦେଇଥିବା ବିଦେଶୀ ଟଙ୍କା କେତେପରିମାଣର ଚୋରି ହୋଇଛି ଏବେ କହିପାରିବୁ ନାହିଁ ବୋଲି ମଞ୍ଜୁ ଠାକୁର କହିଛନ୍ତି। ଅପରପକ୍ଷେ ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ.୧୫/୨୦ରେ ଏକ ମାମଲା ରୁଜୁକରି ସାଇଣ୍ଟିଫିକ ଟିମ ସହ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତ ବେଳେ ରୁମରେ ଲାଗିଥିବା ସିସିଟିଭି ଖରାପ ଥିବାର ପୋଲିସ ଜାଣିବାକୁ ପାଇଛି।

## ଶ୍ରୀକ୍ଷେତ୍ରରେ ମମତା



ଶ୍ରୀଜୀଉଙ୍କ ଦର୍ଶନ ସାରି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫେରୁଛନ୍ତି।

### ବେଢ଼ା ଭିତରେ ଜୟ ଶ୍ରୀରାମ ଧ୍ୱନି

ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ଚତୁର୍ଦ୍ଧା ବିଗ୍ରହଙ୍କ ଦର୍ଶନ ପରେ ସେ ବେଢ଼ା ପରିସର ବିଭିନ୍ନ ମନ୍ଦିର ବୁଲୁଥିଲେ। ଏହି ସମୟରେ ଦର୍ଶନାର୍ଥୀଙ୍କ ଭିଡ଼ ଭିତରୁ ଶୁଣିବାକୁ ମିଳିଥିଲା ଜୟ ଶ୍ରୀରାମ ଧ୍ୱନି। ମମତାଙ୍କ ଉଦ୍ଦେଶ୍ୟରେ କେତେଜଣ ଶ୍ରଦ୍ଧାଳୁ ଏମିତି କହିଥିଲେ। ସେହିପରି ଦର୍ଶନ ସାରି ମମତା ବାହାରକୁ ଗାଡ଼ି ପାଖକୁ ଯାଉଥିବାବେଳେ ପୁଣି ଶୁଣିବାକୁ ମିଳିଥିଲା ଜୟ ଶ୍ରୀରାମ ଧ୍ୱନି। ମେଘନାଦ ପାଚେରି କଡ଼ରେ ଠିଆ ହୋଇଥିବା ଶ୍ରଦ୍ଧାଳୁଙ୍କ ମଧ୍ୟରୁ କେତେଜଣ ଦୁଇହାତ ଟେକି ଜୟ ଶ୍ରୀରାମ କହିଥିଲେ। ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ମମତା ବିରୋଧ କରୁଥିବାରୁ ତାଙ୍କୁ ଜୟ ଶ୍ରୀମରାମ କହି ଏମିତି କଟାକ୍ଷ କରାଯାଉଥିବା ଶୁଣିବାକୁ ମିଳୁଛି ।

### ମମତାଙ୍କ ଗୋଡ଼ରେ ପଡ଼ିଲା ବୁମ୍

ତିନିଦିନିଆ ଗସ୍ତରେ ଆସି ମଙ୍ଗଳବାର ରାତିରେ ପୁରୀରେ ପହଞ୍ଚିଛନ୍ତି ମମତା ବାନାର୍ଜୀ। ବଳିଆପଣ୍ଡାସ୍ଥିତ ଏକ ହୋଟେଲରେ ରହୁଛନ୍ତି। ତେବେ ସେ ପହଞ୍ଚିବା ପରେ ଫଟୋ ଏବଂ ଭିଡିଓ ପାଇଁ ଅପେକ୍ଷା କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ନିରାଶ ହେବାକୁ ପଡିଥିଲା। ସିଧା ହୋଟେଲ ଭିତରକୁ ତାଙ୍କ ଗାଡ଼ି ପଳାଇଥିଲା। ବୁଧବାର ସକାଳୁ ବି ଗଣମାଧ୍ୟମ ପ୍ରତିନିଧି ହୋଟେଲ ସମ୍ମୁଖରେ ଡେରା ପକାଇଥିଲେ। ହେଲେ ଏଥର ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଅପରାହ୍ନରେ ମମତା ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିବା ପରେ ତାଙ୍କ ପ୍ରତିକ୍ରିୟା ନେବା ପାଇଁ ଭିଡ଼ ଜମାଇଥିଲେ। ଦର୍ଶନ ସାରି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବାକୁ ପହଞ୍ଚିଥିଲେ ମମତା। କିନ୍ତୁ ଏହି ସମୟରେ ଉଭୟ ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଗଣମାଧ୍ୟମ ପ୍ରତିନିଧିଙ୍କ ଠେଲାପେଲା ଭିତରେ ଏକ ବୈଦ୍ୟୁତିକ ଗଣମାଧ୍ୟମର ବୁମ୍ ମମତାଙ୍କ ଡାହାଣ ଗୋଡ ଉପରେ ପଡିଥିଲା। ଏଥିରେ ସେ ଆଘାତ ପାଇଥିଲେ ମଧ୍ୟ ଗଣମାଧ୍ୟମ ସମ୍ମୁଖରେ ତାଙ୍କର ପ୍ରତିକ୍ରିୟା ରଖିଥିଲେ।

### ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ଆସିଛନ୍ତି

ଆଗକୁ ପଶ୍ଚିମବଙ୍ଗ ପୌର ନିର୍ବାଚନ। ତେଣୁ ଏହି ନିର୍ବାଚନରେ ସଫଳତା ନିମନ୍ତେ ମମତା ମହାପ୍ରଭୁଙ୍କ ଆଶୀର୍ବାଦ ପାଇଁ ପୁରୀ ଆସିଛନ୍ତି। ନିର୍ବାଚନ ପୂର୍ବରୁ ମଧ୍ୟ ସେ ପୁରୀ ଆସି ମହାପ୍ରଭୁଙ୍କ ଆଶୀର୍ବାଦ କାମନା କରିଥାନ୍ତି ବୋଲି କହିଛନ୍ତି ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର। ମମତା ପୂର୍ବ ପୁରୀ ଗସ୍ତରେ ଆସି ଅଚାନକ ତାଙ୍କ ଘରେ ପହଞ୍ଚିଥିଲେ ଏବଂ ଚା, ଜଳଖିଆ ଖାଇଥିଲେ। ମାତ୍ର ଏଥର ତାଙ୍କ ଅଶୌଚ ଯୋଗୁ ସେ ମମତାଙ୍କୁ ଘରକୁ ନିମନ୍ତ୍ରଣ କରିପାରୁନାହାନ୍ତି ବୋଲି କହିଛନ୍ତି ଜଗନ୍ନାଥ ସ୍ୱାଇଁ ମହାପାତ୍ର ।

# ପାଚେରିରେ ଫାଟ, ତଦନ୍ତ ଦାବି



କୋଣାର୍କ ହେଲିପ୍ୟାଡ୍ ଚତୁଃପାର୍ଶ୍ୱରେ ନିର୍ମିତ ପାଚେରି ଫାଟିଯାଇଛି।

**ଗୋପ,୨୬।୨(ଡି.ଏନ୍.ଏ.)**

ଗୋପ ବ୍ଲକ ଅଧୀନ ତଥା କୋଣାର୍କ ହେଲିପ୍ୟାଡ୍ ଚତୁଃପାର୍ଶ୍ୱରେ ୧୬ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପାଚେରି ନିର୍ମାଣ କରାଯାଇଥିଲା। ବର୍ଷେ ନ ପୂରୁଣୁ ପାଚେରିରେ ଫାଟ ଦେଖାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ହେଲିପ୍ୟାଡରୁ ବାଲି ଚୋରିକୁ ନେଇ ବାରମ୍ବାର ଅଭିଯୋଗ ପରେ ବ୍ଲକ୍ ପକ୍ଷରୁ ହେଲିପ୍ୟାଡର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। ଏହି ପାଚେରି ଲାଗି ୨୩ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିବାବେଳେ ଠିକାଦାର ୧୩ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାରେ ପାଚେରି ନିର୍ମାଣ କାର୍ଯ୍ୟ ନେଇଥିଲେ। ନିର୍ମାଣର ବର୍ଷେ ନ ପୂରୁଣୁ ପାଚେରିରେ ଫାଟ ସୃଷ୍ଟି ହୋଇଥିବା ବିଡିଓଙ୍କ ନିକଟରେ ଅଭିଯୋଗ ହୋଇଛି। ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି।

# ଗଣଶିକ୍ଷା ମନ୍ତ୍ରୀଙ୍କ ମାଟ୍ରିକ ପରୀକ୍ଷାକେନ୍ଦ୍ର ପରିଦର୍ଶନ

**ନିମାପଡ଼ା ,୨୬।୨(ଡି.ଏନ୍.ଏ.)**

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବୁଧବାର ନିମାପଡ଼ା ବ୍ଲକ ଅନ୍ତର୍ଗତ ନାଗବସ୍ତ ନୋଡାଲ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି ପରୀକ୍ଷାକେନ୍ଦ୍ରରେ ୧୮୩ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିବା ପରୀକ୍ଷାକେନ୍ଦ୍ର ଦାୟିତ୍ୱରେ ଥିବା ଶିକ୍ଷକ ବସନ୍ତ କୁମାର ସ୍ୱାଇଁ କହିଛନ୍ତି। ଏହି ପରୀକ୍ଷାକେନ୍ଦ୍ରରେ ପରୀକ୍ଷାର୍ଥୀମାନେ ଶାନ୍ତିଶୃଙ୍ଖଳାରେ ପରୀକ୍ଷା ଦେଉଥିବା ଦେଖି ମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଥିଲେ। ଏହାସହ ମନ୍ତ୍ରୀ ଦାଶ ଶିକ୍ଷକ ସ୍ୱାଇଁ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ।




ପରୀକ୍ଷା କେନ୍ଦ୍ର ପରିଦର୍ଶନ ଅବସରରେ ଶିକ୍ଷକଙ୍କ ସହ ଆଲୋଚନା କରୁଛନ୍ତି ମନ୍ତ୍ରୀ।

# ଲାଗିଲା ମମତା ବିରୋଧୀ ପୋଷ୍ଟର

**ପୁରୀ ଅଫିସ,୨୬।୨**

ନାଗରିକତ୍ୱ ସଂଶୋଧିତ ଆଇନ (ସିଏଏ)କୁ ନେଇ ସାରା ଦେଶରେ ଏବେ ବିରୋଧ ଚାଲିଛି। ବିଶେଷ କରି ଦିଲ୍ଲୀରେ ସିଏଏ ବିରୋଧୀ ହିଂସା ଉଗ୍ରରୂପ ନେଇଥିବାବେଳେ ସିଏଏ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଛକାପଞ୍ଝା ଚାଲିଛି। ତେବେ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଶ୍ରୀକ୍ଷେତ୍ର ଗସ୍ତକୁ କେତେକ ହିନ୍ଦୁତ୍ୱବାଦୀ ସଙ୍ଗଠନ ପକ୍ଷରୁ ବିରୋଧ କରାଯାଇଥିବା ଦେଖିବାକୁ ମିଳିଛି। ସିଏଏ ଓ ହିନ୍ଦୁତ୍ୱ ବିରୋଧୀ ମମତା ଗୋ ବ୍ୟାକ୍ ବୋଲି କିଛି ସ୍ଥାନରେ ପୋଷ୍ଟର ଲାଗିଛି। ଏହି ପୋଷ୍ଟରରେ ମମତାଙ୍କୁ ହିନ୍ଦୁତ୍ୱ ବିରୋଧୀ ବୋଲି ଚିତ୍ରିତ କରାଯାଇଛି। କିଛି ସ୍ଥାନରେ ଲାଗିଥିବା ଏହି ପୋଷ୍ଟରରେ ରାଷ୍ଟ୍ରବାଦୀ ହିନ୍ଦୁତ୍ୱ ସଙ୍ଗଠନ ଏବଂ ଆଉ କେତେକ ପୋଷ୍ଟରରେ ଜୟ ଶ୍ରୀରାମ ବୋଲି ଲେଖାଯାଇଛି। ଅନ୍ୟପଟେ ମମତାଙ୍କ ଶ୍ରୀମନ୍ଦିର ଗସ୍ତବେଳେ କୌଣସି ଅଘଟଣର ଆଶଙ୍କା କରି ପୁରୀ ପୋଲିସ ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତାଙ୍କୁ ଘରୁ ଉଠାଇ ନେଇ ବଳିଆପଣ୍ଡା ଥାନାରେ ଅଟକ ରଖିଥିଲା। ପରେ ସେମାନଙ୍କୁ ଛାଡି ଦିଆଯାଇଥିଲା। ଉଲ୍ଲେଖଯୋଗ୍ୟ, ୨୦୧୯ରେ ମମତାଙ୍କ ଶ୍ରୀମନ୍ଦିର ଦର୍ଶନ ବେଳେ ବଜରଙ୍ଗ ଦଳର କେତେଜଣ କର୍ମକର୍ତ୍ତା ମମତାଙ୍କୁ କଳାପତାକା ଦେଖାଇଥିଲେ।




ପୁରୀ ସହର ମୁଖ୍ୟ ରାସ୍ତାର ଏକ କାନ୍ଥରେ ଲାଗିଥିବା ପୋଷ୍ଟର।

# ପୁରୀ ଆର୍‌ଏମ୍‌ଏସ୍ ସେବା ସ୍ଥାନାନ୍ତରକୁ ବିରୋଧ

**ପୁରୀ ଅଫିସ,୨୬।୨**

ପୁରୀ ରେଳ ଷ୍ଟେଶନରେ କାର୍ଯ୍ୟ କରୁଥିବା ରେଳ ଡାକ ସେବା ଖୋର୍ଦ୍ଧା ରୋଡ ସ୍ଥାନାନ୍ତରକୁ ଶ୍ରୀଜଗନ୍ନାଥ ସେନା ତୀବ୍ର ବିରୋଧ କରିଛି। ଏହାର ପ୍ରତିବାଦରେ ବୁଧବାର ସେନା ପକ୍ଷରୁ ଡାକ ସେବା କାର୍ଯ୍ୟାଳୟ ଆଗରେ ଟାୟାର ଜାଳି ବିକ୍ଷୋଭ କରାଯାଇଛି। ଏହି ନିଷ୍ପତ୍ତି ଯଥାଶୀଘ୍ର ପ୍ରତ୍ୟାହାର କରିବାକୁ ଦାବି କରାଯାଇଥିଲା। ଡାକ ବିଭାଗରେ କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଷଡ଼ଯନ୍ତ୍ର ପୂର୍ବକ ଏଠାରେ କାର୍ଯ୍ୟକ୍ଷମ ଥିବା ଡାକ ସେବାକୁ ବନ୍ଦ ଲାଗି ଚକ୍ରାନ୍ତ କରୁଛନ୍ତି ବୋଲି ସେନା ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ ଗଣମାଧ୍ୟମକୁ କହିଛନ୍ତି। ଏହି ସେବା ଉପରେ କେବଳ ପୁରୀବାସୀ ନୁହେଁ, ଆଖପାଖ ଅଞ୍ଚଳ ତଥା ବାହାର ପର୍ଯ୍ୟଟକ ମଧ୍ୟ ନିର୍ଭର କରନ୍ତି। ଜରୁରୀ ଡକ୍ୟୁମେଣ୍ଟ ଅନ୍ୟ ସ୍ଥାନକୁ ପଠାଇବା ଲାଗି ଆରଏମଏସ ଉପରେ ନିର୍ଭର କରନ୍ତି। ଏହି ସେବା ଉଠିଗଲେ, ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ପୂର୍ବରୁ ମଧ୍ୟ ଏହାକୁ ସ୍ଥାନାନ୍ତର ନେଇ ଚକ୍ରାନ୍ତ ହୋଇଥିଲା। ସେତେବେଳେ ଆମେ ଏହାକୁ ବିରୋଧ କରିଥିଲୁ। ଏବେ ପୁଣି ଏହାକୁ ଉଠାଇ ନେବା ଲାଗି ଚକ୍ରାନ୍ତ ଚାଲିଛି। ଶ୍ରୀଜଗନ୍ନାଥ ସେନା ଏହାର ବିରୋଧ କରୁଛି। ଆବଶ୍ୟକ ପଡିଲେ, ଆଗକୁ ଜନ ଆନ୍ଦୋଳନ କରାଯିବ। ଏ ନେଇ ସେନା ପକ୍ଷରୁ ହାଇକୋର୍ଟଙ୍କ ନିକଟରେ ଜନସ୍ୱାର୍ଥ ମାମଲା ଦାୟର କରାଯିବ ବୋଲି ପଟ୍ଟନାୟକ କହିଛନ୍ତି। ଏହି ବିକ୍ଷୋଭରେ ପଟ୍ଟନାୟକଙ୍କ ସମେତ ସେନାର ଶତାଧିକ କର୍ମୀ ଯୋଗଦେଇଥିଲେ।

## ଡାକସେବା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ




ଡାକସେବା କାର୍ଯ୍ୟାଳୟ ଆଗରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯେଉଁ ଲୋକ ନିଜକୁ ନିୟନ୍ତ୍ରଣ କରି ଜାଣେ ନାହିଁ, ସେ କେବେହେଲେ ସ୍ୱାଧୀନ ନୁହେଁ ।
-ପିଥାଗୋରାସ

## ସଂକ୍ଷେପରେ

### ପୋଡ଼ିହୋଇ ଚିକିତ୍ସାଧୀନ ଥିବା ମହିଳାଙ୍କ ମୃତ୍ୟୁ

ଯାଁଳା,୨୬।୨(ଡି.ଏନ.ଏ): ପୂଜା କରୁଥିବା ସମୟରେ ନିଆଁଲାଗି ପୋଡିହୋଇ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିବା ମହିଳା ଡଲି ବେହେରା(୪୫)ଙ୍କ ବୁଧବାର ମୃତ୍ୟୁ ଘଟିଛି। ଜଟଣୀ ଥାନା ଯାଁଳା ପଞ୍ଚାୟତ ଉତ୍ତର ମୁଣ୍ଡମୁହାଣ ପାଟଣାସାହିରେ ଚଳିତମାସ ୨୦ ତାରିଖ ସକାଳେ ଏହା ଘଟିଥିଲା। ଗ୍ରାମ ଠାକୁରାଣୀ ମା'ବାଉତିଙ୍କ ନିକଟରେ ଡଲି ପୂଜା କରୁଥିବା ସମୟରେ ଶାଢ଼ିରେ ନିଆଁ ଲାଗି ଏପରି ଅଘଟଣ ଘଟିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ମହିଳାଙ୍କୁ ରକ୍ଷା କରିବାକୁ ଯାଇ ଉପସ୍ଥିତ ଜଣେ ପୂଜକ ମଧ ସାମାନ୍ୟ ଆହତ ହୋଇଥିଲେ।

### ସିର୍ଦ୍ଧାଥ ଦାସଙ୍କୁ ଆଇଏଏସ୍ ପଦବୀ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ଓଡ଼ିଶା ଅର୍ଥ ସେବା(ଓଏଫ୍ଏସ୍)ର ବରିଷ୍ଠ ଅଧିକାରୀ ସିର୍ଦ୍ଧାଥ ଦାସଙ୍କୁ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍)ପାଇଁ ମନୋନୀତ କରାଯାଇଛି। ଏ ନେଇ କେନ୍ଦ୍ର ସରକାରଙ୍କ କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିଭଳି ରାଜ୍ୟ କନିଷ୍ଠ ପ୍ରଶାସନରେ ମଧ କେତେକ ଅଦଳବଦଳ ଦେଖିବାକୁ ମିଳିଛି। ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍)ର ଗ୍ରେଡ୍ ଏ ଜୁନିୟର ବ୍ରାଞ୍ଚର ୧୨ ଅଧିକାରୀ ଓଏଏସ୍ ଗ୍ରେଡ୍ ଏ ସିନିୟର ବ୍ରାଞ୍ଚକୁ ପଦୋନ୍ନତି ପାଇଛନ୍ତି। ସେହିଭଳି ୩ ଓଏଏସ୍ ଅଧିକାରୀଙ୍କୁ ନ୍ୟାଶନାଲ ପଦୋନ୍ନତି ମିଳିଛି। ଏହାକୁ ବାଦ୍ ଦେଲେ ଓଏଏସ୍ ଅଧିକାରୀ କୁମୁଦ ଚନ୍ଦ୍ର ମଲିକଙ୍କର କୃଷି ବିଭାଗ ସ୍ୱତନ୍ତ୍ର ସଚିବ, ପ୍ରଦୀପ କୁମାର ଦାସ ସେକେଣ୍ଡାରୀ ଏଜୁକେଶନ୍ ନିର୍ଦ୍ଦେଶକ, ବିଭୂତିଭୂଷଣ ଦାସ କଟକସ୍ଥିତ ଓପିଏସ୍‌ସି ସଚିବ, ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କୁ ନୂଆପଡା ଏଡିଏମ୍ ଦାୟିତ୍ୱ ଦିଆଯାଇଛି। ସେହିପରି ନୃପରାଜ ସାହୁ କେବିକେ ଯୁଗ୍ମ ପ୍ରଶାସକ, ଶଶାଙ୍କଶେଖର ଦାଶ ପିଡି, ଡିଆରଡିଏ ବୌଦ୍ଧ, ନୀତି ରଞ୍ଜନ ସେନ୍‌ଙ୍କୁ ସୁବର୍ଣ୍ଣପୁର ଏଡିଏମ୍ ଭାବେ ନିଯୁକ୍ତି ଦିଆଯାଇଛି। ଦୀପ୍ତିରାଣୀ ସାହୁ ଓଏସ୍‌ଆର୍‌ଟିସିର ଓଏସ୍‌ଡି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଧର୍ମେନ୍ଦ୍ର ମଲ୍ଲିକଙ୍କୁ ଜଗତସିଂହପୁର ସବ୍ କଲେକ୍ଟର, ବିଜୟ କୁମାର ଥମ୍ବଙ୍କୁ ବାଲିଗୁଡା ଆଇଟିଡିଏର ପିଏ ଏବଂ ଅଜମ୍ବର ମହାନ୍ତିଙ୍କୁ କଟକ ଜିଲା ଆଠଗଡ ସବକଲେକ୍ଟର ଭାବେ ନିଯୁକ୍ତି ଦିଆଯାଇଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୨(ବ୍ୟୁରୋ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଯୁବକଙ୍କୁ ମରଣାନ୍ତକ କରିବା ଘଟଣାରେ ଶହୀଦନଗର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ମହାବୀର ବସ୍ତି ଅଞ୍ଚଳର ବାବୁଲା ମଲ୍ଲିକ। ସୂଚନା ମୁତାବକ, ମହାବୀର ବସ୍ତିରେ ରହୁଥିବା ପ୍ରୀତମ ଦାସଙ୍କ ସହ ଅଭିଯୁକ୍ତ ବାବୁଲାଙ୍କର ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମଙ୍ଗଳବାର ଉଭୟଙ୍କ ମଧରେ ବଚସା ହେବା ପରେ ହାତାହାତି ହୋଇଥିଲେ। ଅଭିଯୁକ୍ତ ବାବୁଲା ଓ କେତେଜଣ ସହଯୋଗୀ ମିଶି ପ୍ରୀତମଙ୍କୁ ମାଡ଼ମାରି ମୁଣ୍ଡ ଫଟାଇ ଫେରାର ହୋଇଯାଇଥିଲେ। ଏ ନେଇ ପ୍ରୀତମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୧୧୩/୨୦ରେ ମାମଲା ରୁଜୁକରି ଅଭିଯୁକ୍ତ ବାବୁଲାଙ୍କୁ ଗୁରୁବାର କୋର୍ଟ ଚାଲାଣ କରିଥିଲା।

### ମଣ୍ଡିରେ ଧାନକିଣା ବିଳମ୍ବ ନେଇ ରାସ୍ତାରୋକୋ

କଟକ ସଦର,୨୬।୨(ଡି.ଏନ୍.ଏ.): ଉତ୍ତରଶାସନ ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କିଣାରେ ବିଳମ୍ବ ନେଇ ବୁଧବାର ଚାଷୀମାନେ କନ୍ଦରପୁର-ମାଛଗାଁ ୫୫ନଂ. ଜାତୀୟ ରାଜପଥର ଉତ୍ତରଶାସନଠାରେ ରାସ୍ତାରୋକୋ କରିଥିଲେ। ଫଳରେ ସମସ୍ତ ଗାଡି ଅଟକି ରହିଥିଲା। ଯେ ପର୍ଯ୍ୟନ୍ତ ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ କିଣାଯିବାର ପ୍ରତିଶ୍ରୁତି ନ ମିଳିଛି ସେ ପର୍ଯ୍ୟନ୍ତ ଆନ୍ଦୋଳନକୁ ପ୍ରତ୍ୟାହାର କରାଯିବ ନାହିଁ ବୋଲି ଚାଷୀମାନେ ଜିଦ୍ ଧରିଥିଲେ। ଖବରପାଇ ସହକାରୀ ସମବାୟ ନିବନ୍ଧକ ବିଜୟ କୁମାର ସାମଲ ଆନ୍ଦୋଳନସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଚାଷୀଙ୍କ ଠାରୁ ଧାନ କିଣାଯିବା ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ସକାଳ ୯ଟା ରୁ ପ୍ରାୟ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରାସ୍ତାରୋକୋ କରାଯାଇଥିଲା। ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ପରୀକ୍ଷା ହଲ୍‌କୁ କମ୍ପାସ ନେବା ନେଇ ବିବାଦ

## କେନ୍ଦ୍ର କର୍ତ୍ତୃପକ୍ଷ-ଅଭିଭାବକ ମୁହାଁମୁହିଁ

ପୁରୀ ଅଫିସ,୨୬।୨ : ମାଧମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷାରେ ବୁଧବାର ଗଣିତ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ତେବେ ପରୀକ୍ଷା ହଲକୁ କମ୍ପାସ ନେବାକୁ ନେଇ ପୁରୀ ସରକାରୀ ବାଳିକା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ଅଭିଭାବକ ଏବଂ ପରୀକ୍ଷା କେନ୍ଦ୍ର ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପରୀକ୍ଷା କେନ୍ଦ୍ର ଭିତରକୁ କୌଣସି ଛାତ୍ରୀଛାତ୍ର କମ୍ପାସ ନେଇପାରିବେ ନାହିଁ ବୋଲି ନିର୍ଦ୍ଦେଶ ରହିଛି। ଗଣିତ ପରୀକ୍ଷା ଥିବାବେଳେ ଅଧିକାଂଶ ଛାତ୍ରୀଛାତ୍ର କମ୍ପାସ ଧରି ଆସିଥିଲେ। କିନ୍ତୁ କେନ୍ଦ୍ର ପ୍ରବେଶ ପଥରେ ଯାଞ୍ଚ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ କମ୍ପାସ ନେବାକୁ ବାରଣ କରିବା ସହ ବାହାରେ ରଖି ଯିବାକୁ କହିଥିଲେ। ଏ ନେଇ ଉପସ୍ଥିତ କେତେଜଣ ଅଭିଭାବକ ଏହାର ବିରୋଧ କରିଥିଲେ। କମ୍ପାସ ପରୀକ୍ଷା ହଲକୁ ନେଲେ, କ'ଣ ଅସୁବିଧା ହେବ ବୋଲି ପ୍ରଶ୍ନ କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା କେତେଜଣ ଶିକ୍ଷକ କୌଣସି ଛାତ୍ରୀଛାତ୍ରଙ୍କୁ ଏହାକୁ ନେବାକୁ ଅନୁମତି ଦିଆଯିବ ନାହିଁ ବୋଲି କହିଥିଲେ। କିଛି ସମୟ ଲାଗି ହାଇସ୍କୁଲ ପ୍ରବେଶ ସ୍ଥାନରେ ଅଭିଭାବକ ଓ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ବୋର୍ଡ ପକ୍ଷରୁ ରହିଥିବା ଗାଇଡଲାଇନ ଅନୁଯାୟୀ ପରୀକ୍ଷା ଚାଲିଛି। ନିୟମନୁଯାୟୀ କୌଣସି ଲୁହା, ଧାତବ ପଦାର୍ଥ କେନ୍ଦ୍ର ଭିତରକୁ ଯାଇପାରିବ ନାହିଁ। ଏଣୁ କମ୍ପାସ ନେବାକୁ ବାରଣ କରାଯାଇଥିବା ନେଇ ଜଣେ ଶିକ୍ଷକ କହିଥିଲେ।

# 'ସୁଶିକ୍ଷା ଗ୍ରହଣ କରି ଭଲ ମଣିଷ ହୁଅ'




ବାର୍ଷିକ ଉତ୍ସବରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ ଅନ୍ୟ ଅତିଥିମାନେ ।

ଗୋପ,୨୬।୨(ଡି.ଏନ୍.ଏ.): ଶିକ୍ଷାନୁଷ୍ଠାନରୁ ସୁଶିକ୍ଷା ଗ୍ରହଣ କରି ଭଲ ମଣିଷ ହୁଅ। ଏହା ସହିତ ନିଜ ଅଞ୍ଚଳ, ଜିଲା ତଥା ରାଜ୍ୟର ନାଁ ରଖିବାକୁ ବୁଧବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଛନ୍ତି। ରାଧାବଲ୍ଲଭ ଉଚ୍ଚ ମାଧମିକ ବିଦ୍ୟାଳୟର ୨୮ତମ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଦାଶ ଯୋଗଦେଇ ଏହା କହିଛନ୍ତି। ଏହି ଅବସରରେ ମନ୍ତ୍ରୀ କଲେଜ ପରିସରରେ ନିର୍ମିତ ଏକ ଗୃହକୁ ଉଦ୍‌ଘାଟନ କରିବା ସହ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ବିଦ୍ୟାଳୟ ଅଧକ୍ଷ ସୁରତ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ବେଗୁନିଆ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କ୍ଷୀରୋଦ କୁମାର ରାୟମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ରାଧାବଲ୍ଲଭ ଉଚ୍ଚ ମାଧମିକ ବିଦ୍ୟାଳୟର ପୂର୍ବତନ ସଭାପତି ମହନ୍ତ ଶ୍ରୀରାମକୃଷ୍ଣ ଦାସ, ୬୬୨ ବର୍ଗ କଲେଜର ସଭାପତି ଗୋଲକ ନାୟକ, ପୂର୍ବତନ ଅଧକ୍ଷ ପ୍ରଫେସର ଡ. ମହେଶ୍ୱର ଦାଶ, ସାଧାରଣ ସମ୍ପାଦକ ଡ. ଗଗନ ବେଉରା, ଶତାବ୍ ଉଦ୍ଦିନ୍ ଅହମଦ, ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ଅଧାପକ ସୁକାନ୍ତ କୁମାର ମହାନ୍ତି, ବାଣିଶ୍ରୀ ଉଚ୍ଚ ମାଧମିକ ବିଦ୍ୟାଳୟ ଅଧକ୍ଷ ଡ. ଜ୍ୟୋତ୍ସ୍ନାରାଣୀ ବସ୍ତିଆ, ନୟାହାଟ କଲେଜର ଇଂଲିଶ ବିଭାଗ ଅଧାପକ ରତିକାନ୍ତ ଦାଶ, ଓଡ଼ଖଣ୍ଡ ମହାବିଦ୍ୟାଳୟ ଅଧକ୍ଷ ସୁବାସ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିରାଟ କିଶୋର ନାୟକ, ସଂଘମିତ୍ରା ନାୟକ, ଗଣେଶ ଜେନା, ଶୁଭ୍ରଜିତ୍ ନାୟକ, କୃଷ୍ଣଚନ୍ଦ୍ର ପ୍ରଧାନ, ଅଜୟ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡ. ବନମାଳୀ ବେହେରାଙ୍କ ଦ୍ୱାରା ବେଦପାଠ କରାଯାଇଥିଲା।

## ଫନୀ ସହାୟତା ତାଲିକାରୁ ଦିବ୍ୟାଙ୍ଗ ହିତାଧିକାରୀ ବାଦ୍

# ମୋ' ସରକାରରେ ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

ପିପିଲି, ୨୬।୨(ଡି.ଏନ.ଏ): ଫନୀସହାୟତା ତାଲିକାରୁ ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କ ନାମ ବାଦ୍ ଦିଆଯାଇଛି। ଏ ନେଇ ମୋ' ସରକାରରେ ଅଭିଯୋଗ ପରେ ବି ପ୍ରଶାସନ ନୀରବ ରହିଛି। ଫଳରେ ସମ୍ପୃକ୍ତ ହିତାଧିକାରୀ ନିରାଶ ହୋଇପଡ଼ିଥିବାବେଳେ ମୋ'ସରକାର କାହା ପାଇଁ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପିପିଲି ପୌରାଞ୍ଚଳ ଅଧୀନ ୧୬ନମ୍ବର ୱାର୍ଡର ଦିବ୍ୟାଙ୍ଗ ଚିତ୍ତରଞ୍ଜନ ମହାରଣାଙ୍କ ନାମ ପ୍ରଥମେ ଫନୀ ସହାୟତା ତାଲିକାରେ ରହିଥିଲା। ମାତ୍ର ପରେ ତାହାକୁ ବାଦ୍ ଦିଆଯାଇଛି। ଏହି ଅଭିଯୋଗ ଆଣିଛନ୍ତି ଚିତ୍ତରଞ୍ଜନଙ୍କ ସ୍ତ୍ରୀ କମଳିନୀ ମହାରଣା। ସେ କହିଛନ୍ତି ଯେ, ମୋ' ସ୍ୱାମୀ ପିପିଲି ବଜାରରେ ମୋବାଇଲ ଫୋନ୍ କାରିଗର ଭାବେ ପରିଚିତ । ଗତ ଅଢେଇ ବର୍ଷ ହେବ ସେ କୌଣସି କାରଣରୁ ହଠାତ୍ ପକ୍ଷାଘାତରେ ପୀଡିତ ହେଲେ। ତାଙ୍କୁ ଭଲ କରିବା ପାଇଁ ସଞ୍ଚିତ ଅର୍ଥ ଓ ଅଳଙ୍କାର ସବୁ ବିକ୍ରି କରିଦେଲୁ। ମାତ୍ର ସେ ଏପର୍ଯ୍ୟନ୍ତ ଭଲ ଭାବେ କଥା କହିପାରୁ ନାହାନ୍ତି କି ଚଲାବୁଲା କରିପାରୁ ନାହାନ୍ତି। କୌଣସି କାର୍ଯ୍ୟ କରିପାରୁ ନ ଥିବାରୁ ବହୁ ଦୁଃଖକଷ୍ଟରେ ସମୟ ବିତାଉଛନ୍ତି। ପରିବାର ମଧ କଷ୍ଟେମଷ୍ଟେ ଚଳାଇବାକୁ ପଡୁଛି। ସମସ୍ତଙ୍କୁ ଗୁହାରି ଜଣାଇ କୌଣସି ସରକାରୀ ସହାୟତା ପାଇପାରି ନାହିଁ। ଏପଟେ ଫନୀ ବାତ୍ୟାରେ ଘର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଘର ଉପରେ ଜରିପାଲ ପକାଇ ରହୁଛୁ। ପ୍ରଥମେ ଫନୀ ସହାୟତା ତାଲିକାରେ ନାମ ଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଟଙ୍କା ଆସିଥିଲା। କିନ୍ତୁ ପୁନଃ ତଦନ୍ତରେ ତାଙ୍କ ନାମ ବାଦ୍ ଦିଆଯାଇଥିବାରୁ ଆହୁରି ଭାଙ୍ଗିପଡିଛୁ। କମଳିନୀ ଏ ସମ୍ପର୍କରେ ପୁନର୍ବାର ପିପିଲି ଏନ୍ଏସି ଅଫିସ୍ ପରିସରସ୍ଥ ମୋ ସରକାର କକ୍ଷରେ ଆବେଦନ କରିଛନ୍ତି। ମାତ୍ର ଏପର୍ଯ୍ୟନ୍ତ କିଛି ପଦକ୍ଷେପ ନିଆଯାଇ ନାହିଁ। ଏ ସଂକ୍ରାନ୍ତରେ କାର୍ଯ୍ୟନିର୍ବାହୀ ଅଧିକାରୀ ନୀଳକଣ୍ଠ ବେହେରାଙ୍କୁ ପଚାରିବାରେ ତହସିଲଦାର କହିପାରିବେ ବୋଲି ପ୍ରକାଶ କରିଥିଲେ। ସେହିପରି ତହସିଲଦାର ସପନ କୁମାର ନନ୍ଦଙ୍କୁ ପଚାରିବାରେ କହିଛନ୍ତି, ତଦନ୍ତକାରୀ ଦଳ ରିପୋର୍ଟ ଉପରେ ତାଲିକା ପ୍ରସ୍ତୁତ ହୋଇଛି। ଅସହାୟ ଦିବ୍ୟାଙ୍ଗଙ୍କ ସହ ଫନୀର କୌଣସି ସମ୍ପର୍କ ନାହିଁ । ଅନ୍ୟପକ୍ଷରେ ବାରମ୍ବାର ତଦନ୍ତ ପରେ ବି ତାଲିକାରେ ଅନିୟମିତତା ଓ ହେରଫେର ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି।




ସ୍ତ୍ରୀ କମଳିନୀଙ୍କ ସହ ଚିତ୍ତରଞ୍ଜନ ମହାରଣା ।

## ନୂତନ ଟିକା ସଂରକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ଖୋର୍ଦ୍ଧା ଅଫିସ,୨୬।୨ : ଖୋର୍ଦ୍ଧା ଜିଲା ସଦର ମହକୁମାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ବୁଧବାର ଗସ୍ତରେ ଆସିଥିଲେ। ସେଠାରେ ନୂତନ ଟିକା ସଂରକ୍ଷଣ କେନ୍ଦ୍ର ସହ ଅନ୍ୟ ଦୁଇଟି ଔଷଧ ବିତରଣ ଓ ପଞ୍ଜୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଜିଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ କୁମାର ଜଗଦେବ, ଜିଲାପାଳ ସିତାଂଶୁ ରାଉତଙ୍କ ସହିତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ବିଶ୍ୱ ରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ବହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଚିକିତ୍ସାଳୟ ପରିସରରେ ପ୍ରାୟ ୭୨ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଗୋଟିଏ ନୂତନ ଟିକା ସଂରକ୍ଷଣ କେନ୍ଦ୍ରକୁ ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଉଦ୍‌ଘାଟନ କରିଥିଲେ। ସେହିପରି ଏହି ଚିକିତ୍ସାଳୟ ପରିସରରେ ଥିବା ଔଷଧ ବିତରଣ କେନ୍ଦ୍ର ଓ ପଞ୍ଜୀକରଣ କେନ୍ଦ୍ର ପରିସରର ସୁବିଧା ଲୋକେ ପାଇ ପାରୁ ନ ଥିଲେ। ତେବେ ରୋଗୀଙ୍କ ସୁଲଭ ମୂଲ୍ୟରେ ଓ ସୁବିଧା ଲାଗି ଉକ୍ତ କେନ୍ଦ୍ରଗୁଡ଼ିକ ପ୍ରାୟ ୭୫ ଲକ୍ଷ ଟଙ୍କା ବ୍ୟୟ ବରାଦରେ ପୁଣି ନବୀକରଣ କରାଯାଇ ୪ଟି ଔଷଧ ବିତରଣ (ନିରାମୟ) କେନ୍ଦ୍ର ଓ ୪ଟି ପଞ୍ଜୀକରଣ କେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ପ୍ରାୟ ୧.୫କୋଟି ଟଙ୍କା ବ୍ୟୟବରାଦ କରିଥିଲେ। ଏହାସହ ଜିଲାର ବିଭିନ୍ନ ଗ୍ରାମାଞ୍ଚଳ ଡାକ୍ତରଖାନାର ଭିତ୍ତିଭୂମି ସଜାଡ଼ିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୧୨କୋଟି ଟଙ୍କା ବ୍ୟୟ କରାଯାଇଛି ବୋଲି ମନ୍ତ୍ରୀ ଦାସ ଉଦ୍‌ବୋଧନ ଦେଇଥିଲେ। ସୂଚନାଥାଉ କି ଜିଲା ମୁଖ୍ୟ ଚିକିତ୍ସାଳୟର ଭିତ୍ତିଭୂମି ଅସଜଡ଼ା ସାଙ୍ଗକୁ ବାରମ୍ବାର ରୋଗୀ ସେବା ବିପର୍ଯ୍ୟସ୍ତ ଲାଗି ରହୁଛି ବୋଲି ସ୍ଥାନୀୟ ଗଣମାଧମ ପ୍ରତିନିଧି ଓ ଉପସ୍ଥିତ ଜନସାଧାରଣ ସେଠାରେ ମନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରିଥିଲେ। ମାତ୍ର ସମସ୍ତ ସୁବିଧା ସୁଯୋଗ ଆଗାମୀ ଦିନରେ ଯୋଗାଇ ଦେବେ ବୋଲି ଦାସ ପ୍ରତିଶ୍ରୁତି ଦେଇ ଫେରି ଯାଇଛନ୍ତି।

# ୧୦୩ ପ୍ରଶିକ୍ଷାର୍ଥୀଙ୍କୁ ମିଳିଲା ପ୍ରମାଣପତ୍ର

କଣାସ, ୨୬।୨(ସ୍ୱ.ପ୍ର./ଡି.ଏନ୍.ଏ.): କଣାସ ବ୍ଲକ ଗଡସାନପୁଟ ପଞ୍ଚାୟତର ଚଉଦ ମୌଜା ବିଦ୍ୟୁତ ଉଚ୍ଚ ମାଧମିକ ବିଦ୍ୟାଳୟରେ ଗତ ୧୨ଦିନ ଧରି ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନ କାର୍ଯ୍ୟକ୍ରମରେ ଅଧକ୍ଷ ବିଷ୍ଣୁ ପ୍ରସାଦ ସାମନ୍ତରାୟ ଯୋଗଦେଇ ଆଜିର ସମାଜରେ ବାଳିକାମାନେ କାହାକୁ ନ ଡରି ଦୃଢ ମନୋବଳ ସହକାରେ ଆକ୍ରମଣର ମୁକାବିଲା କରିବାକୁ ପରାମର୍ଶ ଦେଇଥିଲେ। ତାଲିମପ୍ରାପ୍ତ ୧୦୩ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସଂକ୍ରାନ୍ତ ପୁସ୍ତିକା ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଅଧାପକ ରବୀନ୍ଦ୍ର କୁମାର ସୁନ୍ଦରାୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅଧାପକ କାର୍ତ୍ତିକ ଚନ୍ଦ୍ର ସାହୁ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ବିଷୟରେ ପଚାରି ବୁଝିଥିବାବେଳେ ଅଧାପିକା ସ୍ନିଗ୍ଧାରାଣୀ ମହାପାତ୍ର କେତେକ ସୂଚନା ଦେଇଥିଲେ। ହରପ୍ରିୟା ଭୁଜବଳ ତାଲିମ ପ୍ରଦାନ କରିଥିବାବେଳେ ସଂଯୋଜକ ସଂସଦ କୁମାର ପ୍ରଧାନ, କର୍ମଚାରୀ ସୁକାନ୍ତ କୁମାର ରାଉତ ଓ ଭୀମସେନ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ।

# ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି ଟେରାକୋଟା ସାମଗ୍ରୀ

## ଉଦ୍ୟୋଗୀ ପ୍ରଦର୍ଶନୀ ମେଳା




ମେଳାରେ ଖୋଲାଯାଇଥିବା ଷ୍ଟଲ ।

କୋଣାର୍କ,୨୬।୨(ଡି.ଏନ୍.ଏ.): କୋଣାର୍କସ୍ଥିତ ଡିଲକ୍ସ ହୋଟେଲ ସମ୍ମୁଖ ପଡିଆରେ ହସ୍ତଶିଳ୍ପ ସାମଗ୍ରୀ ଅନୁଷ୍ଠାନ ଅରୂପା ଆନୁକୂଲ୍ୟରେ ଅନୁଷ୍ଠିତ ଆଞ୍ଚଳିକ ଶିଳ୍ପ ଓ ହସ୍ତକଳା ଉଦ୍ୟୋଗୀ ପ୍ରଦର୍ଶନୀର ବୁଧବାର ଥିଲା ଚତୁର୍ଥ ଦିବସ। ଏହି ପ୍ରଦର୍ଶନୀରେ ୧୨୦ଟି ହସ୍ତଶିଳ୍ପ ସାମଗ୍ରୀ ଷ୍ଟଲ ପ୍ରଦର୍ଶିତ ହୋଇଥିଲା। ପ୍ରଦର୍ଶନୀସ୍ଥଳୀରେ ହସ୍ତଶିଳ୍ପ ସାମଗ୍ରୀ କାରିଗରଙ୍କ ଦ୍ୱାରା ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ କିଣିବାକୁ ନାହିଁ ନ ଥିବା ଭିଡ଼ ପରିଲକ୍ଷିତ ହୋଇଥିଲା। ଏହି ପ୍ରଦର୍ଶନୀରେ ଟେରାକୋଟା ସାମଗ୍ରୀ, ମାଟି ନିର୍ମିତ ହସ୍ତଶିଳ୍ପ ସାମଗ୍ରୀ, ଦିଲ୍ଲୀର ଗହଣା କାମ, କଟକର ତାରକସୀ କାମ, କନ୍ଧମାଳର ହଳଦୀ, ରଘୁରାଜପୁରର ପଟଚିତ୍ର, କୋଲକାତାର ଲାଖଚୁଡ଼ି, ଫରିଦାବାଦର କାଚକାମ, ତାମିଲନାଡୁର ଚେରମୂଳି ପ୍ରଦର୍ଶିତ ହୋଇଛି। ଟେରାକୋଟା ସାମଗ୍ରୀ କିଣିବା ପାଇଁ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଥିଲା, ଯାହାକି ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି। ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ କରିଥିବା କାରିଗରଙ୍କ ସାମଗ୍ରୀକୁ ପ୍ରଚାର ଓ ପ୍ରସାର କରିବା ଦିଗରେ ଏହି ପ୍ରଦର୍ଶନୀ ବିଶେଷ ଭୂମିକା ନିର୍ବାହ କରୁଥିବା ଜଣେ କାରିଗର କହିଛନ୍ତି। ଏହି ପ୍ରଦର୍ଶନୀ ଆୟୋଜିତ ହେବା ଫଳରେ ଉତ୍ପାଦିତ ହସ୍ତଶିଳ୍ପ ସାମଗ୍ରୀ ପର୍ଯ୍ୟଟକ ଓ ଜନସାଧାରଣଙ୍କ ଦ୍ୱାରା ଚାହିଦା ବୃଦ୍ଧି ପାଇବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଏହି ପ୍ରଦର୍ଶନୀର ଶ୍ରୀ ବୃଦ୍ଧି କରିବାରେ ବିଶେଷ ସହାୟକ ହେଉଥିବା ଅରୂପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ କୁମାର ସାହୁ କହିଛନ୍ତି। ଆଗାମୀ ଦିନରେ ହସ୍ତଶିଳ୍ପ କାରିଗରଙ୍କ ଆର୍ଥିକ, ସାମାଜିକ ବ୍ୟବସ୍ଥା ଏବଂ ସାଂସ୍କୃତିକ ଚେତନା ଜାଗରଣ ପାଇଁ ଏଭଳି ପ୍ରଦର୍ଶନୀ ଆୟୋଜନର ସୁବନ୍ଦୋବସ୍ତ କରାଯିବ ବୋଲି ଅଗ୍ରଣୀ ହସ୍ତଶିଳ୍ପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ କହିଛନ୍ତି।

## ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା

କଣାସ, ୨୬।୨(ସ୍ୱ.ପ୍ର.): କଣାସ ବ୍ଲକ ଅଧୀନ କଣାସ ପଞ୍ଚାୟତର ଗାଣ୍ଡପଡ଼ା ଗ୍ରାମରେ ମା' ଗୋମାୟା ଚଣ୍ଡୀଙ୍କ ପୀଠରେ ମଙ୍ଗଳବାରଠାରୁ ତ୍ରୟବିଂଶତି ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଘଣ୍ଟ, ଘଣ୍ଟି, ବାଦ୍ୟ ଧ୍ୱନି ମଧରେ ଶ୍ରଦ୍ଧାଳୁମାନେ ଦୟାନଦୀର ଗୋକନ୍ଧା ଘାଟଠାରୁ ପୂଜାର୍ଚ୍ଚନା କରି କଳସରେ ଜଳ ଭରି ଗୋଲା ବଜାର, କଣାସ ବସ୍‌ଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, କଣାସ ଗ୍ରାମ, ଜଳିଆପଡ଼ା ଦେଇ ମା'ଙ୍କ ପୀଠରେ ପହଞ୍ଚିଥିଲେ। ଏହି ମହାଯଜ୍ଞ ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମା'ଙ୍କ ସେବକ ମାହେଶ୍ୱରୀ ପୁଷ୍ପା ମା' କହିଛନ୍ତି।

# ୫ଜି ଟେକ୍ନୋଲୋଜି ସଂକ୍ରାନ୍ତ ଲେକ୍‌ଚର୍ସ

ଭୁବନେଶ୍ୱର, ୨୬।୨: ଅଜୟ ବିନୟ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ପରିସରରେ ୫ଜି କନେକ୍ଟିଙ୍ଗ ଏଭ୍ରିଥିଙ୍ଗ ଇଣ୍ଡଷ୍ଟ୍ରି ଏକ୍ସପର୍ଟ ଲେକଚର୍ସ ଅନୁଷ୍ଠିତ ହୋଇଯାଇଛି। ବିପିୟୁଟି ପ୍ରାୟୋଜିତ ଟିଇକ୍ୟୁଆଇପି-୩ ଅନ୍ତର୍ଗତ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଏସ୍‌ଏନ୍‌ଏଲ୍‌ର ନିର୍ଦ୍ଦେଶକ ଇଂ. ପି.କେ.ଚାନ୍ଦ, ଅଧକ୍ଷା ପ୍ରଫେସର ଲୀନା ସାମନ୍ତରା, ନିର୍ଦ୍ଦେଶକ ଇଂ ସତ୍ୟଦର୍ଶୀ ମିଶ୍ର, କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ବି.ଏନ୍.ଗୁରୁ, ଜିଓ ନେଟ୍‌ୱାର୍କିଂ ପରିଚାଳକ ଇଂ ଲକ୍ଷ୍ମୀଧର ପ୍ରଧାନ ଏବଂ ଇଂ ଅମୀତ ଶଙ୍କର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ୫ଜିର ଉପଯୋଗିତା ଏବଂ ମାନବ କଲ୍ୟାଣ ଦିଗରେ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ଇଂ ପଣ୍ଡା ୫-ଜିର ଭିନ୍ନତା ଓ ଉପଭୋକ୍ତାଙ୍କର ସ୍ୱାର୍ଥ ସୁରକ୍ଷାର କ୍ଷମତା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରଫେସର ଶୁଭଲକ୍ଷ୍ମୀ ମହାପାତ୍ର, ଚୌଧୁରୀ ପ୍ରସନ୍ନଜିତ ନନ୍ଦ, ଅନୁଷ୍ଠାନର ଛାତ୍ରୀଛାତ୍ର ଓ ଅଧାପିକା ଅଧାପକ ମାନେ ଉପସ୍ଥିତ ଥିଲେ।

# କରୋନା ସଚେତନତା ସାଇକେଲ ଶୋଭାଯାତ୍ରା



ପୁରୀରେ ପହଞ୍ଚିଥିବା ସାଇକେଲ୍ ଶୋଭାଯାତ୍ରା ।

ପିପିଲି/ ସାକ୍ଷୀଗୋପାଳ/ ପୁରୀ ଅଫିସ, ୨୬।୨(ଡି.ଏନ.ଏ): ସାଇକେଲ ଚଳାଇ ଫିଟ ରହିବା ସହ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ଏବଂ କୋରନା ଭାଇରସରୁ ରକ୍ଷା ପାଇଁ ବୁଧବାର ଭୁବନେଶ୍ୱରରୁ ପୁରୀ ଅଭିମୁଖେ ଫିଟ ଇଣ୍ଡିଆ ଓ କଳିଙ୍ଗ ଡେୟାର ଡେଭିଲ ସଙ୍ଗଠନ ପକ୍ଷରୁ ସଚେତନତା ସାଇକେଲ ଶୋଭାଯାତ୍ରା ବାହାରିଥିଲା। ନେହେରୁ ଯୁବକେନ୍ଦ୍ର ଓ କେନ୍ଦ୍ର ସରକାରଙ୍କ ଯୁବସେବା ମନ୍ତ୍ରଣାଳୟ ସହଯୋଗରେ ଏହି ଶୋଭାଯାତ୍ରା ଆୟୋଜନ ହୋଇଥିଲା। ଡା. ସିଦ୍ଧାର୍ଥ ଶେଖର ସାହୁ ଏବଂ କଳିଙ୍ଗ ଡେୟାର ଡେଭିଲ ସଙ୍ଗଠନ ସଭାପତି ଡ. ସତ୍ୟପ୍ରିୟ ପ୍ରଧାନଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ସ୍ୱରାଜ ରାଉତ, ରଞ୍ଜନ ପ୍ରଧାନ, ଅମରେନ୍ଦ୍ର ବାବୁ, ମଳୟ ମେହେର, ଯୋଗେଶ୍ୱର ନାୟକ ପ୍ରମୁଖ ସାମିଲ ଥିଲେ। ପିପିଲି ଓ ସାକ୍ଷୀଗୋପାଳଠାରେ ଶୋଭାଯାତ୍ରାକାରୀଙ୍କୁ ସ୍ୱାଗତ କରାଯାଇଥିଲା। ପିପିଲି ବଜାରରେ ଜାଗୃତି ସାଂସ୍କୃତିକ ଯୁବ ସଙ୍ଗଠନ ସଭାପତି ପ୍ରଭାତ କୁମାର ମହାପାତ୍ର, ସ୍ୱେଚ୍ଛାସେବୀ ମହମ୍ମଦ ଜାମିଲ ଅକ୍‌ତର, ଦିନ-ଇ-ଇଲ୍ଲାହୀ ଏଜୁକେଶନାଲ ଆଣ୍ଡ ୱେଲଫେୟାର ଟ୍ରଷ୍ଟ ସଭାପତି ଶେଖାୱତ୍ ଖାଁ, ସ୍ଥାନୀୟ ବିଜୁ ଯୁବ ବାହିନୀ ସଭାପତି ଫାଜଲ ଖାଁ, ପୂର୍ବତନ ଏନଏସି ଅଧକ୍ଷ ସେକ୍ ବାବୁ ପ୍ରମୁଖ ସ୍ୱାଗତ ଜଣାଇଥିଲେ। ଡ. ପ୍ରଧାନ କରୋନା ଭାଇରସ ଓ ଏହାର ପ୍ରତିକାର ସମ୍ପର୍କରେ ସମସ୍ତଙ୍କୁ ବୁଝାଇଥିଲେ। ସେହିପରି ସାକ୍ଷୀଗୋପାଳ ମନ୍ଦିର ନିକଟରେ କ୍ଲବ ସତ୍ୟବାଦୀ, ଭାରତ ବିକାଶ ପରିଷଦ କର୍ମକର୍ତ୍ତା, ସତ୍ୟବାଦୀ ଦାସ, ଆଲୋକ ଖୁଣ୍ଟିଆ, ପୂର୍ଣ୍ଣାନନ୍ଦ ତ୍ରିପାଠୀ, ତୁଷାର ରଞ୍ଜନ ନାୟକ ଓ ଅମର ଶତପଥୀ ପ୍ରମୁଖ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ସେବାୟତ ଜିତେନ ମହାପାତ୍ର ଠାକୁରଙ୍କ ସିର କପଡ଼ା ପ୍ରଦାନ କରିବା ପରେ ଶୋଭାଯାତ୍ରା ପୁରୀ ଅଭିମୁଖେ ବାହାରିଥିଲା। ସନ୍ଧ୍ୟାରେ ଏହି ଶୋଭାଯାତ୍ରା ପୁରୀରେ ପହଞ୍ଚିଥିଲା।